ଝଡ଼ର କବରୀ

[ସାମାଜିକ ଉପନ୍ୟାସ]

ଲେଖକ

ନରସିଂହ ସାହୁ

ପ୍ରକାଶକ

ଜଗନ୍ନାଥ ରଥ

ବିନୋଦବିହାରୀ କଟକ-୨

Phone No-23185

ଝଁଡ଼ର କବରୀ

ନରସିଂହ ସାହୁ

ପ୍ରଥମ ମୁଦ୍ରଣ
୧୯୭୪

ମୂଲ୍ୟ:—୧୮ ଟଙ୍କା

ମୁଦ୍ରାକର
ସଞ୍ଜୟ ପ୍ରେସ୍, କଟକ-୧

ଏ ଲେଖା ପଢ଼ି ଯିଏ ଖୁସି ହୋଇଥାଆନ୍ତା, ସିଏ ନାହିଁ । ଯା' ଧୂନା ମୁହଁକୁ ଚାହିଁଚାହିଁ ଏ ଲେଖା ଲେଖିଥିଲି, ସେ ଆଜି ହଜିଯାଇଛି । ହୁଏତ ରକ୍ତମାଂସର ଦେହ ଅଛି, କିନ୍ତୁ ସେ ଅମୃତ ନାହିଁ, ପ୍ରୀତି ନାହିଁ । ଗଛର ସବୁଜ ପତ୍ର ଝରିଯାଇଛି, ଫୁଲ ଶୁଖିଯାଇଛି, ନଦୀ ମରିଯାଇଛି । ଅମାବାସ୍ୟାରେ ଚନ୍ଦ୍ରକୁ ଖୋଜିବା ନିର୍ବୋଧତା । କିନ୍ତୁ ସେଇ ନିର୍ବୋଧତାରେ ବେଳେବେଳେ ଆନନ୍ଦ ମିଳେ । ନିର୍ବୋଧତାରେ ମଣିଷ ବଞ୍ଚେ । ··ତମେ ହସୁଥିବ । ତଥାପି ମୁଁ ବଞ୍ଚୁଛି, ବଞ୍ଚୁଛି ତମର ଚାଲିଯିବା ବାଟକୁ ଚାହିଁଚାହିଁ—

—ଲେଖକ

ଏକ

ଆରେ ଆରେ ବନ୍ଧୁ ହେ, ନମସ୍କାର, ନମସ୍କାର । ଆସ, ଆସ । ତମକୁ ତ ଅନେକ ଦିନୁ ଦେଖି ନାହିଁ । କେବେ ଆସିଲ ? କେମିତି ଆସିଲ ମ ? କେମିତି ମନେପଡ଼ିଲା ? ଏ ଗରିବଙ୍କ କଥା ବଡ଼ଲୋକଙ୍କର ମନେପଡ଼େ ? ଆରେ କଥା କହୁ ନା ହେ ! ରାଗିଛ ? କିଛି କହିବ ନାହିଁ ? ଏତେଦିନେ ଦେଖା । କେତେ ତପସ୍ୟା ଫଳରେ, ଅଶ୍ରୁ ବନ୍ୟାମଧ୍ୟରେ ଏତେଦିନେ ତମକୁ ପାଇଛି, ଅଥଚ ତୁଣ୍ଡ ଖୋଲି ପଦିଏ କହିବ ନାହିଁ ? ଟିକିଏ ବସିବ ନାହିଁ ? ସବୁଦିନେ ଏଇ ରାଗ, ବିରକ୍ତି, ଘୃଣା ? ଆଚ୍ଛା ବନ୍ଧୁ, ମଣିଷ କେତେଦିନ ବଞ୍ଚିବ ହେ ? ମଲା ବେଳେ ମଣିଷ କଣ ଏଠୁ ନେଇ ଯିବ ହେ ! ମୋ ମରହଟ୍ଟୀ ପିସି ନାମା କହେ—ନ ଦେବୁ ଧନ, କହିବୁ ଦିବ୍ୟ ବଚନ । ଆଉ ମରହଟ୍ଟା ମଧୁରାଓ କହିଲେ—'ମଧୁର ବିନୟ ବଚନ, କହି ତୋଷିବ ଜନମନ' । କଥା ପଦକରେ କଣ ସରିଯାଏ ବନ୍ଧୁ ?

ଆଚ୍ଛା, ତମଠଉଁ ମୁଁ କଣ ଆଶା କରୁଛି ହେ ! ଟଙ୍କାପଇସା ? ହୀରାନୀଳା ? ମଣିମାଣିକ୍ୟ ? ତମଠୁ ମୁଁ ଚାହୁଁଛି ଗୋଲାପ ? ଗଜଦନ୍ତ ? ଛୁରିଅନା ? ପଦ୍ମର ସୁରଭି ? ମୁଁ ଚାହୁଁଛି ତମେ ଘଣ୍ଟା ଘଣ୍ଟା ମୋ ପାଖରେ ବସିବ ! ହସିବ ! ପ୍ରାଣ ଖୋଲି କଥା କହିବ ! ମୁକ୍ତା ଝରାଇବ ! ପ୍ରେମ ମୁଁ ଚାହିଁ ନ ଥିଲି ବନ୍ଧୁ । ମୁଁ ଚାହିଁଥିଲି ଟିକିଏ ସହାନୁଭୂତି···କରୁଣା । ତମର ଗୋଟିଏ ଆହା ପଦ ମୋ ହୃଦୟରେ ଚନ୍ଦନର ଶୀତଳତା ବୋଳି ଦେଇଥାନ୍ତା । ତମେ ଶଚୀପତି ଇନ୍ଦ୍ର ଭଳି ମଣିମୟ ସିଂହାସନରେ ବସିଥିଲ, ମୁଁ ଭିକାରି ଭଳି ତମ ଆଗରେ ଆଣ୍ଠୁ ମାଡ଼ି ହାତ ପତେଇ ମାଗିଥିଲି ମୁଠିଏ ଭିକ !! ନ ହେଲା, ତମେ ଦେବାକୁ କୁଣ୍ଠିତ ହେଲ । ତମର ଅଥଳ

ଦରିଆର ଜଳ ଶୁଖିଯିବ ବୋଲି ଭାବିଲେ । ହଉ, ମୁଁ ତ ବାଧ୍ୟ କରୁନାହିଁ । ଭିକାରୀ ମାଗେ ସିନା, କ'ଣ ଅର୍ଥ କରେ ? ହେଲେ, ଭିକ ଦେଲ ନାହିଁ ବୋଲି କଥା କହିବ ନାହିଁ ? ମୁହଁ ଆଡ଼େଇ ଚାଲିଯିବ ? ତମ ଇଂରେଜୀରେ ସବୁ କହନ୍ତି — ମିଠା କଥାରେ ପଇସା ଖରଚ ନାହିଁ । ସେଇ କଥା ପଦକରୁ ବି ତମେ ବଞ୍ଚିତ କରିବ ?

ଶତ୍ରୁ ସାଙ୍ଗରେ ବି ବେଳେବେଳେ କଥା କହନ୍ତି ଚନ୍ଦ୍ର ! କୁଷ୍ଠ-ରୋଗୀ ସାଙ୍ଗରେ କଥା କହିଲେ ତମକୁ ଘୃଣା ଲାଗେ ସିନା, କୁଷ୍ଠ ରୋଗୀ ପ୍ରାଣରେ ନିମିଷକ ପାଇଁ ଅମୃତ ଖେଳିଯାଏ । କଥା କୁହ, କଥା କୁହ ଚନ୍ଦ୍ର ! ଏତେ ଦିନ ପରେ ଆସିଚ, ଅଥଚ ଉଦାସୀନ ହୋଇ, ନୀରବ ହୋଇ ବସିରହିବ, ତୁଣ୍ଡ ଖୋଲିବ ନାହିଁ, ବାଧିବ ନାହିଁ ମତେ ? ତମେ ଗାଳି ଦେଉ ନା ? ଅସଭ୍ୟ, ଅଶିକ୍ଷିତ, ଅନାର୍ଯ୍ୟ କହି କଣ୍ଠ ଫଟେଇ ଚିତ୍କାର କରୁ ନା ? ତା ହେଲେ ମୁଁ ଜାଣନ୍ତି ମୋ ପାଇଁ ତମ ଭିତରେ ଟିକିଏ ଆଲୋଡ଼ନ ହେଲେ ଖେଳୁଛି ! ମତେ ଯିଏ ଭଲ ପାଏ, ମୁଁ ଖୁସି ହୁଏ । ଯିଏ ଘୃଣା କରେ, ତା ପ୍ରତି ଗଭୀର କୃତଜ୍ଞ ହୁଏ । କାରଣ ମୋ ପାଇଁ ସେ ଟିକିଏ ଚିନ୍ତା କରୁଛି ତ ! ଏ ବିରାଟ ଦୁନିଆରେ ଆଉ କିଏ କାହା ପାଇଁ ଭାବୁଛି ଯେ !

ତଥାପି ତମେ ଯଦି ଘୃଣା କରିବାକୁ ବି କୁଣ୍ଠିତ, ଭଲ କଥା । ହେଲେ, ମତେ ଟିକିଏ ତମ କଥା ଭାବିବାକୁ ଦିଅ । ତମ କଥା ଟିକିଏ ଭାବିଲେ, ତମକୁ ଦି' ଧାଡ଼ି ଚିଠି ଲେଖିଲେ ବା ରାତିର ଗଭୀର ଅନ୍ଧକାର ଭିତରେ ତମର ସୁନ୍ଦର, କୋମଳ ମୁହଁଟିକ ଥରେ ଦେଖିଲେ ମନରେ କେତେ ଶାନ୍ତି ଆସେ ; ସ୍ଥିରତା ଆସେ ! ଏତିକ ପାଇଁ ବି ତମେ ନିର୍ଦ୍ଦୟ ହେବ ? ମୋର ବ୍ୟଥା ଉପଶମ ପାଇଁ ତମ କଥା ଟିକିଏ ଭାବିଲେ ତମେ କଷ୍ଟ ପାଇବ ? ମୁଁ ଅଶ୍ରୁ ଢାଳିଲେ ତମେ ଉତ୍‌କ୍ଷିପ୍ତା ନାଗୁଣୀ ଭଳି ବିଷ ଉଦ୍‌ଗାର କରିବ ?

ଚନ୍ଦ୍ର ! ଚନ୍ଦ୍ରପ୍ରିୟା ! ଅଧ୍ୟାପିକା ଚନ୍ଦ୍ରପ୍ରୀ ମହାନ୍ତି । ତମେ ମୋର କେତେ ବର୍ଷର ତପସ୍ୟା, କେତେ ସ୍ମୃତିର ଧନ, କେତେ ଶରତ ରଜନୀର ସଜଫୁଟା, କାକରଧୁଆ ଗଙ୍ଗଶିଉଳି । ତମେ ଆହୁରି ସୁନ୍ଦର ହେବ, କୋମଳ ହେବ, ଛନ୍‌ଛନ୍ ହେବ, ମହମହ ବାସରେ ଚଉଦିଗ

ମହକାଇଦେବ, ଏଇ ତ ମୋର ଇଚ୍ଛା—ପ୍ରାର୍ଥନା । ମୋ ପାଇଁ ତମର କଅଁଳ ମନକୁ ବିଷାକ୍ତ କରିବ କାହିଁକି ? ଯାଅ । ଫେରିଯାଅ ତମ ମାଡ଼କୁ । ପୁଣି ଦେଖା ହେବ । ମୁଁ ତମକୁ ନ ଦେଖିଲେ ରହିପାରିବି କି ? ତମକୁ ନ ଦେଖିଲେ ନା ସତରେ ଭ—ଆ—ରୀ କଷ୍ଟ !! ଆଚ୍ଛା ଟା... ଟା...

ତମର
ପ୍ରଦୀପ

ସୁଦୂର ମାଳଅଞ୍ଚଳ । ଗୁରୁଆଡ଼େ ଅଗନାଅଗନ ବନସ୍ତ । ମଝିରେ ଶ୍ରେଷ୍ଠ ସୁନ୍ଦର କଲେଜଟିଏ ! ଅଧାପିକା ଚିଠି ଖୋଲିଲେ । ତରତରରେ ଥରେ ଆଖି ବୁଲେଇ ନେଲେ । କ୍ଲାସ ଥିଲା । ଇଂଲିଶ୍ ଅନର୍ସ । ଚିଠିଟି ବ୍ୟାଗରେ ରଖି ହାଜରା ବହିଟି ଧରି ଚାଲିଗଲେ କ୍ଲାସକୁ । କ୍ଲାସ ଫେରନ୍ତା ।...କମନ୍ ରୁମ୍‌ରେ ଗମ୍ଭୀର ହେଇ ଦଣ୍ଡେ ବସିଲେ । ଆଉ ଥରେ ଚିଠିଟି ଉପରେ ଆଖି ପକେଇବା ପାଇଁ ବୋଧହୁଏ ସ୍ଥିର କଲେ । ବ୍ୟାଗରୁ ଚିଠିଟି କାଢ଼ିଲେ ; କିନ୍ତୁ ଲଫାଫାରୁ ଚିଠି ବାହାର କଲେ ନାହିଁ । ନିର୍ବିକାର ଚିତ୍ତରେ ବାହାରକୁ ଚାହିଁ ଚାହିଁ ଚିଠିଟିକି କୁଟୁକୁଟା କରି ଚିରି ଦେଲେ ! ଗୋଡ଼ପାଖ ଅଳିଆ ଟୋକେଇକି ଫିଙ୍ଗିଦେଲେ !

ଅଧାପିକା ଚନ୍ଦ୍ରମ୍ରୀ ମହାନ୍ତି, ଏମ୍. ଏ. ଇନ୍ ଇଂଲିଶ୍, ଫାଷ୍ଟ କ୍ଲାସ୍ ଫାଷ୍ଟ, ବେନାରସ ହିନ୍ଦୁ ୟୁନିଭରସିଟି—ଗ୍ରୀଷ୍ମକାଳୀନ ଶିକ୍ଷା ଶିବିରରୁ ମିଳିଥିବା କଳା ମଚମଚ ସୁନ୍ଦର ହ୍ୟାଣ୍ଡବ୍ୟାଗରେ ଲେଖା ହୋଇଥିଲା ଏଇ କେଇଟି ଧାଡ଼ି । ତାହାରି ଆଡ଼କୁ ନିବିଷ୍ଟ ଚିତ୍ତରେ ଚାହିଁ ରହିଲେ ଅଧାପିକା ମହୋଦୟା । ବୋଧହୁଏ ଗୋଟାଏ କ'ଣ ଅଭାବ ଗୁରୁତର ଭାବେ ଅନୁଭବ କଲେ । ସେଲିଙ୍କ ଲଭ୍ ପୋଏମ୍ ଉପରେ ପି. ଏଚ୍. ଡ଼ି. କରୁଥିଲେ ଚନ୍ଦ୍ରମ୍ରୀ । ଏକ ମୋଟା ଥେସିସ୍ ପ୍ରାୟ ଲେଖି ସାରିଥିଲେ । ସେଇ କାଗଜପତ୍ରଗୁଡ଼ିକ ବ୍ୟାଗରୁ ବାହାର କରି ଗଭୀର ଅଭିନିବେଶ ସହକାରେ ଦେଖିବାକୁ ଲାଗିଲେ । ତାଁ ଆଗରେ ଡକ୍ଟରେଟ୍ ନ ଥିବାରୁ ତାଙ୍କୁ ଯେମିତି କଣ୍ଟାଫୋଡ଼ିଲା ଭଳି ଲାଗୁଥିଲା । କୁହୁଡ଼ି ଘେରିରହୁ ନିର୍ବୋଧ ଲୋକେ । ସେ ନିର୍ବୋଧ ହେଇପାରିବେ ନାହିଁ, ପାରିବେ ନାହିଁ ।

ଘୁଙ୍ଗୁର

ଠିକ୍ ସାତ ଦିନ ପରେ—

ଆସ ଚନୁ, ତମକୁ ଆଜି ଗୋଟିଏ ଗପ କହିବି । ଭାରି ବଢ଼ିଆ ଗପ । ଥରେ ଆରମ୍ଭ କଲେ ନା ଆଉ ଛାଡ଼ିବାକୁ ଇଚ୍ଛା ହେବ ନାହିଁ । ଶୋକଶୋଷ ଭୁଲିଯିବ । ସରଗ ରାଇଜର ପକ୍ଷୀଟି ଭଳି ମନ ହାଲୁକା କରି ଫୁର୍ କିନା ଉଡ଼ିଯିବ ଆକାଶକୁ !

କ'ଣ ହେଲା ନା, ଗୋଟିଏ ଦେଶରେ ଜଣେ ରାଜା ଥିଲେ । ତାଙ୍କର ସାତ ଝିଅ । କୁନ୍ତୀ, କୁନ୍ତଳା, କାମିନୀ, ରାନା, ମୀନା, ଲୀନା ଆଉ ଯମୁନା । ଦେଖିବାକୁ ଭାରି ସୁନ୍ଦର । ଏକୁ ଆରେକ ବଳୀୟାର । ଦେବ କନ୍ୟା ଭଳି ରୂପ । ଚଂପାଫୁଲର ରଙ୍ଗ ଉପରେ ବାର ହାତ ଲମ୍ବର କଳାଚୁମର ବାଳ । ଢଳଢଳ ଆଖି, ଛନଛନ ଚାହାଣୀ । ଦେଖିଲେ ପେଟ ପୂରି ଉଠେ । ପୁଣି ସବୁବେଳେ ହସ, ଥଟ୍ଟା, ପରିହାସ । ଦୁନିଆଯାକର ଗପ, ପୁଣି ଖିଲଖିଲ ହସ, କାରିଜର ହସ । ଘର ଫାଟିପଡ଼େ । ଅନ୍ଧାର ଘରେ ଲକ୍ଷ ଚନ୍ଦ୍ରଉଦିଆ ଜଳିଉଠେ । ଜଣେ କବି କହିଥିଲେ ପରା—ବହୁହାସିନୀ, ବହୁଭାଷିଣୀ···ଭୁଆସୁଣୀ । ଆଉ ସାତଟା ଭୁଆସୁଣୀ ଏକାଠି ହେଲେ ଯାହା ହେବାର କଥା— ଘର ଖାଲି ଉଠେ, ପଡ଼େ, ଫାଟେ । ରାଜ-ଉଆସ ରଙ୍ଗାଳୟ ପାଲଟି ଯାଏ ।

ଭଉଣୀମାନଙ୍କ ଭିତରେ ଏତେ ଟିକିଏ ବି ବିଷାଦର ଛାଇ ନ ଥିଲା । ସବୁବେଳେ ଖାଲି କୋଳାକୋଳି, ଗୋଳାଗୋଳି, ପ୍ରାଣ ଦିଆ ଦେଇ । ଜାଣ ଗୋଟିଏ ଶାରି, ସାତୋଟି ପଞ୍ଜୁରି ! ରାଜା ରାଣୀ ଭାରି ସୁଖ ପାଆନ୍ତି ଝିଅମାନଙ୍କୁ । ଦିନେ ନ ଦେଖିଲେ ରହିପାରିବେ ନାହିଁ । ସବୁଦିନେ ସକାଳେ ରାଜାରାଣୀ ବୁଲି ଆସନ୍ତି ଝିଅମାନଙ୍କ କୋଠରୀକୁ । କେତେ ଅପୂର୍ବ ଚିଜ ଆଣନ୍ତି, ମିଠା କଥା କହନ୍ତି । ଝିଅମାନେ ହସି ହସି

ତାଙ୍କୁ ଅଭିନନ୍ଦନ ଜଣାନ୍ତି ଇଂରେଜୀରେ ଗୋଟିଏ ଗୀତ ଗାଇ ଗାଇ— 'ରାଜା ଦୀର୍ଘଜୀବୀ ହୁଅନ୍ତୁ, ରାଣୀ ଦୀର୍ଘଜୀବୀ ହୁଅନ୍ତୁ'। ରାଜାଙ୍କ ମୁହଁରେ ହସ ଫୁଟେ, ରାଣୀଙ୍କ ମୁହଁରୁ ପୁଲକ ଝରେ। କୋଳକୁ ଟାଣିଆଣି ମୁଖରେ ଚୁମା ଦିଅନ୍ତି। ଆନନ୍ଦରେ ଲୋତକବର୍ଷଣ କରନ୍ତି। ଫେରନ୍ତି। ଏ ପ୍ରତିଦିନର ଘଟଣା।

ଥରେ କ'ଣ ହେଲା ନା, ଗୋଟିଏ ସୁନ୍ଦର, ସୁନାପଷୀଆ ଟିକି ଚଢ଼େଇ ମେଲ ଆକାଶର ସେ ପାରରୁ କୁଆଡ଼ୁ ଉଡ଼ି ଉଡ଼ି ଆସିଲା। ଆସି ସବା ସାନଝିଅ ଅଳଅଳ ନୟନା ଘରେ ପଶିଗଲା, ଆଉ ମିଠା ଗଳାରେ ଗୀତଟିଏ ଗାଇଲା। କୁଆଡ଼ୁ ଆସିଥିଲା ସେ ଚଢ଼େଇ, କେଉଁ ମାୟାପୁରୀରୁ, ସପନପୁରୀରୁ କେଜାଣି, ଏଡ଼େ ମିଠା ଗୀତ, ପ୍ରାଣଛୁଆଁ ଗୀତ ନୟନା କେବେ ଶୁଣି ନ ଥିଲା। ଚଢ଼େଇଟି ବାରମ୍ବାର ବୋଲିଲା, ଆଉ ନୟନା ତା ସାଙ୍ଗରେ ଗୁଣୁଗୁଣୁ ହୋଇ ବୋଲୁ ବୋଲୁ ଶିଖିଗଲା। ଚଢ଼େଇ ଉଡ଼ିଗଲା, କିନ୍ତୁ ଗୀତଟି ରହିଗଲା ନୟନାର କୋମଳ କଣ୍ଠରେ।

ତା ଆରଦିନ ରାଜାରାଣୀ ଯେତେବେଳେ ସକାଳୁ ବୁଲି ଆସିଲେ, ସବୁ ଭଉଣୀ ସବୁଦିନ ଭଳି ଗାଇଲେ – 'ରାଜା ଦୀର୍ଘଜୀବୀ ହୁଅନ୍ତୁ, ରାଣୀ ଦୀର୍ଘଜୀବୀ ହୁଅନ୍ତୁ।' କିନ୍ତୁ ରାଜାରାଣୀ ଯେତେବେଳେ ନୟନା କୋଠରୀରେ ପଶିଲେ, ନୟନା ମଥା ନୋଇଁ ମୃଲଏମ୍ ହସି ଗାଇଲା ଚଢ଼େଇର ସେଇ ଅପୂର୍ବ, ହୃଦୟଥରା ସଙ୍ଗୀତ। ରାଜାରାଣୀ ଅବାକ୍ ହେଲେ। ଏ ସଙ୍ଗୀତ ଏ ମର୍ତ୍ତ୍ୟରେ ସମ୍ଭବ ? ଦୁଇଟି ବୈଦୂର୍ଯ୍ୟର ମାଳା ଲମ୍ବାଇ ଦେଲେ ନୟନାର ଗଳାରେ। ଫେରିଲେ।

ସେଦିନ ଗୋଧୂଳିରେ ପୁଣି ଆସିଲା ଟିକି ଚଢ଼େଇଟି। ପୁଣି ନୂଆ ଗୀତ ଗାଇଲା। ଗୀତ—ଯାହା ଶୁଣିଲେ ସାପର ବିଷଦାନ୍ତ ଝଡ଼ିପଡ଼େ, ଉତ୍କର୍ଣ୍ଣ ହୋଇ ଚାହିଁ ରହେ ସାପ ! ସେଇ ଗୀତଟିକି ପୁଣି ଶିଖିନେଲା ନୟନା।

ପରଦିନ ସକାଳେ ଏଇ ନୂଆ ଗୀତ ଧରିଲା ନୟନା। ରାଜା-ରାଣୀ ସ୍ତମ୍ଭିତ ହୋଇ ଚାହିଁଲେ—କେଉଁଠୁ ଏ ଗୀତ ଶିଖିଲୁ ମା ?

କାହିଁକି, ମୋ ଟିକି ଚଢ଼େଇଠୁ।

ଟିକି ଚଢ଼େଇ ?

ହଁ, ନୀଳ ଆକାଶର ସେ ପଟେ ଯୋଉଠି ଆକାଶ ଆଉ ସାଗର ମିଶି ଏକାକାର ହୋଇ ଯାଇଛନ୍ତି, ସେଇଠି ତା'ର ବସା । ସେ ଫୁଲର ପାଖୁଡ଼ାରେ ଶୁଏ । ସମୁଦ୍ରର ଫେଣ ଠାରୁ ଆହୁରି ଧଳା ଯୋଉ ଲହୁଣି, ସେ ତା'କୁ ହିଁ ଖାଏ । ଆଉ ସେ ଯା' ପିଏ, ତା କେବଳ ସ୍ୱର୍ଗର ନନ୍ଦନ କାନନରେ ମିଳେ, ଯାହାକୁ କହନ୍ତି 'ମାନ୍ନା' । ଆଉ ସେ ଯୋଉ ଗୀତ ଗାଏ, ତା ଶୁଣିଶୁଣି, ତା'ର ଛନ୍ଦେ ଛନ୍ଦେ ଏ ମହାକାଶର ଗ୍ରହ-ଉପଗ୍ରହମାନେ ଆତଯାତ ହୁଅନ୍ତି ।

ତା'କୁ ଟିକିଏ ଆମକୁ ଦେଖେଇବୁ ମା ?

ହଁ ।

ପୁଣି ଗୋଟିଏ ମଳ-କାନ୍ତମଣିର ହାର ରାଣୀ ଲମ୍ବାଇଦେଲେ ନୟନା ଗଳାରେ । ଫେରିଲେ । ଛ' ଭଉଣୀଙ୍କ ଆଖିରୁ ନିଆଁ ଝଲକିଲା । ଈର୍ଷାରେ ଆଉଟି ହେଲେ ଛ' ଭଉଣୀଯାକ ।

ସେଇଦିନ ଅପରାହ୍ନ । ରାଜା ଓ ରାଣୀ ପାଦଦେଲେ ନୟନା କୋଠରୀରେ । କୁନ୍ତୀ, କୁନ୍ତଳା, କାମିନୀ, ରୀନା, ମୀନା, ଲୀନା ସମସ୍ତେ ଆସିଲେ । ଟିକି ଚଢ଼େଇଟି ଫର୍ଫର୍ ଡେଇଁ ଡେଇଁ, ନାଚି ନାଚି, ଥରି ଥରି ଗାଉ ଥିଲା, କେଉଁ ଏକ ଅଜଣା ସଙ୍ଗୀତ — ବିଭୁବନ୍ଦନା । ମହାଶୂନ୍ୟରୁ ଯିଏ ଆସିଛି ସିଏ ସେଇ ଶୂନ୍ୟ ଗୋସାଇଁଙ୍କ ବିଭୂତି ଗାଇବ ନାହିଁ ତ ଆଉ କ'ଣ ଗାଇବ ମାଟିର କାହାଣୀ ? ଚଢ଼େଇର ଗୀତରେ ଶୁଖିଲା ଗଛରେ ପତ୍ର କଅଁଳି ଉଠିଲା, ମାଟିରେ ଫୁଲ ଫୁଟିଉଠିଲା, ଅନ୍ଧାରରେ ପ୍ରଦୀପ ଜଳି ଉଠିଲା । ରାଜା କହିଲେ—ମା' ତୁ ଧନ୍ୟା । ତୋର ଏ ଚଢ଼େଇ ଆକାଶର ବି ନୁହେଁ, ଏ ନିତ୍ୟ ବୈକୁଣ୍ଠ ଗୋଲୋକଧାମର, ଏ ଅନନ୍ତ ଭୂମାଙ୍କର ବାର୍ତ୍ତା ଘେନି ଆସିଛି, ଏ ଅମୃତ ଆଣିଛି । ସେ ଅମୃତ ପିଇ ଆମେ ମଣିଷରୁ ଦେବତା ହୋଇଯିବା । ତୋର ଜୀବନ ଧନ୍ୟ ହୋଇଛି ମା, ଧନ୍ୟ ହୋଇଛି ।

ରାଜାରାଣୀ ଉଠିଲେ । ରାଜାରାଣୀ ମଣିଷରୁ ଦେବତା ହେଲେ କି ନାହିଁ କେଜାଣି, ଭଉଣୀମାନେ କିନ୍ତୁ ମଣିଷରୁ ଗୋଟିଏ ପାହାଚ ତଳକୁ ଖସିଆସିଲେ । ମିଠା ହସ ହସି କହିଲେ—ତୁ ଭାରି କପାଳଆଣିଆ ଲୋ ନୟନା ! ଦେଖୁନୁ, ରାଜାରାଣୀ ତୋ ଉପରେ କେତେ ଖୁସୀ ! ତୁ ନିତି ଗୋଟିଏ ଗୋଟିଏ ନୂଆ ସଙ୍ଗୀତ ପରଶିବୁ ଆଉ ରାଜାରାଣୀ ତୋ ଉପରେ

ଗୋଲାପପତାଢ଼ା, କଦମ୍ବଫୁଲ, ମରକତ ମଣି, ରକ୍ତକାନ୍ତ ମଣି ମଣ୍ଡିତଦେବେ । ତୋ ଭଳି ଭାଗ୍ୟବତୀ କିଏ ଅଛି ? ହେଲେ, ଏଇ ଟିକି ଚଢ଼େଇଟି ଯଦି ସବୁବେଳେ ତୋ ପାଖକୁ ନ ଆସିଲା ? ଆକାଶର ଚଢ଼େଇ । ତା ଖୁସି, ସେ ଆସୁଛି । ତା ଖୁସି ସେ ଅନ୍ୟ ଆଡ଼େ ଉଡ଼ିଯିବ ।

ସେତେବେଳକୁ ଅବଶ୍ୟ ଚଢ଼େଇ ଉଡ଼ି ଯାଇଥିଲା । ଅନ୍ଧକାର ନଇଁ ଆସିଥିଲା ପୃଥିବୀ ଉପରେ । ଗୋଟାଏ କ'ଣ ଚକ୍‌କନା ଲାଗିଲା ନୟନାର ଛାତିରେ । ଆଖି ବାଟେ ଯେମିତି ନିଆଁ ବାହାରି ପଡ଼ିଲା । ଚଢ଼େଇ ଉଡ଼ିଯିବ ?? ହଁ, ଉଡ଼ି ଯାଇପାରେ । ସତେ ତ, ଚଢ଼େଇ ତା ପାଖରୁ ଅନ୍ୟ ପାଖକୁ ଉଡ଼ି ଯାଇପାରେ । ଏ ପୃଥିବୀରେ କେତେ ଆକର୍ଷଣ । ଉଡ଼ିଯିବା ଅସମ୍ଭବ ନୁହେଁ ତ ! ନୟନା ଠାରୁ ଆହୁରି ଧନୀ, ମାନୀ, ଜ୍ଞାନୀ, ଅପ୍ସରୀ, ସୁନ୍ଦରୀ ତରୁଣୀ ବହୁ ଅଛନ୍ତି । ସେ ତାକୁ ଧରି ରଖିବ କେଉଁ ମାୟାର ଆକର୍ଷଣରେ ? ସେ ତରୁଣୀମାନଙ୍କ ପରାମର୍ଶ ଲୋଡ଼ିଲା – ତା ହେଲେ ଉପାୟ ? ମୁହଁରେ ମୁହଁ ଯୋଡ଼ି, ଦାନ୍ତରେ ଦାନ୍ତ ଘଷି, ଚୁପି ଚୁପି ଉପାୟ ବତାଇ ବସିଲେ କୁନ୍ତୀ, କୁନ୍ତଳା, କାମିନୀ ଇତ୍ୟାଦି ।

ପରଦିନ ଦ୍ୱିପ୍ରହର । ଟିକି ଚଢ଼େଇ ଠିକ୍ ବେଳେ ମେଲା ଉଡ଼ିଉଡ଼ି ଆସି ହେଉଥିଲା । କିନ୍ତୁ ଆକାଶର ଚଢ଼େଇ ସେ, ମଣିଷର ବୁଦ୍ଧି ବୁଝିବ କାହିଁ ? ଘର ଭିତରେ ପଶୁ ପଶୁ ଗୋଟିଏ ପଞ୍ଜୁରୀରେ ପଡ଼ିଗଲା । ହସିହସି ପଞ୍ଜୁରୀର ଦୁଆର ବନ୍ଦ କଲା ନୟନା । ସୁନାରେ ତିଆରି ପଞ୍ଜୁରୀ । ଭିତରେ ହୀରାର ଦୁଇଟି ଟିନା । ଗୋଟିକରେ ଦୁଧସର, ଆରଟିରେ କାଚକେନ୍ଦୁ ଭଳି ନିର୍ମଳ ଜଳ । ଚଢ଼େଇ କିନ୍ତୁ ଦେଖିଲା ମାତ୍ରେ ଫଡ଼ଫଡ଼ ହେଲା, ଛଟପଟ ହେଲା, ବିକଳରେ କାନ୍ଦିଉଠିଲା—ମତେ ବନ୍ଦୀ କର ନାହିଁ ଜେଜେମା, ମୁଁ ଯେ ମୁହୂର୍ତ୍ତକେ ମରିଯିବି । ଜେମା ହସିହସି କୋମଳ କଣ୍ଠରେ କହିଲେ, ଭୟ ନାହିଁ ରେ ବନ, ମୁଁ ପରା ତୋ ପାଖେ ପାଖେ ଅଛି । ତୋତେ ଟିକିଏ କଷ୍ଟ ହେଲେ ମୁଁ ତୋତେ ଆଣି ଗୁନ୍ଥି ଭିତରେ ଭରେଇ ରଖିବି । ତୁ ପରା ମୋର ନୟନର ପିତୁଳା, ତୁ ପରା ମୋର ଜୀବନ ପ୍ରାଣ । ତୋତେ ମୁଁ କଷ୍ଟ ଦେବି ? ଖାଲି ଏଇ ପୁଷି ବିଲେଇ ଡରରେ ତୋତେ ପଞ୍ଜୁରୀ ଭିତରେ ଲୁଚେଇ ରଖିଛି ।

ମୁଁ କିନ୍ତୁ ପିଞ୍ଜରା ଭିତରେ ଦଣ୍ଡେ ରହିପାରିବ ନାହିଁ ଜେମା । ମୁଁ ତମକୁ ଭଲ ପାଏ, ସେଇଥିପାଇଁ ତମ ପାଖକୁ ଆସେ । କିନ୍ତୁ ମୁଁ ବେଶୀ ଭଲପାଏ ମୋର ନୀଳ ଆକାଶକୁ । ବିଶାଳ, ବିପୁଳ, ସୀମାହୀନ, ଅଖଣ୍ଡ ଆକାଶ—ଆକାଶର ନୀଳିମା, ଆକାଶର ଦିଗହଜା ବଉଦ, ଆକାଶର ବର୍ଷଣ ସନ୍ଧ୍ୟା, ଆକାଶର ଚନ୍ଦ୍ରିକା, ଆକାଶର ମୃଦୁ ସମୀରଣ, ଆକାଶର ପାହାନ୍ତି ଆଭା, ଆକାଶର ପୁଞ୍ଜପୁଞ୍ଜ ତାରକା, ଆକାଶର ପ୍ରଥମ ସକାଳର ପକ୍ଷୀର କାକଳି ମୋତେ କିଏ ଦେବ ? କିଏ ଦେବ ଜେମା ? ଆକାଶକୁ ଛାଡ଼ିଲେ ମୁଁ ମରିଯିବ । ଜଳକୁ ଛାଡ଼ି ମୀନ ରହି ପାରେ ନା, ଆକାଶକୁ ଛାଡ଼ି ପକ୍ଷୀ ରହି ପାରିବ ?

ଜେମା ଅଶ୍ରୁ ପୋଛି କରୁଣ କଣ୍ଠରେ କହିଲେ — କିନ୍ତୁ ତୋତେ ଛାଡ଼ିଲେ ଯେ ମୁଁ ମରିଯିବି । ତୁ ଜାଣୁ ନା ବନି, ତୋତେ ଏହାମଧ୍ୟରେ ମୁଁ କେତେ ଭଲପାଇଛି । ମୋର ଜ୍ଞାନ, ଧ୍ୟାନ, ଜାଗରଣ, ସ୍ୱପ୍ନ ସବୁରି ଭିତରେ ଖାଲି ତୋତେ ହିଁ ଦେଖିଛି, ତୋତେ ହିଁ ଭଲ ପାଇଛି । ତୋତେ ହିଁ ଧରି ଛାୟାପଥର ତାରାଏ ତାରାଏ ଘୁରିଛି । ତୋ'ର କନକ ଚରଣ ଦୁଇଟି ଉପରେ ଅଶ୍ରୁ ଢାଳିଢାଳି ଚିତ୍ର ଆଙ୍କିଛି ଏକ ସୀମାହୀନ ସ୍ୱର୍ଗର । ମୁଁ ତୋତେ ଛାଡ଼ି କେମିତି ବଞ୍ଚିବି ? କେମିତି ରହିବି ? କେମିତି ଏ ଛାତି ତଳର କଲିଜାଟାକୁ ଉପାଡ଼ି ଫୋପାଡ଼ି ଦେବି ନିଜ ହାତରେ ? ନିଜ ଛୁରୀରେ ? ନିଜେ ରକ୍ତାକ୍ତ ହୋଇ ?? ତଥାପି···ତଥାପି ରେ ପକ୍ଷି ! ମତେ ଯେତେ କଷ୍ଟ ହେଉ ପଛକେ, ମୁଁ ତୋ ଅଶ୍ରୁ ଦେଖିପାରିବି ନାହିଁ । ଆ, ଆ, ମୁଁ ନିଜ ହାତରେ ତୋ ବନ୍ଧନ ଫେଇ ଦେଉଛି । ତୋତେ ଫେରାଇ ଦେଉଛି ତୋ ପ୍ରିୟ ଆକାଶ କୋଳକୁ । ଏଣିକି ଆସିବା ନ ଆସିବା ତୋ ଖୁସୀ । ମୋର ଯେତେ ରକ୍ତ ଝରିଲେ ବି ମୁଁ ଆଉ କେବେ ତୋ ଆନନ୍ଦରେ ବାଧା ଦେବି ନାହିଁ ।

ଜେମା ପଞ୍ଜୁରୀର ଦ୍ୱାର ଖୋଲିଦେଲେ । ଟିକି ଚଢ଼େଇ ଡେଣା ଫଡ଼ ଫଡ଼ କରି ଆକାଶକୁ ଉଡ଼ିଗଲା ।

କେମିତି ଭଲ ଗପଟିଏ ନୁହେଁ ? ଆସେ ଚନୁ, ନମସ୍କାର ।

ତମର

ପ୍ରଦୀପ

ଅଧ୍ୟାପିକା ଚିଠି ନେଲେ । ଖୋଲିଲେ । ଏତେ ବଡ଼ ଚିଠି ! ପୁଣି ଓଡ଼ିଆରେ ! ମୁଣ୍ଡର ଶିର କେମିତି ଟଣଟଣେଇ ହୋଇ ଉଠିଲା । ଇଂରେଜୀ ଅଧ୍ୟାପିକା ଓଡ଼ିଆରେ ଚିଠି ପାଇଲେ ମୁଣ୍ଡ ଯେମିତି ସବୁ ଗଣ୍ଡଗୋଳ ହୋଇଯାଏ । ଘୃଣାରେ ଦେହ ଶୀତେଇ ଉଠେ । ପୁଣି ଗୋଟାଏ ଆଈ ମା' କାହାଣୀ—ରଜା, ତାଙ୍କର ସାତ ଝିଅ, ଝିଅ ମୁଣ୍ଡରେ ବାର ହାତ ଲମ୍ବର ବାଳ, କୁହୁକ ମଣ୍ଡଳର ଚଢ଼େଇ, ସପନ ରାଇଜର ରାଜଜେମା···ଇସ୍, ନ୍ୟାଷ୍ଟି, ଷ୍ଟୁପିଡ୍, ମେଡିଆଭାଲ୍ ଥଟ୍—ମଧ୍ୟଯୁଗୀୟ ଚିନ୍ତାଧାରା । ନ ଜାଣି କହନ୍ତି—ଅଳସୁଆ ଲୋକର ମୁଣ୍ଡ ଭୂତଖାନା ! ବଙ୍ଗାଳିମାନେ, ତାମିଲ୍‌ମାନେ, ମହାରାଷ୍ଟ୍ରୀୟମାନେ ଯାଇଁ ମାଡାଗାସ୍କାର, କାଲିଫର୍ଣ୍ଣିଆରେ ଉଠିଲା ବେଳକୁ ଓଡ଼ିଆପୁଅ ଅଳସ ଭଙ୍ଗି ପଲଙ୍କରେ ଶୋଇ ଶୋଇ ଗାଉଛି—'ଦ୍ୱିଶପ୍ରା ଯାମିନୀରେ ମୋ ପ୍ରାଣ ସଖି' !!···ଏ ଜାତି ମେରୁଦଣ୍ଡବିହୀନ ନ ହେବ ତ ଆଉ ହେବ କିଏ ? ଏ ଜାତିର କବର ଖୋଳିବା ପାଇଁ କ'ଣ ବାହାର ଲୋକର ଦରକାର ? ଆମେ ନିଜେ ହିଁ ନିଜର ବନ୍ଧୁ, ସାବାସ୍ ଓଡ଼ିଆ ଜାତି !!

ଘୃଣାରେ ଚିନ୍ମୟୀର ସର୍ବାଙ୍ଗ ଥରି ଉଠିଲା । ପୃଷ୍ଠାଏରୁ ବେଶୀ ପଢ଼ିବା ଭଳି ଧୈର୍ଯ୍ୟ ନ ଥିଲା । ସେଇ ଏକା କାହାଣୀ ହୋଇଥିବ—ରଜାଝିଅ, ଜହ୍ନୁଆଳି ପୁଅ, ବାର ହାତ ଲମ୍ବ ବାଳ, ତେର ହାତ ଲମ୍ବ ଖଣ୍ଡା, ନଈ ମଝିରେ ମଙ୍ଗଳା···ଅଲ୍ ନନ୍‌ସେନସ୍, ଟ୍ରାସ୍, ମ୍ୟାଡ୍‌ନେସ୍, ମୋଷ୍ଟ୍ ଡିସ୍‌ଜିଟ୍ ।···କପି କରିବା ପାଇଁ ମା' ଚିଲ୍ଲା ଲଗାଉଥିଲେ । ଦିଆସିଲି କାଠି ଉଠେଇ ଆଣି ଚିନ୍ମୟୀ ଚିଠିରେ ଅଗ୍ନି ସଂଯୋଗ କରିଦେଲା !!

ତିନି

ପୁଣି ସାତ ଦିନ ପରେ । ଏଥର ଏକାବେଳକେ ଗୋଟିଏ କବିତା ।

ଚିନୁ ରେ,

ଆଜି ଶନିବାର । ତମଠୁଁ ଯେଉଁଦିନ ମୁଁ ବିଦାୟ ନେଇ ଆସିଥିଲି, ସେଦିନ ହୋଇଥିଲା ଶନିବାର । ଏହା ମଧ୍ୟରେ ସତରଟି ଶନିବାର ଆସିଲାଣି, ଚାଲିଗଲାଣି । ତମର ସ୍ମୃତିକୁ ବଞ୍ଚେଇ ରଖିବା ପାଇଁ ମୁଁ ସବୁ

ଶନିବାର ତମକୁ ଚିଠି ଲେଖିଛି । କିନ୍ତୁ କେଉଁ ଦିନ, କେଉଁ ବାର, କେଉଁ ମୁହୂର୍ତ୍ତରେ ତମର ସେଇ ସରଳିଆ ସୁନା ମୁହଁଟିକି ଭୁଲି ଯାଇଛି କହିପାରିବି ନାହିଁ ।

ଆଜି ଆକାଶରେ ବର୍ଷା ଆସିଛି । ଶ୍ରାବଣର ଭରା ବାଦଲ ଘୋଟି ଯାଇଛି ଆକାଶସାରା । ଦିନ ଥାଉଁ ଥାଉଁ ଅନ୍ଧାର ହୋଇ ଆସିଲାଣି । ମେଘ ଝିପ୍ ଝିପ୍ ହୋଇ ମାଡ଼ି ଆସିଲାଣି । ଆକାଶ ଦିଶିଲାଣି କଳାଧୁମର । ଆଜି ତମ କଥା କାହିଁକି ଭାରି ମନେପଡ଼ୁଛି । ତମର ସୁନା ମୁହଁଟି ଦିଶିଯାଉଛି ଆଖିରେ । ତମର କୋମଳ କଥା ରିଂ ରିଂ ହୋଇ କାନରେ ବାଜୁଛି । ଏଇ ବର୍ଷାଦିନେ ମାଳ ମାଳ କଳା ବଉଦକୁ ଦେଖି ଦେଖି ରାମଗିରିର ଉତ୍ତୁଙ୍ଗ ପାହାଡ଼ ଉପରେ ବିରହୀ ଯକ୍ଷ ଚିଠି ଲେଖିଥିଲା ପରା ପ୍ରିୟା ପାଖକୁ ? ଅବଶ୍ୟ ମୁଁ ବିରହୀ ନୁହେଁ, ଯକ୍ଷ ବି ନୁହେଁ । ଯକ୍ଷ ଆଉ ମୋ ଭିତରେ ଦୁର୍ଲଙ୍ଘ୍ୟ ପାତାଳ ତଫାତ୍ । କାହିଁକି, ତମେ କହୁ ନା, ନାରୀର ଦେହ ଆଉ ମନ ଛଡ଼ା ଆଉ କ'ଣ କିଛି ନାହିଁ ଜଣେ ଦରଦୀ ବନ୍ଧୁଙ୍କୁ ଦେବା ପାଇଁ ? ଆଉ ସେଇ 'କିଛି' ପାଇଁ ଜଣକ ନୟନରୁ ଯଦି ଟୋପିଏ ଧାର ଝରିଲା, ତମେ ତାକୁ ଦୋଷ ଦେବ କାହିଁକି ? ତମ ପାଇଁ ଆଜି ଗୋଟିଏ କବିତା—

ସରଗ ଦେବୀ ତମେ ମରତେ ଆସିଥିଲ କିଆଁ ଗୋ ?
ତମରି ପାଇଁ ଆଜି ବିକଳ ତନୁ ମନ ହିଆ ଗୋ,
ତମରି ପାଇଁ ଆଜି ମରମ ତଳେ ଜଳେ ନିଆଁ ଗୋ,
ସରଗ ଦେବୀ ତମେ ମରତେ ଆସିଥିଲ କିଆଁ ଗୋ ?

ତମେ ଗୋ ଆସିଥିଲ ଆଷାଢ଼ କଳାମେଘ ସାଥିରେ
ତମେ ଗୋ ଆସିଥିଲ ନୀରବ ନିର୍ଜନ ରାତିରେ,
ତମେ ଗୋ ଆସିଥିଲ ଗହଳ ଫୁଲମାନ ଝୁଲାଇ
ସରଗ ଦେବୀ ତମେ ମରତେ ଆସିଥିଲ ଓହ୍ଲାଇ ।

ଗୋଲାପ, ଦୁରଅନା, ନଅଳି, ଚମ୍ପକ ଯେତକ
ଗୋଲାପ ଓଠ ପାଶେ ମଉଳିଗଲା କ୍ଷଣେ ସେତକ

ତମେ ତ ହସିନାହଁ, ତମରି ସୁନାମୁହଁ ଠାଣି ଗୋ,
କୋଟିଏ ଅନ୍ଧାରେ ଆଲୁଅ ସୁଅ ଦେଲ ବୁଣି ଗୋ ।

ଜୀବନେ କେତେ ଫୁଲ ଅତି ଅମୂଲ ମୂଲ ପାଇଛି
ସବୁରି ହସ ତଳେ ନିମିଷେ ନୀରବରେ ଗୁହାଁଛି,
ସବୁରି ଦୁଆରେ ମୁଁ ମାଗିଛି ମୁଠିଏ ଗୋ ଗୃଉଳ,
ମାଗି ନ ହୀରା, ନୀଳା, ଗୋଲାପ, ଗଜଦନ୍ତ, ବଉଳ ।

କଅଁଳ ଫୁଲ ତଳେ କଣ୍ଟା କିଏ ଦେଲ କହ ତ ?
ସବୁଟି ପାଇଁ ମୋର ବହିଛି କେତେ ଆଖି ଲୁହ ତ,
ଯାହିଁ ମୁଁ ହାତ ପାତି ମାଗିଛି ଟିକିଏ ଗୋ କରୁଣା,
ପାଇଛି ପଦାଘାତ, ଛୁଟିଛି ଲକ୍ଷ ଲୁହ ଝରଣା ।

କିଏ ଗୋ କିଏ ତମେ ଅଳକାପୁରୀ ରାଜଲଳନା,
କୋଟିଏ ସରଗର ଜନନୀ ଅବା ନୋହେ କଳନା,
କମଳା ସତେ କି ଗୋ ସରଗୁ ଆସିଥିଲ ଝଲକେ,
ମରଣବେଳେ ମୋର ଅମୀୟ ଢାଳିଦେଲ ପଲକେ ।

ତମରି ପୀରତିର ମହକେ ହେଲି ଯିନା ବାଉଳା
ତମ ସେନେହ ସୁଧା ପାଇଲି ନାହିଁ କେବେ ତଉଳା
ହୋଇବ ଅବା ତମେ ନେଳିଆ ଦରିଆର ପାଣି ଗୋ
ଅବା ଏ ଆକାଶର ବିଶାଳ ନୀଳରୂପ ଠାଣି ଗୋ ।

ପହିଲି ଆଷାଢ଼ର ବାଦଲମାଳା ତମେ ଜାଣିଲି,
ତମରି ସୁନାପାଦେ ତେଣୁ ଏ ଲୁହ ଆଜି ଢାଳିଲି ।
ହେନ ଏ ଆଖିଲୁହ ଉଛୁଳା ଲୁହ ମୋର ରାଣୀ ଗୋ !
ତମରି ଲାଗି ଆଜି ଯୋଡ଼ୁଛି ସଖି ବେନି ପାଣି ଗୋ ;

—ପ୍ରଦୀପ

ଅଧ୍ୟାପିକା ହସିବେ ନା କାନ୍ଦିବେ ? ଚୋଟାଏ ହଣ୍ଟର ଧରି ଧାଇଁ ଠାଇ ଠାଇ ଚୁରୁକ କଷିଦେବେ ନା ନିଜେ ତୁ ତୁ ମୁଣ୍ଡ ପିଟିବେ ପଥର ଚଟାଣ ଉପରେ ? କାହିଁକି ସେ ଗ୍ରୀଷ୍ମ ଶିକ୍ଷାଶିବିରରେ ଯୋଗଦେଲେ ? କାହିଁକି ସେ ଏ ପାଗଳର ପାଲରେ ପଡ଼ିଲେ ? ଏତେ ନିର୍ବୋଧ, ନିର୍ଲଜ, ବୁଦ୍ଧିହୀନ ଲୋକ ଥାଆନ୍ତି ନା ଦୁନିଆରେ ? ନିଜର ଘରଦ୍ୱାର, ବାପ ମା', ଟ୍ରଙ୍କବାକ୍ସ, ପାଠପଢ଼ା ସବୁ ଥାଉଁ ଥାଉଁ ସବୁ ଛାଡ଼ି ମହିଷ ଅନ୍ଧ ହୋଇ ଏମିତି ମରୀଚିକା ପଛରେ ଗୋଡ଼ାଏ ନା ? ଖାଲି ନାରୀକୁ ଦେଖି ଦେଖି ଏମିତି ଲୋକ ପ୍ରେମରେ ପଡ଼ିଯାଆନ୍ତି ନା ? ନାରୀ କ'ଣ ଏତେ ଶସ୍ତା ? ଏତେ ସୁଲଭ ? ଏତେ ବିପଣୀର ପଣ୍ୟ ? ଟିକିଏ ହସିଦେଲେ, ଟିକିଏ କଥା କହିଦେଲେ, ଚାହିଁଦେଲେ ଲୋକେ ଭାବନ୍ତି ନାରୀ ତା ଆଡ଼କୁ ଢଳି-ପଡ଼ିଲା ? ତାକୁ ତନୁ, ମନ, ଜୀବନ, ଯୌବନ ବିକିଦେଲା ? ପୃଥିବୀର ସବୁ ନିର୍ବୋଧ ଯାକ ଯୋଉଦିନ ମରିଥିଲେ, ସେହିଦିନ କ'ଣ ଏଇ ନିର୍ବୋଧଟିର ଜନ୍ମ ??

ଚିଠି ଭିତରେ କବିତା ଦେଖି କୌତୂହଳୀ ହୋଇ ଚିନ୍ମୟୀ ଏ ଚିଠିଟି ପଢ଼ିଥିଲା ଏବଂ ପଢ଼ିସାରି ତା' ମନ ବିଷାକ୍ତ ହୋଇ ଉଠିଥିଲା । ଦୟା ବି ଆସିଥିଲା ଏଇ ନିରୀହ, ନିର୍ବୋଧ ଲୋକଟି ପ୍ରତି । ପିଲାଦିନେ ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ଥରେ ହେଡ୍‌ମାଷ୍ଟର କହିଥିଲେ—ଦୁଷ୍ଟ ପିଲାଙ୍କ ପ୍ରତି ଓ ପାଗଳଙ୍କ ପ୍ରତି ସବୁବେଳେ ଉଦାସୀନ ରହିବ । ଚରମ ଅବହେଳା ଓ ଉପେକ୍ଷା ହିଁ ଏମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବାର ଏକମାତ୍ର ଉପାୟ ।

ସେହି ଉପାୟଟି ଏ ପର୍ଯ୍ୟନ୍ତ ଅବଲମ୍ବନ କରିଥିଲା ଚିନ୍ମୟୀ । ତେଣୁ ଗଲା ଚାରି ମାସ ହେଲା ସେ ବାରମ୍ବାର ଚିଠି ପାଇଲେ ହେଁ କୌଣସିଟିକୁ ଭଲ ଭାବରେ ପଢ଼େନାହିଁ । ସଙ୍ଗେ ସଙ୍ଗେ ଚିରିଦିଏ ବା ଜାଳିଦିଏ । ଉତ୍ତର ଦେବାର ତ ପ୍ରଶ୍ନ ଉଠୁନାହିଁ । ସେ ଜାଣେ ଗଛ-ମୂଳରେ ପାଣି ନ ଦେଲେ ଖରତାତିରେ ଚେର ଜଳିଯିବ, ଗଛ ଶୁଖିଁ ଶୁଖିଁ ମରିଯିବ । କିନ୍ତୁ ଆଶ୍ଚର୍ଯ୍ୟ କଥା, ସେ ଯେତେ ଯେତେ ନିର୍ମମ ହେଉଛି, ପ୍ରେମର ସମୁଦ୍ର ହତଣେ ସେତେ ସେତେ ଉଦ୍‌ବେଳିତ ହେଉଛି ।

ଯେମିତି ଭକ୍ତ ଖାଲି ଭଗବାନଙ୍କ ପାଖରେ ପ୍ରାର୍ଥନା ହିଁ କରୁଛି—ପ୍ରେମରେ ବିଭୋର ହୋଇ ନୃତ୍ୟ କରୁଛି । ଅଭିମାନ ନାହିଁ, ଅଭିଯୋଗ ନାହିଁ, ଭିକ୍ଷା ନାହିଁ, ମାଗିବାର କିଛି ନାହିଁ, କିଛି ନାହିଁ । ଏମିତିକା ଲୋକ ଉପରେ କ'ଣ ରାଗିବ ? କେମିତି ରାଗିବ ? ଅନ୍ଧଟିଏ ଚାଲି ଯାଉଁ ଯାଉଁ ଧକ୍କାଟିଏ ଆସି ପକେଇଲେ ବି ତାକୁ କ'ଣ ଚଟକଣାଟାଏ ମାରିହେବ ?? ମାରିବା ବିବେକୀ ଲୋକର କାମ ହେବ ??

ଚିନ୍ମୟୀ ଚିନ୍ତା କରୁଥିଲା । ଚିନ୍ମୟୀ ନଯଯୌ ନ ତସ୍ଥୌ ଅବସ୍ଥାରେ ପଡ଼ିଥିଲା ।

ଚୋର

ଆଠ ଦିନ ଯାଇଛି କି ନାହିଁ ପୁଣି ଖଣ୍ଡିଏ ଚିଠି !!

ଇସ୍, ଚିନ୍ମୟୀକୁ ବିଛା କାମୁଡ଼ିଲା ଭଳି ଲାଗିଲା । ମନ ହେଲା, ସେ ଆଜି ସିଧା ଜୟପୁରରୁ ଯାଇଁ ଭୁବନେଶ୍ୱରରେ ପହଞ୍ଚିବ ! ଡି.ପି.ଆଇ.ଙ୍କ ଗୋଡ଼ ହାତ ଧରି କହିବ ତାକୁ ଅନ୍ୟତ୍ର ବଦଳି କରିଦେବାକୁ । ଦରକାର ହେଲେ ସେ ଓଡ଼ିଶା ଛାଡ଼ି ଚାଲି ଯିବାକୁ ବି ପ୍ରସ୍ତୁତ । ରାଜସ୍ଥାନରେ ହେଉ, ନେପାଳରେ ହେଉ, ଆଣ୍ଡାମାନରେ ହେଉ ଯେଉଁଠି ଚାକିରି ପାଇବ, ସେ ଚାଲିଯିବ । ଏ ନିର୍ବୋଧ ଜାଳାରେ ସେ ଆଉ ରହି ପାରିବ ନାହିଁ ।

ତା'ର ଥେସିସ୍ ଗଲା ଚୁଲିକି ! ତା'ର ମନର ଶାନ୍ତି ଜଳି ପୋଡ଼ି ହେଲା ମୁଠାଏ ପାଉଁଶ ! ଓଡ଼ିଶାର ତିନୋଟି ବିଶ୍ୱବିଦ୍ୟାଳୟରେ ଏମ୍. ଏ. ଶ୍ରେଣୀରେ ପଢ଼ାଇବା ପାଇଁ ଯେଉଁ ପନ୍ଦର କୋଡ଼ିଏ ଜଣ ଅଧ୍ୟାପକଙ୍କ ନାଁର ତାଲିକା ଦିଆଯାଇଛି, ତା' ଭିତରେ ଅଧ୍ୟାପିକା ଚିନ୍ମୟୀ ମହାନ୍ତି ଥିଲେ ଜଣେ । ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣପଦକ ସହିତ ତା'ର ଅଗାଧ

ପାଣ୍ଡିତ୍ୟ ଓ ତୀକ୍ଷ୍ଣ ସମାଲୋଚନାର ଦୃଷ୍ଟିଭଙ୍ଗୀ ତାଙ୍କୁ ଏତେ ଅଳ୍ପ ବୟସରେ ବି ଏତେ ଉଚ୍ଚ ସ୍ଥାନରେ ଅଧିରୂଢ଼ କରାଇ ପାରିଥିଲା ।

କିନ୍ତୁ ହେଲା କ'ଣ ? ଏ ନବୋଧର ପାଲରେ ପଡ଼ି ଶାନ୍ତି ଗଲା, ସମ୍ମାନ ଗଲା, ମର୍ଯ୍ୟାଦା ଗଲା, ଆତ୍ମବିଶ୍ୱାସ ବି ଯିବା ଉପରେ । ତା' ବନ୍ଧୁ ମହଲରେ ଏ କଥା ଜାଣିଲେ ସେ ମୁଣ୍ଡ ଟେକି ଗୃହଁ ପାରିବ ନାହିଁ । ଗୋଟାଏ ଅଜଣା ଅଶୁଣା ଅନାମଧେୟ ପ୍ରାଇଭେଟ୍ କଲେଜର ଲେକ୍‌ଚରର୍ । ତା' ପୁଣି ଗାନ୍ଧୀଶ୍ରେଣୀ !! ଛିସ୍, ଦେହ ଘୃଣାରେ ଥରି ଉଠିଲା । ପଞ୍ଚଭୂତ ଆତ୍ମା ବିଦ୍ରୋହ କରି ଉଠିଲା । ଏମାନଙ୍କର କେତେ ସାହସ ? କି ଅନଧିକାର ଚର୍ଚ୍ଚା ? ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼େଇବାର କି ଅହରହ ନିର୍ଲଜ ସାଧନା ??

ଏଥର ଚିଠି କିନ୍ତୁ ଏକ ଅଦ୍ଭୁତ ଧରଣର—

'ନାଇଁ ନାଇଁ, ତମେ କୁହ, ତମେ କୁହ, ମୁଁ ତମକୁ କ'ଣ ବୋଲି ଡାକିବି ? ଚିନୁ ? ଚିନ୍ମୟୀ ? ଅଧ୍ୟାପିକେ ? ଏଗୁଡ଼ା ତ ପୁରୁଣା, ଦେହଘଷା ହେଇଗଲାଣି । ନୂଆ କିଛି ଡାକେ । ଆଚ୍ଛା, ଡାକିବି କି ଗୋଟାଏ ଆରିଷ୍ଟୋକ୍ରାଟିକ୍ ନାଁରେ—ଡକ୍ଟର ମହାନ୍ତି ! ନାଇଁ ଲାଗ ନାହିଁ । ତମେ ତ ଏଇ ଛ' ମାସ ଭିତରେ ଡକ୍ଟରେଟ୍ ପାଉଛ । ଏତେ ବଡ଼ ଏମିନେଣ୍ଟ୍ ସ୍କଲାର୍ । ପି.ଏଚ୍.ଡି. ତମ ପଛେ ପଛେ ଗୋଡ଼େଇବା କଥା । ମୁଁ ତ କହିବି ତମେ ଆଜିଠୁଁ ଡି. ଲିଟ୍. ପାଇଁ କାମ ଆରମ୍ଭ କରିଦିଅ ।

ଆଚ୍ଛା, ସମ୍ବୋଧନ କରିବି କି—ମିସ୍ ମହାନ୍ତି ? ଯାଃ, ଏକାବେଳକେ ମେଧାସନ ପର୍ବତ ଉପରୁ ଗଡ଼ି ଗଡ଼ି ଆସି ସମତଳ ଭୂଇଁରେ ! କାହିଁ ଡକ୍ଟରେଟ୍ ଆଉ କାହିଁ ମିସ୍ ? ନା, ମୁଁ ତମକୁ ନବମ ଶ୍ରେଣୀର ସେ ଫ୍ରକ୍‌ପିନ୍ଧା ଲୁନ ଛୁଆଟିଏ କରିପାରିବି ନାହିଁ ।

ଆଚ୍ଛା କହିବି କି—ଚିନୁ—ରାଣୀ ମୋର ! ବା ଚିନୁ—ମୋ ସ୍ୱପ୍ନର ଧନ ! ବା ଚିନୁ—ମୋ ଆଖିର ଆଲୋକ, ଅନ୍ତର ଲଉଡ଼ି, ମୋ ଅଲିଅଳି ରାଜଦୁଲଣୀ !···ଯାଃ, ଏ ଏକାବେଳକେ ଊନବିଂଶ ଶତାବ୍ଦୀର ବୈଷ୍ଣବ ସାହିତ୍ୟ ହେଇଗଲା । ଖାଲି ପ୍ରେମରେ ଟୁଳୁଟୁଳୁ, ପୁରୁପୁରୁ ।

ଏ ଦା', ହାତୁଡ଼ି ଯୁଗରେ ଆଉ ଏ ପ୍ରେମ ଜରଜର, ରସରସିଆ, ମଲେଇଚପିଆ ଡାକ କାହିଁ ?

ଡାକେ ତା' ହେଲେ - ହେଲୋ କମ୍ରେଡ୍ ମହାତ୍ମା ! ଆସ, ତମକୁ ଆଜ ହାତର ଆଙ୍ଗୁଠି କାଟି ରକ୍ତ ଦେଇ ଲାଲ୍ ସଲାମ୍ ଜଣେଇବ । ତମ 'ବେକନ'କୁ ଶିର କାଟି ଫିଙ୍ଗିଦିଅ ଅଳିଆଗଦାକୁ । ଆଜ ଆଉ ଜ୍ଞାନବଳ ନୁହେଁ, ଆଜ ବନ୍ଧୁକ ହିଁ ବଳ, ବାରୁଦ ହିଁ ବଳ, ମାଓସେତୁଙ୍ଗ୍ ହିଁ ବଳ । ଜୟ ମାଓସେତୁଙ୍ଗ୍ କି ଜୟ !···ଆରେ ଚୁପ୍ ଚୁପ୍, ବନ୍ଦ କର, ବନ୍ଦ କର । ଏ କଥା ଯଦି କିଏ ଶୁଣେ ନା ଆଉ ଏ କଥା ଯଦି ସିଦ୍ଧାର୍ଥ ଶଙ୍କର ରାୟଙ୍କ କାନକୁ ଯାଏ ନା ସାଙ୍ଗେ ସାଙ୍ଗେ ଦିଟା ବାଟାଲିୟନ୍ ମିଲିଟେରି ପଠେଇ ଦେବେ ତମ ଜୟପୁରକୁ ଆଉ ଗୋଟାଏ ଆମର ଏଲ ଗ୍ରେଟ ସମୁଦ୍ରକୂଳିଆ ସହର ଗଞ୍ଜାକୁ । ତେଣୁ ଥାଉ ବାବା ! ନକ୍ସଲାଇଟ୍ ହେବା ନୋହିଲ୍ ।

ଆଚ୍ଛା, ନ ହେଲା ଡାକେ ତମକୁ ଆଧୁନିକ କବିଙ୍କ ଭାଷାରେ— କାନେଡିଆନ୍ ଇଞ୍ଜିନ୍ ! ନଇଲେ ଅକ୍ଟୋପାସ୍ ! ନଇଲେ ମାଡାଗାସ୍କାର ଉପକୂଳର ଲବଙ୍ଗକ୍ଷେତରେ ଲବଙ୍ଗ ଫୁଲର ବାସ୍ନା ! ନଇଲେ ପୁରୀ ସମୁଦ୍ରକୂଳର ଲୁଣିଆ ସମୁଦ୍ରପାଣିରେ ଜୁଡ଼ୁବୁଡ଼ୁ ହେଇ ଭିଜି ଯାଇଥିବା ଗୋଟିଏ ସାପୁ ! ତମେ ହସୁଛ ? କଣ କଣ ହେଇ ହସୁଛ ? ମୁଁ ବେଶ୍ ଦେଖିପାରୁଛି । କିନ୍ତୁ ଏ ମୋ ମନରୁ କଥା ନୁହେଁ ମ, ମୋ ଠଉଁ କାହିଁ କାହିଁ ବଡ଼ ବିରାଟ ବିରାଟ କବିଙ୍କର । ଆଉ ତମେ କେମିତିକା ଅକ୍ଟୋପାସ୍ ମୁଁ ଜାଣେ । ବରଂ ମୁଁ ତ କହିବି, ମୁଁ ଏକାବେଳକେ ଗୋଟାଏ ଜୋକ ପାଲଟିଗଲି ।

ଆଚ୍ଛା···ତମକୁ ଡାକିବି କି ଫକୀରମୋହନଙ୍କ ଭାଷାରେ— ଶାରିଆ ? ଡାକିବି କି ମେହେରଙ୍କ ଭାଷାରେ—ଜନକଦୁଲଣୀ ରାଜନନ୍ଦିନୀ ? ଡାକିବି କି ଶରତ ଚଟର୍ଜୀଙ୍କ ଭାଷାରେ—ରାଜଲକ୍ଷ୍ମୀ ? ଡାକିବି କି ମହାଭାରତକାରଙ୍କ ଭାଷାରେ—ଚିତ୍ରାଙ୍ଗଦା ? ବାଣଙ୍କ ଭାଷାରେ— କାଦମ୍ବରୀ ? ନା ଡାକିବି ଆନାକାରେନିନାର ନାୟିକା—ଆନା ? ନା ଟେମ୍ପେଷ୍ଟର ନାୟିକା—ମିରାଣ୍ଡା ? ନା ମଲିଜହ୍ନର ନାୟିକା—ସତୀ ?

ନା, ଏସବୁ ମୁଁ କଛୁ ଡାକିବ ନାହିଁ । ଏ ସିମ୍ବଲିକ୍ ଏଜ୍‌ର ଏ ନାଁ ଗୁଡ଼ାକର ଅର୍ଥ ବୁଝୁ ନାହିଁ । ମୁଁ ତମକୁ ଡାକିବ—କୁଞ୍ଜବନର ବେଣୁ ! ମୁଁ ଡାକିବ—ଆଦ୍ୟ ଆଷାଢ଼ର ବର୍ଷାଭିଜା କଦମ୍ବଫୁଲ ! ମୁଁ ଡାକିବ—ଶରତ୍ ସକାଳର କାକରଭୋଳା ସଦ୍ୟଫୁଟା ମିଞ୍ଜିମିଞ୍ଜି ଝିକିମିକି ଟଗରଶିଉଳି ! ନଇଲେ ମୁଁ ଡାକିବ ତମକୁ ଏଇ ଘେଦୁଅ ମାସର କହ୍ନିଫୁଲଫୁଟା ଜହ୍ନରାତିର ବିଶାଳ ନୀଳ ଆକାଶ !

ନା ଇଂଲିଶ୍ ଫୁଲ ଡାଫୋଡ଼ିଲ୍, ବୋଗନଭିଲା, ଲିଲାକ୍ ମୁଁ ତମକୁ କେମା ଡାକିବ ନାହିଁ । ମୁଁ ଡାକିବ ଭାରତୀୟ ଫୁଲ ଧୋନା, ଗୁଡ଼ମଲ୍ଲି, କୁରୁବକ, ରଜନୀଗନ୍ଧା ନଇଲେ ଚଇତ ସଂଜର ଦରଫୁଟା ଗୋଟା ମଲ୍ଲୀ ! ନଇଲେ ସମ୍ବଲପୁର ଜଙ୍ଗଲର କୁଟରେଇଁଫୁଲ ! ନଇଲେ ଡାକିବ ବାଲେଶ୍ୱରର କଅଁଳିଆ ଡାକ ବନ ! ଅଥବା ସମ୍ବଲପୁରର ଛୁଟିପିଲାଙ୍କୁ ଡାକ ସୁଲୁବୁଲି ! ଅଥବା ବଲାଙ୍ଗିରର ରସରସିଆ ଡାକ ଝୁନ୍‌କଲ ! ନନ ! ନଇଲେ ବାରିପଦାର ଚେହ୍ଲାଡାକ କଟି !

ଆଚ୍ଛା ଠିକ୍ ଠିକ୍, ଏସବୁ ଥାଉ । ଭାରତୀୟ ନାଁ ବହୁତ ହେଲଣି, ଗୋଟାଏ ଇସଲାମୀୟ ସଂସ୍କୃତିରେ କହେ—ତମେ ବିବି, ମୁଁ ଗୁଲାମ୍ ? ; କହେ ଆମ ଯାଯାବର କୋଲାଙ୍କ ଭାଷାରେ— ତମେ ଆର୍ (ହାର) ନଇଲେ ସରଗତାର ? ନଇଲେ କହେ ବିଶ୍ୱର ଶ୍ରେଷ୍ଠ ସୁନ୍ଦରୀ—ମୋନାଲିସା ? ନଇଲେ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ—

ବହ୍ମ କୋଟିଏ କଳ୍ପ କଲଟିଲି ।
ନାରୀ ଗୋଟିଏ ମାତ୍ର ସରଜିଲି ।

ନଇଲେ ଏ ଯୁଗର ରୂପେଲି ପରଦାର ଭାଷାରେ—

ମଯୂରୀ ଗୋ ! ତମ ଆକାଶେ ମୁଁ ଦିନେ ମହ୍ଲାରେ ମେଘ ସାଜିଲି ।

ନଇଲେ କବିବର ରାଧାନାଥଙ୍କ ଭାଷାରେ—

ଅଙ୍ଗେ ବଙ୍ଗେ ଅବା କଳିଙ୍ଗେ ମଗଧେ
ଦେଖିଅଛୁ ଯେତେ ନାରୀ,
ଏ ଯୋଷାଚରଣ ଧୂଷା ପଥରକୁ
ନୋହିବେଟି କେହି ସରି ।

ନହେଲ ତମେ ଇଂରେଜୀ ଅଧ୍ୟାପିକା, ଏ ସବୁ ପସନ୍ଦ କରିବ ନାହିଁ । ତମ ଇଂରେଜୀ ଭାଷାରେ କହେ—

Is this the face that launched a thousand ships,
And burnt the topless towers of Illium ?
Sweet Helen, make me immortal with a kiss.

ଆଚ୍ଛା ବିଶ୍ୱକବି ରବୀନ୍ଦ୍ରନାଥ ତମର ପସନ୍ଦ ହେବେନ ?—

ନହ ମାତା, ନହ କନ୍ୟା, ନହ ବଧୂ, ସୁନ୍ଦରୀ ରୂପସୀ
ଆଦିମ ବସନ୍ତ ପ୍ରାତେ ଉଠେଥିଲ ମଥିତ ସାଗରେ ।

କିମ୍ବା

ଅର୍ଦ୍ଧେକ ମାନବୀ ତୁମି ଅର୍ଦ୍ଧେକ କଳ୍ପନା ।

ନଇଲେ ପାରସ୍ୟ କବି ଓମର ଖାୟାମ୍‌ଙ୍କ ଭାଷାରେ—

ଏଇ ତରୁତଳେ ଘନ ପଲ୍ଲବ ବିତାନେ
ଜୀବନବନ୍ଧୁ ବସି ମୋର ଭୁଲେ ଗୋପନେ
ପାଶେ ରଖି ଗୀତି ଚୟନିକା, ଲଘୁ ଆହାର
ଦ୍ରାକ୍ଷାମଦରେ ଭରଦେବ ସଖି ଆଧାର ;
ପାଶେ ବସି ଯେବେ ଗାଇବ ସ୍ନିଗ୍ଧ ରାଗିଣୀ
ଉଜଳ କରି ନିର୍ଜନ ମରୁ ବନାନୀ
ତେବେ ଗୋ ସଜନି ! ମୁହିଁ
ନିମିଷକ ଲାଗି ସ୍ୱର୍ଗ ମଣିବି
ରୁକ୍ଷ ଏ ମରୁଭୂଇଁ ।

ନା, ନା, ନା, ଏ ସବୁ କହି ତାକ ଲଭ ନାହିଁ । ମୋ ପେଡ଼ିଲୁଗା ଥାଉଁ ଥାଉଁ ମୁଁ ଘରଲୁଗା ପିନ୍ଧି ଯାତ ଦେଖିଯିବି କାହିଁକି ? ମାଗି ଆଣି ନାଁ ଦେବ କିଆଁ ? ମୋ ଘରେ କ'ଣ ନାଁ ନାହିଁ ? ଛପନ ପଉଟି ଭୋଗର ବିହ୍ଲଳ ଗ୍ରାହକ ଆମେ । ଆମ ଘରେ ନାହିଁ କ'ଣ ? ମୁଁ ତମକୁ ଡାକିବି ଆମ ଗାଁର ଚେହ୍ଲାଡାକ, ଫୁଲଡାକ—ଚନଅଡ଼ା ! କ'ଣ ଟିକିଏ ମଫସଲିଆ ମଫସଲିଆ ଶୁଭୁଛି ନା ? ହେଲେ ଗାଁରେ କିଏ ଚମ୍ପୁଳୀ

ଡାକେନା ? ଆଉ ତମ୍ଭ ବ ଡାକନ୍ତି କେତେଜଣ ? ଆଉ ସେଇ ତନ, କନ, ପାପ୍, ଶାପ୍, ରଙ୍ଗ, ମାଲ ନାଁ' ଭିତରେ କେତେ ନୂଆ ଜୀବନ ଅଛି, କେତେ ମେ ଆପଣାର କରି ଟାଣି ଧରିବା ଭଳିଆ ଚୁମ୍ବକ ଅଛି ତମେ କହ ?

ତମେ କେତେ ପାଠ ପଢ଼ି ଅକ୍ସଫୋର୍ଡ ଯିବାକୁ ବାହାରିଲଣି । ତମର ଅନର୍ଗଳ ଉଚ୍ଛ୍ୱସିତ ଇଂରେଜୀ ବକ୍ତୃତା ଶୁଣି ସ୍ୱୟଂ କୁଳପତି ବି ମୁଗ୍ଧ ହୋଇ ଯାଉଛନ୍ତି । ତଥାପି ତମେ ଆମ ଭଳି ଅକିଂଚନ 'ଦମାନନ୍ଦୀ ତତା'କୁ ଯେ ମନେ ରଖିଛ, ସେହା କ'ଣ ତମର କମ୍ ବିଶାଳ ହୃଦୟର ପରିଚୟ ? ସେଇ ଭରସାରେ ଗାଁର ଏଲ୍.ପି ସ୍କୁଲ ପଢ଼ା ସାଙ୍ଗଟିଏ ଯେମିତି ତା' ଏମ୍.ଏ ସାଙ୍ଗଟିକୁ କୁଣ୍ଢାଇ ପକାଏ, ମୁଁ ସେମିତି ତମକୁ ଦେଖି ଆସିଛି, ସ୍ନେହ କରି ଆସିଛି । ଆଉ ସେଇଥିପାଇଁ ତମକୁ ଯଦି ଆଜି ମୋହର ଏଇ ଗାଉଁଲି ନାଁଟିରେ—ତନଅପା, ତମେ କ'ଣ ଖପା ହବ ? ତମ ନୂନାଖଣ୍ଡ ଆଗି କଗୁଡ଼ିବ ମୋ ଟାଙ୍ଗରା ମୁଣ୍ଡରେ ?

ଗୁଡ ହୋ' ଏତେ ନାଁରେ କାହିଁକି ଡାକିବ ? ତମେ ତ ଜଳସ୍ଥଳ, ଆକାଶ ପବନ, ତରୁଲତା, ମେଘମଳୟ ସବୁଆଡ଼େ ବ୍ୟାପି ଯାଇଛ । ସବୁଆଡ଼େ ଖାଲି ତମର ରୂପ, ତମର ହସ, ତମର ଭଙ୍ଗୀ, ତମର ଠାଣି । ତେଣୁ କବି ଅଧା ଶ୍ଳୋକରେ 'ବ୍ରହ୍ମସତ୍ୟ ଜଗନ୍ମିଥ୍ୟା' କହିଲା ଭଳି ମୁଁ ଗୋଟିଏ କଥାରେ କହିଦିଏ—ତମେ ସାତତାଳ ପୋଖରୀ ଭିତରେ ଛୋଟ ଫରୁଆଟିରେ ପାଟକନାରେ ବନ୍ଧା ବୁଢ଼ୀ ଅସୁରୁଣୀର ଗୋଟିଏ ଧଳା କେଶ—ତା' ଜୀବନ—ଆତ୍ମା । କବିଙ୍କ ଭାଷାରେ—

'ଅରୁଣିମା ବୁଣି ସୂରୁଯ ଉଇଁଲେ ସକାଳେ
ମୁଁ ଦେଖେ ତମରି କପାଳ କୁଙ୍କୁମ ଟୋପା,
ଅନ୍ଧକାର ନେଇ ରବି ଆସିଲେ ଓହ୍ଲାଇ
ମୁଁ ଦେଖେ ତମରି କଜଳ କାଳିମା ରେଖା ।

ନମସ୍କାର ।

—ପ୍ରଣୀତ ।

ସିନ୍ଦୂର ଫାଟିଗଲେ ପୂର୍ବ ଆକାଶର ଅନ୍ଧକାର ଯେମିତି ଆସ୍ତେ ଆସ୍ତେ ମିଳେଇଯାଏ, ପାଣିଚିଆ ପାଣିଚିଆ ନାଲିରଙ୍ଗ ଟିକିଏ ଉକୁଟିଉଠେ, ଚନ୍ଦ୍ରଶ୍ରୀର ମୁହଁର ଭଙ୍ଗୀ ସେମିତି ଟିକିଏ ବଦଳିଗଲା । ସବୁ ଚିଠି ଯେମିତି ସିଏ ଅଧା ପଢ଼ି ନ ପଢ଼ୁଣୁ ଚିରିମାରି ଫିଙ୍ଗି ପକାଏ ନଇଲେ ନିଆଁ ଧରାଇ ଦିଏ କେଜାଣି କାହିଁକି ଏ ଚିଠିଟିକୁ ସେପରି କଲା ନାହିଁ । ଏ ଚିଠିଟିକୁ ଅଧା ପଢ଼ି ସେ ବନ୍ଦ କରି ପାରିଲା ନାହିଁ । ମୁହଁ ଟେକି ଆଣି ପାରିଲା ନାହିଁ ଚିଠିରୁ । ମନକୁ ମନ ଆପଣାଛାଏଁ ଚିଠି ଶେଷଯାକେ ଆଖି ବୁଲିଗଲା । ଠିକ୍ ଯେମିତି ଶିକ୍ଷିତ ଲୋକେ ଗାଁ ଗହଳରେ ନାଟ ଦେଖିଗଲେ ପ୍ରଥମେ ପ୍ରଥମେ ନାକ ଟେକନ୍ତି । ଯେମିତି ସମୁଦାୟ ପରିବେଶଟା ତା'ଙ୍କୁ ଗନ୍ଧାଏ । ଲୁଚି କରି ପଛରେ ଠିଆ ହୁଅନ୍ତି । କିଏ ଦେଖି ପକେଇଲେ ସବୁ ସମ୍ମାନ ମାଟି ହେଇଯିବ । କିଏ ଟାଣିଲେ ବି ଚଉକିରେ ବସନ୍ତି ନାହିଁ । ତା'ପରେ ଯେତେବେଳେ ଗୋଟିଏ ଲଳିତ ମଧୁର କଣ୍ଠରେ ମୂର୍ଚ୍ଛନା ତୋଳି ଗାଇ ଉଠନ୍ତି—'ଆଜ ଏ କି ଗୁମାନରେ ଚନ୍ଦ୍ରାନନା ଦେଖି ନଥିଲି ସ୍ୱପନରେ', ଶିକ୍ଷିତ ଲୋକ ଏଣିକି ତେଣିକି ଚାହିଁ ଆସ୍ତେ ଆସ୍ତେ ଚଉକିରେ ବସି ପଡ଼ନ୍ତି, କାନ ଡେରନ୍ତି—ସାପ ଯେମିତି କାନ ଡେରେ କେଳାର ଧୁଦ୍ରତାଳି ଆଡ଼େ ।

ଚିଠିଟି ଭାଙ୍ଗିଭୁଙ୍ଗି ଚନ୍ଦ୍ରଶ୍ରୀ ହାତବ୍ୟାଗ୍‌ରେ ରଖିଲା । ଟିକିଏ ମୁରୁକି ହସ ଅଜାଣତରେ ବାହାରି ଆସିଲା ଓଠରୁ । ଆନନ୍ଦରେ ନୁହେଁ, ପ୍ରଶଂସା କରି ନୁହେଁ । ଏତେ ସମ୍ଭ୍ରାନ୍ତ, ବିଶ୍ୱବିଦ୍ୟାଳୟର ରତ୍ନ ଅନ୍ୟକୁ ପ୍ରଶଂସା କରନ୍ତି କମ୍ । ପୁଣି ଏଇ ଭାବପ୍ରବଣତା ପାଇଁ, ମାଖନା କଥା ପାଇଁ ପ୍ରଶଂସା କରିବେ ସ୍କଲାର ? ଆପଣାଛାଏଁ ଚନ୍ଦ୍ରଶ୍ରୀ ମୁହଁରୁ ବାହାରି ପଡ଼ିଲା-- ସେକ୍‌ସପିୟର ଠିକ୍ କହିଥିଲେ—**Men are April when they woo.** ପ୍ରେମ କଲାବେଳେ ପୁରୁଷର ସବୁବେଳେ ବସନ୍ତ, ସବୁଆଡ଼େ କୃଷ୍ଣଚୂଡ଼ାର ଲାଲ୍ ଟକ୍‌ଟକ୍ ରଙ୍ଗ ।

ଚନ୍ଦ୍ରଶ୍ରୀ କମନ୍ ରୁମ୍‌ରେ ଏଣିକି ତେଣିକି ଥରେ ଚାହିଁଲା । କିଏ ତାକୁ ଦେଖିଦେଲା କି ? କିଏ ତା' ମୁହଁର ଭଙ୍ଗୀ ଲକ୍ଷ୍ୟ କଲା କି ? କେଜାଣି କାହିଁକି ତାକୁ ଟିକିଏ ଲାଜଲାଜ ଲାଗିଲା । ଅଜାଣତରେ ତା' ମନର ଭାବ ମୁହଁରେ ବୋଧେ ଟିକିଏ ପ୍ରତିଫଳିତ ହେଇଯାଇଛି । ଆଉ

ସର୍ବଟା କିଏ ଦେଖିଥିବ ? ଇସ୍, କି ଲାଜର କଥା । ତରତରରେ ଉଠି ସେ ଠିଆ ହେଲା । ଘଣ୍ଟାକ ପରେ ଗୋଟାଏ କ୍ଲାସ ଅଛି, ବସା ତ ପାଖ । ସେ ଗଗଲସ୍ ପିନ୍ଧି, ହାତବ୍ୟାଗ୍ ଧରି, ଜୋତା ମସ୍‌ମସ୍ କରି ବସାକୁ ଚାଲି ଆସିଲା ।

ବସାରେ—ସୋଫାରେ ଯାଇଁ ଟିକିଏ ବସିଲା । ଫ୍ୟାନ୍ ଦେଲା । ଅଳସ ଭାଙ୍ଗିଲା । ପୁଣି ଉଠି ଏଣିକି ତେଣିକି ଚାହିଁ କବାଟ ବନ୍ଦ କଲା । ଭିତରୁ ଖିଲି ଦେଲା । ଟେବୁଲ୍ ପାଖକୁ ଯାଇଁ ବ୍ୟାଗ୍ ଭିତରୁ ଚିଠିଟି କାଢ଼ିଲା । ଗୋଟାଏ ମୋଟା ବହି ଭିତରେ ରଖି ପୁଣି ଥରେ ଚିଠିଟିକୁ ପଢ଼ିଲା—ଗୋଟିଏ ଧ୍ୟାନରେ, ଗୋଟିଏ ଲୟରେ । ମା'ଙ୍କୁ ବି ଜଣେଇ ଦେବାକୁ ଚାହେଁ ନାହିଁ ଯେ ସେ ଚିଠି ପଢ଼ୁଛି ! ମୋଟା ଇଂରେଜୀ ବହିଟି ଏକ ସୁନ୍ଦର ଆବରଣ ।

ତଥାପି କୁହୁଡ଼ି ଛାଡ଼ି ନାହିଁ । ମୋଟା କୁହୁଡ଼ି ଘୋଡ଼ି ରହିଛି ଆକାଶ ସାରା । ସୂର୍ଯ୍ୟ ନାଁକୁ ମାତ୍ର ଉଇଁଛନ୍ତି । ଯେମିତି ଇଂରେଜୀ ପାଠ, ସେମିତି ଇଂରେଜୀ ଦେଶ । ସବୁଦିନେ ପାଗ ଖରାପ । ଝିପିଝିପି ବର୍ଷା । ଧୂଆ ସୂର୍ଯ୍ୟର ସରଳଆ ଚକ୍‌ଚକ୍ ରଙ୍ଗୀନ୍ ତେଜ କାହିଁ ମିଳିବ ?

ଚିଠି ପଢ଼ା ସରିଲା । ଏ ଥରକ ଚାରିପୃଷ୍ଠା ଚିଠିଟିକୁ ଭାଙ୍ଗିଭୁଙ୍ଗି ଲଫାପାରେ ଭରି ହ୍ୟାଣ୍ଡବ୍ୟାଗ୍‌ରେ ରଖିଲା ନାହିଁ, ଥାକ ଉପରେ ଥିବା ଚମଡ଼ା ସୁଟ୍‌କେଶ୍ ଖୋଲି ଗୋଟିଏ ଶାଢ଼ୀ ଭାଙ୍ଗ ଭିତରେ ରଖିଦେଲା । ସୁଟ୍‌କେଶ୍ ବନ୍ଦ କଲା । ଆସି ସୋଫା ଉପରେ ବସିଲା ।

—ନା ସତକୁ ସତ ତା'କୁ ଭୁବନେଶ୍ୱର ଯିବାକୁ ହେବ, ଡି. ପି. ଆଇଙ୍କୁ କହିବାକୁ ହେବ ବଦଳି ପାଇଁ । ଯେତେ ଶୀଘ୍ର ବଦଳି ହୁଏ ମଙ୍ଗଳ । ତା' ନ ହେଲେ ଏ ପାଗଳ, ଭାବପ୍ରବଣ, ବାଉଳା ଯୁବକ ଖାଲି ଚିଠି ଲେଖି ଲେଖି ସନ୍ତୁଷ୍ଟ ହେବ ନାହିଁ । ଯେତେ ଅବଜ୍ଞା କଲେ ବି ଦିନେ ସଶରୀରରେ ଆସି ପହଞ୍ଚିବ ଏଇ ଜୟପୁରର ପର୍ବତ ଉପରେ । ନା କଳାହାଣ୍ଡି ତା'କୁ ଅଟକେଇ ପାରିବ ନା ଏ ଜୟପୁରର ଆଠ-ମାସିଆ ଟୁପ୍‌ଟାପ୍ ବର୍ଷା ତା'କୁ ବାଧା ଦେଇ ପାରିବ । ବରଂ ଏ କ୍ଷେତ୍ରରେ ଅବଜ୍ଞା ଯେତିକି, ବାଧା ଯେତିକି, ଆଗ୍ରହ ବଢ଼େ ସେତିକି ।

ଜଣେ କିଏ କହିଥିଲେ ପରା—ପାଇଲା ଠାରୁ ନିରାଶ କିଛି ନାହିଁ । ଆଉ ନ ପାଇଲେ ଆଶା କ'ଣ କମ୍ ବଢ଼େ ? ବରଂ ନ ପାଇଲେ ନିଆଁରେ ଘିଅ ପଡ଼ିଲା ଭଳି ଆଗ୍ରହ, ଉତ୍କଣ୍ଠା, ବିରହ ହୁ ହୁ ହୋଇ ଜଳି ଉଠେ । ନ ପାଇବାହିଁ ପ୍ରେମ, ପାଇବାହିଁ ମୃତ୍ୟୁ !

ତେଣୁ ତା'କୁ ବଦଳି ହେବାକୁ ହିଁ ହେବ । ଏ ସ୍ଥାନ ଛାଡ଼ିବାକୁହିଁ ହେବ । କିନ୍ତୁ ସେ ଛ ଡେରି ହୋଇପାରେ ! କିଏ ଜାଣେ, ଏତେ ଆକୁଳ ପ୍ରାର୍ଥନା, କାତର ଅଶ୍ରୁ ପରେ ଭକ୍ତ ହୁଏତ କାଲି ସକାଳେ ଆସି ସିଂହଦ୍ୱାରରେ ମଥା ପିଟିପାରେ । ନାନା ଅଶୋଭନୀୟ ପରିସ୍ଥିତି ଉପୁଜିପାରେ । ଏ ଶ୍ରେଣୀର ଲୋକ ବଡ଼ ଲଜ୍ଜାହୀନ । ନା ସେମାନଙ୍କର ସମାଜରେ ଗୋଟାଏ ଷ୍ଟାଟସ୍ ଅଛି ନା ଅଛି ଗୋଟାଏ ଆତ୍ମମର୍ଯ୍ୟାଦା, ଆତ୍ମସମ୍ମାନ ଜ୍ଞାନ ! ଜ୍ଞାନର ଗରିମା ନଥିଲେ ଗାମ୍ଭୀର୍ଯ୍ୟ ଆସେ ନାହିଁ । ଆଉ ସୌନ୍ଦର୍ଯ୍ୟ ବା ଆସିବ କାହିଁ ? ବିନୟ, ନମ୍ରତା, ଶିଷ୍ଟାଚାର, ସୌଜନ୍ୟ, ନାରୀ ପ୍ରତି ସମ୍ମାନ ଏମାନଙ୍କର କିଛି ନାହିଁ ।

କଥାଟା ଅବଶ୍ୟ ଟିକିଏ ଶ୍ରୁତିକଟୁ ହୋଇପାରେ, କିନ୍ତୁ ଏଇ ଶ୍ରେଣୀର ଲୋକ ଟିକିଏ ଲଘୁ—ଖୋଲାଖୋଲି କହିଲେ ଲୋ-ଫା-ର୍ !! ଶଗଡ଼ ବୋଝେଇ ଥିଲେ ଭଲ ଚାଲେ । ଖାଲି ଶଗଡ଼ ଧଡ଼ଧଡ଼ ହୁଏ । ଏମାନଙ୍କ ଭିତରେ ମସଲା ତ କିଛି ନାହିଁ—ବିଦ୍ୟାଶୂନ୍ୟ ଭଟ୍ଟାଚାର୍ଯ୍ୟ—ଖାଲି ଏଇ ଫୁର୍ତ୍ତି, ଫାଜିଲାମି, ହେଁ ହେଁ ହୋଇ, ଗୁଡ଼ାଏ ଆଡ଼ୁସାଡ଼ୁ, ଆବୁରୁ ଜାବୁରୁ ଦରହଜମି, ବଦହଜମି ଓଡ଼ିଆ, ବଙ୍ଗଳା, ଇଂରେଜୀ, ସଂସ୍କୃତର ଖେଚେଡ଼ି, ନଇଲେ ଝିଅଙ୍କ ପଛରେ ଗୋଡ଼େଇବା, ସୁସୁରି କାଟିବା, 'ସାବ ! ସାବ ! ···ଏ ଟଠିଠା ଆଉ କ'ଣ ଯେ ? 'ସାବ ! ସାବ ! ତୁ ତ ମୋର ନାଲିପାନ ବିବି'ର ଏକ ରିଫାଇନ୍ଡ୍, କଲଚର୍ଡ୍, ସୁଗାର-କୋଟେଡ୍ ସଂସ୍କରଣ ତ ! ମୁଁ ତ କହିବ ଇଉଫିମିଜିମ୍‌ର ଏ ଏକ ନୂଆ ଟେକ୍‌ନିକ୍ !

କମ୍ପା ଉଷାକୁ ପରାସ୍ତ କରିବା ପାଇଁ ଜୟନ୍ତ ସୁନା ପଦ୍ମ ଫିଙ୍ଗିଲା ଭଳି ତୂଣୀରରୁ ଏ ଏକ ଅଭିନବ, ଅବ୍ୟର୍ଥ ଶର । କାଉ ଥଣ୍ଟରୁ ମାଂସ ଖଣ୍ଡିକ ଖାଇବା ପାଇଁ ବିଲୁଆ କହିଥିଲା ନା—ଆଃ, ତୁ କି ସୁନ୍ଦର ଗୀତ

ଗାଉ । ନଟବୋଧ୍ୟ କାଉ ଗୀତ ଗାଇ ଉଠିଲା, ଚତୁର ଶୃଗାଳ ମାଂସ ଖଣ୍ଡକ ନେଇ ଚମ୍ପଟ ଦେଲା । ଏ ଧୂର୍ତ୍ତତା ଲ୍ୟାଙ୍ଗ୍ଲାଣ୍ଡ୍ ବର୍ଣ୍ଣନା କରିଥିଲେ ଛ’ ଶହ ବର୍ଷ ତଳେ । ଆଉ ଆଜି ତା’ ମୋ’ର ଉପରେ ପ୍ରଯୁଜ୍ୟ ??

ଚିନ୍ମୟୀ ଉଠି ଠିଆ ହେଲା’.– ନା ସେ ଆଜି ନିଶ୍ଚୟ ଦୁଇମାସ ଛୁଟି ପାଇଁ ଦରଖାସ୍ତ ଦେବ ଏବଂ ଖୁବ୍ ଶୀଘ୍ର ଏ ସ୍ଥାନ ଛାଡ଼ି, ଓଡ଼ିଶା ଛାଡ଼ି ଚାଲିଯିବ ଲୁଧିଆନା—ତା’ ଡାକ୍ତର ଭାଇଙ୍କ ପାଖକୁ । ସେକ୍ସପିୟର କହିଥିଲେ ନା—ବାତୁଳ, ପ୍ରେମିକ ଓ କବି ଗୋଟିଏ ଶ୍ରେଣୀର । ଏମାନେ ସବୁବେଳେ ସ୍ୱପ୍ନରେ ଭାସୁଥାଆନ୍ତି । ଭାସୁଥାଉ ସେ ସ୍ୱପ୍ନରେ । ଚିନ୍ମୟୀ ଟିକେ ବାସ୍ତବବାଦୀ । ବାସ୍ତବତା ଭିତରେ ରହି ସାଧନା କରି କରି ସେ ଏତେ ଉଚ୍ଚକୁ ଉଠିଛି । ସେ କେବେ କଳ୍ପନା ବିଳାସୀ ହୋଇପାରିବ ନାହିଁ । ଚେନାବ୍ ନଦୀ କୂଳରେ ବସିବସି, ଭାଉଜଙ୍କ ହାତ ପରସା ଖାଇ ସେ ପୁଣି ସାଧନାରେ ବୁଡ଼ିଯିବ । ପି.ଏଚ୍.ଡ଼ି. ଶେଷ କରିବ । ତା’ପରେ ଚେଷ୍ଟା କରିବ ଅକ୍ସଫୋର୍ଡ଼ ଯିବାକୁ– ଯାହା ତା’ ଜୀବନର ଚରମ ଲକ୍ଷ୍ୟ, ଯାହା ତା’ର ସବୁ ଗୌରବ, ସୌରଭ ଆଉ ଆତ୍ମା, ଆଉ ଯୋଉଠି ଫୁଟିଛି ତା’ ଜୀବନ ଉଦ୍ୟାନର ଶ୍ରେଷ୍ଠ କୃଷ୍ଣଚୂଡ଼ା ।

ଚିନ୍ମୟୀ ଉଠି ଠିଆ ହେଲା । ଆଖିରେ ଗୋଟାଏ ଦୃଢ଼ତା, ନିଶ୍ଚିତତା ସ୍ପଷ୍ଟ ଦେଖା ଯାଉଥିଲା । ମୋଟା କଳା ଗଗ୍‌ଲସ୍‌ଟା ପିନ୍ଧି ଗୋଟାଏ ରିକ୍ସାରୁ ଠାଣିରେ ସେ ପୁଣି କଲେଜ ଆଡ଼କୁ ଚାଲିଲା ।

ପ୍ରାନ୍ତ

ପୁଣି ଶନିବାର । ପୁଣି ରାତି ଏଗାର । ଗ୍ରୀଷ୍ମ ଶିକ୍ଷା ଶିବିର ପରେ, ଛ’ ସପ୍ତାହ ରହଣି ପରେ ଏଇ ରାତି ଏଗାରଟାରେ ପ୍ରଦୀପ ବିଦାୟ ନେଇଥିଲା ଚିନ୍ମୟୀ ଠାରୁ । ଆଃ, ସେ କି କରୁଣ ମୁହୂର୍ତ୍ତ ! ଦୁହେଁ ଠିଆ ହୋଇଥିଲେ ମହିଳା ଛାତ୍ରାବାସର ବାରଣ୍ଡା ଉପରେ । ଦୁହେଁ ଚୁପ୍‌ଚାପ୍ । ଅନେକ କ୍ଷଣ ପରେ । କଥା ଭୁଲେଇବା ପାଇଁ ପିଲାଙ୍କ ଭଳି ଛନ୍‌ଛନ୍

ହୋଇ ଚିନ୍ମୟୀ କ'ଣ ଗୋଟାଏ କହିଲା, ପ୍ରଦୀପ କିନ୍ତୁ ଏତେ ବିହ୍ୱଳ ହୋଇ ଉଠିଥିଲା ଯେ ସେ କିଛି ଉତ୍ତର ଦେଇପାରିଲା ନାହିଁ । ତା' ମୁହଁକୁ ଚାହିଁ ବି ପାରିଲା ନାହିଁ । ଖାଲି କଇଁ-କଇଁ ହୋଇ କାନ୍ଦି ଉଠିଲା ।

ଗଭୀର ଅନ୍ଧକାର । ଚାରିଆଡ଼ ନୀରବ, ମନ୍ଥର, ନିସ୍ପନ୍ଦ, । ପ୍ରଦୀପର ଇଚ୍ଛା ହେଲା ମୁଣ୍ଡ ଟେକି ଥରେ ଚିନ୍ମୟୀ ମୁହଁକୁ ଚାହିଁବାକୁ, ଆଖିରେ ଆଖି ରଖି ଲୁହରେ ପୃଥିବୀକୁ ପ୍ରଳୟ କରିଦେଇ ଶେଷ ବିଦାୟ ନେବାକୁ । କିନ୍ତୁ ହାୟଃ, କ'ଣ ହେଲା, ଟିକିଏ ମୁଣ୍ଡ ବି ଟେକିବାକୁ ସାହସ ହେଲା ନାହିଁ, ବଳ ପାଇଲା ନାହିଁ । ହୃଦୟରେ ଭାବପୂର୍ଣ୍ଣ ହୋଇଗଲେ ମଣିଷ ଏମିତି ମୂକ ହୋଇଯାଏ ! ଚିନ୍ମୟୀ ଖାଲି ସ୍ଥାଣୁ ହୋଇ ଠିଆହୋଇ ରହିଲା । ଆଉ ସେହି ସ୍ୱର୍ଣ୍ଣ ପ୍ରତିମାଟିର କନକ ଚରଣ ଦୁଇଟିକୁ ଚାହିଁଚାହିଁ ଅଶ୍ରୁରେ ଅନ୍ଧ ହୋଇ ଧୀରେ ଧୀରେ ତଳକୁ ଓହ୍ଲାଇ ଆସିଲା ପ୍ରଦୀପ । ଅନ୍ଧକାରରେ ଲୀନ ହୋଇଗଲା ।

ସେଇ ରାତି ଏଗାରଟା । ସେତିକିବେଳେ ସେ ଚିଠି ଲେଖେ । ଆଜି ବି ଆରମ୍ଭ କରିଛି—

ରାଣୀଟିଗୋ,

'ତୁମେ ଲେଉଟିଲ ନାହିଁ
କେତେ ରାତି ତାରି ଗୁମ୍ଫରେ ମଲିଣି ତୁମ ବାଟ ଚାହିଁଚାହିଁ' ।

ସେଇ ଯମୁନା ଅଛି, ବୃନ୍ଦାବନ ଅଛି, କଦମ୍ବ ତରୁ ଅଛି, ମୋହନ ବଂଶୀ ଅଛି, ଅଥଚ ତୁମେ କୋଉ ଚନ୍ଦ୍ରଶେଖର ପୁରରେ ବନ୍ଦୀ ହୋଇ ରହିଲ ଯେ ଏ କାହାରି ଆକର୍ଷଣ ତୁମକୁ ଲାଗୁ ନାହିଁ ? ହେଇ ଲଳିତା, ବିଶାଖା, ବୃନ୍ଦା, ସୁବଳ, ସୁଦାମ, ମଧୁମଙ୍ଗଳ ସମସ୍ତେ ଆସିଲେଣି, ଗୀତ ଗାଇଲେଣି, ବଂଶୀ ବାଇଲେଣି, ମୟୂର ପୁଚ୍ଛ ଧରି ନୃତ୍ୟ ଆରମ୍ଭ କଲେଣି, ଘନଘନ ଶିଙ୍ଗା ଫୁଙ୍କୁଛି ସୁବଳ —କାହିଁ ତୁମ କାନରେ ପଡୁନାହିଁ ? ତୁମେ କୋଉ ନିଦୋଉ ନିଦରେ ଶୋଇ ପଡ଼ିଲ ଧନ, ଏ ତାଳ, ତମାଳ, ବକୁଳ, ନାରିକେଳ, ଏ କାକ, କୋକିଳ, ପିକ, ଶାରିକା, ଏ ଗୋଷ୍ଠବାହୁଡ଼ା ବେଣୁସ୍ୱନ, ଏ ଛଳଛଳ କଳକଳ ଯମୁନା ନଈ, ଏ କାଳନ୍ଦୀ ହ୍ରଦ, ଗିରି ଗୋବର୍ଦ୍ଧନ, ଏ ଯଶୋଦାମାଆଙ୍କ ସର ଲବଣୀ —କିଛି ତୁମର ମନେ ପଡୁ ନାହିଁ ? ପଡୁ ନାହିଁ ?

ମାନିନୀ ଗୋ ! ମାନ କରିଛ ? ଏ ନବଘନ, କଳାକାଇଁଚ, ହଟିଆ ନାଗର ଶ୍ୟାମ ଉପରେ ସିନା ରାଗ, ତମ ପ୍ରିୟ ସଖୀ ଲଳିତା, ପ୍ରିୟସଖା ମଧୁମଙ୍ଗଳ— ତାଙ୍କ ଉପରେ କ'ଣ ରାଗିଛ ? ମଧୁକଣ୍ଠଙ୍କୁ ତ ଦିନେ ନ ଦେଖିଲେ ପାଗଳ ହୋଇ ଯାଉଥିଲ, ଆଜି ଲଳିତା କାନରେ ତ ସବୁବେଳେ ଫୁସୁଫୁସୁ, ଫୁସୁଫୁସୁ । କ'ଣ କେଜାଣି ତମ ମନ କଥା ବୁଝିଲେ ନାହିଁ ? କେଜାଣି ତମ ମାନ ଭାଙ୍ଗିବା ପାଇଁ ଶ୍ୟାମ ପାଖରେ ଯାଇଁ ଅଳି କଲେ ନାହିଁ ? ବେଶ୍, ତା'ହେଲେ ଶ୍ୟାମ ନିଜେ ଯାଇଁ ନାପିତାଣୀ ବେଶ ଧରି ତମ ନବର ପାଖରେ ପହଞ୍ଚିବେ । ତମ ଶ୍ରୀଚରଣ ଦୁଇଟିକୁ ଆଣ୍ଠୁ ଉପରେ ରଖି ରଂଜମା ହସ୍ତରେ ତମ ନଖ ମାଜିଦେବେ, ଲାକ୍ଷା ରଂଜି ଦେବେ । ତମେ ଅତି ପୁରାତନ ଝିନାବାସ ପିନ୍ଧି ଶ୍ୟାମଙ୍କ ଆଗରେ ଆସି ଉଭା ହେବ ତ ? ପଦ୍ମ ପଲାଶ ପାଦ ଯୋଡ଼ିକ ବଢ଼ାଇ ଦେବ ତ ଶ୍ୟାମଙ୍କ ରୁକ୍ଷ ହସ୍ତକୁ ? ଆଉ ସେଇ ପାଦ ଯୋଡ଼ିକ ଉପରେ ଯଦି ଶ୍ୟାମ ମଥା ରଖି ଧାରହିଏ ଅଶ୍ରୁ ଝରାଇ ଦେବେ, ତା'ହେଲେ ଅଭିମାନ ଭାଙ୍ଗିବ ? ତା'ହେଲେ ଅବଗୁଣ୍ଠନ ଖୋଲି ଅଭିସାରିକା ସାଜି ରହିବ ଥରେ ଅଧୋ-ବଦନରେ ? ଆଉ ଦୁଷ୍ଟ ଶ୍ୟାମ ଯଦି ଅଝଟ କରି କ'ଣ ଗୋଟାଏ ମାଗନ୍ତି ? ଏଇ ଧର ଚୁମ୍ବନ, ଆଲିଙ୍ଗନ......

'ଆଉ, ଆଉ ଲେଖନ, କଣ୍ଠ ମାଗିବ ନାହିଁ କହି...

ଠାଇକିନା ଚମକି ପଡ଼ିଲା ପ୍ରଦୀପ—କିଏ ? କିଏ ଆସିଲା ଏ ଘର ଭିତରକୁ ? ଏ କା' କଣ୍ଠ ?? —ପ୍ରଦୀପ ଫେରି ପଡ଼ି ରହିଲା ।

ଆଗରେ ଚି-ନ୍ମ-ୟୀ ! ! !

ସ୍ତବ୍ଧ ! ଆଶ୍ଚର୍ଯ୍ୟ ! ଅଭିଭୂତ ! ଯ୍ୟା' ସମ୍ଭବ ? ଯ୍ୟା' ହୋଇ-ପାରେ ? ଧ୍ୟାନମଗ୍ନା, ଗୈରିକବସନା, ନଗାଧିରାଜତନୟା ଗୌରୀଙ୍କ ଆଗରେ ସ୍ୱୟଂ ଚନ୍ଦ୍ରମୌଳି !! ଆଲୁଳାୟିତକେଶା ଅନ୍ଧୁଣୀ ଗୋପା ଆଗରେ ଗୌତମ !! ସେ ସ୍ୱପ୍ନ ଦେଖୁନାହିଁ ତ ଆଉ ? ଏ ଓଡ଼ିଶା ନା କାଉଁରୀ କାମାକ୍ଷା ଦେଶ ? ଏ ପୃଥିବୀ ଠିକ୍ କକ୍ଷ ପଥରେ ଘୂରୁଛି ନା କକ୍ଷଚ୍ୟୁତ ହୋଇ ଖସିଯାଉଛି ଆଉ ଗୋଟାଏ ଗ୍ରହରେ ପିଟି ହୋଇ ଧ୍ୱସ୍ତବିଧ୍ୱସ୍ତ ହୋଇ-ଯିବାକୁ ?

ପ୍ରଦୀପ ଚାହିଁ ପାରିଲା ନାହିଁ, କିଛି କହିପାରିଲା ନାହିଁ, ଚଉକିରୁ ଉଠି ଠିଆ ବି ହୋଇ ପାରିଲା ନାହିଁ, ହସିହସି ଅଭିନନ୍ଦନ ଜଣାଇ ନମସ୍କାର ବି କରିପାରିଲା ନାହିଁ । ଚିନ୍ମୟୀ ହସିଲା । କହିଲା—ବିଶ୍ୱାସ ହେଉନାହିଁ ? ମୋ ଦେହରେ ହାତ ରଖି ଦେଖନ୍ତୁ, ଏଥିରେ ରକ୍ତ, ମାଂସ ହାଡ଼ ସବୁ ଅଛି—ଭୂତର ଦେହ ଭଳି ଖାଲି ପଞ୍ଜରାର ଗୋଟାଏ ଛାଇ ନୁହେଁ ।

ପ୍ରଦୀପ ଦେହରେ ଟିକିଏ ଚେତା ପଶିଲା ବୋଧେ । ଉଠି ଠିଆ ହେଲା । କିଛି କହିଲା ନାହିଁ, ଖାଲି ହାତ ବଢ଼େଇଲା ଗୋଟିଏ ଚଉକିରେ ବସିବା ପାଇଁ । ଚିନ୍ମୟୀ କିନ୍ତୁ ବସିବା ଆଗରୁ ଆଗ ହାତ ବଢ଼େଇ ଚିଠିଟିକି ନେଲା । ନିବିଷ୍ଟ ଚିତ୍ତରେ ପଢ଼ିଗଲା ମୂଳରୁ ଶେଷଯାକେ ।

କଲବିଜ୍‌ଙ୍କ 'କୁବ୍‌ଲାଖାଁ' ଅସଂପୂର୍ଣ୍ଣ ରହିଗଲା ତା'ହେଲେ ?... ଜଗନ୍ନାଥଙ୍କର ତା'ହେଲେ ହାତ ଗୋଡ଼ ସବୁ ହେଲା ଖଣ୍ଡିଆ ? ଶିଳ୍ପୀଙ୍କର ଶ୍ରୀମନ୍ଦିରରେ ମୃତ୍ୟୁ ! ରାଣୀ ଗୁଣ୍ଡିଚା ଏତେ ଅଧୀର ହୋଇ ଶ୍ରୀମନ୍ଦିରରେ ପ୍ରବେଶ କରିବା ତା'ହେଲେ ଉଚିତ ହୋଇ ନାହିଁ ? ବେଶ୍, ଗୁଣ୍ଡିଚାଙ୍କୁ ଶାସ୍ତି ମିଳୁ ।

ହସିହସି କହୁଥିଲା ଚିନ୍ମୟୀ । ନିର୍ବାକ୍ ହୋଇ ଚାହିଁ ରହିଥିଲା ପ୍ରଦୀପ ।

ଆରେ କିଛି କହୁ ନାହାନ୍ତି ଯେ । ଭେକ ଦେଖିଲେ ପିକ ବୋଧେ ନୀରବ ରହିଯାଏ ? ତା' ନ ହେଲେ କେତେ ଗୀତ, କେତେ ସ୍ତୋତ୍ର, କେତେ ପ୍ରାର୍ଥନା, କେତେ ମହାସମୁଦ୍ରର ଉତ୍ତାଳ ତରଙ୍ଗ ! ଏତେ କଥା ଆପଣଙ୍କୁ ଆସେ ? ଆପଣ ଶୁଖା ଗଛରେ ପତ୍ର କଅଁଳେଇ ପାରନ୍ତି ? ଆପଣ ମନ୍ତ୍ର ଜାଣନ୍ତି ? ବଶୀକରଣ ମନ୍ତ୍ର ? ପରୀକ୍ଷିତ ମହାରାଜ କ'ଣ ଆପଣଙ୍କଠୁଁ ମନ୍ତ୍ର ଶିଖି 'ଓଁ ତକ୍ଷକାୟ ସ୍ୱାହା' କହି ଡାକି ଆଣିଥିଲେ ତକ୍ଷକ ସାପକୁ ଅଗ୍ନିକୁଣ୍ଡକୁ ??

ପ୍ରଦୀପ ସାମାନ୍ୟ ଟିକିଏ ହସିଲା—ଥାଉ, ଆଗ କଫି ଖାଅ । ବସ୍‌ରେ ଆସି ମୁଣ୍ଡ ଗରମ ହୋଇଯାଇଛି ।

ପ୍ରଦୀପ ଉଠି ଯାଉଥିଲା କଫି କରିବାକୁ, ଚିନ୍ମୟୀ ଉଠିଲା । କହିଲା —ବସନ୍ତୁ । ଆପଣଙ୍କର ଯାହା ଅବସ୍ଥା ନା ଆପଣ କଫି କଲେ ଚିନି ନ ପକେଇ ଦି'ଗ୍ରାମର ଲୁଣ ପକେଇଦେବେ । ବରଂ ଆପଣ ବସନ୍ତୁ । ମତେ ଷ୍ଟୋଭ୍ ଜଳେଇ ଆସେ, କଫି କରି ଆସେ । କିନ୍ତୁ ଏ ଚିଠିଟା ଶେଷ କରି ଆସେନି । ବସିବସି ଏ ଚିଠିଟା ଶେଷ କରି ଦିଅନ୍ତୁ ନା ।

ପ୍ରଦୀପ କରୁଣ ନୟନରେ ତା'କୁ ଚାହିଁଲା—ତମେ କଫି କରିବ ? ଏତେ ବଡ଼ ଏମିନେଣ୍ଟ ସ୍କଲାର୍...

ସ୍କଲାର୍ ଆଉ କ'ଣ ଭାତ ଖାଆନ୍ତି ନା କଫି ପିଅନ୍ତି ନା ଘରଦ୍ୱାର୍ କାମ କରନ୍ତି ?

ପ୍ରଦୀପ ଆଉ କ'ଣ କହି ଆସୁଥିଲା, ଚିନ୍ମୟୀ କିନ୍ତୁ ଅପେକ୍ଷା ନ କରି ଆଉ ଘରକୁ ଚାଲିଗଲା । ଶାଢ଼ୀ ବଦଳେଇ କଫି କରିବାକୁ ବସି-ପଡ଼ିଲା ଷ୍ଟୋଭ୍ ପାଖରେ ।

ଏଇ ଚିନ୍ମୟୀ ??

ଏଇ ରାଣୀ ? ରାଈ ? ପ୍ରେମିକର ସ୍ୱପ୍ନ ? ତରୁଣର ଉନ୍ମାଦନା ?

ଏଇ ଘନ ଜଙ୍ଗଲର ମୃଗନାଭି କସ୍ତୁରୀ ?

ଏହାରି ପାଇଁ ଆକାଶରେ ସହସ୍ର କୃଷ୍ଣଚୂଡ଼ା ଫୁଟିଉଠେ ?

ପ୍ରଦୀପ ଖାଲି ଭାବୁଥିଲା, ଭାବୁଥିଲା । ମାଛ ପେଟରୁ ବାହାରିଥିବା ସୁନା ମୁଦିର ବିନିମୟରେ ଶହେଟି ସ୍ୱର୍ଣ୍ଣ ମୁଦ୍ରା ଯେତେବେଳେ ଉପହାର ଦେଲେ ଦୁଷ୍ମନ୍ତ, କେଉଟ ବୁଝିପାରିଲା ନାହିଁ ଏ ଉପହାର ନା ଉପହାସ ! ପ୍ରଦୀପ ସେଇଆ ଭାବୁଥିଲା – ଏ ପ୍ରେମ ନା ଛଳନା ? କ୍ଲାସରେ ସବୁ ଦିନେ ଫେଲ୍ ହେବା ପିଲା ଆଜି ଫାଷ୍ଟ୍ ହେଲା କେମିତି ?

ଆଖିର ସରୁ କଜଳ ଧାରଟି କାନ ଆଡ଼କୁ ସାମାନ୍ୟ ଲମ୍ବି ଯାଇଥିଲା । ଯାଉଁ ଯାଉଁ କୁଣ୍ଠିତ ପଦରେ ଅଟକି ଯାଇଥିଲା ବାଟରେ । ଲମ୍ବ ବେଣୀ ନିତମ୍ବ ଛୁଉଁଥିଲା । କେତୋଟି ଚୂର୍ଣ୍ଣ କୁନ୍ତଳ ଖେଳି ବୁଲୁଥିଲା କପାଳ ଉପରେ । ଧରଣୀ ରଙ୍ଗର ବ୍ରାସୋ ଶାଢ଼ୀ ଅଙ୍ଗ ମଣ୍ଡିଥିଲା ।

ପାଦରେ ରକ୍ତ ରଙ୍ଗର ଅଳତା । ତଳେ ଦାମି କଳା ଚପଲ । ଉପରେ ଗୁଦ୍ଧର ପାଉଁଜ । ଶାଢ଼ୀର ଅଗ୍ରଭାଗ ଅଣ୍ଟାରେ ଗୁଡ଼େଇ ଦୁଇ କପ୍ କଫି ଧରି ହସହସ ମୁହଁରେ ଆସି ପହଞ୍ଚିଲା ଚିନ୍ମୟୀ ।

ନିଅନ୍ତୁ । କଫି ଭଲ ଲାଗିବ ନାହିଁ ବୋଧେ, କାରଣ ଗୋପ-ଦାଣ୍ଡର ରାଧା ଗଉଡ଼ୁଣୀକି କ'ଣ କଫି କରି ଆସେ ?

ପ୍ରଦୀପ ଗୁହିଁଲା । କିଛି କହିଲା ନାହିଁ ।

ନା ପଠାଉଣୀ ମମ୍ତାଜ୍ କେବେ ନିଜ ହାତରେ ଗନ୍ଧ ପରଶିଥିବେ ସାହାଜାହାନଙ୍କୁ ନା ଖିରସ୍ଥାମା ଜୁଲିଏଟ୍ କେବେ କେକ୍, ପୁଡ଼ିଂ କରି ଖୁଆଇଥିବ ରୋମିଓଙ୍କୁ ?

ଚିନୁ !

ଚିନୁ ? ମୋ ନାଁ କ'ଣ ଆଉ ଚିନୁ ଅଛି ? ମୁଁ ଏବେ ଜେଲାଝିଅ, ରଜାଝିଅ, କୁହୁକ ବାଇକର ଚଢ଼େଇ । ମୁଁ କଣ୍ୱ ଆଶ୍ରମର ଶକୁନ୍ତଳା ।

ମୁଁ ଇରାନୀ କିଶୋରୀ
ଗୋଲାପ ମୁଖ ମୋର ନହୁଏ ପାଶୋରି ।

ଚିନୁ !!

କାହିଁକି ମୁଁ ସିନା କବି ନୁହେଁ, ମୁଁ ତ ସାହିତ୍ୟ ଶ୍ରେଣୀର ଛାତ୍ରୀ । ମତେ କବିତା ଆସିବ ନାହିଁ ? ଆପଣ ଯାହା ଛାଡ଼ିଗଲେ, ମୁଁ ପୂରଣ କରିଦିଏ । ଏଇ ଧର...

ଆପଣ କେଦାର, ମୁଁ ଗୌରୀ ।

ଆପଣ ଉପଗୁପ୍ତ, ମୁଁ ବାସବ ଦତ୍ତା ।

ଆପଣ ପୁରୁରବା, ମୁଁ ଅନନ୍ତଯୌବନା ଉର୍ବଶୀ ।

କିମ୍ବା ଆପଣ ଆକାଶର ପକ୍ଷୀ, ମୁଁ ହୁଥିବାର ମାଇଲ ମାଇଲ ଧରି ଫାଟି ପଡ଼ୁଥିବା ସୋରିଷ ଫୁଲର କ୍ଷେତ ।

ନଇଲେ ଆପଣ ନେଗ୍ରୋକଲା ମଣିଷଟିଏ, ମୁଁ ଆଳୁଏ ଲାଲ୍ ଟକ୍‌ଟକ୍ କଟା ବାଇଗଣ ପଟଳର ଆମ୍ବ, ନଇଲେ ହାଣ୍ଡିଏ କେନ୍ଦ୍ରାପଡ଼ାର ରସାବଳୀ, ନଇଲେ ଗ୍ଲେଟ ରସଗୋଲାଙ୍କୁ କଲିକତା ସନ୍ଦେଶ ।

ନଇଲେ ଆପଣ ଜଣେ ତେଲୁଗୁ ଭଦ୍ରଲୋକ, ମୁଁ ଦୋଷେ ଚିନ୍ତାପାଣ୍ଡୁ, ମିରପିକାଇଲୁ, ଉପୁ·····

ହୋ ହୋ ଠୋ ଠୋ ହୋଇ ହସି ଉଠିଲେ ଦୁ'ଜଣ । ହସିହସି ଗଡ଼ପଡ଼ିଲା ଚିନ୍ମୟୀ । ପ୍ରଦୀପ ହସ ସମ୍ଭାଳି ନେଇ ଧାନ୍ଦରେ କଲମ କାମୁଡ଼ି ମୁରୁକି ମୁରୁକି ହସି ଚିନ୍ମୟୀ ମୁହଁକୁ ଚାହିଁଲା ।

ମଲା ଯା,' କହି ଏକାବେଳକେ ଅଣ୍ଡା । ଖାଆନ୍ତୁ ନା । ମୋ ମୁହଁକୁ କ'ଣ ଚାହିଁଛନ୍ତି ? ମୁଁ ଏତେ ଦୂରରେ ଥାଇଁ ତ ଆପଣ ଏତେ ପ୍ରେମ୍‌ରେ ପଡ଼ଗଲେ, ଆଉ ମତେ ପାଖରେ ବସେଇ ମୋ ମୁହଁକୁ ଏମିତି ଚାହିଁଲେ ନା ଆପଣ ଗୋପାଳ ପାଲଟି ଯିବେ ଆଉ ମୁଁ ବେଲେଶ୍ୱର ମହାପାତ୍ରଙ୍କ କନ୍ୟା ଲକ୍ଷ୍ମୀ ହୋଇ ଦି'ଦିନେ ମରିଶୋଇବ ।

ଚିନ୍ମୟୀ ହସିଲା । ପ୍ରଦୀପ ଗମ୍ଭୀର ହେଲା । ଧୁହେଁ କହି କପ୍‌ରେ ଓଠ ଲଗାଇଲେ ।

ଅନେକ କ୍ଷଣ ପରେ । ପ୍ରଦୀପ ଅନ୍ୟମନସ୍କ ହୋଇ କହିଲା—କିନ୍ତୁ ······ହଠାତ୍ ·····

ଆପଣ ଜାଣନ୍ତି ଓଡ଼ିଶା ତନ୍ତ୍ରର ଦେଶ ? ଓଡ଼ିଶା ନଦେଇ ଧୋବଣୀ, ପିତେଇ ଶଙ୍ଖଚୁଡ଼ିର ଦେଶ ? ଏଠି ଲୋକେ ଏବେ ବି କାଳୀ ସାଧନା କରନ୍ତି । କଳା କଟିକଟି ଅମାବାସ୍ୟା ରାତିରେ ଭୟଙ୍କର ଶ୍ମଶାନକୁ ଯାଇଁ ମଡ଼ା ଓଲଟାଇ ମଡ଼ା ଛାତିରେ ବସି ନିଜ ଆଙ୍ଗୁଠି କାଟି ରକ୍ତ ଦେଇ କାଳୀଙ୍କୁ ପୂଜା କରନ୍ତି । ତା'ପରେ ପୂଜାରେ ସନ୍ତୁଷ୍ଟ ହୋଇ କାଳୀ ଯେତେବେଳେ କାଳକଳା ରଡ଼ି ଛାଡ଼ି, ଚତୁର୍ଦ୍ଦିଗ ପ୍ରକମ୍ପିତ କରି ଆସି ପହଞ୍ଚନ୍ତି, ସେତେବେଳେ କ'ଣ ଭକ୍ତ ପାଖରେ କାହିଁକି ଆସିଲେ ?···

ପ୍ରଦୀପ ହସିଲା । କହିଲା—ତମେ କାଳୀ ?

କ'ଣ କରିବ ? ଗୋଷ୍ଠ ହେଇଚ ଏତେ ଦଶା । ଲକ୍ଷେ ଉପମା ଦେଇଦେଲେ । ଏଥର ହେଲେ କାଳୀ ହୁଏ । ନ ହେଲା ଖୁବ୍ ବେଶୀ କହିବେ—'ତନ୍ୱୀ, ଶ୍ୟାମା, ଶିଖରଦଶନା……

ପ୍ରଦୀପ କରକର ହସିଲା । କହିଲା—ନାଇଁ, ଥଟ୍ଟା ନାଇଁ, ହଠାତ୍ କେମିତି ପାଷାଣରୁ ପାଣି ଝରିଲା ?

ଫର୍ଡିନାଣ୍ଡକୁ ପରୀକ୍ଷା କରିବା ପାଇଁ ମିରାଣ୍ଡା ତା ହାତରେ ବୋଝେ କାଠ ଚିରେଇ ଥିଲା, ମନେ ଅଛି ? ବୋଝେ କାଠ ଚିରି ସାରିଲା ପରେ ମିରାଣ୍ଡା ତ ବଳେ ଫର୍ଡିନାଣ୍ଡ କୋଳକୁ ଡେଇଁ ପଡ଼ିବ ।

ଚିନୁ !

ପୁଣି ଡାକିଲେ ଚିନୁ ? ଲକ୍ଷେ ନାଁ ଦେଇ କୋଉ ନାଁ ମନକୁ ଆସିଲା ନାହିଁ, ପୁଣି ସେଇ ଚିନୁ ? କାହିଁକି ଅପା ଡାକିବେ ମର ? ଚିନି ଅପା ? ଡାକୁନା ? ହେଲେ ଅପା ଡାକିଲେ ଅପାର ବୋଲ ମାନିବାକୁ ପଡ଼ିବ । ବୋଲ ମାନିଲେ ଗାଲଗଜା, କଷି କାକୁଡ଼ି, ପିଜୁଳି, ଆଉ ନ ମାନିଲେ………କାନମୋଡ଼ା ?

କେବେ ତମ ବୋଲ ନ ମାନିଛି ? ବାହାରି ଯାଇଛି କଥାରୁ ?

ମାନିବେ ?—କରୁଣ ଆଖିରେ ଚିନ୍ମୟୀ ଚାହିଁଲା ।

ଚମକି ପଡ଼ିଲା ପ୍ରଦୀପ—କ'ଣ ତମେ କହୁଛ ? ତମେ ଶ୍ରୀକୃଷ୍ଣ ଛଦ୍ମବେଶ ସାଜି କର୍ଣ୍ଣର କବଚ କୁଣ୍ଡଳ ମାଗିବାକୁ ଆସି ନାହଁ ତ ? କୁହ, ମୁଁ ସବୁ ମାନିବି, ସବୁ ରଖିବି ଖାଲି ଗୋଟିଏ କଥା ଛଡ଼ା । ମୁଁ ତମକୁ ଛାଡ଼ି କେବେ ରହି ପାରିବି ନାହିଁ । ତମେ ମତେ ନେଇ ଯାଅ, ନେଇଯାଅ ।

ଚିନ୍ମୟୀ ସାମାନ୍ୟ ଟିକିଏ ହସିଲା । କହିଲା—ମୁଁ ସେଇକଥାହିଁ କହୁଛି । ମୋର ମୂଳ ଲକ୍ଷ୍ୟହିଁ ସେଇଆ । କିନ୍ତୁ ମୁଁ ଖାଲି ଏତିକି କହିବି, ଆମେ ଚିନାବାଦାମ ମୋଟେ ପାକଳ ନ ହେଉଁଣୁ ସାଙ୍ଗେ ସାଙ୍ଗେ ମାଟିରୁ ଖୋଳି ଖାଇବା ନା ପାକଳ ହେଲେ ତାକୁ ଆଣି ବାଲି ହାଣ୍ଡିରେ

ଘଞ୍ଜ, ଗ୍ଲେପା ଛଡ଼େଇ, ଚିନି ଘିଅ ଦେଇ ଦୋ'ପାଗି ଉଖୁଡ଼ା କରି ଖାଇବା ?

ପ୍ରଦୀପ ଆଶ୍ଚର୍ଯ୍ୟ ହୋଇ ଗୃହିଁଲା—କା'ଅର୍ଥ ?

ଅର୍ଥ ଏଇ ସମାଜ—ସମାଜରେ ଆମର ସ୍ଥାନ, ମର୍ଯ୍ୟାଦା, ଜାତିଗତ ବୋଧ........

ତା ମାନେ ?

ମାନେ ଭାବପ୍ରବଣତା ଆଉ ଆମର ପ୍ରେଷ୍ଟିଜ୍ ଦୁଇଟା ଅଲଗା କଥା । ହୃଦୟର ମୂଲ୍ୟ ଅଛି ମୁଁ ମାନୁଛି । କିନ୍ତୁ ବିଦ୍ୟା,ବୁଦ୍ଧି, ମସ୍ତିଷ୍କ, ସମାଜରେ ଷ୍ଟାଟସ୍, ପଦଗୌରବ, ଧନରତ୍ନ ଏ ସବୁକୁ ତ ଏକାବେଳେକେ ହସି ଉଡ଼େଇ ଦେଇ ହେବ ନାହିଁ । ଜଣେ ଗାଉଁଲି ମାଇନର ପଢ଼ା ଯୁବକ ଗୋଟିଏ ମଫସଲି ଝିଅକୁ ଭଲ ପାଇଲେ ତାକୁ ଆପଣ ପ୍ରେମ ବୋଲି କହିବେ । ଭଲ କଥା । କିନ୍ତୁ ଜଣେ ଏମ୍.ଡ଼ି ଡାକ୍ତର ବା ଏମ୍.ଟେକ୍ ଇଂଜିନିୟର ଗୋଟିଏ ଏମ୍.ଏ ପଢ଼ା ଝିଅକୁ ଭଲପାଇ ବିବାହ କଲେ ସେ ପ୍ରେମ କ'ଣ ବେଶୀ ଶୋଭନୀୟ ନୁହେଁ ? ବେଶୀ ଉଚ୍ଚତର, ମହତ୍ତର ନୁହେଁ ? ଉଭୟ ପ୍ରେମ—ଏଥିରେ ଦ୍ୱିରୁକ୍ତି ନାହିଁ । କିନ୍ତୁ ଗୋଟିଏ କଳିକା ଅବସ୍ଥାରେ ରହିଗଲା । ଅତି ବେଶୀ କଳିକାର ପାଖୁଡ଼ାଗୁଡ଼ିକ ଜବରଦସ୍ତି ଖୋଲି ଦିଆ ଯାଇଅଛି, ଅନ୍ୟଟି ପୂର୍ଣ୍ଣ ବିକଶିତ, ପ୍ରସ୍ଫୁଟିତ, ସୁରଭିତ......

ତମ କଥାର ଅର୍ଥ ତଥାପି ମୁଁ ବୁଝୁନାହିଁ । ତମେ କହୁଛ ହୃଦୟର ମୂଲ୍ୟ ନାହିଁ ? ପ୍ରେମର ମୂଲ୍ୟ ମପାଯାଏ ବିଶ୍ୱବିଦ୍ୟାଳୟର ଡିଗ୍ରୀରେ ? ସମାଜର ପ୍ରତିଷ୍ଠାରେ ? ଗୃହକାରେ ?

ନା, ଅସନ୍ତୁଷ୍ଟ ହୁଅନ୍ତୁ ନାହିଁ । ଆକାଶରେ ଉଡ଼ନ୍ତୁ ନାହିଁ । ମାଟିକି ଫେରି ଆସନ୍ତୁ । ବିବେକାନନ୍ଦ କହିଥିଲେ—ମନୁଷ୍ୟ ଅନ୍ତରସ୍ଥ ପୂର୍ଣ୍ଣତାର ପରିପ୍ରକାଶହିଁ ଶିକ୍ଷା । ଆଉ ଏହି ପୂର୍ଣ୍ଣତା କେବଳ ହୃଦୟର ବିକାଶରେ ହୁଏନାହିଁ, ବୁଦ୍ଧିର ବିକାଶ ବି ଲୋଡ଼ା । ମୁଁ ତ କହିବି ବୁଦ୍ଧିର ବିକାଶରେହିଁ ହୃଦୟର ବିକାଶ । ଶିକ୍ଷାର ଉଚ୍ଚତମ ଶୀର୍ଷକୁ ଗଲେହିଁ

ଅନ୍ତରରେ ଅନନ୍ତ ପ୍ରେମର ଉପ୍ଲୁତି । ତା' ନହେଲେ ତ ମୂଲିଆ ମୂର୍ଖମାନେ ଗାନ୍ଧୀ, ବୁଦ୍ଧ, ଚୈତନ୍ୟ ହେଇଥାନ୍ତେ । ତେଣୁ ବିଶ୍ୱବିଦ୍ୟାଳୟ ଡିଗ୍ରୀର ମୂଲ୍ୟ ନାହିଁ, ଯା' ଆପଣ କେମିତି କହିବେ ?

·····ଆଉ ସମାଜରେ ପ୍ରତିଷ୍ଠା କଥା ଯାହା କହିଲେ, ଏ ବସୁଧା ଦୁନିଆରେ ତା'କୁ ଏକାବେଳକେ ପାଦରେ ଆଡ଼େଇ ଦେଇ ହେବ ନାହିଁ, ଆମେ ଏ ସମାଜ ଛାଡ଼ି, ଜନବହୁଳ ଗ୍ରୁହ ଅଗଦାଅଗନ ବନସ୍ତକୁ ବା ହିମାଳୟର ଶିଖର ଦେଶକୁ ଚାଲି ଯାଇପାରିବା ନାହିଁ । କିମ୍ବା ଆକାଶ ଆଉ ସାଗର ଯୋଉଠି ଏକାଠି ହେଇଛି, ଯୋଉଠି ଜହ୍ନ ଉଇଁଲେ ବହଳିଆ ରୁପେଲି ପର୍ଦ୍ଦା ଥରଥର ପହଁରିଯାଏ ଢେଉ ଉପରେ, ସେଇଠି ଯାଇଁ ଗୋଟେ କୁଡ଼ିଆଟିଏ ରଚି ପାରିବା ନାହିଁ ବା ପକ୍ଷ ପିଟି ଦୁଇଟି ମୁକ୍ତ ବିହଙ୍ଗ ଭଳି ଉଡ଼ି ଯାଇପାରିବା ନାହିଁ ଅନନ୍ତ ଆକାଶ ବକ୍ଷରେ । ଏଇ ମାଟିରେ ରହିବା, ଏଇ ସମାଜରେ ଚଳିବା, ରକ୍ତମାଂସର ଦେହ ଧରି ଏଇ ଲୋକଙ୍କର ଦୁଃଖ, ସୁଖ, ଈର୍ଷା, ଅଭିମାନ ଭିତରେ ଆମ ଦୁଃଖ, ସୁଖ, ଈର୍ଷା, ଅଭିମାନ ମିଶେଇବା । ସେଥିପାଇଁ ଧନ ଦରକାର ନାହିଁ ? ପ୍ରତିଷ୍ଠା ଦରକାର ନାହିଁ ? ପଦଗୌରବ ଦରକାର ନାହିଁ ? ଆପଣ ଏମ୍.ଏ. ପାଶ୍ କରି ଅଧ୍ୟାପକ ହେଇଛନ୍ତି । ଗୃହ୍ୟଶହ ଟଙ୍କା ପାଉଛନ୍ତି । ପାନ ଦୋକାନଟିଏ କଲେ ପାଞ୍ଚ ଶହ ଟଙ୍କା ପାଇବେ । ଆପଣ ପାନ ଦୋକାନ କରିବେ ?? ଖାଲି ଖାଇପିଇ ମଣିଷ ବଞ୍ଚେ ନାହିଁ । ସମ୍ମାନ ଆମର ଦରକାର । ନିଶ୍ଚୟ ଦରକାର । ଆପଣ ତାକୁ 'ଇଗୋ' କୁହନ୍ତୁ, ଅହଙ୍କାର କୁହନ୍ତୁ, ଯାହା କୁହନ୍ତୁ ।

ତନୁ, ତମେ କେଉଁଆଡ଼କୁ ମତେ ଟାଣୁଛ ମୁଁ ତଥାପି ବୁଝୁନାହିଁ ; ତମେ କ'ଣ ମତେ କହୁଛ ମୁଁ ପୁଣି ଥରେ ବହିବସ୍ତାନି ଧରି ପଛ ବେଞ୍ଚରେ ବସି ଇଏସ୍ ସାର୍, ପ୍ରେଜେଣ୍ଟ୍ ସାର୍ କହିବି ?

ନା, ମୁଁ ଠିକ୍ ତା' କହୁନାହିଁ, ମୁଁ କର ଯୋଡ଼ି ଅଶ୍ରୁପୂର୍ଣ୍ଣ ନୟନରେ କହୁଛି ମତେ ଗୋଟିଏ ବର୍ଷ ସମୟ ଦେବେ ମୋ ପି.ଏଚ୍.ଡ଼ି. ଶେଷ କରିବାକୁ, ଆଉ ସେଇ ଅବସରରେ ଆପଣ ଆଉ ଥରେ ଏମ୍.ଏ ପରୀକ୍ଷା ଦେବେ ।

ଦେବ, ମୋର କଳଙ୍କ ଧୋଇ ଦେବାକୁ ନା ?

ନା, କଳଙ୍କ ଧୋଇଦେବାକୁ ନୁହେଁ, ଆପଣଙ୍କ ଭିତରେ ଗଭୀର ଆତ୍ମସନ୍ତୋଷ, ଆତ୍ମବିଶ୍ବାସ ଫେରାଇ ଆଣିବାକୁ । ଆପଣ ଶିବ, ମୁଁ ଶକ୍ତି ବୋଲି କହୁଛନ୍ତି । ମୋ ଭିତରେ ଯଦି ପ୍ରକୃତରେ କିଛି ଶକ୍ତି ଥାଏ, ପ୍ରେରଣା ଥାଏ, ପ୍ରେମ ଥାଏ, କାତର ପ୍ରାର୍ଥନାଥାଏ, ତା' ଆପଣଙ୍କୁ ବର୍ଷଟିଏ ଏକ ଶ୍ରେଷ୍ଠ ପ୍ରତିଜ୍ଞାରେ ବାନ୍ଧିରଖୁ, ଏଇ ମୋର ଇଚ୍ଛା । ଆଜିଠୁ ମୋ ଦେହ ଛୁଇଁ ନିୟମ କରନ୍ତୁ, ଆପଣ ଆଉ ଥରେ ଗଭୀର ସାଧନା ଭିତରେ ବୁଡ଼ିଯିବେ, ଆଉ ଥରେ ପରୀକ୍ଷା ଦେବେ, ଆଉ ମୁଁ ଆପଣଙ୍କ ଚରଣ ଉପରେ ମଥା ରଖି ପଣ କରେ ମୁଁ ମୋ ପି.ଏଚ୍.ଡ଼ି. ପାଇଁ ମନ ପ୍ରାଣ ଢାଳିଦେବି । ମାର୍ଲୋ କହିଥିଲେ, ମନେ ନାହିଁ ?—Let me be envied, not pitied. ଆମକୁ କେହି ଦୟା ନ କରନ୍ତୁ, ବରଂ ଈର୍ଷା କରନ୍ତୁ ।

ପ୍ରଦୀପ ହସିଲା । କହିଲା—ହାତରେ ମୁଠାଏ ସୋରିଷ ଧରି ଦ୍ୱାରଦ୍ୱାର ହୋଇ ବୁଲୁଥିଲା ଯେଉଁ ଶୋକାତୁରା ଜନନୀ, ତା'ର ମୃତ ସନ୍ତାନ ଆଉ ଜୀବନ ପାଇଲା ? ଅସମ୍ଭବ କେବେ ସମ୍ଭବ ହୁଏ କି ? ତମେ ପି.ଏଚ୍.ଡ଼ି. କରୁଛ କର । ବର୍ଷେ କାହିଁକି, ପାଞ୍ଚ ବର୍ଷ ସମୟ ନିଅ । କିନ୍ତୁ ଓଧ ସାଙ୍ଗରେ ଭୁଆଁ ବଢ଼ି ବାଇ ହେବ କାହିଁକି ? ଥରେ ଏମିତିକା ପରୀକ୍ଷା ଦେବାକୁ ମୋର ଜଣେ ସାଙ୍ଗ ପାଗଳଟିକା ବାନ୍ଧୁଥିଲା ଯେ ତା'କୁ ଦେଖି କଲିକତା ବିଶ୍ୱବିଦ୍ୟାଳୟର ପ୍ରଧାନ ଅଧ୍ୟାପକ କ'ଣ କହିଥିଲେ ଜାଣ ? 'While appreciating your endeavour, let me warn you against the disaster of doubling your disqualification'. ସାଧୁବାଦ କିନ୍ତୁ ସାବଧାନ୍ । ଥରେ କାଳିମା ତ ବୋଳା ହୋଇଛି, ଆଉ ଥରେ ଚୂନ, କଳା, ସିନ୍ଦୂର ସବୁ ଏକାଠି ହୋଇ ମୁହଁସାରା ବଳବଳ ହୋଇ ନ ଯାଉ ।

ଚିନ୍ମୟୀ ଉତ୍ତେଜିତ ହୋଇ ଉଠିଲା—ପୁରୁଷ ହୋଇ ଆପଣ ଏଇଆ କହିଲେ ? ଦୁର୍ଘଟଣାକୁ, ଦୁର୍ବିପାକକୁ ଯିଏ ପାଦତଳର କଣ୍ଟା ଭଳି ପିଷ୍ଟି କରିକରି ଆଗକୁ ମାଡ଼ି ଚାଲେ ସେଇ ସିନା ପୁରୁଷ !

ଅପରାଜେୟତା, ଦୁର୍ଦ୍ଦମନୀୟତା, ଅକୁତୋଭୟତାହିଁ ପୌରୁଷ ! ଏବେ ଯହିଁ ଶ୍ରୀକୃଷ୍ଣ ସାରଥୀ, ଗାଣ୍ଡିବଧାରୀ ଫାଲ୍‌ଗୁନ, ଧର୍ମବୀର ଯୁଧିଷ୍ଠିର, ଭୀମକର୍ମା ବୃକୋଦର, ତାଙ୍କ ଆଗକୁ ବୀରଦର୍ପରେ ଲମ୍ଫ ଦେଇଥିଲେ ସୂତ ପୁତ୍ର, ରାଧା ପୁତ୍ର କର୍ଣ୍ଣ କାହା ବଳରେ ? ପୌରୁଷ ବଳରେ, ଆତ୍ମଶକ୍ତି ବଳରେ—

ମୁଁ—ମୋ ଭିତରେ ହିଁ ସଚ୍ଚିଦାନନ୍ଦ ଅଛନ୍ତି । ମୁଁ ଅମୃତସ୍ୟ ପୁତ୍ରଃ । ମୁଁ ଅସାଧ୍ୟ ସାଧନ କରିପାରେ । ମୁଁ ବାସୁକୀର ଫଣାରୁ ମଣି ହରଣ କରି ଆଣିପାରେ । ମୁଁ ଡରିବି ଯୁଦ୍ଧକୁ ? ମୁଁ ଯୁଦ୍ଧକୁ ଗଲାବେଳେ ଭାବିବି—ମୁଁ ଜୟ କରିବି ନା ପରାଜିତ ହେବି ? ଯୋଦ୍ଧାର ଜନ୍ମ-ଜାତକରେ କେବେ ପରାଜୟ ଶବ୍ଦ ଲେଖା ଅଛି ?

ଖାଲି ଯୁଦ୍ଧ, ଯୁଦ୍ଧ, ଯୁଦ୍ଧ । ଚାରିଆଡ଼େ ତୋପ କମାଣ ଗୁଳିଗୁଳାର ଗର୍ଜନ, ହୁ ହୁ ନିଆଁ, ଧ୍ୱଂସ ମାଡ଼ି ଆସୁଛି, ମୃତ୍ୟୁ ମାଡ଼ି ଆସୁଛି । ତଥାପି ପୁରୁଷ ଆଗେଇ ଚାଲିଛି, ଧସେଇ ପଶୁଛି—ଯୁଦ୍ଧଂ ଦେହି ! ଯୁଦ୍ଧଂ ଦେହି ! ଯୁଦ୍ଧଂ ଦେହି ! କାହିଁ ପରାଜୟ ? କାହିଁ ପଳାୟନ ? କାହିଁ ଭୟ ? କାହିଁ ମୃତ୍ୟୁ ? କାହିଁକି ଆପଣଙ୍କର ଏଇ ଆତ୍ମମର୍ଯ୍ୟାଦା, ଆତ୍ମବିଶ୍ୱାସ, ଆତ୍ମଗୌରବ ଆସୁନାହିଁ ? କାହିଁକି ଆପଣ ଏ କଥା କହିଲେ ? କାହିଁକି ଆପଣ······

ପ୍ରଦୀପ ଉଠିଯାଇଁ ମୁଠେଇ ଧରିଲା ଚିନ୍ମୟୀର ହାତ—ବନ୍ଦ କର, ମୋର ଭୁଲ୍ ହୋଇଛି, ମୋର ଭୁଲ୍-ମୁଁ ବୁଝିପାରିଛି । ମୁଁ ପରୀକ୍ଷା ଦେବି । ମୁଁ ଅପେକ୍ଷା କରିବି । ମୁଁ ଅପେକ୍ଷା କରିବି ଯୁଗ ଯୁଗ ଧରି, ଜନ୍ମ ଜନ୍ମ ଧରି । ମୋର ମର୍ଯ୍ୟାଦା ପାଇଁ ନୁହେଁ, ତମର ଗୌରବ ପାଇଁ, ତମକୁ ସୁଖସମ୍ଭାରରେ ମଣ୍ଡି ଦେବା ପାଇଁ ମୁଁ ନିଶ୍ଚେ ପରୀକ୍ଷା ଦେବି । ତମର ଦେହ ଛୁଇଁ ଶପଥ କରୁଛି ।

ଦୁହେଁ ଦୁହିଁଙ୍କୁ ଚାହିଁଲେ । ଚିନ୍ମୟୀ ଆଖିରୁ ନିଆଁ ବାହାରୁଥିଲା । ଆନନ୍ଦର ନିଆଁ କି ପ୍ରତିହିଂସାର ନିଆଁ କିଏ କହିବ ?

ବାହାରେ ଗୋଟିଏ କାର ଆସି ଅଟକିଲା । ହର୍ଣ୍ଣ ଶୁଭିଲା । ପ୍ରଦୀପ ଆଶ୍ଚର୍ଯ୍ୟ ହୋଇ ଚାହିଁଲା—କିଏ ?

ଚିନ୍ମୟୀ କହିଲା—ମା’। ମା’କୁ ଜୟପୁରରୁ ନେଇ ଆସିଥିଲି। ମା’ ପାଇଁ ଔଷଧ କିଣୁଥିଲି ବରହମ୍ପୁରରେ। ମୋର ଗୋଟିଏ ସାଙ୍ଗର ଦେହ ଭଲ ନାହିଁ। ତେଣୁ ଏଇ ବାଟଘାଟ ଗାଁକୁ ଯିବାକୁ ହେବ—ଘଣ୍ଟାମୁଣ୍ଡେଇର ବାଲିକଣା। କେମିତି ଆମ ଗାଁ ନାଁ ଶୁଣି ହସିବେ ନିଶ୍ଚୟ! ଘର ଅପରିଚ୍ଛନିଆ ନାଁ ଟା, ନୁହେଁ।

ମଲାମଣିଷର ମୁହଁ ଭଳି ପ୍ରଦୀପର ମୁହଁ ଶେତା ପଡ଼ିଯାଇଥିଲା। ସେ ଭୟଙ୍କର ଗମ୍ଭୀର ହୋଇ କହିଲା—ତମେ ଆଜି ଚାଲିଯିବ?

ଚିନ୍ମୟୀ ହସିଲା। କହିଲା—ହଁ, ଆଜି, ଏଇନେ। କାହିଁକି ମୁଁ ପୁଣି ଆସିବି ନାହିଁ? ଆପଣ ମତେ ଡାକିଥିଲେ କି? ମୋର ମନ ଥିବାରୁ ତ ଆସିଲି। ଆପଣଙ୍କ ଭଳି ଲୋକ ପାଖକୁ ନ ଆସି ରହିହେବ? କଦମ୍ବ ବନରେ ବଂଶୀ ବାଜିଲେ……

ଥାଉ, କଣ୍ଠା ଘା’ରେ ଚୂନ ବୋଳିଲେ କ’ଣ କଷ୍ଟ ହୁଏ ତମେ ଜାଣି ନାହଁ ବୋଲି …ପ୍ରଦୀପ ଆଖି ଟନ୍‌ଥାନ୍। ପ୍ରଦୀପ ଆଉ ସମ୍ଭାଳି ପାରୁନାହିଁ। ଠସ୍‌ଠସ୍ ଲୁହ ଖସି ପଡ଼ୁଛି ଆଖିରୁ।

ଦେଖନ୍ତୁ, ଦେଖନ୍ତୁ, ପୁରୁଷର ଆଖିରେ ଲୁହ! ଛି ଭଲ ଦିଶେନା। ମୋତେ ଶୋଭା ପାଏନା। କ’ଣ କହିବି? ‘ସୁନାଟି ପରି’ କହିବି? ଆପଣ ତ ଦୁନିଆଯାକର ବିଶେଷଣ ସବୁ ଶେଷ କରି ଦେଇଛନ୍ତି, ଆଉ ବାକି କ’ଣ ଅଛି? ଆଚ୍ଛା ‘ପ୍ରଦୀପ ଭାଇ’ କହେ? ଦେଖ ପ୍ରଦୀପ ଭାଇ, ଦୁଃଖଟାକୁ ସହି, ଦୁଃଖର ଶିଖାଟାକୁ ଭିତରେ ମାରି ବାହାରେ ଯିଏ ହସେ, ସେଇ ଜାଣି କଞ୍ଚୁ କରେ। ଯେମିତି ଆମ କାନ୍ତ-କବି। ଆଉ ଖାଲି କାନ୍ଦୁଥିଲେ ତ କାନ୍ଦୁଥିବ। କାନ୍ଦନ୍ତୁ ମାଇପେ—ଗାଁର ନୂଆବୋହୂ। ପୁରୁଷର କାନ୍ଦ ଦେଖିଲେ ଲୋକେ ହସନ୍ତି। ପୁରୁଷ ଲୁହରୁ ମୁକ୍ତା କାଢ଼େ। ଆପଣ ପୁରୁଷ ହେବେ, ଏଇ ମୋର ପ୍ରାର୍ଥନା।……
ଆଚ୍ଛା ଆଜି ଆସେ। ପୁଣି ଦେଖା ହେବ।

ଚିନ୍ମୟୀ ନମସ୍କାର କରି ଚଟ୍‌କରି ବୁଲି ପଡ଼ି ଚାଲିଗଲା। ଭକୁଆ ହୋଇ ଚାହିଁ ରହିଥିଲା ପ୍ରଦୀପ।

ଛିଅ

ଭୁବନେଶ୍ୱର ଉଡ଼ାଜାହାଜ ଘାଟିରୁ ଉଡ଼ାଜାହାଜ ଛାଡ଼ିଲା । ଚିନ୍ମୟୀ ଦୁଇ ହାତ ଟେକି ମଥା ନୋଇଁ ପ୍ରଣାମ କଲା ଲିଙ୍ଗରାଜ ମନ୍ଦିରର ଚୂଡ଼ାକୁ ।

ଏୟାର୍ ହୋଷ୍ଟେସ୍ ଆସି କଫି ଦେଇଗଲା । ଚିନ୍ମୟୀ କିନ୍ତୁ ଅନ୍ୟମନସ୍କା । କଫି ଖାଇବାର ପ୍ରଶ୍ନ ନାହିଁ । ସେ ନିର୍ନିମେଷ ନୟନରେ ଚାହିଁ ରହିଥିଲା ବାହାରକୁ । କପାଳର ରେଖା କୁଞ୍ଚିତ । ମୁହଁ ଗମ୍ଭୀର, କଠିନ । ଆଖିରେ ସେଇ ମୋଟା କଳା ଗଗଲସ୍ ।—ସେ କ'ଣ କଲା ? ସେ ଭୁଲ୍ କଲା କି ?

ଅଭିନେତ୍ରୀ ଝରଣା ଦାସଙ୍କୁ ଜଣେ ପଚାରିଲା—ଆପଣ ଏତେ ସୁନ୍ଦର ଅଭିନୟ କେମିତି କରନ୍ତି ?

ଝରଣା ଦାସ ସଙ୍ଗେ ସଙ୍ଗେ ଉତ୍ତର ଦେଲେ—ମୁଁ ତ ଅଭିନୟ କରେନା ।

ଚିନ୍ମୟୀ ଭାବୁଥିଲା—ସେ କ'ଣ ଝରଣା ଦାସଙ୍କ ସ୍ତରକୁ ଓହ୍ଲାଇ ଯାଇ ପାରିନାହିଁ ? ସେ କ'ଣ ଗୋଟିପଣେ ନିଜକୁ ହଜାଇ ଦେଇନାହିଁ ପ୍ରଦୀପର ପ୍ରେମିକା ରୋଲ୍‌ରେ ?

କିନ୍ତୁ ରୋଲ୍ ? ଅଭିନୟ ? ପ୍ରଦୀପ ଭଳି ଏତେ ସରଳ, ନିଷ୍ପାପ ପିଲାଟି ସାଙ୍ଗରେ ଅଭିନୟ କରାଯାଏ ? ଏହା ନୈତିକତା ? ଏହାକୁ ଧରିତ୍ରୀ ସହିବ ? ଲିଙ୍ଗରାଜ ମନ୍ଦିରର ଚୂଡ଼ା ଉପରେ ଯୋଉ ପତାକା ଫରଫର ହଉଛି, ସେ ଯ୍ୟା'କୁ କ୍ଷମା ଦେବ ??

ଯୋଉ ନିଷ୍ପାପ, ନିର୍ବୋଧ ମେଣ୍ଢାଛୁଆଟି ତମ ପଛରେ ନାଚନାଚ ହେଇଁହେଇଁ ଧାଇଁଛି, ତମ ଆଙ୍ଗୁଠି ଚାଟୁଛି, ତମ ଦେହରେ ଘଷି ହେଉଛି, ତା' ବେକରେ ଛୁରୀ ଲଗେଇ ଦେଇ ହେବ ??

କିନ୍ତୁ କାହିଁକି ?—ଚିନ୍ମୟୀ କଠୋର ହୋଇ ବସିଲା— ମେଣ୍ଢା-ଛୁଆ ମୋ ପଛରେ ଧାଇଁବ କାହିଁକି ? ମୁଁ ମେଷପାଳକ ନୁହେଁ । ମୁଁ ମହାତ୍ମା ମହାପୁରୁଷ ନୁହେଁ । ଯାହା ମୋ ପାଖରେ ନାହିଁ ବା ଯାହା ଥିଲେ ବି ମୁଁ ଦେବାକୁ ପ୍ରସ୍ତୁତ ନୁହେଁ, ତାହା ପାଇବା ପାଇଁ ଜଣେ ଆସି ମୋ ଦୁଆରେ ଆତ୍ମହତ୍ୟା କଲେ ସେଥିପାଇଁ ମୁ ଦାୟୀ ??

କିନ୍ତୁ ସେ ଆତ୍ମହତ୍ୟା କଲା ନା ତମେ ତା'କୁ ହାତ ଠାରି ଅନ୍ଧାର ଘରକୁ ଡାକି ନେଇ ତା' ଗଳା ଚିପି ହତ୍ୟା କଲ; ଗୁପ୍ତରେ ହାତ ରଖି କି'ହ ଦେଖି ? ସେ ତ ଚିଠି ଲେଖିଲେଖି ନିରସ୍ତ ହୋଇଥିଲା । ନ ହେଲେ ଆଜି ଦଶ ଖଣ୍ଡ ଚିଠି ଲେଖିଥାନ୍ତା । କିନ୍ତୁ ସେ ତ କେବେ ତମ ଆଗକୁ ଯାଇ ଖୋଲାଖୋଲି ମନ କଥା କହି ନଥାନ୍ତା । ଏଭଳି ଲୋକ ପଳାୟନ-ପନ୍ଥୀ । ଏମାନେ ଖାଲି କଥା କହନ୍ତି । କେବେ ବାସ୍ତବତାର ସମ୍ମୁଖୀନ ହୋଇ ପାରନ୍ତି ନାହିଁ । କିନ୍ତୁ ତମେ କଲ କ'ଣ ? ତମେ ତ ନିଜେ ନିଜେ ତା' ଆଗକୁ ଯାଇଁ ତା' ଉପରେ ଚଢ଼ି ଆପଣାଛାଏଁ ପ୍ରଣୟ ବାଢ଼ି ବସିଲ । ଭୁଲ୍ କାହାର ? ଯିଏ ଭିକ ମାଗୁଛି ତା'ର ନା ଯିଏ ଭିକ ଦେବ ବୋଲି ଭିକାରିକି ଆଶା ଦେଖାଇ ଦୁଆର ମୁହଁକୁ ଡାକି ତା' ମୁହଁରେ ତତଲା ପେଜ ଢାଳୁଛି ତା'ର ??

ନା, ନା, ନା—ଚିନ୍ମୟୀ ସ୍ତମ୍ଭିତ ହୋଇ ଚିହିଁଲା— ମୁଁ କେବେ କାହାକୁ ଡାକି ନାହିଁ । ବରଂ ନଈ ସୁଅ ଖୁବ୍ ଜୋରରେ ମାଡ଼ି ଆସିଲା ବେଳେ ମୁଁ ସାହସ କରି ତା' ଆଗରେ ଠିଆ ହୋଇ ଯାଇଁ ତା'କୁ ଧ୍ୱଂସ ମୁହଁରୁ ସୃଷ୍ଟି ମୁହଁକୁ ବାଟେଇ ଦେଇଛି । କେତେ ଶକ୍ତି, ସମୟ, ସ୍ୱାସ୍ଥ୍ୟ, ମନର ଶାନ୍ତି ସେ ପ୍ରତିଦିନ ନଷ୍ଟ କରାଇ ଚାଲିଥିଲା । ଯୋଉ ଶକ୍ତି ଦୁନିଆରେ ଅସାଧ୍ୟ ସାଧନ କରିପାରେ ସେ ଶକ୍ତି ସେ ଆଦିମ ଯୁଗର ପୁରୁଷ ଭଳି ବିନିଯୋଗ କରୁଥିଲା ନାରୀର ରୂପ ବର୍ଣ୍ଣନାରେ । ସେ ମୃତ୍ୟୁ ମୁହଁକୁ ଚାଲିଥିଲା ; ମୁଁ ତା'କୁ ଅମୃତକୁ ଟାଣି ଆଣିଛି । ସେ ଜୀବନକୁ ଉଜାଡ଼ି ଦେଉଥିଲା, ମୁଁ ତା' ଜୀବନକୁ ଅଜାଡ଼ି ଦେଇଛି ଏକ ମହନୀୟ ଲକ୍ଷ୍ୟରେ —ତା' ଜୀବନକୁ ଆହୁରି ସୁନ୍ଦର, ସୁଶୋଭନ କରିବା ପାଇଁ । ମୁଁ ଭୁଲ୍ କରିଛି ?

ପୁଣି ବାଜିଲା ବିବେକର ଚାବୁକ୍—ହଁ, ତମେ ତା' ଜୀବନକୁ ଉଦ୍ଦେଶ୍ୟ ମୁଖୀ କରିଛ, ସତକଥା । କିନ୍ତୁ କ'ଣ ସେ ଉଦ୍ଦେଶ୍ୟ ? ସେ ଏମ୍.ଏ ପାଶ୍ କରିବ । ଅଧିକ ମର୍ଯ୍ୟାଦା ଓ ଗୌରବରେ ପ୍ରତିଷ୍ଠିତ ହେବ । କିନ୍ତୁ କାହିଁକି ? ସେ କବି, ଲେଖକ । ସେ କ'ଣ ଚାହିଁଛି ଖାଲି ଏଇ ବସ୍ତୁବାଦୀ ଦୁନିଆର ମର୍ଯ୍ୟାଦା, ଫୁଲମାଳ, ହୋ' ହୋ' ହୋ' ହୋ' ? ସେକେଣ୍ଡ୍ କ୍ଲାସ୍, ଗେଜେଟେଡ୍ ପୋଷ୍ଟ, ଆଠ ବର୍ଷରେ ରିଡର୍ । ବାର ବର୍ଷରେ ପ୍ରଫେସର —ଖାଲି ଏଇ ତାକୁ ଟାଣିନେଇଛି ଏ କୃଚ୍ଛ୍ର ସାଧନା ପଥରେ ? ନା ଟାଣି ନେଇଛି ତମର ସୁନ୍ଦର, ହସହସ ମୁହଁଟି, ତମର ଅମୃତବୋଳା କଥା କେଇପଦ, ତମର କଅଁଳ ଓଠ ଆଉ ବାଙ୍କ ଚାହାଁଣୀ ? ତମ ଉଦ୍ଦେଶ୍ୟ ପୂର୍ଣ୍ଣ ହେଉଛି, ତା' ଜୀବନର ଲକ୍ଷ୍ୟ ପୂର୍ଣ୍ଣ ହେବ ତ ? ସେ ସେକେଣ୍ଡ୍ କ୍ଲାସ୍ ପାଇଲା ପରେ ତମେ ହସିହସି ଡେଇଁ ପଡ଼ିବ ତ ତା' କୋଳକୁ ?

ଏଁ !!– ଠାଇକିନା ଚମକି ପଡ଼ିଲା ଚିନ୍ମୟୀ —ତା' କୋଳକୁ ?? ଜଣେ ବୁଡ଼ିଯାଉଥିବା ଲୋକକୁ ଗଭୀର ଜଳରୁ ଉଦ୍ଧାର କରିବା କ'ଣ ଯଥେଷ୍ଟ ନୁହେଁ ଯେ ପୁଣି ତା' ସହିତ ପ୍ରେମ ପାଶରେ ଆବଦ୍ଧ ହେବାକୁ ହେବ ? ପ୍ରେମର ଅର୍ଥ ଏଇଆ ? ପ୍ରେମ ହୁଏ ଜୋର ଜବରଦସ୍ତି ? ଟାଣିଓଟାରି ? ମାଗିଯାଚି ? ପଦ୍ମ ତା' ମନକୁ ଫୁଟେ । କେହି ଫୁଟେଇ-ବାକୁ ଯିବା ନିର୍ବୋଧତା । ଆଉ ନାରୀ ଦୁନିଆର ବହୁ ଲୋକଙ୍କ ସାଙ୍ଗରେ ବହୁ କାରଣରୁ ବେଳେବେଳେ କଥା କହେ, ହସେ, କୋମଳ ହୁଏ । ତା'ର ଅର୍ଥ ନୁହେଁ ଯେ ସେ ସମସ୍ତଙ୍କୁ ପ୍ରେମ କରେ, ବିବାହ ହେବାକୁ ପ୍ରସ୍ତୁତ ଥାଏ । ନାରୀର ଏଇ ସୂକ୍ଷ୍ମ ଚରିତ୍ରଟିକୁ ଯୋଉମାନେ ବୁଝି ନ ପାରନ୍ତି ସେମାନେ ଦୁନିଆର ପାପ ସିନା !

ବିବେକ ଶ୍ଳେଷ କଷାୟିତ ନେତ୍ରରେ ଚାହିଁଲା ।—କିନ୍ତୁ ତମେ ତ ତା'କୁ ଅସ୍କାର୍ ଓ୍ୱାଇଲଡ୍‌ଙ୍କର ସେଇ ତରୁଣୀଟି ଭଳି ପରିଷ୍କାର କହିଲ— ଯେଉଁ ରକ୍ତ ଗୋଲାପଟିଏ ଆଣିଲେ ତମେ ତାଙ୍କୁ ଭଲ ପାଇବ । ସେ ସେକେଣ୍ଡ୍ କ୍ଲାସ୍ ପାଇବ, ତମେ ଡକ୍ଟରେଟ୍ ପାଇବ, ତା'ପରେ ଶଙ୍ଖ, ହୁଳହୁଳି, ମଧୁମିଳନ······କହିବ ନାହିଁ ? ତମେ ତା'ର ସୁପ୍ତ ଚେତନାକୁ ଜଗାଇ ଦେଇ ନାହିଁ ? ତମ କଥାରେ, ହସରେ, ବେଶରେ, ଭଙ୍ଗୀରେ

ତା' ମନରେ ଦୃଢ଼ ଧାରଣା ଜନ୍ମାଇ ଦେଇନା--ତମେ ଗୋଟିଏଜଣେ ତା'ର ଆଉ ସେ ଗୋଟିଏଜଣେ ତମର ??

ହଁ, ମୁଁ ତା' କରିଛି । ଅପରେସନ୍ ଟେବଲ୍‌ର ରୋଗୀ ମନରେ ମାନସ ଆଣିବା ପାଇଁ, ଆତ୍ମ ବିଶ୍ୱାସ ଜନ୍ମାଇବା ପାଇଁ ଡାକ୍ତର ଅନେକ ସମୟରେ କୋମଳ କଥା କହନ୍ତି, ମନ ଭୁଲାଣିଆ କଥା କହନ୍ତି । ପାଗଳ ରୋଗୀକୁ ଭଲ କରିବା ପାଇଁ ନର୍ସ ବେଳେବେଳେ ପ୍ରେମିକାର ଭୂମିକାରେ ବି ଅବତୀର୍ଣ୍ଣ ହୁଏ । କିନ୍ତୁ ତା'ର ଅର୍ଥ ନୁହେଁ ଯେ ରୋଗୀକୁ ଡାକ୍ତର ବା ନର୍ସ କେବଳ ପ୍ରେମ କରନ୍ତି, ଶ୍ରଦ୍ଧା ବାଢ଼ନ୍ତି । ରୋଗୀ ପାଇଁ ଦୟା ଆସିପାରେ, ମାୟା ଆସିବ କୁଆଡ଼ୁ ?

ବିବେକ ଆହୁରି ଗର୍ଜନ କରି ଉଠିଲା—ମିଛ କଥା, ବାଜେ କଥା, ମୁଁ ଏ ବିଶ୍ୱାସ କରିବି ନାହିଁ । ତମେ ଛାତିରେ ହାତ ରଖି କହି ପାରିବ—ତମର ଏଇ ଲୋକଟି ପ୍ରତି ଖାଲି ଦୟା ଅଛି, ମାୟା ନାହିଁ ? ଖାଲି ସେଇ ଏକା ତମ ପଛରେ ଗୋଡ଼ାଇଛି, ତମେ ତା' ପଛରେ ଗୋଡ଼ାଇ ନାହଁ ? ପ୍ରେମ କରି ନାହଁ ? ଭଲ ପାଇ ନାହଁ ? ତମେ ତା' ପାଖକୁ ଧାଇଁ ଆସିଥିଲ ଖାଲି ମାନବିକତା ଦୃଷ୍ଟିରୁ ? ତାଙ୍କୁ ଧ୍ୱଂସ ମୁହଁରୁ ଟାଣି ଆଣିବାକୁ ? ତାଙ୍କୁ ଅଧିକ ସୁନ୍ଦର ସୁଶୋଭନ କରିବାକୁ ? ତମର ଉଦ୍ଦେଶ୍ୟ କିଛି ନ ଥିଲା ?? ତମେ ଖାଲି କଠୋର କର୍ତ୍ତବ୍ୟ ପାଳନ ପାଇଁ ଆସିଥିଲ, ତମେ ପ୍ରେମର ସୁଅ ମୁହଁରେ ପଡ଼ି, ଉବୁଟୁବୁ ହୋଇ, ଢୋକଢୋକ ପାଣି ପିଇ ଉଜାଣି ଯମୁନାରେ ଭାସି ଆସି ନ ଥିଲ ?? କୁହ, ସତ କୁହ । ଛାତିରେ ହାତ ରଖି କୁହ । ତମର ପାଦ ପାଖରେ ଥୁଆ ହୋଇଛି ଯୋଉ ଚମଡ଼ା ସୁଟ୍‌କେଶ୍‌ଟି, ତା' ଭିତରେ ବେନାରସୀ ସିଲ୍‌କ୍ ଶାଢ଼ୀର ଭାଙ୍ଗ ଭିତରେ ଥୁଆ ହୋଇ ନାହିଁ ସେଇ ଚିଠିଟି—'ମୁଁ ତମକୁ କ'ଣ ଡାକିବି ?' କୁହ, ଏହା ତମେ ଅସ୍ୱୀକାର କରିବ ? ମିଥ୍ୟା ବୋଲି କହିବ ? କାହିଁକି ତମର ଯଦି ଏତେ ଘୃଣା, ଏ ଚିଠିଟିକୁ ସାଇତି ରଖିଛ କିଆଁ ? ଚୁମ୍ବକ ଲୁହାକୁ ଟାଣି ଆଣିଲା ଭଳି ଏ ଚିଠିଟି ତମକୁ ଟାଣିଆଣି ନାହିଁ ତା ପାଖକୁ ? ତମକୁ ଚଂଚଳ କରିନାହିଁ ? ଉଚ୍ଛନ୍ନ କରିନାହିଁ ? ଅସଂଯତ କରି ନାହିଁ ? କୁହ, କୁହ, ମୋ କଥାର ଉତ୍ତର ଦିଅ ।

ଏ ସିଧାସଳଖ ପ୍ରଶ୍ନର ଉତ୍ତର ଦେବାକୁ କିଛି ନ ଥିଲା । ଏ ସିଧାସଳଖ ପ୍ରଶ୍ନର ଉତ୍ତର ବ ଏଇ ଶ୍ରେଣୀର ଲୋକେ ଦଅନ୍ତି ନାହିଁ । ନିଜର ଭୁଲ୍ କେବେ ଏମାନେ ମାନନ୍ତି ନାହିଁ । ଭୁଲ୍ ମାନିବା ମାନେ ନିଜର ନ୍ୟୂନତା ସ୍ୱୀକାର କରିବା ଏଇ କେମିତି ଏମାନଙ୍କର ଧାରଣା । ତେଣୁ ବୁଦ୍ଧିମତୀ ଚିନ୍ମୟୀ ଆରମ୍ଭ କଲା ଏ ଯୁଗର ତିନୋଟି ଅକ୍ଷର—ଭୁରୁଡ଼ି—କେବେ ନୁହେଁ । କଳାକାରର କଳାକୁ ପସନ୍ଦ କରିବା ମାନେ କେବେ ନୁହେଁ ଯେ କଳାକାରକୁ ଭଲ ପାଇବା । ପଥରର କାରୁକାର୍ଯ୍ୟ-ଖଚିତ ସୁନ୍ଦର ନିଖୁଣ ରାଧାକୃଷ୍ଣ ମୂର୍ତ୍ତି ଆମେ ଆଣି ଡ୍ରଇଂ ରୁମ୍‌ରେ ସଜେଇ ରଖୁ । ତା'ଅର୍ଥ ନୁହେଁ ଯେ ଆମେ ସେଇ ପଥର କାରିଗରକୁ ଆଣି ପାଦପୂଜା ଦେଇ ଡ୍ରଇଂ ରୁମ୍‌ରେ ବସେଇବା ବା ପ୍ରେମରେ ଗଦ୍‌ଗଦ୍ ହୋଇ ତା' ଉପରକୁ ଢଳି ପଡ଼ିବା ।......

......ଏ ପୃଥିବୀ ବୁଦ୍ଧିମାନ୍‌ମାନଙ୍କର, ସାହସୀମାନଙ୍କର, ବୀରମାନଙ୍କର । ଏଠି ନିର୍ଜୀବ ବସି ହେଲେ ଚଳିବ ନାହିଁ । ଈଗଲ ହୋଇ ଝଡ଼ ଭିତରକୁ ଲମ୍ଫ ଦେବାକୁ ହେବ । ଚକ୍ରବାଳ ଭିତରେ ହଜିଯିବାକୁ ହେବ । ବସି ରହି ଗୋଟାଏ କଥାକୁ ଗାରମ୍ବାର ଚିନ୍ତା କରିବା ମୂର୍ଖତା । ଲେଡ଼ି ମାକ୍‌ବେଥ୍ ଠିକ୍ କହିଥିଲେ—These deeds must not be thought after these ways. ତା'ଛଡ଼ା ମୁଁ କ'ଣ କରିଛି ? ମୁଁ ତ କାହାକୁ ମର୍ଡ଼ର କରିନାହିଁ । ମୁଁ ତ Ancient Mariner ଭଳି ସେ ପକ୍ଷୀଟାକୁ ଖଡ୍‌ଗରେ ଦ୍ୱିଖଣ୍ଡ କରି ଦେଇ ନାହିଁ । ମୁଁ ତା'ର ମଙ୍ଗଳ କରିଛି । ସତ୍‌ପଥରେ ନେଇ ଉନ୍ନତିର ଚରମ ସୋପାନରେ ଉପନୀତ ହେବାପାଇଁ ମୁଁ ତା'କୁ ସାହାଯ୍ୟ କରିଛି । ମୋର ସମସ୍ତ ବହି, ନୋଟ୍‌ସ୍ ବିନା ଦ୍ୱିଧାରେ, ବିନା ସର୍ତ୍ତରେ ତା' ହାତରେ ସମର୍ପଣ କରିଛି । ତା'କୁ ଉତ୍ସାହ ଦେଇଛି, ପ୍ରେରଣା ଦେଇଛି, ସେ ରତି ଖଣ୍ଡକର ମୂଲ୍ୟ ତୁଳନାରେ ଏ ସାହାଯ୍ୟ, ସହାନୁଭୂତି କ'ଣ ଯଥେଷ୍ଟ ନୁହେଁ ??

..... ମୋର ତ ମନେ ହୁଏ ମୁଁ ଯାହା ପାଇଛି, ତା' ଠାରୁ ବହୁତ ବେଶୀ ଦେଇଛି । କାହିଁ ଚାରି ବର୍ଷର ଅନର୍ସ ଆଉ ଏମ୍, ଏର କଠୋର ସାଧନାପ୍ରସୂତ ନୋଟ୍‌ସ୍, ସମଗ୍ର ଇଂରେଜୀ ସାହିତ୍ୟର ବଛା

ବସ୍ତୁ ବନ୍ଧ ଆଉ କ୍ରିଟିସିଜ୍‌ମ୍ ଆଉ କାହିଁ ଅଧଘଣ୍ଟାର ଗୋଟାଏ ଭାବପ୍ରବଣ କଳ୍ପନାବିଳାସ—ଖଣ୍ଡେ ଚିଠି !! ମହମ୍ମଦ କହିଥିଲେ—ଜଣେ ମେଧାବୀ ଛାତ୍ରର କାଳି ଜଣେ ଶହୀଦ୍‌ର ରକ୍ତ ଠାରୁ ଶ୍ରେଷ୍ଠତର । ତେବେ ଜଣେ ମେଧାବୀ ଛାତ୍ରର ବୁଦ୍ଧି, ବିଦ୍ୟା ଜଣେ ଭାବପ୍ରବଣ, ବୁଦ୍ଧିହୀନ, ମେରୁଦଣ୍ଡ-ବିହୀନ କବିର ପ୍ରଳାପ ଠାରୁ, ବାଗ୍‌ଜାଲ ଠାରୁ କ'ଣ ଅଧିକ ଶ୍ରେଷ୍ଠ ନୁହେଁ ? ନା, ନା, ମୁଁ ମୂଲ୍ୟ ଦେଇ ଦେଇଛି । ମୁଁ କାହାକୁ ଠକିନାହିଁ, ମହମ୍ମଦ ନୁହେଁ ? ଠକି ନାହିଁ ।

ଉଡ଼ାଜାହାଜ ଦମ୍‌ଦମ୍ ବିମାନଘାଟୀରେ ପହଞ୍ଚିଲା । ସମସ୍ତେ ଓହ୍ଲାଇ ଆସିଲେ । ଚିନ୍ମୟୀ ତଳକୁ ଆସିଲା । ମଥା ଯେମିତି ଉନ୍ନତ, ଉଦ୍ଧତ । କ୍ଳାନ୍ତି ଅପସରିଛି । ସେ ପୁଣି ଫେରି ଆସିଛି ନିଜ ଭିତରକୁ । ନିଜର ବଳିଷ୍ଠ ବ୍ୟକ୍ତିତ୍ୱରେ ସେ ସାରା ସୃଷ୍ଟିକି ଦଳି ଦେଇ ପାରିବ । ରାତି ସାଢ଼େ ଦଶଟାବେଳେ ଦିଲ୍ଲୀକୁ ଉଡ଼ାଜାହାଜ ଛାଡ଼ିବ । ଏବେ ମାତ୍ର ସାଢ଼େ ତିନ୍ । ଏତେ ସମୟ ସେ ଏଇଠି କଟେଇବ । ଜୋତା ମସ୍ ମସ୍ କରି ଗର୍ବିତ ମସ୍ତକରେ ସେ ଚାଲିଲା ବିଶ୍ରାମ କକ୍ଷକୁ ।

ସାତ

ରାତି ସାଢ଼େ ଦଶ । ଦିଲ୍ଲୀ ଅଭିମୁଖୀ ଉଡ଼ାଜାହାଜ ଭୂଇଁ ଛାଡ଼ି ଧୀରେ ଧୀରେ ଆକାଶକୁ ଉଠିଲା । ଆକାଶରେ ଅନ୍ଧକାର । କିନ୍ତୁ କଲିକତା ମହାନଗରୀର ଛାତି ଉପରେ ଅସଂଖ୍ୟ, ଅଜସ୍ର ଆଲୋକର ମାଳା, ଆଲୋକର ବନ୍ୟା । ଯେମିତି ଲକ୍ଷଲକ୍ଷ କୋଟିକୋଟି ହାଉଇ, ତୁମ୍ବି, ମହତାପ, ରସକଦମ୍ବ କିଏ ଏକାବେଳକେ ଜାଳି ଦେଇଛି । ଯେମିତି ଆକାଶର ଛାୟାପଥରୁ ଖଣ୍ଡେ ଛିଡ଼ି ପଡ଼ିଛି କଲିକତାର ଛାତି ଉପରେ । ସବୁଆଡ଼େ ହାଲୋଳ ଦିଶୁଛି । ଫାଟି ପଡ଼ୁଛି । ପୃଥିବୀ ଆଜି ସ୍ୱର୍ଗ ପାଲଟି ଯାଇଛି । ଚିନ୍ମୟୀ ଖାଲି ମୁଗ୍ଧ ନୟନରେ ଚାରିଆଡ଼କୁ ଚାହିଁ ଥିଲା, ଦେଖୁଥିଲା ଆଉ ଭାବୁଥିଲା । ଆଜି ମାଟି ଛାଡ଼ି ସେ ଆକାଶରେ । ଆଜି ଅନ୍ଧକାର କୋଳରୁ ସେ ଆଲୋକକୁ ଆସିଛି । ଆଜି ସେ ମୁକ୍ତ ।

ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ ସ୍କଲାର୍ ଜିପ୍‌ସି; ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ ଡକ୍ଟର ଜନ୍‌ସନ୍, ଡକ୍ଟର ଆର୍ନଲଡ୍, ସାର୍ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ, ଲର୍ଡ଼ ଲିନ୍‌ଲିଥ୍‌ଗୋ, ସାର୍ କ୍ଲିମେଣ୍ଟ ଆଟ୍‌ଲି। ଅକ୍ସଫୋର୍ଡ୍‌ରେ ଯେଉଁମାନେ ପଢ଼ନ୍ତି ସେମାନେ ସାରା ପୃଥିବୀର ଶ୍ରେଷ୍ଠ ରାଷ୍ଟ୍ରନାୟକ, ଶ୍ରେଷ୍ଠ ଜନନାୟକ, ଶ୍ରେଷ୍ଠ ପଣ୍ଡିତ। ସେଇ ଅକ୍ସଫୋର୍ଡ୍‌ରେ ବି. ଲିଟ୍ କରି ଏବେ ପି. ଏଚ୍. ଡ଼ି. କରୁଛନ୍ତି ବିନାୟକ ନାରାୟଣ ଗଡ଼୍‌କର୍। ବିନାୟକ ପୁନା ବିଶ୍ୱବିଦ୍ୟାଳୟର ରତ୍ନ, ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟର ଗୌରବ। ଆଉ ବିନାୟକ ଚିନ୍ମୟୀର ବନ୍ଧୁ। ଏଇ ବିନାୟକ ପାଇଁ ସହସ୍ର କଦମ୍ବର ରୋମାଂଚ ଖେଳିଯାଏ ଚିନ୍ମୟୀର ଅନ୍ତରରେ। ଆଜି କଲିକତା ମହାନଗରୀ ଉପରେ ଉଡ଼ି ଯାଉଁଯାଉଁ ଚିନ୍ମୟୀର ଭୁହାଇ ଭୁହାଇ ମନେ ପଡ଼ୁଥିଲା ବିନାୟକର କଥା।

ଏଇ କଲିକତା। ଏକ ଆନ୍ତର୍ବିଶ୍ୱବିଦ୍ୟାଳୟ ଇଂରେଜୀ ବକ୍ତୃତା ପ୍ରତିଯୋଗିତାରେ ବିନାୟକ ଆସିଥିଲା ପୁନାରୁ। ସେ ଆସିଥିଲା ବେନାରସରୁ। ମାନ୍ଦ୍ରାଜ, ତ୍ରିଭେନ୍ଦ୍ରମ୍, କଲିକତା, ଉତ୍କଳ, ଗୌହାଟି ଆଦି ବହୁ ବିଶ୍ୱବିଦ୍ୟାଳୟରୁ ବହୁ ପ୍ରତିଯୋଗୀ ବି ଆସିଥିଲେ। ବିଚାରକ ମଣ୍ଡଳୀରେ ଥିଲେ କଲିକତା ବିଶ୍ୱବିଦ୍ୟାଳୟର ମୁଖ୍ୟ ଇଂରେଜୀ ଅଧ୍ୟାପକ, ଅକ୍ସଫୋର୍ଡ଼ର ଡି.ଲିଟ୍ ଡକ୍ଟର ଅମଳେନ୍ଦୁ ଘୋଷ, ବ୍ରିଟିଶ୍ କାଉନ୍‌ସିଲ୍‌ର ଜଣେ ଇଂରେଜୀ ମହିଳା ଅଧ୍ୟାପିକା ମେରିଆ ଗ୍ଲାଡ଼ିସ୍ ଆଉ ଓସମାନିଆ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରେମଚାନ୍ଦ୍ ରାୟଚାନ୍ଦ ସ୍କଲାର୍ ଡକ୍ଟର୍ କୃଷ୍ଣସ୍ୱାମୀ ଆୟଙ୍ଗାର୍। ଏଇ ବିଦ୍ୱଜ୍ଜନମଣ୍ଡଳୀ ଭିତରେ ଅବଶ୍ୟ ଚିନ୍ମୟୀ ପ୍ରଥମ ସ୍ଥାନ ଅଧିକାର କରିଥିଲା, ହେଲେ ବିନାୟକ ନାରାୟଣ ଗଡ଼୍‌କର୍‌ର ବଜ୍ର ଗର୍ଜନ ଭଳି ଭାଷା, ଛନ୍ଦୋବଦ୍ଧ କବିତା, ସୁନ୍ଦର ସୁଠାମ ଠାଣି, ମଂଚ ଉପରେ ନୃତ୍ୟ କରିବା ଭଳି ଭଙ୍ଗୀ ଆଉ ଅଧରର କଂପନ ଯିଏ ଥରେ ଦେଖିଛି ସିଏ ମୁଗ୍ଧ, ଚକିତ, ସ୍ତମ୍ଭିତ ହୋଇ ରହିଯାଇଛି। ଡକ୍ଟର ଅମଳେନ୍ଦୁ ଘୋଷ ତ ପୁରସ୍କାର ଦେଲାବେଳେ ପରିଷ୍କାର କହିଲେ— ନା କାଶୀ ବିଶ୍ୱନାଥ ନା ଜୟ ଜଗନ୍ନାଥ କେହି ତମକୁ ରକ୍ଷା କରିପାରି ନ ଥାନ୍ତେ, ତମ ଶାଢ଼ୀହିଁ ତମକୁ ରକ୍ଷା କରିଦେଲା ଚିନ୍ମୟୀ। ବିନାୟକ ଅପରାଜେୟ।.........

ଆଜି ଉତ୍ସବ ଶେଷରେ ଯେତେବେଳେ ଅଭିନନ୍ଦନ ଜଣେଇବାକୁ ହସହସ ହୋଇ ପ୍ରଥମେ ଆସି ପହଞ୍ଚିଲା ବିନାୟକ, ସେତେବେଳେ ବିନାୟକ କିଛି କହିବା ଆଗରୁ ଚିନ୍ମୟୀ ଗୋଟିଏ ଗୋଲାପ ଫୁଲର ତୋଡ଼ା ବିନାୟକ ହାତରେ ଥୋଇଦେଲା । କହିଲା—ଆପଣ ଫାଷ୍ଟ ଉପରେ ଫାଷ୍ଟ, ତେଣୁ ବିଶେଷ ବଡ଼ ସ୍ମାର୍ଟ । ଆପଣଙ୍କ ଶିବାଜୀ କହୁଥିଲେ—ଭୁବନେଶ୍ୱର ଦେବଭୂମି, ଏଠାରେ କେବଳ ଦେବତା ମାନେହିଁ ରହନ୍ତି । କିନ୍ତୁ ମୁଁ କହିବି—ମହାରାଷ୍ଟ୍ର ବୀରଭୂମି । ସେଠାରୁ ଯିଏ ବାହାରନ୍ତି ସିଏ ବୀର, ଦୁର୍ଦ୍ଦମନୀୟ । ଆପଣଙ୍କ ଭଳି ତରୁଣଙ୍କୁ ପାଇ ଯେ କୌଣସି ଜାତି, ଯେ କୌଣସି ବ୍ୟକ୍ତି ଗର୍ବରେ ଫାଟି ପଡ଼ିବ । ଆପଣଙ୍କ ଚରଣ ଉପରେ ମଥା ରଖି ପ୍ରଣାମ କରିବାକୁ ଇଚ୍ଛା ହୁଏ । ଆପଣ ଏକ ସାର୍ଥକ ପୁରୁଷ ।

ବିନାୟକ ସ୍ତବ୍ଧ ହୋଇ ଚିନ୍ମୟୀ ମୁହଁକୁ ଚାହିଁଥିଲା । ଚିନ୍ମୟୀ କ୍ଷଣେ ଚାହିଁ ଧୀରେଧୀରେ ଲାଜକୁଳୀ ଆଖି ଦି'ଓଟିକ ନୁଆଁଇ ଦେଇଥିଲା ।

ସେ ତିନବର୍ଷ ତଳର କଥା । ଆଜି ସେ କଥା ମନେ ପଡ଼ୁଛି । ଏଇ କଲିଂ ବେଲ୍ଟା ଆସିଲେ ବାରମ୍ବାର ସେଇକଥା ମନେପଡ଼େ ।

ଏହା ମଧ୍ୟରେ ବହୁତ ଜଳ ଗଙ୍ଗାନଦୀରେ ବହିଯାଇଛି । ବିନାୟକ ଚଣ୍ଡୀଗଡ଼ ବିଶ୍ୱବିଦ୍ୟାଳୟରେ ରିଡ଼ର୍ ଥାଇଁ ଅକ୍ସଫୋର୍ଡ ଯାଇଛି । ପି.ଏଚ୍.ଡ଼ି. କରୁଛି ! ଆଉ ଚିନ୍ମୟୀ ପି.ଏଚ୍.ଡ଼ି. କରୁଛି ଉତ୍କଳ ବିଶ୍ୱ-ବିଦ୍ୟାଳୟରେ । ହେଲେ କେହି ଲକ୍ଷ୍ୟ ଭ୍ରଷ୍ଟ ହୋଇ ନାହାଁନ୍ତି । ସ୍ୱାଧୀନତା ଆନ୍ଦୋଳନ ବେଳେ ଯେପରି ବହୁ ତରୁଣ ତରୁଣୀ ପରସ୍ପରକୁ ଭଲ ପାଉଥିଲେ, ପ୍ରେମ କରୁଥିଲେ, କିନ୍ତୁ ପ୍ରତିଜ୍ଞା କରିଥିଲେ ଦେଶ ସ୍ୱାଧୀନ ନ ହେଲେ ବିବାହ କରିବେ ନାହିଁ ବୋଲି, ଠିକ୍ ସେହିପରି ଏମାନେ ପଣ କରିଛନ୍ତି 'ଡକ୍ଟରେଟ୍ ନ ପାଇବା ଯାଏ, ସମାଜରେ ପ୍ରତିଷ୍ଠା ଗୌରବ ଅର୍ଜନ ନ କରିବାଯାଏ ବିବାହ କରିବେ ନାହିଁ, ଯଦିଓ ବା ଜଣକ ପାଇଁ ଆର ଜଣକ ହୃଦୟରେ ଏକ ନିର୍ଦ୍ଦିଷ୍ଟ ଓ ନିଶ୍ଚିତ ସ୍ଥାନ ସୁରକ୍ଷିତ ।

କିନ୍ତୁ ଜୀବନ ଅଙ୍କ ନୁହେଁ ସାହିତ୍ୟ, ବିଜ୍ଞାନ ନୁହେଁ କଳା, ଏ କଥା ବୋଧେ ଏଇ ଜ୍ଞାନପାଗଳ, ଅତି ପଣ୍ଡିତ ତରୁଣ ତରୁଣୀ ଭୁଲି ଯାଇଛନ୍ତି । ତେଣୁ ନଳରାଜାଙ୍କ ପାଦ ଟିକିଏ କୋଉଠି ଅଧୁଆ ରହି ଯାଇଥିଲା ବୋଲି ଯେମିତି ସେଇବାଟେ ଶନି ପ୍ରବେଶ କରିଥିଲେ, ସେମିତି କୋଉଠି ଟିକିଏ ଛିଦ୍ର ପାଇ ଚିନ୍ମୟୀ ଜୀବନରେ ପ୍ରଦୀପ ପ୍ରବେଶ କଲାଣି, ଆଉ ବିନାୟକ ଜୀବନରେ କିଏ ପ୍ରବେଶ କଲାଣି ନା କଲାଣି କିଏ ଜାଣିବ ? ବିନାୟକ ତ ସାତ ସମୁଦ୍ର ତେର ନଈର ସେ ପାରିରେ ।

ତଥାପି ଚିନ୍ମୟୀ ଭାବୁଥିଲା……ଭାବୁଥିଲା । ଏକ ସ୍ୱର୍ଣ୍ଣ ପ୍ରଭାତର ସ୍ୱପ୍ନ ଦେଖୁଥିଲା ଅଦୂର ଭବିଷ୍ୟତରେ । ବିନାୟକ ଫେରିଆସିଛି, ଡକ୍ଟରେଟ୍ ପାଇଛି, ତା'କୁ ଫୁଲମାଳ ଦେଇ ଅଭ୍ୟର୍ଥନା କରି ନେଇଛି ବମ୍ବେ ବିଶ୍ୱ-ବିଦ୍ୟାଳୟ । ଚିନ୍ମୟୀର ବି ଡକ୍ଟରେଟ୍ ସମ୍ପୂର୍ଣ୍ଣ । ନେପାଳର ତ୍ରିଭୁବନ ବିଶ୍ୱବିଦ୍ୟାଳୟରେ ରିଡ଼ରସିପ୍ ତା'କୁ ମିଳିଛି । ବିବାହର ଦିନ ସ୍ଥିର । ବାଜା, ବାଣ, ରୋଷଣିରେ ଚତୁର୍ଦ୍ଦିଗ କମ୍ପାଇ ବର ବେଶରେ, କନ୍ଦର୍ପ ବେଶରେ ଆସି ପହଞ୍ଚୁଛି ବିନାୟକ । ପୁରର ବଡ଼ଦାଣ୍ଡ ଫାଟି ପଡ଼ୁଛି । ବିଚିତ୍ର ଆଲୋକ-ସଜ୍ଜାରେ ସଜ୍ଜିତ ହୋଇଛି ଘରଟି । ଛୋଟ ଘରଟି ଇନ୍ଦ୍ରଭୁବନ ପାଲଟିଛି । ବ୍ୟାଣ୍ଡ୍ ବାଜୁଛି, ଶଙ୍ଖ ବାଜୁଛି, ହୁଳହୁଳି ପଡ଼ୁଛି, ମହୁରିଆ ଚିତ୍ତ ଉଲ୍ଲାସରେ ଲମ୍ବାଇ ଦେଉଛି ସ୍ୱର—'ଚେଡି ଚତୁରୀ ଗୃହିଁଲ ନଶୀ ନାଚଣ……' ହଠାତ୍ ଆସି ପହଞ୍ଚି ଯାଉଛି ପ୍ରଦୀପ !! ଏଁ ପ୍ରଦୀପ ??

ଠାଇକିନା ଚମକି ପଡ଼ିଲା ଚିନ୍ମୟୀ । ଉଡ଼ାଜାହାଜ ଭିତରେ ଉଠିବସିଲା । ପ୍ରଦୀପ କିଏ ? ପ୍ରଦୀପ ତା'ର କ'ଣ ? ପ୍ରଦୀପ ସାଙ୍ଗରେ କେତେ ଦିନର ସମ୍ପର୍କ ? ଗୋଟାଏ ଦୁଃସ୍ୱପ୍ନ ଭଳି, ଜଳାଗ୍ରୁଇ ଭଳି ତା' ଜୀବନରେ ପ୍ରଦୀପ ଦେଖା ଦେଇଥିଲା । ପ୍ରଦୀପ ମୂଲ ଲଗିଥିଲା, ସେ ତା' ମଜୁରି ଦେଇଦେଇଛି; ପ୍ରଦୀପ ଭିକ ମାଗିଥିଲା, ସେ ଅଞ୍ଜଳି ଭରି ଭିକ ଢାଳି ଦେଇଛି ତା' ଥାଳରେ । ଆଉ କାହିଁକି ? ଯେତେ ଘୃଣା କଲେ ବି, ଯେତେ ଫିଙ୍ଗି ଦେଲେ ବି ଏ ପ୍ରଦୀପ ଏମିତି ନିର୍ଲଜ ଭାବରେ ଆସେ କାହିଁକି ? ବିନାୟକ ଆଉ ପ୍ରଦୀପ !! କାହିଁ ବହୁମୂଲ୍ୟ ହୀରା, କାହିଁ କାଚ !!

ବିନାୟକ ଫାଷ୍ଟ କ୍ଲାସ ଫାଷ୍ଟ ଗୋଲ୍ଡ ମେଡ଼ାଲିଷ୍ଟ, ପ୍ରତାପ ତୃତୀୟ ଶ୍ରେଣୀ; ବିନାୟକ ପି.ଏଚ୍.ଡ଼ି, ଅକ୍ସଫୋର୍ଡ, ପ୍ରତାପ ଗଞ୍ଜାମ କଲେଜର ଲେକ୍‌ଚରର—ଗଞ୍ଜାମ କଲେଜ, ଯୋଉଠି ଖୋଲିଛି ମାତ୍ର ଗୋଟିଏ ଶ୍ରେଣୀ—ପ୍ରିଇଉନିଭରସିଟି, ଯାହାର ନାଁ ତା' ପାଖ ଗାଁ ଦୁଆରେ ବି ଲୋକେ ଜାଣି ନଥିବେ, ସେଇ ପ୍ରତାପ ଆସି ବିନାୟକ ପାଖରେ ଠିଆ ହେଉଛି !! ବିଧାତାର କି ନିଷ୍ଠୁର ଉପହାସ !!

ପ୍ରତାପକୁ ସେ ବହୁ କଷ୍ଟରେ ଟାଣି ଓଟାରି ଘୋଷାରି ପୋପାଡ଼ି ଦେଲା ଉଡ଼ାଜାହାଜ ତଳକୁ । ବେଦୀ ଉପରେ ଏକା ବସିଲେ ବିନାୟକ । ଦେବଦାସୀ ଗୀତ ଗାଇଲା, ନୃତ୍ୟ ଆରମ୍ଭ କଲା । କେତେ ଛନ୍ଦ, କେତେ ଭଙ୍ଗୀ, କେତେ ପ୍ରୀତିର ପ୍ରଲେପ—

—ଏଥର ମୁଁ ଆଉ ତମକୁ ଜମା ଛାଡ଼ିବି ନାହିଁ, ତମେ ଚାଲିଗଲେ ନା ମତେ ଚାରିଆଡ଼େ ଅନ୍ଧାର ଦିଶୁଛି । କେତେ ଆଉ ଏ ବହି ପଢ଼ିବି ? ଲାଇବ୍ରେରୀରେ ବସିବସି ମୁଁ ତ ଏକାବେଳକେ ପୋକ ହୋଇଗଲି । ନିଅ, ଏ ଅନ୍ଧକାରରୁ ମତେ ଆଲୋକକୁ ନିଅ । ତମରି ଛାତି ଉପରେ ମଥା ରଖି ରଖି......

—ନା, ଡର ମତେ ମାଡ଼ୁନାହିଁ ଯେ, ଏ ସଂସାରରେ ବାଘ, ସାପ, ଭୂତ, ସଇତାନ୍ ଏ ଭୟ ମୋର ନାହିଁ । ମୁଁ ଏତେ ଦୁର୍ବଳ ନୁହେଁ । ହେଲେ କଷ୍ଟ ଲାଗୁଛି, ଏ ଜୀବନ ଦୁର୍ବହ ଲାଗୁଛି, ତମେ ଆଉ କେତେଦିନ ···କେତେଦିନ ବାହାରେ ରହିବ ? ମୁଁ ତ ଆଉ ପାରୁନାହିଁ । ତମ କଥା ଖାଲି···ଖ-ଆ-ଲି ମନେ ପଡ଼ୁଛି ।

—ହଁ, ବହି ତ ଅନେକ ପଢ଼ିଛି । ହେଲେ ପୋଥି ବାଇଗଣ ଆଉ ବାରି ବାଇଗଣ ଭିତରେ ତଫାତ୍ । ଏଇ ବହି, ଏଇ ଅସ୍ତ୍ରକୁ ଟିକିଏ ଭିନ୍ନମୁଖୀ କରିଦେଲେ କୁଆଡ଼େ ଅନୁପମ ସଙ୍ଗୀତ ସୃଷ୍ଟି ହୁଏ, କାବ୍ୟ ଗଢ଼ାଯାଏ, ତାଜମହଲ ଗଢ଼ିଉଠେ, ଦୁର୍ଦ୍ଧର୍ଷ ଦୁର୍ଦ୍ଦମନୀୟ ଯୋଦ୍ଧା ବାହାରି ପଡ଼ନ୍ତି, ଶୁଣିଛି । ମୁଁ ନିଜେ ବି କେତେ ଲୋକଙ୍କୁ ଏଇ ଉପଦେଶ ଦେଇଛି । କିନ୍ତୁ ଉପଦେଶହିଁ ଉପଦେଶ, ବହି ବହି । ବହି ଜୀବନ ନୁହେଁ, ବହି ରକ୍ତ

ମାଂସର ଦେହ ନୁହେଁ । ମୋର ସବୁ ବନ୍ଧ, ସବୁ ଡ଼ୋରୀ, ସବୁ ଉଲ୍ଟରେଇ ପଛେ ଚୁଲ୍ଲିକ ଯାଆନ୍ତା, ତମେ ମୋ ପାଖକୁ ଫେରି ଆସନ୍ତ କି ! ଫେରି ଆସନ୍ତ କି ଏଇ ଶ୍ରାବଣ ରାତିର ଅଝରଝର ବର୍ଷା କୋଳରେ ! 'ଇମୋଜେନ୍' ଠିକ୍ କହିଥିଲା ସେ ରାଜଦୁହିତା ନ ହୋଇ ଗୋଟିଏ କୃଷି ଝିଅ ହୋଇଥାଆନ୍ତା କି, ଆଉ 'ପୋଷ୍ଟ୍ୟୁମସ୍' ହୋଇଥାଆନ୍ତା କି ଗୋଟିଏ ମେଷ ପାଳକର ପୁଅ ଆଉ ସେମାନଙ୍କର ମିଳନ ହୋଇଥାଆନ୍ତା କି !! ମିଳନ ····ଆମର ମିଳନ କେବେ ବନାଯୁକ ? ତମର କ'ଣ କିଛି ମନେ ପଡ଼େନା ? ପଡ଼େନା ? ପଡ଼େନା ?

—ଆଚ୍ଛା ବନାଯୁକ, ତମେ ଏତେ କୃପଣ କାହିଁକି ? ଚିଠି ଲେଖିବାରେ ତମର ଏତେ କୃପଣତା କାଆଁ ? ଅବଶ୍ୟ ତମେ ବଡ଼ ସ୍କଲର୍, ତମର ଦାୟିତ୍ୱ ଯଥେଷ୍ଟ ବେଶୀ । ତମର ସମୟ ଯଥେଷ୍ଟ କମ୍ । ମୁଁ ବୁଝୁଛି । ଚିଠି ଲେଖିବାଟା ବି ଗୋଟାଏ ଫାଲ୍‌ତୁ କଥା । ଅନେକ ସମୟ ଓ ଶକ୍ତିର ଅପଚୟ । ସେହି ସମୟରେ ଅନେକ ଜ୍ଞାନ ଆହରଣ କରାଯାଇପାରେ । ମୁଁ ଜାଣେ । ମୁଁ ବି ଏଥିରେ ଏକମତ । କିନ୍ତୁ ତଥାପି ବେଳେବେଳେ କାହିଁକି ମନ ହୁଏ ଚିଠି ଲେଖିବାକୁ । ବେଳେବେଳେ ମୁକ୍ତଆକାଶର ଦୂର ଦିଗ୍‌ବଳୟକୁ ଚାହିଁ ଠିଆ ହେବାକୁ ଇଚ୍ଛା ହୁଏ ଘଣ୍ଟାଘଣ୍ଟା । ନିର୍ଜନ ରାତିରେ, ନିସ୍ତବ୍ଧ ରାତିରେ, ଅନ୍ଧକାର ରାତିରେ, ନକ୍ଷତ୍ର ଖଚିତ ଆକାଶ ଭିତରେ କେତେ ମାୟା, କେତେ ସ୍ୱପ୍ନ, କେତେ ଆକର୍ଷଣ ! ତମେ ବନାଯୁକ, ଏସବୁ ବୁଝ ? ଏସବୁ ଅନୁଭବ କର ? ତମେ ଘନ ଘନ ଚିଠି ଲେଖନା କାଆଁ ?

—ଆଚ୍ଛା ବନାଯୁକ, ତମେ ଓଡ଼ିଆରେ ଚିଠି ଲେଖି ଜାଣନା ? ତମେ ଓଡ଼ିଆ ଶିଖୁନା କାଆଁ ? ମୁଁ ବି ଓଡ଼ିଆକୁ ଘୃଣା କରେ । ଓଡ଼ିଆ ଗୋଟାଏ ଭାଷା ! ସେଥିରେ ପୁଣି ସାହିତ୍ୟ ! ତାକୁ ପୁଣି ଗୋଟାଏ ପଢ଼ିବ ! ହେଲେ ଏଇ ଚିଠି···ଓଡ଼ିଆ ଚିଠି କାହିଁକି ଭାରି ଭଲଲାଗେ ଇଂରେଜି ଚିଠି ଅପେକ୍ଷା । ତମ 'ଡାର୍ଲିଙ୍ଗ୍' ଆଉ ପ୍ରଦୀପ ଭାଇଙ୍କର 'ଧନ ମୋର', 'ଶୁନୁରେ', 'ରାଇଗୋ'···କେତେ ତଫାତ୍, କେତେ ଫରକ୍ । ସତରେ-ପ୍ରଦୀପ ଭାଇ ଯା' ଚିଠି ଲେଖନ୍ତି ନା ପଥର ପାଣି

ହୋଇଯିବ । ଭାରି ଭଲଲାଗେ ତାଙ୍କର କଥା, ତାଙ୍କର ଚିଠି, ତାଙ୍କର ସ୍ନେହ । ଯେମିତି ଅମୃତ କିଏ ବୋଳି ଦେଇଛି ତାଙ୍କର କଥାରେ, ତାଙ୍କର ହସରେ ।

ଏଁ !! ବଜ୍ର ବାମ୍ବୁଡ଼ିଲା ଭଳି ପରମୁହୂର୍ତ୍ତରେ ଚମକି ପଡ଼େ ଚିନ୍ମୟୀ,— ପ୍ର-ତା-ପ ଭା-ଇ !! ପ୍ରତାପଙ୍କୁ ସେ ଭାଇ ଡାକେନି ତ । ପ୍ରତାପଙ୍କୁ ସେ ଏ ଆଖିରେ ଦେଖେନି ତ ! ପ୍ରତାପ ତ ଭାବପ୍ରବଣ, ମେରୁଦଣ୍ଡବିହୀନ ଯୁବକ ! ଭାବପ୍ରବଣତାରେ କ'ଣ ସୃଷ୍ଟି ହୁଏନା ? ଆଲ୍‌ଡ୍ରିନ୍ ଆଉ ଆର୍ମଷ୍ଟ୍ରଙ୍ଗ୍ ଭାବପ୍ରବଣ ହୋଇ ଯାଇଁ ଚନ୍ଦ୍ରରେ ଉପନୀତ ହୋଇଥିଲେ ? ......କିନ୍ତୁ ତଥାପି ଭାବପ୍ରବଣତାର କ'ଣ ମୂଲ୍ୟ ନାହିଁ ? ଆକାଶର ତାରାକୁ ଚାହିଁବାରେ କ'ଣ ଆନନ୍ଦ ନାହିଁ ? ଏତେ ସୁନ୍ଦର ଚିଠି, ଏତେ କୋମଳ ଭାଷା, ଏତେ ସ୍ନେହ, ସୋହାଗ, ସରାଗ ଯା' ଭିତରେ ସେ କ'ଣ ଖାଲି ଲୋଫର୍ ?? ପାଠରେ ସିନା ଥାର୍ଡ୍‌କ୍ଲାସ୍, ସ୍ନେହରେ ? ହୃଦୟରେ ? ହୃଦୟର କ'ଣ ମୂଲ୍ୟ ନାହିଁ ଏ ଦୁନିଆରେ ?

ଚିନ୍ମୟୀ ସ୍ତବ୍ଧ ହୋଇ ଘଡ଼ିଏ ରହିଗଲା । ସବୁ ଭାବନା ଯେମିତି ଓଲଟପାଲଟ, ଗୋଳିଆ, ମୋଳିଆ, ମିଶାମିଶି ହୋଇଗଲା । ସତେ ତ, ଏ ଚାର୍ଲସ୍ ଡିକେନ୍‌ସଙ୍କ ଚରିତ୍ର ହୋଇଗଲା । ଯିଏ ଭଲ ସିଏ ଏକଦମ୍ ଭଲ—ଶୁଭ୍ରତର, ଶୁଭ୍ରତମ । ଆଉ ଯିଏ ଖରାପ ସିଏ ଏକଦମ୍ ଖରାପ—ହାଣ୍ଡିକଳା, ଅମାବାସ୍ୟା କଳାଠାରୁ ଆହୁରି କଟକଟିଆ । କିନ୍ତୁ ଜୀବନ କ'ଣ ଏଇଆ ? ସଂସାର କ'ଣ ଏଇଆ ? ଏତେ ପାଠ, ଏତେ ବିଶ୍ୱର ଶ୍ରେଷ୍ଠ ଚିନ୍ତାନାୟକଙ୍କର ଚିନ୍ତା ତାକୁ ଏଇଆ ଶିଖେଇଲା ? ଦେବତା ଆଉ ଦୈତ୍ୟ କ'ଣ ଅଲଗା ଅଲଗା ? ଏଇ ମଣିଷ ଦେବତା ପୁଣି ଏଇ ମଣିଷ ଦୈତ୍ୟ—କିଏ ଟିକିଏ ଅଧିକ, କିଏ ଟିକିଏ ଊଣା ବା କେଉଁ ମୁହୂର୍ତ୍ତରେ କିଏ ଦେବତା ଆଉ ଠିକ୍ ପର ମୁହୂର୍ତ୍ତରେ ସେଇ ଲୋକ ଦାନବ—ଏଇଆ ତ ? ଆଜି ଯିଏ ନରହନ୍ତା, ସେଇତ କାଲି ସକାଳେ ହିମାଳୟର ଶ୍ରେଷ୍ଠ ତପସ୍ୱୀ—ତା ପ୍ରାଣରେ ଦେବାବତରଣ ହୋଇ ଯାଉଛି —ଏ ସତ୍ୟକୁ ଅସ୍ୱୀକାର କରି ହେବ ? ତେବେ କିଏ ବଡ଼ କିଏ ସାନ, କିଏ ଥାର୍ଡ଼କ୍ଲାସ୍, କିଏ ସେକେଣ୍ଡ କ୍ଲାସ, କିଏ ଫାଷ୍ଟ୍ କ୍ଲାସ ଏ ଚିନ୍ତା ଏକ

ମାମୁଲି ବଗୁଲା ଧାଉଁ ସିନା ! ଆଜି ସିଏ ପାଠରେ ଶ୍ରୂନ୍ ସିଏ ହୁଏତ ସଙ୍ଗୀତରେ ଚରମ ସୋପାନରେ ବା ଖେଳରେ ଷ୍ଟେଟ୍‌ଚାମ୍ପିଅନ୍ ବା ପରୋପକାରୀ ହିସାବରେ ରାଷ୍ଟ୍ରୀପୁଅ ଅନନ୍ତା ବା ସ୍ନେହ ସରାଗରେ ଆଗୁଆଁ ହରିହର ! କିଏ ବଡ଼ ? କିଏ ସାନ ? କିଏ ପୂଜ୍ୟ ? କିଏ ଘୃଣ୍ୟ ? ରାଇଟ୍ ଅନରେବଲ୍ ଶ୍ରୀନିବାସ ଶାସ୍ତ୍ରୀ ବଡ଼ ନା ହାସ୍ୟରସିକ ଝିମା ବଡ଼ ନା ମୋ ନୋଉ ବଡ଼, ଏ ପ୍ରଶ୍ନର ତ ଉତ୍ତର ନାହିଁ । ସମସ୍ତେ ବଡ଼ ନିଜ ନିଜ ଭୂମିକାରେ ।

କିନ୍ତୁ···କିନ୍ତୁ ବିନାୟକ ସାଙ୍ଗରେ ପ୍ରଦୀପର ତୁଳନା କାହିଁକି ? ବିନାୟକ ମୋର ସ୍ୱାମୀ, ବିନାୟକ ମୋର ପ୍ରେମିକ, ବିନାୟକ ମୋର ଇହକାଳ ପରକାଳର ସର୍ବସ୍ୱ, ବିନାୟକ ମୋର ଶକ୍ତି ଆକାଶର ରଙ୍ଗୀନ୍ କୃଷ୍ଣଚୂଡ଼ା । ପ୍ରଦୀପ ହେଉପଛେ ଭଲ ବିନାୟକ ସାଙ୍ଗରେ ତୁଳନୀୟ କି ? ପ୍ରଦୀପ ଠିଆ ହେଇପାରେ ବିନାୟକ ପାଖରେ ? ନା,ନା, ତା କେବେ ହେଇପାରେନା । ଗୋଟିଏ ନାରୀର ଜୀବନରେ ଦୁଇଟି ପୁରୁଷ ଆସି ନ ପାରନ୍ତି । ମୁଁ କେବେ ବିନାୟକଙ୍କୁ ପ୍ରତାରଣା କରିବି ନାହିଁ । ବିନାୟକ ମୋର ଆତ୍ମା । ବିନାୟକଙ୍କୁ ମୁଁ ଜୀବନ ଠାରୁ ଅଧିକ ଭଲପାଏ । ବିନାୟକ ବିନା ମୋ ଜୀବନ ଶୂନ୍ୟ, ଅନ୍ଧାର, ଧୂ ଧୂ ମରୁଭୂଇଁ । ମୁଁ ବିନାୟକଙ୍କୁ ଠକିବି ? ଲୁଚକାଳି ଖେଳ ଖେଳିବି ? ଇମ୍ପସିବଲ୍ । ମହାନଦୀକି ଡେଇଁପଡ଼ି ଆତ୍ମହତ୍ୟା କରିବି ପଛେ , ମୁଁ କେବେ ଏତେ ନୀଚ ହେବି-ନାହିଁ, ହେବିନାହିଁ । ମୁଁ ଲକ୍ଷହୀରା ନୁହେଁ । ମୁଁ ଭଟ୍ଟାରିଆ କାରମ୍ବୋନା ହେଇ ପାରିବି ନାହିଁ, ପାରିବି ନାହିଁ ।

ଚିନ୍ମୟୀ ପୁଣି କଠୋର ହେଇ ଉଠିଲା । ଛିଦ୍ରେଷ୍ୱନର୍ଥା ବହୁଳି ଭବନ୍ତି । ଟିକିଏ କୋଉଠି ଛିଦ୍ର ପାଇଲେ ସବୁ ମଳି ଧୂଳି, ଅଳିଆ ଆବର୍ଜନା ଆସ୍ତେ ଆସ୍ତେ ପଶିଆସେ । ନଈ ବନ୍ଧରେ ଟିକିଏ ଘଳିଆ ପଡ଼ିଲେ ତା' କୋରି ହେଇହେଇ ବଡ଼ ଘାଇ ହେଇଯାଏ; ସବୁ ଘର-ଘାଟ ଭୁସ୍କିନା ଭସାଇ ନିଏ । ତେଣୁ ଆଗରୁ ସାବଧାନ ହେବା ଉଚିତ । ପ୍ରଦୀପ ଭଲ ହେଉ, ସାଧୁ ହେଉ, ପ୍ରଦୀପ କଥା ଆଗ ଉଠୁଛି କାହିଁକି ? ବାଘ ଘରେ ମିରିଗର ନାଟ କାହିଁକି ? ଏ ଘରେ ତାର ପ୍ରବେଶର ଅଧିକାର କାହିଁକି ?

ସ୍ୱପ୍ନ ଭଲ ଚିଠି ଲେଖେ । ଲେଖୁ । ଏ ଦୁନିଆରେ ତ ବହୁତ ଲୋକେ ବହୁତ ଭଲ ଜିନିଷ କରନ୍ତି । ମୁଁ କ'ଣ ସାରା ପୃଥିବୀର ସବୁ ଜିନିଷ ଆଣି ମୋ ଘରେ ସାଇତି ରଖିବି ? ଆଉ ମୋ ନିଜ ଜିନିଷଟିକୁ ଫିଙ୍ଗିଦେବି ପଦାକୁ ? ଆଉ କାଚ ରଖି ମରକତ ମଣିକୁ ଫିଙ୍ଗିଦେବା କେଉଁ ବୁଦ୍ଧିମାନ୍‌ର କାମ ଭଗବାନହିଁ ଜାଣନ୍ତି । ଗାଁର ଝିଅ କୋଉଠି ନାଟ ଦେଖି ନାଟର ରଜା ପାଇଁ ଲୁହ ଢାଳି ନିଜର ସ୍ୱାମୀକୁ ଆଡ଼େଇ ଦେବା ଖାଲି ନିର୍ବୋଧତା ନୁହେଁ ଚରମ ମୂର୍ଖତା । ମୂର୍ଖ ନାରୀ ବୁଝନ୍ତିନାହିଁ ଏ ଭାବପ୍ରବଣତାର ପରିଣତି ଶେଷରେ କାମପ୍ରବଣତାରେ, ପାପରେ, ପାପଗର୍ଭରେ । ଛି, ଛି, ଛି, ଅଧ୍ୟାପିକା! ଚିନ୍ମୟୀ ଏ କଥା ଭାବୁଛି ? ଭାବିପାରୁଛି ? ଏ ଭଳି ଚିନ୍ତାକୁ ପ୍ରଶ୍ରୟ ଦେଉଛି ହୃଦୟରେ ? ଓଡ଼ିଆରେ ସେ ଖଣ୍ଡେ ବହି ପଢ଼ିଥିଲା--ମାଳି ମାଷ୍ଟ୍ରାଣୀ ଆଉ ପଢ଼ି ଭେଁ ଭେଁ କାନ୍ଦିଥିଲା । ଆଉ ସେ ନିଜେ ହେବାକୁ ଯାଉଛି ମାଳି ମାଷ୍ଟ୍ରାଣୀ !! ଗୋଟାଏ ନାଟୁଆ ପାଇଁ, କବି ପାଇଁ, ଗୋଟାଏ ଅଜ୍ଞାତ କୁଳଶୀଳ, ଅପରିପକ୍ୱ ବୟସ୍କ ମାଇଚିଆ ଟୋକା ପାଇଁ····· ଛିଃ, ଥୂଃ, ଧିକ୍······

ଚିନ୍ମୟୀ କପାଳର ବିନ୍ଦୁବିନ୍ଦୁ ଝାଳ ପୋଛିଲା ରୁମାଲରେ । ସକାଳ ହୋଇ ଆସିଥିଲା । ସନ୍ଧ୍ୟା ହୋଇ ଆସିଥିଲା । ଦିଲ୍ଲୀର ପାଲାମ୍ ବିମାନ ବନ୍ଦରରେ ଧୀରେ ଧୀରେ ଅବତରଣ କଲା ବିମାନଟି । ଆକାଶରେ ଭୟଙ୍କର କୁହୁଡ଼ି । ଥପ୍‌ଥପ୍ କାକର ପଡ଼ୁଛି । ଚିନ୍ମୟୀ ଧୀର ପଦକ୍ଷେପରେ ବିମାନରୁ ବାହାରକୁ ଆସିଲା । ବାହାରେ ଅଭ୍ୟର୍ଥନା କରିବାକୁ ଯିଏ ଅପେକ୍ଷା କରିଥିଲେ, ସିଏ ଭାଇଙ୍କର ବନ୍ଧୁ କର୍ଣ୍ଣେଲ ସନ୍ତୋଷ ଭଟ୍ଟାଚାର୍ଯ୍ୟ । ସାଙ୍ଗରେ ବି ତାଙ୍କର ସ୍ତ୍ରୀ ଓ ଭଉଣୀ ଥିଲେ । ଚିନ୍ମୟୀ ହାତ ବଢ଼େଇ କର୍ଣ୍ଣେଲଙ୍କ ସହିତ କର ମର୍ଦ୍ଦନ କଲା । ସ୍ତ୍ରୀ ଓ ଭଉଣୀଙ୍କ ଆଡ଼କୁ ହାତ ବଢ଼ାଉ ଥିଲା, କିନ୍ତୁ ସେମାନେ ଦୁଇ ହାତ ଟେକି ନମସ୍କାର କଲେ । ଚିନ୍ମୟୀ ଟିକିଏ ଅପ୍ରସ୍ତୁତ ହେଲା । କିନ୍ତୁ ଚଟ୍‌କରି ମୁଖର ଭଙ୍ଗୀ ବଦଳେଇ ଖାଣ୍ଟି ବଙ୍ଗଳାରେ କହିଲା—ଚଲୁନ୍, ବାସା କତଦୂର୍ ? ଭଟ୍ଟାଚାର୍ଯ୍ୟଙ୍କ ସ୍ତ୍ରୀ ଗୋପାଙ୍କ ଘର କଟକ ଜିଲ୍ଲା ରଘୁନାଥପୁରରେ । ସେ ମୁରୁକି ହସି କହିଲେ---ମତେ ଓଡ଼ିଆରେ କହନା, ଏ ବଙ୍ଗଳା ହିନ୍ଦୀ କହି କହି ମୋ

ଯାଉଛି କ'ଣ ହେଇଗଲଣି । ଆଣିଲ, ପାନ ଅଛି ? ଆମ କଟକ ପାନ, କଡ଼ାଙ୍କ ଚାଦା, ଇସପଗୁଲ...

ଭଟ୍ଟାଚାର୍ଯ୍ୟ ହସି ଉଠିଲେ । କହିଲେ—ଆରେ ଅଧ୍ୟାପିକା ଯେ, ତାଙ୍କ ପାଖରେ 'ପରମଗ' ପାନ ନାହିଁ କି ସେ 'ବରବାଣି' ଛେଲ ନୁହଁନ୍ତି । ତମେ ସିନା ଖାଲି ଗୁଣ୍ଡି ପାଇଁ ପାଗଳ । ବୁଝିଲ ଶଙ୍କୁ, ତମ ବୋଉମା ବେଳେବେଳେ କ'ଣ ଗୀତ ବୋଲନ୍ତି ଜାଣ ?

ଦେଇ ଯା' ଗୁଣ୍ଡିବାଲି ଗୁଣ୍ଡି,
ବସିଛି ଘର ମଣ୍ଡି,
ସଜାଇ ଚଉଁରୀ ଭୁଣ୍ଡି ଲୋ ।

ସମସ୍ତେ ହୋ ହୋ ହସି ଉଠିଲେ । ହସିହସି କାର୍‌ରେ ବସିଲେ । କାର୍ ଷ୍ଟାର୍ଟ୍ ଦେଲେ କର୍ଣ୍ଣେଲ୍ ସାହେବ ।

ଆଠ

ଆଚ୍ଛା ଓ୍ୱାର୍ଡସ୍‌ଓ୍ୱାର୍ଥ, କଲରିଜ୍, ସାଉଦି, ସେଲି, କୀଟସ୍, ବାଇରନ୍—ଏ ହେଲେ ରୋମାଣ୍ଟିକ୍ ଏଜ୍‌ର୍; ଟେନିସନ୍, ବ୍ରାଉନିଂ, ମ୍ୟାଥ୍ୟୁ ଆର୍ନଲ୍ଡ୍, ରସେଟି—ଏ ହେଲେ ଭିକ୍ଟୋରିଆନ୍ ଏଜ୍‌ର; ଡବ୍ଲ୍ୟୁ. ବି. ଏଟସ୍, ଟି. ଏସ୍, ଇଲିଅଟ୍, ଜେନ୍ ଅଷ୍ଟିନ୍ ଏଜେରା ପାଉଣ୍ଡ, ରସ୍କିନ୍, ପୁସ୍କିନ୍—ଏ ହେଲେ ମଡର୍ଣ୍ଣ ଏଜ୍‌ର । ବାକି ସର୍‌ରିଆଲିଜମ୍, ଏକ୍‌ଜି-ଷ୍ଟେନ୍‌ସିଆଲିଜମ୍, ଆର୍ଗନିଷ୍ଟିସିଜମ୍, ଡାଇଡାକ୍‌ଟିସିଜମ୍, କ୍ଲେମ୍ପୁଇଜମ୍, ଲୁଣଇଜମ୍...ଯାଃ, ଏ କଣାବଳଦକୁ ଘଣା ପେଲାଇବା ବୁଦ୍ଧି ଭାଲୁ ଭଲ ଜଣା ! ଗୋଟାଏ ଦାଣ୍ଡୁ ବାଣ୍ଡୁ କଳା କମ୍ବଳ ଧରେଇ ଦେଲୁ ଯେ ଯେତେ କାଚିଲେ ବି ସେ ଆଉ ଧଳା ହେବ ନା ମୁଁ ଆଉ ଏ ପୋଖରୀରୁ ଉଠି ଘରକୁ ଯିବି ! ନା, ଏ ପାଠ ହବନାହିଁରେ ବାବା —

ଧାନ ଗୋଟି ଗୋଟି ଖଇ ଗୋଟି ଗୋଟି
ବାଛୁ ବାଛୁ ରାତି ପାହିଲା,
ବାପାଙ୍କୁ କହିବ ବଳଦ ରଖିବେ
ବଇଷ୍ଣମ ହବା ନୋହିଲା ।

ଏଇ ଭାଦ୍ରବ ମାସ । କେତେ ଧଳାଧଳା ବଉଦ ମେଳା ମେଳା ହୋଇ ଭାସି ବୁଲୁଥିବେ ଆକାଶରେ । ବଉଳ ଧାନ ଗାଛ ଫାଟି ପଡୁଥିବ କ୍ଷେତରେ । ଗହ୍ମରକା ଗହ୍ମର । ଆଖି ପାଉ ନ ଥିବ ଚାହିଁଲେ । ଧାନ କଅଁଳ ହଉଥିବ, ଅମଳ ହଉଥିବ । ହଜାର ହଜାର, ଲକ୍ଷଲକ୍ଷ ଶାଗୁଆ ରଙ୍ଗର ଶୁଆ, ନାଲି ଥଣ୍ଟିଆ ଶୁଆ ପଂକ୍ତି ପଂକ୍ତି ହୋଇ ଆସି ଧାନବିଲରେ ପଡୁଥିବେ, ଧାନ ଚୁଙ୍କୁଥିବେ ପୁଣି ଫର୍‌କିନା ଉଡି ଯାଉଥିବେ ଆକାଶକୁ । ସୁନା ରଙ୍ଗର ସୂର୍ଯ୍ୟକିରଣ ବିଚ୍ଛୁରିତ ହୋଇ ଯାଇଥିବ ଆଉଥରେ ସୁନାର କ୍ଷେତ ଉପରେ । ଗଉଡ଼ ଟୋକା ବରଡ଼ା ପତ୍ରର ଛତା ଭିତରେ ଇଦଭଦଳିଆ ପର ଖୋସି ଗାଈ ଗୋଠ ପଛରେ ଯାଉଥିବ, ଗୀତ ଗାଉଥିବ, ଶୁଆ ହୁରୁଡ଼ାଉଥିବ । ପଂକ୍ତିଏ ଶୁଆ ଉଡ଼ିଗଲା ବେଳକୁ ଆଉ ପଂକ୍ତିଏ ଆସି ପଡ଼ି ଯାଉଥିବେ, ଆଉ ଦଶ ପଂକ୍ତି ଚକ୍କର ଖାଇ ଉଡ଼ି ଯାଉଥିବେ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ । ନୀଳ ଶୁଆ ଆଉ ଧାନ, ଧାନ ଆଉ ଶୁଆ । ଆଃ, ସେ କି ଦୃଶ୍ୟ ! ସେ କି କବିତା ! ସେ କି ସଙ୍ଗୀତର ସୁଧା ନିର୍ଝର ! ଆଉ ତାକୁ ଗୁଡ଼ି ସୁଇନ୍‌ବର୍ଣ୍ଣର କବିତା ! ଷ୍ଟିଭେନ୍‌ସନ୍‌ର କବିତା ! ଯାଃ ।

ବମ୍ବେର ମେରାଇନ୍ ଡ୍ରାଇଭ୍‌ର ତିନିମହଲା କୋଠା ଉପରେ ଏକ ବାରଣ୍ଡାରେ ଟଙ୍ଗା ହୋଇଥିଲା କେତେଗୁଡ଼ିଏ ମାନଚିତ୍ର—ଭାରତ ମାନଚିତ୍ର, ଏସିଆ ମାନଚିତ୍ର, ପୃଥିବୀ ମାନଚିତ୍ର । ଶିକ୍ଷକ ଛାତ୍ରଙ୍କୁ କହିଲେ —ମତେ ଆରବ ସାଗର ଦେଖାଅ । ଛାତ୍ରମାନେ ଯଷ୍ଟିରେ ଧରି କିଏ ଭାରତ ମାନଚିତ୍ରରେ ଆରବ ସାଗର ଦେଖାଉଛି ତ କିଏ ଦେଖାଉଛି ଏସିଆ ମାନଚିତ୍ରରେ, କିଏ ବା ପୃଥିବୀ ମାନଚିତ୍ର ଆଡ଼କୁ ନିର୍ଦ୍ଦେଶ ଦେଉଛି । ଜଣେ ଛାତ୍ର ଦେଖ କାନ୍ଥ ଆଡ଼ୁ ମୁହଁ ବୁଲାଇ ଉତ୍ତାଳ ତରଙ୍ଗ-କୂଳ ଫେନିଳ ଆଉ ପୁଷ୍କଳ ସମୁଦ୍ର ଆଡ଼କୁ ଚାହିଁ କହିଲା—ଏଇ ଆରବ ସାଗର ! ଶିକ୍ଷକ ତାକୁ କୁଣ୍ଢେଇ ପକେଇଲେ ।

କବିତା କହିରେ ଥାଏ ? ସତ୍ୟ ଶିବ ସୁନ୍ଦରର ପ୍ରକାଶ ହୁଏ ଲାଇବ୍ରେରୀ ଭିତରେ ? ତାହେଲେ ଓ୍ୱାର୍ଡ୍‌ସ୍‌ଓ୍ୱାର୍ଥ କାହିଁକି ଲେଖିଲେ—

Enough of Science and art,
Close up those barren leaves.

ମାଳକଣ୍ଠ କାହିଁକି କହିଲେ—କଣ୍ଟିନେଣ୍ଟର କଂସାବାସନ ବ ସାହିତ୍ୟ ? କାହିଁକି ବର୍ଗୀପୁ କବ ଅନ୍ଧକାର ଘର ଭିତରେ ବସି ନ ରହି ମୁକ୍ତ ଅକାଶ କୋଳକୁ ଡେଇଁ ପଡ଼ିଲେ ? ଲେଖିଲେ—'ଗୃହେର ହାସି ବାହ୍ ରେଙ୍ଗେଛେ ଉଚ୍ଚୁଲ୍ ପଡ଼େ ଆନନ୍ଦ' । ଆନନ୍ଦକ କୋଉଠି ? ଘରେ ନା ବାହାରେ ? ବହିରେ ନା ମନରେ ? ପାଠ ପଢ଼ିଲେ ମଣିଷ ଶିକ୍ଷିତ ହୁଅନ୍ତି ? ଡ଼ିଗ୍ରୀ ମଣିଷକୁ କଲ୍‌ଚର୍ଡ଼ କରେ ?? ଥାଉ, ଗ୍ରୋଟ ମୁହଁରେ ବଡ଼କଥା ! ଲୋକେ ହସିବେ । ପବସ୍ତ ସୈନିକ ଅହିଂସା ପ୍ରଚାର କଲେ ଖାଲି ଲୋକେ ହସିବେ ନାହିଁ, ଘୋଡ଼ା ବି ହସିବେ ।

କିନ୍ତୁ ପାଠଟା ହବ କେମିତି ? ଡେଟଣ ଟୋକା ମାଷ୍ଟ୍ରାଣୀ ବେତ ଧରି ବସିଛି ନ ପଢ଼ିଲେ ପାଆଁ ଇଁ ପାଆଁ ଇ ପିଟିବ । ହେଲେ ପଢ଼ିବ କେତେବେଳେ ? କୋଉ ଋତୁରେ ?

ବର୍ଷାରେ ପଢ଼ିବ ?

କଳାଘୁମର ମେଘ ଉଠେଇଛି ଆକାଶରେ । ଆବର୍ତ୍ତକ, ସଂବର୍ତ୍ତକ, ଦ୍ରୋଣ, ପୁଷ୍କର—ଗୁରି ମେଘ ଏକାଠି ହେଲେଣି । ପବନ ସୁଁ ସୁଁ ବହୁଛି । ବିଜୁଳି ଝଟକୁଛି । ବଜ୍ର ଛୁଟୁଛି । ଘୁରଆଡ଼ ଅନ୍ଧାର । କଳାଘୁମର । ଏତେବେଳେ ପାଠ ପଢ଼ି ହୁଏ ?......ବର୍ଷା ଖାଇଖାଇ, ଆକାଶର ଅମୃତ ପିଇପିଇ ଧରଣୀର ଶୁଖା ଦେହରେ ଯୌବନ ନେଶି ହେଇଛି । ବଲ୍‌ବଣ, ଗଛଲତା, ପାହାଡ଼ ପର୍ବତ, ଗାଁଗଣ୍ଡା ସବୁରି ଉପରେ କିଏ ଲଙ୍କା ଶାଗୁଆ ଶାଢ଼ୀ ଖଣ୍ଡିଏ କିଏ ପାରି ଦେଇଛି ପୃଥିବୀର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ । ଆମ୍ବତୋଟା, ନଡ଼ିଆ ବଗିଚା, ତାଳମାଳ, ଶାଳବନ, ଧାନକିଆରୀ, ପଡ଼ିଆର ଘାସ, ବର, ଓସ୍ତ, ଜାମୁ, ଟିଜୁଲ, ଗୁକୁଣ୍ଡା—ଯୁଆଡ଼େ ଗୁହିଁବ, ଯୁଆଡ଼େ ଆଖି ଯିବ ଖାଲି ଶାଗୁଆ ରଙ୍ଗର ଢେଉ, ସବୁଜ ରଙ୍ଗର ଢେଉ । ସବୁ ଏକାକାର ହେଇଯାଇଛି, ଗୋଟିଏଇ ହେଇଯାଇଛି, ଚିକ୍କଣ, କୋମଳ, ମସୃଣ ହେଇ ଯାଇଛି କୋଉ ଅଦୃଶ୍ୟ କଳାକାରର କାଉଁଶ ହାତର ପରଶରେ । ଏଇ ଘନ ସବୁଜିମା କୋଳରେ ଆଖି ବୁଜି, ଶୋଇ ଶୋଇ ପୃଥିବୀର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଗଡ଼ିବାକୁ ଟାଳି ଇଚ୍ଛା ହୁଏ । ଆଲିଙ୍ଗନ କରିବାକୁ ଇଚ୍ଛା ହୁଏ । ଏତେବେଳେ ପାଠ ପଢ଼ି ହେବ ?

ପଢ଼ିବି ଶରତରେ ?

‘ରୁଚିର ଶରଦ କାଳ ବିରାଜିଲା ଆସି,
ହସିଲା ଧରଣୀ ରାଣୀ ଶୋଭା ପରକାଶି’ ।

କେତେ ଶୋଭା, ଶିରୀ, ସମ୍ପଦ, ସୌନ୍ଦର୍ଯ୍ୟ ଏଇ ଋତୁରେ । କଇଁ, ପଦ୍ମ, ଗୋଡ଼ିବାଣ, ଗଙ୍ଗଶିଉଳି, ନଈ ପଠାରେ କାଶତଣ୍ଡୀ, କେତକୀ, କନିଅର, ବାଡ଼ିରଂଗାରେ ଜହ୍ନି, କାକୁଡ଼ି, ଟଗର, ଡବାଟ, ଦରଗଜରା—ବେତା ବେତା ଫୁଲ...ଫୁଲର ହାଟ । ପୁଣି ଖୁଦୁରୁକୁଣୀ ଓଷା---

କଡ଼ାସିଆ ସିଆ ସଙ୍ଗାତ କପା ସିଆ ସିଆ
ଆମ ସାଙ୍ଗରେ ଲଗନା ଆମେ କାଲି ଓପାସିଆ
ସଙ୍ଗାତ କାଲି ଓପାସିଆ ।
ଝୋଟ ମୋଡ଼ ମୋଡ଼ ସଙ୍ଗାତ ଝୋଟ ମୋଡ଼ ମୋଡ଼
ଆମ ସାଙ୍ଗରେ ଲଗନା ଆମେ ଦେବୁ କାନମୋଡ଼
ସଙ୍ଗାତ ଦେବୁ କାନମୋଡ଼ ।

ପୁଣି ଶରତର ଆକାଶ ଗୁନ୍ଦ ଗୁଲୁଭଣି । ...‘ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ’ । ଧଳାଧଳା ପାଲ ଟାଣି ଜାହାଜ ଯେମିତି ଭାସି ଯାଉଛି ନୀଳ ସମୁଦ୍ରରେ । ଆଉ ଶରତର ନଈ—ଧୀର, ମନ୍ଥର, କାଚକେନ୍ଦୁ ଭଳି ନିର୍ମଳ ଜଳ । ପୁଣି ମା’ ଆନନ୍ଦମୟୀଙ୍କ ପୂଜା—ବାଜା, ଶଙ୍ଖ, ମହୁରୀ, ନହବତର ଧ୍ୱନି । ପୁଣି ତା’ ସାଙ୍ଗରେ ମୋହବତ୍—କେତେ ହସିଲା ଆଖି, ହସିଲା ମୁହଁ, ରଙ୍ଗ ବେରଙ୍ଗ ଶାଢ଼ୀ--ଏତେବେଳେ ଘରେ ବସି ପାଠ ପଢ଼ିବି ?

ପଢ଼ିହେବ ହେମନ୍ତରେ ?

କୁଆଁର ପୁନେଇ ତାଲା ଭିତରେ ଚଉଁରା ମୂଳୁ ଶୀତ ଆସିବ ଘରକୁ । କେତେ ପୂଜା, କେତେ ଗୀତ, କେତେ ଉତ୍ସବ ସେଦିନ । ଗାଁ ଦାଣ୍ଡ ଫାଟି ପଡ଼ିବ ହୁଳହୁଳିରେ । ଥାଳି ମାରି ଜହ୍ନ ଉଠିବ । ଖଳ ଖଳ ହସ ହସି ଝିଅମାନେ ଗାଇବେ—

କୁଆଁର ପୁନେଇଁ ଜହ୍ନଟି ଗୋ
ଫୁଲ ବଉଳ ବେଣୀ
କୁଆଁରୀ ମାନେ ଯେ ପୁଚି ଖେଳୁଛନ୍ତି
ଦେଖିବାକୁ ଶୋଭାବନ ଗୋ
ଫୁଲ ବଉଳବେଣୀ ।

ପୁନେଇଁ ଯିବ, ଆସିବ ଅମାବାସ୍ୟା—ଦୀପାବଳୀ । ଲକ୍ଷେ ଚନ୍ଦ୍ରଉଦଆ ଜଳି ଉଠିବ ଆକାଶରେ । ଆଲୋକ ମାଳାରେ ବିଭୂଷିତ ହୋଇଯିବ ଗ୍ରାମ, ନଗର—ଧନୀର ହର୍ମ୍ମ୍ୟ, ଦୀନର କୁଟୀର । ପଢ଼ିହେବ ? ଆସିବ ବାଳଯାତ୍ରା । ମା' ମାନେ ଅବଶ୍ୟ ବିରକ୍ତ ହୋଇ ପିଲାମାନଙ୍କୁ ଗାଳି ଦେବେ—

ଆରେ ଛତରା,

ଦଶରା ଗଲା, ଦେବାଳି ଗଲା, ଆସୁଛି ବାଳଯାତରା ।

ହେଲେ ବାଳଯାତ୍ରା—ଏତେ ବଡ଼ ପର୍ବ ଓଡ଼ିଶାର । ଆଜି ଦିନରେ ଯାତ୍ରା ଅନୁକୂଳ କରି ଓଡ଼ିଆ ପୁଏ ବଙ୍ଗ ସାଗରର କରାଳ ତରଙ୍ଗ ଚିରି ଜୟ ଜଗନ୍ନାଥ କହି ଯାଉଥିଲେ ଯାଭା, ବାଲି, ସୁମାତ୍ରା, ମାଲାକସ୍, କାମ୍ବୋଡ଼ିଆ । ଏ ସ୍ମୃତି ପାଳନ କରିବ ନାହିଁ ? ନା ପାଳନ କରିବ ନାହିଁ ମାର୍ଗଶୀରର ଗୁରୁବାର—ମା' ଲକ୍ଷ୍ମୀଙ୍କ ପୂଜା ? ପାଚିଲା ଧାନକ୍ଷେତ ଉପରେ ସୁନାର ଲହରୀ ପହଁରି ଯିବ । ଚାଷୀର ପେଟ ପୂରି ଉଠିବ । ଝୋଟି ବାଟି ବୋଉ ଚିତା ପକେଇବ କାନ୍ଥ ସାରା । କୁନି କୁନି ପାଦ କରିବ ଲକ୍ଷ୍ମୀଙ୍କର । କାକରା, ଚୁଞ୍ଚିପଣ, ମଣ୍ଡା, ଆରିସା, ଖିରି ପୁରିରେ ଘର ଭରିବ । ଏତେବେଳେ ପଢ଼ି ହେବ ?

ଆଉ ଭଲ ପଢ଼ିହେବ ଶୀତ ଋତୁରେ ?

ପାହାନ୍ତି ପହରରୁ ଟପ୍ ଟପ୍ କାକର ଝରିବ ଗଛରୁ । ସ୍ୱର୍ଣ୍ଣକାନ୍ତି କଣା ସୋରିଷ ସାଥିରେ ଶତବର୍ଣ୍ଣ କୁସୁମ ଫୁଟି ଲୋଟିଯିବ ଧରାରେ । ଯେମିତି ଧରଣୀ ରାଣୀ ପୀତ ବସ୍ତ୍ର ଖଣ୍ଡିଏ ପିନ୍ଧି ଆନନ୍ଦରେ ନାଚ

ଯାଉଛୁ । ଗୃହୀର ଖଳାରେ ଫାଟି ପଡ଼ବ ଧାନଗଦା, ଧାନ ମରେଇ । ମନ ବି ଫାଟି ପଡ଼ବ ଆନନ୍ଦରେ । ଗରିବ ଗୁଲୁବାଙ୍କର ପୁଷମାସ, ପୁଷ ପୁନେଇଁ— କେତେ ଆନନ୍ଦ ଉତ୍ସବ, ମଦ ହାଣ୍ଡିଆର ଦିନ । ପୁଣି ବଉଳ ଅମାବସ୍ୟା । ଚୋରା ମଳୟ ଚୁପି ଚୁପି ଆସି ଛୁଇଁଯିବ । ଉଲୁସି ଉଠିବ ଦେହ, ମନ, ଯୌବନ 'ତାପରେ । ଅଗ୍ନି ଜଳିଲା, ଶୀତ ଟଳିଲା' । ଯେମିତି ଅନ୍ଧାର ପରେ ସୂର୍ଯ୍ୟଆଲୁଅ ଫରଚା ହୋଇଆସେ, ସେମିତି ଶୀତ ପରେ ବସନ୍ତର ଆଗମନୀ ଗାଇବ ଏଇ ଅଗ୍ନି ଉତ୍ସବ । ଆଶାରେହିଁ ଆନନ୍ଦ । ଋତୁରାଜ ବସନ୍ତ ଆସୁଛନ୍ତି ଧରାକୁ, ଏଇ ସମ୍ବାଦ ଯେତେବେଳେ ସହକାର କୋଳରେ ପ୍ରଚାର କରିଦେବ ବନପ୍ରିୟ, ସେତେବେଳେ ଆଉ ପାଠ ନା ପଢ଼ା !!

ବାଙ୍କା ବସନ୍ତ ଆଉ ବହି ଏ ଦିଁଠା ତ ଏକଦମ୍ ଖାପ୍‌ଛଡ଼ା । ପତ୍ର ଝଡ଼ିଯିବ, ନୂଆ ପତ୍ର କଅଁଳ ଉଠିବ; ଆମ୍ବ ଗଛରେ ତ ପତ୍ର ଦେଖାଯିବ ନାହିଁ ମୋଟେ । ଖାଲି ବଉଳ, ବଉଳ ଆଉ ବଉଳ, ଡାଳରେ ବି ବଉଳ ଖୁନ୍ଦି ହୋଇଯିବ, ନେଶି ହୋଇଯିବ । ମହୁଲ ଝଡ଼ିବ ଫେନ୍ଟି ଫେନ୍ଟି ହୋଇ । ରକ୍ତ ବର୍ଣ୍ଣ ପଳାଶ ଫୁଲ ସାଙ୍ଗକୁ ସହସ୍ର କୃଷ୍ଣଚୂଡ଼ା ଫୁଟି ଉଠିବ ଦାଉଦାଉ ଝଲ୍‌ମଲ୍ କରି । ଫୁଟିବ ସେବତି, ମଧୁମାଳତୀ, ଯାଇ, ଯୁଇ, ରଜନୀଗନ୍ଧା । ଜଙ୍ଗଲରେ ଫୁଟିବ କୁରେଇଁ ଫୁଲ । ମହକରେ ଫାଟି ପଡ଼ିବ ଚଉଦିଗ । ସଞ୍ଜ ପହରରେ ମଳୟ ଆସିବ, ଜହ୍ନ ଉଠିବ, ଦୋଳଘଣ୍ଟି ବାଜିବ, ଫଗୁ ଖେଳାହେବ, ପିଚକାରୀ ମରାହେବ; ବିମାନ ଆଗରେ ସିଙ୍ଗା ବାଇଦାଇ ନୃତ୍ୟ କରିବେ ଗୋପାଳ ବାଳକ । ସଙ୍ଗୀତ ଗାଇବେ ଗୋଟିପିଲା—

ଆଜ ଫଗୁଆ ଫଗୁ ଝୁଲଣା ଲାଗିଲା ଲାଗିଲରେ
ଜାଗିଲା ମନ ବନ୍ଧୁ କାନନେ ।

ଆଉ ଚଇତ୍ର ସଂଜରେ ଆକାଶରେ ତାରା ଫୁଟିଲା ଭଳି ବଗିଚାରେ ମଲ୍ଲି ଫୁଲ ଫୁଟି ଉଠିବ ସହସ୍ର ସହସ୍ର । ପୁଣି ଠିକଠିକ ହେନା ଫୁଲ ଫୁଟିବ ଲୋକ ଲୋଚନ ଅନ୍ତରାଳରେ । କି ମିଠା ବାସ୍ନା ଏ ଫୁଲ

ଘୁଡ଼ାକର । ମଣିଷ ପାଗଳ ହୋଇ ଯିବ । ପ୍ରେମିକା କେଉଁ ପ୍ରେମିକର କଣ୍ଠ ଜଡ଼ାଇ ଆଲିଙ୍ଗନ କରି କରି ଗାଇ ଉଠିବ—

ବୁଲିବାକୁ ଡାକେ କାହେ
ବାସ୍ତବ ପର ପାରେ
ସୀମାହୀନ ପଥେ ତୁମ ସହିତେ
ଆଜ ପ୍ରିୟ ଏ ମଧୁର ଚଇତେ ।

ଏଥିରେ କୋଉ ଋଷିଭଲା କଣ୍ଠା ଛାଡ଼ିଦେଇ ନ ମରିବ ? ଏଥିରେ ପାଠ ପଢ଼ିବ ଜଣେ ଉଦ୍ଦାମ ଯୁବକ ??

ଆଉ ଗ୍ରୀଷ୍ମ ଋତୁରେ ?

'କସ୍ମିନ୍ଦ୍ର ଦନ୍ତ ଫଳଙ୍କ ନେକ ପ୍ରଭୁ,
କବିନ୍ଦ୍ର ଗ୍ଲାପ ଗମନ ।'

—ଏକୋଇଶ ଦିନ ଚନ୍ଦନ ଯାତ୍ରା । ଖାଲି ଶ୍ରୀକ୍ଷେତ୍ରରେ ନୁହେଁ, ଓଡ଼ିଶାର ପୁରପଲ୍ଲୀରେ । ଭଙ୍ଗ, ପାଚିଲା ଗାମୁଛା, ପାଟକପୁରା କଦଳୀ, ଚୂଡ଼ାଘସା, ସାତ ଘେର ଦଶଘେର ଭଣ୍ଡିଆ, ତୃପ ଉପରେ ଗୋଟିପିଲା ନାଚ, ଗୋପାଳକୃଷ୍ଣ କବିସୂର୍ଯ୍ୟ, ବନମାଳୀ, ଭଞ୍ଜଙ୍କ ସଙ୍ଗୀତ, ଚନ୍ଦନବେଶ ଆଣ୍ଠି ପିଅରେ ମାଲପୁଆ, ମଗଜଲଡ଼ୁ, ସରପୁଲି—ମଣିଷ ନିଜକୁ ଭୁଲି ବ୍ରହ୍ମାଣ୍ଡ ଭୁଲିଯିବ ମୁଁ । ଭିତରେ ବୁଡ଼ିରହି । ଆଉ ପାଠ ନା ଶାଠ ?

ଠିକ୍ ପନ୍ଦରଟା ଦିନ ପରେ—

'ରଜ ସଜ ବାଜ ମଉଜକୁ
ଝିପିଝିପି ବର୍ଷା ସାରା ଦେଲାରେ,

ରଜ—ଓଡ଼ିଶାର ବିରାଟ ଜାତୀୟ ପର୍ବ । ଗାଁ ଗାଁରେ ନାଟ, ଥିଏଟର, ପାଲା, ଦାଣ କାଠିଆ, । ସାହି ସାହିରେ ଡୁଡୁ, ବୋହୂଚୋରି, ତାସ, ପଶା, ଗଂଜପା । ବୋହୂ ମାନଙ୍କର, ଝିଅ ମାନଙ୍କର, ଯୁବତୀ ମାନଙ୍କର ବେଶର ଶେଷ ନାହିଁ । କେତେ କିସମର ଗଭା, ବେଣୀ, ଖୋସା । ଖୋସାରେ ଫୁଲର ମଞ୍ଜରୀ—ଚଂପା ଫୁଲ, ବଉଳ ଫୁଲର ହାର, କଇଲେ ଦଅଣା, ନାଗେଶ୍ୱର, କେତକୀ । ପୁଣି କେତେ ଖିଲିଖିଲି ହସ,

କେତେ ଗପ, କେତେ ଗୀତ, କେତେ ଦୋଳି ଖେଳ—

ବନସ୍ତେ ଡାକଲା ଗଜ,
ବରଷକେ ଥରେ ଲୋ ଆସିଛି ରଜ,
ଆସିଛି ରଜଲୋ ଯେଣୁ ନୂଆ ସଜବାଜ ।
ସମ୍ବଲପୁରିଆ କୂଲ,
ଥିରଥିର କରିଲେ ଦୋଳିକ ଝୁଲ,
ଦୋଳିକ ଝୁଲିଲେ ବାସ ମୋର ଉଡ଼ିଗଲା ।

ଆଉ ଠିକ୍ ତା' ପରେ ପରେ ଆସିବ—

ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।...ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ । ନନ୍ଦିଘୋଷ, ତାଳଧ୍ୱଜ, ଦେବଦଳନ ରଥରେ ବସି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ବଡ଼ଦାଣ୍ଡରେ ଲକ୍ଷଲକ୍ଷ କୋଟିକୋଟି ଲୋକଙ୍କ ଗହଣରେ ଆଳଟ ଚାମର ଛତ୍ର, ଶଙ୍ଖ, ସଙ୍କୀର୍ତ୍ତନ, ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଭିତରେ ଘୋଷଯାତ୍ରା କରିଯିବେ ଶ୍ରୀଗୁଣ୍ଡିଚା ମନ୍ଦିରକୁ । ଆଚଣ୍ଡାଳ ବ୍ରାହ୍ମଣ ବଡ଼ ଦାଣ୍ଡର ଦୁଇପାର୍ଶ୍ୱରେ ଉପସ୍ଥିତ ରହି କାଳଚନ୍ଦ୍ରଙ୍କୁ ଚାହିଁ, ଶ୍ରୀମୁଖକୁ ଚାହିଁ ଭକ୍ତିରେ ଗଦ୍ ଗଦ୍ ହୋଇ ଗାଇବେ—

'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ'

ଏଥିରେ କୋଉ ପାଷଣ୍ଡ ଭଲ ବନ୍ଧ ଧରି ଝଡ଼ି ବସିବ ଚସର, ଇଂଗ୍ଲଣ୍ଡ, ଡ୍ରାଇଡେନ୍, ପୋପ୍, ଜନ୍‌ସନ୍, ଆଉ ଗଲସ୍‌ୱାର୍ଦ୍ଦି ?

ରବିନ୍ଦ୍ର ନାଥ ନ ଜାଣି କହିଥିଲେ—ମରିତେ ଚାହିନା ଆମି ସୁନ୍ଦର ଧରାତେ । ଏଇ ସୁନ୍ଦର ଧରଣୀ, ସବୁଜ ବନଲତା, ନୀଳ ଆକାଶ, ନୀଳ ସାଗର, ଏଇ ମଣିଷର ହସ ଖେଳ ଆନନ୍ଦ ଆହ୍ଲାଦ, ଶିଶୁର ଦରଫୁଟି କଥା, ତରୁଣର ଶୌର୍ଯ୍ୟ, ତରୁଣୀର କମନୀୟ କୋମଳ କାନ୍ତି, ଅମୃତବୋଳା କଥା ଆଉ ହସ—ଏ କ'ଣ ଭୁଲି ହୁଏ ? ମୁରୁଛି ହୁଏ ? ଏ ସବୁ ଛାଡ଼ି ଧରିହୁଏ କହ ? ଯାଃ, ସେ ଯା' କହିବ କହୁ ପଛେ, ଏ ପାଠ ମୋ ଦ୍ୱାରା ହବ ନାହିଁ । ସାହସ ବାନ୍ଧି ଚଟି ଖଣ୍ଡେ ଲେଖି ଦେବ

ଶ୍ରୀମତୀଙ୍କ ପାଖକୁ—ନା ମୁଁ ପରୀକ୍ଷା ଦେବ ନାହିଁ । କେମିତି ଦେବ ଯେ ? ଏପଟେ ଶାନ୍ତି, ସେ ପଟେ ବ୍ଲାଉଜ, ଏପଟେ ରଙ୍ଗି ଘୋଷରା, ସେପଟେ ବେଣୀ, ଏପଟେ ଫୁଲର ଟାହିଆ, ସେପଟେ କଲକାଲିଆ ହସ—ଏଥିରେ କ'ଣ ପାଠ ହୁଏ ? ଏ ଟେମ୍ପର ଦି ପାଖରେ ପଞ୍ଝାଏ ଟୋକା—ଅଭିଆଡ଼ୀ ଗଜା ଟୋକାଗୁଡ଼ା ଖାଲି ସବୁବେଳେ ହେଁ ହେଁ ଫେଁ ଫେଁ, ଫଟ୍‌ଫଟ୍, ମୋ ଆଡ଼କୁ ଚାହିଁ କଟକଟ ହସ, ଆଖିଠାର—ସ୍ୟାଙ୍କୁ ଚାହିଁବ ନା ବହିକି ଚାହିଁବ ? ଏଇ ସୁନ୍ଦର କଅଁଳ ମୁହଁ, ଗୋଲାପ ଓଠ······

କିନ୍ତୁ ହାୟ୍‌ଃ,ହାୟ୍‌ଃ—ବିଚ୍ଛୁ କାମୁଡ଼ିଲା ଭଳି ଚମକିପଡ଼େ ପ୍ରଦୀପ—ଏଇ କଥା ଲେଖିବ ଶ୍ରୀମତୀଙ୍କ ପାଖକୁ ?? ଜାମୁକୋଳି ପେନ୍ସା ହାତରେ ଧରି ହଲେଇଲା ଭଳି ବାଘେରା ମହୁମାଛି ବସାରେ ହାତ ରଖି ଖୁବ୍ ଜୋରରେ ହଲେଇ ଦେବ ? ବାପରେ ବାପ୍, ଆଉ ରକ୍ଷା ଅଛି ? ସବୁଯାକ ବାଘେରା ମାଛି ବସା ଛାଡ଼ି ମୋ ମୁହଁଯାକ ଘିରି ହେଇଯିବେ ନାଇଁ ! ତା'ପରେ ତ "ହରେକୃଷ୍ଣ ହାରେରାମ" ···ସ୍ମୃତିମନ୍ଥ କୀର୍ତ୍ତନ ।

ତେଣୁ ବିଲେଇ ବେକରେ ଘଣ୍ଟି ବାନ୍ଧିବା ଅଧ୍ୟାୟ ଏଇଠି ଥାଉ । ଚିଠି ଲେଖିବାର ତ ପ୍ରଶ୍ନ ନାହିଁ । ବରଂ ପରୀକ୍ଷା ନ ଦେଲେ ଏ ବୁଦ୍ଧିମତୀ ଅଧ୍ୟାପିକା ଠିକ୍ ବୁଝିବ—

କାମିନୀ, ନଆଳୀ, ଗୋଲାପ ଫୁଲ
ଫୁଟିବାରୁ ଉପବନ ମଞ୍ଜୁଳ
ଏଇ ଫୁଲେ ଫୁଲେ ଭ୍ରମର ବାଇ
ଅଲୁଜୁକର କି ପାଠ ହୁଅଇ ?

ଛିଃ, ଏ ଅପବାଦ ସହିବା ଆଗରୁ ଥରେ ବସାଯାଉ ଧ୍ୟାନରେ । କାଲି ପଡ଼ିଆର ସବୁ ଘାସ ବଛାଯାଉ ଗୋଟି ଗୋଟି କରି । ତା'ପରେ ମୂଳ ମିଳୁ ବା ନ ମିଳୁ । ମୂଳ ତ ଆଉ ବିଶ୍ୱ ବିଦ୍ୟାଳୟର ଡିଗ୍ରୀ ନୁହେଁ—ଆଉ କିଛି । ତା' କଣ ଆଉ ଲୁଳପଡ଼ି ଡକ୍ଟର ସଦାଶିବ ମିଶ୍ର ଦେଇ ପାରିବେ ??

ନଅ

ଚେନାବ୍ ନଦୀକୂଳରେ ଗୋଟିଏ ଛୋଟ ସିମେଣ୍ଟ ବେଞ୍ଚ ଉପରେ ବସିଥିଲା ଚନ୍ଦ୍ରମୁଖୀ । ହିନ୍ଦୁକୁଶ ପର୍ବତରୁ ବାହାରିଥିବା ସିନ୍ଧୁ ନଦୀର ଏକ ଶାଖାନଦୀ ଚେନାବ୍ । ଝେଲମ୍, ଚେନାବ୍, ରାବି, ବେୟାସ୍, ସତ୍‌ଲେଜ୍— ଏଇ ପଞ୍ଚନଦୀର ସମାହାରରେ ପଞ୍ଜାବ । ଉର୍ବର, ଶସ୍ୟ ଶ୍ୟାମଳ, ସ୍ୱର୍ଣ୍ଣ-ପ୍ରସବିନୀ । ପଞ୍ଜାବର ସନ୍ତାନମାନେ ଯେମିତି ବୀର, ସେମିତି ନିର୍ଭୀକ, ସେମିତି ଅମିତ ବିକ୍ରମଶାଳୀ । ଲାଲା ଲଜପତ୍‌ଙ୍କଠାରୁ ଆରମ୍ଭ କରି ଭଗତ ସିଂ, ଉଦ୍ଧାମ ସିଂ, ମାଷ୍ଟର ତାରା ସିଂ ଯାଏ ବହୁ ଯୋଦ୍ଧାଙ୍କର ଲାଲ ରକ୍ତରେ ଏଇ ମାଟି ସିକ୍ତ,ଗରିମାଦୀପ୍ତ । ଜାଲିଆନାୱାଲାବାଗ୍‌ର ମାଟି ଚିପୁଡ଼ି ଦେଲେ ଏବେ ବି ଝର୍‌ଝର୍ ରକ୍ତ ନିଗିଡ଼ି ପଡ଼େ । ଏଇ ପଞ୍ଜାବ । ଭାରତର ପଶ୍ଚିମ ଦ୍ୱାରର ସତର୍କ ପ୍ରହରୀ ।

ଆଉ ତେଣେ ସମ୍ମୁଖରେ ଘନ ତୁଷାରବୃତ ନଭଃସ୍ପର୍ଶୀ ହିମାଳୟ । ଉପରେ ବହୁ ଉତ୍ତୁଙ୍ଗ ଶୃଙ୍ଗ । ପାଦ ଦେଶରେ ଛୋଟ ବଡ଼ ଅସଂଖ୍ୟ ପର୍ବତମାଳା, ଘଞ୍ଚ ଅରଣ୍ୟାନୀ, ଲକ୍ଷ କୋଟି ବୃକ୍ଷ ଲତା, ତୃଣ ଗୁଳ୍ମରେ ଅତି ନିବିଡ଼ ଭାବେ ଛନ୍ଦାଛନ୍ଦି ଉପତ୍ୟକା । କେତେ ମାୟା, କେତେ ରହସ୍ୟ, କେତେ ସୌନ୍ଦର୍ଯ୍ୟ, କେତେ ଭୀମକାନ୍ତ ଦୃଶ୍ୟରେ ପରିପୂର୍ଣ୍ଣ ଏଇ ହିମାଳୟ ।

ଏଇଠି କେତେ ଆର୍ଯ୍ୟଋଷି କୋଉ ପ୍ରାଗ୍‌ଐତିହାସିକ କାଳରୁ ଉଚ୍ଚ ଓଁକାର ତୋଳି ଗାଇଥିଲେ 'ଅସତୋ ମାଂ ସଦ୍‌ଗମୟ'; ଏଇଠି ଗଭୀର ତପସ୍ୟାରେ ମଗ୍ନ ଥିଲେ ପାର୍ବତୀ; ଏଇ ପର୍ବତ ଆରୋହଣ କରି ସ୍ୱର୍ଗକୁ ଯାଇଥିଲେ ପାଣ୍ଡୁଙ୍କର ବଂଶଧର ଯୁଧିଷ୍ଠିର, ଭୀମ, ଅର୍ଜୁନ ଆଉ ଦ୍ରୌପଦୀ । କେତେ ସ୍ମୃତି, କେତେ ଇତିହାସ, କେତେ ଶାସ୍ତ୍ର ପୁରାଣ, ବେଦ ବେଦାନ୍ତ ପୁଣି କେତେ ଆକ୍ରମଣ ଆଉ କେତେ ବିଜୟ ଏଇ ପର୍ବତ ସାଙ୍ଗରେ ଅତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ହିମାଳୟ ଭାରତର ପ୍ରାଚୀର, ହିମାଳୟ ଭାରତର ସ୍ୱର୍ଗ, ହିମାଳୟ ଭାରତର ଆତ୍ମା ।

ସେଇ ହିମାଳୟ ଆଗରେ ତନ୍ମୟୀ ଆଜ ଦଣ୍ଡାୟମାନ ।

କିନ୍ତୁ କାହିଁ, କେହି ତ ତନ୍ମୟୀ କୁ ଶାନ୍ତି ଦେଇପାରୁ ନାହିଁ । କ'ଣ ହେଉଛି ତାର ? ତନ୍ମୟୀ ଖାଲି ଶୂନ୍ୟ ଆକାଶକୁ ଚାହିଁଛି ଆଉ ଭାବୁଛି—ଭାବୁଛି ।

ଏଇ ଭନାୟକ । ଭନାୟକ ଚିଠି ଲେଖୁନି କଆଁ ? ଦି'ମାସ ବିତିଗଲାଣି । ତଥାପି ଚିଠି ନାହିଁ । ଚିଠି ଦେଲେ ବି ଉତ୍ତର ନାହିଁ । ଅବଶ୍ୟ ସିଏ ଥେସିସ କାମରେ ବ୍ୟସ୍ତ ଥିବ, ତଥାପି ଚିଠି ଖଣ୍ଡେ ଲେଖିବା ତ ଉଚିତ, କର୍ତ୍ତବ୍ୟ । ଏଇ ଜ୍ଞାନ ପାଗଳ ଲୋକଟିର ସାଂସାରିକ ଜ୍ଞାନ ଖୁବ୍ କମ୍ । ଏଭଳି ଲୋକେ ବାସ୍ତବକ୍ ବସ୍ତୁ ଆଗରୁ ଗୋଟାଏ ଆଦର୍ଶକୁ ବିବାହ କରିଥାନ୍ତି । ପରେ ଯେତେବେଳେ ରକ୍ତ ମାଂସର ଦେହ ନାରୀକୁ ବିବାହ କରନ୍ତି, ସେ ନାରୀ କଥା ସେମାନେ କିଛି ବୁଝି ପାରନ୍ତି ନାହିଁ । ଭାବି ପାରନ୍ତି ନାହିଁ । ଏମାନଙ୍କର ଜ୍ଞାନ ପିପାସା ଏତେ ବେଶୀ ଯେ ଦୁନିଆର ଅନ୍ୟ ସବୁ କଥା ପ୍ରତି ଏମାନେ ଅନ୍ଧ ।

ଦୁଇମାସ ହେଲା ତ ଚିଠି ନାହିଁ, ଆଉ ତା ଆଗରୁ ଯୋଉ ଚିଠି ଆସିଥିଲି ବା ଆସେ, ସିଏ କି ଚିଠି ? ମାମୁଲି କଥା, ପୁଣି ବଡ଼ ବଡ଼ କଥା—କେମିତି ଅଛ ? ଭାରତ କେମିତି ଲାଗୁଛି ? ଇଂଲଣ୍ଡର ନିର୍ବାଚନ ସମ୍ପର୍କରେ ଭାରତବାସୀଙ୍କର କି ମତ ? ଇଂଲଣ୍ଡର ପ୍ରଧାନମନ୍ତ୍ରୀ ତାଙ୍କ ବୈଦେଶିକ ନୀତି ସମ୍ପର୍କରେ ଟେଲିଭିଜନ୍‌ରେ ଯେଉଁ ବକ୍ତୃତା ଦେଲେ କି ଚମତ୍କାର ବା ଅଷ୍ଟ୍ରେଲିଆର କ୍ରିକେଟ ମ୍ୟାଚ୍‌ରେ ଭାରତର କେତେ ରନ୍ ହେଲା, କେତେ ଆଉଟ୍ ହେଲା---ହାୟରେ, ହାୟରେ, ଏଇ ଚିଠି ? କଣ ମିଳେ ଏଇ ଚିଠିରୁ ? କ'ଣ ମିଳେ କା'ର ବୈଦେଶିକ ନୀତିରୁ, ନିର୍ବାଚନ ଇସ୍ତାହାରରୁ ? ଏତେ ବଡ଼ ପଣ୍ଡିତ ହୋଇ ଏମାନଙ୍କର ଟିକିଏ ସାଧାରଣ ବୁଦ୍ଧି ହେଲା ନାହିଁ । ଏମାନେ ବୁଝନ୍ତି ନାହିଁ ବାହାରର ଜୀବନ ଅପେକ୍ଷା ମଣିଷର ଗୋଟାଏ ବ୍ୟକ୍ତିଗତ ଜୀବନ ଅଛି, ହୃଦୟ ଅଛି, ସେଥିରେ କ୍ଷଣେ କ୍ଷଣେ ହାହାକାର ଉଠେ । କ୍ରନ୍ଦନ ଉଠେ, ଦେହ ମନ ଆତ୍ମା ଚିତ୍କାର କରି ଉଠେ । ଏମାନେ ବୁଝନ୍ତି ନାହିଁ ! ବୁଝନ୍ତି ନାହିଁ ।

ତିନିବର୍ଷ ହୋଇଗଲା । କାମ କେତେ ଦୂର ଗଲା, କେବେ ଫେରିବ କିଛି ଠିକ୍ ଠିକଣା ନାହିଁ । ସେ ବିଷୟରେ ଜନାପ୍ରିୟ କେବେ ଚିନ୍ତା ବି କରିନାହିଁ, କରୁନାହିଁ । ଚିନ୍ମୟୀ ଯେ ଚିନ୍ତା କରୁଥିଲା ତା ବି ନୁହେଁ । ଦୁହିଁଙ୍କର ଜ୍ଞାନପିପାସା ଅତି ପ୍ରବଳ । ଦୁହେଁ ତନ୍ମୟ ହୋଇ ସେଥିରେ ମାତିଥିଲେ । କିନ୍ତୁ ଏବେ ଏଇ କେତେଦିନ ହେଲା କ'ଣ ହୋଇଛି, ଚିନ୍ମୟୀର ମନ କାହିଁକି ଚଞ୍ଚଳ ହୋଇଉଠିଛି, ଉନ୍ମନା ହୋଇ ଉଠିଛି । ଯେମିତି କୋଉଠି ଗୋଟାଏ କ'ଣ ଶୂନ୍ୟ ହୋଇଯାଇଛି । ଠିକ୍ କ'ଣ ହୋଇଛି ଜାଣେନା, କିନ୍ତୁ ଗୋଟାଏ କ'ଣ ହୋଇଛି । ସବୁ ଲାଗୁଛି ଫାଙ୍କା, ଅସାର । ଏ ଗଦା ଗଦା ବହି, ଥେସିସ୍, ସେକ୍ସପିୟର, ମିଲ୍ଟନ୍, ଡାନ୍ତେ, ଭର୍ଜିଲ ନଇଲେ ଏଇ ପ୍ରକୃତି ସବୁ ଯେମିତି ମିଥ୍ୟା—ଏକ ବିରାଟ ପ୍ରହେଳିକା । କ'ଣ ହୋଇଛି ତା'ର ? ଜୟପୁର ଛାଡ଼ି, ଓଡ଼ିଶା ଛାଡ଼ି ସେ କାହିଁକି ଆସିଲା ?

ଓଡ଼ିଶା ଗୋଟିଏ ଛୋଟିଆ ରାଜ୍ୟ । ପୁଣି ଦରିଦ୍ର ଆଉ ଅଶିକ୍ଷିତ । ଓଡ଼ିଆ ଲୋକେ କଥା କହି ଜାଣନ୍ତି ନାହିଁ । ଅନ୍ୟ ରାଜ୍ୟର ଲୋକଙ୍କ ସହିତ ଠେକ୍ କରି ହୋଇପାରନ୍ତି ନାହିଁ । ଓଡ଼ିଶାରେ ଏଲୋରା ଅଜନ୍ତା ନାହିଁ । ମହେଞ୍ଜୋଦାରୁ ନାହିଁ, ଶାନ୍ତିନିକେତନ ନାହିଁ, ବୃନ୍ଦାବନ ଗାର୍ଡ଼େନ ନାହିଁ । ଓଡ଼ିଶାରେ ରାଧାକୃଷ୍ଣନ ଜନ୍ମ ହୋଇ ନାହାନ୍ତି, ରବୀନ୍ଦ୍ରନାଥ ଜନ୍ମ ହୋଇ-ନାହାନ୍ତି, ଜବାହାରଲାଲ ଜନ୍ମ ହୋଇନାହାନ୍ତି । ଭାରତର ସୌନ୍ଦର୍ଯ୍ୟ ଗନ୍ତାଘରରେ ଓଡ଼ିଶାର ନାଁ ଲେଖାଯାଏ ନାହିଁ । ତଥାପି କ'ଣ ଓଡ଼ିଶାର ମାୟା ନାହିଁ ? ଆକର୍ଷଣ ନାହିଁ ? ଯୋଉ ଓଡ଼ିଶାକୁ ଚିରଦିନ ଘୃଣା କରି-ଆସିଛି ଚିନ୍ମୟୀ, ସେହି ଓଡ଼ିଶା, ଓଡ଼ିଆ ଭାଷା ଆଜି କାହିଁକି ତା'ର ମନେ ପଡ଼ୁଛି—ଭାରି ମନେପଡ଼ୁଛି ।

ଜନାପ୍ରିୟ ଚିଠି ଲେଖେ ଇଂରେଜୀରେ । ବ୍ୟବସାୟୀ ଚିଠି । ପ୍ରାଣହୀନ, ଶୁଷ୍କ । ଆଉ ପ୍ରଦୀପ ? ପ୍ରଦୀପର ଚିଠି ଓଡ଼ିଆରେ । ପ୍ରଦୀପର ଚିଠି ଛୁଇଁବା ମାନେ ଗୋଟାଏ ରକ୍ତ ମାଂସର ଦେହକୁ ଛୁଇଁବା—ଯୋଉଠି ଜୀବନ ଖାଲି ଉଚ୍ଛୁଳୁମୁଛୁଳୁ, ରକ୍ତ ଟକମକ ହୋଇ ଫୁଟୁଛି ।

ଆଚ୍ଛା ପ୍ରଦୀପ ଏବେ ଚିଠି ଲେଖେନା କାହିଁ ? ଓ, ମୁଁ ତାକୁ ମନା

କହିଥିଲା ବୋଲି ? ଭଲ । ନ ଲେଖୁ । ସେ ଯେମିତିକା ଭାବପ୍ରବଣ ଲୋକ ନା ଥରେ ଯଦି ଆରମ୍ଭ କଲା ଆଉ ତା'ର ଶେଷ ନାହିଁ । ପ୍ରତି ସପ୍ତାହରେ ଚାରି, ପ୍ରତି ପକ୍ଷରେ ଚାରି, କେତେ ଚାରି ସେ ଲେଖେ । କେତେ କଥା ଲେଖେ । ଏତେ କଥା ତା'କୁ ଆସେ କେମିତି ?

ହେଲେ ପ୍ରତାପଟା ନିର୍ବୋଧ । ପ୍ରତାପ ଜୀବନକୁ ସ୍ୱରୂପରେ ନିଏନା । ତା' ଜୀବନରେ ଗୋଟାଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ ।

ଏଇ ଆଗରେ ଚେନାବ୍ । ସିନ୍ଧୁ ନଦୀର ଶାଖା । ଏଇ ସିନ୍ଧୁ ନଦୀ ପାର ହୋଇ ଆର୍ଯ୍ୟମାନେ ପ୍ରଥମେ ଭାରତକୁ ଆସିଥିଲେ । ଆସି ବିଚ୍ଛେଇ ହୋଇ ଯାଇଥିଲେ ଗାଙ୍ଗେୟ ଓ ସୈନ୍ଧବ ଉପତ୍ୟକାର ଶସ୍ୟ ଶ୍ୟାମଳ ଉର୍ବର ଭୂଇଁରେ । ହେଲେ ସେମାନେ ଯେ ଆସି ଖାଲି ଋଷି ତପୋବନରେ ବସି ବେଦ ଉପନିଷଦ ଗାନ କରିଥିଲେ ବା ଅପୂର୍ବ ନୈସର୍ଗିକ ସୌନ୍ଦର୍ଯ୍ୟରେ ବିଭୋର ହୋଇ ଭାବୁକ ହୋଇ ଉଠିଥିଲେ ତା' ନୁହେଁ, ବଞ୍ଚି ରହିବା ପାଇଁ ତାଙ୍କୁ ଅନ୍ୟ ସାଙ୍ଗରେ ବହୁବାର ଯୁଦ୍ଧ କରିବାକୁ ପଡ଼ିଥିଲା—ରକ୍ତାକ୍ତ ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପଡ଼ିଥିଲା । ବୀରଭୋଗ୍ୟା ବସୁନ୍ଧରା । ସଂଗ୍ରାମ ବିନା ଜୀବନର ବିକାଶ କାହିଁ ? ରକ୍ତକୁ ଭୟ କଲେ ଜୀବନର ଅସ୍ତିତ୍ୱ କାହିଁ ?

ଏଇ ହିମାଳୟ । ହିମାଳୟର ସେପଟେ ଚୀନ୍, ଆଉ ଏପଟେ ପଞ୍ଜାବକୁ ଲାଗିଛି ପାକିସ୍ଥାନ । ଦୁଇପଟେ ଦୁଇ ଶତ୍ରୁ ଜାକି ବସିଛନ୍ତି । କେତେବେଳେ ସେ ଭାରତ ଉପରେ ଆକ୍ରମଣ କରିବେ କିଏ କହିବ । ଇଂରେଜୀରେ ଗନ୍ଧଟିଏ ପଢ଼ିଛି—**Eternal vigilance is the price of liberty** । ଭାରତ ଯଦି ବଞ୍ଚି ରହିବାକୁ ଚାହେଁ, ସେ ମରିବାକୁ ପ୍ରସ୍ତୁତ ହେବା ଉଚିତ । ଭାରତର ତରୁଣ ତରୁଣୀ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କାର୍ଯ୍ୟ କରିବା ଉଚିତ ଏବଂ ଦେଶ ପାଇଁ, ଜାତି ପାଇଁ ଗଭୀର ଭାବିବା ଚିନ୍ତା କରିବା ଦରକାର । ଏବେବେଳେ ଭାବପ୍ରବଣ ହେବା, ପଳାୟନପନ୍ଥୀ ହେବା ବା ଆକାଶ-କୁସୁମ ତୋଳିବା ଖାଲି ନିଛକ ନିର୍ବୋଧତା ସିନା !

ସତେ ଏଇ ଲୋକଟା କାହିଁକି ଏତେ ନିର୍ବୋଧ ? କେତେ ଅମାୟିକ, ଶାନ୍ତ, ସରଳ ଅଥଚ କେତେ ଦୁର୍ବଳ, ବୋକା ! ଏ ଯୁଗରେ ମଣିଷ ଏତେ ଅନ୍ଧ ହୁଏ ? ଭାବପ୍ରବଣ ହୁଏ ? ଘଣ୍ଟା ଘଣ୍ଟା ଧରି ସମୟ ନଷ୍ଟ କରି ବସି ଚିଠି ଲେଖେ ? କାହିଁକି ଏ ପାଗଳାମି ? ଅଳସୁଆ ଲୋକର ମୁଣ୍ଡ ଭୂତଖାନା । ପ୍ରଦୀପର କ'ଣ କିଛି କାମ ନାହିଁ ? ତା ଜୀବନରେ କିଛି ଉଦ୍ଦେଶ୍ୟ ନାହିଁ ? ଆଗରେ ଦେଶ ଅଛି, ସାହିତ୍ୟ ଅଛି, ଗାଁ ଅଛି, ନିଜର ବାପ ମା' ଅଛନ୍ତି । କାହାରି ପ୍ରତି ପ୍ରଦୀପର କର୍ତ୍ତବ୍ୟ ନାହିଁ ? ଭଲ କର୍ତ୍ତବ୍ୟ ନାହିଁ ନିଜ ପ୍ରତି ? ତୃତୀୟ ଶ୍ରେଣୀ ପାଇ ଗୋଟାଏ ଅଜଣା ଅଖ୍ୟାତ ପ୍ରାଇଭେଟ୍ କଲେଜରେ ପଢ଼ୁଛି । ବୁଝାଇ ବୁଝାଇ ସେ ଦିନ ଏତେ ଥକିଲି । ଏତେ ପ୍ରଲୋଭନ ଦେଖାଇଲି । ତଥାପି କ'ଣ ସିଏ ପଢ଼ୁଛି ? ପଢ଼ୁଥିବ ? ମନ ସ୍ଥିର କରିଥିବ ? ନା ମନ ତା'ର ଘୂରି ବୁଲୁଥିବ ଯାବତ ବିଶ୍ବବ୍ରହ୍ମାଣ୍ଡର ଚିନ୍ତାରେ ? ଆଉ ଗଣେଶ ବ୍ରହ୍ମାଣ୍ଡ ଭ୍ରମଣ କରିବାକୁ ଯାଇଁ ମହାଦେବଙ୍କ ଚାରିପଟେ ଘୂରି ଆସିଲା ଭଳି ବିଶ୍ବବ୍ରହ୍ମାଣ୍ଡ ଭ୍ରମୁଁ ଭ୍ରମୁଁ ତାର ସବୁ ଭାବନା ଆସି ପୁଣି ମୋ'ରି ଚାରିପଟେ ଠୁଳ ହୋଇ ଯାଉଥିବ । କାହିଁକି ? କାହିଁକି ତାର ଏ ପାଗଳାମି ? କାହିଁକି ସେ ମତେ ଭଲ ପାଏ ? ଏତେ ଭଲ କ'ଣ କେହି କାହାକୁ ପାଆନ୍ତି ?

ରତ୍ନା ତୁଳସୀ ଦାସଙ୍କୁ କହିଥିଲା—ତମେ ମତେ ଯେତେ ଭଲ ପାଉଛ, ତାର ଶତାଂଶରୁ ଏକାଂଶ ଯଦି ଭଗବାନଙ୍କୁ ଭଲ ପାଆନ୍ତ, ମୁକ୍ତି ପାଇ ଯାଆନ୍ତ । ଠିକ୍ ସେମିତି ମୋ ପାଇଁ ଯେତେ ମଥା ପିଟୁଛି ଲୋକଟା, ତାର ସହସ୍ର ଭାଗରୁ ଏକ ଭାଗ ଯଦି ସେ ଲଗାଇ ପାରନ୍ତା ଜ୍ଞାନ ଆହରଣରେ, ସେ ଫାଷ୍ଟ କ୍ଲାସ୍ ପାଆନ୍ତା । କିନ୍ତୁ ତା'ସେ କରିବ ନାହିଁ । ତା'ର ଏତେ ଟିକିଏ ବି ଧୈର୍ଯ୍ୟ ନାହିଁ । ସବୁବେଳେ ଖାଲି ମୋ'ରି କଥା, ମୋ'ରି ଚିନ୍ତା, ମୋ'ରି ଭାବନା । ଲୋକେ ଏତେ ସ୍ତ୍ରୈଣ ହୋଇ ପାରନ୍ତି ??

କିନ୍ତୁ ସ୍ତ୍ରୈଣ ?? ମୁଁ ଯା' ଭାବୁଛି କାହିଁକି ? ଏତେ ବଡ଼ କଥା ମୁଁ ଚିନ୍ତା କରି ପାରୁଛି ? ମୁଁ କ'ଣ ଦିନକୁଦିନ ଦୁର୍ବଳ ହୋଇ ଯାଉଛି ପ୍ରଦୀପ ପାଇଁ ? କାହିଁ, ନାଇଁ ତ । ମୋର ସ୍ବାମୀ ଅଛନ୍ତି, ପ୍ରେମିକ

ଅଛନ୍ତି । ମୋର ବିବାହର ସମସ୍ତ ଆୟୋଜନ ସ୍ଥିର ହୋଇଯାଇଛି । ମୋର ସ୍ୱାମୀ କନ୍ଦର୍ପ ଭଳି ରୂପବାନ୍, ଗଣେଶ ଭଳି ବିଦ୍ୱାନ୍, କୁବେର ଭଳି ଧନୀ, ମାନଗୋବିନ୍ଦ ଭଳି ମାନୀ । ମୁଁ ଧାଇଁବି ସାମାନ୍ୟ ପ୍ରଦୀପ ପଛରେ ? ମୋର ସ୍ୱାମୀ ଅଫିସର ହେଲେ ପ୍ରଦୀପ କିରାଣୀ ହେବାକୁ ବି ଅଯୋଗ୍ୟ ।

କିଂନ୍ତୁ - - - କିଂନ୍ତୁ ମୁଁ ବୋଧେ ଟିକିଏ ଅଧିକ ବେଶୀ ନିର୍ମମ ହୋଇ ଯାଉଛି । ଏକ ଦେଶ ଦର୍ଶୀ ହୋଇ ଯାଉଛି । ମୋର ସ୍ୱାମୀ ସୁନ୍ଦର, ଫାଷ୍ଟ୍‌କ୍ଲାସ୍, ଅକ୍ସଫୋର୍ଡ଼ର ପି. ଏଚ୍. ଡ଼ି । ମୁଁ ତାଙ୍କୁ ପ୍ରାଣ ଦେଇ ଭଲପାଏ । କିଂନ୍ତୁ ତା'ବୋଲି ମୁଁ ପ୍ରଦୀପକୁ ଘୃଣା କରିବି କାହିଁକି ? ଏ ଦୁନିଆରେ ଖାଲି କ'ଣ ହଳଦୀବସନ୍ତ ରହିବେ ? ଶଙ୍ଖଚିଲ ରହିବେ ? ବଣି ରହିବ ନାହିଁ ? ଘାରି ରହିବ ନାହିଁ ? ପ୍ରଦୀପ ତା'ବାଟରେ ଥାଉ । ବିନାୟକ ତାଙ୍କ ବାଟରେ ଥାଆନ୍ତୁ । କାହାରି ସହିତ କାହାର ସଂଘର୍ଷ ହେବାର ଅବକାଶ କାହିଁ ? ବିବାହ ପରେ ଆମେ ତ ପ୍ରାୟ ରହିବା ଓଡ଼ିଶା ବାହାରେ । ଆଉ ପ୍ରଦୀପ ସବୁଦିନେ ଓଡ଼ିଶାରେ । ହୁଏତ ଜୀବନ ସାରା ଆଉ ଦେଖା ବି ହେବନି । ତାଙ୍କୁ ଏତେ ନ୍ୟୂନ ମଣିବାର, ହେୟ ମଣିବାର କ'ଣ କାରଣ ଅଛି ? ତା'ଛଡ଼ା ଦୁର୍ବଳ ଚଢ଼େଇଟିଏ ଉଡ଼ା ଜାଣି ନଥିଲେ ତାକୁ ଉଡ଼ା ଶିଖେଇ ଦେବା କ'ଣ ଧର୍ମ ନୁହେଁ ? ଦୁର୍ବଳିଆ ପିଲାଟି ପ୍ରତି ବାପମା'ଙ୍କର ତ ବେଶୀ ଶ୍ରଦ୍ଧା ।

ବିଚରା ପ୍ରଦୀପ ବାତ୍ୟା ବିକ୍ଷୁବ୍ଧ ସମୁଦ୍ରରେ କର୍ଣ୍ଣଧାରବିହୀନ୍ ଏକ କ୍ଷୁଦ୍ର ତରଣୀ ବା ଭୁଣ୍ଡି ମୁଣ୍ଡି ଚିହ୍ନୁ ନ ଥିବା ଗୋଟିଏ ଗାଈ । କେତେବେଳେ ଏ ପାଖକୁ କେତେବେଳେ ସେ ପାଖକୁ, କେତେବେଳେ ବା ପୂରା ଓଲଟା ଦିଗକୁ କୁଆଡ଼େ ସେ ଚାଲିଛି ତାର ଠିକ୍ ଠିକଣା ନାହିଁ । କେତେବେଳେ ସେ କୋଉ ପଥର ଦେହରେ ବାଡ଼େଇ ହୋଇ ଚୂନଚୂନା ହୋଇଯିବ କିଏ କହିବ ? ଭଲ ପାଇବା ନୁହେଁ, ଏଭଳି ଲୋକ ପ୍ରତି ଦୟା ଆସେ, ଆଖିରେ ଲୁହ ଆସେ । ବିଚରା ସେ କ'ଣ ଖାଉଥିବ, କୋଉଠି ରହୁଥିବ, କେତେ ରାତି ଉପାସ ରହୁଥିବ ମୋ'ର କଥା ଭାବି ଭାବି, ମୋ'ର ସ୍ୱପ୍ନ ଦେଖି ଦେଖି । ମୋ' ପାଇଁ ତା'ର କି ଦୟନୀୟ ଅବସ୍ଥା, ମୋ'ର ପାଇଁ ସେ ଉଦ୍‌ଭ୍ରାନ୍ତ ହୋଇଯାଇଛି ।

ଆହା, ବସୁରୀ ପାଇଁ ଭାବିବାକୁ ଆଉ କିଏ ଅଛି ? କିଏ ଅଛି ତା ଅଶ୍ରୁ ପୋଛି ଦେବାକୁ ?

କିନ୍ତୁ — — — କିନ୍ତୁ ମୁଁ ତା'ପାଇଁ ଏତେ ଗଭୀର ଭାବେ ଚିନ୍ତା କରୁଛି କାହିଁକି ? ମୋର ଚିନ୍ତା କରିବା ଉଚିତ କି ? ବିନାୟକ ନାରାୟଣ ଗଡ଼କରୀ ଏହା ଜାଣିଲେ ସହିବେ ତ ? ମୋର ବିବେକ ଏଥିପାଇଁ ମତେ କ୍ଷମା ଦେବ ତ ? କିନ୍ତୁ ଏଥିରେ କ୍ଷମା ନ ଦେବାର କ'ଣ ଅଛି ? ମୁଁ ତ କେବେ ତାଙ୍କୁ ବିନାୟକର ଆସନରେ ବସାଇ ନାହିଁ । ବିନାୟକର ସମାସ୍ଥାନ ସେ କେବେ ନୁହେଁ, ହୋଇ ପାରେନା । ମୁଁ ତ କେବେ ତାଙ୍କୁ ପୂଜା ଅର୍ଘ୍ୟ ଦେଇନାହିଁ । ମୁଁ ତ ଲକ୍ଷହୀରା ଭଳି କେବେ ତାଙ୍କୁ ଅଭ୍ୟର୍ଥନା କରି ଡାକି ଆଣିନାହିଁ ପୁରକୁ । ସାବିତ୍ରୀ ଭଳି ମୁଁ ମୋ ଲକ୍ଷ୍ୟରେ, ବ୍ରତରେ ଠିକ୍ ଅଛି । ମୋ ବିବେକ ନିର୍ମଳ ଅଛି । ମୋ ମନ ବଜ୍ରଦୃଢ଼ ଅଛି । ମୁଁ ସତ୍ୟବାନ୍‌ଙ୍କ ଚରଣ ଦୁଇଟି ଉପରେ ମୋ ମନ ପ୍ରାଣ ଅହରହ ଢାଳି ଦେଇଛି । ଖାଲି ଘରକୁ କେହି ଅତିଥି ଆସିଲେ, ପଡ଼ୋଶୀ ଆସିଲେ, କୁଟୁମ୍ବ ଆସିଲେ ତାଙ୍କୁ ପାଣି ଟିକେ, ପାନ ଖଣ୍ଡେ ଦେବା କ'ଣ ମନା ? ଦୁଃଖିଟିଏ ହୋଇଥିଲେ ତାଙ୍କୁ ମୁଠିଏ ଅନ୍ନ ଦେବା; ଆହା କହିବା କ'ଣ ହିନ୍ଦୁ ଶାସ୍ତ୍ରର ବିରୋଧୀ ? ଗାଡ଼ିରେ ଦେଖାହେଲେ ଜଣେ ଭଦ୍ରଲୋକ, ତାଙ୍କୁ ହସି ହସି ପଦେ କଥା କହିବା, ତାଙ୍କ ନମସ୍କାରର ପ୍ରତି ନମସ୍କାର ଜଣାଇବା ତ ଶିଷ୍ଟାଚାର, ଭଦ୍ରତା । କଲେଜ କମନ୍‌ରୁମରେ ଅନ୍ୟାନ୍ୟ ଅଧ୍ୟାପକଙ୍କ ସହିତ ଆମେ କଥା ହେଉଛେ ତ । ବାହାର ଲୋକଙ୍କ ସାଙ୍ଗରେ ସଂପର୍କ ନ ରଖି, କଥା ନ କହି କିଏ ରହିପାରିବ କି ?

ଆଉ ଯୋଉ ଲୋକଟା ତା'ର ଜୀବନ, ପ୍ରାଣ, ପ୍ରୀତି, ସବଗ ସବୁ ଆଣି ଚରଣ ତଳେ ସମର୍ପି ଦେଲା, ତାଙ୍କୁ କଥା ପଦେ ନ କହିଲେ ଚରମ କୃତଘ୍ନତା ହେବ ନାହିଁ ? ନାରୀ କ'ଣ ଖାଲି ଜାୟା ? ନାରୀ ଜନନୀ ନୁହେଁ ? ଭଗିନୀ ନୁହେଁ ? ଧାତ୍ରୀ ନୁହେଁ ? ଜଣେ ଅକୃତ୍ରିମ, ନିଷ୍କପଟ ବନ୍ଧୁ ନୁହେଁ ? ଖାଲି ଦେହ ଓ ମନ ଛଡ଼ା ନାରୀର କ'ଣ ଆଉ କିଛି ନାହିଁ ଜଣେ ଦରଦୀ ବନ୍ଧୁଙ୍କୁ ଅର୍ପଣ କରି ଦେବାକୁ ? କୁମାରୀ ଫ୍ଲୋରେନସ୍ ନାଇଟିଙ୍ଗେଲ୍, ଧାତ୍ରୀ

ଗାନ୍ଧୀ, ସିଷ୍ଟର ନିବେଦିତା ଏମାନେ ମାନବ ଜାତିକୁ କ'ଣ ଦେଇଥିଲେ ? ଦେହ ନା ମନ ନା ସେବା ।

ନା, ମୁଁ ଏତେ ନିଷ୍ଠୁର ହେବି ନାହିଁ । ମୁଁ ଟିକିଏ ନରମ ହେବି । କୋମଳତା ମାନେହିଁ ତ ନାରୀ । ମୁଁ ପ୍ରତାପର ଅଜାଣତରେ, ଅଲକ୍ଷ୍ୟରେ ଏଇ ହଜାର ହଜାର ମାଇଲ ଦୂରରେ ରହି ତା'ପ୍ରତି ଟିକିଏ କୋମଳ ହେଲେ କ'ଣ ସୃଷ୍ଟି ଛିଡ଼ି ପଡ଼ିବ ? ମୁଁ ତା'କୁ ପ୍ରେରଣା ଦେଇଛି ପରୀକ୍ଷା ଦେବାକୁ । ମୁଁ ଗଛଟିଏ ରୋପିଛି । ତା' ମୂଳରେ ଟିକିଏ ଜଳ ଦେଲେ ହୁଏତ ଗଛଟି ପୁଷ୍ପିତ ଓ ଫଳିତ ହୋଇଯିବ । ଆଉ ଟିକିଏ କୋମଳତାରେ ଅନ୍ତତଃ କୋମଳତାର ଅଭିନୟରେ ଯଦି ସେ ଏମ.ଏଟା ପାଶ୍ କରିଯାଏ, ସେକେଣ୍ଡ କ୍ଲାସ୍‌ଟା ଲାଗିଯାଏ, ତେବେ କ'ଣ ମୁଁ ତା'ର ଗୋଟାଏ ପରମ ଉପକାର କଲି ନାହିଁ ? ? ଯୀଶୁଙ୍କଠାରୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଯାଏ ସମସ୍ତେ କହିଛନ୍ତି ପରର ଉପକାର କରିବ, ପର ପାଇଁ ଜୀବନକୁ ଢାଳିଦେବ । ଆଜି ମୁଁ ଯଦି ତା'ର ଉପକାର କଲି ଟିକିଏ ହସରେ, ପଦିଏ କଥାରେ, ତା' ହେଲେ ମୁଁ କ'ଣ ଏମିତି ଗୋଟାଏ ଗୁରୁତର ଅନ୍ୟାୟ କଲି ? ବରଂ ତା' ନ କଲେ ମୁଁ ତ କହିବି ମୋ ଧର୍ମରେ ହାନି ହେଲା ।

ତେଣୁ ମୋର ବୋଧ ଉଚିତ ହେଉଛି ତା'କୁ ଉତ୍ସାହ ଦେବାପାଇଁ ଖଣ୍ଡିଏ ଚିଠି ଲେଖିବା ଏବଂ ସବୁ କଥା ଅତି ସରଳ ଭାବରେ, ପ୍ରାଞ୍ଜଳ ଭାବରେ ଟିକିନିଖି ବୁଝାଇ ବିନାୟକକୁ ଲେଖିଦେବା । କାରଣ ଯଦି କିଛି ଏଥିରେ ପାପ ଥାଏ, ପ୍ରକାଶ କରିଦେଲେ ସବୁ ପାପ ଧୋଇ ହୋଇଯିବ । ମନର ମୂଳେ ଏ ଜଗତ । ଯାହାର ମନ ନିର୍ମଳ, ତା'ର ଗାଡ଼ିଆ ପାଣି ବି ଗଙ୍ଗାଜଳ । ଭଗବାନ ମତେ ବଳ ଦିଅନ୍ତୁ । ମୁଁ ଖାଲି ଆପଣାସ୍ୱାର୍ଥୀ ନହୋଇ ପରାର୍ଥରେ ଜୀବନକୁ ଟିକିଏ ଉତ୍ସର୍ଗ କରେ ।

ଚିନ୍ମୟୀ ଉଠିଲା । ସେ ଜାଣେ ସେ କେବେ ଭୁଲ କରିବ ନାହିଁ । ଏତେ ବଡ଼ ଉଚ୍ଚଶିକ୍ଷିତା ଝିଅ କେବେ ଭୁଲ୍ କରେନା ।

—ଦଶ—

ଚଠି !!

ଲୁଧିଆନା ଡାକଘରର ମୋହର !!

କ'ଣ ଚନ୍ଦୁ ଲେଖିଛି ??

ଆଶ୍ଚର୍ଯ୍ୟ ହୋଇ, ସ୍ତମ୍ଭିତ ହୋଇ ପ୍ରଦୀପ ଗ୍ୱହିଁଲା । ଲଙ୍କାରେ ହରି ଶଢ ! ଚନ୍ଦୁ ଆଜ ଚଠି ?? ଚନ୍ଦୁକୁ ଚଠି ଲେଖି ଆସେ ? ଜୀବନରେ କେବେ ସେ ଚଠି ଲେଖିଛି କାହାକୁ ? ତାର ହୃଦୟ ଅଛି ? ଅଶ୍ରୁ ଅଛି ? ସେ ପଥର କାନ୍ଥରେ ମୁଣ୍ଡ ପିଟିଲେ ଆଉ ପାଖକୁ ଶଢ ଶୁଭେ ? ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ ପ୍ରଦୀପ । ସ୍ତ୍ରୀ' ହୋଇପାରେ ? ଗଞ୍ଜାରୁ ଜୟପୁର ଆଉ ଗଞ୍ଜାରୁ ଲୁଧିଆନା ଅନେକ ତଫାତ୍, ଅନେକ ଦୂର । ଦୂରକୁ ଗଲେ ଘର ମଣିଷ ସୁନ୍ଦର ଦିଶନ୍ତି ନା ? ପୁଣି ଘରକୁ ଆସିଲେ ସେଗୁଡ଼ା ଗୋଡ଼ର ଧୂଳି !! ଥାଉ, ଅଭିମାନ ଥାଉ । ଆଗ ଦେଖେ କ'ଣ ଲେଖିଛି ସେ ମାନମୟୀ ଛଇଳା ।

ପ୍ରଦୀପ ଭାଇ,

ତମ ପାଖରୁ ବିଦାୟ ନେଇ ଆସିବା ଛଅମାସ ହୋଇଗଲାଣି । ତମେ ସ୍ତ୍ରୀ' ଭିତରେ ଧାଡ଼ିଏ ବି ଚଠି ଲେଖିଲ ନାହିଁ । ତମେ କ'ଣ ଭାବିଲ ଗୋଟାଏ ଉଡ଼ାଜାହାଜ ଦୁର୍ଘଟଣାରେ ମୁଁ ଏକାବେଳକେ ଶେଷ ହୋଇ-ଯାଇଛି ? ମୋ ଶବ ଉପରେ ଘାସ ଉଠିଗଲାଣି ?

ମୁଁ ମନା କରିଥିଲି ? ତ ହେଲା କ'ଣ ? ତମେ ପଗ ମତେ ନ ଲେଖିଲେ, ମତେ ନ ଦେଖିଲେ ଦଣ୍ଡେ ରହିପାର ନାହିଁ ? ସବୁବେଳେ ମୋ ମୁହଁଟି ତମ ଆଖି ଆଗରେ ନାଚୁଥାଏ ? ଏବେ କ'ଣ ମୁଁ ଯମପୁରକୁ ଗ୍ୱଲିଆସିଲି ଯେ ତମର ଘୃଣାର ପାତ୍ର ହୋଇଗଲି ? ତମେ ତା'ହେଲେ

ସେଇଆ ଚାହୁଁଥିଲ ? ତମେ ଚାହୁଁଥିଲ ଚନୁ ମରିଯାଉ ? ତମ ଜଞ୍ଜାଳ ସରିଯାଉ ? ହଉ ତମ ଇଚ୍ଛା ସମ୍ପୂର୍ଣ୍ଣ ହେଉ । ନମସ୍କାର ।

—ଚନୁ

ଭକୁଆ ହୋଇ ଚାହିଁ ରହିଲା ପ୍ରଦୀପ । ଏଇ ଚିଠି ! ଏଇ ନାରୀ ଚରିତ୍ର ! ମତେ ତା' ଦେହ ଛୁଆଁଇ ବାରମ୍ବାର ନିୟମ କରେଇଛି—ନା, ପରୀକ୍ଷା ନ ସରିବାଯାକେ ତମେ ମତେ ଚିଠି ଲେଖିବ ନାହିଁ । ଏତେ ସମୟ ନଷ୍ଟ କରିବ ନାହିଁ । ଜୀବନକୁ ଉଦ୍ଦେଶ୍ୟପୂର୍ଣ୍ଣ କରିବ । ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦିଗରେ ଆଗେଇବ । ତା'ନହେଲେ ଖାଲି ହୋ ହୋ ଘୋ ଘୋରେ ଦିନ ଚାଲିଯିବ । ଅଥଚ ଆଜି ଚକୁଳି ପିଠା ଫଟ୍‌କିନା ଓଲଟି ପଡ଼ିଛି । ଦୋଷ ମୋର ?? ମୁଁ ତାକୁ ଅବହେଳା କରିଛି ? ଘୃଣା କରିଛି ?

ପନ୍ଦର ଖଣ୍ଡ ଚିଠି ଦେଲି । ଖଣ୍ଡିକର ଉତ୍ତର ନାହିଁ । ଭୟ ହୁଏ ସେ ସବୁ ଚିଠି ପଢ଼ୁଛି କି ନାହିଁ । କ୍ରୋଧରେ ବୋଧେ ଫୁଲିଫୁଲି ଉଠୁଛି ଦିନୁଦିନ । ଚିଠି ସବୁ ଫିଙ୍ଗି ଦେଉଛି ଅଳିଆ ଗଦାକୁ । ଦିନେ ତା'ରି କଥା ଭାଳି ଭାଳି ନିରାଶାରେ ମ୍ରିୟମାଣ ହୋଇ ପଡ଼ିଲା ବେଳକୁ ହଠାତ୍ ଝଡ଼ବେଗରେ ଆସି ମୋ କୁଟୀରରେ ଉଭା । ଆଉ ବିଜୁଳି ଯେମିତି ଚକ୍‌କିନା ମାରି ଚକ୍‌କିନା ଲିଭିଯାଏ, ଠିକ୍ ସେମିତି ହଠାତ୍ ଆସି ଟିକିଏ ଆଲୋକ ଦେଇ, ଟିକିଏ ହସ ବୁଣି ହଠାତ୍ ପୁଣି ଅନ୍ତର୍ଦ୍ଧାନ । ଆଉ କାଳେ ମୁଁ ଯାଇଁ ତା' ଦୁଆରେ ପହଞ୍ଚିଯିବି, ଆଡ୍ରେସ୍ ଲୋଡ଼ିବି ସେଇ ଭୟରେ ଓଡ଼ିଶା ଛାଡ଼ି ସ୍ୱାସ୍ଥ୍ୟ ପରିବର୍ତ୍ତନ ଆଳରେ ସୁଦୂର ପଞ୍ଜାବକୁ ଚମ୍ପଟ ।

ପୁଣି ମୋର ଏମ୍.ଏ ପରୀକ୍ଷା, ମୋର ତ ମନେ ହୁଏ, ଇଏ ବି ଗୋଟାଏ ଆଳ—ଛଳନା । ଛୋଟପିଲା ଦୁଷ୍ଟ ହୋଇ ପାଖରେ ଆସି ଘଷି ହେଲେ ତା'କୁ ପଣିକିଆ ପଚାରି ଦେଲେ ସେ ଯେମିତି ଚଟପଟ ପାଖରୁ ପଳାଏ, ମତେ ସେମିତି ତା'ପାଖରୁ ତଡ଼ିବା ପାଇଁ ଏମ୍.ଏ ପରୀକ୍ଷା ଧରେଇ ଦେବା ବୋଧେ ଅସଲ ମତଲବ । ଆଉ ସେ ମତଲବ୍‌କୁ ଘୋଡ଼େଇବା ପାଇଁ ଏତେ ହସ, ଆତ୍ମୀୟତା । ପଞ୍ଜାବ ଚାଲିଗଲେ ମୁଁ ସିନା ଯାଇପାରିବି ନାହିଁ, ଚିଠି ତ ଲେଖିବି । ସେଇ ଭୟରେ ତା' ଦେହ ଛୁଆଁଇ ସାତଥର ନିୟମ

ନା, ମତେ ଚିଠି ଲେଖିବ ନାହିଁ, ଲେଖିବ ନାହିଁ । ଖାଲି ପଢ଼ିବ, ପଢ଼ିବ, ପଢ଼ିବ ଆଉ ତା' ଛଳନାକୁ ସତ ମଣି ସେଇ ପତ୍ରରେ ମନପ୍ରାଣ ଢାଳି ଦେଲାବେଳକୁ ଏଇ ଚିଠି !—ମୁଁ ତାକୁ ଘୃଣା କରେ !!

ପ୍ରଦୀପ କିନ୍ତୁ ଦୁଃଖ କଲାନାହିଁ, ଆନନ୍ଦରେ ଅଧୀର ହୋଇ ଉଠିଲା । ଚିଠିଟିକୁ ବାରମ୍ବାର ପଢ଼ିଲା, ଚୁମ୍ବନ କଲା, ମଥାରେ ଲଗାଇଲା । ଏଇ ତା'ହେଲେ ତନୁ ? ତନ୍ମୟୀ ? ସବୁ ମୁଖା, ସବୁ ଛଳନା ଆଜି ତା'ର ଖସି ପଡ଼ୁଛି । ଏଇ ଶ୍ରେଷ୍ଠ ଚିଠି ଖଣ୍ଡିଏ ତା'କୁ ଆଜି ଧରା ପକାଇ ଦେଇଛି ପ୍ରଦୀପ ପାଖରେ । ତନୁର ତା'ହେଲେ ଟିକିଏ କୋମଳତା ଅଛି । ତନୁ ତା'ହେଲେ ପ୍ରଦୀପ କଥା ଭାବେ ! ସେ ଦିନର ଏତେ ହସ, ଏତେ ପ୍ରାଣ ଦିଆନିଆ ଅପେକ୍ଷା ଆଜିର ଏଇ ବିନ୍ଦୁଏ ଅଶ୍ରୁ କେଜାଣି କାହିଁକି ପ୍ରଦୀପକୁ ଭାରି ପବିତ୍ର ଲାଗିଲା ।

କଲମ ଧରିଲା—

ଗୋ ଅଧ୍ୟାପିକେ,

ସେଇ ହାନ୍‌ସମାନଙ୍କ ଦୁଃଖୀ ଝିଅଟି କଥା ମନେ ଅଛି ? ଶୀତ ରାତିର ପାହାନ୍ତି ପହର । କାଁକର ନୁହେଁ ଖଣ୍ଡ ଖଣ୍ଡ ବରଫ ଝଡ଼ୁଛି ଆକାଶରୁ । ଝରକାର ରେଲିଂ ଉପରେ, କାଠ ଉପରେ ଚୂନ ଚୂନା ଧଳାଫୁଲ ତିଆରି ହୋଇ ଯାଉଛି ବରଫରେ । ପାଉଁଶିଆ ଆକାଶରେ ଏବେ ବି ତାରାମାନେ ମିଟିମିଟି କରୁଛନ୍ତି । ଝିଅଟିର ହାତ କୋଇଲାରେ ବଙ୍କା ହୋଇଗଲାଣି । ଜୀବନ ସ୍ରୋତ ଆସୁଛି ଯେମିତି ଅସ୍ତେ ଅସ୍ତେ । ତଥାପି ସେ କୋଇଲା ଭାଙ୍ଗୁଛି । କଳା ବଲବଲ ହାତରେ କୋଇଲା ଆଣି ଅଗ୍ନି ଧରଉଛି ମୁନିବଙ୍କ ପାଇଁ କଫି କରିବାକୁ । ମୁନିବ—ଯେଉଁ ମହାପୁରୁଷ ମହିଳା ଭଦ୍ରମହିଳା କେଦାରା ଉପରେ ନରମ ଭୁଲାଇ ଗରମ ଗଦିରେ ଶୋଇ ଶୋଇ ଅଳସ ଭାଙ୍ଗୁଥିଲେ, ହଠାତ୍ ତାଙ୍କର ନିଦ ଭାଙ୍ଗିଯାଇଛି । ପଶମର ଉଭର କୋଟଟି ପିନ୍ଧି ପକାଇ ଆସି ଝରକା ଟିକିଏ ଖୋଲି ଦେଇଛନ୍ତି । ଅଧା ମୁହଁ ବାହାର କରି ଝିଅଟିକୁ ଦେଖି ଚିତ୍କାର କରୁଛନ୍ତି—ବଦ୍‌ମାସ୍, ତୁ ଏଇଠି କୋଇଲା ଠକ୍ ଠକ୍ କରୁଛୁ ? ରାସ୍ତା ଉପରକୁ ନେଇ

ଭାଙ୍ଗିପାରିଲୁ ନାହିଁ ?...... ସେ ଧଡ଼୍‌କିନା ଝରକା ବନ୍ଦ କରି ଦେଇଛନ୍ତି । କିନ୍ତୁ ବନ୍ଧୁର ଝିଅଟିର ଆନନ୍ଦ ଦେଖେ କିଏ ?—ଯା'ହେଉ, ଗାନ୍ଧି ବଞ୍ଚିଥିଲେ ଏତେ ବଡ଼ଲୋକ ଏତେଦିନେ ତା' ସାଙ୍ଗରେ କଥା କହିଲେ ତ!,

ଏ ଡାଳିଆ ଜୀବନର ବଜାପ ମାଟିରୁ ଉଠି ଉଠି ଯାଇଁ ସେ ତମ ପାଖରେ ପହଞ୍ଚି ପାରିଛି, ଗୋଟିଏ କମ୍ପନ ଖେଳାଇ ଦେଇପାରିଛି, ସେଇ ଯଥେଷ୍ଟ । ଆମେ ଆଉ ବେଶୀ କ'ଣ ଚାହୁଁଥିଲୁ ଯେ !

ଡାଳିଆ ଘରର ଗରବ,
ଯେ ଉଦିନ ହୁଏ ଡାଳି ଭାତ ସେଇଦିନ ଆମ ପରବ ।

ତମ ଚିଠି... ...

— ଶ୍ରୀ-ଗଜପତି ପୁରୁଷୋତ୍ତମଦେବ ପଦ୍ମାବତୀଙ୍କୁ ଧରି ଯୋଉଦିନ କାଞ୍ଚିରୁ ଫେରିଥିଲେ ସେ ଦିନ କ'ଣ ସେ ଏତିକି ଆନନ୍ଦିତ ହୋଇଥିଲେ ?

ଦ୍ୱାରକାରେ ଯୋଉଦିନ ଶୁକ୍ଳକେଶ, ବୃଦ୍ଧା, ଯଶୋମତୀଙ୍କ କୋଳକୁ ଶ୍ରୀକୃଷ୍ଣ ଡେଇଁ ପଡ଼ିଲେ ଆଉ ଯଶୋମତୀଙ୍କ ଶୁଖିଲା ସ୍ତନରୁ କ୍ଷୀର ସ୍ରବିଲା, ସେ ଦିନ କ'ଣ ତାଙ୍କ ନୟନ ଏମିତି ଆନନ୍ଦରେ ଲୋତକାପ୍ଳୁତ ହୋଇ ଉଠିଥିଲା ?'

୧୯୬୯ ମସିହା ଜୁଲାଇ ୨୧ ତାରିଖରେ ପୃଥିବୀର ପ୍ରଥମ ମଣିଷ ଆର୍ମଷ୍ଟ୍ରଙ୍ଗ ଯେତେବେଳେ ପ୍ରଥମ ଥର ପାଇଁ ଯାଇଁ ଚନ୍ଦ୍ରପୃଷ୍ଠରେ ପାଦ ରଖିଥିଲେ, ସେଦିନ କ'ଣ ସେ ଏମିତି ଆନନ୍ଦରେ ଉନ୍ମତ୍ତ ହୋଇ ଉଠିଥିଲେ ? ଗଦ୍‌ଗଦ୍ ହୋଇ ଉଠିଥିଲେ ।

ହେଇ ତମ ଚିଠି ଟେବୁଲ ଉପରେ ଅଛି—ଲୁହ ଦିଶୁଛି, ମୁହଁ ଦିଶୁଛି, ଅଭିମାନ ଦିଶୁଛି, ସ୍ନେହ ଦିଶୁଛି । ନାକପୁଡ଼ା ତମର ଫୁଲିଫୁଲି ଉଠୁଛି । ଓଠ କମ୍ପିଯାଉଛି । ଗୋଟିଏ ଧାର ପୁଣି ଆଉ ଗୋଟିଏ ଧାର ଲୁହ ଗଡ଼ିଆସୁଛି ତମର କୋମଳ ଗଣ୍ଡ ଉପରେ । ତମେ ଥରି ଉଠୁଛ । ତମେ ନିଜକୁ ଲୁଚାଇ ଦେଉଛ ତମ ଦୁଇ ହାତରେ ମୁହଁ ଘୋଡ଼ାଇ ରଖି, ଅଞ୍ଚଳରେ ଲୁହ ପୋଛି ଦେଇ ।

ଅଗସ୍ତି ଋଷି ପରା ଗୋଟାଏ ସମୁଦ୍ର ଶୋଷି ଦେଇଥିଲେ । ମୁଁ କ'ଣ ତମ ଲୁହତକ ଶୋଷି ଦିଅନ୍ତି ନାହିଁ ଯଦି ପାଖରେ ଥାନ୍ତି ! ତମେ କି ମୁଁ ମତେ ଛାଡ଼ିଦେଲ । ଆଉ ମତେ ଛାଡ଼ିବାକୁ ଯାଇଁ ନିଜେ ଛାଡ଼ି ହେଇଗଲ ସୁଦୂର ପଞ୍ଜାବ । ଏବେ ବୁଝୁଥିବ ମାନଚିତ୍ରର ଓଡ଼ିଶା ଆଉ ଏଇ ମାଟି ଘୋଡ଼ା ନଈ ପର୍ବତର ଓଡ଼ିଶା ଭିତରେ କେତେ ଫରକ । ଉତ୍କଳଜନନୀଙ୍କୁ ଏବେ ଚିହ୍ନିଲ ତ ? ତମ ଆଖିରେ ଲୁହ । ମୋ ଚିଠି ପାଇଁ ନୁହେଁ, ମା'ର ଆକୁଳ ଡାକ ପାଇଁ । ଗାଈ ହମ୍ବାରଡ଼ି ଶୁଭିଲେ ବାଛୁରିର ଆଖି ଜକେଇ ଯିବ ନାହିଁ ଲୁହରେ ?

ଆଉ ମେ ଚିଠି ?

ତମେ ନିଗମଙ୍କୁ ଚିହ୍ନିଛ ? ଚମତ୍କାର ଗୀତ ଗାଏ । ତମେ ଯଦି ଦିନେ ବଡ଼ି ସକାଳୁ ଯାଇଁ ତାକୁ ବିଛଣାରୁ ଉଠେଇବ ଆଉ କହିବ···— ନିଗମ, ତମର ଅମୁକ ଗୀତଟା ଖୁବ୍ ଭଲ ଲାଗିଲା, ସେ ସାଙ୍ଗେ ସାଙ୍ଗେ ଉଠି ମୁହଁ ନ ଧୋଇ, ନିତ୍ୟକର୍ମ ନ ସାରି ହାରମୋନିୟମ ବାହାର କରି ତମକୁ ଅମୁକ ଗୀତ ସାଙ୍ଗରେ ଆଉ ଦଶଟା ଗୀତ ବୋଲି ଶୁଣାଇ ଦେବ ।

ଆଉ କୃପାସିନ୍ଧୁ ମହାନ୍ତି, ଯଦି ସେ ଟିକିଏ ଜାଣନ୍ତି ତମେ ଫଟୋ ଦେଖିବାକୁ ଆଗ୍ରହୀ, ସେ ତମକୁ ରାସ୍ତାରୁ ଡାକି ନେଇ ଘରେ ବସାଇ, ଚା' ଜଳଖିଆ ଦେଇ ତାଙ୍କର ଦଶଟା ଯାକ ଆଲବମ୍‌ର ସବୁ ଫଟୋ ଗୋଟି ଗୋଟି କରି ଦେଖେଇବେ ଏବଂ କେଉଁ ଫଟୋ କେଉଁ ପରିସ୍ଥିତିରେ ଉଠେଇଥିଲେ, ସେ ଝିଅ କେମିତି ହସିଥିଲା, କେମିତି ଅପାଙ୍ଗ ହାଣି ଗୁନ୍ଥିଥିଲା, କେମିତି ବଣନଆଳୀ ଗଭାରେ ଖୋସିଥିଲା, ସେ ସମ୍ପର୍କରେ ଏକ ପୂରା କାହାଣୀ ଓ ଇତିବୃତ୍ତ ଗାଇଯିବେ ଅନର୍ଗଳ ଭାବରେ ।

ଏମାନେ ଏଇଆ । ଏଇ ଲେଖକ, କବି, କଳାକାର, ଚିତ୍ରକର ମାନେ ଏମିତି ପାଗଳ । ଲୋକେ ହୁଏତ ବେଳେବେଳେ ଏମାନଙ୍କ ଗୀତ ଶୁଣନ୍ତି । ଫଟୋ ଦେଖନ୍ତି । ବହି ପଢ଼ନ୍ତି । କିନ୍ତୁ ବାହାରେ ଆସି ମୁହଁ ମୋଡ଼ନ୍ତି-- ଫାଲ୍‌ତୁ । ବେକାରିଆ ଲୋକ । କିଛି ତ ଧନ୍ଦା ନାହିଁ । ---

ଯା'ର ନା ଥାକେ ଅନ୍ୟ ଗନ୍ଧ, ଦେହା ଧରେ ହୋମିଓପାଥି ଏ ଭଳି ଲୋକଙ୍କୁ ଚିଠି ଲେଖିବାକୁ ନିମନ୍ତ୍ରଣ କଲେ ତମର ସମ୍ମାନ, ତମର ଗୌରବ, ତମର ମର୍ଯ୍ୟାଦା •• •••

ନା, କ୍ଷମା କରବ, ତମକୁ ଆଘାତ ଦେବାକୁ ମୁଁ ଏ କଥା କହୁ ନାହିଁ । କିନ୍ତୁ ଜାଣିଜାଣି ଗୋଟାଏ ପାଗଲ ଲୋକକୁ ନେଇ ଘରେ ପୂରେଇଲେ ସେ ଯେତେବେଳେ ସବୁବେଳେ ବକର ବକର, ବକର ବକର ହେବ, ତମର ଧୈର୍ଯ୍ୟଚ୍ୟୁତି ଘଟିବ ନାହିଁ ?

ଚନ୍ଦ୍ରମୟି ! ଗୋ ହିରଣ୍ମୟି ! ଗୋ ସ୍ୱପ୍ନମୟି ! ତମ ଭିତରେ ଅଭିମାନ ଅଛି ? ତମେ ଏତେ ଉଦ୍‌ବେଳ ହୋଇପାର ? ଏ ପଥୁରିଆ ଟାଙ୍ଗର ଭୂଇଁରେ ଏତେ କୁଳୁକୁଳୁ ଝରଣା ବହିପାରେ ? ଥରେ ଖଡ଼ଗ-ପୁରର ଗୋଟିଏ କବରଖାନା ଭିତରେ ବସିଥିଲି । ଜଣେ ଗୋରା ସାହେବ ଆସି ପହଞ୍ଚିଲେ । ସେ ପୁଣି ଦୁର୍ଦ୍ଧର୍ଷ ମିଲିଟାରୀ ଅଫିସର । କିନ୍ତୁ କ'ଣ ହେଲା, ଗୋଟିଏ କବର ପାଖରେ ପାଞ୍ଚ ମିନିଟ ମଉନରେ ଠିଆ ହେଲା ପରେ ସେ ପିଲାଙ୍କ ଭଳି କଇଁ କଇଁ ହୋଇ କାନ୍ଦିଉଠିଲେ । ମୁଁ ଆଶ୍ଚର୍ଯ୍ୟ ହେଲି ସାହେବମାନେ ବି କାନ୍ଦନ୍ତି !!

ଅଶ୍ରୁମୁଂଚ ଗୋ ମାନମୟି ! ଅଶ୍ରୁଦେଜ ଗୋ ଚନ୍ଦ୍ରାମଣିର ମଠାମଣି ରାଧା ! ମୁଁ ଥାଉଁ ଥାଉଁ ମୋ ଆଖି ଆଗରେ ତମେ ମୁକ୍ତା ଝରାଇବ, ମୁଁ କେମିତି ସହିବ ? ଯାଉ ମୋର ଏମ୍ ଏ ପରୀକ୍ଷା, ଯାଉ ମୋର ସାମାଜିକ ମର୍ଯ୍ୟାଦା, ଗୌରବ, ନ ହୁଏ ପଛେ ମୁଁ ବ୍ରଜାଲଣ୍ଡର ପ୍ରିୟତମ ଅରଲାଣ୍ଡୋ', ସିଲଭିୟସ ଭଳି ମୁଁ ତମର ଟିକିଏ ଟିକିଏ କାମ କରି କରି ବୁଲୁଥାଏ—ତମ ଆଖିର ଲୁହ ପୋଛୁଥାଏ, ତମ ଓଠରେ ହସ ବୋଳୁଥାଏ ତମ ବାଟରେ ଗୋଲାପ ପାରୁଥାଏ, ତମ ମନରେ ମହକ ଭରୁଥାଏ ଭଗବାନ ଏତିକି ବଳ ଦିଅନ୍ତୁ । କବିଙ୍କ ଭାଷାରେ—

'ତମ ଚଲାପଥେ ସବୁଜ ଘାସ ମୁଁ
ହୋଇଥାଏ ବାରେବାରେ,

ପାଇବାର ଆଶା ନାହିଁ ମୋ ଜୀବନେ
ଛୁଇଁଯାଅ ଥରେ ଥରେ ।

ମୋ ପରୀକ୍ଷା ଏଇଠି ରହିଲା । ମୁଁ ପ୍ରଥମ ପରୀକ୍ଷାରେ ଫେଲ ହୋଇଗଲି ତନୁ । ଆଉ ଏ ଭୁଲ ହବ ନାହିଁ । ତମେ ଚିଠି ଲେଖିବ । ମନ୍ଦିରରେ ସ୍ତୋତ୍ର ଗାନ କରିବାକୁ ଭକ୍ତ ଫେରି ଆସିଛି ।

ନମସ୍କାର
ତମର ସେ ଦିନର 'ଆପଣ'
ଆଉ ଆଜିର 'ତମେ'
ପ୍ରଦୀପ ।

— — —

ଏଗାର

ପ୍ରଦୀପର ଚିଠି ପାଇବାର ଦୁଇ ଦିନ ପରେ ଅକ୍ସଫୋର୍ଡରୁ ଚିଠି ଆସିଲା । ବିନାୟକ ନାରାୟଣ ଗଡ଼କର ଲେଖିଛି । ଚିଠି ଇଂରେଜୀରେ । ତା'ର ଓଡ଼ିଆ ଏହିପରି ହେବ ।

ମୋର ପ୍ରିୟତମା,

ତମର ଲମ୍ବା ଓ ବିବରଣୀ ପୂର୍ଣ୍ଣ ଚିଠି ପାଇଲି । ମୁଁ ମୋ ଥେସିସ୍ ପାଇଁ ଅତ୍ୟନ୍ତ ବ୍ୟସ୍ତ ଅଛି । ଏ ସବୁ ଛୋଟ ଛୋଟ କଥା ମତେ କାହିଁକି ଲେଖୁଛ ? ମୁଁ କେବେ ତମକୁ ଅବିଶ୍ୱାସ କରିବି ନାହିଁ । ତମେ ସାଗରର ଗୋଟିଏ ମୁକ୍ତା ଭଳି । କୌଣସି କଳଙ୍କ କେବେ ତମକୁ ଛୁଇଁପାରେ ? ତମ ପ୍ରଦୀପ ଭାଇଙ୍କୁ ଆନ୍ତରିକ ସାଧୁବାଦ । ତାଙ୍କୁ ତମର ଯେମିତି ଖୁସୀ ସାହାଯ୍ୟ କର ।

ତମେ ଶୁଣି ଖୁସି ହେବ ଗଲା ମାସରେ ଲଣ୍ଡନରେ ଯେଉଁ ଡର୍ବି ଖେଳ ହେଲା, ସେଥିରେ ପ୍ରାୟ ଦୁଇ ଲକ୍ଷରୁ ଅଧିକ ଦର୍ଶକ ଯୋଗ ଦେଇଥିଲେ । ଖେଳ ଅତି ଚମତ୍କାର ହେଲା । ଯୋଉ ଘୋଡ଼ା ପ୍ରଥମ ହେଲା ତା ଦେଖିବାକୁ ଯେମିତି ଫିନ୍ ଫିନ୍, ତା' ଦୌଡ଼ ସେମିତି ଚିତ୍ତାକର୍ଷକ । ଡାଆଣୀ ଭଳି ଆଖିକି ବାନ୍ଧିରଖିବ, ପଲକ ପଡ଼ିବ ନାହିଁ ଦେଖଣାହାରିଙ୍କ ଆଖିରେ । କଲିକତା ଓ ବମ୍ବେରେ ମୁଁ ଅନେକଥର ଡର୍ବି ଖେଳ ଦେଖିଛି । କିନ୍ତୁ ସେ ଘୋଡ଼ା ଆଉ ଏ ଘୋଡାଙ୍କ ଭିତରେ କି ଆକାଶ ପାତାଳ ତଫାତ । ଏଗୁଡ଼ା ଘୋଡ଼ା ନୁହଁନ୍ତି ତ ଗୋଟାଏ ଗୋଟାଏ ଭାରତୀୟ ପୁରାଣ ବର୍ଣ୍ଣିତ 'ପକ୍ଷୀରାଜ' । ଆଉ ତାଙ୍କ ଉପରେ ଯୋଉଁ 'ଜକି' (ଘୋଡସବାର), ସେଗୁଡ଼ା ଏତେ ଦକ୍ଷ, ଏତେ ସାହସୀ ଏବଂ ସେମାନେ ଘୋଡ଼ା ଉପରେ ସାମନ୍ତରାଳ ଭାବରେ ଏମିତି ଶୋଇଯିବେ ଯେ ସେମାନେ ଅଛନ୍ତି କି ନାହିଁ ତମେ ତାଙ୍କର ଅସ୍ତିତ୍ୱ ଅନୁଭବ କରିପାରିବ ନାହିଁ । ଆଉ ଦୌଡର ବେଗ ? ତମେ ଚାହିଁ ପାରିବ ନାହିଁ । ତମ ଆଖି ଖୋସି ହୋଇଯିବ । ତୀର ବା ଚିଲଭଳି ସେମାନେ ଉଡ଼ି ଉଡ଼ିଯିବେ କାହିଁ କାହିଁ । ମୋର ତ ମନେହୁଏ କିଙ୍ଗ୍ ଲିଅରର ଝଞ୍ଜାକ୍ରାନ୍ତ ପ୍ରାନ୍ତରରେ ସେଇ ଭୟଙ୍କର ଝଡ଼ ବୋଧେ ଏତେ କ୍ଷିପ୍ର, ଏତେ ବେଗବାନ ହୋଇ ନ ଥିବ ଯାହା ହେଲା ସେ ଦିନ ସେଇ ପ୍ରଥମ ଘୋଡାର ଅଭୂତପୂର୍ବ, ଅଶ୍ରୁତପୂର୍ବ, ଅକଳ୍ପନୀୟ ଗତି । ହଁ ପ୍ରିୟ, ବାସ୍ତବିକ୍ ମୁଁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ମନେ କରୁଛି ଏଭଳି ଏକ ଐତିହାସିକ ଡର୍ବି ଦେଖିବାର ସୌଭାଗ୍ୟ ଓ ସୁଯୋଗ ପାଇଥିବାରୁ ।

ତମକୁ ମୋର ଆନ୍ତରିକ ଚୁମ୍ବନ । ଆଶା ଭଲ ଅଛ । ଆଉ ଥରେ ବଡ଼ଦିନର ପ୍ରୀତି ଓ ଶୁଭେଚ୍ଛା ତମକୁ ଓ ତମର ନୂଆଭାଇ ପ୍ରଶାନ୍ତକୁ ।

ବିଦାୟ, ବିଦାୟ ।

ତମର

ସବୁଦିନଆ

ବନ୍ଧାପୂକ ।

ଭାଉଜ ଡାକଲେ—ଖାଇବାକୁ ବାଢ଼ି ଦେଇଛି ଚନା, ଆସ, ଡେରି କର ନାହିଁ ।

ଚନ୍ଦ୍ରମୁଖୀ କିଂତୁ ସ୍ଥିର, ଗମ୍ଭୀର, ମଳିନ । କିଛି ଉତ୍ତର ଦେଲା ନାହିଁ ।

ଭାଉଜ ଆହୁରି କୋମଳ ଗଳାରେ କହିଲେ—ଆସ ଚନା, ଖାଇସାରି ପଢ଼ିବ । ଭାତ ଶୁଖି ଯାଉଛି ।

ତଥାପି ଚନ୍ଦ୍ରମୁଖୀ ନିରୁତ୍ତର ।

ଦଣ୍ଡେ ଗଲା । ଭାଉଜ ଉଠିଆସିଲେ । ସ୍ଥିର ହେଇ ଚନ୍ଦ୍ରମୁଖୀ ମୁହଁକୁ ଚାହିଁଲେ । —ଏଁ, ତମ ଆଖିରେ ଲୁହ... ଚନା ! କ'ଣ ହେଇଛି ତମର ? କିଏ ଚିଠି ଦେଇଛି ? ବିଲାତ ଚିଠି ? ବିନାୟକ ?

ଚନ୍ଦ୍ରମୁଖୀ ଚିଠି ବଢ଼ାଇ ଦେଲେ ଭାଉଜ । ତରତରରେ ଆଖି ବୁଲେଇ ନେଲେ ଚିଠି ଉପରେ । ଟିକିଏ ଗମ୍ଭୀର ହୋଇ ଚାହିଁଲେ । କହିଲେ—ହଁ, ବୁଝିଲି । ବଡ଼ଲୋକ ହେଲେ ଆଖି ଉପରକୁ ହୋଇଯାଏ । ତଳକୁ ଏମାନେ ଚାହାଁନ୍ତି ନାହିଁ । ଏମାନେ ଘୋଡ଼ା କଥା ବୁଝନ୍ତି । ମଣିଷ କଥା ବୁଝନ୍ତି ନାହିଁ, ବୁଝି ପାରନ୍ତି ନାହିଁ । ଏମାନେ ପୁଣି ବୁଝିବେ ନାରୀର ମନ ? ନାରୀର ଅନ୍ତର ? ମୁଁ ଆଜ ଭାଇଙ୍କି କହୁଛି । ତମେ ସବୁଦିନେ କାନ୍ଦିବ, ମୁଁ ସହିପାରିବି ନାହିଁ ।

ଚନ୍ଦ୍ରମୁଖୀ କହିଲା--ମୁଁ କାଲି ଗାଁକୁ ଯାଉଛି ଭାଉଜ ।

ଗାଁ ??— ଆଶ୍ଚର୍ଯ୍ୟ ହୋଇ ଭାଉଜ ଚାହିଁଲେ । --ହଠାତ୍ ଗାଁକୁ ? ତମର ତ ଛୁଟୀ ପୂରି ନାହିଁ ।

ନା, ମା' କଥା ମନେ ପଡ଼ୁଛି । ଛୁଟୀ ତ ଆଉ ପନ୍ଦରଟା ଦିନ । ଯୋଉଠି ହେଲେ ଜଏନ୍ କରିଯିବି ।

ଗୋଟିଏ ଗଭୀର ଦୀର୍ଘଶ୍ୱାସ ପକେଇ ଭାଉଜ କହିଲେ —ଓ ବୁଝିଲି । ଭୁଲ୍‌ଟା ତା'ହେଲେ ବିନାୟକର ନୁହେଁ । ତମ ଭାଇଙ୍କର ବି ନୁହେଁ । ଭୁଲ୍‌ଟା ପୁରାପୁରି ମୋ'ର । ତମେ ଜନ ମାସି ଚହିଲ । ମୁଁ ନିର୍ବୋଧ, ତମ କଥା କିଛି ବୁଝିଲି ନାହିଁ ।

ଭାସ୍କରଙ୍କ କଣ୍ଠ ରୁଦ୍ଧ ହୋଇ ଆସିଲା । ହାତ ମୁଠେଇ ଧରି ଚିନ୍ମୟୀ କହିଲା— ଏ କଥା କାହିଁକି କହୁଛ ଭାଉଜ ? ତମ ଛଡ଼ା ମୋ ଦୁଃଖ କିଏ ବୁଝିଛି ? ତମେ ତ ମୋ ମା' ଠଉଁ ବଳି ।

ନା, ମିଛ କଥା । ଭୁଲ୍ କଥା । ମୁଁ ତମର ମା' ନୁହେଁ । କେହି ନୁହେଁ । ମୁଁ ତମର ଦୁଃଖ, ବ୍ୟଥା, ଅଶ୍ରୁ, କିଛି ବୁଝି ପାରିଲି ନାହିଁ ।

ଭାଉଜ ! ତମେ ଭୁଲ୍ ବୁଝିଛ ଭାଉଜ, ମୋର ଦୁଃଖ କିଛି ନାହିଁ । ମୋର ଭବିଷ୍ୟତ ଉଜ୍ଜ୍ୱଳ । ମୋର ପାର୍ଟନର ମୁଁ ନିଜେ ବାଛି ସାରିଛି । ସେଥିପାଇଁ ଭାଇ କି ତମେ ମୋଟେ ବ୍ୟସ୍ତ ହେବା ଉଚିତ ନୁହେଁ ।

କିନ୍ତୁ··· ଭାଉଜ ଟିକିଏ ଥତମତ ହେଲେ— କିନ୍ତୁ ତମ ଆଖିରେ ଅଶ୍ରୁ ଚିନା, ଏଇ ସ୍ୱାମୀକି ନେଇ ତମେ ସୁଖୀ ହୋଇ ପାରିବ ?

ପାରିବ ଭାଉଜ, ନିଶ୍ଚେ ପାରିବ । ବିନାୟକ ଭଲ ପିଲା । ତା' ଛଡ଼ା ଅତି ବଡ ସ୍କଲାର କିନା ଏ ଛୋଟ ଛୋଟ କଥା ପ୍ରତି ତା'ର ଧ୍ୟାନ ନ ଥାଏ । ସକ୍ରେଟିସ୍ ଆଉ କଲ୍‌ରିଜ୍‌କୁ ତମେ ଚିଠି ଖଣ୍ଡେ ପକେଇ ବାକୁ ଦେଲେ ସେ କ'ଣ ଠିକ୍ ସମୟରେ ତା ଡାକବାକ୍ସରେ ପକେଇ ପାରିବେ ? ତାଙ୍କ ମନ କେତେ ଉଚ୍ଚ; ଉଦାର, ଉନ୍ନତ ଚିନ୍ତା ଭିତରେ ସବୁବେଳେ ବୁଡ଼ି ରହିଥାଏ ।

କିନ୍ତୁ ମୋର ମନେହୁଏ ଚିନା, ବିନାୟକ ବୋଧେ ଏତେଟା କୋମଳ ହେବେନି, ଏତେଟା ତମ କଥା ଭାବିବେ ନାହିଁ, ଯା' ଭାବିବେ ତାଙ୍କ ପାଠ କଥା, ଜ୍ଞାନ ଆହରଣ କଥା ।

ହେବା ସ୍ୱାଭାବିକ । ଏଭଳି ଲୋକଙ୍କର ଆଦର୍ଶ ବଡ଼, ଲକ୍ଷ୍ୟ ବଡ଼ି । ସେମାନେ ସମାଜରେ ଚାହାଁନ୍ତି ସମ୍ମାନ, ପ୍ରତିଷ୍ଠା, ଅର୍ଥ, ଐଶ୍ୱର୍ଯ୍ୟ । ତା' ଭିତରେ ନାରୀ ଗୋଟାଏ ଗୌଣ ପଦାର୍ଥ; ଗୋଟାଏ ଅଦରକାରୀ, ବେଦରକାରୀ ଚିଜ । 'ଲକ୍ଷ୍ମୀପୁରାଣ' ପଢ଼ିଛ ଭାଉଜ ? ବଳରାମ ଜଗନ୍ନାଥଙ୍କୁ କହିଥିଲେ ନା 'ଭାରିଯା ଅଟଇ ସିନା ପାଦର ପାନ୍ତୋଇ' ?

ଭଜନ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—ସତେ ? ନାରୀ ଏତେ ହୀନ ? ଘୃଣ୍ୟ ? ଆଉ ଏମାନଙ୍କୁ କହୁଛ ତମେ ଦେବତା ସ୍ୱଳର ? ପଣ୍ଡିତ ?

ନାଇଁ ଭଜନ, ଭୁଲ୍ ବୁଝ ନାହିଁ । କଟାକ୍ଷରୁ ଅତି ନିର୍ଲିପ୍ତ, ନିରପେକ୍ଷ ଭାବରେ ଦେଖ । ଏମାନଙ୍କର ଭୁଲ୍ କିଛି ନାହିଁ । ଏମାନେ ଭଲ ମଣିଷ । ତମେ ଜାଣ ଭଜନ, ସମାଜରେ ଅନେକ ବଡ଼ଲୋକ ଅଛନ୍ତି—ଧନୀ, ଜମିଦାର, ବଡ଼ ବଡ଼ ଆଇ. ଏ ଏସ୍, ଆଇ ପି ଏସ୍ ଅଫିସର, ବଡ଼ ବିଜନେସ୍ ମ୍ୟାଗ୍‌ନେଟ୍—ଯୋଉମାନଙ୍କର ହୃଦୟ ବୋଲି କିଛି ନାହିଁ, ଧର୍ମ ନାହିଁ, ଈଶ୍ୱର ଭୟ ନାହିଁ । ଯୋଉମାନେ ଚବିଶ ଘଣ୍ଟା ମଦ ଖାଆନ୍ତି, ସିଗାରେଟ ଖାଆନ୍ତି, ଅନ୍ୟ ସ୍ତ୍ରୀଅବୋଧଙ୍କ ପଛରେ ଗୋଡ଼ାନ୍ତି, ନିଶ୍ଚିତ ଭାବରେ ଅନ୍ୟର ଅନିଷ୍ଟ କରନ୍ତି । ଏମାନଙ୍କ ତୁଳନାରେ ବିନାୟକ ତ ଦେବତୁଲ୍ୟ ଲୋକ ।

କିନ୍ତୁ ତା'ବୋଲି ସେ ଯଦି ନାରୀର ମନକଥା ନ ବୁଝେ— ବ୍ୟବସାୟୀ ତା' ବ୍ୟବସାୟ ନେଇ ବ୍ୟସ୍ତ ରହିଲା ଭଲ, ମହାଜନ ତା' ଟଙ୍କାପଇସା ନେଇ ବ୍ୟସ୍ତ ରହିଲା ଭଲ, ବିନାୟକ ଯଦି ସବୁଦିନେ ତା' ପାଠ, ତା' ଡ଼ିଗ୍ରୀ, ତା' ମର୍ଯ୍ୟାଦା, ପଦବୀ ନେଇ ବ୍ୟସ୍ତ ରହିଲା, ତା'ହେଲେ ତମର ଦୁଃଖ ଗଲା କେମିତି ? ତମ ଛାତି ଭିତରେ ତ ଉହଡହ ନିଆଁ ସବୁବେଳେ ଜଳୁଥିବ ।

ଚନ୍ଦ୍ରମୁଖୀ ହସିଲା । କହିଲା—ତମେ ଖାଲି ଦୁଧ ଖାଇବ, ନାତ ସହିବ ନାହିଁ ? ଜାଣ ଭଜନ, ଯୋଉ ଗାଈର ଦୁଧ ବେଶୀ ମିଠା, ସେ ବେଶୀ ନାତ ମାରେ, ଦୁଷ୍ଟ ହୁଏ । ଏମାନଙ୍କ ଠାରୁ ତମେ କେବେ ପୂର୍ଣ୍ଣ ଆତ୍ମ ସମର୍ପଣ ଆଶା କରିବ ନାହିଁ । ଏମାନେ କେବେ ନାରୀର ରୂପ ବର୍ଣ୍ଣନା କରନ୍ତି ନାହିଁ, ଗୁଣ ବର୍ଣ୍ଣନା କରନ୍ତି ନାହିଁ । ଏମାନେ ନାରୀ ପାଇଁ ଅନ୍ଧ ହୋଇ ଯାଆନ୍ତି ନାହିଁ, ପାଗଳ ହୋଇ ଯାଆନ୍ତି ନାହିଁ । କିନ୍ତୁ ସମାଜରେ ଏମାନଙ୍କର ପ୍ରତିଷ୍ଠା ଅଛି, ଗୌରବ ଅଛି । ଆଉ ଏମାନଙ୍କୁ ପାଇ ନାରୀ ପ୍ରକୃତରେ ନିଜକୁ ଗୌରବାନ୍ୱିତ ମନେ କରେ । ଆଉ ଯୋଉମାନେ ନାରୀକୁ ପାଦ ଠାରୁ ମସ୍ତକ ପର୍ଯ୍ୟନ୍ତ ଆରାଧନା କରନ୍ତି, ଆନ୍ତରିକ ପ୍ରେମ

କରନ୍ତି, ନାରୀ ପଛରେ ଶହଶହ ମାଇଲ ଗୋଡ଼ାଇ ଯାଆନ୍ତି ପୋଷା କୁକୁରଟି ପରି, ସେମାନେ ଅକର୍ମା, ବିଦ୍ୟାବୁଦ୍ଧିଶୂନ୍ । ସମାଜ ତାଙ୍କୁ ଘୃଣା କରେ, ନାରୀ ତାଙ୍କୁ ଘୃଣା କରେ । ପ୍ରେମକୁ ନେଇ ଫୁର୍ତ୍ତି କରାଯାଏ । ପ୍ରେମିକକୁ ଧରି ଟେଣ୍ଟ୍ ଭଳି ବାଁରୁ ଡାହାଣକୁ, ଡାହାଣରୁ ବାଁକୁ ଫିଙ୍ଗି ଫିଙ୍ଗି କ୍ରୀଡ଼ା କରାଯାଏ । କିନ୍ତୁ ତାକୁ ଧରି ରାଜରାସ୍ତାରେ ଯାଇ ହୁଏ ନାହିଁ, ସଂସାର କରି ହୁଏ ନାହିଁ । କାରଣ ସଂସାରରେ ପ୍ରେମ ଅପେକ୍ଷା ସମ୍ମାନ ଗୌରବ, ପ୍ରତିଷ୍ଠା ବେଶୀ ଦରକାର । ପ୍ରେମିକ ନିର୍ବୋଧ, ବୁଦ୍ଧିହୀନ । ସାଧାରଣ ଭାଷାରେ କହିଲେ ମାଇଚିଆ, କାପୁରୁଷ, ଡରକୁଳା । ଏ ଭଳି ପ୍ରେମିକକୁ ଦେଖିଲେ, ସତରେ, ମୋର ସର୍ବାଙ୍ଗ ଶରୀର ଜଳିଯାଏ ଘୃଣାରେ.........

ବାଁ ହାତରେ ହୋଲଡର୍, ଡାହାଣ ହାତରେ ଚମଡ଼ା ସୁଟ୍‌କେଶ୍ ଧରି କବାଟ ଠେଲି ଘର ଭିତରକୁ ପଶିଆସିଲା ପ୍ରଦୀପ !! କହିଲା—ନମସ୍କାର ତନୁ ! ନମସ୍କାର ଭାଉଜ ! ତୁମ୍ଭେମାନେ ଯାହା ଭାବ, ମୁଁ ଆଉ ରହି ପାରିଲି ନାହିଁ । ତନୁକୁ ଅନେକଦିନୁ ଦେଖି ନାହିଁ । ଆରେ ତନୁ କେତେ ଝଡ଼ି ଗଲଣି ।

ତଟସ୍ଥ ହୋଇ ଚାହିଁ ରହିଲା ଚନ୍ଦ୍ରପ୍ରୀ । ଅଜାଣତରେ ପାଟିରୁ ବାହାରି ପଡ଼ିଲା --ପ୍ରଦୀପ ଭାଇ !

ଭାଉଜ ଠିକ୍ ଚିହ୍ନି ପାରିଲେ ନାହିଁ । କିନ୍ତୁ କୋଉଠି ନାଁଟା ଶୁଣିଲା ଶୁଣିଲା ମନେ ହେଲା । ଓ .....ବିନାୟକ ଚିଠିରେ ତା'ହେଲେ ଏଇ ପ୍ରଦୀପ ଭାଇ କଥା ଅଛି । କିନ୍ତୁ ଏଇ ପ୍ରଦୀପଟି କିଏ ?

ଚନ୍ଦ୍ରପ୍ରୀର ଚେତା ନ ଥିଲା ସେମିତି । ପ୍ରଦୀପକୁ ପରିଚୟ କରେଇ ଦେବା କଥା ଏକାବେଳକେ ଭୁଲି ଯାଇଥିଲା । ଆଉ ଯେତେବେଳେ ଚେତା ଆସିଲା, ସେତେବେଳେ କ'ଣ କହି ପରିଚୟ କରେଇବ ହଠାତ୍ ବୁଝି-ପାରିଲା ନାହିଁ ।—ନା' ପ୍ରଦୀପ ଏଠିକି ଆସିବା ମୋଟେ ଉଚିତ ହେବନି । ଶାଶୁ ଅଛନ୍ତି । ଭାଇ ଅଛନ୍ତି । ସେମାନେ କ'ଣ ଭାବିବେ ? କାହିଁ ଓଢ଼ଣା, କାହିଁ ଲୁଧିଆନା ? ଖବର ନାହିଁ, ଅନ୍ତର ନାହିଁ । ଲୋକଟା ଲମ୍ବଲମ୍ବ

ଏଠିକି ଚାଲି ଆସିଲି । ଲୋକଟା ସତରେ କି ନିର୍ବୋଧ । କ'ଣ ଏମିତେ ଭାବିବେ ? କ'ଣ ବା ଆମ ଭିତରେ ସମ୍ପର୍କ ?

ଚଟ୍‌ପଟ୍ ମୁଖର ଭଙ୍ଗୀ ବଦଳେଇ ଚିନ୍ମୟୀ କହିଲା—ଓ, ତା' ହେଲେ ଦିଲ୍ଲୀରେ ଆପଣଙ୍କ ଇଣ୍ଟରଭ୍ୟୁଟା ସରିଯାଇଛି, ନା ? କେମିତି ହେଲା ? ଭଲ ହୋଇଥିବ ନିଶ୍ଚୟ । ଆପଣ ଏତେ ଭଲ ସ୍କଲର ···

ବୋକା ପ୍ରଦୀପ କିଛି ବୁଝିଲା ନାହିଁ । କ'ଣ କହି ଆସୁଥିଲା, ଚିନ୍ମୟୀ ଉପରେ ପଡ଼ି କହିଲା- ଭାଉଜ । ତମେ ଏ ଭଦ୍ରଲୋକଙ୍କୁ ଚିହ୍ନିନା । ଏ ହେଉଛନ୍ତି ପ୍ରଦୀପ ପଟ୍ଟନାୟକ । ଘର ଆନ୍ଧ୍ରର ଚିକାକୋଲ ଜିଲ୍ଲାରେ । ଆଇ. ଏ. ଏସ୍ ପରୀକ୍ଷା ଦେଇଛନ୍ତି । ସେଇ ଇଣ୍ଟରଭ୍ୟୁରେ ଆସିଥିଲେ ଦିଲ୍ଲୀ । ମୁଁ ନିମନ୍ତ୍ରଣ କରିଥିଲି । ତେଣୁ ଲୁଧିଆନା ଚାଲିଆସିଲେ ।

ସନ୍ଦେହର କଳା ମେଘ ଅପସରି ବି ଅପସରିଲା ନାହିଁ । ଭାଉଜ ସାମାନ୍ୟ ଟିକିଏ ହସିଲେ । କହିଲେ—ହଉ, ଭଲ ହେଲା । ଭାଇ ଦେଖିଲେ କେତେ ଖୁସି ହେବେ । ଏତେ ଦୂର ବିଦେଶରେ ନିଜ ଲୋକଙ୍କୁ ଦେଖିଲେ କେତେ ଆନନ୍ଦ ଲାଗେ । ···ଥାଉରେ ଆପଣ ଠିଆ ହୋଇ ରହିଲେ ଯେ । ଆସନ୍ତୁ, ଲୁଗା ପାଲଟନ୍ତୁ ! ମୁଁ ଚା' ଆଣୁଛି ।

ଭାଉଜ ରୋଷେଇ ଘରକୁ ଗଲେ । ପ୍ରଦୀପ ହସିଲା ଆଖିରେ ଚାହିଁଲା । ଚିନ୍ମୟୀ କିନ୍ତୁ ରାଗରେ ନିଆଁ—ନା ଆପଣଙ୍କ ଆସିବା ମୋଟେ ଉଚିତ ହୋଇନି ।

ମୁଁ ନ ଆସି ରହି ପାରିଲି ନାହିଁ । ଗୋଲାପକୁ ଛାଡ଼ି···

ଚୁପ୍ । ସବୁ ଲାଜ, ସରମ, ସଙ୍କୋଚର ମୁଣ୍ଡ ଖାଇଲେ ଅପଣ । ଏ ନାଟକ ନୁହେଁ, ଉପନ୍ୟାସ ନୁହେଁ, ଏ ଜୀବନ । ଏଠି ହଜାର ପ୍ରଶ୍ନ, ହଜାର ଆଖି । ଭାଇ ଭାଉଜଙ୍କୁ ମୁଁ କି ଉତ୍ତର ଦେବି ? କେମିତି ମୁଣ୍ଡ ଟେକି ଚାଲିବି ? ଆପଣ କାହିଁକି ଆସିଲେ ? କାହିଁକି ଆସିଲେ ? ଆପଣ ଏତେ ନିର୍ଲଜ ହୋଇ ପାରିଲେ ?

ପ୍ରଦୀପ ଟିକିଏ ଗମ୍ଭୀର ହୋଇ କହିଲା—ବେଶ୍, ମୁଁ ଚା' ଖାଇ ଫେରି ଯାଉଛି ।

ଚନ୍ଦ୍ରଶ୍ରୀ କହିଲା—ବାସ୍, ହୋଇଗଲା ? ସାହସ ସରିଗଲା ? ସାଙ୍ଗେ-ସାଙ୍ଗେ ରାଇଟ୍ ଏବାଉଟ୍ ଟର୍ଣ୍ଣ ? ବେଶ୍, ଚାଲିଯାଆନ୍ତୁ । ଏଇ ମୁହୂର୍ତ୍ତରେ ଚାଲି ଯାଆନ୍ତୁ ଏଠୁ । ଚା' ଖାଇବା ଦରକାର ନାହିଁ । ଚା' ଦେବା ପାଇଁ କେହି ଏଠି ରେଷ୍ଟୁରାଣ୍ଟ ଖୋଲି ବସିନାହିଁ ।

ପ୍ରଦୀପ ସଙ୍ଗେ ସଙ୍ଗେ ସୁଟ୍‌କେଶ ଆଉ ବେଡ୍ ହୋଲ୍ଡର ଧରି ଫେରି ପଡ଼ିଲା । ଏରୁଣ୍ଡି ବନ୍ଧ ପାର ହେଲା । ଲନ୍ ପାରହେଲା । ଫାଟକ ବି ପାର ହେବା ଉପରେ, ଚନ୍ଦ୍ରଶ୍ରୀ ଡାକିଲା—ଶୁଣନ୍ତୁ, ଶୁଣି ଯାଆନ୍ତୁ, ମୋ'ରାଣ ।

ପ୍ରଦୀପ ଫେରିଲା । ଚନ୍ଦ୍ରଶ୍ରୀ କହିଲା—ଯାଆନ୍ତୁ, କିନ୍ତୁ ମନେ ରଖନ୍ତୁ, ଆଉ କେବେ ଏ ଦୁଆର ମୁହଁ ମାଡ଼ିବେ ନାହିଁ । ଆପଣଙ୍କର ଏଠି କେହି ନାହିଁ । ଯିଏ ଥିଲା ସିଏ ମରିଯାଇଛି ! ମରିଯାଇଛି !!

ପ୍ରଦୀପ ସୁଟ୍‌କେଶ, ହୋଲଡର ତଳେ ଥୋଇଲା । ଚନ୍ଦ୍ରଶ୍ରୀ ଲୁହ ଛଳ ଛଳ ଆଖିରେ ଆରଘରକୁ ପଶିଗଲା ଚା' ଧରି ଭାଉଜ ଘରକୁ ଆସିଲେ ।

ବାର

ପଞ୍ଚ ଅଶୀ ମାଇଲ୍ ଦୂର ଗୋଟିଏ ନିବିଡ଼ ଜଙ୍ଗଲ ଭିତରର କ୍ୟାମ୍ପ୍ ଡାକ୍ତର ଖାନାରୁ ଫେରିଲେ ଡାକ୍ତର ସୁବ୍ରତ । ସୁବ୍ରତ ଚନ୍ଦ୍ରଶ୍ରୀର ଭାଇ । ଦଶବର୍ଷ ହେଲା ମିଲିଟାରୀରେ ଚାକିରୀ । ଗୌହାଟି, ଗ୍ୟାଙ୍ଗଟକ୍, ମେଘାଳୟ, ଲଦାଖ୍, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର ଆଦି ବହୁ ଦୁର୍ଗମ ସ୍ଥାନ ଏହା ମଧ୍ୟରେ ବୁଲି ଆସିଲେଣି ।

ଡାକ୍ତର ହେଲେ ବି ମିଲିଟାରୀ ଚାକିରୀରେ ପ୍ରାଣାନ୍ତକ ପରିଶ୍ରମ । ପ୍ରଥମେ ପ୍ରଥମେ ଦୈନିକ ପାଂଚ ମାଇଲ୍, ସାତମାଇଲ୍ ମାର୍ଚ୍ଚିଂ; ସାଞ୍ଜମତ ଦୁଇଓଳି ଏକ୍‌ସରସାଇଜ୍, ଡ୍ରିଲ୍, ପ୍ୟାରେଡ୍; ମ ସବୁ ଥରେ ଦୁଇଥର କ୍ୟାମ୍ପ ଲାଇଫ୍—କେତେବେଳେ ଭୟଙ୍କର ଶ୍ୱାପଦସଙ୍କୁଳ ଜଙ୍ଗଲ ଭିତରେ, କେତେବେଳେ ହିମାଳୟର ଘନ ଜମାଟବନ୍ଧା ବରଫ ଉପରେ—ବରଫ ଖୋଳିଖୋଳି ତମ୍ବୁଟଣା; ସେଇ ତମ୍ବୁରେ ଜୀବନ—ଟକେଇ ଝଡ଼,

କେବେ ଭୀଷଣ ବର୍ଷା, ଘଡ଼ଘଡ଼ି, ବରଫ ଝଡ଼, ଲୁ ପବନ, କେତେବେଳେ ବା ଶତ୍ରୁର ଗୁଡ଼ୁମ୍ ଗୁଡ଼ୁମ୍ ତୋପ ଗର୍ଜନ, ଆକାଶରୁ ବୋମାବୃଷ୍ଟି—ତା'ରି ଭିତରେ ଦିନ ଦିନ ଧରି ନ ଖାଇ, ନ ପିଇ, ନ ଶୋଇ, ବୋଝେ ଗଣ୍ଠି ପିଠିରେ ବୋହି ବୋହି, ଖାଲି ଦୌଡ଼ ଦୌଡ଼ ଚାଲିଥାଏ ଜବାନ୍, ଚାଲିଥାଏ ଅଫିସର, ଚାଲିଥାଏ ଡାକ୍ତର, ଚାଲିଥାଏ ଇଂଜିନିୟର— ଏଇ ମିଲିଟାରୀ ଜୀବନ ! ଅତ୍ୟନ୍ତ କଷ୍ଟପ୍ରଦ । ଶୋଷପୋଷ ରକ୍ତ ଶୁଖିଯାଏ, ରକ୍ତ ନିଗିଡ଼ି ପଡ଼େ । ଏଇମାନେ ସୀମାନ୍ତ ପ୍ରହରୀ । ଏମାନଙ୍କର ଦୁଃଖର ଶେଷ ନାହିଁ, ସୀମା ନାହିଁ । ଲୋକମାନେ ଭଲ କେତେ-ବେଳେ କୋଉଠି ଝଡ଼ ପଡ଼ନ୍ତି, ଟଳି ପଡ଼ନ୍ତି, କେହି ତା'ର ଖବର ରଖନ୍ତି ନାହିଁ ।

ଏହିଭଳି ଏକ କଠୋର କର୍ତ୍ତବ୍ୟମୟ ଜୀବନ ଡାକ୍ତର ସୁବ୍ରତଙ୍କର । କଥା କହିବାକୁ ବେଳ ନାହିଁ, ଚିନ୍ତା କରିବାକୁ ବେଳ ନାହିଁ, ଘରକଥା ବୁଝିବାକୁ ବେଳନାହିଁ । ସବୁବେଳେ ଖାଲି କାମ, କାମ, କାମ । କେତେବେଳେ ହେଡ୍‌କ୍ୱାର୍ଟର୍ସରେ, କେତେବେଳେ ଅବା ଜିପ୍ ଖଣ୍ଡିଏ ଧରି ଚାଳିଶ ମାଇଲ, ତିରିଶ ମାଇଲ, ପଚିଶ ମାଇଲ, ପଞ୍ଚାଅଶୀ ମାଇଲ ଦୂରରେ ଥିବା କ୍ୟାମ୍ପ ଡାକ୍ତରଖାନାମାନଙ୍କରେ ସେ ଚର୍କି ଭଳି ବୁଲୁଥାନ୍ତି, ରୋଗୀ ଦେଖୁଥାନ୍ତି, ଆଶ୍ୱାସନା ଦେଉଥାନ୍ତି । ଡାକ୍ତର ହିସାବରେ ସୁବ୍ରତଙ୍କର ନାଁ ଅଛି । ବିଶେଷତଃ ସର୍ଜରୀରେ ତାଙ୍କର ଦକ୍ଷତା ଖୁବ୍ ବେଶୀ । ହେଲେ ଯୋଉଥିପାଇଁ ତାଙ୍କୁ ସମସ୍ତେ ଆଦର କରନ୍ତି, ସମ୍ମାନ କରନ୍ତି, ତାହା ତାଙ୍କର ମାନବିକ ସମ୍ବେଦନଶୀଳତା ।

ଗୋଟିଏ ମିଲିଟାରୀ ଜିପ୍‌ରୁ ଖପ୍‌କିନା ତଳକୁ ଡେଇଁପଡ଼ିଲେ ସୁବ୍ରତ । ସାଙ୍ଗରେ କର୍ଣ୍ଣେଲ ସନ୍ତୋଷ ଭଟ୍ଟାଚାର୍ଯ୍ୟ । ସନ୍ତୋଷ ବଙ୍ଗାଳି ହେଲେହେଁ ଘର ଓଡ଼ିଶାର ବାଉଦପୁରରେ । ତେଣୁ ବଙ୍ଗାଳି ଅପେକ୍ଷା ଓଡ଼ିଆଙ୍କ ସହିତ ତା'ର ବେଶୀ ପ୍ରୀତି । ଆଉ ସୁବ୍ରତ, ସନ୍ତୋଷ ଅତି ଘନିଷ୍ଠ ବନ୍ଧୁ । ଦୁହେଁ ବାରଣ୍ଡାକୁ ଉଠି ଆସିଲେ । ତାଙ୍କୁ ହସିହସି ଅଭ୍ୟର୍ଥନା କଲେ କାଞ୍ଚନ —ସୁବ୍ରତଙ୍କ ସହଧର୍ମିଣୀ, ଚିନ୍ମୟୀ ଆଉ ପ୍ରଦୀପ । ଚିନ୍ମୟୀ ପରିଚୟ କରେଇ ଦେଲା-- ଭାଇ, ସନ୍ତୋଷଦା' ଏ ହେଉଛନ୍ତି,

ପ୍ରଦୀପ ପଟ୍ଟନାୟକ—ଜଣେ ପ୍ରସ୍‌ପେକ୍‌ଟିଭ୍ ଆଇ. ଏ. ଏସ୍ । ସୁବ୍ରତ, ସନ୍ତୋଷ ଏକାବେଳକେ ଚିତ୍କାର କରି ଉଠିଲେ —ଆଚ୍ଛା ୟଙ୍ଗ୍ ମ୍ୟାନ୍, ବହୁତ ଖୁସି ହେଲୁ ତମକୁ ଦେଖି, ଆସ—ଦୁହେଁ କରମର୍ଦ୍ଦନ କଲେ ପ୍ରଦୀପ ସହିତ ।

ସୁବ୍ରତ କହିଲେ—ଶୁଣ, ପୁଷ୍ପାଙ୍କୁ କହ ଜଲ୍‌ଦି ଖାନା ଦେଇ-ଦେଉ । ମତେ ସାଙ୍ଗେସାଙ୍ଗେ ଚାଲି ଯିବାକୁ ହେବ ବାହାରକୁ ।

କାଞ୍ଚନ ଘର ଭିତରକୁ ପଶିଯାଉଥିଲେ, କହିଲେ—କାହିଁକି, କୋଉଠି ନିଆଁ ଲାଗିଗଲା କି ?

ଆରେ ମିଲିଟାରୀରେ ସବୁବେଳେ ନିଆଁ ଲାଗିଥାଏ । ସବୁ ବେଳେ ତର ତର, ଉଚ୍ଛନ୍ନ, ଚଟ୍‌ପଟ୍ । ତମ ପରି, ସହଜ ଜୀବନ ଏଠି କାହିଁ ?

ସନ୍ତୋଷ ଯୋଗ ଦେଲେ —ବିଶେଷତଃ ତମ ଓଡ଼ିଆଣୀଙ୍କ ଭଳି ବୋମ୍ବେ ଗୁଣ୍ଡି ପାନ ଖାଇ ଗୋଡ଼ ଉପରେ ଗୋଡ଼ ପକାଇ......

କାଞ୍ଚନ ହସିଲେ । କହିଲେ—ନେଇ ଆସିଲ ନାହିଁ ଗୋପାକୁ । ଦିଲ୍ଲୀରୁ ଆସିଲ ଏକା ଏକା, ଗୋପାକୁ ସାଙ୍ଗରେ ନେଇ ଆସିଥିଲେ କ'ଣ ଯୁଗ ଓଲଟି ଯାଇଥାନ୍ତା ? ଟିକିଏ ବୁଲି ଯାଇଥାନ୍ତା ବିଚାରି ।

ସନ୍ତୋଷ କହିଲେ---ବୁଝିଲ ଭାଉଜ, ସହଜେ ତ ଏଠି କାହିଁକି ଗୁଣ୍ଡି, ଆକବର ଖାଁ ଗୁଡ଼ାଖୁ ମିଳିବ ନାହିଁ, ତା' ଛଡ଼ା ଯାହା ଅବସ୍ଥା ହେଲାଣି ନା ଏ ଗୋପା ନାମ୍ନୀ ସୁନ୍ଦରୀ କନ୍ୟାକୁ କପିଳବାସ୍ତୁ ନଗରୀରେ ଏକାକୀ ଛାଡ଼ି ଦେଇ ନିର୍ଜନ ବଣରେ ଚାଲିଯିବାକୁ ହେବ ହିମାଳୟକୁ ।

କାହିଁକି ଝଗଡ଼ା କରୁଛ ? ଗୋପା ଭଳି ଝିଅ ସାଙ୍ଗରେ ଝଗଡ଼ା କରି ହୁଏ ?

ହୁଏ ଭାଉଜ ସବୁ ହୁଏ । ଭଲ ଲୋକ ସାଙ୍ଗରେ ତ ଝଗଡ଼ା କରି ହୁଏ, ଦୁଷ୍ଟ ଲୋକକୁ ତ ସମସ୍ତେ ଡରନ୍ତି ।

ନାଇଁ କ'ଣ ହେଉଛି ? ସତରେ କଳିକଜିଆ ?

ହଁ ଯେ, କଳଅାଂଠା ଆମ ଭିତରେ ନୁହେଁ, ଭାରତ ପାକିସ୍ଥାନ ଭିତରେ । କଅଁଳ ଲୁହାକୁ ବଙ୍କେଇ କାମୁଡ଼େ । ସେଠା ଲୋକଙ୍କର ଏ ଦୁନିଆରେ ସ୍ଥାନ ଅଛି । ଭଲଲୋକଙ୍କ ପାଇଁ ସ୍ଥାନ କାହିଁ ? ଏଠି ଆଉରଙ୍ଗଜେବ ରାଜା ହୁଅନ୍ତି । ଯୀଶୁଖ୍ରୀଷ୍ଟଙ୍କୁ ଫାଶୀ ଦିଆଯାଏ, ମହାତ୍ମାଗାନ୍ଧୀଙ୍କୁ ଗୁଳି କରି ମାରି ଦିଆଯାଏ ।

କାଞ୍ଚନ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ବାଥ୍‌ରୁମ୍‌ରୁ ଧୋଇଧାଇ ହୋଇ ଆସି ପହଞ୍ଚିଲେ ସୁବ୍ରତ । କହିଲେ ନାଇଁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଜୀବନ ଏଇଆ । କହି ବୋଲି ଜାଣେ ସିଏ, ପଗ୍ଧ ଟିଙ୍ଗ୍ରି ବାକେ ସିଏ । ଯାର ସମାଜରେ ଷ୍ଟାଟସ୍ ଅଛି, ପୋଜିସନ୍ ଅଛି, ସିଏ ପାଞ୍ଚଲୋକଙ୍କୁ, ପାଞ୍ଚଟା ଦେଶକୁ ଭଳେଇ କରି ନିଜ ହାତରେ ରଖିଛି । ସିଏ ଚଟ୍‌ପଟ୍ କଥା କହି ଅନର୍ଗଳ ବକ୍ତୃତା ଦେଇ ଲୋକଙ୍କ ଆଖିରେ ଭେଲକି ଲଗେଇ ଦେଇ ପାରୁଛି, ସିଏ ଯେତେ ନିଷ୍ଠୁର, ହୃଦୟହୀନ ହେଲେହେଁ ଭଲଲୋକ । ସମସ୍ତେ ତା' କଥାକୁ ଆଦରିବେ । ଆଉ ସିଏ ସତରେ ଭଲଲୋକ, ସାଧୁଲୋକ, ମାତ୍ରକ ମ' କହେ ନାହିଁ, ହୃଦୟରେ ଦୟାମାୟା, ସ୍ନେହ କରୁଣା ଭରପୁର ଅଥଚ କଥା କହି ଆସେ ନାହିଁ ଲୋକଙ୍କ ଆଖିରେ ଭେଲକି ଲଗେଇ ଦେଇ ପାରେ ନାହିଁ, ତା'କୁ ପଚାରେ କିଏ ? ସେଇଟା ମାଇଚିଆ, ଅଯୋଗ୍ୟ, ଅପଦାର୍ଥ । ଯାହା ପାକିସ୍ଥାନ ଆଉ ଭାରତର ଅବସ୍ଥା ।

ଚନ୍ଦ୍ରମୁଖୀ ଠିଆ ହୋଇହୋଇ ଶୁଣୁଥିଲେ । ଚନ୍ଦ୍ରକଳା ଯେମିତି ଛାତିରେ କ'ଣ ଗୋଟାଏ ଲାଗିଲା । ମୁହଁ ମଳିନ ପଡ଼ିଗଲା । କାନ ଭିତରେ ଖାଲି ଝିଂ ଝିଂ ହେଲା ଗୋଟିଏ ପଦ—ମାଇଚିଆ · ମାଇଚିଆ ··

ଲଂଚ୍ ଟେବୁଲ୍ । ପୂର୍ଣ୍ଣୀମା ବାଢ଼ି ଦେଇଗଲା ବିରିଆନି, ଚପ୍, କଟ୍‌ଲେଟ୍, ପୁଡ଼ିଂ, ସିମେଇ ପାୟସ, ଫ୍ରୁଟ୍‌ସ୍‌ସାଲଡ୍, ଆଉ କିଛି ଆଳୁ, ଗାଜର, କୋବିର ସାଦା ତରକାରୀ, ଭେଣ୍ଡିଭଜା, ପାମ୍ପଡ଼, କଦଳି ଆଉ ମିଠା । ଦୁଇ ପାଖରେ ବସିଥିଲେ ସୁବ୍ରତ, ସନ୍ତୋଷ, ପ୍ରଦୀପ, କାଂଚନ

ଆଉ ଚମ୍ପୁରୀ । ଖାଇବା ଆରମ୍ଭ କରୁ କରୁ ସନ୍ତୋଷ କହିଲେ—ଭଉଜ, ଏ ଫଲକା ଓଡ଼ିଆ ଖାନା ହୋଇଗଲା । ଏତେ ପ୍ରକାରର କରିଛ ପୁଣି ଏତେ ପରିମାଣ । କାହାକୁ ଖାଇବ', କାହାକୁ ଛାଡ଼ିବା ?

କାଞ୍ଚନ କିଛି କହିବା ଆଗରୁ ସୁବ୍ରତ କହିଲେ—ନା'ରେ ଏ କିଛି ନୁହେଁ । ତମ 'ବଙ୍ଗାଳ ଠାଣି, ଫାଟେଇ ସନ୍ଦେଶକୁ ଗିଲିସେ ପାଣି' ଏ ମିଲିଟାରୀରେ କଲେ ଚଳିବ ? ଏଠି ଯେମିତି ହାଡ଼ ଭାଙ୍ଗିବାକୁ ପଡ଼ିବ, ସେମିତି ହାଡ଼କୁ ଟାଣ କରିବା ପାଇଁ ବହୁତ କିଛି ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ଭିତରେ ପୂରେଇବା ଦରକାର । ତା'ଛଡ଼ା ତୁ ତ ଜାଣୁ ମିଲିଟାରୀ ଜୀବନ .. ଯାହା ଖାଇଥିବ ପେଟକୁ, ଯାହା ରଖିଥିବ......?

ସନ୍ତୋଷ ହସି ଉଠିଲେ । କୁକୁଡ଼ା ଗୋଡ଼ ଖଣ୍ଡେ ଚୋବେଇ ଚୋବେଇ କହିଲେ—ରାଇଟ୍, କାହିଁକି ପଇସା ରଖିବା ? To-day dies to-morrow two days.

ଆଖି ଟେକି ଚମ୍ପୁରୀ ପୁଚ୍ଛିଲା—ତା'ମାନେ ?

ସୁବ୍ରତ ହସିହସି କହିଲେ—ବୁଝିଲୁ ନାହିଁ ? ତୁ ସିନା ଇଂଲିଶ୍‌ରେ ଫାଷ୍ଟ କ୍ଲାସ ଏମ୍ ଏ, ଅକ୍‌ସଫୋର୍ଡ଼ ଇଂଲିଶ୍ କହିବୁ, ଏ ମିଲିଟାରୀ ଇଂଲିଶ୍ । To-day dies to-morrow two days. ମାନେ ଆଜି ମଲେ କାଲିକି ଦୁ'ଦିନ ।

ସମସ୍ତେ ହୋ ହୋ ହସି ଉଠିଲେ ।

ସୁବ୍ରତ ପୁଣି କହିଲେ—ତା' ଇଂଲିଶ୍ ଏକ୍ସପ୍ରେସ, ତା 'ହ୍ୟୁମର' ଏକ୍ସପର । ମୃତ୍ୟୁରେ ବି ସେ ହସର ଝରଣା ସୃଷ୍ଟି କରିବ । ତା'ନ ହେଲେ ମିଲିଟାରୀ ଲାଇଫ୍ ଖୁବ୍ ଡଲ୍ ଆଉ ମନୋଟୋନସ ହୋଇ ଯିବ ନାହିଁ ? ଅରେ କ'ଣ ହେଲା ଜାଣୁ ? ଆମେ ସେତେବେଳେ ଲଦାଖ୍‌ରେ ଥାଉ—ତୋ' ସନ୍ତୋଷଦା' ଆଉ ମୁଁ । ଗୋଟାଏ ଉଡାଜାହାଜ ଖସିପଡ଼ିଲା । ଠିକ୍ ଖସି ପଡ଼ିଲା କାହିଁକି, ବର୍ଡରରେ ଉଡ଼ି ଯାଉଥିବା ବେଳେ ପାକିସ୍ଥାନୀ ସୈନ୍ୟମାନେ ତାକୁ ଗୁଳି କରି ଖସାଇ ଦେଲେ । ଏଗାର ଜଣ ଲୋକ ସାଙ୍ଗେ ସାଙ୍ଗେ ଘଟଣା ସ୍ଥଳରେ ମରିଗଲେ । ବାକି ସାଙ୍ଗ ଆଧ

ଜଣ ଲୋକ ଭୀଷଣ ଭାବେ ରକ୍ତାକ୍ତ ହୋଇ ହସପିଟାଲ୍ ଆସିଲେ । ମରଣାପନ୍ନ ଅବସ୍ଥା । ଆହୁରି ବି ପାକିସ୍ଥାନ ପଟୁ ଘନଘନ ଗୁଳି ଛୁଟିଥାଏ । ଯେ କୌଣସି ସମୟରେ ଯେ କୌଣସି ଲୋକ ଦେହରେ ଆଘାତ ଲାଗି ଯାଇପାରେ । ଆଜି ଆଘାତ ମାନେ ମୃତ୍ୟୁ । ମୃତ୍ୟୁ ଯେମିତି ଆଁ କରି ଗୋଡ଼େଇଛି ।

...ତୋ' ସନ୍ତୋଷ ଦା' କୁଆଡ଼ୁ ଧଇଁସଇଁ ହୋଇ ଆସି ଡାକ୍ତରଖାନାରେ ପହଞ୍ଚିଲା । ମୁଁ ଗୋଟାଏ ରୋଗୀର ମୁଣ୍ଡରୁ ରକ୍ତ ପୋଛି ବ୍ୟାଣ୍ଡେଜ୍ କରୁଥିଲି । ହସିହସି କହିଲି—କ'ରେ ପଳେଇ ଆସିଲୁ ? କହିଲା--ଆସିବ ନାହିଁ ? ଯେଉଁଠି Curry Stone and its sons are flying in the air, ସେଠି ମୁଁ କ'ଣ କରିବ ? ମୁଁ ହଠାତ୍ ବୁଝି ପାରିଲି ନାହିଁ, ରାଗିଯାଇଁ କହିଲି—ଯାଃ, ଏ ପରିହାସର ବେଳ ନୁହେଁ, ଯା' କହୁଛୁ ଓଡ଼ିଆରେ କହ । କହିଲା—ବୁଝିଲ ନାହିଁ ? ଯୋଉଠି ଶିଳ ଶିଳପୁଅ ଗଗନେ ଉଡ଼ୁଛି, ସେଠି......

ସମସ୍ତେ ପୁଣି ଠୋ ଠୋ ହସିଲେ । ଚିନ୍ମୟୀ କହିଲା କ'ଣ ହେଲା, Curry stone and its sons......

ଗମ୍ଭୀର ହୋଇ ଅସୁଥିଲା ପ୍ରତାପ । ଚିନ୍ମୟୀକୁ ବାଧା ଦେଇ କହିଲା--ସବୁ ଆପଣମାନଙ୍କୁ ଏମିତି ଅନିଶ୍ଚିତତା ଭିତର ଦେଇ ରହିବାକୁ ପଡ଼େ ?

ସନ୍ତୋଷ କହିଲେ —ନାଇଁ ଆଜ୍ଞା, ଏଠି ଆଉ ଅନିଶ୍ଚିତତା କାହିଁ ? ଏ ତ ନିଶ୍ଚିତ ମୃତ୍ୟୁ ।

ସମସ୍ତେ ପୁଣି ହସିଲେ । ପ୍ରତାପ କିନ୍ତୁ ଗମ୍ଭୀର, ନୀରବ । ପୁଣି ଖାଙ୍କି ଖାଙ୍କି କହିଲା— ଆପଣମାନେ ପାକିସ୍ଥାନକୁ ଠିକଣା ଜବାବ ଦେଇ ପାରୁ ନାହାଁନ୍ତି ? ଆମର ଏହି ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ଭାରତ ଜନନୀ··· ଏହାର ପ୍ରତି ରେଣୁ ଆମର ପୂତ, ନମସ୍ୟ । ଏହାର ପ୍ରତି ତରୁଲତା; ଫୁଲ ଫଳ, କାନନ କେଦାର ସବୁଥିରେ ମା'ର ଆବିର୍ଭାବ । ଏହି ମା'ର ସମ୍ମାନ ପାଇଁ, ଗୌରବ ପାଇଁ, ସ୍ୱାଧୀନତା ପାଇଁ ଆମେ ହସିହସି ପ୍ରାଣପାତ କରିବା ଉଚିତ ।

ଚିନ୍ମୟୀ କହିଲା—ଆପଣ ଭାବପ୍ରବଣ ହୋଇ ଉଠୁଛନ୍ତି ।

କିନ୍ତୁ ଆମେ ସହିବୁଁ କାହିଁ ଆମର ଆଖି ଆଗରେ ସେମାନେ ଅନ୍ୟାୟ କରିବେ, ମା'ଙ୍କୁ ପଦ ଘ ତ କରିବେ ମୁଁ ଆମେ ବରଦାସ୍ତ କରିବା କାହିଁକି ?

ଚିନ୍ମୟୀ ଟିକିଏ ଅବଜ୍ଞା ସୂଚକ ଭାଷାରେ କହିଲା—ତଥାପି ଆପଣ ଇମୋସନାଲ । କିନ୍ତୁ ଏଠି ଇମୋସନର ସ୍ଥାନ କାହିଁ ? ଏଠି ତୋପ କମାଣ, ଗୁଳି ଗୋଳା, ବୋମାବାରୁଦର କାରବାର ।......

ବାଧା ଦେଲେ ଡାକ୍ତର ମୁଖାର୍ଜି—କିନ୍ତୁ ଭୁଲ କରୁଛରେ ଚନା, ଟନାଇମୋସନରେ, ଭାବପ୍ରବଣତାରେ ଏ ସବୁ ମୂଲ୍ୟହୀନ । ପୁରୀ ବ୍ରାହ୍ମଣ ଶାସନରେ ଶୀତଳଷଷ୍ଠୀ ଦେଖିଛୁ ? କେତେ ଭୂମି, କେତେ ହାତେବଳ, କେତେ ରସକଦମ୍ବ, ଦମବାଜ । ହେଲେ ଦଅସିଲି ମାର ନଆଁ ଧରେଇଲେ ସିନା ଭୂମି ଉଠିବ । ହାତେବଳ ଛୁଟିବ, ଦମ୍‌ବାଜ ଫୁଟିବ, ସ୍ୱରଆଡ଼ ହାଲେଲ ହୋଇଯିବ । ବିନା ନଆଁରେ ଏ ସବୁ ଗୁଣ୍ଡାକୁ ତ ନେଇ ପାଣିରେ ଫିଙ୍ଗିଦେବା କଥା । ଏ ଗୁଣ୍ଡା ହବ କ'ଣ ?

ଚିନ୍ମୟୀ କହିଲା—ନାଇଁ ଭାଇ, ମୁଁ କହୁଥିଲି ଶତ୍ରୁଙ୍କ ସମ୍ମୁଖୀନ ହେବା ପାଇଁ ଆମର ପ୍ରଥମେ ଶକ୍ତି ଦରକାର, ସାହସ ଦରକାର, ବୁଦ୍ଧି ଦରକାର ।

ହଁ ଏ ସବୁ ଦରକାର, ନିଶ୍ଚୟ ଦରକାର । କିନ୍ତୁ ଏ ସବୁ ଉପରେ ଭାବପ୍ରବଣତା ଦରକାର, ଦେଶ ପାଇଁ ଅନନ୍ତ ପ୍ରେମ ଦରକାର, ଯାହାକୁ ଇଂରେଜୀରେ କହନ୍ତି 'ଡିଭୋସନ୍' 'ଡେଡ଼ିକେସନ' । ପାଗଳ ନ ହେଲେ ଦୁନିଆରେ କିଛି ବଡ଼ କାମ କରି ହୁଏ ? ଆଜି ଦେଖିବୁ ଅତି ବୁଦ୍ଧିଆ ଲୋକ ଘରେ ବସିଥାଏ । ମାନେ ରାଜନୀତି, ଜଗତର କଥା ଚିନ୍ତା କରି ଆସ୍ତେ ଆସ୍ତେ ପାଦ ପକାନ୍ତି ଆଗକୁ । ଆଉ ଏଇ ଭାବପ୍ରବଣ ଲୋକ, ପାଗଳ ଲୋକ 'ବନ୍ଦେ ମାତରମ' କହି 'ଆଲ୍ଲାହୋ ଆକାବର, କହି ଭୁସ୍‌ଭୁସ୍ ମାଡ଼ି ଯାଆନ୍ତି ଆଗକୁ, ଫକଜନ ଡେଇଁ ପଡ଼ନ୍ତି ନଆଁ ଭିତରକୁ । ହୁଏତ ବେଳେବେଳେ ଧ୍ୱଂସ ପାଇଯାନ୍ତି । କିନ୍ତୁ ଅନେକ ସମୟରେ ଏଇମାନେହିଁ ସ୍ୱାଧୀନତା ଆଣନ୍ତି, ଏଇମାନେହିଁ ପଦ୍ମ ଫୁଟାନ୍ତି । ପାଗଳ ନ ହେଲେ, ଅନ୍ଧ ନ

ହେଲେ, ତେଣୁ ନ ହେଲେ ନା ବାହାରିବେ ଶିଳ୍ପୀ ନା ସଂଗୀତଜ୍ଞ ନା କବି ନା ସୈନିକ । ଅତି ବୁଦ୍ଧିମାନ୍ ହୋଇ ହୁଏତ ସେଠା' ଭଳି ଅଧ୍ୟାପିକା ବାହାରି ପାରନ୍ତି, ପ୍ରଦୀପ ବାବୁଙ୍କ ଭଳି ଆଇ. ଏ. ଏସ୍ ବାହାରି ପାରନ୍ତି, କିନ୍ତୁ ଶିଳ୍ପୀ ଆଉ ସଂଗୀତଜ୍ଞ ପାଖରେ ଅଧ୍ୟାପିକା ଆଉ ଆଇ. ଏ. ଏସ୍‌ଙ୍କ ସ୍ଥାନ କ'ଣ ତୁ ନିଜେ କହ । ହୁଏତ ଆଇ. ଏ. ଏସ୍ ସବୁଦିନେ ଜନ୍ମ ହେଉଛନ୍ତି, କିନ୍ତୁ ମାଇକେଲ ଆଞ୍ଜେଲୋ ସବୁଦିନେ ଜନ୍ମ ହୁଅନ୍ତି ନାହିଁ, ବିଟୋଫେନ୍ ସବୁଦିନେ ଜନ୍ମ ହୁଅନ୍ତି ନାହିଁ ।

ସମସ୍ତେ ତଟସ୍ଥ ହୋଇ ଚାହିଁଲେ । କାଞ୍ଚନ ବୁଝି ପାରିଲେ ନାହିଁ କାହିଁକି ସୁବ୍ରତ ଦିନକୁଦିନ ଏତେ ଭାବପ୍ରବଣ ହୋଇ ଉଠୁଛନ୍ତି । ଭାଇ ଭଉଣୀ ଦୁହେଁ ଏକା ନାଡ଼ିରୁ ମଂଜି । ଦୁହେଁ ବୁଦ୍ଧିର ତାରିଫ୍ କରନ୍ତି— ନିଜର ପୁରୁଷକାର ଉପରେ ନିର୍ଭର କରନ୍ତି । ସୁବ୍ରତ ବହୁବାର ରବି ଠାକୁରଙ୍କ କବିତା ପଢ଼ି ଶୁଣାଉଛନ୍ତି କାଂଚନକୁ—

'ବିପଦେ ମୋରେ ରକ୍ଷା କର ଏ ନୟ ମମ ପ୍ରାର୍ଥନା
ବିପଦେ ଯେନ କରିତେ ପାରି ଜୟ,

ଆମାକେ ତୁମି କରିବେ ତ୍ରାଣ୍ ଏ ନୟ ମମ ପ୍ରାର୍ଥନା
ତରିତେ ପାରି ଏମନ ଯେନ ହୟ ।'

କିଂତୁ କେଜାଣି କ'ଣ ହେଲା ଏବେ କାହିଁକି ସେ ପୁରୁଷକାର ଛାଡ଼ି ପୁରୁଷୋତ୍ତମଙ୍କ ଆଡ଼କୁ ବେଶୀ ଧାଉଁଛନ୍ତି । ବୁଦ୍ଧି ଛାଡ଼ି ହୃଦୟବତ୍ତା ଆଡ଼କୁ, ମାନବିକତା ଆଡ଼କୁ ବେଶୀ ବେଶୀ ଟାଣି ହୋଇ ଯାଉଛନ୍ତି । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏ ପରିବର୍ତ୍ତନ ଦେଖା ଦେଇଛି ସୁବ୍ରତଙ୍କ ଭିତରେ । ସେ ବୋଧେ ବୁଝିଛନ୍ତି ଏ ବୁଦ୍ଧି ଖାଲି ଚଂଚଳତା, ଛଳନା, ଅନ୍ୟ ଆଖିରେ ଧୂଳି ଦେବା ପାଇଁ ଗୋଟାଏ ଅସ୍ତ୍ର—ଭଲ ମଣିଷଟିଏ ହେବା ପଥରେ ବୁଦ୍ଧି ଗୋଟାଏ ପରିପନ୍ଥୀ । ଭଲ ମଣିଷ ହେବା ପାଇଁ ହୃଦୟ ଦରକାର, ନିଷ୍ଠା ଦରକାର, ବିଶ୍ୱପିତାଙ୍କ ନିକଟରେ ପୂର୍ଣ୍ଣ ଆତ୍ମ ସମର୍ପଣ ଦରକାର ।

ଖାନା ଶେଷ ହୋଇଥିଲା । ସମସ୍ତେ ଉଠି ଓ୍ୱାସ୍ ବେସିନ୍‌ରେ— ହାତ ମୁହଁ ଧୋଇ ଡ୍ରଇଂରୁମକୁ ଆସିଲେ । ପାନ, ମସଲା ଖାଉଁ ଖାଉଁ କାଞ୍ଚନ ଆରମ୍ଭ କଲେ କଥା । ପରିବେଶର ଗାମ୍ଭୀର୍ଯ୍ୟ ଭାଙ୍ଗିବା-ପାଇଁ କହିଲେ— ତମେ ତ ଖାଲି ବଡ଼ ବଡ଼ କଥାରେ ଭାସିଲ । ବୁଝିଲ ତ ନାହିଁ ଏ ଆଗନ୍ତୁକ ବନ୍ଧୁଜଣକ କିଏ, କେଉଁଠୁ ଆସିଛନ୍ତି, ତାଙ୍କର ସୁବିଧା ଅସୁବିଧା……

ସୁବ୍ରତ ହସିଲେ । କହିଲେ—ବୁଝିଲି ନାହିଁ ? ଆହୁରି ବୁଝିବି ତାଙ୍କ ବେଡ଼ିଂରେ କେତେଟା ବେଡ୍‌ସିଟ୍ ଅଛି, ସୁଟ୍‌କେସ୍‌ରେ କେତୋଟା ଟେରିଲିନ୍ ହାଓ୍ୟାଇନ୍, କେତେଟା ଟେରିକଟ ଟ୍ରାଉଜର…

କାଞ୍ଚନ ବୋକାଙ୍କ ଭଳି ଚାହିଁଲେ ।

ଆରେ ବୁଝୁନା, ଏଇ ମ୍ୟାଟିରିଆଲ୍ ସାଇଡ୍ ଦେଖିବା ଦରକାର ? ଦେଖିଲ ପ୍ରଦୀପ ଗୋଟାଏ ଚମତ୍କାର ପିଲା । ତମ ଓଡ଼ିଆଙ୍କ ଭିତରେ କୋଟିକରେ ଗୋଟିଏ । ଖୋଲା ମନ, ଖୋଲା ହୃଦୟ, ସରଳ ହସ ଅଥଚ ପ୍ରେମ ଅଛି, ପାଗଳାମି ଅଛି, ତନ୍ମୟତା ଅଛି, ଜଣକ ପାଇଁ ନିଜକୁ ପୁରାପୁରି ନିଃଶେଷ କରିଦେବାର, ଉତ୍ସର୍ଗ କରିଦେବାର ସଂକଳ୍ପ ଅଛି । ବାସ୍, ଆଉ କ'ଣ ଦରକାର ? ଆଉ ହିସାବୀ ବୁଦ୍ଧି ? ସେ ତ ଶ୍ରେଷ୍ଠ ଲୋକର ବୁଦ୍ଧି—ଏଇଆ ହେଲା ଏଇଆ ହେବ । ଏଇଆ କଲା ଏଇଆ ହେବ । ଯେ'ଙ୍କୁ ମଣିଷ କହନ୍ତି ? ଆଉ ଯେଉଁଠି ସେତକ ନାହିଁ, ଯା'ର ଖାଲି ଦେବା ଆଉ ଦେବା, ନେବାର ପ୍ରଶ୍ନ ନାହିଁ, ସେ ତ ଦେବତା, ସେ ଚୈତନ୍ୟଙ୍କ ଭଳି ମହାପୁରୁଷ—ନା କ'ଣ ସନ୍ଦେହ ?

ସନ୍ତୋଷ କହିଲେ—ରାଇଟ୍ ଡାକ୍ତର, ଏମିତି ଲୋକ ଭାରି ବଢ଼ିଆ । ଯା'ଙ୍କର ମନ ନିର୍ମଳ, ହୃଦୟ ସଫା, ପକେଟ୍ ଖାଲି । ଆଉ ଯାହାଙ୍କର ପକେଟରେ ବଡ଼ାବଡ଼ା ନୋଟ ନା, ତାଙ୍କ ପେଟରେ ବୋଝେ ବୋଝେ ମଇଳା । ଆଉ ଯଦି ଗୋଟାଏ ଯୁଦ୍ଧ ଫୁଦ୍ଧ ଲାଗିଯାଏ, ଏମିତିଆ ଲୋକଙ୍କର ଜାଣ ପୁଅ ବାର । ଜାଣ—To the fate of the Cat the 'Sika' Comes down.

ସମସ୍ତେ ଛାଟଙ୍କା ହୋଇ ଚାହିଁଲେ । ସୁବ୍ରତ କଡ଼ା ଗଳାରେ କହିଲେ— ତା' ମାନେ ?

ମାନେ ଝିଅଙ୍କ କପାଳକୁ ଶିକା ଛିଣ୍ଡେ । ସେମାନେ ସତାବନ୍ତ କୋଉଡ଼ପତି ।

ସମସ୍ତେ କର କର ହୋଇ ହସିଲେ ।

କ'ଣ ଗୋଟାଏ କାମରେ ଚିନୁ ଆଉ ଘରକୁ ଗଲା ! ଏଇ ଅବସରରେ ପ୍ରଦୀପ କହିଲା— ମତେ କ୍ଷମା କରିବେ ସୁବ୍ରତବାବୁ, ମୋ ସମ୍ବନ୍ଧରେ ଚିନୁ ଯା' କହୁଛି, ତା' ବୋଧେ ଟିକିଏ ଅତିରଂଜନ । ମୁଁ ଆଇ.ଏ.ଏ.ସ୍‌ର ଧାର୍ ଧାରେନା । ମୁଁ ଗଂଜା କଲେଜର ଜଣେ ସାମାନ୍ୟ ଲେକ୍‌ଚରର ।

ସୁବ୍ରତ ହୋ ହୋ ହସି ଉଠିଲେ । କହିଲେ ସେଥିରେ ଯାଏ ଆସେ କେତେ ? ଆଇ. ଏ. ଏସ୍ ହେବାଟା ଗୋଟାଏ ଅସାମାନ୍ୟ ନୁହେଁ କି ଲେକ୍‌ଚରର୍ ହେବାଟା ସାମାନ୍ୟ ନୁହେଁ । ତମେ ଜଣେ ମଣିଷ ଏବଂ ସଚ୍ଚା ମଣିଷ ସେଇ ଯଥେଷ୍ଟ ।

ଗୋଟିଏ ଇମରଜେନ୍‌ସି କଲ୍ ଆସି ପହଞ୍ଚିଲା ଗୋଟାଏ କ୍ୟାମ୍ପ୍ ଡାକ୍ତରଖାନାରୁ । ତିନ ଦିନ ଧରି ଭୟଙ୍କର ବର୍ଷା ହୋଇ ଏକ 'ଲ୍ୟାଣ୍ଡ ସ୍ଲାଇଡ୍' ହୋଇଛି । ହିମାଳୟର ଗୋଟିଏ ଅଂଶରେ ଏକ ବିରାଟ ପାହାଡ଼ ଧସି ଯାଇଛି । ଦୁଇ ତିନୋଟି ଗାଁ ନିଶ୍ଚିହ୍ନ । ଏକ ବଡ଼ ମିଲିଟାରୀ କ୍ୟାମ୍ପର ପତ୍ତା ମିଳୁ ନାହିଁ । କେତେ ଲୋକ ମରିଛନ୍ତି ଭଗବାନହିଁ ଜାଣନ୍ତି । ଶୁଣିଲା ମାତ୍ରେ ସୁବ୍ରତ ଆଉ ସନ୍ତୋଷ ଫକ୍ ଫକ୍ ଡେଇଁଲେ ଜିପ୍ ଉପରକୁ । ଗଲାବେଳେ ସୁବ୍ରତ କହିଲେ— ପ୍ରଦୀପ ! ୟୁଙ୍ଗ୍‌ମ୍ୟାନ୍, ମତେ ନ କହି ତମେ କେବେ ଚାଲିଯିବ ନାହିଁ । ଇଉ ଆର୍ ଏ ଜୁଏଲ୍ ।

ଗାଡ଼ି ଛୁଟିଦେଲା ।

---*---

ଉତ୍ତର

ଚେନାବ୍ ନଦୀ କୂଳରେ ସେଇ ସିମେଣ୍ଟ ବେଞ୍ଚ ଉପରେ ବସିଥିଲେ ଚିନ୍ମୟୀ ଆଉ ପ୍ରଦୀପ । ସର୍କସରେ ଉପର ହୋରିଇଜଣ୍ଟାଲ ବାର ଖେଳ ହେଉଥିଲା ବେଳେ ଜୋକର ଯେମିତି ତଳକୁ ଡେଇଁ ଡେଇଁ ମଝିରେ ଦୁ'-ତିନି ଥର 'ସୋମରସଲ୍ଟ' କରି ଆସି ଜାଲ ଉପରେ ଠିଆ ହୋଇଯାଏ, ଚିନ୍ମୟୀର ସବୁ ଭାବନା ସେମିତି ଓଲଟପାଲଟ, ତଳ ଉପର, ନେଂଜେରା ମେଂଜେରା ହୋଇଗଲାଣି । ଭାଗ୍ୟ ବଡ଼ ନା ପୁରୁଷକାର ବଡ଼, ବୁଦ୍ଧି ବଡ଼ ନା ହୃଦୟ ବଡ଼, ବୋକା ଲୋକ ଭଲ ନା ଚତୁର ଲୋକ ଭଲ ସେ ହଠାତ୍ ସ୍ଥିର କରି ପାରୁନାହିଁ । ଆଉ ଜୀବନରେ ଲକ୍ଷ୍ୟ କ'ଣ ହେବା ଉଚିତ ?—ବଡ଼ ମଣିଷ ନା ଭଲ ମଣିଷ ? ନିଜେ ଉଠିବା ନା ଅନ୍ୟକୁ ଉଠେଇବା ? ଭାଇ କାହିଁକି ବନକୁଦନ ଏତେ ଭାଗ୍ୟବାଦୀ ହୋଇ ଉଠୁଛନ୍ତି ? କାହିଁକି ଏ ଭାବ ପ୍ରବଣତା ? ଭାଇ କ'ଣ ପ୍ରଦୀପର ଏଇ ସରଳ ମନର ଅଭିବ୍ୟକ୍ତିକୁ ପସନ୍ଦ କରନ୍ତି ? ଭାଇ କ'ଣ ଆଗରୁ ପ୍ରଦୀପ ବିଷୟରେ କିଛି ଖବର ରଖିଛନ୍ତି ? କାହିଁକି ଏଇ ମୁହୂର୍ତ୍ତିକର ଦେଖାରେ ଏତେ ଆକୃଷ୍ଟ ହୋଇ ପଡ଼ୁଛନ୍ତି ? ଭାଇଙ୍କର କ'ଣ ଇଚ୍ଛା ବିନାୟକକୁ ଅପେକ୍ଷା ନ କରି......

ଚିନ୍ମୟୀ ଆଉ ଭାବିପାରେ ନାହିଁ । ମୁଣ୍ଡ ଭିତର ଝିମ୍ ଝିମ ହୋଇ ଉଠେ । କିଏ ଭଲ ? ବିନାୟକ ନା ପ୍ରଦୀପ ? ନନ୍ଦନର ପାରିଜାତ ନା ହାତ ପାହାନ୍ତି ବାରଝରା ଗଙ୍ଗଶିଉଳି ? କିଏ ଶ୍ରେୟ ? ଯିଏ ଗୁହାଁଳମାନେ ମିଳିଗଲା ନା ଯାହା ପାଇବା ପାଇଁ ସାଧ୍ୟସାଧନା ଦରକାର, ଅପେକ୍ଷା ଦରକାର, ଅଶ୍ରୁ ଦରକାର ? କିଏ ? କିଏ ?—ଚିନ୍ମୟୀ ଖାଲି ଭାବୁଥିଲା—ଭାବୁଥିଲା ।

ଆରେ କିଛି କହୁନା ଯେ । ଆମ ଘରେ ତ କଥା କହି କହି ପାଗଳ ହେଇ ଯାଉଥିଲ, ଆଉ ଏଠି ଏକଦମ୍ ଚୁପ୍ । କ'ଣ ବୈଷ୍ଣବ

ସାହିତ୍ୟ ?—'ଦେଖିଲେ କାହିଁକି ଲାଜ ମାଡ଼େ ସଖି ନ ଦେଖିଲେ ସଦା ଝୁରୁଥାଇ ।'— ପ୍ରଦୀପ ପଚାରିଲା ।

ଶନ୍ତସ୍ମୀ ତଥାପି ନୀରବ

ତଥାପି ନୀରବ ? କ'ଣ ଦୀନ ସୁଦାମା ଶ୍ରୀକୃଷ୍ଣଙ୍କ ରାଜ ଉଆସରେ ପାଦ ଦେଲା ବୋଲି···

ଶନ୍ତସ୍ମୀ ଖାଲି କରୁଣ ଆଖିରେ ଚାହିଁଲା, କିଛି କହିଲା ନାହିଁ । ଶନ୍ତସ୍ମୀର ଦୁଇ ହାତକୁ ମୁଠେଇ ଧରି ପ୍ରଦୀପ କହିଲା—ବେଶ୍, ମୁଁ ଆଜି ଚାଲି ଯାଉଛି । ତମେ ଆଉ ମୋ ପାଇଁ ଅଶ୍ରୁ ଝରାଇ ପାଗଳମୀ ହେବ ନାହିଁ ।

ନା

କ'ଣ ଅଶ୍ରୁ ଝରାଇବ ନାହିଁ ତ ?

ନା, ତମେ ଯିବ ନାହିଁ ।

ବେଶ୍, କଥା କହିବ ?

ନା ।

ଆରେ କଥା କହିବ ନାହିଁ, ମୁଁ ଯିବ ନାହିଁ, ଆଉ ରହିବି କେମିତି ? ତମ କଥା ହିଁ ଯେ ମୋ ଜୀବନ ।

ମୋର କୋଉ କଥା ତମେ ରଖିଛ କି ? ମୁଁ କହିଥିଲି ନା ପରୀକ୍ଷା ଦେବାକୁ······

ଓ ପରୀକ୍ଷା ବନ୍ଦ କରି ଦେଲି, ସେଇଥିପାଇଁ ରାଗ ?— ପ୍ରଦୀପ ହସିଲା ।

ମୁଁ ଦେହ ଛୁଆଁଇ ଶପଥ କରାଇ ଥିଲି ନା — ମୋ କଥା ଭାବିବ ନାହିଁ, ମୋ ଫଟୋ ଦେଖିବ ନାହିଁ, ମତେ ଚିଠି ଲେଖିବ ନାହିଁ······ ।

ଆଉ ତମେ ଯେତେବେଳେ ଚିଠି ଲହର ସମୁଦ୍ର ଭିତରେ ଉବୁଟୁବୁ ହୋଇ ?

ମୁଁ ? ମୁଁ ଲୁହ ଢ଼ାଳୁଛି ? ମିଛ କଥା । ଖାଲି ମନ ଭଲ ନ ଲାଗିବାରୁ ସେମିତି ଚିଠି ଖଣ୍ଡେ ଲେଖିଦେଲି । ଆଉ ତମେ ତା' ଉତ୍ତରରେ ଚିଠି ଲେଖିଲ, ପରୀକ୍ଷା ବନ୍ଦ କଲ ଆଉ ମୋ କଥା ଭାବିଭାବି ଶେଷକୁ ଆସି ସୁଦୂର ପଂଜାବରେ ପହଞ୍ଚିଗଲ ! ଭାଇଭାଉଜ ତମକୁ ଦେଖି ଭାରି ଖୁସି ହୋଇଥିବେ ! ମତେ ଏତେ ଭଲ ପାଉଥିଲ, ସେଇଥିପାଇଁ ଆସି ଉଣଷ୍କରର ମୋ ମୁହଁରେ କଳା ବୋଳିଲ ??

ପ୍ରତାପ ଗମ୍ଭୀର ହେଲା । ହାତ ଖସି ଆସିଲା ଚିନ୍ମୟୀ ହାତରୁ । ହଠାତ୍ କ'ଣ କହିବ ଭାବିପାରିଲା ନାହିଁ ।

ଚିନ୍ମୟୀ କହିଲା—ଏତେ ଦୁର୍ବଳ ହେଲେ ଦୁନିଆ ଚଳେ ନାହିଁ । ଆମେ ସମାଜର ଜୀବ । ସମାଜର ଲକ୍ଷ କୋଟି ଆଖି ଆମରି ଉପରେ । ଆମେ ମଦ ଖାଇବା ବୋଲି କ'ଣ ମଦ ବୋଳି ହେବା ବେହ ସାର ?

ପ୍ରତାପ କହିଲା--ମୁଁ ବୁଝୁଛି ଜିନ, କିନ୍ତୁ ମୁଁ କ'ଣ କରିବି ? ମୁଁ ନିଜ କଣ୍ଟ୍ରୋଲରେ ନ ଥିଲି । ବନ୍ସୀଖଣ୍ଡା ଯେମିତି ଆସ୍ତେ ଆସ୍ତେ ମାଛକୁ ପାଣିରୁ ଟେକି ଆଣେ, ତମେ ସେମିତି ମତେ ଟାଣି ଆଣିଲ । ଲୁସି ଗ୍ରେ' କେମିତି ତା' ଟିଅକୁ ଦେଖିବା ପାଇଁ ଅନ୍ଧ ହୋଇ ଧାଇଁ ଆସୁ ଆସୁ ବଣୁଆ ନଈର ପାଣିସୁଅରେ ଭାସି ଯାଇଥିଲା, ମନେ ନାହିଁ ? ବିଶ୍ୱ ବ୍ରହ୍ମାଣ୍ଡ ଯେତେବେଳେ ତମେ ହୋଇଗଲ, ସେତେବେଳେ ମୁଁ କେମିତି ଅଲଗା ରହିପାରନ୍ତି ? ଆତ୍ମା ସହିତ ଆତ୍ମାର ମିଳନ କେତେ ତୀବ୍ର, କେତେ ବ୍ୟଗ୍ର ତା' ତମେ ବୁଝ ନାହିଁ ?

ଚିନ୍ମୟୀ ପ୍ରତାପକୁ ଚାହିଁଲା । ନିଜର କୋମଳ ହାତଦୁଇଟି ପ୍ରତାପର ଗାଲ ଉପରେ ରଖି ଆଉଁସି ଆଉଁସି କହିଲା—କିନ୍ତୁ କାହିଁକି ? କାହିଁକି ତମେ ମତେ ଏତେ ଭଲ ପାଅ ? ମୁଁ କ'ଣ ତମର ଯୋଗ୍ୟ ? ଭାଇ କହିଲେ—ତମେ କେତେ ହୃଦୟବାନ୍ । ତମେ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ପାଇଁ ଚିନ୍ତା କରି ପାରୁଛ । ଆଉ ମୋର କେତେ ଗର୍ବ, ଅହମିକା, ତୁଚ୍ଛ ପାର୍ଥିବ ଆସକ୍ତି । ମୁଁ କ'ଣ ତମର ସମାସ୍କନ୍ଧ ହୋଇ ପାରିବି ? ତମକୁ ସୁଖୀ କରିପାରିବି ? ତମେ ଜାଣନା ମୋ ହାତ

ଗୋଡ଼ କେମିତି ଶୃଙ୍ଖଳରେ ବନ୍ଧା ହୋଇଛି । ମୋ ନିଜ ଉପରେ ବ-ନିଜର ଅଧିକାର ନାହିଁ । ମୋ ସୁନାଟି ପରା, ତମେ ମଣିଚକା ପଙ୍କରେ ଧାଅଁ ନାହିଁ । ଖାଲି କଷ୍ଟ ପାଇବାହିଁ ସାର ହେବ ।

କିନ୍ତୁ ରେ ମାଳବିକା ! ଗୋ ଶକୁନ୍ତଳେ ! ଗୋ ବିରହୀ ଯକ୍ଷର ପ୍ରିୟତମା ! ମତେ ସେ କଥା କହ ନାହିଁ । ମୁଁ କେବେ ତମଠୁଁ ଅଲଗା ହୋଇପାରିବି ନାହିଁ । ସୀତା କହିଥିଲେ ନା—

'ମୋ ତନୁ ଦଗ୍ଧ ହେଲେ ହେବ ତ କ୍ଷାର
କରାଇ ଦେବ ତାଙ୍କୁ ପାଦପେ ସାର
ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ
କରାଇ ଦେବ ପ୍ରଭୁ ପାଦୁକା ମତେ ।'

ମତେ ସେହିଭଳି, ପଛେ ତମ ପାଦତଳର ଘାସ କରିଦିଅ, ଅଲଗା କରିଦିଅ ନାହିଁ ।... ଏଥର ଗାଡ଼ିରେ ଆସିଲା ବେଳେ ଦୂର ଦିଗ୍‌ବଳୟକୁ ଚାହିଁ ଚାହିଁ ବୈଷ୍ଣବ କବି ରୂପ ଗୋସ୍ୱାମୀଙ୍କ କଥା ଭାବୁଥିଲି । ରୂପ ଗୋସ୍ୱାମୀଙ୍କ ସହିତ କଣ୍ଠ ମିଳାଇ ବିଧାତାଙ୍କୁ ପ୍ରାର୍ଥନା କରୁଥିଲି—

ପଞ୍ଚତ୍ୱଂ ତନୁରେତୁ ଭୂତନିବହାଃ ସ୍ୱାଂଶେ ବିଶନ୍ତୁ ଧ୍ରୁବଂ,
ଧାତାରଂ ପ୍ରଣିପତ୍ୟ ନମ୍ର ଶିରସା ଯାଚେଽହମେକଂ ବରମ୍ ।
ତଦ୍‌ବାପୀଷୁ ପୟସ୍ତଦୀୟ ମୁକୁରେ ଜ୍ୟୋତି ସ୍ତଦୀୟାଙ୍ଗନେ
ବ୍ୟୋମ୍ନି ବ୍ୟୋମ ବିହାର ବର୍ତ୍ମନି ଧରା ତତ୍ତାଳବୃନ୍ତେଽନିଳମ୍ ।

ଅର୍ଥାତ୍ ହେ ବିଧାତା, ତମକୁ ମଥା ନୋଇଁ ପ୍ରଣିପାତ କରୁଛି, ମତେ ଗୋଟିଏ ବର ଦିଅ । ଜୀବନରେ ତ ମୋ ପ୍ରିୟାକୁ ପାଇନାହିଁ, ଅନ୍ତତଃ ମଲାପରେ ମୋ ଶରୀରର କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ କେବଳ ସେହି ସେହି ସ୍ଥାନରେ ମିଶୁ ଯୋଉଠି ମୋ ପ୍ରିୟା ବିହାରି କରୁଛି । ଜଳ ସେଇ ସରୋବରରେ ମିଶୁ ଯୋଉଠି ମୋ ପ୍ରିୟା ସ୍ନାନ କରେ; ମାଟି ସେଇ ସ୍ଥାନରେ ମିଶୁ ଯୋଉଠି ମୋ ପ୍ରିୟାର ରକ୍ତ ପଲ୍ଲଶି ପାଦ ଯୋଡ଼ିକ ଥାପିହୁଏ ସକାଳ ଆଉ ସଂଜରେ; ମୋ ଆଲୋକ ମିଶି ଯାଉ ସେଇ ମୁକୁରରେ ଯୋଉଠି ପ୍ରତିବିମ୍ବିତ ହୁଏ ମୋ ମାନସୀର

କମନୀୟ କୋମଳ ମୁଖକାନ୍ତି; ପବନ ମିଶିଯାଉ ସେଇ ପବନରେ ଯାହା ସୁରଭିତ ହେଉଛି ମୋ ମାନସୀର ନିଃଶ୍ୱାସରେ ଆଉ ଆକାଶ ମିଶୁ ସେଇ ଅନ୍ତରୀକ୍ଷରେ ଯାହା ତଳେ ଚଳ ଚପଳ ଛନ୍ଦରେ ବିହାର କରୁଛି ମୋର ପଦ୍ମଗନ୍ଧା ପଦ୍ମନୀ ନାୟିକା ।

ଚିନ୍ମୟୀ ଆଖିରୁ ଦୁଇଟୋପା ଅଶ୍ରୁ ଝରିପଡିଲା । କହିଲା—ପାଗଳ ଛଡ଼ା ମୁଁ ତମକୁ ଆଉ କ'ଣ କହିବି ? ଲୋକେ ତମକୁ ପ୍ରଶଂସା କରିବେ ନାହିଁ, ହସିବେ । ତମେ ଏତେ ପାଗଳ କାହିଁକି ହେଲ ? କିଏ ତମକୁ ପାଗଳ କଲା ? ତମେ କୋଉଯୁଗକୁ ଫେରିଗଲଣି ?

ସତେ ଗୋ ମନେ ପଡୁଛି କିଟସ୍‌ଙ୍କ ଫେନି ବ୍ରାଉନ୍ । ବିବାହ ହୋଇ ପାରିଲ ନାହିଁ । ମିଳନ ହୋଇ ପାରିଲା ନାହିଁ । କିଟସ୍ ଖାଲି ଚାହିଁଥିଲେ ମଲା ଆଗରୁ ଥରେ ଦେଖିବା ପାଇଁ—ତା ଲାଲ ଟହଟହ ଗାଲ ଉପରେ ମୁହଁ ରଖି, ଓଠ ଥାପି ଶେଷ ଚୁମ୍ବନଟିଏ ଦେବାକୁ । ସେତକ ବି ହେଲାନି । ହେଲାନି । କିଟ୍‌ସ୍ ମରିଗଲେ !!

ଚିନ୍ମୟୀ କହିଲା—ଆଉ, କାହିଁକି ସେ କଥା କହୁଛ ?

ଆଉ ଶରତ ଚାଟାର୍ଜିଙ୍କ ଦେବଦାସ । ଦେବଦାସର ବି ପାର୍ବତୀ ସାଙ୍ଗରେ ମିଳନ ହେଲା ନାହିଁ । ମଦ ଖାଇଖାଇ, ଯକ୍ଷ୍ମାରେ ସଢ଼ିସଢ଼ି ଶେଷକୁ ସେ ଶଗଡ଼ ଗାଡ଼ି ଖଣ୍ଡିକରେ ଆସିଲା ବୃଦ୍ଧ ଜମିଦାରଙ୍କ ପତ୍ନୀ ପାର୍ବତୀର ଘରକୁ । ଭୟଙ୍କର ଅନ୍ଧାର ରାତି । ଭୟଙ୍କର ଶୀତରାତି । ଦେହରେ ଭୟଙ୍କର ଜର । ତଥାପି ପାର୍ବତୀକୁ ଡାକି ନାହିଁ । ଜମିଦାରଙ୍କ କୋଠା ଆଗରେ ଚଉତରା ଉପରେ ପଡ଼ି ପଡ଼ି ରକ୍ତ ବାନ୍ତି କରିକରି ମରିଗଲା !! ସକାଳୁ ଆସି ପାର୍ବତୀ ଦେଖିଲା । କିଏ ମରିଛି ? ଦେବଦାସ !!!

ଗୋଟିଏ ହାତରେ ଲୁହ ପୋଛି ଚିନ୍ମୟୀ କହିଲା—ଆଉ, ଏତେ କଥା ତମର କାହିଁକି ମନେ ପଡୁଛି ? ଶୁଭ ରାତିରେ ଖୋଜୁଥିବ ।

ଆଉ ମନେ ଅଛି ନା ତମର ସାଉରକେଲାର ସେଇ ଆକ୍ସିଡେଣ୍ଟ ? ଫତିମା ଆସିଲା ନାହିଁ । ଆଶା ଦେଇ, ପ୍ରଲୋଭନ ଦେଖାଇ, ମଧୁ ଚାଖାଇ

ଶେଷକୁ ସମାଜ ଡରେ ମନା କରିଦେଲା । ସେ କୁଆଡ଼େ ଟିକିଏ ଉଚ୍ଚ କୁଳର ମୁସଲମାନ, ଆଉ ହମିଦ୍ ନୀଚ କୁଳର । ବିଚରା ହମିଦ୍—ଭାବ ପ୍ରବଣ, ବ୍ରେନ୍‌ଲେଶ୍, ଅଟ୍‌ଲେଶ୍, ହାଇନ୍‌ଲେଶ୍ ଇତ୍ୟାଦି— ସହି ପାରିଲା ନାହିଁ । ଦିନେ ଅନ୍ଧାର ରାତିରେ ଘରୁ ବାହାରି ଦଉଡ଼ି ଦଉଡ଼ି ଯାଇ ଡେଇଁ ପଡ଼ିଲା ବମ୍ବେ ମେଲ୍ ଆଗକୁ !! ଆଖି ପିଛୁଳାକେ ହୋଇଗଲା ଗୋଟାଏ ମାଂସପିଣ୍ଡୁଳା—କସେଇ ଦୋକାନର ସଦ୍ୟ କଟା ରକ୍ତ ଜୁଡ଼ୁବୁଡ଼ୁ ବାଲଟିଏ କି’ ବାଲଟି ମାଂସ, ହାଡ଼, ଚମ ଆଉ ରକ୍ତ !!!

ଚିନ୍ମୟୀ କହିଁ କହିଁ ହୋଇ କାନ୍ଦି ଉଠିଲା । —ବନ୍ଦ କର, ବନ୍ଦ କର ତମର କଥା । ତମେ ପାଗଳ ହେଇଛ । ମତେ ଆଉ ପାଗଳ କରିଦିଅ ନାହିଁ । ମୁଁ କ’ଣ କରିବି ? କୁଆଡ଼େ ଯିବି ? କେଉଁଠି ମୋର ମୁକ୍ତି ? ସବୁ ଅନ୍ଧକାର ଭିତରେ ମତେ ଆଲୋକ ଦେଖାଅ, ପଥ ଦେଖାଅ ପ୍ରଭୋ !

ପ୍ରଦୀପ ଟିକିଏ ଦୃଢ଼ ହେଲା । କହିଲା—ନା ଗୋ, ତମେ କାନ୍ଦ ନାହିଁ । ମୁଁ କେବେ ତମକୁ ଅସୁବିଧାରେ ଫିଙ୍ଗିବି ନାହିଁ, ତମର ଅସମ୍ମାନ କରିବି ନାହିଁ । ମୁଁ ଅପେକ୍ଷା କରିଛି—କରିଥିବି । ମୋର ଅଭିମାନ ନାହିଁ, ଅଭିଯୋଗ ନାହିଁ, ଦୁଃଖ ନାହିଁ । ତମେ ସୁଖୀ ହୁଅ, ଏଇ ପ୍ରାର୍ଥନା ମୋର ଚିରଦିନ ରହିଛି, ରହିଥିବ ।

କିନ୍ତୁ ମୁଁ ଗୋଟିଏ କଥା ମାଗିବି ଦେବ ?

କିନ୍ତୁ ମୁଁ ସବୁ ଦେବି କେବଳ ତମକୁ ଛାଡ଼ି । ତମେ ଯଦି କହିବ ସେଇ ବମ୍ବେ ମେଲ୍ ଆଗକୁ ଡେଇଁ ପଡ଼ିବାକୁ ମୁଁ ସଙ୍ଗେ ସଙ୍ଗେ ତମର ଆଗରେ ଡେଇଁ ପଡ଼ିବି । କିନ୍ତୁ ତମେ ଯଦି ମତେ କହିବ ତମକୁ ଛାଡ଼ି ଚାଲିଯିବାକୁ, ନା ନା ମତେ କ୍ଷମାକର, ମୁଁ ଯାଇ ପାରିବି ନାହିଁ । ମତେ ଅତ୍ୟନ୍ତ କଷ୍ଟହେବ । ମୋ ଛାତି ଫାଟିଯିବ । ମୋ ଆଖି ଅନ୍ଧ ହୋଇଯିବ । ମୋ ପ୍ରାଣ ବାୟୁ ଉଡ଼ିଯିବ ବୋଧେ ମୁହୂର୍ତ୍ତିକେ । କିନ୍ତୁ······କିନ୍ତୁ······ତମର ଯଦି ତା’ ହିଁ ଆନ୍ତରିକ ଇଚ୍ଛା, ତମେ ଯଦି ସତରେ ସୁଖୀ ହେବ ମୁଁ ଚାଲିଗଲେ, ମୁଁ ଚା-ଲି-ଯି-ବି । ମୁଁ

କୁଆଡ଼େ ଯିବ ଜାଣେନା, କିନ୍ତୁ ତମ ବାଟରେ ମୁଁ କଣ୍ଟା ହେବିନି । ମୁଁ ତମର ସ୍ୱାମୀ ନ ହୁଏ, ପ୍ରେମିକ ନ ହୁଏ, ବନ୍ଧୁ ନ ହୁଏ, କିନ୍ତୁ ଯଦି······ଅନୁଚରଟିଏ ହୋଇ ପାରନ୍ତି, ସୁଖୀ ହୁଅନ୍ତି । ତେଣୁ ଯିବା ଆଗରୁ ଥରେ ଲୋତକପୂର୍ଣ୍ଣ ଆଖିରେ ଅନୁନୟ କରିବି— Make me thy servant Chinu, Don't Kick me out. ଆଉ ତଥାପି ଯଦି ତମେ ମୁହଁ ଶୁଖାଇ ଦେଲ, ମୁହଁ ଫେରାଇ ନେଲ, ମୁଁ ଚାଲିଯିବି, ନଷ୍ଟେ ଚାଲିଯିବି— ଭଗବାନ ତମକୁ ସୁଖୀ କରନ୍ତୁ ଏଇ ପ୍ରାର୍ଥନା କରିକରି ।

ଚିନ୍ମୟୀ ଉଠି ଠିଆ ହେଲା । ଆଖି ଲୁହରେ ଛଳଛଳ । ପ୍ରଦୀପ ଆଖିରେ ବି ଲୁହ । ଚିନ୍ମୟୀ ପଣତ କାନରେ ପ୍ରଦୀପର ଲୁହ ପୋଛି ଦେଲା । କହିଲା—ନା, ମୁଁ କେବେ ଏଡ଼େ କୃତଘ୍ନ ହେବି ନାହିଁ । ମୁଁ କେବେ ତମକୁ ଚାଲିଯିବାକୁ କହିବି ନାହିଁ । ତମ ଭଳି ଏଡ଼େ ସରଳ, ନିରୀହ ଶିଶୁଟିକି ବାହାରକୁ ଫିଙ୍ଗିଦେଲେ ଭଗବାନ କ'ଣ ମତେ କ୍ଷମା ଦେବେ ? ନା, ମୋର ମୃତ୍ୟୁ ହେଉ ପଛେ ମୁଁ କେବେ ଏଇ ନିରୀହ ମେଣ୍ଢା ଛୁଆଟିକି ହତ୍ୟା କରି ପାରିବି ନାହିଁ, ପାରିବି ନାହିଁ । ଭଗବାନ ମତେ ବଳ ଦିଅନ୍ତୁ । ଭଗବାନ ମତେ ଏହି ପରୀକ୍ଷାରୁ ଉଦ୍ଧାର କରନ୍ତୁ । ଚାଲ, ରାତି ବହୁତ ହେଲାଣି । ଭାଉଜ ଖୋଜୁଥିବେ ।

ଦୁହେଁ ଉଠିଲେ ।

— —

ଚଉଦ

ଓ୍ୟାମ୍ବୁଲେନ୍ସ ଆସି ପହଞ୍ଚିଛି —ଡାକ୍ତର ସୁବ୍ରତ ଆଜି ଫେରୁ ନାହାଁନ୍ତି । ପାହାଡ଼ରୁ ଅଡ଼ଡ଼ା ଖସି ବହୁଲୋକ ତ ମରିଛନ୍ତି, ଆଉ ଯୋଉମାନେ ବଞ୍ଚି ଯାଇଛନ୍ତି, ସେମାନଙ୍କର ବି ମରିବା ଉଚିତ ଥିଲା । କାରଣ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସାଂଘାତିକ । ସେମାନଙ୍କର କରୁଣ ବିକଳ ଆର୍ତ୍ତନାଦରେ ଗଛରୁ ପତ୍ର ବି ଝଡ଼ି ପଡ଼ିବ । କା'ର ଆଖି ଫୁଟିଯାଇଛି, କା'ର ନାକଦଣ୍ଡା ଫାଟି ରକ୍ତରେ ଜୁଡୁବୁଡୁ ହୋଇ ଯାଇଛି ମୁହଁଟା, କା'ର ଗୋଡ଼ଟା ଗୋଟାଏ ମସ୍ତବଡ଼ ପଥର ତଳେ ଚାପି ହୋଇ ଯାଇଥିଲା ।

ଘଅର ଟେକିବା ସମ୍ଭବ ହେଉ ନ । ଶେଷକୁ ଗୋଡ଼ଟା କାଟି ଦିଆ ହୋଇଛି । କେତେ ଲୋକ ବିଶେଷତଃ ଛୋଟପିଲା ଆଉ ସ୍ତ୍ରୀଲୋକଙ୍କର ହୃଦଘାତ ଉପରେ ବେଶୀ । ଝଣ୍ଡି ଆଖାବନ୍ଧା ହୋଇନ, କିନ୍ତୁ ସେମାନେ ସେ ଭୀଷଣ ଗର୍ଜନ ଶୁଣି ଓ ବିଭୀଷିକା ଦେଖି ଏତେ ଭୀତତ୍ରସ୍ତ ହୋଇ ପଡ଼ିଛନ୍ତି ଯେ ସେମାନେ ପୁରାପୁରି ମୂକ ପାଲଟି ଯାଇଛନ୍ତି । ଯେତେ ଯାହା ପଚାରିଲେ ବି ତୁଣ୍ଡରୁ ବଚନ ବାହାରୁ ନାହିଁ । ଆଉ ବହୁ ଲୋକ ନିଜର ପ୍ରିୟଜନଙ୍କୁ ହରେଇ, ନିଜର ପ୍ରିୟ ଅଙ୍ଗପ୍ରତ୍ୟଙ୍ଗ ହରେଇ ଭୋ ଭୋ ହୋଇ କାନ୍ଦୁଛନ୍ତି । ସମଗ୍ର ଅଞ୍ଚଳଟି ଗୋଟିଏ ନର୍କ ପାଲଟି ଯାଇଛି । ସାମାନ୍ୟ ଟିକିଏ ମନୁଷ୍ୟତା ଥିଲେ ସେମାନଙ୍କୁ ଛାଡି ଆସି ହେବନି । ଆଉ ଡାକ୍ତର ସୁବ୍ରତ ଆସନ୍ତେ କିପରି ?

ଓ୍ୱାୟାରଲେସ୍ ମେସେଜରେ ଆହୁରି ବହୁ ଟିକିନିଖି ବିବରଣୀ ଲେଖାଥିଲା । ଅତି କରୁଣ, ଲୋମହର୍ଷଣକାରୀ ସେ କାହାଣୀ । ପଢିଲେ ଅନ୍ତରାତ୍ମା ଥରି ଉଠିବ । ଚିନ୍ମୟୀ କିନ୍ତୁ ଖାଲି ଥରେ ଆଖି ପକାଇଗଲା । ତା'ପରେ ଫିଙ୍ଗିଦେଲା ଟେବୁଲ ଉପରେ । ତା ନିଜ ଭାବନାରେ ସେ ଏତେ ମଗ୍ନ ଯେ ଆଉ ସବୁ କଥା ତା'କୁ ତୁଚ୍ଛ, ଅଳୀକ ମନେ ହେଉଥିଲା । ମୃତ୍ୟୁର ଏଇ କବଳ, ବୀଭତ୍ସ କାହାଣୀ ତା' ହୃଦୟରେ ସାମାନ୍ୟ କଂପନଟିଏ ଆଣିପାରିଲା ନାହିଁ । କାରଣ ତା' ସମସ୍ୟା ମୃତ୍ୟୁଠାରୁ ଆହୁରି ଭୟଙ୍କର । ସେଠି ମୃତ୍ୟୁ ନାହିଁ, ଅଛି ହତ୍ୟା —ଯେମିତି କର୍ଣ୍ଣ ଅଉ ତାଙ୍କର ସହଧର୍ମିଣୀ ନିଜ ହାତରେ କରତରେ ଟିକିଟିକି କରି ହତ୍ୟା କରିଥିଲେ ବୃଷକେତନଙ୍କୁ । କାହାକୁ ସେ ହତ୍ୟା କରିବ ?—ପ୍ରଦୀପଙ୍କୁ ନା ବିନାୟକଙ୍କୁ ? ଗୋଟିଏ ନିରୀହ ମେଣ୍ଢାକୁ ନା ଏକ ନିର୍ବୋଧ ଠେକୁଆ ? ଦୁହେଁ ନିର୍ଦ୍ଦୋଷ, ନିଷ୍ପାପ, ନିଷ୍କଳଙ୍କ । ତେବେ ଦୋଷୀ କିଏ ? ଦୋଷୀ କିଏ ? ଦୋଷୀ ଚିନ୍ମୟୀ ଛଡ଼ା ଆଉ କିଏ ହୋଇପାରେ ??? ଗୋଟିଏ ସୋଫା ଉପରେ ଢଳିପଡିଲା ଚିନ୍ମୟୀ । ଦୁଇ ହାତରେ ମୁଣ୍ଡକୁ ଚିପିଧରିଲା ଖୁବ୍ ଜୋରରେ । ସହସ୍ର ଧକ୍କା ଆସି ମୁଣ୍ଡରେ ହାତୁଡ଼ି ପିଟିଲା—ଦୋଷୀ !! ଦୋଷୀ !! ଦୋଷୀ !! — ହଁ ହଁ ଚିନ୍ମୟୀ ଦୋଷୀ !! ଚିନ୍ମୟୀ ପିଲାଙ୍କ ଭଳି କଇଁ କଇଁ ହୋଇ କାନ୍ଦି ଉଠିଲା ।

ଆର ଘରେ କାଞ୍ଚନ ଆଉ ପ୍ରତାପ ବସି କଥା ହେଉଥିଲେ । ଶବ୍ଦ ଶୁଣି ଧାଇଁ ଆସିଲେ ।

ଆରେ କ'ଣ ହେଲା ଚନା ? କ'ଣ ହେଉଛୁ ତମର ? ହଠାତ୍ ଏମିତି.........

ଚନ୍ଦ୍ରମ୍ମୀ ଯା' ଅଳ୍ପ ଅଳ୍ପ କାନ୍ଦୁଥିଲା, ଭାଉଜଙ୍କୁ କୁଣ୍ଢେଇ ଧରି ବେଶୀ ବେଶୀ କାନ୍ଦଉଠିଲା । କାଞ୍ଚନ ଆଉ ପ୍ରତାପ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ଏ ବୁଝେଇବା ବେଳ ନୁହେଁ । ବନ୍ଧ ଭାଙ୍ଗିଗଲା ବେଳେ ମଝିରେ ମାଟି ପକେଇବା ନବୋଧତା ।

ଅନେକ କ୍ଷଣ ପରେ । କୋହ ଟିକିଏ କମିଲା । ବୁଢ଼ାଙ୍କ ଭଳି ସୋଫାକୁ ଆଉଜି ଚାହିଁରହିଲା ଚନ୍ଦ୍ରମ୍ମୀ । କାଞ୍ଚନ କହିଲେ-ଚାଲ ଚନା, ମୁଁ ଆରଘରେ ବିଛଣା କରି ଦେଉଛି, ଟିକିଏ ଶୋଇବ । ବେଶୀ ଚିନ୍ତା କରି କରି ତମ ମୁଣ୍ଡ ଗରମ ହୋଇଗଲାଣି ।......

ଗଣ୍ଡ ପ୍ଲାବନ କରି ଗୋଟିଏ ଧାର ଗଡ଼ି ଆସିଲା ଚନ୍ଦ୍ରମ୍ମୀର । କିଛି କହିଲା ନାହିଁ । ଧୀରେ ଧୀରେ ଉଠିଗଲା ଆର ଘରକୁ ।

ଗୋଟିଏ ଦୁଗ୍ଧଫେନନିଭ ଶଯ୍ୟା ଉପରେ ଯାଇଁ ଚନ୍ଦ୍ରମ୍ମୀ ଗଡ଼ିପଡ଼ିଲା । ପାଖରେ ବସିଲେ ଭାଉଜ । ବସିବସି ମୁଣ୍ଡ ଚିପିଦେଲେ, ମୁହଁ ଆଉଁସି ଦେଲେ । ଗୋଟିଏ ଚେୟାର୍ ଟାଣି ଆଣି ଟିକିଏ ଦୂରରେ ବସିଲା ପ୍ରତାପ । ସମସ୍ତେ ନୀରବ, ଚୁପ୍‌ଚାପ୍ । ଶାନ୍ତ ପରିବେଶ । କୋମଳ ନୀଳ ଆଲୋକଟିଏ ଜଳୁଥିଲା । ଆଖିପତା ମୁଦି, ଉପରକୁ ଚାହିଁ ଶୋଇରହିଥିଲା ଚନ୍ଦ୍ରମ୍ମୀ ।

କେତେ ସମୟ ଏମିତି କଟିଲା ଜଣାନାହିଁ । ପ୍ରଥମେ ନୀରବତା ଭାଙ୍ଗିଲେ କାଞ୍ଚନ । କହିଲେ—ଆପଣ ପ୍ରତାପବାବୁ ବସିଥାଆନ୍ତୁ । ମୁଁ ଟିକିଏ କଫି କରିଆଣେ ।...କାଞ୍ଚନ ଉଠିଗଲେ ।

ପୁଣି କେତେ ସମୟ ଗଲା । ପ୍ରତାପ ଧୀରେ ଧୀରେ ଚଉକିଟି ଟାଣି ଘୁଞ୍ଚି ଆସିଲା ଖଟ ପାଖକୁ । ଡାହାଣ ହାତଟି ଅତି ସନ୍ତର୍ପଣରେ ଆଣି ଚନ୍ଦ୍ରମ୍ମୀର ମୁହଁ ଉପରେ ରଖିଲା । ଅନ୍ୟ ଦିନ ହୋଇଥିଲେ ଚନ୍ଦ୍ରମ୍ମୀ ଘୁଞ୍ଚ

ଯାଇଥାନ୍ତା । ହୁଏତ ହାତ ଛୁଆଁଇ ଦେଇଥାନ୍ତା । ଏତେଟା ପ୍ରଶ୍ରୟ ସେ କେବେ ଦେଇନାହିଁ ପ୍ରତାପକୁ । କିନ୍ତୁ କେଜାଣି ତାଙ୍କର ଆଜି ସେ କିଛି କହିଲା ନାହିଁ । ପ୍ରତାପ ଧୀରେ ଧୀରେ ମୁହଁ ଆଉଁସି ଦେଲା । ଉଡ଼ିବୁଲୁଥିବା କେତୋଟି ଅଳକବାଳ ସଜାଡ଼ିଦେଲା । ଗାଲ ଆଉଁସି ଆଉଁସି ଅତି କୋମଳ ଗଳାରେ ଡାକିଲା—ଚନ୍ଦୁ ! ଚନ୍ଦୁ !

ଚନ୍ଦୁ ଆଖି ଖୋଲିଲା । ଅତି କରୁଣ ଦୃଷ୍ଟିରେ ଚାହିଁଲା ।

ପ୍ରତାପ କହିଲା—ମୋ ଲାଗି ବହୁତ କଷ୍ଟ ପାଇଲ ଚନ୍ଦୁ । ତମେ ମତେ ଏତେ ଭଲ ପାଇବ ଜାଣି ନ ଥିଲି । ପୁଣି ମୋ ଲାଗି ତମେ ଏତେ କଷ୍ଟ ପାଇବ ତା'ବି ଜାଣି ନ ଥିଲି । ମୋ ଚିଠି ବୋଧେ ତମେ ପଢ଼ି ନ ଥିବ । ମୁଁ ସେଇ ଅଜଣା ଚଢ଼େଇଟି କଥା ଲେଖିଥିଲି । ବିଚରା ନୟନା ତାକୁ ସୁନା ପିଞ୍ଜରାରେ ରଖିଲା । ହୀରା ଗିନାରେ ଦୁଧସର, ଲହୁଣୀ ଖାଇବାକୁ ଦେଲା । କିନ୍ତୁ ଆକାଶର ପକ୍ଷୀ ସେ । ଦୂର ଚକ୍ରବାଳ କୋଳରେ ପହଁର ପହଁର ଅନନ୍ତ ସୁଷମା ଭିତରେ ହଜିଯିବା ତା' ଧର୍ମ । ତାକୁ ପିଞ୍ଜରା ଭଲ ଲାଗନ୍ତା ? ସେ ଛଟଛଟ ହେଲା । ମଲା ଭଳି ପଡ଼ି ରହିଲା ତଳେ । ବିଚରା ନୟନା—ତା' ମୂର୍ଚ୍ଛନା ଫାଟିଗଲା, ଆଖି ଫୁଟାଇ ରକ୍ତ ଝରିଲା । ତଥାପି ସେ ତା'କୁ ଏତେ ଭଲ ପାଉଥିଲା ଯେ ତା' ଦୁଃଖ ସହିପାରିଲା ନାହିଁ, ପିଞ୍ଜରା ଖୋଲିଦେଲା, ପକ୍ଷୀ ଉଡ଼ିଗଲା ।...ତମ ଦେହ ଛୁଇଁ ପ୍ରତିଜ୍ଞା କରୁଛି ଚନ୍ଦୁ, ମୁଁ କେବେ ତମକୁ ଅଟକାଇ ରଖିବି ନାହିଁ । ମୁଁ କେବେ ତମର ଆଖିର ଲୁହ ସହି ପାରିବି ନାହିଁ । ମୁଁ ତୁମକୁ ଏତେ ଭଲପାଏ ଯେ ମୁଁ ଯଦିଓ ତମକୁ ଛାଡ଼ି ହଜାର ହଜାର ମାଇଲ ଦୂରକୁ ଚାଲିଯିବି, ହେଲେ ତମେ କାନ୍ଦିବ ମୁଁ ମୋଟେ ଦେଖିପାରିବି ନାହିଁ । ମୋ ମୁଣ୍ଡ ଖାଅ, ମୁଣ୍ଡ ଖାଅ ଚନ୍ଦୁ, ତମେ କାନ୍ଦ ନାହିଁ । ମୁଁ କାଲି ସକାଳେ ହିଁ ଚାଲି ଯିବି ।

ପ୍ରତାପ ଆଖିରୁ ଟପ୍ ଟପ୍ ଲୁହ ଗଡ଼ିପଡ଼ିଲା । ଚନ୍ଦ୍ରପ୍ରୀ କହିଲା—ଚାଲିଯିବ ? ମତେ ଛାଡ଼ି ଚାଲିଯିବ ? ତମେ ମତେ ଛାଡ଼ି ରହିପାରିବ ? ତମେ ପରା ଚନ୍ଦ୍ରପ୍ରୀର ଭୃତ୍ୟ ହୋଇ ରହିବ କହୁଥିଲ ? ଆଜି ଚନ୍ଦ୍ରପ୍ରୀକୁ

ରୋଗ ଶଯ୍ୟାରେ ଛାଡ଼ିଦେଇ, ମରଣ ଶଯ୍ୟାରେ ଛାଡ଼ିଦେଇ କେମିତି ଚାଲିଯିବ ? ମୁଁ କ'ଣ ତମର କାଳକଣ୍ଟକ ହେଇଛି ? ଗଳଗ୍ରହ ହେଇଛି ? ଖାଲି ସବୁବେଳେ ଚାଲିଯିବ ଚାଲିଯିବ କହୁଛ । ମୋ ମଲାଯାଏ ଟିକିଏ ରହିବ ନାହିଁ ? ମୋ ମୁହଁରେ ଟିକିଏ ମାଟି ଦେବ ନାହିଁ ?

ଚନ୍ଦ୍ରପ୍ରୀ କାନ୍ଦିଲା । ପ୍ରଦୀପ କାନ୍ଦିଲା । ଦୁହେଁ ବେଶୀ ବେଶୀ କାନ୍ଦିବାକୁ ଲାଗିଲେ । ଭଉଜ କଫି ଧରି ଆସି ପହଞ୍ଚିଲେ । ପ୍ରଦୀପର ମନେ ନାହିଁ ଚନ୍ଦ୍ରପ୍ରୀର ମୁହଁରୁ ହାତ ଆଣିବାକୁ । ଚନ୍ଦ୍ରପ୍ରୀର ବି ଖିଆଲ ନାହିଁ ସାବଧାନ ହେଇଯିବାକୁ ।

ଭଉଜ ଟିପୟ ଉପରେ କଫି ଥୋଇଲେ । କହିଲେ—ନା, କେହି କାନ୍ଦ ନାହିଁ । ମୁଁ ସବୁ ଜାଣିଛି । ମୁଁ ପ୍ରଦୀପବାବୁଙ୍କୁ ଦେଖିଲାମାତ୍ରେ ବୁଝିପାରିଛି । କାଲି ଭାଇ ଆସନ୍ତୁ । ମୁଁ ସବୁକଥା ଖୋଲି କହିବି । ବୁଝେଇ କହିବି । ଭାଇ ଅତି ଉଚ୍ଚ, ଉଦାର ଲୋକ । ସେ କେବେ ଅରାଜି ହେବେ ନାହିଁ । ଆଜି ଚନ୍ଦା ତ ମୋର ନଣନ୍ଦ ନୁହେଁ, ଝିଅ । ମୋ ମାଆର ଆନନ୍ଦରେ କେହି କେହି ବାଧା ଦେବେ ନାହିଁ । ମୁଁ ପ୍ରଥମେ ଶଙ୍ଖ ଫୁଙ୍କିବି, ହୁଳହୁଳି ପକେଇବି ।

ଚନ୍ଦ୍ରପ୍ରୀ ଉଠି ବସିଲା ବିଛଣା ଉପରେ । ଚିତ୍କାର କରି ଉଠିଲା— ଭଉଜ !! ତମେ କିଛି ଜାଣନା ଭଉଜ, କିଛି ଜାଣନା । ତମେ ସମସ୍ତେ ମିଶି ମତେ ପାଗଳ କରିଦିଅନା, ଅନ୍ଧ କରିଦିଅନା । ମୋର କେତେ ସମସ୍ୟା, କେତେ ଜଞ୍ଜାଳ, କେତେ ଅଡ଼ୁଆ ତଡ଼ୁଆ ସୂତା । ତାକୁ ଆଉ ବେଶି ବେଶି ନେଞ୍ଜେରା କରିଦିଅନାହିଁ । ପ୍ରଦୀପବାବୁ କିଛି ବୁଝି ନାହାନ୍ତି । ଭାଇ କିଛି ଜାଣନ୍ତି ନାହିଁ । ଆଶା ଥିଲା ତମେ ଟିକିଏ ବୁଝିବ, ବୁଝିବାକୁ ଚେଷ୍ଟା କରିବ, ତମେ ଶାନ୍ତି ଦେବ, ତମେ ମୋ ଲୁହ ପୋଛି ଦେବ, ତମେ ମୋତେ ମରଣ ମୁହଁରୁ ଫେରାଇ ଆଣିବ । କିନ୍ତୁ ହାୟଃ, ହାୟଃ, ତମେ କିଛି ବୁଝିଲ ନାହିଁ । ତମେ ମୋର ମାଆ ? ମା' ହେଇଥିଲେ ତମେ ମତେ ଠିକ୍ ବୁଝନ୍ତ, ଭୁଲ୍ ବୁଝନ୍ତ ନାହିଁ । ହେ ଭଗବାନ, ମତେ କେହି ବୁଝିଲେ ନାହିଁ, ବୁଝିବାକୁ ଚେଷ୍ଟା କଲେ ନାହିଁ, ମତେ ସମସ୍ତେ ମିଶି

ପାଗଳ କରିଦେଲେ । ପାଗଳ କରି ଦେଲେ । ଆଃ...ଚନ୍ଦ୍ରପ୍ରୀ ଗଡ଼ି ପଡ଼ିଲା ବିଛଣା ଉପରେ । ଚନ୍ଦ୍ରପ୍ରୀ ମୂର୍ଚ୍ଛା ହୋଇଗଲା ପ୍ରାୟ ।

କାଞ୍ଚନଙ୍କ ଆଖିରୁ ଜକ୍ତୁଜୁଳିଆ ଲୋତକ ବାହାରିଗଲା । କ'ଣ କହିଲେ, କ'ଣ ହେଲା ? ସଞ୍ଜପହରରୁ କାନ୍ଦିକାନ୍ଦି ଆଖି ଫୁଲି ଯାଇଥିଲା । ପ୍ରଦୀପ ବାବୁଙ୍କ ସାଙ୍ଗରେ ବି ନଈକୂଳରେ ବସି ବସି କାନ୍ଦୁଥିଲା ଝିଅଟେ । ଏବେ ପୁଣି ବାନ୍ଧ ଭାଙ୍ଗିଗଲା ବଡ଼ଲୋକ ନାଁରେ । ସେ କେମିତି ବୁଝେଇବେ ? କେମିତି ସମ୍ଭାଳିବେ ?

ତାଙ୍କୁ ସବୁ ଅନ୍ଧାର ଦେଖାଗଲା । ପ୍ରଦୀପ ବାବୁଙ୍କ ସାଙ୍ଗରେ ମିଶି ପାଣି ଛିଟି ଛିଟି, ପଙ୍ଖା କରି କରି ବହୁକଷ୍ଟରେ ଚେତା ଫେରେଇଲେ । ଚନ୍ଦ୍ରପ୍ରୀ ପୁଣି କ'ଣ ଉତ୍ତେଜିତ ହୋଇ କହି ଆସୁଥିଲା, କାଞ୍ଚନ ହାତ ଯୋଡ଼ି ବାରଣ କଲେ—ମୋ ସୁନା ! ମୋ ଧନ ! ଆଉ କିଛି କହ ନାହିଁ । ମୋର ଭୁଲ୍ ହୋଇଛି । ମୁଁ ଭୁଲ୍ ବୁଝିଛି । ସମସ୍ତେ ଯୋଉଠି ବସି ମଦ ଖାଉଛନ୍ତି, ତମେ ସେଠି ବସି କାଚଗ୍ଲାସରେ ଦୁଧ ପିଇଲେ ମୋର ମଦ ଭ୍ରମ ହେବା ତ ସ୍ୱାଭାବିକ । କିନ୍ତୁ ମୁଁ ଏବେ ବୁଝୁଛି—ମୋର ଆଗରୁ ବୁଝିବା ବି ଉଚିତ ଥିଲା—ତମେ ସାଧାରଣଙ୍କ ଭିତରେ ଅସାଧାରଣ । ତମେ ଡାକ୍ତର ସୁବ୍ରତଙ୍କର ଭଉଣୀ । ତମ ଭିତରେ ଏକ ନୂତନତ୍ୱ ରହିବାହିଁ ରହିବ ।

ଥାଉ ସେ କଥା । ତମେ ଆଜ ଶୋଇପଡ଼ । ମୋଟେ ଭାଙ୍ଗିପଡ଼ ନାହିଁ, ଚିନ୍ତା କର ନାହିଁ । ସବୁ ସମସ୍ୟାର ସମାଧାନ ହବାହିଁ ହବ । ଆଉ କ'ଣ ବା ତମର ସମସ୍ୟା ? ଭାଇ ଥାଉଁ ଥାଉଁ ଏଇ ଛୋଟିଆ କଥାଟି ବୁଝି ଦେବେ ନାହିଁ । ମୁଁ ଭାଇଙ୍କୁ ଓ୍ୱାୟାର୍‌ଲେସ୍ କରୁଛି, କାଲି ସକାଳେ ଭାଇ ଆସି ପହଞ୍ଚିବେ । ମୋ ସୁନାଟି ପରି ! ମୋ ମାଆଟି ପରି ! ଶୋଇପଡ଼ । ମୁଁ ପ୍ରଦୀପବାବୁଙ୍କୁ ଆର ଘରେ ବିଛଣା କରି ଦେଉଛି । ତମେ ନ ଶୋଇଲେ ସେ ଖାଇବେ ନାହିଁ, ଶୋଇବେ ନାହିଁ, ରାତି ସାରା କଷ୍ଟ ପାଇବେ, ତେଣୁ ଆଉ ଚିନ୍ତା କର ନାହିଁ, ଶୋଇପଡ଼ । ସବୁ ଚିନ୍ତା ସେଇ ଚିନ୍ତାମଣିଙ୍କି ସମର୍ପଣ କରିଦିଅ ।

ଚନ୍ଦ୍ରମୁଖୀ ଟିକିଏ ମୁହଁ ବୁଲେଇ ଶୋଇଲା । କାଞ୍ଚନ ଆଉ ପ୍ରଦୀପ ପାଖରେ ବସିଲେ । କିନ୍ତୁ ଦୁହେଁ ଚୁପ୍‌ଚାପ୍ । ଟୁଁ କି ନା ଶବ୍ଦ ବି ଘର ଭିତରେ ନାହିଁ । ଖାଲି ଟେବୁଲଫ୍ୟାନ୍ ପୂର୍ଣ୍ଣବେଗରେ ଚାଲୁଥିଲା । କୋମଳ ନୀଳ ଆଲୋକ ଝରିପଡ଼ୁଥିଲା ଘର ସାରା । ଘର ହୋଇଥିଲା ଗୋଟିଏ ରହସ୍ୟଘେରା ମାୟାପୁରୀ ।

ବହୁ କ୍ଷଣ କଟିଲା । ଚନ୍ଦ୍ରମୁଖୀ ବୋଧେ ଶୋଇ ଶୋଇ ଆସୁଥିଲା । କାଞ୍ଚନ ଚୁପି ଚୁପି କହିଲା—ଆସନ୍ତୁ ପ୍ରଦୀପ ବାବୁ । ନିଦ ଟିକିଏ ବୋଧେ ହୋଇ ଆସୁଛି । ଆଉ ଏଠି ବସିବା ଉଚିତ ହେବନି । ...... ଦୁହେଁ ଉଠିଲେ ।

ସବୁ ଅନୁନୟ, ବିନୟ ସତ୍ତ୍ୱେ ବି ପ୍ରଦୀପ ଜଳ ସ୍ପର୍ଶ କଲାନି । କାଞ୍ଚନର ବି ଖାଇବା ନୋହିଲା । ପୂଝାରୀ କହି କହି ନିରାଶ ହୋଇ ଫେରିଲା । ଚନ୍ଦ୍ରମୁଖୀ ଶୋଇଥିବା କୋଠରୀର ଦୁଇପାଖ ଘରେ—ଗୋଟିଏ ଘରେ ପ୍ରଦୀପ, ଆଉ ଘରେ କାଞ୍ଚନ ଶୋଇଲେ । ଶୋଇବା ଆଗରୁ କାଞ୍ଚନ ଆଉ ଥରେ ଆସି ଚନ୍ଦ୍ରମୁଖୀ କୋଠରୀରୁ ବୁଲିଗଲେ । ମଶାରି ସଜାଡ଼ି ଦେଲେ । ତଳ ଝରକା ବନ୍ଦ କରିଦେଲେ । ନିଃଶ୍ୱାସରୁ ବାରିଲେ ନିଦ ହୋଇଯାଇଛି । ପାଦ ଚିପି ଚିପି ବାହାରି ଆସିଲେ ଘରୁ । କବାଟ ଆଉଜେଇ ଆଣିଲେ । ପ୍ରଦୀପ ଘରକୁ ଆସି କହିଲେ—ଆପଣ ଶୋଇଯାଆନ୍ତୁ । ମୁଁ ପ୍ରାୟ ଚେଇଁଛି । ଡାକିଲାମାତ୍ରେ ଉଠିବି । ଆଉ ପୂଝାରୀ ଚାକର ତ ଅଛନ୍ତି । କିଛି ଅସୁବିଧା ହେବନି ।

—୮—

ପନ୍ଦର

ତିନିହେଁ ତିନିଘରେ ତକିଆ ଉପରେ ମୁଣ୍ଡ ରଖିଲେ । ଶୋଇଲେ । କିନ୍ତୁ କିଏ ଶୋଇଲା, କିଏ ଚେଇଁଲା ଭଗବାନହିଁ ଜାଣନ୍ତି । ଯେତେ ଚେଷ୍ଟା କଲେ ବି ନିଜ ମୁଣ୍ଡରୁ ବୋଝ ଖସେଇ ପାରିଲାନାହିଁ କାଞ୍ଚନ । ହଁ ସେ ଦାୟୀ । ମା ଅତି ବୁଢ଼ୀ ଲୋକ । ବାପା ନାହାଁନ୍ତି । ଭାଇ ତ ସହଜେ

ଭୋଳା ମହେଶ । ସବୁବେଳେ ବାହାର କାମରେ ବ୍ୟସ୍ତ । ପର କାମ ପାଇଁ ତାଙ୍କୁ ବେଳ ଥାଏ, ଘର କାମ ପାଇଁ ବେଳ ନାହିଁ । ବାକୀ ସିଏ ଗୁରୁଜନ ହେଇ ଯଦି ନ ବୁଝିଲ—ଯଦି ସେ ନାରୀ ମନର ଅନ୍ତର ତଳର ଗୋପନ ବ୍ୟଥା ବୁଝି ନ ପାରିଲ, ତେବେ ସେ କି ଗୁରୁଜନ ? କି ନାରୀ ? ନା ସେ କର୍ତ୍ତବ୍ୟରେ ହେଳା କରୁଛି । ସେ ଦୋଷୀ । ସବୁ ଦୋଷ ତା'ର । ହୁଏତ ଏସ ଗଲ ତିନମାସ ହେଲ ଆସିଥିଲା କିଛି ଗୋପନ ବ୍ୟଥା କହିବାକୁ । ଯା' ମା'କୁ କହିପାରି ନାହିଁ, ଭାଇକୁ କହି ପାରିନାହିଁ, ଗୁରୁଜନ ସାଙ୍ଗରେ ତା' ପରାମର୍ଶ କରିବାକୁ ଆସିଥିଲା । କିନ୍ତୁ କ'ଣ ସେ କଥା ? ସେ କ'ଣ ପ୍ରତାପ ବାବୁଙ୍କୁ ଭଲ ପାଏ ନି ? କ'ଣ ବିନାୟକ କଥା ମନେ ପଡ଼ୁଛି ? ସେ କଣ ଗୋଟାଏ ଦ୍ୱନ୍ଦରେ ପଡ଼ିଛି ?? ଦୋ'ଛକି ରାସ୍ତା—କୁଆଡ଼େ ଯିବ ସ୍ଥିର କରି ପାରୁନାହିଁ ?

କାଞ୍ଚନ ମୁହିଁ ଟେକି ଚାହିଁଲେ—ହଁ, ତା' ବି ହେଇପାରେ । ବିନାୟକ କୋଉ ସୁଦୂର ଆକାଶର ପକ୍ଷୀ । ଆକାଶର କୋଉ ନୀଳିମା ଭିତରେ ହଜି ଯାଉଛି । କେତେବେଳେ ଦିଶୁଛି । କେତେବେଳେ ବା ମୋଟେ ଦିଶୁନି । ଆଉ ପ୍ରତାପ ହାତ ପାହାନ୍ତରେ ଗୋଟିଏ ସୁନ୍ଦର, ଛନ୍‌ଛନିଆ, ଗୁଲ୍‌ଗୁଲିଆ ବୁଲ୍‌ବୁଲ୍ । ଡାକିଲାମାତ୍ରେ ଓ' କରୁଛି, ଉଡ଼ିଆସୁଛି, ଘରପାଖରେ ଚକ୍‌କର ଖାଇବୁଲୁଛି । ତାକୁ ଛାଡ଼ି ଯୀ' ଆଡ଼କୁ ଟାଣି ହେଇଯିବା କ'ଣ କିଛି ଅଘଟଣ କଥା ?

ପୁଣି ଚନୁ ଯେ ସେ ଝିଅ ନୁହେଁ, ଡାକ୍ତର ସୁବ୍ରତଙ୍କର ଭଉଣୀ । ଯେମିତି ବୁଦ୍ଧିମତୀ, ସେମିତି ବିବେକୀ । ଖଣ୍ଡା ଧାରରେ ଚାଲିବା ଲୋକ । ସେ କେମିତି ଜଣକୁ କଥା ଦେଇ, ଜଣଙ୍କ ସାଙ୍ଗରେ ସବୁ ଠିକ୍ କରି ଏଣେ ଆଉ ଜଣଙ୍କ ସାଙ୍ଗରେ ଚାଲିଯିବ ? ସେ କେମିତି ଧୋକ୍‌କା ଦେବ ଏତେ ସରଳ, ନିରୀହ, ଲୋକଟିକୁ ? ଧର୍ମଦ୍ୱାରରେ ଦ୍ରୋହୀ ହେବ ନାହିଁ ?

ପୁଣି ଚନୁର ବିଦ୍ୟା ଯେମିତି ଯଥେଷ୍ଟ, ହୃଦୟ ବି ସେମିତି ଯଥେଷ୍ଟ । ସେ ଉପରେ ଯେତେ ଶୁଷ୍କ, ରୁକ୍ଷ ଜଣାଗଲେ ବି ତା' ଭିତରେ ଯେ ଏକ ଅନ୍ତଃସଲିଳା ଫଲ୍‌ଗୁ ବହିଯାଉଛି, ତା' ଅନ୍ୟ କେହି ନ ଜାଣନ୍ତୁ, କାଞ୍ଚନ ଭଲ ଭାବେ ଜାଣେ । ଭାଇଙ୍କ ଭଳି ତା' ହୃଦୟରେ କେତେ ମାୟା, କେତେ

କରୁଣା, କୋମଳତା । ଏ ସୁନ୍ଦର, ସୁଦର୍ଶନ ଯୁବକଟି ତା' ରୂପରେ, ତା' ପ୍ରେମରେ ମୁଗ୍ଧ ହୋଇ ଯେତେବେଳେ ତା ଆଡ଼କୁ ଟାଣିହୋଇ ଆସିଛି, ସେ ବାରଣ କରି ପାରନାହିଁ । ଆଉ ଏବେ ଯେତେବେଳେ ସମ୍ପର୍କ ଘନିଷ୍ଠରୁ ଘନିଷ୍ଠତର ହୋଇ ଉଠିଛି, ସେ କେମିତି ନିଷ୍ଠୁର ହେବ ? କେମିତି ଖେକ୍‌ଠୋକ୍ ମନା କରିଦେବ ? ତା'ର ଯେ ଏଇ ଯୁବକ ପ୍ରତି ମାୟା ନାହିଁ, ମମତା ନାହିଁ, ପ୍ରୀତି ନାହିଁ ତା' ବ କହି ହେବନାହିଁ । କିନ୍ତୁ ବିନାୟକ ପ୍ରତି ତା'ର କର୍ତ୍ତବ୍ୟ, ତା'ର ସତ୍ୟରକ୍ଷା, ତାର ଅନନ୍ତ ପ୍ରୀତି, ତାର ଅଚ୍ଛେଦ୍ୟ, ଅବିଚ୍ଛେଦ୍ୟ ହୃଦୟର ବନ୍ଧନ ।

କ'ଣ କରିବ ସିଏ—କେଉଁଟିକୁ ଧରିବ ? କେଉଁଟିକୁ ଛାଡ଼ିବ ? କେଉଁ ପଥରେ ଯିବ—ସତ୍ୟ ପଥରେ, ଧର୍ମ ପଥରେ ? ନା ପ୍ରେମ ପଥରେ, କରୁଣା ପଥରେ, କୋମଳତା ପଥରେ ? ଏ ପଟେ ନ ଗଲେ ସତ୍ୟଭ୍ରଷ୍ଟ ହେବ, ସେ ପଟେ ନ ଗଲେ ଗୋଟିଏ ମହାମୂଲ୍ୟ ଜୀବନ ହୁଏତ ଧ୍ୱଂସ ହୋଇଯିବ । କ'ଣ କରିବ ସିଏ ? ଏଣେ ଗଲେ ଗୋହତ୍ୟା, ତେଣେ ଗଲେ ବ୍ରହ୍ମହତ୍ୟା । ଏଣେ ପାଣିକି ଗଲେ କୁମ୍ଭୀର ଖାଇବ, ତେଣେ ଉପରେ ରହିଲେ ବାଘ ଖାଇବ । ଗାଈକି ମାଇଲେ ମଲା, ଗାଈ ମାଇଲେ ମଲା । କ'ଣ କରିବ ସିଏ ? କ'ଣ କରିବ ? କାହା ମୁହଁରେ ବିଷ ଦେବ ?—ସ୍ୱାମୀ ମୁହଁରେ ନା ପ୍ରେମିକ ମୁହଁରେ ? ସ୍ୱାମୀ କିଏ ? କିଏ ତା' ମନର ମଣିଷ ? —ଯା ସାଙ୍ଗରେ କେବଳ ଗୋଟିଏ କଥା ହୋଇଛି ନା ସିଏ ଗୋଟିଏ ମେଣ୍ଢାଛୁଆ ଭଳି ଦିନରାତି ତା' ପଛରେ ଧାଇଁଛି ? କୁଆଡେ ଯିବ ? କାହିଁକି ଏମିତି ହେଲା ? କାହିଁକି ସିଏ ଏଇ ପ୍ରଗାଢ଼ ରୂପକ ବୃକ୍ଷ ଗଛଟିକୁ ଉପାଡ଼ି ଫୋପାଡ଼ି ନ ଦେଲା ବହୁ ଆଗରୁ ?

କାଞ୍ଚନ ବୁଝିଲେ—ଏଇଠି ତା' ହେଲେ ଉତ୍କଣ୍ଠା, ମଳମଳ । ଏଇଠି ତା' ହେଲେ ବାଘେରି ମହମଦ୍ଦୁ ଦଂଶନ କରୁଛି ବାରମ୍ବାର । କିନ୍ତୁ କ'ଣ ଏଥିର ପ୍ରତିକାର ? କ'ଣ ସମାଧାନ ? ଏ ତ ଅଙ୍କୁଶା ଅଙ୍କ । ଏହାର ଉତ୍ତର କାହା ହେବ କେମିତି ? ଅବଶ୍ୟ ସିଏ ଯାହା କହିବ, ସୁବ୍ରତ ବି ସେଇଆ କହିବେ—କିନ୍ତୁ ଯାହା ସ୍ଥିର କରୁଛନ୍ତି କର୍ତ୍ତା, ସେମାନଙ୍କର

ତୁଳାଉଛେ ଆପତ୍ତି ନାହିଁ । କିନ୍ତୁ ଚିନୁ କ'ଣ ସ୍ଥିର କରିବ, କ'ଣ ସ୍ଥିର କରିବା ଉଚିତ, ତା'ର ଉତ୍ତର ଦେବ କିଏ ?? ···କାଞ୍ଚନ ଖାଲି ଭାବୁଥିଲେ—ଭାବୁଥିଲେ ।

··· ···

ଆରମ୍ଭରେ ବିଛଣାରେ ଶୋଇ ଛଟପଟ ହେଉଥିଲା ପ୍ରଦୀପ ।—କାହିଁକି ? କାହିଁକି ଏତେ ଗୁରୁ ଆଘାତ ପାଇଲା ଚିନୁ ? ହଠାତ୍ ଏମିତି ପ୍ରଳୟ ଆସିଲା କାହିଁକି ? ମୁଁ ଏଠିକି ଚାଲିଆସିଲି ବୋଲି ତା'ଙ୍କୁ ଅସମ୍ମାନ ହେଲା ? ସେଇଥିପାଇଁ ଏତେ ଅଶ୍ରୁ ? ଦୀର୍ଘଶ୍ୱାସ ? ତାହେଲେ ମୁଁ ଚାଲିଯିବାକୁ ବସିବାରୁ କାହିଁକି ଏତେ ବ୍ୟାକୁଳ ହେଇ ଉଠୁଛି ? ମୁଁ ରହିଲେ ଦୁଃଖ ? ଚାଲିଗଲେ ଦୁଃଖ ? ମତେ ସେ ଭଲପାଏ ନା ଘୃଣାକରେ ? ତା'ହେଲେ କ'ଣ ଏତେ ହସ, ଆନନ୍ଦ, କୋଳାହଳ, ଅଭିମାନ ସବୁ ଲୋକଦେଖାଣିଆ ? ନା ନା, ତା' ଭିତରେ କେତେ ପ୍ରୀତି, କେତେ ଆନ୍ତରିକତା, କେତେ ଅମୃତର ଝରଣା—ତା' କ'ଣ ଅସ୍ୱୀକାର କରିହେବ ? ତା' ହେଲେ କାହିଁକି ଏତେ ବ୍ୟଥା ? କାହିଁକି ଏତେ ଅଶ୍ରୁର ଝରଣା ? ସେ କ'ଣ···ସେ କଣ ତା'ହେଲେ ଗୋଟାଏ 'ଡିଲେମା'ରେ ପଡ଼ିଛି ? ଜଣକୁ ଛାଡ଼ି ଆଉ ଜଣକୁ ବାଛିବାର ପ୍ରଶ୍ନ ?? ଏଁ···ହିଁ··· ସେଇଆ ବୋଧେ । ସେଇଥିପାଇଁ ଏତେ ମାନସିକ ଦ୍ୱନ୍ଦ, ଅଶାନ୍ତି । ଓ ବୁଝିଲି, ସେଇଥିପାଇଁ ତା' ହେଲେ ଏ ଲାସ୍ୟବତୀର ଭୂମିକମ୍ପ ଆସିଛି ଚିନ୍ମୟୀର ଅନ୍ତରରେ ??

ପ୍ରଦୀପ ବିଛଣାରୁ ଉଠିବସିଲା । ବିଛଣା ଯେମିତି କଣ୍ଟା କଣ୍ଟା ଲାଗିଲା ତା'ଙ୍କୁ । ଆଉ ମୁହୂର୍ତ୍ତେ ବିଛଣାରେ ଶୋଇବାକୁ ଇଚ୍ଛା ହେଲାନି । ସେ ଉଠି ଘରଯାକ ପଦଚାରଣା କରିବାକୁ ଲାଗିଲା । —ଏଇଥିପାଇଁ ? ···ଏଇଥିପାଇଁ ?···ଏଇଠି ତା'ହେଲେ କଣ୍ଟା ଫୋଡ଼ୁଛି କୋଉଠାରେ ? ଯା'ର ସମାଧାନ ? ଯା'ର ସମାଧାନ ମୁଁ କରିଦେବ । ହଁ, ହଁ, ମୁଁ କରିଦେବ । ମତେ କହିଲା ନାହିଁ କାହିଁକି ଚିନ୍ମୟୀ ?

ନିରଞ୍ଜନ ପ୍ରଧାନ ସବୁ ସମର୍ପି ଦେଇ ଚାଲିଯାଇଥିଲା ନା କେମିତି, ଛକଡ଼ି ହାତରେ ? ଆଉ ସାଇଚରଣ ? ରବୀନ୍ଦ୍ରନାଥଙ୍କ ସାଇଚରଣ ମୁନିବର

ପୁଅକୁ ବଡ଼ନ୍ନା ଘଦ୍ମା ନଈରେ ହକେଇ ଦେଇଥିଲା ବୋଲି ନିଜ ପୁଅକୁ ଆଣି ମୁନିବଙ୍କ କୋଳରେ ଥୋଇଦେଇ ବିଦାୟ ନେଇଗଲା । ଆଉ ଫିଲିପ୍...... ଏନକ୍ ଆର୍ଡେନ୍...ନା ନା, ମୁଁ ବିଦାୟ ନେଇଯିବ, ମୁଁ ବିଦାୟ ନେଇଯିବ । ମୁଁ କେବେ ଠିଆ ହେବନାହିଁ ଚନ୍ଦ୍ରପ୍ଟୀର ବାଟରେ । ଚନ୍ଦ୍ରପ୍ଟୀର ଆନନ୍ଦ ହିଁ ମୋର ଆନନ୍ଦ ।

କିନ୍ତୁ... କିନ୍ତୁ...କିନ୍ତୁ ଚନ୍ଦ୍ରପ୍ଟୀ...ଚନ୍ଦ୍ରପ୍ଟୀକି ମୁଁ ଛାଡ଼ିବ ? ଛାଡ଼ିପାରିବ ? ଚନ୍ଦ୍ରପ୍ଟୀଙ୍କୁ ଛାଡ଼ି ମୁଁ ବଞ୍ଚିପାରିବ ? ଚନ୍ଦ୍ରପ୍ଟୀକି ନ ଦେଖିଲେ ଯେ ମୋ ଆଖି ଅନ୍ଧ ହୋଇଯିବ ! ସାରା ବିଶ୍ୱବ୍ରହ୍ମାଣ୍ଡ ଅନ୍ଧାର ହୋଇଯିବ । ଓଃ, ଭଗବାନ ! ଭଗବାନ ! ତମେ ଚନ୍ଦ୍ରପ୍ଟୀକି ମୋଠାରୁ ଛଡ଼େଇ ନେବ ? ତମେ ନିର୍ଦ୍ଦୟ, ନିଷ୍ଠୁର, ସ୍ୱାର୍ଥପର, ଅନ୍ଧ ଭଗବାନ । ଆଃ...ଆଃ...

ହାହାକାର, ହାହାକାର ଖାଲି—ମୁଣ୍ଡର ବାଳ ଝିଙ୍କି ଝିଙ୍କି, ଲୁହ ପୋଛି ପୋଛି ଘରସାରା ଖାଲି ଘୂରି ବୁଲୁଥିଲା ପ୍ରଦୀପ ।

....

ଚନ୍ଦ୍ରପ୍ଟୀର ଆଖି କଷା ପଡ଼ି ନ ଥିଲା । ଖାଲି ଢେଉ ଉପରେ ଢେଉ, ଚିନ୍ତା ଉପରେ ଚିନ୍ତା । ଯେତେ ସଫେଇ ଦେଲେ ବି ପ୍ରଦୀପବାବୁ ଏକ ବିରାଟ ପ୍ରଶ୍ନବାଚୀ ହେଇ ଠିଆହେବେ । କାଲି ସକାଳେ ଭାଇ ଆସିବେ, ସନ୍ତୋଷ ଦା' ଆସିବେ । ସେମାନେ ଅବଶ୍ୟ କିଛି ପଚାରିବେ ନାହିଁ । କିନ୍ତୁ ସେମାନଙ୍କର ଗୋଟିଏ ଚାହାଣୀରେ କୋଟିଏ ପ୍ରଶ୍ନ । ଭାଇ ଯେତେବେଳେ ଶୁଣିବେ ମୁଁ କାନ୍ଦୁଥିଲି, ଅସ୍ଥିର ହେଉଥିଲି, ସେ ଠିକ୍ ବୁଝିବେ ମୋ ଭିତରେ ଏକ ବିରାଟ ଝଞ୍ଜା ଉଠିଛି ଏବଂ ସେ ଝଞ୍ଜା ଏଇ ସୁନ୍ଦର ଯୁବକଟିକୁ କେନ୍ଦ୍ର କରି । ଏବଂ ସ୍ୱାମୀ ମଧ୍ୟ ବୁଝିବେ ଯେ ବିନାୟକ ପ୍ରତି ମୋର ପ୍ରୀତି, ମୋର ନିଷ୍ଠା ବଦଳି ଯାଇଛି ଆଉ ସେଇଥିପାଇଁ ଏ ଅବଶୋଷ ! ଆଉ ତା' ପରେ ଯେତେବେଳେ ସେ ମୋ ମୁହଁକୁ ଚାହିଁବେ, ମୁଁ ଫେର ତାଙ୍କ ମୁହଁକୁ ଚାହିଁପାରିବ ତ ?

...ଭାଇଙ୍କର ମୋ ପ୍ରତି ଅଗାଧ ବିଶ୍ୱାସ । ମୁଁ କୁଆଡ଼େ ଘର ଭିତରେ ଗୋଟାଏ ସିମେଣ୍ଟିଂ ଫ୍ୟାକ୍ଟର । ଖାଲି ପାଠରେ ନୁହେଁ ଶାଠରେ,

ବୁଦ୍ଧିରେ, ରୁଚିରେ, ବିବେଚନାରେ ସବୁଥିରେ ମୁଁ କ୍ଲାଉଡ଼େ ଫାଷ୍ଟକ୍ଲାସ୍ । ଭାଇଙ୍କର ଦୃଢ଼ ବିଶ୍ୱାସ ମୁଁ କେବେ ଭୁଲ୍ କରିବିନାହିଁ, ମୁଣ୍ଡ କଟିଗଲେ ବି ମୁଁ କେବେ ଏମିତି କାମ କରିବି ନାହିଁ ଯୋଉଥିରେ ଭାଇଙ୍କର ମୁଣ୍ଡ ମାଟିରେ ମିଶିବ । ଅଥଚ ଏ କ'ଣ ହେଲା ? ମୁଁ କ'ଣ କଲି ? ମୁଁ କୋଉଠି ଠିଆ ହୋଇଛି ? ମୁଁ ଟାଣି ହେଇ ହେଇ ଆସି କୋଉଠି ହେଲିଣି ?

ବିନାୟକ ମୋର ସ୍ୱାମୀ । ମୁଁ ବିନାୟକର ବାଗ୍‌ଦତ୍ତା । ତେଣୁ ପାଦଟିଏ ହଲଚଲ ହେବାର ଶକ୍ତି ମୋର ନାହିଁ । ଜଣେ ଅଶ୍ରୁ ଢାଳିଲେ, କାକୁତି-ମିନତି ହେଇ ଭିକ୍ଷା ମାଗିଲେ ଭିକ୍ଷା ଦେବାର ପରଂପରା ହିନ୍ଦୁ ଶାସ୍ତ୍ରରେ ଅଛି । କିନ୍ତୁ ଯା' ତମର ନୁହେଁ, ଯା' ଉପରେ ତମର ଅଧିକାର ନାହିଁ, ଯା' ଦତ୍ତ ପଦାର୍ଥ, ତାକୁ ତମେ ଅନ୍ୟକୁ ଦାନ କରିବ କୋଉ ଯୁକ୍ତିରେ ? କୋଉ ଭିତ୍ତିରେ ? ଦେହ, ମନ, ଆତ୍ମା, ପ୍ରୀତି, କୋମଳତା, ସହାନୁଭୂତି ସବୁ ଯଦି ବିନାୟକର ହେଲା, ଆଉ ବାକି କ'ଣ ରହିଲା ଯେ ମୁଁ ଦାନ କରିବି ପ୍ରଦୀପକୁ ? ଆଉ ପ୍ରଦୀପ ବା କିଏ ? କେତେଦିନର ଚିହ୍ନା ? ବିନାୟକ ପାଖରେ ପ୍ରଦୀପର ସ୍ଥାନ ବା କୋଉଠି ? ଅଥଚ ସେ ଏତେ ମାୟା ବିସ୍ତାର କଲା କାହିଁକି ? ତା'ପ୍ରତି ମୁଁ ଏମିତି ଅନ୍ଧ ଭାବରେ ଆକୃଷ୍ଟ ହେଇ ପଡ଼ିଲି କିଆଁ ?

ଏ ଭାରତ ବର୍ଷ । ଏ ଦେଶରେ ବିଧବା ହେଇ ଝିଅମାନେ ରହୁଛନ୍ତି ପନ୍ଦର ବରଷ, ଷୋଳ ବରଷ ବୟସରୁ, ସାରା ଜୀବନ ରହିଯାଉଛନ୍ତି ଏକାଦଶୀ କରି କରି, ହବିଷ କରି କରି । ଏ ଦେଶରେ ସତୀଦାହ ପ୍ରଥା ଥିଲା । ଏଇମାତ୍ର ସେ ଦିନର କଥା । କୁଳବୃଦ୍ଧ ମଧୁସୂଦନଙ୍କ ବୁଢ଼ୀ ମା' 'ସତୀ ହୋଇଥିଲେ ପତିଙ୍କ ଜଳନ୍ତା ଚିତାରେ ଝାସ ଦେଇ । ବଙ୍ଗଳାରେ ସତୀଦାହ ପ୍ରଥା ଲୋପ କରିବାକୁ ଥରେ ନିଜେ ଆସି ପହଞ୍ଚିଲେ ଡେଲହାଉସି । ଜଣେ ସଦ୍ୟ ବିଧବା ସତୀ ହେବାପାଇଁ ପ୍ରସ୍ତୁତ ହେଉଥାଏ । ଡେଲହାଉସି କହିଲେ—ନା, ଏ କୁସଂସ୍କାର, ତାକୁ ଜବରଦସ୍ତି ନିଆଁକୁ ଫିଙ୍ଗି ଦିଆଯାଉଛି । ସେ ନିଜ ଇଚ୍ଛାରେ ଯାଉଛି ବୋଲି ମୁଁ କେମିତି ଜାଣିବି ? ବିଧବାଟି ସଙ୍ଗେ ସଙ୍ଗେ ଗୋଟିଏ ଜଳନ୍ତା ମହମବତୀ ଉପରକୁ

ଅଙ୍ଗୁଳି ବଢ଼ାଇଦେଲି । ଆଙ୍ଗୁଳି ମୋଡ଼ ମୋଡ଼ ହୋଇ, ଫୁଲିଫୁଲି ହୋଇ ଜଳିଆସିଲା । ବଧବାଟି ଗୁହାଁରହିଲା ସାହେବର ମୁହଁକୁ ! !

ଏଇ ଭାରତ । ଏଇ ଆମର ସଂସ୍କୃତି, ନିଷ୍ଠା, ପରଂପରା । ଏଠି ପ୍ରଦୀପର ସ୍ଥାନ କାହିଁ ? ସ୍ୱାମୀର ବର୍ତ୍ତମାନରେ ଆଉ ଜଣେ ପୁରୁଷ ସାଙ୍ଗରେ କଥା କହିବାର, ବସିବାର, ହସିବାର ଅବସର କାହିଁ ?

ସେଦିନ ଥଟ୍ଟାରେ ମୁଁ ପ୍ରଦୀପକୁ କହିଥିଲି—ତମେ ଉପଗୁପ୍ତ, ମୁଁ ବାସବଦତ୍ତା । ଆଜି ସତରେ ମୁଁ ବାସବଦତ୍ତା ହୋଇଗଲି, ମୁଁ ଲକ୍ଷହୀରା ହୋଇଗଲି, ମୁଁ ପିଙ୍ଗଳା ବେଶ୍ୟା ହୋଇଗଲି । ଧର୍ମ ପୁତ୍ର ପାଇଁ ମୋର ଆଜି କେତେ ଉତ୍କଣ୍ଠା, ଆଗ୍ରହ, ଅସୀମ ବ୍ୟଗ୍ରତା, କେତେ ଧନ-ଲୋଭ, ରୂପଲୋଭ, ପ୍ରେମଲୋଭ ।...ଇସ୍, ମୁଁ କେତେ ଘୃଣ୍ୟ ହୋଇଗଲି । ମୁଁ କେଉଁ ନରକକୁ ଗଲିଗଲି । ମୁଁ କେଉଁ ଥାର୍ଡକ୍ଲାସ୍, ବଜାରୁ ମାଇକିନିଆ ହୋଇଗଲି । ଆଃ, ମତେ ପିଟିବା ଉଚିତ, ମତେ ଛାତିକରେ ପିଟିପିଟି ମାରିଦେବା ଉଚିତ, ମତେ ଗୁଳି କରିଦେବା ଉଚିତ । ଓଃ, ଭଗବାନ୍ !

କିନ୍ତୁ କାହିଁକି ? ମୁଁ ଏମିତି ହେଲି କାହିଁକି ? ମତେ ଏମିତି କଲା କିଏ ? ପ୍ରଦୀପ । ହଁ, ହଁ, ପ୍ରଦୀପ । ପ୍ରଦୀପ ବଦ୍‌ମାସ୍, ଚୋର୍, ପାଜି, ସଇତାନ୍ । Pradip is a scoundrel. Pradip is a Villain. Pradip has destroyed my life. ପ୍ରଦୀପ ଗୋଟାଏ ଘୃଣ୍ୟ ! !

ଦୂରରୁ ଭାସିଆସିଲା କାହାର କଥା—

...ଦେବଦାସ ମଦ ଖାଇ ଖାଇ, ଯକ୍ଷ୍ମାରେ ସଢ଼ି ସଢ଼ି ଶେଷକୁ ଶଗଡ଼ଗାଡ଼ି ଖଣ୍ଡିକରେ ଆସିଲା ବୃଦ୍ଧ ଜମିଦାରଙ୍କ ଯୁବତୀ ସ୍ତ୍ରୀ ପାର୍ବତୀର ଘରକୁ । ଜମିଦାରଙ୍କ କୋଠା ଆଗରେ ଚଉତରା ଉପରେ ପଡ଼ି ପଡ଼ି ରକ୍ତ ବାନ୍ତି କରି କରି ମରି ଗଲା ! !...

...ମତେ ସେହିଭଳି ପଛେ ତମ ପାଦତଳର ଘାସ କରିଦିଅ, ଅଲଗା କରିଦିଅ ନାହିଁ ।...

...ମୁଁ ପନ୍ଦରକେ ତମର ସ୍ୱାମୀ ନ ହୁଏ, ପ୍ରେମିକ ନ ହୁଏ, ବନ୍ଧୁ ନ ହୁଏ, କିନ୍ତୁ ଯଦି ତମର ଅନୁଚରଟିଏ ହୋଇପାରନ୍ତି, ସୁଖୀ ହୁଅନ୍ତି। ତେଣୁ ଯିବା ଆଗରୁ ଲୋତକପୂର୍ଣ୍ଣ ନୟନରେ ଅନୁନୟ କରିଲି—
Make me thy servant chinu..........

ଆଃ ପ୍ରଦୀପ!—ଚିନ୍ମୟୀ ଦୁଇ ହାତ କାନରେ ଦେଇ ବନ୍ଦ କଲା—ଥାଉ, ମୁଁ ସବୁ ଜାଣେ। ମତେ ପାଇବାପାଇଁ ତମର ଏଇ ଚକ୍ରାନ୍ତ। ତମେ ବାହାରେ ଯେତେ ସରଳ, ଭିତରେ ତା' ନୁହଁ। ତମର ଗୋଟାଏ ଉଦ୍ଦେଶ୍ୟ ଅଛି। ଆଜି ସେଇ ଉଦ୍ଦେଶ୍ୟ ପୂରଣ ପାଇଁ ତମେ କେତେବେଳେ ଚରଣ କେତେବେଳେ ଚଟି ସବୁ ଧରିପାର। ସବୁ କରିପାର। ତମେ ଦୁର୍ଜନ ଲୋକଠଁ ବ ଆହୁରି ଭୟଙ୍କର। ଦୁର୍ଜନର ଭିତର ବାହାର ସବୁ ସମାନ। ତମର ଭିତରେ ହଳାହଳ, ବାହାରେ ଅମୃତ। ତମେ ଗଧିଆ ଉପରେ ଚମଡ଼ା ଢାଙ୍କି ମେଣ୍ଢାଛୁଆ ସାଜିଛ। You are a snake in the grass! You are a moral leper!

ତମେ କାହିଁକି ମତେ ବାରମ୍ବାର ଏତେ ଚିଠି ଲେଖିବ? କ'ଣ୍ଣ ବା ପରିଚୟ? କେତେଦିନର ବା ବନ୍ଧୁତା? ତମେ କାହିଁକି ମୋ ପାଇଁ ପାଗଳ ହେବ? ଭଲ ପାଇବ? ଘନ ଘନ ଚିଠି...କାଂଭୁ...କାଂଭୁ...—ଚିନ୍ମୟୀ ଟିକିଏ ରାହିଗଲା। ଚିଠି ଲେଖିବାଟା କ'ଣ ଖରାପ? ପ୍ରି-ୟୁନିଭରସିଟିରେ ପଢ଼ଇସାରି ଫେରିଲାବେଳେ ଯଦି ଗୋଟିଏ ଛାତ୍ର ବା ଛାତ୍ରୀ ଆସି କହେ—ମ୍ୟାଡାମ୍! ଆପଣ ଆଜି ଭଲ ପଢ଼େଇଲେ, ସତେ ସେ କ'ଣ ଏତେବଡ଼ ଭୁଲ୍ କଲା? ମୋ ଭିତରେ କ'ଣ 'ଭଲ' ପାଇଲା ବୋଲି ଯଦି ସେ ପ୍ରକାଶ କରିଦିଏ, ତେବେ ଦୋଷ ହେଲା ତା'ର?

ଆଉ ପ୍ରଦୀପ ଭଳି ଭାବପ୍ରବଣ, ନିର୍ବୋଧ ଲୋକ ଭିତରେ କିଛି ଉଦ୍ଦେଶ୍ୟ ଥାଇପାରେ? ଆକାଶକୁ ଭଲପାଇବାରେ ଉଦ୍ଦେଶ୍ୟ ଅଛି? ପୃଥିବୀର ସବୁଜିମା ଭିତରେ ହଜିଯିବାରେ ଉଦ୍ଦେଶ୍ୟ ଅଛି? ଚନ୍ଦ୍ରକୁ ଚାହିଁବାରେ, ତାରକୁ ଚାହିଁବାରେ, ସାଗରର ଢେଉକୁ ଚାହିଁବାରେ କିଛି ଉଦ୍ଦେଶ୍ୟ ଥାଇପାରେ? ପ୍ରଦୀପର ଭଲପାଇବା କ'ଣ ଏଇ ଧରଣର ନୁହେଁ?

ଖାଲି ଆଖିମୁଡ଼ି, ହାତପାତିଲି, ବିକଳ ହେଇ ଭିକ୍ଷା ମାଗିବା ଛଡ଼ା ପ୍ରଦୀପ ଆଉ କ'ଣ କରିଛି ? ଅଳି ନାଇଁ, ଆର୍‌ଦୋଳି ନାଇଁ, ଜୋର ନାଇଁ, ଜବରଦସ୍ତି ନାଇଁ । ନ ପାଇଲେ ଅଭିମାନ ନାଇଁ, ଟିକିଏ ପାଇଲେ କୃତଜ୍ଞତାରେ ଗଦ୍‌ଗଦ୍, ପୁଣି ଟିକିଏ ରାଗିଉଠିଲେ ପଦେ ଉଚ୍ଚବାଚ ନ କରି ସଂସାର ଛାଡ଼ି ଚାଲିଯିବାକୁ ପ୍ରସ୍ତୁତ । ଏଭଳି ଲୋକର ଉଦ୍ଦେଶ୍ୟ ଥାଇପାରେ ? ଖାଲି ମୁଣ୍ଡର ବୁଦ୍ଧିରେ କହିଲେ ତ ଅନେକ କଥା କୁହାଯାଇପାରେ, କିନ୍ତୁ ଛାତିରେ ହାତ ରଖି କ'ଣ କହିହେବ ଏ ଲୋକର ଉଦ୍ଦେଶ୍ୟ ଅଛି ?

ଭୁଲ୍ ହେଲା କାହାଆଡ଼ୁ ? ପ୍ରଦୀପ ଆଡ଼ୁ ନା ମୋ ଆଡ଼ୁ ? ପ୍ରଦୀପ ଭାବପ୍ରବଣ । ପଲାୟନପନ୍ଥୀ । ତା'ର ସବୁ ଭଲପାଇବା ପର୍ଯ୍ୟବସିତ ଚିଠି ଲେଖିବାରେ--ଦୂରରେ ଠିଆହେଇ ଆଖି ବୁଜି ଜଣାଣ ଗାଇବାରେ । ତା'ର କେବେ ସାହସ ହେଇ ନ ଥାନ୍ତା ପାଖକୁ ଆସି ମୁହାଁମୁହିଁ ପ୍ରେମ ନିବେଦନ କରିବାକୁ । ତାକୁ କ'ଣ ପ୍ରଥମେ ପ୍ରଶ୍ରୟ ଦେଇନାଇଁ ମୁଁ ? କାହିଁକି, ଯାହାକୁ କେବେ ଜୀବନରେ ଚିଠି ଖଣ୍ଡେ ଲେଖିନାଇଁ—ଭାବପ୍ରବଣ, ମେରୁଦଣ୍ଡହୀନ, ତୃତୀୟ ଶ୍ରେଣୀ କହି ଘୃଣା କରିଆସିଛି, କାହିଁକି ସେ ଦିନ ତା' ପାଖକୁ ଧାଇଁଆସିଥିଲି ସୁଦୂର ଜୟପୁରରୁ ଗଂଜାକୁ ? କେଉଁ ବୁଦ୍ଧିରେ, କେଉଁ ସାହସରେ ଏକୁଟିଆ ଆସିଥିଲି ଏ ଯୁବକ ବନ୍ଧୁଙ୍କ ପାଖକୁ ? ଆଉ ଆସି ଫୁଲେଇ ହେଇ କାହିଁକି ଏତେ କଥା କହିଲି ? କାହିଁକି ତା' ମନରେ ଆଶା ଜଗେଇଲି ? ତା' ରକ୍ତରେ ନିଆଁ ଲଗେଇଲି ? ତାକୁ ଉନ୍ମାଦ, ଉଦ୍‌ଭ୍ରାନ୍ତ କରିଦେଲି ଟିକିଏ ପରଶରେ ? ଭୁଲ୍ ପ୍ରଦୀପର ? ?

ଆଉ ସେଦିନ ଦ୍ୱିତୀୟ ଭୁଲ୍ କ'ଣ ମୁଁ କରିନାହିଁ ତାକୁ ଚିଠି ଖଣ୍ଡିଏ ଲେଖି ? ସେ ତ ଗୋଟାଏ ଧୂଅରେ ପଡ଼ିଯାଇଥିଲା । ପରୀକ୍ଷାପାଇଁ ପଢ଼ା ଆରମ୍ଭ କରିଦେଇଥିଲା ଗଭୀର ଅଭିନିବେଶ ସହ । ଦିନେ ନାଇଁ କାଳେ ନାଇଁ, ଗଣ୍ଡା ପୁରେଇଁ ଦିନ ମାଇଁ ମାଇଁ ଭଲ ତାକୁ କାହିଁକି ମୁଁ ଚିଠି ଲେଖିଲି ? ପୁଣି ଏତେ ଭାବପ୍ରବଣ ହେଇ ? ଏତେ ମାନ, ଅଭିମାନ, ଅଶ୍ରୁ ଭିତରେ ? ସେ ଚିଠି ନା ଏକ ପ୍ରେମ ନିମନ୍ତ୍ରଣ ? ?

ତେଣୁ ନିଜକୁ ଦୋଷ ନ ଦେଇ ଅନ୍ୟକୁ ଦୋଷ ଦେବା କାହିଁକି ? ଆଉ ପ୍ରଦୀପ କ'ଣ ସତରେ ଖରାପ ଲୋକ ? ପ୍ରଦୀପ ଅନ୍ୟର ଅନିଷ୍ଟ

କରେ ? ମୋର ତ ମନେହୁଏ ଅନଷ୍ଟ କରିବା ଦୂରରେ ଥାଉ, କାହାର ଅନଷ୍ଟ ଚିନ୍ତା ବି ସେ କରିପାରିବ ନାହିଁ । ପ୍ରଦୀପର ହୃଦୟ ସ୍ନେହ, ପ୍ରୀତିର ଏକ ଅଥଳ ବାରିଧି । ପ୍ରଦୀପ ବୁଝେ ଅନ୍ୟର ଦୁଃଖ, ଅନ୍ୟର ବ୍ୟଥା, ଅନ୍ୟର ଅନ୍ତର ତଳର ଗୋପନ ରାଗିଣୀ । ପ୍ରଦୀପର କଥାରେ କେତେ ଅମୃତ, ହସରେ କେତେ ଉଜ୍ଜ୍ୱଳ ଚନ୍ଦ୍ରକିରଣର ଆଭା । ଅଥଚ ସେ ନିଜେ କେଡ଼େ ନିଃସ୍ୱ, ନିରାଶ୍ରୟ, ଦୁଃଖୀ । ତା'ର କେହି ନାହିଁ । କାହାର ଉପରେ ଅଧିକାର ନାହିଁ । ତା'ର ମନର ମଣିଷ କେହି ନାହିଁ । ତା'ର ଏକମାତ୍ର ସାଥୀ ଅଶ୍ରୁ ! ଅଶ୍ରୁ ! ଏଭଳି ଲୋକ ଆଡ଼କୁ ଟିକିଏ ଚାହିଁଲେ ମୁଁ କ'ଣ ଏମିତି ଗୋଟାଏ ପ୍ରଚଣ୍ଡ ଭୁଲ୍ କଲି ? ମୁଁ କ'ଣ ଗୋଟାଏ ବ୍ରହ୍ମହତ୍ୟା ପାପ କରିବସିଲି ?

ବିନାୟକ ମୋର ସ୍ୱାମୀ, ମୋର ସର୍ବସ୍ୱ, ମୋର ଇହକାଳ ପରକାଳର ଦେବତା । ବିନାୟକ ପ୍ରତି ମୋର କର୍ତ୍ତବ୍ୟ ଅଛି । ବିନାୟକ ପାଖରେ ମୁଁ ସତ୍ୟରେ ଆବଦ୍ଧ ମୋର ଦେହ ମନ ଜୀବନ ଯୌବନ ମୋର ଆତ୍ମା, ମୋର ପ୍ରେମର ପାରାବାର ସବୁ ବିନାୟକ ଚରଣରେ ବନ୍ଧା । କିନ୍ତୁ ତା' ବୋଲି ମୁଁ ପ୍ରଦୀପକୁ ଘୃଣା କରିବି କାହିଁକି ? ପ୍ରଦୀପକୁ ହତ୍ୟା କରିବି କାହିଁକି ? ପ୍ରଦୀପ ଥାଉ ତା' ବାଟରେ, ମୁଁ ମୋ ବାଟରେ ଚାଲିଯିବି । ହୁଏତ ପ୍ରଦୀପକୁ କଷ୍ଟ ହେବ, ପ୍ରଦୀପ ପାଗଳ ହୋଇଯିବ, ଅନ୍ଧ ହୋଇଯିବ । ହୁଏତ ପ୍ରଦୀପ ଆତ୍ମହତ୍ୟା କରିଦେବ...! ଆଃ

...ଫାତିମା ଆସିଲା ନାହିଁ । ହମିଦ୍ ଟିକିଏ ମାତାଲ୍ ହେଲାଣି । ବିଗୁଡ଼ି ହମିଦ୍ ସହିପାରିଲା ନାହିଁ । ଘନେ ଅନ୍ଧାର ରାତିରେ ଘରୁ ବାହାରି ଦଉଡ଼ ଦଉଡ଼ ଯାଇଁ ଡେଇଁ ପଡ଼ିଲା ବମ୍ବେ ମେଲ୍ ଆଗକୁ...!!

ଆଃ, ଆଃ ପ୍ରଦୀପ, ପ୍ରଦୀପ ! ମୁଁ ତମକୁ କେମିତି ବଞ୍ଚେଇବି ? କେମିତି ରକ୍ଷା କରିବି ? ତମେ ମତେ କାହିଁକି ଭଲ ପାଇଲ ? ମୁଁ ତମକୁ କାହିଁକି ଭଲ ପାଇଲି ? ଭଗବାନ କାହିଁକି ମତେ ଆଣି ଏ ସନ୍ଧିକ୍ଷଣରେ ପକେଇଲେ ? ନା, ନା, ମତେ ଜିତିବାକୁ ହେବ, ମତେ କଠୋର ହେବାକୁ ହେବ । ମତେ ଏ ଲୁହର ସମୁଦ୍ର ପାରି ହୋଇ ଆରପାଖରେ ପହଞ୍ଚିବାକୁ ପଡ଼ିବ । ପାନ୍ନା ଧାଇ ନିଜ ହାତରେ ହତ୍ୟା କରିଥିଲେ ନିଜ ପୁଅକୁ ? ରାଜା

କର୍ଣ୍ଣ ଆଉ ତାଙ୍କ ସ୍ତ୍ରୀ ପଦ୍ମା କରତରେ ଠିକ ଠିକ କରି କାଟିଥିଲେ ନିଜ ପୁତ୍ର ବୃଷକେତନଙ୍କୁ ? ମୁଁ ପାରିବି ନାହିଁ ? ମୁଁ ଗୋଟିଏ ହାତରେ ଅମୃତ ଧରି ବିନାୟକଙ୍କୁ ପିଆଇ ଦେବାବେଳେ ଆରହାତରେ ବିଷପାତ୍ର ଧରି ପିଆଇ ଦେଇପାରିବି ନାହିଁ ? ଗ୍ଲୁଷ୍ଟେଷ୍ଟରସ୍‌ର ଆଖି ଖୋଳିଲା ଭଳି, କୁନାଳର ଆଖି ଖୋଳିଲାଭଳି କ'ଣ ମୁଁ ପ୍ରଦୀପର ଆଖି ଦି'ଟା ଖୋଳି ଆଣିପାରିବି ନାହିଁ ନିଜ ହାତରେ ? ମୁଁ ବିନାୟକ ଗଳାରେ ଫୁଲମାଳ ଲମ୍ବାଇ ଦେଲାବେଳେ ପ୍ରଦୀପ ମୁହଁରେ ଏସିଡ୍ ଅଜାଡ଼ି ଦେଇପାରିବି ନାହିଁ ? ହଁ, ହଁ, ମୁଁ ସବୁ ପାରିବି । ନାରୀ ସବୁ କରିପାରେ । ଲେଡ଼ି ମ୍ୟାକ୍‌ବେଥ୍ କହିଥିଲେ—ମୁଁ ଶିଶୁକୁ କ୍ଷୀର ଦେଇଛି । କିନ୍ତୁ ଦରକାର ହେଲେ ମୁଁ ଶିଶୁର ମୁହଁକୁ ସ୍ତନରୁ ଛଡ଼େଇଆଣି ତାକୁ ପଥର ଉପରେ ଛେଚି ଛେଚି ମାରି ଦେଇପାରେ । ଆସ ପ୍ରଦୀପ ! ଆସ ପ୍ରଦୀପ ଭାଇ ! ଆସ ମୋର ପ୍ରେମିକ ! ନାୟକ ! ମୋର ପ୍ରେମର ବଣିକ ! ମୋର ଅନ୍ତରର ଗୋପନତମ ସାଥି ! ଆସ ତମକୁ ଫୁଲ ଚନ୍ଦନ ଦେଇ ଆଜି ମୁଁ ସଜାଇ ଦେବି । ତମକୁ ସୁନ୍ଦର ବେଶ କରିଦେବି । ତମ ବେକରେ ଫୁଲମାଳ ଲମ୍ବାଇ ଦେବି । ତମ ମଥାରେ ସିନ୍ଦୂର ବୋଳି ଦେବି । ତା'ପରେ ? ତା'ପରେ ତମକୁ ପଠାଇଦେବି··· ପଠାଇଦେବି ବମ୍ବେ ମେଲ୍ ଆଗକୁ ! ! ଆଃ, ଆଃ···

ଆଃ, ଆଃ ପ୍ରଦୀପ ଭାଇ ! ପ୍ରଦୀପ ଭାଇ ! ମୋର ପ୍ରେମିକ ! ମୋର ପ୍ରେମର ବଣିକ ! ଆଃ—ଚନ୍ଦ୍ରସ୍ମୀର ଚେତା ବୁଡ଼ି ବୁଡ଼ି ଆସୁଥିଲା ଯେମିତି । କାନ୍ଦକାନ୍ଦ, ଲୁହସିଂଘାଣି ଏକାକାର ହୋଇ ବିଛଣାରୁ ଉଠିଲା । କାନ୍ଥଘଣ୍ଟାକୁ ଚାହିଁଲା । ସାଢ଼େ ତିନିଟା ହେଲାଣି । ଦଣ୍ଡେ ଭାବିଲା । ତା'ପରେ ପାଦ ଚପି ଚପି ଟଳି ଟଳି ଆରଘରକୁ ଚାଲିଗଲା—ନା, ପ୍ରଦୀପଠୁଁ ସେ ଆଜି ବିଦାୟ ନେବ—ବିଦାୟ ନେବ ।

ଆର ଘରେ ବିଛଣା ଉପରେ ଟିକିଏ ପଡ଼ିଯାଇଥିଲା ପ୍ରଦୀପ । ଚିଂତାର ଯମଦୂତ ତାକୁ ବି ଟିକିଟିକି କରି ଖାଇଯାଉଥିଲେ । ହେଲେ ପାହାନ୍ତା ପହରକୁ ଥଣ୍ଡା ପବନ ଲାଗି ତାକୁ ଟିକିଏ ନିଦ ଆସିଯାଇଥିଲା । ଦେହ ହାତ ଅବଶ ଲାଗୁଥିଲା । ନିଦଘୋଡ଼ ନିଦରେ ହଜିଯାଇଥିଲା ତା'

ଚେତା ଚୈତନ୍ୟ । ହଠାତ୍ କାହାର ହାତର ପରଶ ପାଇ ଚମକି ପଡ଼ିଲା । ଉଠି ଦେଖିଲା—ଚିନ୍ମୟୀ !!

ଏତେ ରାତିରେ ଏ ଘରେ ଏଭଳି ଅବସ୍ଥାରେ ଚିନ୍ମୟୀଙ୍କୁ ଦେଖିବ ପ୍ରଦୀପ କେବେ ସ୍ୱପ୍ନରେ ଭାବି ନ ଥିଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲା । ସେ ଅଭିଭୂତ ହୋଇ ଚାହିଁରହିଲା— ଏ ଚିନ୍ମୟୀ ନା ଏକ ପ୍ରସ୍ତରମୂର୍ତ୍ତି । ଚିନ୍ମୟୀ କଥା କହିବା ଅବସ୍ଥାରେ ନ ଥିଲା, ରହିବା ଅବସ୍ଥାରେ ନ ଥିଲା । ଭେ ଭେ କାନ୍ଦି କାନ୍ଦି ଯାଇଁ ଲୋଟିପଡ଼ିଲା ପ୍ରଦୀପର ପାଦ ଉପରେ । ଚିନ୍ମୟୀ କାନ୍ଦିଲା । ପ୍ରଦୀପ କାନ୍ଦିଲା । ସାରା ପୃଥିବୀ କାନ୍ଦିଲା । ଆକାଶରୁ ଥପ୍ ଥପ୍ ପାଣିଝରିଲା । ଅନ୍ଧକାର ଯେମିତି କଇଁ କଇଁ ହୋଇ କାନ୍ଦିଉଠିଲା ବାହାରେ । ଚିନ୍ମୟୀକି ଧୀରେ ଧୀରେ ଉଠେଇ ନେଇ ପ୍ରଦୀପ ବସେଇଲା ଖଟ ଉପରେ । ଚିନ୍ମୟୀର କାନ୍ଦ ବେଶୀ ବେଶୀ କୋହ ଉଠିଲା । ଚିନ୍ମୟୀ ନିଜକୁ ସମ୍ଭାଳି ପାରିଲା ନାହିଁ । ଢଳିପଡ଼ିଲା ପ୍ରଦୀପର ଛାତି ଉପରେ—ମତେ କ୍ଷମା କର, କ୍ଷମାକର ପ୍ରଦୀପ । ମୁଁ ତମର ଅଯୋଗ୍ୟା ! ଅଯୋଗ୍ୟା ।

ରାତିର ଅନ୍ଧକାର ବଢ଼ି ବଢ଼ି ଯାଉଥିଲା । ଆକାଶର ଶେଷ ତାରାଟି ବି ଲିଭିଗଲା । ଚାରିଆଡ଼େ ଖାଲି ଅନ୍ଧାର, ଅନ୍ଧାର, ଅନ୍ଧାର !!

... ...

... ...

ଷୋଳ

କାନ୍ଥ ଘଣ୍ଟାରେ ସାତ ବାଜିଲା । ଉପରୁ ଆସି ଧଡ଼ଧାଡ଼୍ ଓହ୍ଲାଇଲେ ସୁବ୍ରତ ଆଉ ସନ୍ତୋଷ । ତାଙ୍କୁ ଦେଖୁ ଦେଖୁ କାଞ୍ଚନ କାନ୍ଦି-ଉଠିଲେ । ଚିତ୍କାର କରି ଉଠିଲେ—ଚନା ନାହିଁ ! ଚନା କାଲି ରାତିରୁ କୁଆଡ଼େ ଚାଲିଯାଇଛି !

ଚା—ଲି—ଯା—ଇ—ଛି ??—ଥକ୍କା ହୋଇ ଡାକ୍ତର ବସି-ପଡ଼ିଲେ ।

ହଁ, କାଲି ଥିଲା । କାଲି ରାତି ଏଗାରଟାରେ ମୁଁ ତା'ପାଖରୁ ଯାଇଛି । କାନ୍ଦି କାନ୍ଦି ଶୋଇପଡ଼ିଥିଲା । ବତିରେ ମୁଁ ଆଉ ତାଙ୍କୁ ଉଠେଇ

ନାହିଁ । ସକାଳେ ଦେଖେ ବିଛଣା ଖାଲି, ଘର ଖାଲି । ପ୍ରଦୀପବାବୁ ବି କିଛି କହି ପାରୁ ନାହାଁନ୍ତି ।

ପ୍ରଦୀପ ଟିକିଏ ଦୂରରେ ଗୋଟିଏ କାନ୍ଥକୁ ଆଉଜି ଠିଆ ହୋଇଥିଲା । ମଲା ମଣିଷ ମୁହଁ ଭଳି ମୁହଁ ଶେତା । ପିଣ୍ଡରେ ପ୍ରାଣ ଅଛି କି ନାହିଁ ଭଗବାନ ଜାଣନ୍ତି ।

ସନ୍ତୋଷ ଫଟ୍‌କିନା ଉଠିଲେ ଜପ୍‌କୁ । କହିଲେ—ଡୋଣ୍ଟ ୱରି ଡାକ୍ତର, ମୁଁ ସାଙ୍ଗେ ସାଙ୍ଗେ ବାହାରିଲି । ରେଲ ଷ୍ଟେସନ, ବସ୍ ଷ୍ଟାଣ୍ଡ, ଟ୍ୟାକ୍‌ସି ଷ୍ଟାଣ୍ଡ, ଏରୋଡ୍ରମ ସମସ୍ତ ତନ୍ନ ତନ୍ନ କରି ଖୋଜିବି । ସେ କେବେ ଏତେ ଶୀଘ୍ର ବାହାରି ଯାଇପାରି ନ ଥିବ ଲୁଧିଆନା ସହରରୁ ।

ସନ୍ତୋଷ ଚାଲିଗଲେ ।

ଗୋଟିଏ କରୁଣ ପରିବେଶ । ଚାରିଆଡ଼ ନୀରବ, ନିଥର, ଶାନ୍ତ । ଗୋଟିଏ ପତ୍ର ବି ଯେମିତି ହଲୁ ନାହିଁ । ପକ୍ଷୀ ଡାକୁ ନାହିଁ । ଘର ଭିତରେ ଯେମିତି କିଏ ଜଣେ ମରିଯାଇଛି । ଯିଏ ଯୋଉଠି ବସିଛି ସେଇଠି । ହଲ୍ ନାହିଁ, ଚଲ୍ ନାହିଁ । କଥା ନାହିଁ, ବାର୍ତ୍ତା ନାହିଁ । ସମସ୍ତେ ଖାଲି ଜୁକୁଜୁକୁ ଚାହିଁଛନ୍ତି, ବସିଛନ୍ତି ।

ଅନେକକ୍ଷଣ ପରେ । ପୁଷ୍ପାଶ୍ରୀ ଗୋଟିଏ କପ୍ କଫି ଆଣି ଡାକ୍ତରଙ୍କ ଆଗରେ ଥୋଇଲା । ଡାକ୍ତର ଠେଲିଦେଲେ । ମୁହଁରେ କିଛି ନ କହି ନିର୍ଦ୍ଦେଶ ଦେଲେ ନେଇଯିବାକୁ । ବାଧ୍ୟ ଶିଶୁଟି ଭଳି ପୁଷ୍ପାଶ୍ରୀ କପ୍‌ଟି ଧରି ଫେରିଲା ।

ବାରଣ୍ଡାରେ ସୁବ୍ରତ, କାଂଚନ ଓ ପ୍ରଦୀପ ବସିଥିଲେ । ଠିକା ଚାକରାଣୀଟି ବାସନ ମାଜି ସାରି ଆଣି ଘରେ ରଖିଲା । ପଇଁସଟି ଧରି ଗଲା ଓଳେଇବାକୁ । ହଠାତ୍ କ'ଣ ଭାବିଲେ ଡାକ୍ତର, କହିଲେ—କାଂଚନ, ତା' ବିଛଣାପତ୍ର ଦେଖିଛ ? କିଛି ଚିଠି ଛାଡ଼ି ଯାଇ ନାହିଁ ତ ? କାଂଚନ କହିଲେ—ତା' ତକିଆ, ବିଛଣା, ମଶାରି, ତା ଚମଡ଼ା ସୁଟ୍‌କେଶ୍, ବେଡ଼ିଂ ସବୁ ଖୋଲିକି ଖୋଲିକି ତନ୍ନତନ୍ନ କରି ଦେଖିଛି, କିଛି ନାହିଁ । କିଛି ବି ସିଏ ସାଙ୍ଗରେ ନେଇ ନାହିଁ ଖାଲି ହ୍ୟାଣ୍ଡ ବ୍ୟାଗ୍‌ଟି ଛଡ଼ା ।

ଯୋଉ ଶାଢୀ ପିନ୍ଧିଥିଲା ସେଇଆ । ଆଉ ଖଣ୍ଡେ ଅଧିକା ଶାଢ଼ୀ ବି ନେଇ ନାହିଁ । ସେମିତି ନେଳିଟକୋଳୁ ମଇଳା ଶାଢ଼ୀ, ଆଲୁରୁବାଲୁରୁ ବାଳ, ଧାଗଳମା ବେଶ, ଲୁହ ଛଳଛଳ ଆଖି---ସିଏ କୁଆଡ଼େ ଗଲା ? କାହିଁକି ଗଲା ? ସେ କ'ଣ ଆମ ଉପରେ ଅଭିମାନ କରି ଚାଲିଗଲା ? ରେଲଷ୍ଟେସନରେ ସିଏ ଥିବ ତ ?

ସୁବ୍ରତ କହିଲେ---ରେଲଷ୍ଟେସନରେ ଥିବ କି ରେଲଲାଇନ୍‌ରେ ଥିବ ମୁଁ କେମିତି କହିବି ? ତମେ ମୋ ଭଉଣୀର ହସ ସହିପାରିଲ ନାହିଁ । ତମେ ମୋ ଭଉଣୀକି ମାରିଦେଲ କାଂଚନ ମାରିଦେଲ ।

ସୁବ୍ରତଙ୍କ କଣ୍ଠ ରୁଦ୍ଧ ହୋଇଆସିଲା । କାଂଚନଙ୍କ ଆଖି ଛଳଛଳ । ପ୍ରଦୀପ ଆରପାଖକୁ ମୁହଁ ବୁଲାଇ ନେଲା । ପ୍ରଦୀପର ଅନ୍ତଃସ୍ଥଳ କେମିତି ଫାଟି ଯାଉଥିଲା, ତା' ସେ କେମିତି ବୁଝେଇବ ? କାହାକୁ ବୁଝେଇବ ?

ସୁବ୍ରତ ପୁଣି କହିଲେ—ତମେ କ'ଣ ସନ୍ଦେହ କଲ ମୋ ଭଉଣୀକୁ ? ତମେ କ'ଣ ପ୍ରଦୀପ କଥା ନେଇ ତାକୁ କିଛି କହିଲ ? ତମେ ଜାଣନା ସେ ଖାଣ୍ଟି ସୁନା । ସେ ଯାହା କରେ ବହୁତ ଭାବିଚିନ୍ତି କରେ । ତା' ବିଚାରରେ କେବେ ଭୁଲ୍ ହୁଏ ନାହିଁ । ମୁଁ ତାକୁ ପଚାରି ଯୁଦ୍ଧକ୍ଷେତ୍ରକୁ ଯାଏ । ଆଜି ତମେ ତାକୁ କିଛି ନ ପଚାରି କଳଙ୍କିନୀ କରିଦେଲ ! !

କାଂଚନ କହିଲେ—ମୁଁ ତାକୁ କିଛି କହିନାହିଁ । ମୁଁ ବି ଜାଣେ ମଧୁମାଳତୀରେ ଖାଲି ମହକ, ସେଥିରେ ଦୁର୍ଗନ୍ଧ କେବେ ଥାଇ ନ ପାରେ । ମୁଁ ଖାଲି ଏତିକ କହିଲି ତମ ଇଚ୍ଛା ହିଁ ପୂର୍ଣ୍ଣ ହେବ । ଭାଇ କେବେ ଅରାଜି ହେବେ ନାହିଁ ।

ଭୁଲ୍ କଲ, ସେଇଠି ଭୁଲ୍ କଲ କାଂଚନ । ସେ ଜଣେ ଏମ୍.ଏ. ଅଧ୍ୟାପିକା, ତା'ର ପରସନାଲିଟି ଅଛି । ତା' କାମ ଉପରେ ମନ୍ତବ୍ୟ ଦେବା—ପୁଣି ପ୍ରଦୀପର ସମ୍ମୁଖରେ—ତମର ମୋଟେ ଉଚିତ ହୋଇନି । ତା'ଛଡ଼ା କ'ଣ ତା'ର ଇଚ୍ଛା ତମେ କେମିତି ଜାଣିଲ ? ହୁଏତ ସେ ଗୋଟାଏ ଦ୍ୱନ୍ଦରେ ପଡ଼ିଛି । ପୂର୍ବକୁ ଯିବ କି ପଶ୍ଚିମକୁ ଯିବ ସ୍ଥିରକର

ପାରୁ ନାହିଁ । ହଠାତ୍ ତମର ମନ୍ତବ୍ୟ, କିଏ ଜାଣେ, ହୁଏତ କଥା ଘା'ରେ ଚୂନ ବୋଳିଲା ଭଳି ହେଲା ।

ତଥାପି ମୁଁ ତ କହିଲି—ଭାଇଙ୍କ ଓ୍ୟାପ୍ସାରଲେଶ୍ କରାଛୁ......

ତା' କି କହିଲ ? ତମଠୁଁ ମୂର୍ଖ, ଅସଭ୍ୟ, ଅପୋଗଣ୍ଡ ଦୁନିଆରେ କେହି ନାହିଁ । ତମ ମୁଣ୍ଡରେ ଏତିକି ଅକଲ ହେଲା ନାହିଁ ଯେ ଏପରି ଅବସ୍ଥାରେ ମେ ଆଗକୁ ଆସିଲେ ତା' ମୁଣ୍ଡ ଲଜ୍ଜାରେ ଲୁଚିପଡ଼ିବ ? ତମେ ଜାଣି ଧକ୍କା ମାରି ତାଙ୍କୁ ତଡ଼ିଦେଲ ଘରୁ । ତମର ଇଚ୍ଛା ସେ ଯାଉ, ମରୁ, ତା' ନାଁ ଲୋପ ହୋଇଯାଉ ଏ ସଂସାରରୁ । ଉ୍ହ, ଉ୍ହ ।

—କାଞ୍ଚନ ନିବୋଧ ଭଳି ଚାହିଁଲେ । ସୁବ୍ରତ ଘରଭିତରକୁ ଯାଇଁ ଗୋଟିଏ ଖଟ ଉପରେ ଲମ୍ବ ହୋଇ ପଡ଼ିଗଲେ । ଘନଘନ ଦୀର୍ଘଶ୍ୱାସ ବହିଲା ।

ଜିପ୍ ଆସି ଅଟକିଲା । ସୁବ୍ରତ ଦଉଡ଼ି ଆସିଲେ ବାହାରକୁ—ସନ୍ତୋଷ ! ସନ୍ତୋଷ ! କିଛି ଖବର ପାଇଲୁ ?

ସନ୍ତୋଷ ନୀରବ । ସନ୍ତୋଷ ପଥର ପ୍ରତିମା ।

କିଛି କିଛି ସନ୍ଧାନ ପାଇଲୁ ନାହିଁ ? ଷ୍ଟେସନ ଯାଇଛୁ ?

ହଁ ।

ବସ୍ ଷ୍ଟାଣ୍ଡ୍ ?

ହଁ ।

ଟ୍ୟାକ୍ସି ଷ୍ଟାଣ୍ଡ୍ ?

ଯାଇଛି ।

ଏରୋଡ୍ରମ ?

ସବୁଆଡ଼େ ଯାଇଛି, ସବୁ ଦେଖିଛି, ଥାନାରେ ଡାଇରୀ ଦେଇଛି, ଓ୍ୟାର୍‌ଲେଶ୍ କରିଛି, ଅଲ୍ ଇଣ୍ଡିଆ ରେଡିଓରେ ଖବର ଦେଇଛି । କୋଉଠି କୋଉଠି କିଛି ସନ୍ଧାନ ନାହିଁ ।

ଆଚ୍ଛା ତୁ ଖାଲି ରେଲ୍‌ଷ୍ଟେସନ ଯାଇଛୁ, ରେଲ୍‌ଲାଇନ୍ କଡ଼େ-

କେଉଁଠି ଦେଖିନାହଁ ? କୋଉଠି ଗୋଟାଏ ଗଣ୍ଡି ମୁଣ୍ଡ ଅଲଗା ଅଲଗା ହୋଇ ରକ୍ତ ଛିନ୍ନ ଛତର ହୋଇ ପଡ଼ିଥିବାର ଦେଖିନାହଁ ?? ଆଃ— ସୁବ୍ରତ ସନ୍ତୋଷଙ୍କୁ କୁଣ୍ଢେଇ ଧରି ପିଲାଙ୍କ ଭଳି କହିଁ କହିଁ ହୋଇ କାନ୍ଦି-ଉଠିଲେ—ନା, ମୋର ଭଉଣୀ ଆଉ ନାହିଁ । ମୋ ଭଉଣୀକୁ କାଂଚନ ମାରିଦେଇଛି ସନ୍ତୋଷ । ଓ୍ ହ !!

ଘର ବ୍ୟସ ସମସ୍ତେ କାନ୍ଦିଲେ । ଚାକରାଣୀ, ଚାକର, ଠିକା ଚାକରାଣୀ, ଡ୍ରାଇଭର କେହି ବାଦ ଗଲେ ନି । ସମସ୍ତଙ୍କ ଆଖିରୁ ଧାର ଧାର ଲୁହ ବହିଗଲା । ସୁବ୍ରତ ଘର ଭିତରକୁ ଯାଇଁ ଚିନ୍ମୟୀର ଶାଢ଼ୀଗୁଡ଼ିକୁ ଧରି ରଡ଼ି ଛାଡ଼ିଲେ—ଚିନୁ ! ଚିନୁ ! ମୋ ଚିନୁ ! ମୋ ଭଉଣି ! ସମସ୍ତେ ବେଶୀ ବେଶୀ କାନ୍ଦିଲେ । ପ୍ରତାପ ଆଖିରୁ ରକ୍ତ ଝରୁଥିଲା । ପ୍ରତାପର ଛାତି ଫାଟି ସହସ୍ର ଖଣ୍ଡ ହୋଇଯାଉଥିଲା । ସେ ବୁଝୁଥିଲା ଏଥିପାଇଁ କିଏ ଦାୟୀ, କିଏ ଦୋଷୀ, କିଏ ନିଜ ହାତରେ ହତ୍ୟା କରିଛି ଚିନୁକୁ ।

ଦୁଃଖର ଶିହ ମହଲନ୍ତି ପଡ଼ିଲା ନାହିଁ । ସନ୍ତୋଷ କାହାକୁ ବୁଝେଇବ, କ'ଣ କହିବ, କିଛି ଭାବିପାରିଲା ନାହିଁ । ହଠାତ୍ ଏମିତି ଗୋଟାଏ ଘଟିଯିବ ଏ କଳ୍ପନାର ବାହାରେ । କ'ଣ ବା କାରଣ ହୋଇପାରେ ? ଚିନ୍ମୟୀ ଏତେ 'ବୁଦ୍ଧିମତୀ, ଏତେ ବିବେକୀ, ଏତେ ପ୍ରାକ୍ଟିକାଲ୍ । ସେ ଟଙ୍କଟଙ୍କ ବୟସ ବି ନାହିଁ । ଭୁଲ୍ କରିବା ସ୍ୱଭାବ ବି ନୁହେଁ ତା'ର । ଆଉ ଭୁଲ୍ କଲେ ବି ତା ସାଙ୍ଗକୁ ପୁଣି ଏତେ ବଡ଼ ଭୁଲ୍ କରି ଆତ୍ମହତ୍ୟା କରି ବସିବ, ଏ ବିଶ୍ୱାସ ସନ୍ତୋଷଙ୍କର ମୋଟେ ହେଲା ନି । ତା'ର ରକ୍ତ ବସିଛି, ତା'ର ବୋଧାଶକ୍ତି ଯଥେଷ୍ଟ ବେଶୀ । ସେ କେବେ ଏତେ ଫିକ୍ଲ୍ ମାଇଣ୍ଡେଡ୍ ହେବନି । ତେବେ କ'ଣ ହେଲା ? କୁଆଡ଼େ ଗଲା ?. କେତେ ଘଣ୍ଟା ଭିତରେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା ସେ ? ପ୍ରତାପକୁ କ'ଣ ପଚାରନ୍ତା, କିନ୍ତୁ ତା'କୁ ପଚାରିବା ବୋଧେ ଉଚିତ ହେବନି, ତାକୁଇ କେନ୍ଦ୍ର କରି ବୋଧେ ଏ ଟ୍ରାଜେଡ଼ି !

ଟେଲିଗ୍ରାମ୍ !!—ଫାଟକ ପାଖରେ ଡାକପିଅନ ଡାକିଲା । ଗୋଟାଏ କୁଦାକେ ସେଠିକି ଡେଇଁପଡିଲେ ସନ୍ତୋଷ । ଫଟ୍‌କିନା ଲଫାପା ଚିରି ପଢ଼ିଲେ ! ଚିତ୍କାର ଛାଡ଼ିଲେ --ହଁ, ଚିନୁ ଦେଇଛି ।

Going home, Don't worry, Console Brother.

ସ—ନ୍ତୋ—ଷ !!—ସୁବ୍ରତ ଆସି କୁଣ୍ଢେଇ ଧରିଲେ ସନ୍ତୋଷଙ୍କୁ । ପୁଣି ସମସ୍ତଙ୍କ ଆଗରେ ଲୁହ । କିନ୍ତୁ ଏ ଲୁହ ସେ ଲୁହ ଭିତରେ ଢେର ତଫାତ୍ । ଏ ଲୁହ ବହିଥିଲା ଥରେ ଜାନକୀଙ୍କ ନୟନରୁ ଯେତେବେଳେ ସେ ଶୁଣିଥିଲେ ଲବ କୁଶଙ୍କୁ ନେଇ ରାମଚନ୍ଦ୍ର କୋଳରେ ବସେଇଲେ, ରାମାୟଣ ଶୁଣିଲେ । ଏ ଲୁହ ବହିଥିଲା ଥରେ ଶକୁନ୍ତଳାଙ୍କ ନୟନରୁ ଯେତେବେଳେ ସେ ଦେଖିଥିଲେ ଭରତଙ୍କୁ କୋଳ କରି ଆସି ଆଶ୍ରମ ଦୁଆରେ ଠିଆ ହୋଇଛନ୍ତି ରାଜା ଦୁଷ୍ମନ୍ତ ବା ଏ ଅଶ୍ରୁ ଦେଖା ଦେଇଥିଲା ଥରେ ଚିତ୍ରାଙ୍ଗଦାଙ୍କ ନୟନରେ ଯେତେବେଳେ ସେ ବଭ୍ରୁବାହ ମୁହଁରୁ ଶୁଣିଥିଲେ ଯେ ଅଶ୍ୱକୁ ଖୋଜି ଖୋଜି ଆସି ତା' ନଗର ଦୁଆରେ ପହଞ୍ଚିଛନ୍ତି ତୃତୀୟ ପାଣ୍ଡବ ଫାଲ୍‌ଗୁନ । ସୁବ୍ରତ ଚିତ୍କାର ଛାଡ଼ିଲେ—ଭଗବାନ୍ ! ଭଗବାନ୍ ! ପ୍ରଭୁ ଜଗନ୍ନାଥ ! ପ୍ରଭୁ ଅଖଣ୍ଡଳମଣି ! ମା' ଚଣ୍ଡି ! ମା' କାଳି ! ପ୍ରଭୁ ବଳଦେବଜୀ ! ତମେ ଅଛ ? ତମେ ଅଛ ପ୍ରଭୁ ? ଉଃ ।

ପିଣ୍ଡରେ ଯେମିତି ପ୍ରାଣ ପଶିଲା । ମଲା ଦେହରେ ଯେମିତି ଜୀବନ୍ୟାସ ଦେଲା କେଉଁ କାଉଁରୀ ଦେଶର ଯାଦୁକର । ସୁବ୍ରତ କହିଲେ—ସନ୍ତୋଷ, ଜଲଦି ଗୋଟାଏ ଓ୍ୱାପ୍ଲିକେଶନ୍ ପଠା ହେଡ଼କ୍ୱାର୍ଟର୍ସକୁ । ଚିଫ୍ ମେଡ଼ିକାଲ୍ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ମିତ୍ରଙ୍କୁ କହି ମତେ ଗୋଟାଏ ମାସ ଛୁଟି ଦେବାକୁ ଆଜି ଠାରୁ । ଆଜି ବାରଟା ଗାଡ଼ିରେ ସମ୍ଭବ ହେଲେ ଆମେ ଚାଲିଯିବା । ଦିଲ୍ଲୀରୁ ଉତ୍କଳ ଏକ୍‌ସ୍‌ପ୍ରେସ୍ ଧରିବା । ...ପ୍ରଭୁ ଆଖଣ୍ଡଳମଣି । ତମେ ମୋ ଡାକ ଶୁଣିଛ । ଦୁଃଖୀର ଡାକ ଈଶ୍ୱରଙ୍କ ବିନା କିଏ ଶୁଣେ ?

ସନ୍ତୋଷ ଚାଲିଯାଉଥିଲେ । କାଂଚନ କହିଲେ—ରହ, କଫି ଖାଇଯିବ ।

ସତର

ଶଂତା—

ଋଷିକୁଲ୍ୟା ନଦୀ କୂଳରେ ବସି ବସି ପ୍ରଦୀପ ଖାଲି ଭାବୁଥିଲା—ଭାବୁଥିଲା । ଏ କ'ଣ ହେଲା ? କାହିଁକି ହେଲା ? କେମିତି ହେଲା ? ଏମିତି କ'ଣ ହୋଇପାରେ ? ଏ କଥା କେହି ବିଶ୍ୱାସ କରିବେ ନାହିଁ । ଆର୍ମଷ୍ଟ୍ରଙ୍ଗ୍ କ'ଣ କେବେ ବିଶ୍ୱାସ କରିଥିଲେ ଦିନେ ସେ ଯାଇଁ ଚନ୍ଦ୍ରରେ ପହଞ୍ଚିବେ ?

ହାଇଦ୍ରାବାଦର ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଲିଶ୍ । ସେଇଠି ଛ' ସପ୍ତାହ ପାଇଁ ଏକ ଗ୍ରୀଷ୍ମ ଶିକ୍ଷା ଶିବିର । ସେଥିରେ ଆନ୍ଧ୍ର, ଓଡ଼ିଶା, ମହାରାଷ୍ଟ୍ର, ମହୀଶୂର ଆଉ ତାମିଲନାଡ଼ୁରୁ ପ୍ରାୟ ଦୁଇ ଶହ ପଚିଶ ଭଳି ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଏକ ଅଖ୍ୟାତ କଲେଜର ଜଣେ ଅନାମଧେୟ ଲେକ୍‌ଚରର୍ ପ୍ରଦୀପ । ସେ ଯେ କେମିତି ସେଇ ଉଜ୍ଜ୍ୱଳ, ଧୀମନ୍ତ ଲେକ୍‌ଚରର୍, ରିଡ଼ର୍‌ମାନଙ୍କ ମଧ୍ୟରେ ସ୍ଥାନ ପାଇ ଯାଇଥିଲା, ତା' ଏବେ ବି ତା' ପାଖରେ ଏକ ରହସ୍ୟ । ପୁଣି ବହୁ ତରୁଣୀ ଥାଉଁ ଥାଉଁ ସେ ଯେ କାହିଁକି ଏଇ ତରୁଣୀଟି ପ୍ରତି ଆକୃଷ୍ଟ ହେଲା ଏବଂ ଏଇ ତରୁଣୀଟିର ଅନ୍ତରରେ କାହିଁକି ତା' ପାଇଁ ଗୋଟିଏ କୋମଳ ସ୍ଥାନ ରହିଗଲା, କମ୍ପନ ଖେଳିଗଲା, ତା'ର କାରଣ ସେ ବହୁତ ଖୋଜିଛି, କିନ୍ତୁ ଆଦୌ ଅନ୍ତ ପାଇନାହିଁ ।

ସେ ତା'କୁ ଭଲ ପାଇଛି ଅନ୍ଧ ହୋଇ, ଉଦ୍‌ଭ୍ରାନ୍ତ ହୋଇ । ସେ ତା' ପାଇଁ ସ୍ୱପ୍ନ ଦେଖିଛି । କୋଣାର୍କ ଗଢ଼ିଛି, ମିନାର ତୋଳିଛି, ଗୀତଗୋବିନ୍ଦ ଲେଖିଛି । ସେ ତା' ପାଇଁ କେତେ ନିଶି ଉଜାଗର ରହି ଜାଗର ଜାଳିଛି । କେତେ ଲକ୍ଷ ଚଂପା ଚଢ଼ାଇଛି ଆଶୁତୋଷଙ୍କ ଶିରରେ । ବାଣପୁରର ଭଗବତୀ, ବାଙ୍କିର ଚର୍ଚ୍ଚିକା, ସମ୍ବଲପୁରର ସମଲେଇ, ଓଡ଼ଗାଁର ରଘୁନାଥ, ବୋଢ଼ାସମ୍ବରର ନୃସିଂହନାଥ, ରେମୁଣାର କ୍ଷୀରଚୋରା ଗୋପୀନାଥ—କେତେ ଠାକୁର ଠାକୁରାଣୀ, କେଉଁ ଦେବୀଙ୍କ ପାଖରେ ସେ ମାନସିକ କରିଛି, ଘିଅ ଦୀପ ଜାଳିଛି, ତା'ର କ'ଣ ଶେଷ ଅଛି ? ସୀମା ଅଛି ? ଇୟତ୍ତା ଅଛି ? ପୁଣି ବସନ୍ତ ଆସିଲେ ତା' କଥା ମନେପଡ଼ୁଛି; କୋକିଳ ଗାଇଲେ ତା' କଥା ମନେପଡ଼ୁଛି; ମେଘମେଦୁର ଆକାଶତଳେ ବଜ୍ର, ବିଦ୍ୟୁତ୍,

ବର୍ଷା, ଝଡ଼ ଘୁଡ଼ୁଘୁଡ଼ୁ ଗର୍ଜ୍ଜନ କାଲ ତା' କଥା ଗୁମୁରି ଗୁମୁରି ଉଠିଛି ମନରେ । ଶରତର ଗଙ୍ଗଶିଉଳି ଫୁଟିଲେ ତା' ମୁହଁଟି ଦିଶିଯାଉଛି; ମାର୍ଗଶୀରର କାକରଝର ସାହାନ୍ତ ପହରରେ ତା' ଅଶ୍ରୁସିକ୍ତ ସ୍ମୃତି ଆସି ଲେଟିଯାଉଛି ମୋ' କୋଳରେ । ଫଗୁଣର ପ୍ରଥମ ପ୍ରଭାତରେ ତା'କୁ ଚିଠି ଲେଖିଛି —

'ଆଜି ଏ ପ୍ରଭାତରେ କନ୍ଧମ ଅବସରେ
ପଡ଼ୁଛ ମନେ,
ସକଳ ଅବସରେ ପରାଣ ପ୍ରିୟ ତମେ
ପଡ଼ ଗୋ ମନେ ।'

କେତେ ସ୍ମୃତି, କେତେ କଥା, କେତେ ତପସ୍ୟା, କେତେ ଉନିଦ୍ର ରଜନୀ—ପ୍ରଦୀପ ଖାଲି ଜଳୁଛି, ଜଳୁଛି । ଯେତେଥର ସେ ପତ୍ରକୁ ଫେରି ଚାହୁଁଛି, ସେତେସେତେ ତାକୁ ସ୍ୱପ୍ନ ଭଳି ଲାଗୁଛି, ମାୟା ଭଳି ଲାଗୁଛି । ସେ ଚନ୍ଦ୍ରଭାନୁ ନୁହେଁ, ସେ ଲଙ୍କା ଦ୍ୱୀପର ସୌଦାଗର ନୁହେଁ, ସେ ଅବନ୍ତୀର ରାଜକୁମାର ନୁହେଁ, ସେ ସୌରାଷ୍ଟ୍ରର ବଣିକ ନୁହେଁ; କି ସେ ଇଂରେଜୀ କବି ବାଇରନ୍ ନୁହେଁ । ତା'ର ମନପବନ ଘୋଡ଼ା ନାହିଁ କି ତା' ପାଖରେ ମାଲ୍ୟାଣୀ ବୁଢ଼ୀ ନାହିଁ କି ସେ ଜାଉଁଶ କାମଚଣ୍ଡୀ ମନ୍ତ୍ର ଜାଣି ନାହିଁ । ତା' ପାଖରେ ସାତ ଅକ୍ଷୌହିଣୀ ସୈନ୍ୟ ନାହାନ୍ତି କିମ୍ବା ସେ ଦାସୀ, ମୃଦୁସ୍ମୃତି, ସହଚରୀମାନଙ୍କୁ ହାତ କରିବା ପାଇଁ ଗୋଟିଏ ଗୋଟିଏ ସ୍ୱର୍ଣ୍ଣପଦକ, ମୁକ୍ତାହାର ଉପହାର ଦେଇପାରିବ ନାହିଁ; ତେବେ କାହିଁକି, କେମିତି, କୋଉ ପରିସ୍ଥିତିରେ, କୋଉ ଦେବତାର ଆଶୀର୍ବାଦରେ ସେ ଏତେବଡ଼ ଇନ୍ଦ୍ରର ସଂପତ୍ତିର ଅଧିକାରୀ ହୋଇପାରିଲା, ସେ ବୁଝିପାରେ ନାହିଁ, ପାରେ ନାହିଁ ।

ସେ କେତେ ଭୁଲ୍ ବୁଝିଥିଲା । ଚିନ୍ମୟୀ ଚିଠି ଲେଖେ ନାହିଁ । ପନ୍ଦର ଖଣ୍ଡ ଚିଠି ଲେଖିଲେ ଖଣ୍ଡିକର ଉତ୍ତର ଦିଏ ନାହିଁ । ଚିନ୍ମୟୀ କଥା କହେ ନାହିଁ । ଭାରି ଗର୍ବୀ । ଫାଷ୍ଟକ୍ଲାସ୍ ପାଇଛି ବୋଲି ଅହଙ୍କାରରେ ଫାଟିପଡ଼େ । ଧରାକୁ ସରା ଜ୍ଞାନ କରେ । ଅନ୍ୟମାନଙ୍କୁ ବଳେଇ କୁକୁରଠାରୁ ହୀନ ମଣେ । ଚିନ୍ମୟୀର ଭାଷା ଭାରି ରୁକ୍ଷ, କର୍କଶ ।

ଯୁକ୍ତି କଲାବେଳେ ସେ ଖାଲି ଟାଆଁଇ ଟାଆଁଇ କଥା କହି ଅନ୍ୟକୁ ଦବେଇ ଦିଏ । ସ୍ନେହ, ପ୍ରୀତି, କୋମଳତା, କରୁଣା—ଯାହା ନାରୀକୁ ସୁନ୍ଦର କରେ ସୁଶୋଭନ କରେ,—ତା'ର ଶତାଂଶରୁ ଏକାଂଶ ତନ୍ମୟୀ ଭିତରେ ନାହିଁ, ଅନ୍ତତଃ ନ ଥାଏ ଯେତେବେଳେ ସେ ବକ୍ତୃତା ରଂଗମଂଚରେ, ଆଲୋଚନା ଚକ୍ରରେ ବା ସେମିନାର୍‌ରେ ଯୋଗ ଦେଇ ଠୋକ୍‌ଠୋକ୍ କଥା କହି ଅନ୍ୟମାନଙ୍କୁ ପରାସ୍ତ କରୁଥାଏ, ଅପଦସ୍ତ କରୁଥାଏ ।

ଅଥଚ ସେଇ ତନ୍ମୟୀ ଯେତେବେଳେ ଆସି ଗଞ୍ଜାମରେ ତା' ନିର୍ଜନ କୁଟୀରରେ ଦେଖାଦେଲା, ସେ ମାନମୟୀ ଅଭିସାରିକା ! ହସରେ, ରସରେ, ବାସରେ, ବେଶରେ, ଭୂଷଣରେ ସେ ଅଦ୍ୱିତୀୟା, ଅସାମାନ୍ୟା । ସେ ପବନ ଭଳି ଗତିମାନ୍, ହରିଣ ଭଳି ଚଙ୍ଗ୍‌ଚଙ୍ଗ୍, ଫୁଲ ଭଳି ହସହସ, ଝରଣା ଭଳି ଛଳଛଳ, ଚପଳା ଭଳି ଦୀପ୍ତିମନ୍ତ । ମଳୟ ଯେମିତି ତା' ଅଂଚଳ ତଳେ ଲୁଚି ଲୁଚି ହାଇ ମାରୁଛି । ତା' କଥାରୁ, ତା' ହସରୁ ଯେମିତି ଝରିପଡ଼ୁଛି ଅମୃତ । ତା' କଟାକ୍ଷ ଭିତରେ କନ୍ଦର୍ପ ଯେମିତି ଲୁଚି ଲୁଚି ରହି ପଂଚବାଣ ବିନ୍ଧୁଛି ବାରମ୍ବାର ।

ପୁଣି ତା' ଚିଠି—ଜୀବନରେ ସେ ଚିଠି ଲେଖିଛି ମାତ୍ର ଖଣ୍ଡିଏ । ସେ ପୁଣି ଗୋଟିଏ ପୃଷ୍ଠା ବି ନୁହେଁ—ଅଥଚ କ'ଣ ସେ ଚିଠି ? ଓମରଖାୟାମ୍‌ଙ୍କ ସାକୀ ଯୋଉ ସୁରପାତ୍ର ସଜାଇ ଦେଇଥିଲା କବିଙ୍କ ହାତରେ, ତା' କ'ଣ ଏତିକି ଉଚ୍ଛୁଳୁ ମୁଚ୍ଛୁଳୁ ହେଉଥିବ, ଜୀବନ ଯେତିକି ଉଚ୍ଛୁଳୁମୁଚ୍ଛୁଳୁ ହେଉଛି ତନ୍ମୟୀର ଚିଠିରେ ? ଆମେରିକା କବି ଓ୍ୱାଲ୍ଟର ହ୍ୱିଟ୍‌ମ୍ୟାନ୍ ଲେଖିଥିଲେ ପତ୍ର—ତମେ ମୋ ଲେଖା ପଢ଼ୁଛ ମାନେ ଗୋଟିଏ ରକ୍ତମାଂସର ଜୀବନ୍ତ ଦେହକୁ ସ୍ପର୍ଶ କରୁଛ । ତନ୍ମୟୀର ଚିଠି ଭିତରେ ଶୁଖିଲା କାଗଜ ଥିଲା କି ଗୋଟାଏ ଜୀବନ୍ତ ମଣିଷର ଉଷୁ ରକ୍ତର ପ୍ରବାହ ଥିଲା, ତା' ରସିକ, ପ୍ରେମିକ, ଭାବୁକ ଲୋକ ସିନା ବୁଝିବ, ସାଧାରଣ ଲୋକ କ'ଣ ବୁଝିବ ?

ଆଉ ଲୁଧିଆନାର ସେଇ ରହସ୍ୟଘେରା, ଶତ ସ୍ମୃତିଜଡ଼ିତ ରାତି । ଚେନାବ୍ ନଦୀ କୂଳ । ସେଇ ଅଭିମାନବୋଳା କଥାଗୁଡ଼ିକ—

...'ମୋର କୋଉ କଥା ତମେ ରଖିଛ ଯେ ? ମୁଁ କହିଥିଲି ନା ପରୀକ୍ଷା ଦେବାକୁ......'

...'ମୁଁ ଦେହ ଛୁଆଁଇ ଶପଥ କରାଇ ଥିଲି ନା—ମୋ କଥା ଭାବିବ ନାହିଁ, ମୋ ଫଟୋ ଦେଖିବ ନାହିଁ, ମତେ ଚିଠି ଲେଖିବ ନାହିଁ..'

...'ତମେ ଭୁଲିଯିବ ? ମତେ ଛାଡ଼ି ଭୁଲିଯିବ ? ତମେ ମତେ ଛାଡ଼ି ରହିପାରିବ ? କାହିଁକି ତମେ ମତେ ଏତେ ଭଲ ପାଅ ? ମୁଁ କ'ଣ ତମର ଯୋଗ୍ୟ ?'

ଆଃ—ଦୀର୍ଘଶ୍ୱାସ...ଦୀର୍ଘଶ୍ୱାସ ଉଠେ ପ୍ରଦୀପର ଛାତି ଭିତରୁ—ଏତେ ମମତା, ଏତେ ଅଶ୍ରୁ ଥାଇପାରେ ଚନ୍ଦ୍ରଶ୍ରୀର ଅନ୍ତରରେ ?

ରାତି ସାଢ଼େ ତିନ୍ । ଘୋର ଅନ୍ଧକାର । ଚଉଦିଗ ନୀରବ, ନିସ୍ତବ୍ଧ । ପ୍ରଦୀପକୁ ନିଦ ହୋଇ ଯାଇଛି । ପ୍ରଦୀପ ଯେମିତି ଗୋଟିଏ ସ୍ୱପ୍ନ ଦେଖୁଛି । ସରୁ ଚିକ୍ ଚିକ୍ ରେଶମି ଜାଲଟିଏ ବିଛେଇ ହୋଇଯାଇଛି ଆକାଶରୁ ପୃଥିବୀ ଯାଏ । ଆଉ ସେଇ ଜାଲରେ ଫିକ୍ ଫିକ୍ ଡେଇଁ ଡେଇଁ ନାଚି ନାଚି ସରଗରୁ ଓହ୍ଲେଇ ଆସିଛି ପରୀଟିଏ । ଆସି ତା' ଘରେ ଆଲୁଅ ପୂର୍ତ୍ତି କରି ଦେଇଛି । ନାଲି, ନେଳି, ହଳଦିଆ, ବାଇଗଣି ନାନା ରଙ୍ଗର, ନାନା ବର୍ଣ୍ଣର ଛୋଟ ଛୋଟ, ବଡ଼ ବଡ଼ ବଲ୍ ଜଳି ଉଠିଛି । ଘର ଆଲୋକମୟ ହୋଇ ଉଠିଛି । ପୁଣି ହଠାତ୍ ସବୁ ଦପ୍ କିନା ଲିଭିଯାଇଛି । ଖାଲି ଜଳୁଛି ଗୋଟିଏ ଛୋଟ ନୀଳ ଆଲୋକ । ସବୁ ଦିଶୁଛି ଝାପ୍ସାଝାପ୍ସା, ଅସ୍ପଷ୍ଟ । ଘର ହୋଇଛି ଗୋଟିଏ ସ୍ୱପ୍ନପୁରୀ । ଆଉ ସେଇ ସ୍ୱପ୍ନପୁରୀରେ ପାଦ ଚପି ଚପି ଆସିଛି ସ୍ୱପ୍ନା.. ମାୟା...ରାଧା...ଚନ୍ଦ୍ରଶ୍ରୀ !

ଆସି ଲୋଟି ଯାଇଛି ତା କୋଳରେ । ତା' ଦେହ, ହାତ, ମୁହଁ, ଛାତି ସବୁ ତା'ରି ଉପରେ ରଖି ତାକୁ ନିବିଡ଼ ଭାବେ ଜଡ଼ାଇ ଧରିଛି । ପ୍ରଦୀପ ଆଶ୍ଚର୍ଯ୍ୟ ହୋଇଛି । ପ୍ରଦୀପ ନିଜକୁ ବିଶ୍ୱାସ କରି ନାହିଁ । ଉଠି ଆଲୁଅ ଦେବାକୁ ବସିଛି, କିନ୍ତୁ ଉଠି ପାରି ନାହିଁ । କଥା କହିବାକୁ ବସିଛି, କିନ୍ତୁ ପାଟିରେ ହାତ ଦେଇ ବନ୍ଦ କରିଛି ସେଇ ଗୁପ୍ତା ମୂର୍ତ୍ତି । ଖାଲି

ଅଝରଝର। ଲୁହ । ସେ କାନ୍ଦିକାନ୍ଦି ଘନଘନ ମଥା ପିଟିଛି ପ୍ରଦୀପର ଛାତିରେ । ପ୍ରଦୀପ ବିଶ୍ୱାସ କରି ପାରି ନାହିଁ ଏ ସ୍ୱପ୍ନ ନା ସତ୍ୟ । ପ୍ରଦୀପ ତାକୁ ଆତୁର ନିବିଡ଼ଭାବେ ଅଶ୍ଳେଷି ଧରିଛି, ଘନଘନ ଚୁମ୍ବନ କରିଛି ତା' କୋମଳ ଗଣ୍ଡ ଉପରେ ।

ମୁହଁରେ ମୁହଁ ରଖି, ଓଠରେ ଓଠ ରଖି ସେ କହୁଛି—ମୁଁ ତମକୁ ଛାଡ଼ି ରହିପାରିବ ନାହିଁ । ତମେ ମତେ କାହିଁକି ଭଲ ପାଇଲ ? ତମେ ମତେ ପାଗଳ କରିଦେଲ । ହେଇ ଦେଖ ମୋ ଦେହ କେମିତି ଥରଥର ହେଉଛି । ମୋ ଛାତି କେମିତି ଉଠୁଛି ପଡ଼ୁଛି । ମୋ ସର୍ବାଙ୍ଗ ଶରୀର କେମିତି ଉଚ୍ଛନ୍ନ ହୋଇ ଉଠୁଛି, ଉଦ୍‌ଭ୍ରାନ୍ତ ହୋଇ ଉଠୁଛି । ମତେ ନିଅ । ମତେ ନେଇଯାଅ । ମୋ ରକ୍ତରେ ଆଜି ନିଆଁ ଲାଗିଛି । ମୁଁ ତମ ବିନା ରହିପାରିବି ନାହିଁ—ପାରିବି ନାହିଁ । ତମେ ମୋର ପ୍ରେମିକ ! ମୋର ଦେବତା ! ମୋର ସ୍ୱାମୀ ! ସ୍ୱାମୀ !······

ଛାୟା ମୂର୍ତ୍ତି······ଚିନ୍ମୟୀ । ଚିନ୍ମୟୀ ଏତେ ସ୍ନେହ, ପ୍ରୀତିର ଅତଳ ମହୋଦଧି ? ?

ପ୍ରଦୀପ ଭାବୁଛି––ଚିନ୍ମୟୀ ତା'ହେଲେ ମୋତେ ପତି ରୂପରେ ବରଣ କଲା ? ଏତେ ସହଜରେ, ଏତେ ଶୀଘ୍ର ? ନନ୍ଦନକାନନର ପାରିଜାତ ତା' ହେଲେ ଆଜି ମୋ ହାତମୁଠାରେ । କିନ୍ତୁ···କିନ୍ତୁ ହଠାତ୍ ସେ ଚାଲିଗଲା କାହିଁକି ? ଏମିତି ନାଟକୀୟ ଭାବରେ ଲୁଚି ଲୁଚି ସମସ୍ତଙ୍କ ମନରେ ସନ୍ଦେହ ଜନ୍ମେଇ ହଠାତ୍ ଅନ୍ତର୍ଦ୍ଧାନ ହୋଇଯିବାର କାରଣ କ'ଣ ହୋଇପାରେ ? ଭୟ ? ଲଜ୍ଜା ? ଅନୁଶୋଚନା ? ଘରଲୋକଙ୍କୁ ଭୟ ? ଘର ଲୋକେ ଅରାଜି ହେବେ ? ମୋତେ ଲଜ୍ଜା ? ହଠାତ୍ ଶ୍ୟାମଙ୍କ ଆଗରେ ଧରା ପଡ଼ିଯିବାରୁ ମୁହଁ ରଙ୍ଗା ପଡ଼ିଯାଇଛି ? କ'ଣ ହୋଇ-ପାରେ ? କ୍ଷଣିକର ଦୁର୍ବଳତା ପାଇଁ ଅନୁତାପ ? ସେ ଚାଲିଗଲା ଦୁଃଖରେ ମ୍ରିୟମାଣ ହୋଇ ନା ପ୍ରେମର ଆତିଶଯ୍ୟରେ ? କ'ଣ - କ'ଣ ହୋଇପାରେ କାରଣ ?

ଲୁଧିଆନା ଛାଡ଼ିବା ପ୍ରାୟ ମାସେ ହେବ । କିନ୍ତୁ ଚିଠି ନାହିଁ, ପତ୍ର ନାହିଁ, ଖବର ନାହିଁ, ଅନ୍ତର ନାହିଁ । ପ୍ରଦୀପ ଖବର ରଖିଛି । ଚିନୁ ଜୟପୁରରେ ଜଏନ କରିଛି । ସ୍ୱାସ୍ଥ୍ୟ ଭଲ ଅଛି । ମନ ବି ଭଲ ଅଛି । ଅଥଚ ତା ଚିତ୍ତ ଟିକିଏ ଆନ୍ଦୋଳିତ ହେଉ ନାହିଁ ପ୍ରଦୀପ ପାଇଁ ? ଯା’ ପାଇଁ ଏତେ ପ୍ରୀତିର ପ୍ରସ୍ରବଣ, ତା’ପାଇଁ ଗୋଟିଏ କଂପନ ଖେଳୁନାହିଁ ତା’ ଅନ୍ତରରେ ? ଗୋଟିଏ ଦୀର୍ଘଶ୍ୱାସ ବାହାରି ଆସୁନାହିଁ ତା’ ବକ୍ଷ ଭେଦ କରି ? ସେ କ’ଣ ଚିରଦିନ ଏହିପରି—ଗୋଟିଏ ଭଂଜ କବିତା··· ନାରିକେଳ ଫଳ—ଉପରେ ରୁକ୍ଷ, କଠିନ, କଠୋର, ଭିତରେ କ୍ଷୀର ସମୁଦ୍ର, ରସ ସମୁଦ୍ର !

ପ୍ରଦୀପ ଖାଲି ଭାବୁଥିଲା—ଆଉ ଭାବୁଥିଲା ।

ସ୍ୱା’ଭ ହେଇପାରେ, ସେ ଲଜାରେ ଏକାବେଳକେ ଝାଉଁଳି ପଡ଼ୁଛି । କବିଙ୍କ ଭାଷାରେ—

‘ଛୁଇଁନା ମୁଁ ଲଜକୁଳୀ ଲତା,
ମୁଁ ଗୋ ଲଜ୍ଜା ସରମରେ ଯିବି ନଇଁ,
ଏଥୁଁ ଅଧିକ କି ହେବ ଦେହ ଛୁଇଁ ?

ଆଉ ଯେତେବେଳେ ମୁଁ ଦେହ ଛୁଇଁ ଦେଇଛି—ତା’ ଥରଥର ଅଧରରେ ଥାପି ଦେଇଛି ଗୋଟିଏ ନରମ ଚୁମା— ସେ ଲାଜରେ ସଢ଼ି ଯାଇଛି । ମୁଣ୍ଡ ନଇଁ ଯାଇଛି ତଳକୁ । ଆଉ ସେଇ ଯେ ନଇଁଛି, ଆଉ ଉଠେଇ ପାରୁନାହିଁ । ଉଠେଇବାକୁ ସାହସ ହେଉନି । ଭୟ ହେଉଛି ଭାଉଜ ଜାଣିଲେ କି ? ପୂଜାରୀ ଜାଣିଲା କି ? କ୍ଷତ ରହିଯାଇଛି କି ଲାବଣ୍ୟବୋଳା ଗଣ୍ଡରେ ? ରକ୍ତ ଅଧରରେ ? ବିଚରା ସେଇଦିନୁ ମୋ’ର କଥା ଭାଳି ଭାଳି ଗୁମୁରି ଗୁମୁରି ମରୁଛି, ଅଥଚ ତୁଣ୍ଡ ଖୋଲି କହିପାରୁନି କାହା ଆଗରେ । ଭାଉଜ ଆଗରେ ବି ନୁହେଁ । ଭାଉଜଙ୍କୁ ତ ବେଶୀ ଡର । ହୁଏତ ସିଏ ଜାଣିପାରିଥିବେ ସେଦିନର ଘଟଣା । କେବଳ ତାଙ୍କରି ପାଇଁ ସେ ସେଦିନ ଲୁଚି ଲୁଚି ଶ୍ୱେରଙ୍କ ଭଳି ପଳେଇ ଆସିଛି ।

ତନୁ ତା'ହେଲେ ମୋ'ରି କଥା ଭାବୁଥିବ, ଲୁହ ଢାଳୁଥିବ, ବସିବସି ସ୍ୱପ୍ନ ଦେଖୁଥିବ, ନଖରେ ଗାର କାଟୁଥିବ ଭୂଇଁରେ । ମେଘମଲ୍ଲାର ଆକାଶକୁ ଚାହିଁ ଚାହିଁ ବେଳେ ବେଳେ ଉଦାସୀ ହୋଇ ଉଠୁଥିବ ପ୍ରିୟା ମୋର । ବର୍ଷା ରାତିରେ ରାତି ଗଭୀର ହେଲେ, ଝରଝର ବର୍ଷା ଝରିଲେ, କଖାରୁ ପତ୍ରରେ ପାଣି ଟପ୍‌ଟପ୍ ପଡ଼ିଲେ ସେ ଦୁଃଖିନୀ ଭାବୁଥିବ ମୋ'ରି କଥା—ମୋ'ରି କଥା । ନୟନରୁ ମୁକ୍ତା ଝରୁଥିବ ଥପ୍‌ଥପ୍ ହୋଇ । କଦମ୍ବ ତରୁ ଦେଖିଲେ ପରା କୃଷ୍ଣ କଥା ମନେପଡ଼େ ? 'ଆଲବର୍ଟ କାମୋ' ପଢ଼ିଲେ କ'ଣ ପ୍ରଦୀପ କଥା ମନେପଡ଼ୁ ନ ଥିବ ? 'ରୋମିଓ ଜୁଲିଏଟ୍' ପଢ଼େଇଲାବେଳେ କ୍ଲାସ୍‌ରେ କ'ଣ ଲୋତକ ସମ୍ବରଣ କରିପାରୁଥିବ ସିଏ ? ଶୋଇଶୋଇ ସେ ସ୍ୱପ୍ନ ଦେଖୁଥିବ—'ବହିତ ଲାଗିଲା ଯାଇଁ ସିଂହଳ ଦ୍ୱୀପରେ ।' ମାଳବଦେଶର ରାଜକୁମାର ଚନ୍ଦ୍ରଭାନୁ ଆସି ପହଞ୍ଚିବେ ସିଂହଳ ଦେଶରେ । ତାଙ୍କର କଥା ଭାଳି ଭାଳି ନଶୀ ପୁହାଉଛି ସିଂହଳ ଦେଶର ରାଜଜେମା ଲାବଣ୍ୟବତୀ !

ନା, ସ୍ୱୟମ୍ବର ସଭାକୁ ନିଜେ ଯାଇଥିଲେ ନଳ, ଯାଇଥିଲେ ଧନଞ୍ଜୟ, ଯାଇଥିଲେ ନବଦୂର୍ବାଦଳ ଶ୍ୟାମ । କନ୍ୟା କେଉଁଠି ଆପେ ଆପେ ଯାଚି ହୋଇ ବର ଘରକୁ ଆସିନାହିଁ । ତା' ହେଲେ ମୁଁ କେଡ଼େ ନିର୍ବୋଧ ! ମୁଁ କାହିଁକି ଆଶା କରୁଛି ସେ ଆସିବ ବୋଲି ? ତା' ଭାଇ ଭଉଜ, ବନ୍ଧୁବାନ୍ଧବ ପ୍ରସ୍ତାବ ନେଇ ଆସିବେ ବୋଲି ? ସେ ତ ଆସିସାରିଛି । ସେ ତ ଗୋଟିଏ ବ୍ଲାଙ୍କ୍ ଚେକ୍ ବଢ଼ାଇଦେଇଛି ମୋ ହାତକୁ । ମୁଁ ଯଦି ସେଥିରେ ଟଙ୍କାର ପରିମାଣ ଲେଖି ବ୍ୟାଙ୍କ୍‌ରେ ଦାଖଲ ନ କରେ, ତା' ହେଲେ କ'ଣ ଆପଣାଛାଏଁ ଟଙ୍କା ଆସି ମୋ ଘରେ ପହଞ୍ଚିବ ? ତା'ଛଡ଼ା ଏ ଲାଜ କଥା ସେ କାହାକୁ କହିବ ? କେମିତି କହିବ ? ସେ ଲାଜରେ ଏତେ ଜଡ଼ସଡ଼ ହୋଇଯାଇଛି ଯେ ମତେ ବି ଚିଠି ଲେଖୁନି । ହୁଏତ ମୋ'ରି କଥା ଭାଳି ଭାଳି ତା' ଦିନ ସରୁ ନାହିଁ, ଅଥଚ ଧାଡ଼ିଏ ଚିଠି ଲେଖିବାକୁ ତା'ର ବଳ ପାଉନି, ହାତ ଯାଉନି । ଲଜ୍ଜା ନାରୀର ଶେଷ ରତ୍ନ । ଏତକ କ'ଣ ଜାଣିନାହିଁ ସେ ବୁଦ୍ଧିମତୀ ତରୁଣୀ ଛଇଳା ?

ନା ମତେ ଯିବାକୁ ହେବ । ସବୁ ସଂକୋଚ ଭୁଲି ମତେ ସବୁକଥା ଖୋଲିଖୋଲି କହିବାକୁ ପଡ଼ିବ ଡାକ୍ତର ସୁବ୍ରତଙ୍କ ଆଗରେ । ଆଉ ଡାକ୍ତର ସୁବ୍ରତଙ୍କର ତ ମୋ ପ୍ରତି ଅତି ଉଚ୍ଚ ଧାରଣା । ମତେ ଭଲ ପାଆନ୍ତି ପ୍ରାଣର ଭାଇଠୁଁ ବଳି । ତା' ମାନେ, ମୁଁ ଯିବା ଅର୍ଥ ଫେରିବା ଗୋଟିଏ ହାଣ୍ଡି ଉପରେ । ହାଣ୍ଡି ଉପରେ ସୁନାର ଲୁଗୁଣି । ତା' ଉପରେ ଶକୁ ଆଉ ମୁଁ । ଶକୁ ମୁହଁରେ ଲଜ୍ଜାର ଅରୁଣିମା । ଓଢ଼ଣା ତଳେ ବିନ୍ଦୁ ବିନ୍ଦୁ ଚନ୍ଦନର ଫରଫାଟି । ସୀମନ୍ତରେ ଗାରେ ସିନ୍ଦୂର । ସରମରେ ଆଖିପତା ମୁଦି ହୋଇଯାଇଛି । ଖାଲି ଲଜ ଆଉ ଲଜ । ଲଜରେ ମୋ'ର କୋଳକୁ ଢଳିପଡ଼ୁଛି······

ଆଃ, ଭଗବାନ !—ଆନନ୍ଦରେ ଗୋଟିଏ ବିନ୍ଦୁ ଝରି ଅସିଲା ଦ୍ବୀପର ନୟନରୁ । ସୂର୍ଯ୍ୟ ଅସ୍ତ ହୋଇ ଯାଉଥାଆନ୍ତି ।

ଅଠର

ଜୟପୁର—

ଭାଇ ଅଛନ୍ତି, ଭାଉଜ ଅଛି, ମା' ଅଛି । ଚିନ୍ମୟୀ ନିୟମିତ କଲେଜ ଯାଉଛି, ଆସୁଛି । ଘର ଭିତରେ କବାଟ କିଳି ବସି ପଢ଼ୁଛି । ନଚେତ୍ କ'ଣ ଲେଖାଲେଖି କରୁଛି । କଥା କହୁଛି ଖୁବ୍ କମ୍ । ପଦେ କି ଅଧେ, ନିହାତି ଦରକାର ହେଲା । କିଏ କ'ଣ ପଚାରିଲେ ହଁ ବା ନାହିଁ—ତା' ପୁଣି କେତେବେଳେ ମୁହଁରେ କେତେବେଳେ ବା ମୁଣ୍ଡ ହଲେଇ । ଯେମିତି ଗୋଟାଏ ଭୟଙ୍କର ପରିବର୍ତ୍ତନ ହୋଇଛି ତା'ର । ଯେମିତି ଗୋଟାଏ ଚିନ୍ମୟୀ ମରିଯାଇଛି, ଆଉ ଗୋଟାଏ ଚିନ୍ମୟୀ ଜନ୍ମ ହୋଇଛି । ସେ ଘର ଭିତରେ ଥିଲାବେଳେ ସମସ୍ତେ କି ଚୁପ୍‌ଚାପ୍ । ଭାଇଙ୍କର କଡ଼ା ଆଦେଶ—କେହି ତାକୁ ପଛକଥା କିଛି ପଚାରିବ ନାହିଁ । ସେ ଅଧ୍ୟାୟରେ ପୂରାପୂରି ଡୋରି ବନ୍ଦ ହୋଇଛି ।

ଚିନ୍ମୟୀ ବି ପୂର୍ବପରି ସେ ଘରେ ତାଲା ପକାଇ ବନ୍ଦ କରିଛି। ଆଉ ଅତୀତ ନାହିଁ, ଚିନ୍ତା ନାହିଁ, ପୂର୍ବକଥାର ରୋମନ୍ଥନ ନାହିଁ। କେବଳ ଗୋଟିଏ ଚିନ୍ତା ତା' ଡକ୍ଟରେଟ୍। ସେଥିପାଇଁ କଠିନ ପରିଶ୍ରମ ଆଉ ପଢ଼ା। ମନେ ପଡ଼ୁଛି ଆର୍ନଲଡ୍‌ଙ୍କ 'ଦି ସ୍କଲାର ଜିପ୍‌ସି'... 'One aim, one business, one desire.'—ଗୋଟିଏ ଲକ୍ଷ୍ୟ, ଗୋଟିଏ ବ୍ରତ, ଗୋଟିଏ ପଥ। ଯିଏ ଦର୍ଶନର କଥା ଚିନ୍ତା କରେ ସିଏ ଗୋବରଗଣେଶ ହୁଏ—ଗଣେଶଙ୍କ ବିଭୂତି ଆଉ ମହିମା ପ୍ରକଟିତ ହୁଏ ନାହିଁ ତା' ଲଲାଟରେ।

ଦେଢ଼ ମାସ ବିତିଲାଣି। ଭାଇ ଆହୁରି ମାସେ ଛୁଟି ନେଇଛନ୍ତି। ତଥାପି ଘରର ସ୍ୱାଭାବିକ ପରିସ୍ଥିତି ଫେରି ନାହିଁ। ସେଇ ଚୁପ୍‌ଚାପ୍, ସେଇ ଗମ୍ଭୀରତା। ଆଗରୁ ସେ ହୋ' ହୋ' ଘୋ' ଘୋ' ପାଟିଗୋଳ, ହସ ଆନନ୍ଦ କିଛି ନାହିଁ। ଯେମିତି କିଏ ଜଣେ ମରିଯାଇଛି। ସେଇ ଶୋକ ସାରା ପରିବାର ଆଜଯାଏ ଭୁଲି ପାରି ନାହାନ୍ତି। ଦେଢ଼ ମାସ ଭିତରେ, ମାମୁଲି ସମୟ ହୋଇଥିଲେ ଅନ୍ତତଃ ଛ' ଖଣ୍ଡ ଚିଠି ଲେଖନ୍ତାଣି ପ୍ରଦୀପ। କିନ୍ତୁ ଏବେ ଧାଡ଼ିଏ ବି ଲେଖି ନାହିଁ। ଆଉ ଲେଖିଥିଲେ ଚିନ୍ମୟୀ ସେ ଚିଠି ଖୋଲିଥାନ୍ତା କି ନାହିଁ ସନ୍ଦେହ। ଛୁଇଁଥାନ୍ତା କି ନାହିଁ ସନ୍ଦେହ। କାରଣ ପ୍ରଦୀପ ପ୍ରତି, ଏଇ ବିଷୟ ପ୍ରତି ତା'ର କେମିତି ଗୋଟାଏ ଆନ୍ତରିକ ଘୃଣା ଆସିଯାଇଛି। ଏସବୁ ଯେମିତି ତା' ପାଖରେ ବିଷ୍ଠା! ଗୋମାଂସ!

ସୁବ୍ରତଙ୍କର ଛୁଟି ପୂରିବାକୁ ମାତ୍ର ଆଠ ଦିନ ବାକି। ସୁବ୍ରତ ଖାଇ-ବସିଛନ୍ତି। ପାଖରେ କାଂଚନ। କାଂଚନ ହସିଲେ। ସୁବ୍ରତ କହିଲେ—କ'ଣ ହେଲା ? ହସୁଛ ଯେ ?

ନା, ମୁଁ ତ ମୂର୍ଖ, ଅସଭ୍ୟ, ଅପ୍ରଗଳ୍ଭ, ହେଲେ ତମ ଭଳି ବିଦ୍ୱାନ ଆଉ ବୟସ୍କ ଲୋକ ଥାଇଁ ଯେ କି ଅସାଧ୍ୟ ସାଧନ କଲେ ସେଇଆ ଭାବୁଛି।

ସୁବ୍ରତ ହସିଲେ । କହିଲେ—କ’ଣ କରିବା କହ ? ସେ ହୃଣ୍ଣୀ ତ ଟିକିଏ ବି ଇଙ୍ଗିତ ଦେଲା ନାହିଁ, ମୁଁ କେମିତି ମୋ ଆଡ଼ୁ ଆରମ୍ଭ କରିବି ?

ଓ, ସେ ଆସି କହନ୍ତା—ଭାଇ, ମୁଁ ଅମୁକଙ୍କୁ ବାହାହେବି । ମତେ ସମୁକଙ୍କୁ ବାଦ ଦେଇ ଅମୁକ ସାଥିରେ ବାହାକରି ଦିଅ, ନା ?

ସୁବ୍ରତ ଆହୁରି ହସିଲେ । କହିଲେ—ନାଇଁ ଯେ, ହେଲେ ସାମାନ୍ୟ ସୂଚନା ତ ଦିଅନ୍ତା । ମତେ ନ ହେଉ, ତମକୁ, ବୋଉକୁ···

କାଂଚନ କହିଲେ—ବୁଝିଲ, ସେଇଠି ତଫାତ୍ ତମ ଆଉ ଆମ ଭିତରେ । ବଙ୍ଗଳାରେ ଗୋଟିଏ କଥା ଅଛି ନା, ବୁକ୍ ଫାଟେ କିଂତୁ ମୁଖ୍ ଫିଟେନା । ଦୁଃଖର ସବୁ ଦାବଦାହ ନାରୀ ସହିଯାଏ । ମୁହଁ ଖୋଲି, ଭୁଣ୍ଡ ଲେଉଟେଇ ସେ ନିଜ କଥା କେବେ କହେନି—କହିପାରେନି । ସେଇଥିପାଇଁ ତ ସେ ଏତେ ରହସ୍ୟମୟୀ । ତା’ ଗୁରିପାଖରେ ଏତେ ମାୟା, ସ୍ୱପ୍ନ, ସୌନ୍ଦର୍ଯ୍ୟ ।

କିଂତୁ ମତେ କ୍ଷମା କରିବ, ମୁଁ ଯଦି କହିବି ରହସ୍ୟମୟୀ ନୁହେଁ ଛଳନାମୟୀ, ଭୁଲ୍ ହେବ ? ତମେ ‘ଯାହା ଅନୁଭବ କରିବ, ତା’ କହିବ ନାହିଁ । ଯା’ କହିବ ତା’ ଅନୁଭୂତିର ଠିକ୍ ଓଲଟା । ଭମ ହିଁଟା ନାହିଁ, ନାହିଁଟା ହିଁ । ଇଏ ଛଳନା, ପ୍ରତାରଣା ନୁହେଁ ତ ଆଉ କ’ଣ ?

କାଂଚନ କହିଲେ—ଶୁଣ, ବଜାରରେ ବାଇଗଣ ବିକ୍ରୀ ହୁଏ କେତେ ଲୋକ ଅଛନ୍ତି ବାଇଗଣ ଚିପି କରି କହନ୍ତି ବୁଢ଼ା ନା ଭଲ । କେତେ ଲୋକ ବାଇଗଣ ଘରକୁ ନେଇ ଯନ୍ତ୍ରରେ କାଟି କହନ୍ତି ‘ବାଇଗଣ ବୁଢ଼ା କି ମଞ୍ଜିଆ କି ପୋକା । ଆଉ କେତେ ଲୋକ ଅଛନ୍ତି ଯିଏ ବାଇଗଣ ଦେଖିଲାମାତ୍ରେ କହନ୍ତି ଭଲ କି ଖରାପ । ତେଣୁ ସବୁ ନିର୍ଭର କରେ ଦେଖିବା ଲୋକ ଉପରେ । ଯିଏ ନାରୀର ଏଇ ରହସ୍ୟ ଭେଦ କରି ନ ପାରେ, ସିଏ କହେ ସେ କୁଟୀଳା, କୁଚକ୍ରୀ, ଛଳନାମୟୀ, ଆଉ ଯିଏ ଭେଦ କରିପାରେ, ସିଏ ଜାଣେ ନାରୀର ଏଇ ରହସ୍ୟହିଁ ତା’ର ସୌନ୍ଦର୍ଯ୍ୟ ।······

ସେ ପୁଣି କହିଲେ—

...କାହିଁକି, ତମେ କହୁନା, ତମେ ତ ଡାକ୍ତର, ନାରୀର ଏଇ ରକ୍ତମାଂସର ଦେହ ପ୍ରତି କ'ଣ ତମର ଏତେଟା ଆକର୍ଷଣ ହେବ, ଯା' ହେବ ଜଣେ ସାଧାରଣ ଲୋକର ? ନା । କାରଣ ତମେ ନାରୀର ଦେହ ସଂପର୍କରେ ବହୁ ଟିକିନଖି କଥା ଅତି ବିଶଦ ଭାବେ ଜାଣିଛ । ଠିକ୍ ସେମିତି ନାରୀର ମନ ଆଉ ସୂକ୍ଷ୍ମ ତିସୂକ୍ଷ୍ମ ତା' ଅନ୍ତର ସଂପର୍କରେ ଯଦି ତମେ ସବୁ କଥା ଖୋଲାଖୋଲି ଜାଣିପାରନ୍ତ, ତମର ଆଉ କିଛି ମୋହ, ଆକର୍ଷଣ ରହନ୍ତା କି ? ଭଗବାନଙ୍କୁ ଆମେ ଦେଖିନାହୁଁ ବୋଲି ଆମର ଏତେ ଭକ୍ତି, ଏତେ ପ୍ରୀତି, ଏତେ ଭୟ; ଥରେ ଦେଖିଦେଲେ ? ?... ତେଣୁ ନ ଦେଖିବାରେ ହିଁ ଆନନ୍ଦ । ନ ବୁଝିବାରେ ହିଁ ଆନନ୍ଦ । ନାରୀ ଏତେ ରୂପର ଗନ୍ତାଘର, ପ୍ରୀତିର ଗନ୍ତାଘର, ମାୟାର ଗନ୍ତାଘର ଯେହେତୁ ତାକୁ ବୁଝିହୁଏନା ।

ବାବାଃ...—ସୁବ୍ରତ ହସିଉଠିଲେ । କହିଲେ—ତମେ ତ ଏକାବେଳକେ ଦାର୍ଶନିକ ପାଲଟିଗଲ । କହୋ ସନ୍ତୋଷର ଭାଷାରେ ତମର ତ 'ପାଠ ହେଲା—'ଦଶରଥ ରାମଚନ୍ଦ୍ରଜ୍ ଫାଦର ଓ୍ୱାଜ୍' ଅର୍ଥାତ୍ 'ଦଶରଥ ରାମଚନ୍ଦ୍ରଙ୍କର ବାପା ଥିଲେ, ଏଇ ପର୍ଯ୍ୟନ୍ତ । ଆଉ ତମେ କ'ଣ ଇଆଡ଼େ ସିଂକ୍ସ ସିଂକ୍ସ ଡ୍ରିଂକଙ୍ଗ୍ ଓ୍ୱାଟର୍ ? ଏତେ କଥା ଜାଣିଛ ?

ଦୁହେଁ ଠୋ ଠୋ ହସିଉଠିଲେ । କାଂଚନ କହିଲେ—ଯାଃ, ତମର ଖାଲି ସବୁଦିନେ ଏଇ କଥା ।

ମା' ଆସି ପହଞ୍ଚିଲେ । କହିଲେ—କ'ରେ ସୁବା, ଭୁକ ହେଲାଣିକି ବେଳ ହେଇଗଲା । ଏଥିରେ ଘର ଚାଲିବ କେମିତି ? ଖାଲି ସବୁବେଳେ ହେଁ ହେଁ ହେବ, ଆନନ୍ଦରେ ନାଚିବ, ଆଉ ସଂସାର କଥା ବୁଝିବ କେତେବେଳେ ?

ସୁବ୍ରତ କହିଲେ—ଜାଣେ ବୋଉ, ତୋ' ବୋହୂ କ'ଣ ହସେଇ ହଉଛି କି, ସିଏ ତ ଏକ ବିଦୁଷୀ ଖନା ହେଇଗଲାଣି ।

ଖନା ? କ'ରେ କ'ଣ କହିଲୁ ମୋ ବୋହୂ ଖନା ?

ସୁବ୍ରତ, କାଂଚନ ହସୁଥାଆନ୍ତି । ସୁବ୍ରତ କହିଲେ—ନାଇଁଲୋ ବୋଉ, ସିଏ ଜଣେ ପଣ୍ଡିତଆଣୀ ହେଲଣି । ଦେଖୁନୁ କେଡ଼େ ବଡ଼ ବଡ଼ କଥା କହୁଛି—କିଏ ବାଇଗଣ ଚପେ, କିଏ ବାଇଗଣ ନେଇ ପନିକାରେ କାଟେ, କିଏ ତେଲ କଢ଼େଇରେ......

ମା' ବିରକ୍ତ ହୋଇ ଉଠିଲେ । କହିଲେ—ଆରେ ସୁବା, ତୋ'ର ଏଇ ପିଲାଳିଆ ଢଙ୍ଗ ଗଲା ନାହିଁ । କେଉଁଦିନ ତୋର ଅକଲ ହବ ? କେଉଁଦିନ ତତେ ଏ ଘର ଦାୟିତ୍ୱ ମିଳିବ ? ତୋ ବାପ ମଲା, ତୁ କ'ଣ କହୁଛୁ ମୁଁ ବି ମରିବି, ମୋର ବୋଳମୁକୁଟ ଟିକିଏ ଦେଖିବି ନାହିଁ ? ତମ ଦିହିଙ୍କୁ କ'ଣ କିଛି ଲାଗୁନାହିଁ ? ନାହିରେ ତେଲ ପକେଇ ଶୋଇଛ ?

ସୁବ୍ରତ ଗମ୍ଭୀର ହେଲେ । କହିଲେ—ବୋଉ, ତୁ କ'ଣ ଭାବୁଛୁ ମୁଁ ଚୁପଚାପ୍ ହୋଇ ବସିଛି ? ମୁଁ ସବୁ ଠିକ୍‌ଠାକ୍ କରିସାରିଛି । ଆଜି କହିଲେ ଆଜି ବାହା ହେବ । ହେଲେ ତା' ଆଡ଼ୁ ଟିକିଏ ସୂଚନା....

ହଁଅରେ, ମୂର୍ଖ କ'ଣ ଅଉ ଗଛରେ ଫଳନ୍ତି ? ତତେ ହିଁ କହନ୍ତି ଅସଲ ଗଜ ମୂର୍ଖ । କ'ରେ ସିଏ କ'ଣ କହିବ ? କ'ରେ ତିନି ବର୍ଷ ହେଲା ତ ତା' ବାହାଘର ବିନାୟକ ସାଙ୍ଗରେ ଠିକ୍ ହୋଇ ସାରିଛି । ତୁ ସେ ଟୋକାକୁ ଚିଠି ଲେଖୁନଉଁ ? ବାହାହବ କ'ଣ ମୋ ଝିଅ ବୁଢ଼ୀ ହେଲେ ? କି ଘାଠ ଦେଖଉଛୁ ମୋ ମତେ ? ଘାଠ ସଢ଼ିବ, ଷାଠିଏ ମହଣ ଘିଅ ହବ, ରାଧା ନାଚିବ, କାହିଁକି ? ଗୋଟାଏ ପେଟକୁ ପୋଷିବାକୁ ଯଦି ତା'ର ବଳ ନାହିଁ, ସେ'ଟା କି ମରଦ ? ?

କାଂଚନ କହିଲେ—ଆଚ୍ଛା ବୋଉ, ଚନ୍ଦ୍ରା ଯୂ' ଭିତରେ ମତ ବଦଳେଇ ନାହିଁ, ତମେ ଠିକ୍ ଜାଣିଛ ?

ମତ ବଦଳେଇବ ?

ଯଦି ସେ ଯୂ ଭିତରେ ବିନାୟକକୁ ଛାଡ଼ି ପ୍ରଦୀପ ଆଡ଼କୁ ଢଳି ପଡ଼ିଥାଏ ?

ପ୍ରଦୀପ ? ଯିଏ ଯୂ' ପାଖକୁ ହପ୍ତାକୁ ହପ୍ତା ଚିଠି ଲେଖୁଥିଲା ସେଇ ? ଯା'କୁ ଦେଖା କରିବାକୁ ଇଏ ଯାଉଥିଲା ଗଂଜାମ ? ହେଲେ ତା'

ସାଙ୍ଗରେ ଯା' କଥାଗ୍ଭଷା ଖାଲି ଉପର ଦେଖାଣିଆ । ସିଏ ଏତେ ଆକୁଳ ହୋଇ ଚିଠି ଲେଖେ, ଆଉ ଇଏ ମୋ'ର ଆଗରେ ସେ ଚିଠିକୁ ଚାରେ ନଇଲେ ଦିଆସିଲି ମାରି ପୋଡ଼େ !!

ନାଇଁ ବୋଉ ତମେ ଜାଣିନା, ତନାର ମନ ଯା' ଭିତରେ ବଦଳି ଯାଇଛି । ସେ ପ୍ରଦୀପକୁ ବେଶୀ ସୁଖ ପାଏ । ପ୍ରଦୀପ ପଛ ଲୁଧିଆନା ଯାଇଥିଲି ।

ସୁବ୍ରତ କହିଲେ—ନାଇଁ କାଂଚନ, ତମେ ବୋଧେ ଭୁଲ୍ ବୁଝିଛ । ପ୍ରଦୀପକୁ ଭଲ ପାଉଥିଲେ ସେ ପ୍ରଦୀପକୁ ଏକୁଟିଆ ଛାଡ଼ି ଏକା ଏକା ପଳେଇ ଆସିଥାନ୍ତା କାହିଁକି ?

ଏକା ଏକା ପଳେଇଆସିଛି ବୋଲି ତ ବେଶୀ ଭଲ ପାଏ । ସେ ହାଦରେ ଘଡ଼ିଛି, ସତ୍ୟ । ସେ ଦୋଛକ ରାସ୍ତାରେ ପଡ଼ି ହରବରେଇ ଯାଇଛି, ତା' ବ ସତ୍ୟ । ହେଲେ ନିଜକୁ ବଂଚେଇବା ପାଇଁ ଅନ୍ତ ସନ୍ତର୍ପଣରେ ପାଦ ଚପିଚପି ଯାଉଁଯାଉଁ ହଠାତ୍ ଖାଲରେ ପଡ଼ିଯାଇଛି, ବାଘ ହାବୁଡ଼ରେ ପଡ଼ିଯାଇଛି । ଆଉ ସେଇଥିପାଇଁ—ସେଇ ଦୁଃଖରେ, ପରାଜୟରେ, ଅନୁତାପରେ, ଅନୁଶୋଚନାରେ ଲୁଚି ଲୁଚି ପଳେଇ ଆସିଛି । ହୁଏତ ସେଇ ମୁହୂର୍ତ୍ତରେ ସେ ଆତ୍ମହତ୍ୟା କରି ଦେଇଥାନ୍ତା । ଭଗବାନ୍ ତାକୁ ସଦ୍‌ବୁଦ୍ଧି ଦେଇଛନ୍ତି । ସେ ବଂଚିଯାଇଛି । ହେଲେ ତା' ତନୁ, ମନ, ଜୀବନ, ଯୌବନ ସବୁ ସମର୍ପି ଦେଇଛି ପ୍ରଦୀପର ଚରଣରେ । ଆଉ ସେଇଥିପାଇଁ ସେ ଲଜ୍ଜାରେ ମୁଣ୍ଡ ଟେକି ପାରୁନାହିଁ । କାହା ମୁହଁକୁ ଚାହିଁ ପାରୁନାହିଁ । ଏବେ ପ୍ରଦୀପ ହିଁ ତା' ମନର ମଣିଷ, ପ୍ରଦୀପ ହିଁ ତା' ଗୋପଦାଣ୍ଡର ମୁରଲୀ ଫୁଙ୍କିଆ, ମୟୂରଚୁଳିଆ କଳାକହ୍ନୁ !

ଖ—ଉ—ଜ !!—ଆର ଘରୁ କର୍କଶ ଗଳାରେ ଚିତ୍କାର ଛାଡ଼ିଲା ଚନ୍ଦ୍ରପ୍ରୀ । ସେ କେତେବେଳୁ ଘର ଭିତରକୁ ଆସିଲାଣି ଭଗବାନ ଜାଣନ୍ତି । ସମସ୍ତେ କଥାରେ ମାତିଛନ୍ତି । କାହାରି ସେ ଆଡ଼କୁ ନଜର ନାହିଁ । ଚନ୍ଦ୍ରପ୍ରୀ ଗର୍ଜନ କରି କହିଲା—ଖଉଜ ! ହେଇ ଚିଠି ନିଅ । ବିନାୟକ ଲଣ୍ଡନରୁ ଲେଖିଛି । ସେ ଏଇ ତିନ ସପ୍ତାହ ଭିତରେ ଫେରି ଆସୁଛି

ଘରତଳୁ । ନିଅ, ଚିଠି ପଢ଼ । ଆଜି ମୋର ଅନୁରୋଧ, ତମେ ଆଜ ଜୟପୁର ଗ୍ରୁଣ୍ଡ ପଞ୍ଚାମୁଣ୍ଡେଇ ଚାଲିଯାଅ । ମୁଁ ମଲେ ଏଇଠି ମରିବ । ତମକୁ କଷ୍ଟ ଦେବାକୁ କେବେ ଯିବ ନାଇଁ—ଯିବ ନାଇଁ ।

ସମସ୍ତେ ସ୍ତବ୍ଧ ହୋଇ ଚାହିଁଲେ । ଚିଠି ଫିଙ୍ଗି ଦେଇ ଚନ୍ଦ୍ରଶ୍ରୀ ଚମ୍‌ଚମ୍ ହୋଇ ପୁଣି କଲେଜ ଚାଲିଗଲା । ସୁବ୍ରତ ଚିଠି ଖୋଲି ପଢ଼ିଲେ । ଚିଠି ସୁବ୍ରତ ପାଖକୁ ହିଁ ଲେଖା । ଭାଷା ଇଂରେଜୀ ।

ମୋର ପ୍ରିୟ ସୁବ୍ରତ ଭାଇ,

ଚନ୍ଦ୍ରଶ୍ରୀର ଚିଠି ପାଇ ମୁଁ ବିବ୍ରତ ହୋଇପଡ଼ିଛି । ସେ ଲେଖିଛି ତା'କୁ ସମସ୍ତେ ଭୁଲ୍ ବୁଝୁଛନ୍ତି । ତା'ର ପାଇଁ ପରିବାରରେ ନାନା ଅଶାନ୍ତି । ତା'ର ବି ଧୈର୍ଯ୍ୟଚ୍ୟୁତି ହେଲାଣି । ସେ ସବୁବେଳେ ଗୋଟାଏ ମାନସିକ ଶୂନ୍ୟତା ଓ ଅସ୍ଥିରତା ଅନୁଭବ କରୁଛି । ତେଣୁ ମୁଁ ସ୍ଥିର କରିଛି ଏଇ ମାସ ଶେଷ ବେଳକୁ କିଛି ଦିନ ଛୁଟୀ ନେଇ ଯାଇଁ କଲିକତାରେ ପହଞ୍ଚିବ । ଚନ୍ଦ୍ରଶ୍ରୀକୁ ଧରି କଲିକତା ଆସନ୍ତୁ । ସେଠାରେ ପାରଂପାରିକ ଭାବରେ ହେଉ ବା କୋର୍ଟରେ ରେଜିଷ୍ଟ୍ରେସନ କରି ହେଉ ବିବାହ କରିନେବା । ଚନ୍ଦ୍ରଶ୍ରୀ ବି ସେଇ କଥା ଖୋଲାଖୋଲି ଲେଖିଛି । ବିବାହ ପରେ ଆମେ ଦୁହେଁ ଲଣ୍ଡନ ଚାଲିଆସିବୁ । ସେଇଟା ବି ଚନ୍ଦ୍ରଶ୍ରୀର ଇଚ୍ଛା । ଆଉ ଗୋଟିଏ ଦିନ ଭାରତରେ ରହିବାକୁ ସେ ଚାହେଁ ନାହିଁ । ଭାରତ ପ୍ରତି ତା'ର କେମିତି ଗୋଟାଏ ଘୃଣା ଆସିଯାଇଛି । ଇତିଶ୍ରୀ ।

ଶୁଭେଚ୍ଛାସହ

—ବିନାୟକ

ଚିଠି ପଢ଼ି ସୁବ୍ରତ କାଂଚନ ମୁହଁକୁ ଚାହିଁଲେ, କାଂଚନ ସୁବ୍ରତ ମୁହଁକୁ ଚାହିଁଲେ । ମା' କହିଲେ—ହଉ, ସେ ଟୋକା ଆସୁ । ଆଗ ହାତଗୋଡ଼ ପଡ଼ୁ ସାରୁ । ତେଣିକି ସିଏ କୋଉ ବିଲାତ ଯିବ ମୁଁ ଦେଖିବି

ନାହିଁ । ଏଇଠି କ'ଣ ଆମ କଟକରେ ଟ୍ୟାକସି ନାହିଁ ? କେନ୍ଦ୍ରାପଡ଼ାରେ ଟ୍ୟାକସି ନାହିଁ ? ନଇଲେ ଆମ ପଟ୍ଟାମୁଣ୍ଡେଇରେ ଦୋକାନ କରିବ । ଏତେ ଶହଶହ କୋଶ ମୁହାଁକୁ ଯିବ କାହିଁକି ?

ସୁବ୍ରତ କିନ୍ତୁ ଭାବୁଥିଲେ---ତା'ର ଭାରତ ପ୍ରତି, ଭାଇ ଭଉଜଙ୍କ ପ୍ରତି, ମା' ପ୍ରତି ହଠାତ୍ ଏମିତି ଘୃଣା ଆସିଲା କାହିଁକି ?

କାଂଚନ ଠିକ୍ ବୁଝୁଥିଲେ—ନଆଁ ବନସ୍ତି ଧରି ଖେଳୁଖେଳୁ ନଆଁ ଝୁଲ ଖଣ୍ଡେ ଦେହରେ ପଡ଼ିଗଲେ ନଆଁ ପ୍ରତି ବିତୃଷ୍ଣା ଆସିବା, ଘୃଣା ଆସିବା ସ୍ୱାଭାବିକ । ଘୃଣା ଭାରତ ପ୍ରତି ନୁହେଁ, ଭାଇ ଭାଉଜଙ୍କ ପ୍ରତି ନୁହେଁ, ଘୃଣା ପ୍ରତାପ ପ୍ରତି ଆଉ ପ୍ରତାପ ପାଇଁ ସାରା ଭାରତ ପ୍ରତି । ହେଲେ କୋଉ ଚନ୍ଦ୍ରସେଣାପୁରରେ ଲୁଚି ରହିଲେ କୃଷ୍ଣଙ୍କ ମୋହନବଂଶୀକୁ ରାଧା ଏଡ଼ି ପାରିବେ, ତାହାହିଁ ଖାଲି ଦେଖିବା କଥା ।

ଉତେଶୀଇଣି

ଓଁ ମଙ୍ଗଳଂ ଭଗବାନ୍ ବିଷ୍ଣୁ
ମଙ୍ଗଳଂ ମଧୁସୂଦନଃ
ମଙ୍ଗଳଂ ପୁଣ୍ଡରୀକାକ୍ଷୋ
ମଙ୍ଗଳଂ ଗରୁଡ଼ଧ୍ୱଜଃ ।

ବିବାହ । କଲିକତାର ଏକ ତିନମହାଲା କୋଠା ଉପରେ ମହା ଆଡ଼ମ୍ବରରେ ଚାଲିଥିଲା ବିନାୟକ ଆଉ ଚିନ୍ମୟୀର ବିବାହ । ଶଙ୍ଖ ହୁଳହୁଳିରେ ଘର ଫାଟୁଥିଲା । ବନ୍ଧୁବାନ୍ଧବ, ଗହଳଚହଳ, ପାଟିତୁଣ୍ଡ, ଲାଉଡ୍‌ସ୍ପିକରରେ କାନଅତଡ଼ା ପଡ଼ୁଥିଲା । ସାହାନାଇର ସ୍ୱର ଲମ୍ବି ଯାଉଥିଲା ଗଗନ ପବନ ଭେଦ କରି । କଟକ ମହୁରିଆ 'ଗରିବ' ଗୋଟିଏ କରୁଣ ଅଥଚ ମିଠା ସ୍ୱର ଧରିଥାଏ ମହୁରିରେ—'ଦାଣ୍ଡରେ ଶୁଭିଲା ରାମକୃଷ୍ଣ ବେନଭାଇ ।' ଉଜ୍ଜ୍ୱଳ ଇଲେକ୍‌ଟ୍ରିକ୍ ଆଲୁଅରେ ଝଗଝଗ ଝଲମଲ କରୁଥାଏ । ଘର ହୋଇଥାଏ ଇନ୍ଦ୍ରପୁରୀ ।

ବ୍ରାହ୍ମଣ ଭୁହାଇ ଭୁହାଇ ଶୁଦ୍ଧ ପୁତ ବେଦ ମନ୍ତ୍ର ଉଚ୍ଚାରଣ କରୁଥାଏ—

ମାଧବୋ ମାଧବୋ ବିଷ୍ଣୁ
ମାଧବୋ ମାଧବୋ ହରିଃ
ସ୍ମରନ୍ତି ସାଧବୋ ନିତ୍ୟଂ
ସର୍ବ କାର୍ଯ୍ୟେଷୁ ମାଧବମ୍ ।

ହଠାତ୍ କ'ଣ ହେଲା, ହସିହସି ନାଚିନାଚି ଘର ଭିତରକୁ ପଶିଆସିଲା ପ୍ରଦୀପ !! ଓଠରେ ମିଠା ହସର ତେଜ, ମୁହଁରେ ଅନର୍ଗଳ କଥା—ଆରେ ଚନୁ ! ଚନ୍ଦ୍ରପ୍ରଭି ! ତମର ବାହାଘର । ତମର ଆଜ କେତେ ଶୁଭଦିନ ! ଶୁଭ ଲଗ୍ନ ! ମଙ୍ଗଳ ମୁହୂର୍ତ୍ତ ! ମତେ ଡାକିଲ ନାହିଁ ? ମତେ ମାମୁଲି ନିମନ୍ତ୍ରଣ କାର୍ଡ଼ଟାଏ ବି ଦେଲ ନାହିଁ ? ହଉ ନ ଦିଅ, ମୋର ଦୁଃଖ ନାହିଁ, ଅଭିମାନ ମୋଟେ ନାହିଁ । ନିମନ୍ତ୍ରଣ କାହାକୁ ଦିଅନ୍ତି ? ପର ଅପର ଲୋକଙ୍କୁ, ଦୂର ସଂପର୍କୀୟ ବନ୍ଧୁବାନ୍ଧବଙ୍କୁ ସିନା, ଅତି ଆପଣାର ଲୋକଙ୍କୁ କ'ଣ ନିମନ୍ତ୍ରଣ ଦିଆଯାଏ ? ପ୍ରଭାସ ଯଜ୍ଞ ବେଳେ ସମସ୍ତଙ୍କୁ ନିମନ୍ତ୍ରଣ କଲେ ଶ୍ରୀକୃଷ୍ଣ । ଗୋପପୁରର ଗୋପୀ-ଗୋପାଳଙ୍କୁ, ନନ୍ଦ ଯଶୋଦାଙ୍କୁ କ'ଣ ନିମନ୍ତ୍ରଣ କରିଥିଲେ ? ରାଧାଙ୍କୁ ନିମନ୍ତ୍ରଣ କରିଥିଲେ ? ସମସ୍ତେ ଯାଇଁ ପହଞ୍ଚିଲେ ହାଣ୍ଡିଏ ହାଣ୍ଡିଏ ସରଲବଣୀ, ଗୋଟିକା, ଅଧାମ ଧରି । କହିଲେ—ଆରେ ଆମ କୃଷ୍ଣ, ଆମକୁ ଗୋଟାଏ ନିମନ୍ତ୍ରଣ କରିବ କ'ଣ ? ଏ ତ ଆମ ଘର କଥା ।

...ଚନୁ ମୋର ସାଙ୍ଗ, ବନ୍ଧୁ । ସମର ଇନ୍‌ଷ୍ଟିଚ୍ୟୁଟ୍‌ରେ ଆମେ ଏକାଠି ପାଠ ପଢ଼ିଛୁ, ଏକା ବେଂଚରେ ବସିଛୁ । ଆମ ଭିତରେ ଆତ୍ମାର ମିଳନ, ହୃଦୟର ବନ୍ଧନ । ଏଠି ମାମୁଲି ନିମନ୍ତ୍ରଣ ? ଡାକରା ? କହିଁକି, ମୋ ଭଉଣୀକି ତ ମୁଁ ବେଦୀରେ ବସେଇ ବାହା କରେଇବା କଥା । ମୋ ଭଉଣୀ ମଥାରେ ସିନ୍ଦୂର, ହାତରେ ସୁନା କାଚ ପିନ୍ଧେଇ ଦେବା ତ ମୋର କର୍ତ୍ତବ୍ୟ । ମୋ ଭଉଣୀ ପାଇଁ ମୁଁ ପ୍ରାର୍ଥନା କରିବି—ମୋ ଭଉଣୀର କାଚ ବଜ୍ର ହେଉ, ସେ ପାକଲା ବାଳରେ ସିନ୍ଦୂର ନାଉ ।

ତନୁଶ୍ରୀ ବେଞ୍ଚ ଉପରୁ ଉଠି ଆସିଲା । ହାତ ଧରି ନେଇ ବସାଇଲା ଗୋଟିଏ ଚଉକି ଉପରେ ତମେ ଏଇଠି ବସ ପ୍ରଦୀପ ଭାଇ, ମୁଁ ପାଣି ଆଣିଦେଉଛି, ଗୋଡ଼ ଧୋଇନିଅ । ବେଶୀ କଥା କୁହ ନାହିଁ, ମୁଣ୍ଡ କ'ଣ ହେଇଯିବ ।

ଆରେ ନା, ନା, ମୋ ମୁଣ୍ଡ ଠିକ୍ ଅଛି । ମୁଁ ସିଧା ଟ୍ୟାକ୍ସିରେ ଆସୁଛି ବରହମ୍ପୁରରୁ କଲିକତା । କେ ଯା' ବାଟ ଯେ ! ହେଲେ ଏଇ ଟ୍ୟାକ୍ସିଗୁଡ଼ାଙ୍କର ମୋଟେ ସ୍ପିଡ୍ ନାହିଁ । ମୁଁ ଯେତେ ଜୋରେଜୋରେ ଚଳେଇବାକୁ କହୁଛି, ସେ ସେତେ ମଠେଇ ମଠେଇ ଚାଲୁଛି । ମୁଁ କହିଲି ଯଦି ଆମେ ପହଞ୍ଚିବା ଆଗରୁ ବାହାଘର ସରିଯାଏ, ତେବେ ଯାଇଁ ଲଭ କ'ଣ ? ତନୁ କହିବ– ଆରେ ପ୍ରଦୀପ ଭାଇ, ଏତେ ଭଲପାଉଥିଲ, ଟିକଏ ମୋ ବାହାଘରକୁ ଆସିଲ ନାହିଁ ? କ'ଣ ଦବାକୁ ପଡ଼ିବ ବୋଲି ଡରିଗଲ ? କ'ଣ ଏମିତି ମୁଁ ନେଇଯାଇଥାଆନ୍ତି ଯେ ?

···ହେଇ ନେ ତନୁ, ତୋ ଗରିବ୍ ଭାଇର ଏଇ ସାମାନ୍ୟ ଉପହାର—ଚୂରପଟ ସୁନା କାଚ, ସିନ୍ଦୁର, ଏଇ ସୁନା ହାରଟି । ନା ଇୟରଡ୍ରପ୍ ପାଇଁ ପଇସା ପାଇଲି ନାହିଁରେ, ଆଣି ନାହିଁ । ଆଉ ହଁ, ଏଇ ବନାରସୀ ସିଲ୍କଟା—ଚମ୍ପାରଙ୍ଗର—ହଁ ଶୁଭଦିନେ ଏଇ ରଙ୍ଗ ପିନ୍ଧନ୍ତି । ଆଉ ଏଇ ରଙ୍ଗ ତୋ' ଦେହକୁ ବେଶ୍ ମାନିବ । ଆରେ ମୁଁ ରଙ୍ଗ ଚିହ୍ନି ନାହିଁ ? ତୋ' ଦେହକୁ ମ୍ୟାଚ୍ କଲାଭଳିଆ ରଙ୍ଗ ମୁଁ ଚିହ୍ନିପାରିବି ନାହିଁ ? ଆଚ୍ଛା ତନୁ, ଓଡ଼ିଆ କବିତା ତ ତୋ'ର ପସନ୍ଦ ହେବ ନାହିଁ । ଇଂରେଜୀ ଅଧ୍ୟାପିକା । ଫାଷ୍ଟ୍ କ୍ଲାସ୍ ଏମ୍. ଏ. । ତୋ ପାଇଁ ଗୋଟିଏ ଇଂରେଜୀ କବିତା ଲେଖିଛି--ହଁଅ, ଭୁଲ୍‌ଭାଲ୍ ଅନେକ ଥିବ, ଯେତେହେଲେ ଥାର୍ଡ଼କ୍ଲାସ୍ ତ—ଆଚ୍ଛା, ଦେଖିଲୁ, ତୋ ମନକୁ ପାଉଛି ? ମୁଁ କିଂଭୁ ଛାପି ପାରିନାହିଁରେ ବେଳ ହେଲା ନା । ଏମିତି ହାତରେ ଲେଖି ଗୋଟାଏ ଫଟୋ ବାନ୍ଧି ଦେଇଛି । ଦେଖିଲୁ । ଆଚ୍ଛା ମୁଁ ପଢ଼ି ଦିଏ—

'Merry birds are singing
song of eternal bliss,
Marriage bell ringing
Sweet lore of love and kiss.

up from the celestial canopy
Blessings of Heaven shower
Long, prosperous and happy
Life fresh as flower.'

ସେତେବେଳକୁ କାଂଚନ, ସୁବ୍ରତ, ସୁବ୍ରତର ମା' ଓ ଅନ୍ୟମାନେ ଆସି ଜମା ହୋଇଯାଇଥାନ୍ତି ଗୃହପାଖରେ । ବାହାଘର ବନ୍ଦ ହୋଇଯାଇଥାଏ । ବିନାୟକ ବି ଧୀରେ ଧୀରେ ଉଠିଆସିଥାଏ ବେଖାରୁ । ପ୍ରଦୀପ ସମସ୍ତଙ୍କୁ ମଥା ନୋଇଁ ପ୍ରଣାମ କଲା । କହିଲା—ଆରେ ଆରେ ଆପଣମାନେ ସମସ୍ତେ ଚାଲିଆସିଲେ । ବାହାଘର ଏକାବେଳକେ ବନ୍ଦ କରିଦେଲ ? ନା, ନା ଏ ଠିକ୍ ହେଲାନି । ଚାଲନ୍ତୁ, ସମସ୍ତେ ଚାଲନ୍ତୁ । ଯେଝା ଯେଝା କାମରେ ଲାଗିବା । ଯେମିତି ଠିକ୍ ଲଗ୍ନରେ ହାତଗଣ୍ଠି ଟା ପଡ଼େ । ଆରେ ହଁ, ବିନାୟକ ଭାଇ ! ଆପଣଙ୍କୁ ଆଉ ଥରେ ପ୍ରଣାମ । ଆପଣଙ୍କୁ ମୋ ପରିଚୟଟା ଦିଏ । ଆରେ କେହି ତ ମତେ ପରିଚୟ କରେଇ ଦେଉ ନାହାନ୍ତି । ମୁଁ କ'ଣ କରିବି ? ମୁଁ ପ୍ରଦୀପ ପଟ୍ଟନାୟକ । ଚିନ୍ମୟୀର ବନ୍ଧୁ । ଚିନ୍ମୟୀ ମୋ ସମ୍ବନ୍ଧରେ ଆପଣଙ୍କୁ ବହୁତ ଲେଖିଥିବ । ମୁଁ ଆଉ ବେଶୀ କ'ଣ କହିବି ? ଖାଲି ସେ ଯାହା କହି ନ ଥିବ, ସେତିକି କହିଦିଏ—ମୋର ରମାନନ୍ଦୀ ମତ । ଅର୍ଥାତ୍ ମୁଁ ଏମ୍. ଏ.ରେ ତୃତୀୟ ଶ୍ରେଣୀ—ଥାର୍ଡ଼କ୍ଲାସ୍ !

ଚିନ୍ମୟୀ ଆସି ପୁଣି ଧରିଲା ପ୍ରଦୀପର ହାତ--ତୁମ ଗୋଡ଼ତଳେ ପଡ଼ୁଛି ପ୍ରଦୀପ ଭାଇ ! ତମେ ଆଜି କିଛି କୁହ ନାହିଁ । ତମେ ଆଜି କିଛି କହିବ ତ ମୁଁ ଏଇ କୋଠାରୁ ତଳକୁ ଡେଇଁପଡ଼ିବି ।

ପ୍ରଦୀପ ହସିଲା । କହିଲା ଆରେ ନା, ନା, ତୁ ଦୁଃଖ କରୁଛୁ କାହିଁକି ? ମୁଁ କ'ଣ ତତେ କଷ୍ଟ ଦେବାକୁ କହୁଛି ? ତୁ କ'ଣ ଏତେବି ବ

ବିଶ୍ୱାସ କରୁଛୁ, ଜୀବନରେ ମୁଁ ତୋତେ କଷ୍ଟ ଦେବି ? ନାଁରେ ମୁଁ ତୋ' ପାଦ ତଳେ ଦାସ ହୋଇ ରହିବି ସିନା, ତୋ' ପାଦ ତଳେ କଣ୍ଟା ହେବି ନାହିଁ।...ଆସ ସୁବ୍ରତ ଭାଇ ! ଆସ, ଟେଣେ ବୋ ସେଇବାଷ ଦେଖିବା। ବାହାଘର କାମ ଚାଲୁ।—ସୁବ୍ରତର ହାତ ଧରି ପ୍ରଦୀପ ଖଦାଶାଳ ଆଡ଼େ ଚାଲିଲା।

ସୁବ୍ରତ ବିବ୍ରତ ହୋଇପଡ଼ିଲେ। ସେ କାଂଚନ ଠାରୁ ସବୁକଥା ଶୁଣିଛନ୍ତି, ଜାଣିଛନ୍ତି। ତେଣୁ ହଠାତ୍ ଯେତେବେଳେ ଚିନ୍ମୟୀ ସ୍ଥିର କଲା ବିନାୟକ ସହିତ ବିବାହ କରିବାକୁ, ସେ ଆଶ୍ଚର୍ଯ୍ୟ ହୋଇ କାଂଚନ ମୁହଁକୁ ଚାହିଁଥିଲେ। କାଂଚନ ବି ଅବୋଧ ଭଳି ଚାହିଁ ରହିଥିଲେ ସ୍ୱାମୀଙ୍କ ମୁହଁକୁ। ଆଜି ପ୍ରଦୀପଙ୍କୁ ଦେଖି ସୁବ୍ରତ ସେଇ କଥା ଭାବୁଥିଲେ। ଆଜି ଭାବୁଥିଲେ ଏ ଆନନ୍ଦ ତଳେତଳେ କେତେ ଅନ୍ତର୍ଦାହ, ମର୍ମଦାହ ଭରି ରହିଛି। ତାଙ୍କର ତ ଭୟ ହେଉଥିଲା, ଏ ଧକ୍କା ବୋଧେ ପ୍ରଦୀପ ସମ୍ଭାଳି ପାରିବ ନାହିଁ, ଭାଙ୍ଗିପଡ଼ିବ। ଦୀପ ଲିଭିଯିବା ଆଗରୁ ଯେମିତି ଉଜ୍ଜ୍ୱଳ ହୋଇ ଜଳିଉଠେ, ଏ ଆନନ୍ଦ, କଳରୋଳ, ଉତ୍ତେଜନା ବୋଧେ ସେଇଆ।

ପ୍ରଦୀପର କଂଣୁ ପରବାୟୁ ନାହିଁ। ସେମିତି ହସିହସି ସୁବ୍ରତଙ୍କୁ ଟାଣିଟାଣି ନେଇ ଆଗକୁ ଚାଲିଲା। ପାହାଚରେ ଚଢ଼ିଚଢ଼ି ଦୁହେଁ ଉପରକୁ ଉଠିଲେ। ଯାଇଁ ଛାତ ଉପରେ ବସିଲେ। ପ୍ରଦୀପ କହିଲା—ଦେଖ ସୁବ୍ରତ ଭାଇ, ଚିନୁକୁ ଯାନଯୌତୁକ ଦେବାରେ ତମେ କୃପଣତା କରିବ ନାହିଁ। ହେଲେ ହେଲେ ଗୋଟାଏ ଭଉଣୀ, କେତେ ନେଇଯିବ ? ଧାନ ହେଁସରୁ କାଉ ଖୁମ୍ପାଏ ନେଲାଭଳିଆ ନେବ। ସେଥିରେ କ'ଣ ତମର ସରିଯିବ ? ତମେ ଗରିବ ହୋଇଯିବ ? ବାପା ମଲାବେଳେ ତାକୁ ତମର ହାତରେ ସମର୍ପି ଦେଇ ଯାଇଥିଲେ ପରା। ତାକୁ ଅବହେଳା କରିବ ନାହିଁ। ତାକୁ ଏ ଭଳି କିଛି କହିବ ନାହିଁ, ଯୋଉଥିରେ ତା'କୁ କଷ୍ଟ ହେବ, ସେ କାନ୍ଦିବ। ସେ ଉପରେ ଯେତେ ରୁକ୍ଷ ହେଲେ ବି ଭିତରେ ଭାରି ଦୁର୍ବଳ। ଟିକିଏ କଥାରେ ତାକୁ ଭାରି ବାଧେ। ସେ ଭୋ' ଭୋ' କାନ୍ଦି ଉଠେ। ନା, ନା, ତାକୁ କନ୍ଦେଇବ ନାହିଁ ସୁବ୍ରତ ଭାଇ ! କନ୍ଦେଇବ ନାହିଁ।

ପ୍ରଦୀପ ଅନ୍ୟ ଆଡ଼େ ମୁହଁ ବୁଲେଇଲା । ସୁବ୍ରତ ସବୁ ବୁଝୁଥିଲେ । କ'ଣ କହିବେ, କେମିତି ଆରମ୍ଭ କରିବେ, ସେଇଆ ଖାଲି ଭାବୁଥିଲେ । ଶୋକରେ ଗଦ୍‌ଗଦ୍ ହେଉଥିବା ଲୋକକୁ କିଛି କହିବା ଉଚିତ କି ଅନୁଚିତ, ସେ ବି ଗୋଟାଏ ପ୍ରଶ୍ନ ।

ସୁବ୍ରତଙ୍କୁ ଅପେକ୍ଷା ନ କରି ପ୍ରଦୀପ ହଠାତ୍ କହିଲା—ଆରେ ଯାଃ, ଗୋଟାଏ ଭୁଲ ହେଇଗଲା । ଗୋବିନ୍ଦ ବିନେ ବୋଲଯାହା ! ତମକୁ ଗୁଡ଼ ବାହାଘର ! ତମକୁ ଆଡ଼େ ଟାଣି ଆଣିଲି, ଆଜି ସାଢ଼େ ବାହାଘର ହବ କେମିତି ? ଦେଖିଲ ମତେ କେହି କହୁନାହାଁନ୍ତି, ଭାଉଜ ବି କିଛି କହୁ ନାହିଁ । ଚାଲ ଚାଲ, ଚଳକୁ ଚାଲିଲ—ସୁବ୍ରତର ହାତ ଧରି ପୁଣି ପ୍ରଦୀପ ଖପ୍‌ଖପ୍ ଚଳକୁ ଓହ୍ଲେଇ ଆସିଲା ।

ଏଥର ସିଧା ଯାଇଁ ପହଞ୍ଚିଲା ସେପେଇ ଘରେ ।—ଏଇ ଯେ ଭାଉଜ ! ତମେ ଏଇଠି, ମୁଁ ସାଢ଼େ ତମକୁ ଖୋଜଖୋଜ ନସ୍ୟାନ୍ତ ହେଲଣି । ଆରେ ଚା' କପେ ଦିଅ । ଏବେ ବାହରୁ ଆସିଲି । କପେ ଚା' ହବ ନାଇଁ ?...କାଂଚନ ଗୋଟିଏ ପ୍ଲେଟ୍‌ରେ ଲୁଚି, ସନ୍ଦେଶ, ପାୟସ ଆଦି ଆଣୁଥିଲେ । ପ୍ରଦୀପ କହିଲା—ଆରେ ନା, ନା, ଜଳଖିଆ ଏବେ ଥାଉ । ମୁଁ କ'ଣ କୁଣିଆ ହେଇଛି, ମତେ ଏତେ ସଜେଇସାଜେଇ ଦେବା ଦରକାର ? ଜଳଖିଆ ଖାଇଲା ବେଳ ହେଲେ ମୁଁ ନିଜେ ହାତରେ ନେଇ ଖାଇବି ନାହିଁ । ଆଚ୍ଛା ରୁହ—କାଂଚନଙ୍କୁ ଅପେକ୍ଷା ନ ରଖି ସେ ନିଜେ ଗୋଟିଏ କେଟ୍‌ଲିରୁ ଚା' ଢାଳି ନେଇ ପିଇଲା ଏବଂ ଗୋଟିଏ ଚେୟାର ଟାଣି ନେଇ ବସିପଡ଼ିଲା—ସତେ ଭାଉଜ ! ଫାଷ୍ଟ୍ କ୍ଲାସ୍ ଚା' ହେଇଛି । ଇଏ କ'ଣ ଇସ୍‌ପେସଲ ?

କାଂଚନ ଆଶ୍ଚର୍ଯ୍ୟ ହେଇ ଚାହିଁଲେ । କହିଲେ—ନା, ଖାଲି ଚା' ଖାଇଲେ ହେବ ନାଇଁ, ଜଳଖିଆ ଖାଇବାକୁ ହେବ । ନିଅ, ମୋ ରାଣ, ଟିକିଏ ଖାଅ ।

ଆରେ ଆରେ ରାଣ ପକେଇବା ଦରକାର କ'ଣ ଭାଉଜ ? ମୁଁ ତ ନିଜେ ମାଗି କରି ଖାଇବି । ଚନୁର ବାହାଘର, ଏଠି ପୁଣି ଫର୍ମାଲିଟି ?

ଶନୁ ମୋର କେତେ ପ୍ରିୟ, ତମେ କ'ଣ ଜାଣିଛ ଭାଉଜ ? ଆମେ ବହୁତ ଦିନୁ ସାଙ୍ଗ । ହେଲେ ସେ ଏକ ବିରାଟ ପଣ୍ଡିତ ଆଉ ମୁଁ ଏକ ବିରାଟ ଭଣ୍ଡ । ଯାହାକୁ ଇଂରେଜୀରେ କହନ୍ତି—She is a professor of wisdom, I am a clown of folly. ନିଅ—ଗୋଟିଏ ସନ୍ଦେଶ ଉଠେଇ ନେଇ ପ୍ରଦୀପ ହାତରେ ଧରାଇଲା ।

କାଂଚନ କହିଲେ--ଦେଖ ପ୍ରଦୀପବାବୁ, ଭାଉଜ ବୋଲି ଡାକୁଛ । ହେଲେ ଭାଉଜ କଥା ମାନିବାକୁ ପଡ଼ିବ । ମାନିବ ନା ?

କ'ଣ କୁହ ।

ଆସ, ସୁନା ପିଲାଟି ଭଳି ମୋ ସାଙ୍ଗରେ ଆସ । ମୁଁ ଉପର ଘରେ ବିଛଣା କରି ଦେଇଛି, ଟିକିଏ ଶୋଇ ପଡ଼ିବ । କେଜାଣି କେତେ ବାଟରୁ ଆସିଲଣି । ବଡ଼ କ୍ଲାନ୍ତ ଲାଗୁଥିବ ।

ନାଇଁ ଭାଉଜ, କ୍ଲାନ୍ତ ତ ମୋଟେ ଲାଗୁନି, ବରଂ ଆନନ୍ଦରେ ଫାଟି ପଡ଼ୁଛି ମନ । କେତେ ବାଣ ରୋଷଣି, ଝିଆପିଆ, ଧୂମ୍‌ଧାମ୍—ଏଥିରେ କାହାର ଶୋଇବାକୁ ଇଚ୍ଛା ହେବ ? ମୁଁ ପୁଣି ଏତେ ବାଟରୁ ଆସିଛି । ଟିକିଏ ବାହାଘର ଦେଖିବ ନାହିଁ ? ଶନୁ ଦୋଳମୁକୁଟ ପିନ୍ଧିବ, ଚନ୍ଦନ ପିନ୍ଧିବ, ପାଦରେ ଅଳତା ପିନ୍ଧିବ, ନଇଁ ନଇଁ କୁଜ ବୋହୂଟି ପରି ବେଦୀ ଉପରକୁ ଆସିବ । ଆଚ୍ଛା ଭାଉଜ ଶନୁ ପାଉଁଜି ପିନ୍ଧିବ ନାଇଁ ? ହେଇ ଦେଖିଲ, ତା' ପାଇଁ ମୁଁ ପାଉଁଜି ନେଇ ଆସିଛି । ତା' ସୁନା ପାଦ ଉପରେ ଏଇ ଘୁଙ୍ଗୁର ପାଉଁଜି ଭାରି ସୁନ୍ଦର ଦିଶେ ! ଆଉ ଆଖିରେ କଜଳ ? ହଁ ଦେଖ, କଜଳ ଗାରଟିକୁ ତମେ କାନ ଆଡ଼କୁ ବେଶି ଲମ୍ବାଇ ଦେବନି । ଖାଲି ସାମାନ୍ୟ ଟିକିଏ ଯାଉଁ ଯାଉଁ ଅଟକି ଯିବ । ଆଉ ମୁହଁ ଉପରେ ଦି'ଟା ଚୂନା ବାଳ ଯେମିତି ଖେଳି ବୁଲିବ । ଏକାବେଳକେ ନୂଆବୋହୂ କରିଦେବ ନାହିଁ ମ, ଗୋଟିଏ ନଟି ସ୍କୁଲ୍ ଗାର୍ଲ ଭଳି କରିବ । ନଇଲେ ଜଙ୍ଗଲ୍‌କୁଇନ୍...ଏଇ ଗୋଟାଏ କେୟାରଲେଶ୍ ବିଉଟି—ସେ ରୁଜ୍, ପାଉଡ଼ର୍, ଓଠରେ ନାଲି ରଙ୍ଗର ବୋଳ...ଛି, ଛି,, ଏଗୁଡ଼ା ମୋଟେ ହବ ନାଇଁ । ସେ ଏ ଗୁଡ଼ା ମୋଟେ ପସନ୍ଦ କରେ ନା । ଖାଲି

ସାଦାସିଧା—ଏଇ ଗୋଟାଏ ନାଇଲେକ୍ସ ନଇଲେ ଗୁଜୁରାଟୀ ପ୍ରିଣ୍ଟ୍ ନଇଲେ ଫୁଲ୍ ଭଏଲ୍—ଖୁବ୍ ଗାଢ଼ ରଙ୍ଗ ନୁହେଁ, ଏଇ ଫିକା ଚକୋଲେଟ୍ ରଙ୍ଗ, ନଇଲେ ଆକାଶୀ ରଙ୍ଗ, ନଇଲେ ସିମେଣ୍ଟ କଲର, ନଇଲେ ଶ୍ଳେଟ୍ କଲର······

·····ଆଚ୍ଛା ଭାଉଜ, ତା' କବରୀରେ କିଛି ରକ୍ତଗୋଲାପ ଦେଲେ କେମିତି ହୁଅନ୍ତା ? ରକ୍ତଗୋଲାପକୁ ସେ ଖୁବ ଭଲପାଏ । ହେଇ ଦେଖୁନା, କଲିକତା ବଜାର ବୁଲିବୁଲି ମୁଁ କେତେ ରକ୍ତଗୋଲାପ ତା' ପାଇଁ ଧରିଆସିଛି । ନିଅ ଭାଉଜ, ଏଇ ଫୁଲରେ ତା' ଖୋସାକୁ ଅତି ସୁନ୍ଦର ଭାବେ ସଜାଇଦେବ । ଦେଖିବ, ସେ ଏଇ ଫୁଲ ଦେଖିଲେ ନା ଛୋଟ ପିଲାଙ୍କ ଭଳି ଫକ୍ ଫକ୍ ହେଇ ନାଚି ଉଠିବ । ଆଉ ଏଇ ଫୁଲରେ ତା'କୁ ସଜାଇ ଦେଲେ ନା ସେ ଦିଶିବ ଯେମିତି ଗୋଟିଏ ସ୍ୱର୍ଗର ପରୀ । ହଁ ଭାଉଜ, ମୁଁ ହାଇଦ୍ରାବାଦରେ ତା'କୁ ସେମିତି ଦେଖିଛି ପରା । ସେ କ'ଣ ଏମିତି ସେମିତି ଝିଅ, ସେ ଋଷି ଆଶ୍ରମର ଅନାଘ୍ରାତା, ଅଚୁମ୍ବିତା ଶକୁନ୍ତଳା !

କାଂଚନର କଣ୍ଠ ରୁଦ୍ଧ ହେଇ ଆସିଥିଲା । କହିଲେ—ଥାଉ, ମୁଁ ସବୁ କହିବ । ସବୁ କରିବ । ତମେ ଶୁଅଲ ।···କାହିଁ ଗୁ' ଖାଇଲ ନାହିଁ ତ ? ଏତେ ମରିଗରେ ନେଇଥିଲ, ତୋକେ ବ ପାଟିକି ଯାଇ ନାହିଁ । ଥଣ୍ଡା ହେଇଗଲା । ସନ୍ଦେଶ ସେମିତି ହାତରେ ଧରି ଧରି ଚଲେ ଥୋଇଲା । ଖାଲି କଥା ଆଉ କଥା । ତମେ ପାଗଳ ହେଇଯିବ । ମୋ ସୁନାଟି ପରା, ଶୁଅ ବିଶ୍ରାମ ନେବ ।

ନାଇଁ ଭାଉଜ, ମତେ କ୍ଷମା କର । ମୁଁ ମୋଟେ ଶୋଇପାରିବି ନାହିଁ । ଶିନୁର ବାହାଘର ତ ଆଉ ଦିନେ ହବ ନାଇଁ । ଆଜି ବାହାଘରଟା ଦେଖେ, ତା'ପରେ ସାରା ଜୀବନ ଶୋଇଥିବ ।

ସନ୍ତୋଷ ଆସି ପହଞ୍ଚିଲେ । କହିଲେ—ହେଲୋ ପ୍ରଦୀପ ! ୟଙ୍ଗ୍ ମ୍ୟାନ୍, କେତେବେଳେ ଆସିଲ ?

ମୁଁ ତ ଅନେକ ବେଳୁ ଆସିଲଣି ସନ୍ତୋଷ ଦା' । ମୁଁ ତମକୁ ମନେମନେ ଖୋଜୁଥିଲି । ତମର ଏ ଘରେ ଯେମିତି କ୍ଷୀରମାର ସଂପର୍କ···

ଖାଲି କ୍ଷୀର ମାର ନୁହେଁ ବାବୁ, କଂଗ୍ରୁ ଓଡ଼ିଆରେ କହିଲେ — Sheep for ଆଉ Castor oil ସଂପର୍କ ।···

ପ୍ରଦୀପ କହିଲା—ଏଇଟା କଂଗ୍ରୁ ଓଡ଼ିଆ ?

ହିଁ, ଜଡ଼ା ତେଲ ଆଉ ମେଣ୍ଢାବାଳ···ଦେଖୁନା କୋଉଠୁ ମାଛ ଆସିବ, କୋଉଠୁ ଶାଢ଼ୀ ଆସିବ, ଗହଣା ଆସିବ, ବାଜା ଆସିବ, ଗୃନ୍ଧୁଆ ଆସିବ, ସବୁଥିକ ସନ୍ତୋଷ, ସବୁ ଟଙ୍କା ସନ୍ତୋଷ ହାତରେ । ଏ କଲିକତାରେ ପୁଣି ଆମ ଭଉ ବେଶୀ, ଆମେ ଓଡ଼ିଆ ସାଙ୍ଗରେ ଓଡ଼ିଆ, ବଙ୍ଗାଳି ସାଙ୍ଗରେ ବଙ୍ଗାଳି । ହେଲେ ଆମେ neither this bank nor that bank—ନା ଏ କୂଳର ନା ସେ କୂଳର ।

ପ୍ରଦୀପ ଟିକିଏ ହସିଲା । ପୁଣି ଗୋଟାଏ କାମରେ ସନ୍ତୋଷ ବାହାରିଗଲେ ବାହାରକୁ । କାଂଚନ ବି ସେତେବେଳକୁ ଚାଲିଯାଇଥାନ୍ତି । ପ୍ରଦୀପ ଚାଲି ଚାଲି ହୋଇ ବେଦୀ ପାଖକୁ ଗଲା । ଯାଇଁ ଟିକିଏ ଦୂରରେ ସମସ୍ତଙ୍କ ଆଡ଼ୁଆଳରେ ଠିଆ ହେଲା ।

ବାହାଘର ଚାଲିଥିଲା । ଶଙ୍ଖ, ହୁଳହୁଳି, ବାଜା, ବେଦମନ୍ତ୍ର, ଲାଉଡ୍‌ସ୍ପିକର, ହୋ' ହୋ' ଘୋ' ଘୋ'ରେ ଘର କଂପୁଥିଲା । ମହୁରିର ସ୍ୱର କଂଜୁ ସମସ୍ତଙ୍କୁ ବୁଡ଼େଇ ଦେଉଥାଏ । କଟକ ମହୁରିଆ 'ଗରିବ' କରୁଣ ସ୍ୱରଟିଏ ଧରିଥାଏ—

'ଭଲ ରହ ତୁଇଁ ଲୋ ଆସି କାନ୍ଦି ତଳିଟି,
ସୁଖ ଦୁଃଖକୁ ଦେଇ ଗୋଳକରେ ଗୋଳକରେ ଗୋଳକ ।

ବେଦୀରେ ବସିଥାଏ ଚନ୍ଦ୍ରପ୍ରୀ । ଓଢ଼ଣା ତଳେ ତା' ମୁହଁଟି ଦିଶୁ ନ ଥାଏ । ଆଉ ତା' ଭିତରେ କେତେ ଉତ୍ଥାନ ପତନ ହେଉଥାଏ କି ନାହିଁ ଭଗବାନ ଜାଣନ୍ତି । ଘନଘନ ହୁଳହୁଳି ଆଉ ଶଙ୍ଖଧ୍ୱନି ଭିତରେ ବ୍ରାହ୍ମଣମାନେ ଲଙ୍କା ସୂତାରେ ଦୁବ ବରକୋଳି ପତ୍ର ବାନ୍ଧିଲେ । ମୁହଁରେ ସେଇ ପବିତ୍ର ମନ୍ତ୍ରଧ୍ୱନି—

ଯଥା ରାବଣସ୍ୟ ମନ୍ଦୋଦରୀ
ଯଥା ନଳସ୍ୟ ଦମୟନ୍ତୀ
ଯଥା ଧୃତରାଷ୍ଟ୍ରସ୍ୟ ଗାନ୍ଧାରୀ
ଯଥା ସୁଗ୍ରୀବସ୍ୟ ତାରା ।

ବିନାୟକର ହାତ ଉପରେ ଚନ୍ଦ୍ରପ୍ରୀତ ହାତ ଆଣି ରଖିଲେ ପୁରୋହିତେ । ତା'ପରେ ଘନଘନ ଶଙ୍ଖଧ୍ୱନି, ହୁଳହୁଳି, ମନ୍ତ୍ର ଉଚ୍ଚାରଣ, ମଙ୍ଗଳ ମହୁରି, ବିପୁଳ କୋଳାହଳ—ହାତଗଣ୍ଠି ପଡ଼ିଲା ।...ତା'ପରେ ବ୍ରହ୍ମାବରଣ, ପୁରୋହିତଙ୍କୁ ଦକ୍ଷିଣା, ନବବସ୍ତ୍ର ପ୍ରଦାନ । ତା'ପରେ ହସ୍ତଗ୍ରନ୍ଥି ମୋଚନ । ସନ୍ତୋଷଙ୍କ ସ୍ତ୍ରୀ ଗୋପା ଆସି ହୁଳହୁଳି ପକେଇ, ବରକୋଳି ପତ୍ର ବରକନ୍ୟାଙ୍କ ମଥାରେ ଥାପି ହାତଗଣ୍ଠି ଫିଟାଇଲେ ।

ମହାରାଷ୍ଟ୍ରୀୟ ରୀତି ଅନୁଯାୟୀ ବିନାୟକ ବେଦୀ ଉପରେ ଚନ୍ଦ୍ରପ୍ରୀ ହାତରେ ଦୁଇ ଦୁଇ ପଟ ସୁନା କାଚ ପିନ୍ଧେଇ ଦେଲେ । ପ୍ରଥମ ଥର ପାଇଁ ସୀମନ୍ତରେ ସିନ୍ଦୂର ଥାପି ଦେଲେ । ଚନ୍ଦ୍ରପ୍ରୀ ବେକରେ ଗୋଟିଏ ଗୋଟିଏ ଫୁଲମାଳ ଲମ୍ବାଇ ଦେଲେ । ଚନ୍ଦ୍ରପ୍ରୀ ମୁଣ୍ଡ ନୋଇଁ ବିନାୟକର ପାଦ ଛୁଇଁ ପ୍ରଣାମ କଲା ।

ତା'ପରେ ଆରମ୍ଭ ହେଲା ହୋମ ।

ଗୋଟିଏ ଖୁଣ୍ଟକୁ ଆଉଜି ପ୍ରଦୀପ ଠିଆ ହୋଇଥିଲା, ଗୁହାଁଥିଲା, ସବୁ ଦେଖୁଥିଲା ।

ମହୁରିଆ ନୂଆ ସ୍ୱରଟିଏ ଧରଥାଏ—

'ସବୁଥିରୁ ବଂଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ,
ଯାହା ଦେଇଥିଲ ସବୁ ତ ନେଲଣି ଆଉ କିସ ବୋଲି ଭୁଲାଇବ ହେ ।'

ପ୍ରଦୀପ ଟିକିଏ ହସିଦେଲା ।

ବିବାହ ସରିଲା । ବେଦୀରୁ ଉଠି ଭିତରକୁ ଯାଇଁ ଚନ୍ଦ୍ରପ୍ରୀ ପ୍ରଥମେ ଖୋଜିଲା ପ୍ରଦୀପକୁ । ଏ ଘର ସେ ଘର, ତଳ ଉପର ବହୁତ ଖୋଜି କରି ବେଦୀ ପାଖକୁ ଯାଇଁ ଦେଖିଲା ବେଦୀର ଅଦୂରରେ ସେଇ ଖୁଣ୍ଟକୁ

ଆଜିକି ସେମିତି ଠିଆ ହୋଇଛନ୍ତି ପ୍ରଦୀପ । ପ୍ରଦୀପ ଚିନ୍ମୟୀଙ୍କ ଦେଖିଲାମାତ୍ରେ ହସି ଉଠିଲା—ହେଲୋ ମିସେସ୍ ଗଡ୍‌କର । କନ୍‌ଗ୍ରାଚୁଲେସନ୍, ଓ୍ୱାରମେଷ୍ଟ୍ କନ୍‌ଗ୍ରାଚୁଲେଶନ୍ । ଆଜିର ଏଇ ଶୁଭ ବାସରରେ 'ମୁଁ ଆନ୍ତରିକ ସ୍ନେହ ଶ୍ରଦ୍ଧା, ପ୍ରୀତି, ଅଭିନନ୍ଦନ ଜ୍ଞାପନ କରୁଛି । ତମ ଉପରେ" ସ୍ୱର୍ଗରୁ ଫୁଲ ଚନ୍ଦନ ଝରିପଡ଼ୁ; ତମ ଚଲାପଥରେ ଗୋଲାପ ବିଛେଇ ହୋଇଯାଉ, ଗୋଲାପ ଘାର ହୋଇଯାଉ । I wish you roses and roses all through.

ଚିନ୍ମୟୀ ଗମ୍ଭୀର ହୋଇ କହିଲା—ହଉ ସବୁ ହେଲା, ତମେ ଆସ । ତମେ ସେତେବେଳୁ ଆସି ଟିକିଏ ପାଣି ବି ମୁହଁରେ ଦେଇନା । ତମେ କ'ଣ କହୁଛ ଆମ ଘରେ ଆଜି ଖାଇବ ନାହିଁ ?

ଖାଇବ ନାହିଁ ? କାହିଁକି ଖାଇବି ନାହିଁ ? ମାଳ ମାଷ୍ଟ୍ରାଣୀ ପଢ଼ିଛ ଚିନୁ ? ନା ଭୁଲ ହେଲା, ମାଳ ମାଷ୍ଟ୍ରାଣୀ ପଢ଼ିଛନ୍ତି ମିସେସ୍ ଗଡ୍‌କର୍ ? ସେଥିରେ ଦେଖିବେ ବ୍ରାହ୍ମଣ ଘରର ଝିଅ 'ମାଳ' ଧୋବାକୁ ବାହାହୋଇ ଧୋବଣୀ ହୋଇଗଲା । ଆଉ ଯେତେବେଳେ ତା' ଭାଇ ବାହାହେଲା, ପଡ଼ୋଶୀଘର ଧୋବଣୀମାନେ ତାଙ୍କ ଘରୁ ଡାଲି, ଭାତ, ଖିରି, ଆରିସା ପିଠା ଆଣିଲେ । ମାଳ ଯାଇଁ ତାଙ୍କୁ ହାତ ପତେଇ ବିକଳ ହୋଇ ମାଗିଲା—ଇଲୋ ମତେ ଟିକିଏ ଦିଅଲୋ, ମୋ ଭାଇର ବାହାଘର, ମୁଁ ଆଜି ସେଠି ଥିଲେ ତମକୁ ହାତ ଟେକି ଦେଇଥାନ୍ତି । ଆଉ ମୁଁ ଧୋବା ଘରେ ପଶିଲି ବୋଲି ଭାଇ ତ ଡାକିଲା ନାହିଁ, ତମେ ଟିକିଏ ଡାଲି ଭାତ ଦେବନି ? ଅଇଁଠା କଣ୍ଟା ଯାହା ଅଛି ଟିକିଏ ଦିଅ, ଦିଅ । ମୋ ଭାଇର ବାହାଘର ପରା ।......ଆଉ ଆଜି ଆମ ଚିନୁର ବାହାଘର, ମୁଁ ଖାଇବି ନାହିଁ ?? ନାଇଁ ନାଇଁ, ଆପଣ ଚାଲନ୍ତୁ । ଆପଣ ଯାହା ଦେବେ ମୁଁ ପେଟ ପୂରେଇ ଭୂରିଭୋଜନ ଖାଇବି । ଆଉ ତ କାଲି ଖାଇବି ନାହିଁ । ଆପଣ ଚାଲନ୍ତୁ, ଚାଲନ୍ତୁ ।

ଚିନ୍ମୟୀ କହିଲା—ଗୋଟିଏ କଥା କହିବି, ରଖିବ ପ୍ରଦୀପ ଭାଇ ? 'ମତେ 'ଆପଣ' କହିବ ନାହିଁ, 'ତମେ' କହିବ; ମିସେସ୍ 'ଗଡ୍‌କର୍' କହିବ ନାହିଁ, 'ଚିନୁ' କହିବ ।

ପ୍ରଦୀପ ହସିଲା । କହିଲା—ଚାଲନ୍ତୁ, ଚାଲନ୍ତୁ, କିଛି କହିବା ଦରକାର ହବ ନାହିଁ । ତେବେ ଆପଣଙ୍କ କଥା ମୁଁ ରଖିବ । ମୁଁ ଏମିତି କଥା କହିବ ନାହିଁ ଯୋଉଥିରେ ଆପଣଙ୍କ ସମ୍ମାନରେ ଆଂଚ ଆସିବ ।

ମତେ 'ତମେ' କହିବ ନାହିଁ ??—ଚନ୍ଦ୍ରମୁଖୀର କଣ୍ଠ ରୁଦ୍ଧ ହୋଇ ଆସିଲା ।

ପ୍ରଦୀପ ଚନ୍ଦ୍ରମୁଖୀର ମୁହଁକୁ ଚାହିଁଲା । କହିଲା—ହଉ, ଚାଲନ୍ତୁ ।

ଚାଲନ୍ତୁ ?

ଚାଲ ।

ଚନ୍ଦ୍ରମୁଖୀ ଆଗେ ଆଗେ ଗଲା । ପ୍ରଦୀପ ବାଧ୍ୟ ଶିଶୁଟି ଭଳି ପଛେ ପଛେ ଚାଲିଲା ।

ଗୋଟିଏ ଟେବୁଲରେ ଆଣି ଖାଇବା ଜିନଷ ସଜେଇ ରଖିଲା ଚନ୍ଦ୍ରମୁଖୀ---ପଲଉ, ଚିକେନ୍ସୁପ୍, ଚିଙ୍ଗୁଡ଼ି ମାଛର କାଳିଆ, ଭେଜିଟେବଲ୍ କରି, ଗୋଟିଏ ଖଟା, ସନ୍ଦେଶ, ରବଡ଼ି, ମଲେଇଚପ୍, ଦହି, ପାୟସ, କିଛି ଅଙ୍ଗୁର ଆଉ ଆପେଲ୍ । ମେଘ ଦେଖି ମୟୂର ନୃତ୍ୟ କଲା ପରି ଏତେ ଜିନଷ ଦେଖି ପ୍ରଦୀପ ନାଚି ଉଠିଲା---ବାଃ, କେତେ ବଢ଼ିଆ ବଢ଼ିଆ ଚିଜ ଆଣିଛ ଚନ୍ଦ୍ରମୁଖୀ । ତମେ ଅଇସୁଲକ୍ଷଣୀ ହୁଅ । ଧନ ଜନ ଗୋପ ଲକ୍ଷ୍ମୀରେ ତମ ଘର ପୂରିଉଠୁ । ଆମ ଭଳି ଗରିବଙ୍କୁ ଏମିତି ଖାଇବାକୁ ମିଳୁଥାଉ ।—ପ୍ରଦୀପ ଗୋଟିଏ ସନ୍ଦେଶ ଧରି ଖାଇବାକୁ ଆରମ୍ଭ କଲା । ଚନ୍ଦ୍ରମୁଖୀ ଧରି ପକେଇଲା ହାତ—ଏକା ଖାଇବ ? ମତେ ଡାକିବ ନାଇଁ ?

ତମେ ଖାଇବ ? ଏତେ ବଡ଼ଲୋକର ଘରଣୀ ଏ ମୂଲିଆ ସାଙ୍ଗରେ··· ··

ଥାଉ—ଚନ୍ଦ୍ରମୁଖୀ ଗୋଟିଏ ମଲେଇଚପ୍ ଧରି ପ୍ରଦୀପକୁ ଖୋଇଦେଲା । ପ୍ରଦୀପ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ତା' ହାତ ଥରି ଉଠିଲା । ଦେହ ଥରି ଉଠିଲା । ଧରିଥିବା ସନ୍ଦେଶଟିକୁ ଥରି ଥରି ହାତରେ ବଢ଼େଇଲା ଚନ୍ଦ୍ରମୁଖୀ ପାଟିକି । କିନ୍ତୁ ତା' ପାଟି ପର୍ଯ୍ୟନ୍ତ ପହଞ୍ଚି ପାରିଲା

ନାହିଁ, ହାତରୁ ଖସି ପଡ଼ିଲା । ହାତ ଟାଣି ଆଣୁ ଆଣୁ କାଚ ଗ୍ଲାସଟିରେ ବାଜିଲା । କାଚ ଗ୍ଲାସ ତଳେ ପଡ଼ି ଚୂନ୍‌ଚୂନା ହୋଇଗଲା । ପ୍ରଦୀପ କହିଲା—ନାଇଁ, ଆଉ ଆଜ୍ଞା, ମୁଁ ଆଉ ଖାଇପାରିବି ନାଇଁ । ମୋ ପେଟ କେମିତି ଆଉଟେଇ ହେଉଛି ।

ଚିନୁ କହିଲା—ନା, ଅଳବତ ଖାଇବାକୁ ହେବ । ନିଶ୍ଚେ ଖାଇବାକୁ ହେବ । ଅର୍ବକା କେତେ ବଡ଼ ବଡ଼ କଥା କହୁଥିଲ—ମାଳ ମାଷ୍ଟ୍ରାଣୀ……

ଆରେ ହଁ, ମାଳ ମାଷ୍ଟ୍ରାଣୀ । ମୁଁ ମାଳ ମାଷ୍ଟ୍ରାଣୀ । ମୁଁ ଆଉ ବ୍ରାହ୍ମଣ ଘର ଝିଅ ନୁହେଁ, ମୁଁ ଧୋବଣୀ ମାଳ·· ମାଳା । ମୋ ପେଟ ଆଉଟେଇ ହେବ ? ନାଇଁ, ନାଇଁ, ମୋ ପେଟ କିଛି ହେଉ ନାଇଁ । ମୋ ଭାଇର ବାହାଘର । ଆରେ ଭାଇ କିଏ ଭଉଣୀ କିଏ ? ମୁଁ ଖାଇବି ନାଇଁ ? ମୁଁ ନିଶ୍ଚେ ଖାଇବି । ସବୁ ଖାଇବି । ଦିଅ, ମତେ ସବୁ ଗୋଳେଇ-ଘୋଳେଇ ଯାହା ପାରୁଛ ଦିଅ—ପଲଉ, ଦହି, ମାଂସ ତରକାରି, ଖଟା, ସିବଇ, ମଲେଇଚପ, ଚୁଙ୍ଗୁଡ଼ି ମାଛର କାଲିଆ, ପାଣି ସବୁ ଗୋଳେଇ-ଘୋଳେଇ ଏକାଠି କରି ଗାବୁଲୁ ଗାବୁଲୁ ଖାଇଗଲା ପ୍ରଦୀପ । ଚିନ୍ମୟୀ ଯେତେ ବାରଣ କଲେ, ଯେତେ ଗଣ ନିପୁମ ପକେଇଲେ ବି ସେ କିଛି ଶୁଣିଲା ନାହିଁ । କହିଲା—ଆରେ ଆ ! ଚିନୁର ବାହାଘର । ଚିନୁ ମୋର ଅଧ୍ୟାପିକା, ଚିନୁ ମୋର ଏମ୍. ଏ., ଫାଷ୍ଟ୍‌କ୍ଲାସ ଫାଷ୍ଟ୍, ଗୋଲ୍ଡ଼ ମେଡ଼ାଲିଷ୍ଟ୍, ଚିନୁ ମୋର ସମର ଇନ୍‌ଷ୍ଟିଚିଉଟର ସାଥୀ । ତା' ବାହାଘରରେ ମୁଁ ଗଣ୍ଡା ଖାଇବି ନାହିଁ ? କେତେ ଦୁଃଖୀ ରଙ୍କୀ, ଗରିବଗୁରୁବା, କୁଷ୍ଠ-ରୋଗୀ, ଭିକାରି ଖାଇବେ । ମୁଁ ଗଣ୍ଡେ ଖାଇଲେ ତା'ର ସରିଯିବ ? ନା, ମୁଁ ଖାଇବି । ମୁଁ ଆଜି ପେଟ ପୂରେଇ ଖାଇବି । ଆଉ ତ କାଲି ଖାଇପାରିବି ନାହିଁ । କାଲି ତ ଆଉ ତାକୁ ହାତପତେଇ ମାଗିପାରିବି ନାହିଁ ।

ଚିନ୍ମୟୀ ଅବାକ୍ ହୋଇ ଚାହିଁ ରହିଥିଲା । ପ୍ରଦୀପ ଥାଳରେ ପାଣି ପୂରେଇ ସବୁ ଗୋଳେଇଘୋଳେଇ ହଡ଼୍‌ସଡ଼୍ କରି ଖାଇ ଯାଉଥିଲା, ଖାଇ ଯାଉଥିଲା ।

ଖିଆ ସରିଲା । ପ୍ରଦୀପ ହାତ ଧୋଇ ଆସି ସୁଟ୍‌କେଶ୍ ଖୋଲିଲା । କହିଲା—ଆରେ ଚିନୁ ! ମୁଁ ଭୁଲିଯିବି ? ହୋଇ ତମର ସବୁ ନୋଟ୍‌ସ୍,

ବନ୍ଧୁ, ଝିଟିସିଜମ୍—ଇଂରେଜୀ ସାହିତ୍ୟର ହୀରା, ମୋତି, ମାଣିକ--ମୋ ଭଳି ବାନର ଗଳାରେ ଶୋଭା ପାଇବ ନାହିଁ । ଖାଲି ଗଧ ଭଳି ବୋହିବା ହିଁ ସାର ହେବ । ଆଜି ପରୀକ୍ଷା ? ପରୀକ୍ଷା ଦିଅନ୍ତୁ ବ୍ରାହ୍ମଣ । ମୋ ଭଳି ଅଚ୍ଛୁଆଁ, ଅନାର୍ଯ୍ୟଙ୍କ ଦ୍ୱାରା ପାଠ ହବ ନାହିଁ ଚନ୍ଦୁ !…ହଁ, ଏଇ ତମର ଚିଠିଟି—କେତେ ଶ୍ରଦ୍ଧାରେ, କେତେ ଅଶ୍ରୁରେ ସଜଳ କରି ତମେ ଏ ଚିଠି ଲେଖିଥିଲି । ମୁଁ ପଚିଶ ଖଣ୍ଡ ଚିଠି ଲେଖିଛି । ତମେ ଲେଖିଥିଲ ମାତ୍ର ଖଣ୍ଡିଏ—ମାତ୍ର ଅଧ ପୃଷ୍ଠା । କିନ୍ତୁ ସେଥିରେ କେତେ ପ୍ରାଣ, କେତେ ମମତା, କେତେ ଅଶ୍ରୁ--ତପୁଲି ଦେଲେ ଲୁହ ଝରଝର ବୋହିପଡ଼ିବ । ଆଜି କ'ଣ ହେବ ମୋର ସେ ଚିଠି ? ମୋର ସେ ଚିଠିରେ ଆଉ କ'ଣ ଦରକାର ଅଛି ? କ'ଣ ଅଧିକାର ଅଛି ? ମୁଁ ସେ ଚିଠିଟିକୁ କେତେ ଅନ୍ତର ତଳେ ସାଇତି ରଖିଥିଲି, କେତେ ଅଶ୍ରୁରେ ଭିଜାଇ ଦେଇଥିଲି, କେତେ ଛାତି ଉପରେ ଜଡ଼ାଇ ଧରି ରାତି ରାତି ପୁହାଇ ଦେଇଥିଲି । ଆଉ କ'ଣ ହେବ ସେ ମୋର ? ନେଇ ନିଅ ତମ ଚିଠି—ତମରି କର କମଳରେ ଅର୍ପଣ କରୁଛି ।

ଚନ୍ଦୁ ଆଖିରୁ ଗୋଟିଏ ଧାର ବହିଗଲା । ଚନ୍ଦୁ ନିର୍ବାକ୍ ହୋଇ ଠିଆ ହୋଇ ରହିଲା ।

ପ୍ରତାପ ତା'କୁ ଅପେକ୍ଷା ନ କରି କହିଲା—ଥରେ ତମକୁ ମାଗିଥିଲି ଗୋଟିଏ ଫଟୋ । ତମେ ଦେଲ ନାହିଁ । ଓଲଟା ରାଗିଲ । ତମର ସେ ଦିନର ସେ ରକ୍ତ ଆଖି ମୋର ଏବେ ବି ମନେ ଅଛି । ତମେ ହାଇଦ୍ରାବାଦରେ ଯୋଉ ଦୋକାନରେ ଫଟୋ ଉଠେଇଥିଲ, ମୁଁ ସେ ଦୋକାନୀକୁ ବହୁତ ଲାଂଚ ଦେଇ ତମ ନେଗେଟିଭ୍‌ରୁ ଆଉ ଗୋଟିଏ ଫଟୋ ଉଠେଇ ଆଣିଥିଲି । ଆଜି ସେଇ ଫଟୋଟିକୁ ଟେବଲ ଉପରେ ରଖି ମୁଁ ପୂଜା କରିଥିଲି ଏକଲବ୍ୟ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ମୂର୍ତ୍ତି ପୂଜା କଲା ଭଳି । କେତେ ସକାଳ, ସନ୍ଧ୍ୟା, ରାତି, ଗଭୀର ନିଶୀଥରେ ସେଇ ଫଟୋ ଆଗରେ ବସି ବସି ମୁଁ ଅଶ୍ରୁ ଢାଳିଛି, ମନକଥା କହିଛି, ପ୍ରଳାପ କରିଛି, ଲୁହରେ ଅନ୍ଧ ହୋଇ ସେଇ ଫଟୋ ଉପରେ ମୁହଁ ରଖି ଘନଘନ ଚୁମ୍ବନ କରିଛି, କୋଳ କରିଛି,…ତା' ତମକୁ କେମିତି କହିବି ? କେମିତି କହିବି ?……

...ବାଘ ମାଂସ ଖାଏ । ଦାଣ୍ଡର କୁକୁର ମାଂସ ପାଏ ନାହିଁ । ଖଣ୍ଡେ ଶୁଖିଲା ହାଡ଼କୁ ରେକେଟି ରେକେଟି ତା' ନିଜ ମାଡ଼ିରୁ ଯୋଉ ରକ୍ତ ବାହାରେ ତା'କୁ ଚାଟିଚାଟି ଆନନ୍ଦ ପାଏ । ତମର ରକ୍ତମାଂସର ଦେହ ଯିଏ ପାଉଛି ପାଉ, ତମର ଫଟୋ ଖଣ୍ଡିକ ପାଇ ମୁଁ ସ୍ୱର୍ଗର ସଂପତ୍ତି ପାଇଛି ବୋଲି ମନେ କରୁଥିଲି । କିନ୍ତୁ ଆଜି ଦେଖୁଛି ତା' ଅନ୍ୟାଯ୍ୟ, ଅସୁନ୍ଦର, ଅସୌଜନ୍ୟ । ତମ ରାଜରାଜେଶ୍ୱରୀ, ମୋ ଭଳି ଭିକାରୀ, କୁଷ୍ଠ ରୋଗୀଟି ଘରେ ତମେ କାହିଁକି ରହିବ ? ହେଇ ନିଅ ତମ ଫଟୋଟି । ତମ ଫଟୋ ମୁଁ ଏକପ୍ରକାର ଚୋରି କରି ଆଣିଥିଲି । ହାତ ଯୋଡ଼ୁଛି ମୋ ଅପରାଧ କ୍ଷମା କରିବ ।

ଚନ୍ଦ୍ରଶ୍ରୀ କଇଁ କଇଁ ହେଇ କାନ୍ଦି ଉଠିଲା । କହିଲା—ଥାଉ ମୁଁ ସବୁ ରଖିବି, ସବୁ କରିବି, ତମେ ଆଉ କିଛି କଥା କୁହ ନାହିଁ ।

ନା, ମୁଁ ଆଉ ବେଶୀ କହିବି ନାହିଁ । ମୋ କଥା ତମକୁ ଖରାପ ଲାଗୁଥିବ । ମୁଁ ଅଲୋଡ଼ା, ଅଖୋଜା ହେଇ ଆସିଛି । ମତେ ତମେ ଫାଟକ ବନ୍ଦ ନ କରି ଭିତରେ ସ୍ଥାନ ଦେଇଛ ସେଥିପାଇଁ ମୁଁ କେତେ କୃତଜ୍ଞ, କେତେ ଋଣୀ । ମୁଁ ଆଉ ତମକୁ ବିରକ୍ତ କରିବି ନାହିଁ, ଖାଲି ପଦେ କହିବି । ମୋର ଗୋଟିଏ କଥା ରଖିବ ଚନୁ ? ତମର ମନେଥିବ ସେ ଦିନ ଚେନାବ୍ ନଦୀ କୂଳରୁ ଫେରିଲା ବେଳେ ଗୋଟିଏ ଯୋତା ଦୋକାନରେ ଆମେ ପଶିଥିଲେ । ହେଲେ କଳା ଭେଲ୍‌ଭେଟ୍ ରଙ୍ଗର ଯୋତା ତମର ଖୁବ୍ ପସନ୍ଦ ହେଇଥିଲା । ସେଇ ଦିନ ରାତିରେ ତମେ ଲୁଚି ଲୁଚି ଲୁଧିଆନାରୁ ପଳେଇ ଆସିଲ । ଆଉ ତା' ପର ଦିନ ମୁଁ ସେ ଯୋତାହଳକ ତମ ପାଇଁ କିଣି ଆଣିଥିଲି । ହେଇ ସୁଟ୍‌କେଶ୍‌ରେ ଧରି ଆସିଛି । ଦୟାକରି ସେଇଟି ରଖିବ ? ତମ ସୁନା ପାଦରେ ଏଇ କଳା ଯୋତା ବେଶ୍ ମାନିବ ଚନୁ । ହାତ ଯୋଡ଼ୁଛି, ମନା କର ନାଇଁ ।

...ହଁ ଚନୁ, ଆଉ ପଦେ, ଭୁଲିଯିବି । ତମ ପାଇଁ ଗୋଟିଏ ସୁନା ମୁଦି କରିବା ମୋର ବହୁଦିନର ଇଚ୍ଛା, ତମେ ତ ମାମୁଲି ସୁନା ମୁଦି ପସନ୍ଦ କରନା । ମିନାବସା ମୁଦି କାହା ହାତରେ ଦେଖିଲେ ତମେ ରୁକ୍ମଣୀ ଭଳି ସେଇଟି ଛଡ଼େଇ ଆଣି ଦେଖ । ଥରେ ହାଇଦ୍ରାବାଦରେ

ମୋ ମୁଦ ନେଇ ପିନ୍ଧଲ । କହଲ—ମୁଁ ଏଇଟି ନଉଛୁ ଡ୍ରାପବାବୁ ।
ମୁଁ କହଲି—ନଅ । କହଲ—ନଅନ୍ତୁ ଯେ, ଆପଣଙ୍କ ନାଁ ଲେଖାଥିଲେ
ନଅନ୍ତୁ । ଖାଲି ମୁଦ ମତେ ଭଲ ଲାଗେ ନାହିଁ ।

...ସେଇଦିନୁ ଗୋଟିଏ ମିନା ମୁଦ ତମକୁ ଦେବା ମୋର ସଂକଳ୍ପ ଥିଲା । ହେଲେ ମୁଦରେ କା' ନାଁ ଲେଖନ୍ତି ଯେ ? ତମ ନିଜ ନାଁ ତମ ମୁଦରେ ଲେଖି ଲଭ କ'ଣ ? ତେଣୁ.. ବିନାୟକ ବାବୁଙ୍କ ନାଁ ଲେଖିଦେଲି । ଦେଖିଲ, ତମେ ଦେଖି ଭାରି ଖୁସି ହେବ । ତମର ଭାରି ପସନ୍ଦ ହେବ ମୁଦ୍ରିଟି । ମୁଁ ବି ମୁଦ୍ର ଗଢ଼ା ସରିବା ପରେ ଦେଖି ଆନନ୍ଦରେ ନାଚି ଉଠିଲି । ନଅ ଏଇ ମୁଦ୍ରିଟି ଆଜି ତମ ହାତକୁ ଟେକିଦେଉଛୁ । ଅଛବ ବ୍ରାହ୍ମଣଙ୍କୁ ଛୁଇଁ ନାହିଁ ଚନୁ । ତେଣୁ ମୁଁ ଟେକିଦେବା ଛଡ଼ା ଆଉ କ'ଣ କରିବ ? ଏ ମୁଦ୍ରିଟି ତମର ଚଂପା ଫୁଲର ଆଙ୍ଗୁଳି ଉପରେ କେମିତି ଦିଶିବ, ମୁଁ ମନେମନେ କଳ୍ପନା କରିବ ସିନା, ଆଉ ଦେଖିପାରିବ ନାହିଁ । ବିନାୟକ ବାବୁ ଦେଖି ଖୁସି ହେବେ ସେଇ ମୋର ଆନନ୍ଦ ସେଇ ମୋର ଆନନ୍ଦ । ତମେ ଆଉ ବିନାୟକ ବାବୁ ମୋର ସ୍ନେହ ନେବ, ଆଶୀର୍ବାଦ ନେବ, ଲୁହ ନେବ, ପ୍ରଣାମ ନେବ, ପ୍ରଣାମ ଘେନବ । ବିନାୟକ ବାବୁଙ୍କୁ କହିବ— ଚନୁ ମୋର ନିରପରାଧ, ସବୁ ଅପରାଧୀ, ଦୋଷୀ, ପାପୀ ମୁଁ—ମୁଁ ! ଆଉ ତମେ ଚନୁ ! ଚନ୍ଦ୍ରମୁଖୀ ! ମୋ ସ୍ୱପ୍ନ ! ମୋ ମାଳବିକା ! ମାଧବିକା ! ଚିତ୍ରାଙ୍ଗଦା ! ଫୁଲଶର ! ମୁଁ ତମକୁ ବହୁତ କଷ୍ଟ ଦେଇଛୁ, ତମ ଛାତିରେ ବହୁତ କଣ୍ଟା ଫୋଡ଼ିଛୁ, ତମ ନୟନରୁ ବହୁତ ଅଶ୍ରୁ ଝରାଇଛୁ, ତମକୁ ହାତ ଯୋଡ଼ୁଛୁ, ମତେ କ୍ଷମା ଦେବ, କ୍ଷମା ଦେବ, କ୍ଷମା ଦେବ ।......

...ଆରେ ହଁ, ଭୁଲିଗଲି ଯାଃ, ମସ୍ତବଡ଼ ଭୁଲ୍ ହେଇଗଲା । ଦେଖିଲ, ମୋ ମୁଣ୍ଡ ଏକାବେଳକେ ଖରାପ ହେଇଗଲାଣି । ବରହମ୍ପୁରରୁ ମୁଁ ଡାଇରେକ୍ଟ ଟ୍ୟାକ୍ସିରେ ଆସିଲି । ସେ ଡ୍ରାଇଭର ଏ ଯାଏଁ କିଛୁ ଖାଇ ନାହିଁ । ଦିନସାରା ଗଲାଣି । ତମେ ଚନୁ ତା' ପାଇଁ କିଛୁ ଖାଇବାକୁ ଆଣ ତ । ମୁଁ ସାଙ୍ଗେ ସାଙ୍ଗେ ତାକୁ ଡାକିଆଣୁଛୁ । ମୋ ବେଡ଼ଂଟା ବି ବିଛେଇ ଦେଇଥିବ । ମୁଁ ଭାରି କ୍ଳାନ୍ତ । ଏଇ ମୁଁ ସାଙ୍ଗେସାଙ୍ଗେ ଆସିଲି—

ଚାନ୍ଦୁ କ'ଣ କହୁକହୁ ଆଖି ପଲକରେ ପ୍ରଦୀପ ଝପ୍‌ଝପ୍ କରି କୋଠା ଉପରୁ ତଳକୁ ଓହ୍ଲାଇଗଲା । ଫାଟକ ପାରି ହୋଇ ବାହାରକୁ ଚାଲିଗଲା ।

ଚାଲିଗଲା ।

ଚାଲିଗଲା ।

ସତରେ ସେ ବରହମ୍‌ପୁରରୁ ଡାଇରେକ୍ଟ ଟ୍ୟାକ୍‌ସି କରି ଆସିଥିଲା । ଆଉ ସେଇ ଡ୍ରାଇଭର ବି ଟିକଏ ଦୂରରେ ଅପେକ୍ଷା କରିଥିଲା । ପ୍ରଦୀପ ସେଇ ଟ୍ୟାକ୍‌ସିରେ ବସି ମୁହୂର୍ତ୍ତକ ଭିତରେ ଅନ୍ତର୍ଦ୍ଧାନ ହୋଇଗଲା । ଷାଠିଏ ମାଇଲ୍ ସ୍ପିଡ୍‌ରେ ଟ୍ୟାକ୍‌ସି ଚାଲିଲା । ଚାଲିଚାଲି ଯାଇଁ ଅଟକିଲା ଖଡ଼ଗପୁର ପାଖରେ । ପ୍ରଦୀପ ଟ୍ୟାକ୍‌ସିରୁ ଓହ୍ଲାଇଲା । ତା' ଟଙ୍କା ବରହମ୍‌ପୁରରୁ କଲିକତା ଆଉ କଲିକତାରୁ ବରହମ୍‌ପୁର ଯାହା ହେଲା ହିସାବ କରି ଚୁକ୍ତି କରିଦେଲା । ଆଉ ଦଶଟି ଟଙ୍କା ବକ୍‌ସିସ୍ ଦେଲା । କହିଲା—ଯାଅ, ତମେ ଆଜ ମୋ ପାଇଁ ବହୁତ କଷ୍ଟ କଲ । ମତେ କ୍ଷମା କରିବ ।

ଡ୍ରାଇଭର କହିଲା ଆପଣ ଯିବେ ନାହିଁ ?

ନା ।

ଏଣେ କୁଆଡ଼େ ଯିବେ ?

ଅନେକ ବାଟ ଖୋଲା ଅଛି । ଖଡ଼ଗପୁରେ ବହୁତ ରେଲ୍‌ଲାଇନ୍ !! ଆଚ୍ଛା ତମେ ଆସ । ନମସ୍କାର ।

ଡ୍ରାଇଭର ହାତ ଟେକି ନମସ୍କାର କଲା । ଟ୍ୟାକ୍‌ସି ଛାଡ଼ିଦେଲା ।

ପ୍ରଦୀପ ଚାଲି ଚାଲି ହୋଇ ରେଲଲାଇନ୍ ଆଡ଼କୁ ଗଲା । ରେଲ୍‌ଲାଇନ୍ କଡ଼େ କଡ଼େ ବି ଅନେକ ବାଟ ଆସିଲା । ଗୋଟିଏ ନିର୍ଜନ, ନିକାଞ୍ଚନ ସ୍ଥାନ । ଅନ୍ଧାର କିଟିକିଟି ରାତି । ଆକାଶରୁ ସବୁ ତାରା ଲିଭିଗଲେଣି । କଳାହାଣ୍ଡିଆ ମେଘ ଘୋଟିଛି । ବିଜୁଳି କୁଟୁଛି । ଟୋପାଏ ପଡ଼ୁଛି । ପ୍ରଦୀପ ଗୋଟିଏ ଗଛମୂଳେ ବସିପଡ଼ିଲା । ଆଗରେ ଡିଷ୍ଟାଣ୍ଟ୍

ସିଗ୍‌ନାଲ୍ ପଡ଼ିଛି । ବମ୍ବେ ମେଲ୍ ଆସିବାକୁ ପାଂଚ ମିନଟ୍ ବାକି । ପ୍ରତାପ କଣ୍ଠ ଫଟାଇ ଚିତ୍କାର କରିଉଠିଲା—ଚନ୍ଦୁ ! ଚନ୍ଦୁ ! ଚନ୍ଦୁ !···ଦୂରରେ, ବହୁଦୂରରେ ବମ୍ବେ ମେଲ୍‌ର ଆଲୁଅ ଦେଖାଦେଲା !!

କୋଡ଼ିଏ

ଉଟି—ଉତ୍‌କାମଣ୍ଡ । ସମୁଦ୍ର ପତ୍ତନ ଠାରୁ ଆଠ ହଜାର ଫୁଟ ଉଚ୍ଚରେ ଏକ ମନୋରମ ଶୈଳନିବାସ । ଯୁଆଡ଼କୁ ଚାହିଁବ ଖାଲି ପାହାଡ଼ ଆଉ ପାହାଡ଼ । ତଳେ ଯେମିତି ଅସଂଖ୍ୟ, ଅଗଣନ ଢେଉଢେଉକା ପାହାଡ଼, ଉପରେ ଯେମିତି ଗଛି ଗଛି ଭସା ବାଦଲର ମାଳା । ଝରଣା ଗୁଡ଼ା ଭଳି, ଜଳପ୍ରପାତର ଝରଝର ପାଣି ଭଳି, ସମୁଦ୍ର କୂଳରେ ଛେଚି ହୋଇଥିବା, ପିଟି ହୋଇଥିବା ତରଙ୍ଗ ଭଳି କେତେ ଚୂନା ଚୂନା ବାଦଲ ଯେ ଏଇ ଉଟିର ଆକାଶରେ ଭାସି ଭାସି ଯାଏ ପୁଣି କେତେ କଳାଧୂମର ବାଦଲ ଉଠି ଆସି ଏଇ ଉଟି ଉପରେ ଶ୍ରାବଣ ନିଶିର ଅନ୍ଧକାର ବୋଳିଦିଏ, ତା' ଦେଖିବାର କଥା—ବାତାୟନ ପାଖରେ ବସି ବସି ଉପଭୋଗ କରିବା କଥା ।

ଉଟି ଫୁଲର ସହର, ଉଟି ସୁଇଟ୍‌ପ୍ୟାଣ୍ଟ ନେକ୍‌ଟାଇର ସହର, ଉଟି ଚଞ୍ଚଳ, ରୂପସୀ, ତରୁଣୀର ସହର । ଏଠି ସବୁଦିନେ ଶୀତଦିନ । ସର୍ବୋଚ୍ଚ ଉତ୍ତାପ ମାତ୍ର ଛସ୍ତରି ଡିଗ୍ରୀ । ତେଣୁ ଏଠି ବରୁ ଋତୁ ସବୁ ଆଡ଼େ ଫୁଲର ହାଟ । ବୋଗନ୍‌ଭିଲା, କାଉସ୍ଲିପ୍, ଡାଫୋଡ଼ିଲ୍, ଡେଜି, ପ୍ରିମ୍‌ରୋଜ୍, ଫର୍‌ଗେଟ୍ ମି ନଟ୍, ଗୋଲାପ, ଅଶୋକ, ନିଆଳି, ସ୍ଥଳ ପଦ୍ମ, କୃଷ୍ଣଚୂଡ଼ା—ନାନାଜାତିର ଦେଶୀବିଦେଶୀ ରଙ୍ଗବେରଙ୍ଗ ଫୁଲରେ ଫାଟି ପଡ଼ୁଥାଏ ଉଟିର ମନୋରମ ଉଦ୍ୟାନମାଳା । ସୁନ୍ଦର ସୁନ୍ଦର ସାହେବି ପୋଷାକରେ ସଜ୍ଜିତ ହୋଇ ତରୁଣମାନେ ଘୂରି ବୁଲୁଥାନ୍ତି । ଆଉ ଅନ୍ୟ ଯେଉଁମାନେ ଘୂରି ବୁଲୁଥାନ୍ତି, ସେଇମାନେ ହିଁ ଉଟିର ପ୍ରକୃତ ଜୀବନ-ନାୟିକା । ତାମିଲ ରୂପସୀ, ଆନ୍ଧ୍ର ଲଳନା, ମାଲୟାଲୀ ମହିଳା, କର୍ଣ୍ଣାଟକୀ ରମଣୀ ଶହ ଶହ ସଂଖ୍ୟାରେ ଆସି ସୁନା ହାର, ସୁନା କଙ୍କଣରେ ସଜ୍ଜିତ ହୋଇ ନାନା ବର୍ଣ୍ଣର ସ୍ୱର୍ଣ୍ଣାଢ୍ୟ କୁସୁମରେ ଯେମିତି ଖୋସା ସଜାଇଥାନ୍ତି,

ଝବଣୀ ବାନ୍ଧିଥାନ୍ତି, ଗଣ୍ଡ ମଣ୍ଡିଥାନ୍ତି, କବରୀରେ ପୁଷ୍ପର ସୁରଭି ଝରାଉଥାନ୍ତି, ତା' ଦେଖିଲେ କେଉଁ ତରୁଣର ମନ ଉଚ୍ଛନ୍ନ, ଉଦ୍‌ଭ୍ରାନ୍ତ ନ ହେବ ? ଏଇ ମାନମୟୀ, ମାନିନୀ, କୋମଳାଙ୍ଗୀ ଅଭିସାରିକାଙ୍କୁ ଦେଖି କ'ଣ କବି ଲେଖିଥିଲେ—

'ଦେଖିଲେ ତରୁଣୀ ଅଂଚଳ
ମୁଁ ଗୋ ଶିଶୁ ପରି ହୁଏ ଚଂଚଳ ?'

ଭିଟିର ପ୍ରଧାନ ରମଣୀୟ ସ୍ଥାନ ହେଲା ଏକ କୃତ୍ରିମ ହ୍ରଦ ବା ପ୍ରକୃତ ରାଣୀର ସୁଷମାର ଗର୍ଭାଗାର ଗୋଟିଏ କେଳି ସରୋବର । ଶହ ଶହ ତରୁଣ ତରୁଣୀ, ପ୍ରେମିକ ପ୍ରେମିକା ଛୋଟ ଛୋଟ ଡଙ୍ଗା ଖଣ୍ଡିକରେ ବସି ନିଜ ହାତରେ ଆହୁଲା ମାରିମାରି ଭାସି ବୁଲୁଥାନ୍ତି ହ୍ରଦ ସାରା । ଯୁଆଡ଼େ ଚାହିଁବ ସାଡ଼େ ବିବିଧ ରଙ୍ଗର ଶାଢ଼ୀ, ପୁଷ୍ପର ଶୋଭା ଆଉ ସୁରଭି । କୋଉଠି ମୃଗମଦ କସ୍ତୁରୀର ଗନ୍ଧ ଭାସିଆସୁଛି । କୋଉଠି ଚନ୍ଦନର ସୁବାସ ମହକି ଯାଉଛି । କୋଉଠି ବା ଭିଠ ଦେଶରେ କୋଉ ସୁକୁମାରୀର ପୁଷ୍ପିତ ବେଣୀ ବାରମ୍ବାର ନିତମ୍ବ ସ୍ପର୍ଶ କରି କୋଉ ତରୁଣ ଅଙ୍ଗରେ କଂପନ ଜଗାଉଛି ।

ଏହି ଭଳି ଏକ ମଧୁର, କୋମଳ ପରିବେଶ ଭିତରେ ଛୋଟ ପଟୁଆ ଖଣ୍ଡିକରେ ବସି ବସି ଭାସି ବୁଲୁଥିଲେ ଗୋଟିଏ ତରୁଣତରୁଣୀ । ହସି ହସି ଫାଟି ପଡୁଥିଲେ । ତରୁଣଟି ଆନନ୍ଦରେ ମସ୍‌ଗୁଲ୍ ହୋଇ ଆରମ୍ଭ କରିଥିଲା ଗୋଟିଏ ହିନ୍ଦୀ ଗୀତ—

'ଚଲିରେ ଚଲିରେ ମେରା ନାଓ ଚଲିରେ,
ପ୍ରିୟାକା ଗାଁଓ ଚଲି ପ୍ରିୟାକା ଗାଓଁ ଚଲିରେ ।'

ତରୁଣୀ କରକର ହସି କହୁଥିଲା—କହିଁ ? ପ୍ରିୟା ତୋ ଆପ୍‌କା ଗୋଦ୍‌ମେଁ । ଫିର୍ ଗାଁଓ କହିଁ ଚଲେଙ୍ଗେ ?

ସଚ୍, ମେରେ ଗୋଦ୍‌ମେ ?—ତରୁଣ ଆହୁଲା ଛାଡି ଦେଇ ତରୁଣୀକୁ କୋଳକୁ ଟାଣିଆଣୁଥିଲା । ବେକ ନୁଆଁଇ ଘନ ଘନ ଚୁମ୍ବନ

କରୁଥିଲା ମୁଖରେ । ତରୁଣୀ ଚିତ୍କାର ଶୁଭୁଥିଲା—ଆଲୋ ଆଲୋ ବୁଡ଼ିଯିବି । କିନ୍ତୁ, ଶୁଣୁ ମଣେ । କିଏ ଦେଖିବ ?······ତରୁଣ ତରୁଣୀ ଦୁହେଁ ବିନାୟକ ଆଉ ଚିନ୍ମୟୀ !! ତଟରେ ସେମାନେ ହନିମୁନ୍ ପାଳନ କରୁଥିଲେ ।

ଆହୁଲ୍ ମାରି ମାରି ସେମାନେ ହ୍ରଦର ଆର ପାଖକୁ ଗଲେ । ଯାଇଁ ବସିଲେ ଗୋଟିଏ ସିମେଣ୍ଟ୍ ବେଂଚ ଉପରେ । ଗୋଟିଏ ଗୋଲାପ ଗୁଚ୍ଛ କିଣି ବିନାୟକ ଚିନ୍ମୟୀକି ଉପହାର ଦେଲା । ଆଉ ଦୁଇଟି ସଜ ଗୋଲାପ ଖୋସିଦେଲା ଚିନ୍ମୟୀର ମସୃଣ ଗଭାରେ । କହିଲା—ତୁମ୍ ଓଡ଼ିଆ ଆଜ୍ ତାମିଲ୍ ବନ୍‌ଗୟେ ।

ଏମାନଙ୍କ କଥାବାର୍ତ୍ତା ଏହିପରି । ହୁଏତ ସେମାନେ ଇଂରେଜୀରେ କାଥାବାର୍ତ୍ତା ହୁଅନ୍ତି । ନଚେତ୍ ବିନାୟକ ହିନ୍ଦିରେ କହିଲେ ଚିନ୍ମୟୀ ଓଡ଼ିଆରେ କହେ । ଚିନ୍ମୟୀ ଯେ ହିନ୍ଦି ନ ଜାଣେ ତା’ ନୁହେଁ । କିଂତୁ କେଜାଣି କାହିଁକି ହିନ୍ଦି ପ୍ରତି ତା’ର ଗୋଟାଏ ରକ୍ତଗତ ବିଦ୍ୱେଷ । ଓଡ଼ିଆ ପ୍ରତି ବି ତା’ର ସେମିତି ଗୋଟାଏ ବୈମାତୃକ ଭାବ ଥିଲା । ହେଲେ ବିନାୟକ ସହିତ ବନ୍ଧୁତା ପରେ ବିଶେଷତଃ ବିବାହ ପରେ ସେ କାହିଁକି ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତିକୁ ପୂରାପୂରି ଜାବୁଡ଼ି ଧରିବାକୁ ଚାହୁଁଛି । ତେଣୁ ବିନାୟକ ଯେତିକି ଚେଷ୍ଟା କରୁଛି ତା’କୁ ହିନ୍ଦି ବା ମରାଠି ଶିଖେଇବାକୁ, ସେ ସେତିକି ଜିଦ୍‌ଖୋର ହେଇ ଉଠୁଛି ଏବଂ ଜାଣି ଜାଣି ଓଡ଼ିଆରେ ଉତ୍ତର ଦେଉଛି । ତେଣୁ ତାଙ୍କ କଥାବାର୍ତ୍ତା ଗୋଟିଏ ଉପଭୋଗର ବସ୍ତୁ ।

ଆପ୍ କଉଁ ଇତ୍‌ନା ଜଲ୍‌ଦି ଉଠ୍‌ଗୟେ ?

ମଲା ଆଉ କ’ଣ ଦିନ ଦି’ପହର ଯାଏ ଶୁଅନ୍ତି ?

ଆପ୍ ହାଥ୍ ସେ ପକାଏଙ୍ଗୀ ? ମେଁ ଆପ୍‌କୋ ବହୁତ୍ ମୁସିବତ୍ ମେଁ ଡାଲା ।

ଏ ନା, ଅସୁବିଧା କିସ ? ରୋଷେଇବାସ ତ ଆମ ମାଇପିଙ୍କ କାମ ।

ଜଗ ଚଳିଏ ନା ଥୋଡ଼ା ବାହାର ସେ ଘୁମ୍ ଆ'ଯୁଛେ । ଆପ୍ ହମାରେଲିଏ ବହୁତ ପରେଶାନ୍ ହୁଏ ।

ଏବେ ବୁଲିମିବା ? ପରେ ଗଲେ ଚଳିବ ନାଇଁ ? ଏ କି କାମ ଯେ । ଏଥିରେ ପୁଣି ପରିଶ୍ରମ ?

ନହିଁ ନହିଁ, ଐସୀ ବାତ୍ ବୋଲ୍ ନେସେ ମେ ବିଶ୍ବାସ ନେଇଁ କରୁଗାଁ । ଆପ୍ ତ କବ୍ ହାତ୍ ସେ ନହିଁ ପକାନ୍ତେଥେ । ଆଂଚ ଧରନା, କୋଇଲା ପିଟ୍ ନା, ବଜାର୍ କର୍ ନା, ବାସନ୍ ବରତନ୍ ଧୋନା······

ମଲା ଇଏ ଗୋଟା କାମ ? ସ୍ବା'ଙ୍କୁ ନ କଲେ ଲୋକେ ହସିବେ ନାଇଁ । ଆମ ଓଡ଼ିଆରେ ଗୋଟା କଥା ଅଛି ଜାଣିଛ ?

ଶାଗ ତୋଳି ତୋଳି ନଖ ନାଇଁ ନା
ଘଇତା ଆଗରେ ସକେଇ କାନ୍ଦୁଛି
ମୁଁ କଳମ ଗାଡ଼ିଆ ଦେଖି ନାଇଁ ।

କାଲି ଠାର କାଲି ମା' ଜାଣେ । ତେଣୁ ତା' ହିନ୍ଦି କଥା ଇଏ ବୁଝେ, ସ୍ବା' ଓଡ଼ିଆ କଥା ବି ସିଏ କଷ୍ଟେମଷ୍ଟେ ବୁଝିବାକୁ ଚେଷ୍ଟା କରେ । ସବୁବେଳେ ଗୋଟାଏ ଖିଚିଡ଼ି ଖେଚେଡ଼ି ଲାଗିଥାଏ ଘର ଭିତରେ । ସବୁବେଳେ ଅବଶ୍ୟ ଇଂରେଜି କହୁଥିଲେ ଏ ଅସୁବିଧା ହୁଅନ୍ତା ନାହିଁ । ହେଲେ ବାହାରେ ଇଂରେଜି କହୁଥିଲେ ବି ଘର ଭିତରେ କେଜାଣି କାହିଁକି ଦୁହେଁ ନିଜ ନିଜ ଭାଷା କହୁଛନ୍ତି ଆଉ ବେଳେବେଳେ ସେଇ ଜିଦ୍‌ରେ ଅଟଳ ରହୁଛନ୍ତି । ତେଣୁ ଏ ଘରେ ନ ପଶୁଣୁ ଗୃହ ବାଜଲି ଭଳି ହେଲଣି ଏବଂ ଏ.ମ.ସକ ଭିତରେ ବିନାୟକ ଅନୁଭବ କଲଣି ଯେ ବିନା ଦ୍ବିଧାରେ, ବିନା ସର୍ତ୍ତରେ ସ୍ବାମୀଙ୍କ ପାଖରେ ଆତ୍ମ ସମର୍ପଣ କଲା ଭଳି ଝିଅ ଶିକ୍ଷୟିତ୍ରୀ ନୁହେଁ ;

ତଥାପି ସେମାନଙ୍କ ଭିତରେ ସ୍ନେହ, ଶ୍ରଦ୍ଧା, ପ୍ରୀତିର ଅଭାବ ନାହିଁ । ଦୁହେଁ ଦୁହିଁଙ୍କୁ ଅତି ନିବିଡ଼ଭାବେ ଭଲ ପାଆନ୍ତି । ବିନାୟକ ଅବଶ୍ୟ ଟିକିଏ ଉଦାସୀନ । ବହି ଧରି ବସିଗଲା ତ ସେଥିରେ ପୁରାପୁରି ନିମଗ୍ନ ହୋଇଯାଏ । ହେଲେ ଶିକ୍ଷୟିତ୍ରୀଙ୍କ ଦେଖିଲାମାତ୍ରେ ସେ ଚଂଚଳ ହୋଇଉଠେ । ବିନାୟକ ବି

ବେଶୀ ସମୟ ବାହାରକୁ ବୁଲାଗଲେ ବା ବେଶୀ ସମୟ ପଢ଼ା ଘରେ ବସି ବହି ପଢ଼ିଲେ ଚିନ୍ମୟୀ ଅସ୍ଥିର ହୋଇପଡ଼େ । ଦଉଡ଼ି ଦଉଡ଼ି ଆସି ପଛ ଆଡୁ ଛଡ଼େଇ ନିଏ ବହି । ବିନୟକ ହସି ଉଠେ । ବହି ଛାଡ଼ି ଚଟ୍‌କିନା ଧରିପକାଏ କାନ । ବିଲୁର ଛଟପଟ ହୁଏ । ଯାଇପାରେ ନା । ବିନାୟକ ଧୀରେ ଧୀରେ ଟାଣି ଆଣେ କୋଳକୁ ।

'ଉଟି' ଆସିବା ପନ୍ଦର ଦିନ ହେଲାଣି । 'ଉଟି'ର ଏଇ ରମଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ଦୁହେଁ ବିଭୋର ହୋଇ ଉଠିଛନ୍ତି । ବିଶେଷତଃ ଜଳଦମାନଙ୍କର ଏଇ ଧୂମ୍ରୋଦ୍‌ଗାର, ଏଇ ଚଳଚଂଚଳ ତରୁଣ ତରୁଣୀ, ଆକାଶରେ ଏଇ କ୍ରୀଡ଼ା, ପର୍ବତ ଗାତ୍ରରେ ଏଇ ଅସଂଖ୍ୟ ଶୁଭ୍ର ଝରଣା ଦେଖିଲେ କାହା ମନରେ ଭାବାନ୍ତର ଜାତ ନ ହେବ ? କିଏ ଆନନ୍ଦରେ ଗଦ୍‌ଗଦ୍‌ ହୋଇ ନ ଉଠିବ ?

ଚିନ୍ମୟୀ ଏବେ ଗୋଟିଏ ଇଂରେଜୀ ବହିରେ ପଢ଼ୁଥିଲା— ଜୀବନରେ ସବୁଠାରୁ ଶ୍ରେଷ୍ଠ ଦିନ ହେଉଛି 'ଆଜି' । ଓମରଖୟାମ୍‌ଙ୍କ ଭାଷାରେ ନୁହେଁ, ଜୀବନକୁ ଉପଭୋଗ କରିବା ଅର୍ଥରେ ନୁହେଁ, ଜୀବନକୁ ସର୍ବଶ୍ରେଷ୍ଠ ଫଳପ୍ରସୂ କରିବା ଅର୍ଥରେ 'ଆଜି'ର ବିନିଯୋଗ ହିଁ ଏକାନ୍ତ କାମ୍ୟ । ଗତ କାଲି ମରିଛି । ଆସନ୍ତା କାଲି ଜନ୍ମ ହୋଇ ନାହିଁ । ହୁଏତ ଆସନ୍ତା କାଲିର ସୂର୍ଯ୍ୟ ତମ ପାଇଁ ନ ଉଇଁ ପାରେ । ତେଣୁ 'ଆଜି'ର ଯଥାଯଥ ଉପଯୋଗ ହିଁ ଜୀବନକୁ ସୁନ୍ଦର କରେ, ସାର୍ଥକ କରେ । ଯିଏ 'ଆଜି' କୁ ଛାଡ଼ି ଗଲା କାଲି ପାଇଁ କାନ୍ଦେ ବା ଆସନ୍ତା କାଲିର ସ୍ୱପ୍ନ ଦେଖେ ସିଏ ନିର୍ବୋଧ ।

ତେଣୁ ଚିନ୍ମୟୀ ଅତୀତ ଉପରେ ଯୋଉ କଳା ପରଦାଟି ଟାଙ୍ଗିଛି ଟାଙ୍ଗିଛି । ଯେତେ ଝଡ଼ଝଂଜା ବହିଗଲେ ବି ସେ ଆଉ ସେଇଟିକୁ ଘୁଂଚେଇବାକୁ ରାଜି ନୁହେଁ । ଉଟିର ଏଇ କମନୀୟ ଦୃଶ୍ୟ, ଚିଲକାରେ ହଂସ ହଂସଗଳି ଯୂଥ ଯୂଥ ହୋଇ ପହଁରିଲା ଭଳି, ଉଟିରେ ଏଇ ଅସଂଖ୍ୟ ଯୁଗ୍ମ ତରୁଣ ତରୁଣୀଙ୍କର ହସ ଆନନ୍ଦ, କଳକଳ ଝରଣା, ବିନାୟକର ଏଇ ସ୍ନେହସିକ୍ତ, କ୍ଷମାସୁନ୍ଦର ମୁଖମଣ୍ଡଳ, ତା' ଅମୃତ କଥା, ତା' ଅଙ୍ଗା

ପରିହାସ, ବେଳେବେଳେ ତା' ଆକୁଳ ମିନତି, ପ୍ରାର୍ଥନା—ନା, ଏସବୁ ଛାଡ଼ି ସେ କେବେ ଅତୀତକୁ ଫେରିବ ନାହିଁ, ଅତୀତ କଥା ଭାବିବ ନାହିଁ, କାହାର କ'ଣ ହେଲେ ତା'ର କେତେ ଯାଏ ଆସେ ? ସାରା ଦୁନିଆକୁ ସଜାଡ଼ିବା ପାଇଁ, ସମ୍ଭାଳିବା ପାଇଁ ସେ ଜନ୍ମ ହୋଇ ନାହିଁ । ଯିଏ ନିଆଁ କୁ ଆଙ୍ଗୁଠି ଦେଖାଇବ, ତା' ହାତ ପୋଡ଼ିବ, ସେଥିପାଇଁ କ'ଣ ଇଏ ଦାୟୀ ? ନା ନା, ତା'କୁ କଠୋର ହେବାକୁ ହେବ । ଏ ଦୁନିଆରେ ବଂଚି ରହିବାକୁ ହେଲେ ମଣିଷକୁ ସବୁବେଳେ କଠୋର ହେବାକୁ ହେବ, ନିର୍ମମ ହେବାକୁ ହେବ ।

ଏଇ ଯୁକ୍ତି ବାଡ଼ି ଚିନ୍ମୟୀ ବଂଚିଛି । ଅତୀତ ଯେତେ ଆସି ଧକ୍କା ଦେଉଛି, ସେ ତାକୁ ଠେଲି ଫିଙ୍ଗିଦେଉଛି ଦୂରକୁ । ଅତୀତ ହଠାତ୍ ଆସି ଆଗରେ ଠିଆ ହୋଇଗଲେ ସେ ଦଉଡ଼ି ଦଉଡ଼ି ପଳେଇ ଯାଉଛି ବିନାୟକ ଆଗକୁ, ଯାଇଁ ଲେଟି ପଡ଼ୁଛି ବିନାୟକ କୋଳରେ । ଆରମ୍ଭ କରୁଛି ଗୋଟିଏ ଫରାସୀ ଗଳ୍ପ ନଇଲେ ରୁଷିଆ ଦେଶର ଉପକଥା । ଭାଉଜ ଠିକ୍ କହୁଛନ୍ତି—ସୀତା ହରଣ, ରାବଣ ମରଣ । ଠିକ୍ ସେମିତି—ଅତୀତ ସ୍ମରଣ, ଚିନ୍ମୟୀର ମରଣ । ତେଣୁ ସେ ଅତୀତ କଥା ଭାବିବ ନାହିଁ, ଭାବିବ ନାହିଁ । ଭାଉଜର କଥାକୁ ସେ ବେଦବାକ୍ୟ ଭଳି ମାନୁଛି ।

କିନ୍ତୁ ହଠାତ୍ ଆଜ ବିନାୟକ ଆଣି ଗୋଲାପ ଫୁଲ ଦେଲା କାହିଁକି ? ଏଇ ଗୋଲାପ ଫୁଲ ଲାଗି କେତେ ପ୍ରଳୟ ଘଟିଗଲା ବିନାୟକ କ'ଣ ଜାଣି ନାହିଁ ?

ବିଦାୟ ଦିନ । ଡ୍ରାଇଭରକୁ ଖାଇବାକୁ ଡାକିବା ବାହାନାରେ ପ୍ରଦୀପ ଝପ୍ ଝପ୍ କରି ତଳକୁ ଓହ୍ଲେଇଗଲା । ଚିନ୍ମୟୀ ଠିକ୍ ବୁଝିପାରୁଛି ଏଇ ଶେଷ ଦେଖା, ଶେଷ ବିଦାୟ, ସାରା ଜୀବନରେ ଆଉ ପ୍ରଦୀପ ସାଙ୍ଗରେ ଦେଖା ହବନି । ହୁଏତ ଏଇ ମୁହୂର୍ତ୍ତରେ ପ୍ରଦୀପ ଜୀବନକୁ ନିଃଶେଷ କରିଦେବ । ତଥାପି ସେ ପର୍ବତ ଭଳି ଦୃଢ଼ ହୋଇ ଠିଆ ହୋଇଛି । ଟିକିଏ ହଲ୍ ନାହିଁ; ଚଲ୍ ନାହିଁ, କ୍ରନ୍ଦନ ନାହିଁ, ଚିତ୍କାର ନାହିଁ । ପ୍ରଦୀପ ଉନ୍ମତ୍ତ ଭଳି ଧାଇଁ-ଧାଇଁ ଚାଲିଗଲା । ଯାଇଁ ଫାଟକ ଖୋଲିଲା । ଗଡ଼

ଟିକିଏ ମନ୍ଥର ହେଲା । ପଛକୁ ଫେରି ଚାହିଁଲା । କାହାକୁ ଯେମିତି ମନେ ମନେ ଖୋଜିଲା । ତା'ପରେ ଡଗ ଡଗ ହୋଇ, ଡଗ ଡଗ ହୋଇ ଚାଲିଗଲା ଅନିର୍ଦ୍ଦିଷ୍ଟ ପଥରେ । ଚିନ୍ମୟୀ ବାତାୟନ ଫାଙ୍କରେ ସବୁ ଦେଖିଛି । ପଥର ପ୍ରତିମା ଭଳି ଠିଆ ହୋଇ ରହିଛି । ସାମାନ୍ୟ ଶବ୍ଦଟିଏ ବି କରି ନାହିଁ ।

କାଂଚନ ତଳେ ଥାଇଁ ଥାଇଁ ସବୁ ଲକ୍ଷ୍ୟ କରୁଥିଲେ । ପ୍ରଦୀପ ଚାଲିଯିବା ପରେ ସେ ଚଟ୍‌ପଟ୍ ଉଠିଛନ୍ତି ଉପରକୁ । ଭାବିଥିଲେ ଚିନ୍ମୟୀ କାନ୍ଦି କାନ୍ଦି ଧୂଳିରେ ଲୋଟୁଥିବ, ମୂର୍ଚ୍ଛା ହୋଇ ପଡ଼ିଥିବ ତଳେ । କିନ୍ତୁ ଆଶ୍ଚର୍ଯ୍ୟ ! ଚିନ୍ମୟୀକୁ ଏଭଳି ଅବସ୍ଥାରେ ଦେଖି ସେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଦଣ୍ଡେ ନୀରବରେ ଠିଆ ହୋଇଛନ୍ତି । ତା'ପରେ ଚିନ୍ମୟୀର ହାତ ଧରି ଧୀରେ ଧୀରେ ଓହ୍ଲାଇ ଆସିଛନ୍ତି ତଳକୁ । ଗୋଟିଏ ଘରେ ନେଇ ବସେଇଛନ୍ତି । ସେଇ ଘରେ ଗୋଟିଏ ଟେବୁଲ ଉପରେ ଥୁଆ ହୋଇଥିଲା ବୋକେ ରକ୍ତ ଗୋଲାପ । ଗୋଲାପ ଦେଖି ଚିନ୍ମୟୀ ଥରିଉଠିଛି । କହୁଛି—ଭାଉଜ ! ଏତେ ଗୋଲାପ କେଉଁଠୁ ଆଣିଲ ? କାଂଚନ କହିଲେ—ମୁଁ ଭୁଲିଯାଇଛି କହିବାକୁ, କଲିକତା ବଜାର ସାରା ବୁଲିବୁଲି ଏ ଗୋଲାପ ପ୍ରଦୀପ ଆଣିଥିଲେ ତମ ପାଇଁ । କହିଥିଲେ ତମ ଘର ସଜାଇ ଦେବାକୁ ।

ଚିନ୍ମୟୀ ଉତ୍ତେଜିତ ହୋଇ ଉଠିଲା । କହିଲା—ପ୍ରଦୀପ ମୋ ପାଇଁ ଗୋଲାପ ଆଣିଥିଲା ? କାହିଁକି ? ଗୋଲାପ କ'ଣ ମୁଁ ଦେଖିନାହିଁ ? ଥରେ ହାଇଦ୍ରାବାଦରେ ମତେ ଗୋଲାପ ଦେଇଥିଲା ବୋଲି ସବୁଦିନେ ମତେ ଗୋଲାପ ଦେବ ? ମୁଁ ମନା କରୁ କରୁ ସେ ଗୋଲାପ ଆଣି ମୋ ଖୋସାରେ ଖୋସି ଦେଇଥିଲା । ମୁଁ ତା ହାତ ଧରି ପକାଇଥିଲି । କହିଥିଲି—ନା, ମତେ ଆଉ ଗୋଲାପ ଦେବ ନାହିଁ । ମୋ ଦେହ ଛୁଇଁବ ନାହିଁ । ପୁଣି ଆଜି ଗୋଲାପ ଆଣିଛି ? କାହିଁକି ଆଣିଛି ? ପ୍ରଦୀପ ମୋର କିଏ ? ପ୍ରଦୀପ କାହିଁକି ମତେ ଗୋଲାପ ଦେବ ? ଶାଢ଼ୀ ଦେବ ? ଗହଣା ଦେବ ? ଯୋତା ଦେବ ? କାହିଁକି ? କାହିଁକି, ମୁଁ ମନେ ପ୍ରଦୀପର ଯାଏ ଆସେ କେତେ ? ପ୍ରଦୀପ ତ ଚାଲିଗଲା । ଏ ଗୋଲାପ ମୋର କ'ଣ ହେବ ? କ'ଣ ହେବ ?

ଚନ୍ଦ୍ରମୁଖୀ ଉତ୍ତେଜିତ ହୋଇ ଖଟ ଉପରୁ ଉଠି ଆସି ସବୁ ଗୋଲାପଫୁଲ ଦଳ ମକଚି କୁଟାକୁଟା କରି ଫିଙ୍ଗିଦେଲା ଘରସାରା । ତା'ପରେ ଉଠିଗଲା ଉପର ମହଲାକୁ । ଉପର ମହଲାରେ ଜୋତା ଥିଲା, ଶାଢ଼ୀ ଥିଲା, ଗହଣା ଥିଲା, ମୁଦି ଥିଲା ।—କାହିଁକି ଏ ସବୁ ମତେ ପ୍ରଦୀପ ଦେଇଛି ? ମୁଁ କ'ଣ ଗରିବ ହୋଇଛି ? ଦୀନ ଦରିଦ୍ର ହୋଇଛି ? ଭିକାରୀ ହୋଇଛି ? କାହିଁକି ପ୍ରଦୀପ ମତେ ହାତଟେକି ଦାନ କରିବ ? ପ୍ରଦୀପ ଗଲା ? ତା ସାଙ୍ଗରେ ସବୁ ଯାଉ, ଯାଉ, ମୋର କିଛି ଦରକାର ନାହିଁ —ସେ ପାଗଳ ଭଳି, ଉନ୍ମତ୍ତ ଭଳି ସବୁ ଫିଙ୍ଗିଦେଲା । ବାହାରକୁ, ସିନ୍ଦୁର ବିଞ୍ଚି ଦେଲା । ଚୁଡ଼ି ଡବା ଛେଚି ଭାଙ୍ଗିଦେଲା । ପୁଣି କ'ଣ ଭାବିଲା, କହିଲା,— ମୋ ବନ୍ଧୁ ମତେ ଫେରଉଛି ? ମୋ ଚିଠି, ମୋ ଫଟୋ, ମୋ ଖାତା ସବୁ ଫେରେଇ ଦେବ ? କାହିଁକି ମୁଁ କ'ଣ ଆଜିଠୁଁ ମରିଗଲି ? ମତେ ଦେଖିଲେ ଘୃଣା ଲାଗୁଛି ? ମୋ ଛୁଇଁ ସହି ପାରିବ ନାହିଁ ? ବେଶ୍ ମୁଁ ଯଦି ମଲି, ତା'ହେଲେ ଏଗୁଡ଼ା ମୁଁ କାହିଁକି ରଖିବି ? ତମେ କାହିଁକି ମତେ ଏମିତି ଚାବୁକ ମାରିବ ? ତମେ କାହିଁକି ଏତେ ବଡ଼ଲୋକର ଆଭିଜାତ୍ୟ ଦେଖାଇବ ମୋ ଆଗରେ ? ମୋର ଆଉ କିଛି ଦରକାର ନାହିଁ । ମୋର ସବୁ ଯାଉ, ସବୁ ଧ୍ୱଂସ ହୋଇଯାଉ, ପ୍ରଳୟ ହୋଇଯାଉ, ଛାରଖାର ହୋଇଯାଉ, ମୋର କିଛି ଦରକାର ନାହିଁ, ଦରକାର ନାହିଁ—ସବୁ ବହି ସବୁ ଖାତା କୁଟାକୁଟା କରି ଚିରିଦେଲା, ଚିଠି ଚିରିଦେଲା, ଫଟୋକୁ ଛିଡ଼ା କରିଦେଲା ଟେବୁଲ ଉପରେ । କାଚ ଭାଙ୍ଗି ହାତରେ ପଶିଲା । ରକ୍ତ ଝରିଲା । ସେଇ ରକ୍ତକୁ ମୁହଁରେ ବୋଳିହୋଇ ଚିତ୍କାର ଛାଡ଼ିଲା— ମୋର କେହି ନାହିଁ, କେହି ନାହିଁ, ମତେ ସମସ୍ତେ ଛାଡ଼ି ଚାଲିଗଲେ । ମୋର ଆଜି ବିବାହ ଦିନ । ମୋର ଆଜି ମୃତ୍ୟୁର ଦିନ । ମୃତ୍ୟୁ ! ମୃତ୍ୟୁ ! ଖାଲି ଅନ୍ଧାର ଆଉ ମୃତ୍ୟୁ ! ମୋ ଆଖି ଆଗରେ ଖାଲି ଅନ୍ଧାର ! ଅନ୍ଧାର ! ଅନ୍ଧାର ! —ଚନ୍ଦ୍ରମୁଖୀ ହୋ' କରି କାନ୍ଦି ଉଠିଲା । ଭାଉଜକୁ କୁଣ୍ଢେଇ ଧରି ଚିତ୍କାର ଛାଡ଼ିଲା, ଭେଁ ଭେଁ କାନ୍ଦି କାଞ୍ଚନର ବେକ ଧରି ମୂର୍ଚ୍ଛା ଚାଲିଗଲା ।

ସେଇଦିନ କାଞ୍ଚନ ବୁଝାଇ କହିଥିଲେ—ଅତୀତର ସ୍ମରଣ, ଚନ୍ଦ୍ରମୁଖୀର ମରଣ । ସେ ଅତୀତର କବାଟ କେବେ ଖୋଲିବ ନାହିଁ ।

କିନ୍ତୁ ହଠାତ୍ ଆଜି ଜନାମୁକ ଗୋଲାପ ଫୁଲ ଆଣିଦେଲା କାହିଁକି ? ଅଷ୍ଟାଦଶ ସେ କବାଟ ଖୋଲିଲା କାହିଁକି ? ଏ ଗୋଲାପ ଫୁଲ ଦେଖି ସେ ଅନେକ ଗୋଲାପ କଥା ମନେ ପଡ଼ିଲା । ଆଜି ସେ ଅନେକ ଗୋଲାପରୁ ମନେ ପଡ଼ିଲା ହାଇଦ୍ରାବାଦର ଗୋଲାପ କଥା··· ·····

ସମର ଇନ୍‌ଷ୍ଟିଚିଉଟ୍ ବନ୍ଦ ହେବାର ଅନେକ ଆଗରୁ । ଗୋଟିଏ ପାର୍କରେ ଏମିତି ଗୋଟିଏ ବେଞ୍ଚ ଉପରେ ବସିଥିଲା ଚିନ୍ମୟୀ । ଏକ ଅଳସ ଅପରାହ୍ଣ । କୁଆଡ଼ୁ କୁଆଡ଼େ ବୁଲି ବୁଲି ଆସି ପ୍ରଦୀପ ପହଞ୍ଚିଲା । ମୁହଁ ଶୁଖି ଯାଇଛି । ମୁଣ୍ଡବାଳ ପୁରୁପୁରୁ । କାନ୍ଦି କାନ୍ଦି ବୋଧେ ଆଖିପତା ଫୁଲିଯାଇଛି । ଚିନ୍ମୟୀ ଦେଖିଲା ମାତ୍ରେ ବୁଝି ପାରିଥିଲା । ହସି ଦେଇଥିଲା —କ'ଣ ହାଇଦ୍ରାବାଦ ଛାଡ଼ିଯିବାକୁ ବୋଧେ ଭାରି କଷ୍ଟ ହେଉଛି ? କୌଣ ଆନ୍ଧ୍ର ଲଳନା ଆପଣଙ୍କୁ ଏତେ ଫାନ୍ଦରେ ପକେଇଲା ଶୁଣେ । ···ପ୍ରଦୀପ କିଛି କହି ନ ଥିଲା । ଖାଲି କରୁଣ ନୟନରେ ଚାହିଁ ରହିଥିଲା ଚିନ୍ମୟୀର ମୁହଁକୁ ।

ଆରେ ଆପଣ କାନ୍ଦୁଛନ୍ତି ? ଆପଣ ବଡ଼ ଦୁର୍ବଳ । ଏଇ ସାମାନ୍ୟ କଥାରେ କାନ୍ଦନ୍ତି ? ଆପଣ ସେ ତେଲଙ୍ଗୀ ଝିଅଟିର ନାଁ କୁହନ୍ତୁ । ମୁଁ ଏବେ ଯାଇଁ ତା'କୁ ଧରି ଆଣିବି ।

ଆପଣ ମତେ ଉପହାସ କରୁଛନ୍ତି ?

କାହିଁକି ତେଲଙ୍ଗୀ ନୁହେଁ ? ମହାରାଷ୍ଟ୍ରୀ ? କର୍ଣ୍ଣାଟକୀ ? ଗୁଜୁରାଟୀ ? ନା ବାଂଲାର ବଧୂ ମୁଖେ ତା'ର ମଧୁ ?

ମୁଁ ଯଦି କହିବି ପକ୍କା ଓଡ଼ିଆ···

ଓଡ଼ିଆ ? କ'ଣ ସମ୍ବଲପୁରୀ ? ସୋନପୁରୀ ? ପାରଳାଖେମଣ୍ଡିର ଲାବଣ୍ୟମୟୀ ରୂପସୀ ? ପୁରୀ ଷୋଳ ଶାସନର ଷୋଡ଼ଶୀ ? ନା ବାରିପଦାର କଅଁଳ ଛନ୍ଦଛନ୍···

ନା, କଟକୀ ।

କଟକଣା ? ତା' ହେଲେ ତ କଥା ନାହିଁ । ଲକ୍ଷ କେତେ ପଇସା ଲାଗିବ । ଲଗାନା ଆମକୁ ଲାଗରପଣିଆରେ ଅଲବତ୍ ପସନ୍ଦ କରିବ । ଲାଗିଲେ ଆମେ ଦେଖିଲବା ନାହିଁ ।

ପ୍ରତାପ ହସି ଉଠିଲା । କହିଲା—ଯାଃ, ଗଭିତର୍ ଗୃହାକ ଖାଲି, ପାଣର ଖେଳଘର । ମୋ ଦୁଃଖ ଦେଖି ଆପଣ ଥଟ୍ଟା କରୁଛନ୍ତି ?

ଆଉ କ'ଣ କରିବ କୁହନ୍ତୁ ? ଆପଣ ଯେତେବେଳେ ସ୍ତ୍ରୀଙ୍କ ଭଳି କାନ୍ଦୁଛନ୍ତି, ମୁଁ ପୁରୁଷ ଭଳି ଟିକିଏ ହସେ ।

କିନ୍ତୁ ଆପଣଙ୍କୁ କଷ୍ଟ ହେବ ନାହିଁ ?

କାହିଁକି କଷ୍ଟ ହେବ ? ଟ୍ରେନ୍ କମ୍ପାର୍ଟମେଣ୍ଟରେ ଦେଖା । ଆପଣଙ୍କ ଷ୍ଟେସନ ଆସିଲା ଆପଣ ଓହ୍ଲେଇଗଲେ, ମୋ ଷ୍ଟେସନ ଆସିବ ମୁଁ ଓହ୍ଲେଇଯିବ । କଷ୍ଟ କାହିଁକି ? କାହିଁକି ଅଶ୍ରୁ ?

ଆପଣ ବଡ଼ ନିଷ୍ଠୁର ।

ଆପଣ କ'ଣ ଭାବୁଛନ୍ତି ଆଜି ମେସ୍‌ରେ ଯୋଡ଼ିଏ କୁକୁଡ଼ା ତରକାରୀ ହୋଇଥିଲା, ସେ କୁକୁଡ଼ାସବୁ ମୁଁ କାଟିଛି ??

ପ୍ରତାପ ହସିଲା । କହିଲା—ନାଁ ତା'ନୁହେଁ ଯେ, ଆପଣଙ୍କ ଭିତରେ ଦୟା, ମାୟା, କରୁଣା କିଛି ନାହିଁ । ଆପଣଙ୍କ ପାଇଁ ଯେ ମୁଣ୍ଡ କୋଡ଼ି ମରେ, ଆପଣ ତାକୁ ଥଟ୍ଟା କରନ୍ତି !

କିନ୍ତୁ ମୋ ପାଇଁ ଜଣେ ମୁଣ୍ଡ କୋଡ଼ି ମରିବ କାହିଁକି ? ସାଲାରଜଙ୍ଗ୍ ମିଉଜିୟମରେ ବୁଲୁବୁଲୁ ଆପଣ ଗୋଟିଏ ସୁନ୍ଦରୀ ଝିଅଟିକୁ ଦେଖିଲେ ଆପଣ ତା'ପାଇଁ ମୁଣ୍ଡ ପିଟି ମରିବେ ? ···ଆପଣଙ୍କ କଲେଜରେ ବି. ଏ. କ୍ଲାସରେ ନାଁ ଲେଖେଇଲା ଗୋଟିଏ ଅନିନ୍ଦ୍ୟ ସୁନ୍ଦରୀ ତରୁଣୀ । ଆପଣ ତାକୁ ପାଠ ପଢ଼େଇବେ ନା ତା' ପ୍ରେମରେ ପଡ଼ି ତା'ପାଇଁ ଅଶ୍ରୁ ଢାଳିବେ ଲୋକଲୋଚନ ଅନ୍ତରାଳରେ ? ···ଦିଲ୍ଲୀ ରାଜରାସ୍ତାରେ ବୁଲୁଛନ୍ତି । ଦେଖିଲେ ଜଣେ ପଞ୍ଜାବୀ ଯୁବକ ସ୍କୁଟରର ପଛରେ ଗୋଟିଏ ସ୍ୱର୍ଗର ଅପ୍‌ସରୀ କାଶ୍ମୀରୀ 'ବେଲେ'କୁ ଧରି ଛୁଟିଛି, ଆପଣ ତା' ପଛରେ ଚିତ୍କାର କରି ଛୁଟିଯିବେ ?—'ହେ ରହ ରହ, ମୁଁ ତମକୁ ଭଲପାଏ ।

ତମକୁ ନ ପାଇଲେ ମୁଁ ଆତ୍ମହତ୍ୟା କରିବ । ମୁଁ ତୋଫାନ୍ ମେଲ୍‌ଙ୍କ ଆଗକୁ ଡେଇଁବ । ମୁଁ ଟିକ୍-ଟ୍ୱେଣ୍ଟି ଖାଇବ !'

ପ୍ରତାପ ଫେଁ ଫେଁ ହସିଲା । କହିଲା—ବେଶ୍, ଆପଣ ଏମିତି ବାରମ୍ବାର ଆଘାତ କଲେ ମୁଁ ଯାଉଛି । ଆପଣଙ୍କ ପାଇଁ ଯା' ଆଣିଥିଲି ଅନୁସୂୟାକୁ ଦେଇଦେବି ।

ବାଣ୍, ଯା' ଭିତରେ ଅନୁସୂୟା ପ୍ରେମରେ ପଡ଼ିଗଲେଣି ? କାହିଁକି କ'ଣ ଆଣିଥିଲେ ଶୁଣେ ? ମୁଢ଼ି ମୁଆଁ ? ଆମ୍ବ ଆଚାର ? ରତିବିଳାସ ମୋଦକ ? ନା ପାଁ'ଶ ଗ୍ରାମ୍ ଆକବର ଖାଁ ଗୁଡ଼ାଖୁ ?

ପ୍ରତାପ ପକେଟ୍‌ରୁ ବାହାର କଲା ଦୁଇଟି ଗୋଲାପ ଫୁଲ ।

ଚନ୍ଦ୍ରପ୍ରୀ ଚମକି ପଡ଼ିଲା । ସବୁ ଓଲଟପାଲଟ ହୋଇଗଲା ଯେମିତି ।—ଆରେ ଆରେ କି ସୁନ୍ଦର ଫୁଲ । କୋଉଠୁ ଆଣିଲେ ? କି ଛନ୍ ଛନ୍, ତାଜା, ଲାଲ୍ ଟକଟକ୍ । ଏତେ ସୁନ୍ଦର ଫୁଲ କୋଉଠୁଁ ଆଣିଲେ ମ ? ଇସ୍, କି ବାସନା ! ମତେ ଗୋଟେ ଦିଅନ୍ତୁ । ଆପଣ ଜାଣନ୍ତି ନାହିଁ ଗୋଲାପ ଫୁଲରେ ମୋର କେତେ ସଉକ୍ ।

ଚନ୍ଦ୍ରପ୍ରୀ ହାତ ବଢ଼ାଇଲା । ପ୍ରତାପ ହାତ ଘୁଞ୍ଚେଇ ନେଲା—ନା, ଆପଣ କାଲି ଭୁଲିଯିବେ । ମୋର ଗୋଟିଏ ପ୍ରାର୍ଥନା······

ବୁଦ୍ଧିମତୀ ଚନ୍ଦ୍ରପ୍ରୀ ବୁଝିପାରିଲା । କହିଲା—ଓ ଗଭାରେ ଖୋସି ଦେବେ ? ଦିଅନ୍ତୁ । ନ ହେଲା ଏବେ ମୁଁ ଦିନ ଗୋଟା ସେ ପାରସ୍ୟ ଉପନ୍ୟାସର ନାୟିକା ହୁଏ, କ୍ଷତି କ'ଣ ? ଖାଲି ଯଦି ଶେଷରେ ମତେ ହତ୍ୟା ନ କଲେ ରକ୍ଷା ।

ଚନ୍ଦ୍ରପ୍ରୀ ମୁହଁ ବୁଲେଇ ଠିଆ ହେଲା । ପ୍ରତାପ ଥର ଥର ହାତରେ ଗୋଲାପ ଦୁଇଟି ଖୋସିଦେଲା କୃଷ୍ଣ କବରୀରେ ।

ଚନ୍ଦ୍ରପ୍ରୀ କହିଲା—ମୋର ଦୁଇଟି କଥା ରଖିବେ ।
ଭଲ ପାଇବେ, ଅନ୍ଧ ହେବେ ନାହିଁ ।
ମୋ ବୋଉର ମୁଁ ଗୋଟିଏ ବୋଲି ଝିଅ, ମତେ ଆପଣ,

ଆପଣ ତାଙ୍କ ମୋ ଆୟୁଷ କମାଇ ଦେବେ ନାହିଁ । ମୁଁ ମରିଗଲେ ମୋ ବୋଉକୁ ଗୋଟିଏ ଗେହ୍ଲା ଝିଅ ଆଣିଦେବେ ?

ପ୍ରତାପ ଆଖିରୁ ଲୁହ ଖସିପଡ଼ିଲା । କହିଲା– ଆଜ୍ଞା, ସେ କଥା କହ ନାହିଁ । ତମ ଆଗରୁ ମୁଁ ନିଶ୍ଚେ ମରିବ । ମୋର ତ ସବୁ କଥା ତମେ ହସରେ ଉଡ଼େଇ ଦଉଛ, କିନ୍ତୁ ଦେଖିବ, ମୁଁ ମଲାଦିନ ତମେ ନିଶ୍ଚେ କାନ୍ଦିବ । ମୁଁ ମଲା ବେଳେ ତମକୁ ଝୁରି ଝୁରି ମରିବି ।

... ...

'ମୁଁ ମଲା ବେଳେ ତମକୁ ଝୁରି ଝୁରି ମରିବ ।'
'ମୁଁ ମଲା ବେଳେ ତମକୁ ଝୁରି ଝୁରି ମରିବ ।'
'ମୁଁ ମଲା ବେଳେ ତମକୁ ଝୁରି ଝୁରି ମରିବ ।'

ଥପ୍ ଥପ୍ ହୋଇ ଲୁହ ଗଡ଼ିପଡ଼ିଲା ଗୋଲାପ ଫୁଲ ଉପରେ । ଗୋଲାପ ତୋଡ଼ାଟାକୁ ତଳକୁ ଫିଙ୍ଗି ଦେଇ ଚନ୍ଦ୍ରମୁଖୀ କଇଁ କଇଁ ହୋଇ କାନ୍ଦି ଉଠିଲା । ବିନାୟକ ବିବ୍ରତ ହୋଇ ପଡିଲେ––କ୍ୟା ହୁଆ ଚନ୍ଦ୍ରମୁଖୀ ଦେବି ? ଆପ୍ ରୋତା କଉଁ ? ମେଁ କ୍ୟା ଆପ୍‌କେ ଦିଲ୍, ମେ ଆଘାତ୍ ଦିଆ ? କଉଁ, ଗୁଲାବ୍ ଆପ୍ ପ୍ୟାର୍ ନେଇଁ କର୍‌ତେ ?

ଚନ୍ଦ୍ରମୁଖୀ କିଛି କହିଲା ନାହିଁ । ଖାଲି ବେଶୀ ବେଶୀ କାନ୍ଦିଲା । ତା' ଆଖି ଆଗରେ ଯେମିତି ନାଚି ଉଠିଲା ଗୋଟିଏ ଦୃଶ୍ୟ––ଫଣିମା ଆସିଲା ନାହିଁ । ଭାବ ପ୍ରବଣ, ବ୍ରେନ୍‌ଲେଶ୍, ଥଟ୍‌ଲେଶ୍, ଷ୍ଟାଇନ୍‌ଲେଶ୍, ହମିଦ୍ ଘରୁ ବାହାରି ଦଉଡ଼ି ଦଉଡି ଛୁଟି ଯାଉଛି ଆଗକୁ । ଆଗରୁ ଦୁର୍ଦ୍ଦାନ୍ତ ଗତିରେ ମାଡ଼ି ଆସୁଛି ବମ୍ବେ ମେଲ୍ !! ବମ୍ବେ ମେଲ୍ !! ଆଃ–– ଚନ୍ଦ୍ରମୁଖୀ କାନ୍ଦି କାନ୍ଦି ବିନାୟକକୁ କୁଣ୍ଢେଇ ପକେଇଲା––ନା, ଚାଲ ଏଠୁ ପଳେଇବା । ମତେ ଡର ମାଡ଼ୁଛି । ମୁଁ ପାଗଳ ହୋଇଯିବି । ମୁଁ ଆତ୍ମହତ୍ୟା କରିଦେବି । ମୋର ସବୁ ଅନ୍ଧାର ହୋଇଗଲା । ଅନ୍ଧାର ହୋଇଗଲା । ଉଃ ।

ଚନ୍ଦ୍ରମୁଖୀ ମୂର୍ଚ୍ଛା ହୋଇ ପଡ଼ିଗଲା ।

ଏକୋଇଶି

ନାସିକ୍—ମହାରାଷ୍ଟ୍ରର ଗୋଟିଏ ବଡ଼ ସହର, ବିନାୟକ ନାରାୟଣ ଗଡ଼କର୍‌ର ଘର । ଦୋ' ମହଲର ଗୋଟିଏ କୋଠରୀ ଭିତରେ ବସିଛି ଅନ୍ନପୂର୍ଣ୍ଣୀ । ପାଖରେ ଗ୍ରେଟ ଗ୍ରେଟ ନଣନ୍ଦ, ଦିଅର ଢେର ବସିଛନ୍ତି । ଶାଶୁ, ଶଶୁର ଆସୁଛନ୍ତି, ଯାଉଛନ୍ତି । ସମସ୍ତେ ମରାଠି କହୁଛନ୍ତି । ମରାଠି ଭାଷା, ମରାଠି ସଂସ୍କୃତି, ମରାଠି ବେଶ ପୋଷାକ, ଚାଲିଚଳଣି । ଅନ୍ନପୂର୍ଣ୍ଣାର ଯେମିତି ଶ୍ୱାସରୁଦ୍ଧ ହୋଇଯାଉଛି । ଯେମିତି ଅଶୋକ ବନରେ ସୀତା ବସିଛନ୍ତି । ଚାରିପଟେ ଢେର ରହିଛନ୍ତି ଅସୁର ଅସୁରୁଣୀ !!

ବିନାୟକ ବି ଏବେ ଚିଡ଼ଚିଡ଼ା ହେଲାଣି । ସବୁବେଳେ ରାଗ, ସବୁବେଳେ ମୁହଁଶୁଖା, କାହିଁକାହିଁ ମୂର୍ଚ୍ଛା ହୋଇଯିବା, କାରଣ ପଚାରିଲେ କିଛି ଉତ୍ତର ନାହିଁ, ସବୁବେଳେ ଗମ୍ଭୀର, ଚୁପ୍‌ଚାପ୍, ବହୁକଷ୍ଟରେ ପଦେ ଉତ୍ତର, ସେ ପୁଣି ଓଡ଼ିଆରେ—ବିନାୟକ ଅତିଷ୍ଠ ହୋଇ ଉଠିଲାଣି । ମୁହଁ ଖୋଲି ନ କହିଲେ ବି ତା' ମୁଖଭଙ୍ଗୀରେ, ତା' ଆଚରଣରେ ବିରକ୍ତି ସ୍ପଷ୍ଟ ପ୍ରକାଶ ପାଇଲାଣି ।

ଅନ୍ନପୂର୍ଣ୍ଣାକୁ ବି ଦୋଷ ଦେଇ ହେବ ନାହିଁ । ଘର ବାଉଁଶଠାରୁ ଶାଇପଡ଼ଶା ଯାଏ ସମସ୍ତେ ସବୁବେଳେ ମରାଠି କହୁଛନ୍ତି । ବିନାୟକ ବି ଏବେ ଇଂରେଜୀ କହୁଛି କ୍ୱଚିତ । ସବୁବେଳେ ହିନ୍ଦି । ବେଶି ରାଗିଲେ ମରାଠି । ଶୁଣିଶୁଣି କାନ ତାତ୍‌ଲା ହେଲାଣି । ବାନ୍ତି ମାଡ଼ିଲାଣି । କାହାର ଟିକିଏ ଆଦୌ ଦୟା ନାହିଁ, ସହାନୁଭୂତି ନାହିଁ, କେହି ତା'କୁ ଚେଷ୍ଟା କରୁନାହାନ୍ତି ବୁଝିବାକୁ ।

ବିନାୟକ ଯେ ପ୍ରଥମ କଥା ଜାଣି ନାହିଁ ତା'ନୁହେଁ । ଆଉ ଜାଣି ତା' ମନରେ ଯେ ଅବଶୋଷ, ସନ୍ଦେହ ତା' ବି ନୁହେଁ । ଏ ବିଷୟରେ ସେ ଅତି ଉଦାର । ବିବାହ ଆଗରୁ ପୁଅମାନେ କେତେ ଝିଅଙ୍କୁ ଭଲ ପାଆନ୍ତି, ଝିଅମାନଙ୍କର ବି କେତେ ପୁଅଙ୍କ ପ୍ରତି ହୁଏତ ଦୁର୍ବଳତା ଥାଏ । କିନ୍ତୁ ବିବାହ ପରେ ଆଉ ସେଇ କଥାକୁ ଗଣ୍ଠିକରି ଧରିବା ବା ରକ୍ଷିରଖିଲା

ଗ୍ରେଟବରକାରେ କଣ୍ଟ ଅର୍ଥ ହୁଏନା—ଏଇ ବନାପୂକର ମତ । ତେଣୁ ସେଥିପାଇଁ ସେ ଶତ୍ରୁପକ୍ଷୀ ଉପରେ କେବେ ବଂଶକ୍ତ ବା ଅସନ୍ତୁଷ୍ଟ ନୁହଁ । ବରଂ ସେ ଆହୁର ଗୋଟିଏ ପାହାଚ ଉପରକୁ ଉଠିଚ । ଶତ୍ରୁପକ୍ଷୀ ଯେ ପ୍ରତାପକୁ ଛୁଡ ତାକୁ ବବାହ କରନ୍ତି, ସେଥିପାଇଁ ସେ ଶତ୍ରୁପକ୍ଷୀ ପାଖରେ କୃତଜ୍ଞ । ଖାଲି ତା'ର କହିବା କଥା—ଯା' ଯାଇଛି ଯାଇଛି । ପୁଣି ତା' କଥା ଭାଲ ଦେଇ ଶକ୍ତି, ସମୟ, ସାମର୍ଥ୍ୟ ନଷ୍ଟ କରବା ଅର୍ଥହୀନ—ନବୋଧତା !

ବନାପୂକ ମହାରାଷ୍ଟ୍ରୀୟ । ମହାରାଷ୍ଟ୍ରୀୟ ଚଭନ୍ ମୁଖ୍ୟମନ୍ତ୍ରୀ ପଦ ଛାଡ ଭାରତର ରାଜ୍ୟରକ୍ଷା ମନ୍ତ୍ରୀ ହେଲାବେଳେ କହିଥିଲେ ଶତ୍ରୁକୁ ଭାରତର ସୀମାନ୍ତରୁ ମୂଳୋତ୍ପାଟନ ନ କରବା ଯାଏ ସେ ଆଉ ଘରକୁ ଫେରୁନାହାନ୍ତି । ମହାରାଷ୍ଟ୍ରୀୟ ନରେ ଅବା ମରେ, ଫେରବା କଥା ତା' ଜନ୍ମ କାତକରେ ନାହିଁ । …ମହାରାଷ୍ଟ୍ରୀୟ ଏକ ବରାଟ ଜାତ । ତା'ର ଦୃଢତା, ତା'ର ସାହସ, ତାର ଅଦମ୍ୟ କର୍ମପିପାସା, ତା'ର 'କାର୍ଯ୍ୟଂ ବା ସାଧୟେତ୍ ଶରୀରଂ ବା ପାତୟେତ' ଭଳି ଦୃଢ଼ ସଂକଳ୍ପ, ଗୋଟିଏ କାମରେ ସାରା ଜୀବନ ଉତ୍ସର୍ଗ କର ଦେବା ଭଳି ଗଭୀର ନିଷ୍ଠା ତାକୁ ସମଗ୍ର ପୃଥିବୀରେ ବୀର ଜାତ କର ଗଢ଼ିଛି । ଛତ୍ରପତ ଶିବାଜୀଙ୍କଠାରୁ ଆରମ୍ଭ କର ଗୋଖଲେ, ରାଣାଡ଼େ, ବୀର ସଭରକର, ଲୋକମାନ୍ୟ ତିଳକ, ଗାଡ୍‌ଗିଲ୍, ଯଶୋବନ୍ତ ରାଓ ମେହେଟା, ବଳବନ୍ତ ରାଓ ମେହେଟା, ପ୍ରଫେସର କାର୍ଭେ, ବିନୋବାଭାବେ, ହୃଦୟନାଥ କୁଂଜରୁ ପର୍ଯ୍ୟନ୍ତ ବହୁ ଜ୍ଞାନୀ, ଗୁଣୀ, ସାଧକ, ଯୋଦ୍ଧା, ବୀର୍ଯ୍ୟବାନ୍ ବୀର ପୁଙ୍ଗବ ଏଇ ଭୂମିରେ ଜନ୍ମ ହୋଇ ସମଗ୍ର ପୃଥିବୀକ ଆଲୋକ ଦେଇ ଯାଇଛନ୍ତି ।

ଜର୍ମାନର ରାଜ୍ୟନାୟକ ବିସ୍‌ମାର୍କ ଥରେ କହିଥିଲେ--To every Young man and woman, I have only three words of counsel—work, work and work. ଠିକ୍ ସେମିତ ମହାରାଷ୍ଟ୍ରର ମୂଳମନ୍ତ୍ର ହେଲା—କାମ, କାମ ଆଉ କାମ । ଗଭୀର କର୍ତ୍ତବ୍ୟ ନିଷ୍ଠା, ଅଦମ୍ୟ କର୍ମପ୍ରେରଣା, ଗୋଟିଏ କାମରେ ପୂରାପୂର ହଜିଯିବା, ତନ୍ମୟ ହୋଇଯିବା, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଗୋଟିଏ କାମରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ

କରିଦେବା—ଏଇ ହେଲା ମହାରାଷ୍ଟ୍ରୀୟର ପ୍ରକୃତି—ଧର୍ମ । ତେଣୁ ବିନାୟକ ଚୁପ୍‌ଚାପ୍ ବସିରହିବା ବା ଅଶାନ୍ତିକୁ ଭଳଭଳ ଅଶ୍ରୁମୋଚନ କରିବାର ଘୋର ବିରୋଧୀ ।

ତେଣୁ ସେ ସବୁ ଅଶାନ୍ତିକୁ ପାଦ ତଳରେ ଚାପି ଦେଇ ଭୁସ୍ ଭୁସ୍ ମାଡ଼ି ଯିବାକୁ ଚାହେଁ ଆଗକୁ । କିନ୍ତୁ ଘରେ ହେଉଛି କଣ ? ସେ ଯେତେ ଆଗଉଛି କାମ କରିବାକୁ, ଜାହ୍ନବୀ ଯେମିତି ତାକୁ ସେତେ ଗୋଡ଼ ଧରି ପଛକୁ ଟାଣୁଛି । ଏଣେ ବଡ଼ ବଡ଼ କଥା: [illegible] 'ଆଜି'ହିଁ ସର୍ବସ୍ୱ । ପଛକୁ ଫେରିବା ନିର୍ବୋଧତା । ସେ ଅଶାନ୍ତିର କବାଟ କେବେ ଖୋଲିବ ନାହିଁ । ଅଥଚ ସେ ସବୁବେଳେ ଅନ୍ୟମନସ୍କ । ସବୁବେଳେ ପଛ କଥା, ପଛ ଚିନ୍ତା । କଥା ଗୋଟାଏ, କାମ ଠିକ୍ ଓଲଟା ।

କାଲି ରାତିରେ ଜାହ୍ନବୀ ସ୍ୱାମୀ କୋଳରେ ଶୋଇଥିଲା । ରାତି ଦ୍ୱିପ୍ରହର । ହଠାତ୍ ଚିତ୍କାର କରି ଉଠିଲା—ଶୁଣୁଛ, ମତେ ଭୟ ଲାଗୁଛି । ମୁଁ ଗୋଟାଏ ସ୍ୱପ୍ନ ଦେଖିଲି ।

କ୍ୟା ସ୍ୱପ୍ନ ?

ମୁଁ ମରିଯାଇଛି । ମୁଁ ଜନ୍ମ ହୋଇଛି ଗୋଟିଏ ମୁସଲମାନ୍ ହୋଇ । ଠିକ୍ ମୁସଲମାନ୍ ନୁହେଁ, କଂସେଇ । ମୁଁ ଛେଳି କାଟୁଛି, ମାଂସ ବିକୁଛି, ମୋ ହାତରେ ଦି'ଟା କଟୁରି, ଗୋଟାଏ ଛୁରି, ଦି'ଟା ବାଲ୍‌ଟି । ଆଉ ବାଲ୍‌ଟିରେ ମାଂସ, ହାଡ଼, ରକ୍ତ, ଛେଳିମୁଣ୍ଡ । ଆଃ

କାହିଁ ଆପ୍ ଏସା ସ୍ୱପ୍ନ ହରବଖତ୍ ଦେଖ୍‌ତେ ହୈଁ ?

ଏଇ ହାତରେ ମୁଁ ଶହ ଶହ ବକ୍‌ରି କାଟୁଛି, ମେଣ୍ଢା କାଟୁଛି, କୁକୁଡ଼ା କାଟୁଛି । ଦିନେ ଏମିତି କାଟୁକାଟୁ ଗୋଟାଏ ଅଦ୍ଭୁତ କଥା ଘଟିଲା । ସେ ଦିନ ଖାସି ବା ଅନ୍ୟ ଗ୍ରୋଟ ଛେଳି କିଛି ନ ଥିଲେ । ଗୋଟାଏ ମାଈ ଛେଳିକି ଟାଣି ଆଣି ତା' ବେକଟରେ ଗୋଡ଼ ପକେଇ ଛୁରିରେ ଚର୍‌କିନା କାଟିଦେଲି ବେଳକୁ ସେ କେଁ କିନା ହେଲା ଆଉ ସାଙ୍ଗେ ସାଙ୍ଗେ ଗୋଟାଏ ଜୀଅଁନ୍ତା ଛୁଆ ତା ପେଟ ଭିତରୁ ବାହାରି ପଡ଼ିଲା । କଂସେଇ

ଦେଖିଲେ କି ମୋ ହାତ ଅଟକି ଗଲା । ଛେଳିଟାକୁ ଦରକଟା ଛାଡ଼ିଦେଇ ମୁଁ ସେଇ ରକ୍ତ ଜୁଡ଼ୁବୁଡ଼ୁ ହାତରେ ଛୁଆଟାକୁ ଟେକି ନେଲି । କେଜାଣି କାହିଁକି ଛୁଆଟା ପ୍ରତି ମୋର ମାୟା ହେଲା । ମାୟା ବଢ଼ିଲା । ମୁଁ ତାକୁ ପାଳିଲି, ପୋଷିଲି, ମୁଢ଼ି ଦେଲି, ଭାତ ଦେଲି । ଛୁଆଟି ବଡ଼ ହେଲା । ଝୁଲୁରୁ ଫୁଲୁରୁ ଡେଇଁଲା । ତା ବେକରେ ଗୋଟିଏ ଘୁଙ୍ଗୁର ବାନ୍ଧିଦେଲି । ମୁଁ ଯୁଆଡ଼େ ଯାଏ, ସେ ମୋ ପଛେ ପଛେ ଗୋଡ଼େଇଥାଏ, ମୋ ଦେହରେ ନେସି ହୁଏ, ମୋ ଉପରେ ଚଢ଼ିଯାଏ, ମୋ ଆଙ୍ଗୁଠି ଚାଟେ । ସବୁବେଳେ ଆଡ଼ୁ ଆସିଲେ ମେଁ, ସାଡୁ ଆସିଲେ ମେଁ । ମତେ ଛାଡ଼ି ଘଡ଼ିଏ ରହିପାରେ ନାହିଁ । ବେଳେବେଳେ ଆସି ମୋ କୋଳରେ ଆଖି ବୁଜି ନିଶ୍ଚିନ୍ତରେ ଶୋଇଯାଏ । ମୁଁ ମାଇଲେ ବି ସେ ଘୁଞ୍ଚେ ନାଇଁ, ବେଶୀ ରାଗି କରି ଦୂରକୁ ଠେଲିଦେଲେ ସେ କୁନ ଆଖିରେ କୁରୁକୁରୁ—କରି ଚାହେଁ ।

ବିନାୟକ ଚଢ଼ି ଉଠିଲା । କହିଲା—ଫିର୍ କ୍ୟା ହୁଆ ?

ସେଇ ନିସହ ଛେଳି ଛୁଆଟି ଦିନେ ମୋ ଆଗରେ ଡେଉଁଥିଲା, ଝୁମୁରୁ ଝୁମୁରୁ ନାଚୁଥିଲା, ମୋ ହାତ ଚାଟୁଥିଲା, ଗୋଡ଼ରେ ଘଷି ହେଉଥିଲା ଗେହ୍ଲେଇ ହେଇ । କ'ଣ ହେଲା, ମୁଁ ହଠାତ୍ ରାଗି ଗଲି, ତାକୁ ଟିଙ୍କି ଆଣିଲି କଟୁରି ଆଗକୁ । ସେ ବୁଝିପାରିଲା । ବିକଳ ଆଖିରେ ମତେ ଖାଲି ଚାହିଁଲା । ମେଁ ମେଁ ବୋବେଇଲା । ସତେ ଯେମିତି କହିଲା—ମତେ ହାଣିବ ? ମୋର ପର ମା' ନାଇଁ । ମା'କୁ ଛାଡ଼ି ମୁଁ ପରା ତମ କୋଳରେ ଆଶ୍ରା ନେଇଥିଲି । ମୁଁ ପରା ତମ ପୁଅ । ମତେ ହାଣିବ ?......ତା' କଥା ନ ସରୁଣୁ ମୁଁ ସାଇଁକିନି ଚୋଟେ ପକେଇଲି । ତା' ଗଣ୍ଡି ମୁଣ୍ଡ ଅଲଗା ଅଲଗା ହେଇଗଲା । ଝଲକାଏ ରକ୍ତ ଆସି ମୋ ପାଟିରେ ପଶିଗଲା । ଓଃ, ଓଃ, ଓଃ---ଚନ୍ଦ୍ରପ୍ରୀ କାନ୍ଦକାନ୍ଦ ସ୍ୱାମୀଙ୍କି କୁଣ୍ଢେଇ ଧରିଲା ଜୋର୍‌ରେ ।

ଏମିତି ଖାଲି ସ୍ୱପ୍ନ, ଚିନ୍ତା, ଅଶ୍ରୁ, ବେଳେବେଳେ ଚିତ୍କାର । ଚନ୍ଦ୍ରପ୍ରୀ ପାଗଳ ହେଇଯିବ । ମନର ଦୃଢ଼ତା ଦିନକୁ ଦିନ ଭାଙ୍ଗିପଡ଼ୁଛି ।

ଅତୀତର କବାଟ ସେ ଖୋଲିବ ନାହିଁ ବୋଲି ସଂକଳ୍ପ କରିଥିଲା । କିନ୍ତୁ ଆପଣା ଛୁଏଁ କବାଟ ଖୋଲି ଖୋଲି ହୋଇଯାଉଛି । ଆଉ ଖୋଲୁଛି ବୋଲି ରଷା । ସେ ଟିକିଏ ପଛ କଥା ଭାଳି ଭାଳି ଆନନ୍ଦ ପାଉଛି । ତା' ନ ହେଲେ ଶ୍ୱାସରୁଦ୍ଧ ହୋଇ ସେ ମରିଯାଆନ୍ତାଣି କୋଉଦିନୁ ।

ଚନ୍ଦ୍ରପ୍ରୀ ଉପରେ ଶାଶୁଘରେ ନିଶ୍ଚିତ ଭାବରେ ସମସ୍ତେ ବିରକ୍ତ ହେଲେଣି । ସେ କାହାରି ସାଙ୍ଗରେ ମିଶିବ ନାହିଁ । କାହାରି ସାଙ୍ଗରେ କଥା କହିବ ନାହିଁ । ମରାଠି ଶିଖିବାକୁ ଚେଷ୍ଟା କରିବ ନାହିଁ । ସବୁବେଳେ ଗୁମ୍ ହୋଇ ଘରଟି ଭିତରେ ବସିଥିବ—ଏଥିରେ କାହା ମନ ଯିବ ତା' ଆଡ଼କୁ ? ବିନାୟକ ବି ତୁଣ୍ଡ ଖୋଲି କହିଲେଣି—ଇସ୍‌କୋ ଛୋଡ଼ୋ ଯୁ'ର । ଯୋ' ଗୟା ଗୟା । ଇସ୍‌କେଲିୟେ ଶୋର୍ କାଉଁ ? ତୁମ୍ ତ ଇସ୍‌କୋ ଶୋର୍ କରକେ ପାଗଲ୍ ହୋ ଯାଓଗୀ । ମର୍ ଯାଓଗୀ । ମେ ଭାବୀକୋ ଚିଠି ଲିଖ୍‌ତାହୁଁ । ତୁମ୍ ଥୋଡ଼ାଦିନ୍ ଯା'କର ଲୁଧିଆନା ଘୁମ୍ ଆଓ ।

ହଁ, ସେ ଲୁଧିଆନା ଯିବ । କାଞ୍ଚନ ଥରେ କହିଥିଲେ ନା ସେ ତା'ର ମା', ଆଉ ଚନ୍ଦ୍ର ତାଙ୍କ ଉପରେ ରାଗି ନିଆଁ ହୋଇଯାଇଥିଲା । କିନ୍ତୁ ଆଜି ଦେଖୁଛି କାଞ୍ଚନ ହିଁ ସତରେ ତା' ମା' । ସେଇ କେବଳ ତାକୁ ସାନ୍ତ୍ୱନା ଦେଲେ ଦେଇପାରିବେ । ତାଙ୍କର କୋଳରେ ମୁହଁ ରଖି ଥରେ ମନ ଇଚ୍ଛା କାନ୍ଦିଲେ ହୁଏତ ସେ ଟିକିଏ ଶାନ୍ତି ପାଇବ । ତାଙ୍କୁ ସବୁ କଥା ଟିକିନିଖି ଖୋଲି କହିଲେ ତା' ମନ ଟିକିଏ ଉଶ୍ୱାସ ହୋଇଯିବ । ତାଙ୍କୁ ଖାଲି ଦେଖିଦେଲେ ହିଁ କେତେ ଆନନ୍ଦ ।—ନା, ସେ ଲୁଧିଆନା ଯିବ । ସେ ସ୍ୱାମୀଙ୍କି କହିଲା—ହଁ, ତମେ ସ୍ଥିର କର, ଆମେ କାଲି ଲୁଧିଆନା ଯିବା ।

ପରଦିନ ପ୍ରତ୍ୟୁଷରେ ସ୍ୱାମୀ ସ୍ତ୍ରୀ ଦୁହେଁ 'ଡେକାନ୍ କୁଇନ୍'ରେ ଉଠିଲେ ।

ବାଇଶି

ଭାଉଜଙ୍କୁ ଦେଖିଲାମାତ୍ରେ ଚିନ୍ମୟୀ ହେ' କରି କାନ୍ଦିଉଠିଲା । ଭାଉଜଙ୍କ ଆଖିରୁ ବି ଲୁହ ଗଡ଼ି ଆସିଲା । ସୁବ୍ରତ ଅଧୀର ହେଲେ । ବିନାୟକ ଭାଇ ଭାଉଜଙ୍କ ପାଦ ଛୁଇଁ ପ୍ରଣାମ କଲା । କହିଲା—ହରବଖତ୍ ଐସା ହୋତା ହୈ । ମେ ସମ୍‌ଝତା ନହିଁ ଇନ୍‌କା କ୍ୟା ହୁଆ ।······ ସମସ୍ତେ ଜିନିଷପତ୍ର ଷ୍ଟେସନରୁ ନେଇ ଜିପ୍‌ରେ ରଖିଲେ । ଜିପ୍ ବସାକୁ ଚାଲିଲା ।

ଚିନ୍ମୟୀ ଘରେ ପ୍ରଥମେ ଗୋଡ଼ ଦେଲାମାତ୍ରେ କହିଲା—ଭାଉଜ ! ମୋ ମୁଦି, ମୋ ଶାଢ଼ୀ, ମୋ ଜୋତା ସବୁ ରଖିଛ ? ମୋ ଫଟୋ କାହିଁ ?

କାଂଚନ କହିଲେ— ତମେ ତ ସବୁ ଚିରି ଦେଲ, ଫିଙ୍ଗିଦେଲ, ମୁଁ ଆଉ ରଖିଛି କାହିଁ ?

ନାଇଁ ଭାଉଜ ! ତମେ ସବୁ ରଖିଛ । ମୋର ଦିଅ, ଦିଅ । ମୋର ସେଇ ଭଙ୍ଗା, ତଥି ମୁଁ ସବୁ ସାଇତି ରଖିବି । ମୋର କୋଉଠି ରଖିଛ ଦିଅ ।

କାଂଚନ ହସିଲେ । କହିଲେ—ଛି, ଏମିତି ପିଲାଙ୍କ ଭଳି ହୁଅ ନାହିଁ । ସବୁର୍‌କ ଗାଛ୍‌ମେ ମେଓ୍ୱା ଫଲ୍‌ତା ହୈ । ଟିକିଏ ଅପେକ୍ଷା କର ।

ଚିନ୍ମୟୀ କହିଲା—ଦେଖ ଭାଉଜ, ସବୁ କହିବ, ହିନ୍ଦି କହିବ ନାଇଁ ମୋ ଆଗରେ । ତିନି ମାସ ହେଲା ହିନ୍ଦି ଶୁଣି ଶୁଣି ନା ମୋ ପେଟ ଆଉଟେଇ ଦେଲାଣି ।

କାଂଚନ ହସିଲେ । ବିନାୟକ ସୁବ୍ରତଙ୍କ ପାଖରେ ଡ୍ରଇଂ ରୁମ୍‌ରେ ବସି କଥା ହେଉଥିଲେ । ସୁଖିଆ କଫି ଦେଇଗଲା । ଦୁହେଁ କଫି କପ୍ ହାତକୁ ନେଲେ । ଭାଉଜର ହାତ ଧରି ଘୋଷାରି ଘୋଷାରି ଭିତରକୁ ନେଇଗଲା ଚିନ୍ମୟୀ—ଚାଲ ଭାଉଜ, କୋଉଠି ରଖିଛ ମତେ ଦେବ । କୋଉ ଟ୍ରଙ୍କ୍‌ରେ ରଖିଛ ଯେ ? କୋଉ ଘରେ ରଖିଛ ? ମଝି ଘରେ ?

ଷ୍ଟୋର ଘରେ ?—ଟାଣି ନେଉଁ ନେଉଁ ନେ [illegible] ଆସି ପହଞ୍ଚିଗଲା ଗୋଟିଏ ଘରେ, ଯୋଉଠି ପ୍ରଦୀପ ସେ ଦିନ ଶୋଇଥିଲା ଆଉ ଯୋଉଠିକି ସିଏ ରାତି ସାରେଡ଼ ତନ୍ଟାରେ·····ଆଃ, ରଶ୍ମୀ ଥକ୍କା ହୋଇ ଠିଆ ହୋଇଗଲା, ମୁଣ୍ଡ ଘୂରିଗଲା ଯେମିତି । ସେଇ ଯନ୍ତ୍ରଣା, ସେଇ ଚଦର, ସେଇ ରଙ୍ଗ·····ଉଃ, ଉଃ ମୋ ମୁଣ୍ଡ କ'ଣ ହୋଇଯାଉଛି ଭାଉଜ ! ମୁଁ ମୁଁ ଆଉ ଯାଇପାରିବ ନାହିଁ ।······

ବେଶ୍, ଏଇଠି ଟିକିଏ ଶୋଇପଡ଼ ।

ବିଛା କାମୁଡ଼ିଲା ଭଳି ଚମକି ପଡ଼ିଲା ରଶ୍ମୀ— ନାଇଁ ଭାଉଜ, ନାଇଁ ଭାଉଜ, ମୁଁ ଏଠି ଶୋଇବି ନାହିଁ, ମୁଁ କୋଉଠି ଶୋଇବି ନାହିଁ, ମୁଁ ତମରି କୋଳରେ ମଥା ରଖି ଶୋଇପଡ଼ିବି ଭାଉଜ । ନିଦ୍ରା····· ଚିର ନିଦ୍ରା·····— କାଂଚନର ଛାତି ଉପରେ ଆଉଜି ପଡ଼ି ରଶ୍ମୀ ଦୁଇଟି ଧାର ଝରାଇ ଦେଲା ।

କାଂଚନ କହିଲେ—ତମେ ବଡ଼ ଦୁର୍ବଳ ମନା ! ଏତେ ପାଠ ପଢ଼ି ଯଦି ତମେ ଦୁର୍ବଳ ହେବ, ତା' ହେଲେ ଆଉ କାହାକୁ କହିବା ? ପାଠ ମଣିଷକୁ ଶକ୍ତି ଦିଏ, ବୁଦ୍ଧି ଦିଏ । ଆଉ ବୁଦ୍ଧିଆ ଆଉ ଶକ୍ତିମାନ୍ ଲୋକ ହିଁ ଦୁନିଆରେ ବଂଚନ୍ତି, ଅନ୍ୟମାନେ ମରିଯାଆନ୍ତି ।

ମୁଁ କ'ଣ କରିବି ଭାଉଜ ? ମୋର ସବୁ ବୁଦ୍ଧିଶୁଦ୍ଧି ହଜିଗଲାଣି । ମତେ ସବୁ ବିଷ ଲାଗିଲାଣି । ମୁଁ ଭୁଲ୍ କରିଛି ଭାଉଜ, ମୁଁ ଜୀବନରେ ମସ୍ତ ବଡ଼ ଭୁଲ୍ କରିଛି ।

ଚୁପ୍, ଏମିତି କଥା କହନ୍ତୁ ନାଇଁ । ଯା' ହବାର ହୋଇଛି । ଥରେ ବାଛି ସାରିଲା ପରେ ଆଉ ଭଲମନ୍ଦ ବାରିବା ବୋକାମି । ଗୋଟାଏ ପାଖରେ ବୁଦ୍ଧି ଆଉ ପାଖରେ ଭାଗ୍ୟ, ତା'ର ଭିତରେ ଖୋଜୁ ଖୋଜୁ ଯାହା ଆମକୁ ମିଳିଲା, ସେଇ ଆମର କୋଟି ସ୍ୱର୍ଗର ଫଳ ।

କଂଣ ଭାଉଜ, ସିଏ ଜାଣି ଜାଣି ଅମୃତ ଫିଙ୍ଗି ଦେଇ ବିଷପାତ୍ରକୁ ହାତରେ ଧରିଛି ?

ଛିଃ, ଏ ଭଳି କଥା ତମ ମୁହଁରେ ଶୋଭାପାଏ ନାହିଁ ଚିନା । କିଏ ଅମୃତ କିଏ ବିଷ ତମେ କ'ଣ ଜାଣିଛ ? ଅତି ସୁନ୍ଦର, ସୁଦର୍ଶନ, ଅମାୟିକ ଯୁବକ ବି ବେଳେ ବେଳେ ଉନ୍ମାଦଗ୍ରସ୍ତ ହୁଏ, ଆଉ ଅତି କଦର୍ଯ୍ୟ, କୁତ୍ସିତ ଲୋକ ବେଳେବେଳେ ଶ୍ରେଷ୍ଠ ଦାର୍ଶନିକ, ଶ୍ରେଷ୍ଠ ସାହିତ୍ୟିକ ହୋଇ ନୋବେଲ ପ୍ରାଇଜ୍ ପାଏ । ମଣିଷକୁ ତମେ କ'ଣ ଚିହ୍ନିବ ? ଆଉ ବିନାୟକ ଆଉ ପ୍ରଦୀପ ବାବୁଙ୍କ ଭିତରେ ତ ସ୍ୱର୍ଗ ପାତାଳ ତଫାତ୍ । ବିନାୟକ ଗୋଟାଏ ସ୍କଲାର୍—ଅକ୍ସଫୋର୍ଡ଼ ପି. ଏଚ୍. ଡି., ଆଉ ପ୍ରଦୀପ ସାମାନ୍ୟ ଉତ୍କଳ ଇଉନିଭରସିଟିର ଗୋଟାଏ ଥାର୍ଡ଼କ୍ଲାସ ଏମ୍. ଏ.······

ଭାଉଜ ! ତମେ ମତେ ଉପହାସ କରୁଛ ? ତମେ ମୋ କଟା ଘା'ରେ ଚୂନ ଲେପୁଛ ? ମୁଁ ତ ସହଜେ ଅନ୍ଧ । ତମେ ଆହୁରି କଣ୍ଟା ଆଣି ଗେଂଜୁଛ ମୋ ଆଖିରେ । କହୁଛ—ଦେଖ୍, ଦେଖ୍ ଲୋ ନିର୍ଲଜ, ଅନ୍ଧୁଣି, ତୁ କେଡ଼େ ଭୁଲ୍ କରିଛୁ ଦେଖ୍ ।—ଚିନୁ କାନ୍ଦିଉଠିଲା ।

କାଂଚନ ନୀରବ ହେଲେ । ସାଧାରଣତଃ ଲୋକ ନିଜର ଭୁଲ୍ ମାନେ ନାହିଁ । ଯିଏ ନିଜର ଭୁଲ୍ ସ୍ୱୀକାର କରେ ଓ ସେଥିପାଇଁ ଅନୁତାପ କରେ, ତା'କୁ ତା' ଭୁଲ୍ ବାରମ୍ବାର ଦର୍ଶାଇ ଦେଲେ ଖାରି ବାଧେ । ଲୁହ ନ ଝରି ରକ୍ତ ଝରେ ଆଖିରୁ । କାଂଚନ ନୀରବ ହେଲେ । ଚିନ୍ମୟୀର ହାତ ଧରି ନେଇ ଆର ଘରେ ବସେଇଲେ । ପୁଷ୍ପାଶ୍ରୀ ଆଣି କଫି, ଜଳଖିଆ ଦେଇଗଲା । କାଂଚନ ଗୋଟିଏ ଗ୍ଲାସଟରେ ପୁଡ଼ିଂ ଟିକିଏ ନେଇ ଚିନ୍ମୟୀ ପାଟିରେ ଖୁଆଇଦେଲେ । ଚିନୁ କହିଲା—ଭାଉଜ, ତମେ ମତେ ପିଲାଙ୍କ ଭଳି ଭଣ୍ଡେଇ ଦିଅ ନାହିଁ, ମୋ ବ୍ୟଥା ଟିକିଏ ବୁଝ । ଯେତେବେଳେ ମୋର ସବୁ ପ୍ରଳୟ ହୋଇଯାଉଛି, ସେତେବେଳେ ତମେ ଛୁଆଙ୍କ ଭଳି ମୋ ହାତରେ ଆଣି ଆମ୍ବଟିଏ, ପିଜୁଳିଟିଏ ଧରାଇ ଦିଅ ନାହିଁ । ତମେ ମତେ ଘୃଣା କର ପଛକେ, ସାନ୍ତ୍ୱନା ନ ଦିଅ ପଛକେ, ଖାଲି ସାନ୍ତ୍ୱନା ଦେବାର ଛଳନା ହେଲେ ଟିକିଏ କର ।

କାଂଚନ ହତବୁଦ୍ଧି ହୋଇଗଲେ । ଚିନ୍ମୟୀର ମୁହଁ ଆଉଁସି କହିଲେ—ତମେ ମୋର ବାପ୍ୟାଣୀ ଝିଅଟି, ମୁଁ ତମକୁ କ'ଣ କହିବି ?

ତମର ଭାଇ ଅଛି, ମା' ଅଛି, ମୁଁ ଅଛି, ସ୍ୱାମୀ ଅଛନ୍ତି, ଶାଶୁ ଶଶୁର ଅଛନ୍ତି, ଏତେ ବଡ଼ ଗୃହକର୍ମ ଅଛି, ତମ ମୁଣ୍ଡରେ ଏତେ ବିଦ୍ୟା ବୁଦ୍ଧି ଅଛି, ତଥାପି ତମେ କାହିଁକି ଯେ ନିଜକୁ ଏତେ ନିରାଶ୍ରୟ ମଣୁଛ ମୁଁ ବୁଝି ପାରୁନାହିଁ ।

ମୋର ସବୁ ଥାଇ ବି ଆଜି କିଛି ନାହିଁ ଭାଉଜ । ମୋର ଗନ୍ତାଘର ଆଜି ଶୂନ୍ୟ ହୋଇଯାଇଛି । ମୁଁ ଆଜି ଦାଣ୍ଡର ଭିକାରୁଣୀ ହୋଇ ବସିଛି । ତମକୁ କେମିତି ବୁଝେଇବି ? ତମକୁ କୋଉ ଦୁଃଖଟା କହିବି ? ବଙ୍ଗଳାର ସେଇ କବିଙ୍କ ପଦ ମନେ ପଡ଼ୁଛି—

'ସବ୍ ପଥ୍ ଯା'ର କାଣ୍ଟାଏ ଭରା କୋନ୍ ପଥେ ସେ ଚଲ୍‌ବେ ?
ସବ୍ କଥା ଯା'ର ବ୍ୟାଥାଏ ଭରା କୋନ୍ କଥା ସେ ବଲ୍‌ବେ ?'

କାଂଚନ ଜବରଦସ୍ତି ଆଉ ଟିକଏ ପୁଡିଂ, ଆଉ ଗୋଟିଏ କମଳାଭୋଗ ଖୋଇଦେଲେ । ଆଖିରେ ଝଲ୍ ଝଲ୍ ଲୁହ । ସେଥିରେ କ'ଣ ଖାଇହୁଏ ? କଷ୍ଟେମଷ୍ଟେ ଚନ୍ଦ୍ରପ୍ରୀ ଗିଳିଲା । ସେ କଫି ପିଇଲା ନାହିଁ । କାଂଚନ କଫି ପିଉ ପିଉ କହିଲେ –

ଜାଣ ଚନା, ମହାତ୍ମା ଗାନ୍ଧୀ ଅନେକ ସମୟରେ ଏଇ କଥାଟି କହନ୍ତି । ଥରେ ମହାପୁରୁଷ ମହମ୍ମଦ ତାଙ୍କର ବିଶ୍ୱସ୍ତ ଅନୁଚର ଆବୁ ବେକରଙ୍କ ସଙ୍ଗେ ଯାଉଥିଲେ । ହଠାତ୍ ବହୁ ଶତ୍ରୁ ଶାଣିତ ତରବାରି ଧରି ତାଙ୍କ ଆଡ଼କୁ ଛୁଟି ଆସିଲେ । ଆବୁ ବେକରଙ୍କ ଆପାଦମସ୍ତକ ଥରି ଉଠିଲା ଭୟରେ । ସେ ମହମ୍ମଦଙ୍କ ଆଡ଼କୁ ଚାହିଁ ବିକଳରେ ଚିତ୍କାର କରି-ଉଠିଲେ —ଏତେ ଶତ୍ରୁଙ୍କ ବିରୁଦ୍ଧରେ ଆମେ ଦୁଇ ଜଣ କ'ଣ କରିବା ? ମହମ୍ମଦ ହସି ଦେଇ କହିଲେ ନାହିଁ ଆବୁ, ଆମେ ତ ଦୁଇ ଜଣ ନୋହୁଁ, ଆମେ ତିନି ଜଣ । କାରଣ ଭଗବାନ୍ ଆମ ସାଥିରେ ଅଛନ୍ତି ।

ଚନ୍ଦ୍ରପ୍ରୀ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । କହିଲା— ତା' ମାନେ ?

ମାନେ---'ଈଶ୍ୱର ଦୟା ଆହା କିବା ଉଦାର,
ଲଘୁ କରଇ ଦୁଃଖୀ ହୃଦୟ ଭାର ।'

ଈଶ୍ୱରଙ୍କ କଥା ଥରେ ଚିନ୍ତା କର ଚନା । ଈଶ୍ୱର ଆମ ମାଖେ ପାଖେ ଅଛନ୍ତି । ଈଶ୍ୱର ଆମ ହାତ ଧରି ବାଟ କଢ଼େଇ ନେଉଛନ୍ତି । ଏତେ ବ୍ୟସ୍ତ, ଏତେ ଅଧୀର କାହିଁକି ? ଈଶ୍ୱର ଆମକୁ ଗମ୍ଭୀର ଜଳକୁ ନଅନ୍ତି ବୁଡ଼େଇ ମାରିଦେବା ପାଇଁ ନୁହେଁ, ଆମର ମଳଧୂଳି, ଜଳଙ୍କ କଳୁଷ ଧୋଇ ଦେବା ପାଇଁ । ଥରେ କହିଥିଲି ନା ସବୁ ଚିନ୍ତା ସେଇ ଚିନ୍ତାମଣିଙ୍କି ସମର୍ପଣ କରିଦିଅ, ଶାନ୍ତି ପାଇବ ।

ମୁଁ ସବୁ ବୁଝୁଛି ଭାଉଜ, ସବୁ ଜାଣେ, ହେଲେ ମୁଁ କାହିଁକି ମୋଟେ ସ୍ଥିର ହେଇପାରୁ ନାହିଁ । ମୁଁ ଯେମିତି ଅନ୍ତର ଭିତରେ ଗୋଟାଏ ଶୂନ୍ୟତା ଅନୁଭବ କରୁଛି । ଯେମିତି ମୁଁ କ'ଣ ହଜେଇ ଦେଇଛି, ମୋର କିଏ କ'ଣ ନେଇଯାଇଛି । ମ୍ୟାକ୍‌ବେଥ୍ ନିଦ୍ରାକୁ ହତ୍ୟା କଲା ଭଳି ମୁଁ ଯେମିତି ମୋ ଶାନ୍ତିକୁ ହତ୍ୟା କରିଛି ନିଜ ହାତରେ । ଆଚ୍ଛା ଭାଉଜ ! ତମେ ପ୍ରଦୀପ କଥା କିଛି ଜାଣିଛ ? ପ୍ରଦୀପ କ'ଣ କରୁଛନ୍ତି ? କୋଉଠି ଅଛି ? ପ୍ରଦୀପ ଭଲ ଅଛି ନା ?

ଭାଉଜ କହିଲେ—ମୁଁ କିଛି ଜାଣି ନାହିଁ ।

କିଛି ଜାଣିନା ? ଆଚ୍ଛା ପ୍ରଦୀପ ମୋ ପାଖକୁ ଚିଠି ଲେଖି ନାଇଁ ? କିଛି ଚିଠି ନାଇଁ ମୋ ନାଁରେ ?

ନାଁ ।

ପ୍ରଦୀପ କ'ଣ ସେଇ ଗଂଜାମ କଲେଜରେ ଅଛି ?

ମୁଁ କେମିତି କହିବି ?

ପ୍ରଦୀପ ଦେହ ଭଲ ଅଛି ନା ? ସେ କ'ଣ ମୋ କଥା ଭାବୁଛି ? ଏବେ ବି କ'ଣ ସେ ମୋ କଥା ମନେ ରଖିଛି ଭାଉଜ ?

କାଂଚନ ବିହ୍ୱଳ ଆଖିରେ ଖାଲି ଚାହିଁଲେ, କିଛି କହିଲେ ନାହିଁ ।

ତମେ 'ଟେଲିପାଥି' ଜାଣିଛ ? ଜଣେ ଜଣଙ୍କ କଥା ଭାବିଲେ ଆଉ ଜଣକ ପରା ଆନ୍ଦୋଳିତ ହେଇଯାଏ ? ମୁଁ ଯେ ତା' ପାଇଁ ଏତେ ଚିନ୍ତା କରିକରି ମରୁଛି, ତା' ଅନ୍ତରରେ ଗୋଟିଏ ସ୍ପନ୍ଦନ ହେଉ ନାଇଁ ?

ସେ ନୀରବ ରହୁଛି କେମିତି ? ଖାଲି 'ଶନ୍ତୁ' ନାଁ ଶୁଣିଦେଲେ ଯିଏ ପାଗଳ ହୋଇ ଯାଉଥିଲା, ସିଏ ଗଲା ଛଅ ମାସ ହେଲା ସାମାନ୍ୟ ଚିଠି ଖଣ୍ଡିଏ ଲେଖି ନାଇଁ ? ସତେ ସତେ ମୁଁ ଆଜ ମରିଗଲି । ମନେ ଜୁଇରେ ଶୁଆଇ ଦେଇ ପ୍ରଦୀପ ଆଜ ନିଶ୍ଚିନ୍ତ ହୋଇ ରହିଲା । ଶନୁ ଆଖିରେ ଲୁହ ।

କାଂଚନ କହିଲେ—ତମେ ଅନ୍ୟର ବିବାହିତା ପତ୍ନୀ, ତମକୁ ଚିଠି ଲେଖିଲେ ନୀତିଗର୍ହିତ ହୁଅନ୍ତା ନାଇଁ ?

କାହିଁକି ନୀତିଗର୍ହିତ ହୁଅନ୍ତା ? ବନ୍ଧୁ ପାଖକୁ ବନ୍ଧୁ ଚିଠି ଲେଖେନା ? ସ୍ୱାମୀ ତ ମୋଟେ ଆପତ୍ତି କରନ୍ତା ନାଇଁ । ଲୋକଟା ଏକାବେଳକେ ଶାଢ଼ୀ, ଗହଣା, ଚିଠି, ବହି ସବୁ ଦେଇଯିବ, ତା'ପରେ ଚୁପ୍‌ଚାପ୍, ନୀରବ, ସ୍ଥିର । କାହିଁକି ଲୋକଟା ଏତେ ଇମୋସନାଲ୍ ? ପାଗଳ ?

କାଂଚନ କହିଲେ—ହଁ, ବଡ଼ ଇମୋସନାଲ ଲୋକଟା, ତମ ଭଳି ରାସନାଲ ହୋଇପାରୁନ ।

କାନ୍ଦୁ କାନ୍ଦୁ ହସି ଉଠିଲା ଚନ୍ଦ୍ରପ୍ରୀ—ତମେ ମତେ ଥଟ୍ଟା କରୁଛ ଭାଉଜ ? ମୁଁ ଇମୋସନାଲ୍ ହୋଇପାରେ, କିନ୍ତୁ ପ୍ରଦୀପ ଭାଇ ଏତେ ପାଗଳ ନୁହେଁ ।

କିନ୍ତୁ ପାଗଳ ହୋଇ ସେ ଯାହା ଦେଲା ତମେ ତ ତା'କୁ ରଖି ପାରିଲ ନାହିଁ । ତା' ଶାଢ଼ୀ, ଗହଣା, ଫୁଲ ସବୁ ଫିଙ୍ଗିଦେଲ । କୁଟୁକୁଟା କରି ଚିରିଦେଲ ।

ସତେ ଭାଉଜ, ମୋ ମୁଣ୍ଡ ଖାଅ, ସତ କହିଲ ମୋ ଶାଢ଼ୀ, ଗହଣା ରଖିନାହିଁ ? ମୋ ବହି, ମୋ ଯୋଡା କୋଉଠି କୋଉଠି ରଖିଛ ?

ସତ କହୁଛିରେ ମୁଁ କିଛି ରଖି ନାହିଁ । ତମେ ତ ଶାଢ଼ୀ ଫିଙ୍ଗି ଦେଲ । ଗହଣା ଫିଙ୍ଗି ଦେଲ, ଚିଠି ଚିରି ଦେଲ, ଫଟୋ ଛୁଞ୍ଚୁ କରିଦେଲ

ଟେବଲ ଉପରେ । ଆଜି ମୁଁ ରଖନ୍ତି କ'ଣ ? ବହୁତ ଖୋଜାଖୋଜି କରି ମୁହଁ ଆଜି ହାରି ପାଇଥିଲି ଯେ ଭାଇ କହିଲେ ଏଇ ଜିନିଷ ପାଇଁ ଏତେ କାନ୍ଦିଲି, ଆଜି ଯା'ଙ୍କୁ ରଖି ଲାଭ ନାହିଁ । ସେ ବର୍ଷ, ବଣିଆ ଦୋକାନରେ ଭାଇ ନୂଆ ଗହଣା ତମ ପାଇଁ ଗଢ଼ିଦେଲେ । ସେ ଶାଢ଼ୀ ତାଙ୍କର ଜଣେ ଧନିଷ୍ଠ ବନ୍ଧୁଙ୍କ ସ୍ତ୍ରୀଙ୍କୁ ଦେଇଦେଲେ, ଯିଏ ତମ ବିବାହକୁ ଦୁଇ ଶହ ଟଙ୍କାର ଗୋଟିଏ ହାର ଉପହାର ଦେଇଥିଲେ ।

ମୋର ସେ ଯୋଡ଼ା ରହିନା ଭାଉଜ ? ମୋର ସେ ଟିକ ଚିଠି ରହିନା ? ମୋର ସେ ଶୁଖିଲା ଗୋଲାପ ଫୁଲ ରହିନା ? ତମେ କିଛି ବୁଝିନା ଭାଉଜ ! ତମେ ହୃଦୟ ବୁଝିନା, ସ୍ନେହ ବୁଝିନା, ପ୍ରେମ ବୁଝିନା, ତମେ ହୃଦୟର ଅଶ୍ରୁ ବୁଝିନା, ଅଭିମାନ ବୁଝିନା । ତମେ କାହିଁକି, କାହିଁକି ମୋର ସବୁ ନଷ୍ଟ କରିଦେଲ ? ମୋର ଯେ ଚିଜ, ଭଙ୍ଗା ଜିନିଷ ଥାଆନ୍ତା ପଛେ, ତାକୁ ପ୍ରଦୀପ ଦେଇଥିଲା, ତା' ଦେହରେ ପ୍ରଦୀପର ହାତ ଲାଗିଥିଲା, ତାକୁ ପ୍ରଦୀପ ଅଶ୍ରୁରେ ଭିଜେଇ ଦେଇଥିଲା, ତା' ଭିତରେ ପ୍ରଦୀପର ଆତ୍ମା ଥିଲା, ନିଃଶ୍ୱାସ ଥିଲା, ତା' ଭିତର ଗଭୀର କୋହ ଥିଲା । ମୋ ଗଳା ମଧ୍ୟ ସୁନ୍ଦର, ତମ କୋଠା ତମକୁ ସୁନ୍ଦର । ମୁଁ ତମର ଇନ୍ଦ୍ର ଐଶ୍ୱର୍ଯ୍ୟକୁ ହାତ ପତେଇ ମାଗୁ ନ ଥିଲି । ତମେ କାହିଁକି ମୋର ନଷ୍ଟ କରିଦେଲ ? କାହିଁକି ଫିଙ୍ଗିଦେଲ ? ମୋର ସେ ଅମୂଲ୍ୟ ନିଧି କିଏ ଦେବ ? ମୁଁ ଆଉ କୋଉଠୁ ପାଇବି ?.....ଭାଉଜ !—ଚିନୁ କାନ୍ଦି କାନ୍ଦି ଲୋଟି ପଡ଼ିଲା ଭାଉଜ କୋଳରେ ।

କାଞ୍ଚନ ହାତ ଧରି ଉଠେଇଲେ । କହିଲେ—ଯାହା ଗଲା ଦେଉଛ ଦିଅ, ମୁଁ ତ ରଖିପାରି ନାହିଁ । ଚାଲ, ଭାଇ ବୋଧେ ଅପେକ୍ଷା କରିଥିବେ । ଟିକେଟ ହୋଇସାରିଛି । ଛବି ଦେଖିଯିବା ।

ମୁଁ ଯିବି ନାହିଁ, ତମେ ଚାଲିଯାଅ ।

ଛି, ସେମିତି କହନ୍ତୁ ନାହିଁ । ବିନାପ୍ରକ ବାବୁ ଗୁରୁ ଧନ ରହିବେ । ଟିକିଏ ଖୁସି, ଆନନ୍ଦ ନ କଲେ ସିଏ କ'ଣ ଭାବିବେ ? ତମେ ତାଙ୍କ ଘରେ କାନ୍ଦିଲ, ଆମ ଘରେ କାନ୍ଦିବ । ସିଏ ଆଜି ବଡ଼ ହୋଇଥିଲେ କାହିଁକି ?

ବିଷ ଦେଇଥିଲେ ମୋ ଜୀବନ ଖାଇବାକୁ ' ତୁମେ ସମସ୍ତେ ମିଶି ମୋ ବିରୁଦ୍ଧରେ ଗୋଟାଏ ଚକ୍ରାନ୍ତ କରିଛ । ସେଠି ଅଣବିଶ୍ୱାସୀ ହୋଇ ପଳେଇ ଆସିଲି ବଳକୁ ଏଠି ତୁମେ ଭାଉଜ ନୁହଁ, ମୋର ଶତ୍ରୁ ଅଛ । ମୋର କିଛି ଜିନିଷ ରଖିନା । ମୋର ସବୁ ଜିନିଷ ପୋଡି ଜାଳି ପାଉଁଶ କରି ଦେଇଛ ।

ଭାଉଜ କଅଁକେଇ କହିଲେ— ଦେଖ ଚନା, ଆଜି ବ ମୁଣ୍ଡ ପିଟିଲେ ତା' ଫେରୁ ନାହିଁ । ଆଉ ସେ କଥା ଭାବି ଲାଭ କ'ଣ ? ଆଉ ସେ ପାର୍ଥିବ ଜିନିଷ । କେତେ ଦିନ ବା ରହନ୍ତା ?

ଚନୁ ଚିଡ଼ି ଉଠିଲା । କହିଲା—ତମ ମୁଣ୍ଡରେ ଗୋବର ଅଛି ଭାଉଜ ଗୋବର ଅଛି । ତମେ କ'ଣ ବୁଝିବ ଗୋଟିଏ ଫୁଲ, ଗୋଟିଏ ରୁମାଲ କେତେ ଦିନ ରହେ ? ତମେ କ'ଣ ବୁଝିବ ପ୍ରେମର ଅର୍ଥ । ତମେ ଇଉସ୍‌ଲେସ୍ ମୂର୍ଖ !!

କାଂଚନ ଡାକୁ ଡାକୁ ଚନୁ ଉଠି ପଳେଇଲା, ଯାଇଁ ପଶିଗଲା ପ୍ରଦୀପ ଶୋଇଥିବା ସେଇ ଘର ଭିତରକୁ । ଲୋଟିପଡିଲା ସେଇ ଖଟ ଉପରେ । ତକିଆ ଉପରେ ଘନଘନ ମଥା ପିଟିଲା, ଚୁମା ଦେଲା, କାନ୍ଦିଲା ।

ଭାଇ ଡାକି ଡାକି ଫେରିଲେ । ବିନାୟକ ଡାକି ଡାକି ନିରସ୍ତ ହେଲା । ଚନ୍ଦ୍ରପ୍ରୀ ଉଠିଲା ନାଇଁ, ଗଲା ନାଇଁ । ଶେଷକୁ ସିନେମା ଟିକେଟ ଫେରସ୍ତ ଦେବାକୁ ପଡ଼ିଲା । ବିନାୟକ ବିରକ୍ତ ହୋଇ କହିଲା—ଭାବୀଜି, ଆପ୍ ଚନୁକୁ ରଖିଲିଜିୟେ । ମୈଁ ଲଣ୍ଡନ୍ ଚଲୁଁ । ଐସୀ ଲଡ଼କୀ କୋ ଲେକର୍ ମୈଁ କ୍ୟା କରୁଁଗା ?

କାଞ୍ଚନ କିଛି କହିବା ଆଗରୁ ଚନ୍ଦ୍ରପ୍ରୀ ହଠାତ୍ ଉଠିପଡି କହିଲା—ତମେ ଲଣ୍ଡନ ଯିବ ? ମତେ ନେଇଯାଅ । ମତେ ଲଣ୍ଡନ ନେଇ ନ ଯାଇଁ ଏଠି କାହିଁକି ରଖିଛ ? ତମେ କେଡ଼େ ନିର୍ବୋଧ !

ସୁବ୍ରତ ଭୟଙ୍କର ରାଗି ଉଠିଲେ—ଚୁପ୍ କର ଚନୁ । କ'ଣ ଏମିତି ପାଗଳଙ୍କ ଭଳି କହୁଛୁ ? କ'ଣ କହୁଛୁ ତୋର ହିତାହିତ ଜ୍ଞାନ ରହୁନାହିଁ ।

ଚନୁ ସେମିତି ଉତ୍ତେଜିତ ହୋଇ କହିଲା—ହଁ ବଡ, ମୁଁ ଠିକ୍ କହୁଛି । ମୋର ଆଜ ଇଣ୍ଡିଆରେ ରହିବାକୁ ମୁହୂର୍ତ୍ତେ ଇଚ୍ଛା ନାହିଁ । ମୁଁ ସେଇଆ ତାଙ୍କୁ ଲେଖିଥିଲି ଯେ ବିବାହ ପରେ ଆମେ ସାଙ୍ଗେ ସାଙ୍ଗେ ଲଣ୍ଡନ ଚାଲିଯିବା । ସେ ତା'ର ବ୍ୟବସ୍ଥା କରୁନାହାନ୍ତି କାହିଁକି ? ମୋର କମନ୍‌ୱେଲ୍‌ଥ ସ୍କଲାରସିପ୍ ନ ହେଉ, ମୁଁ ସେଠି ଖସାର୍ଚ୍ଚ ନ କରେ । ମୁଁ ଖାଲି ତାଙ୍କର ପାଖରେ ବସି ବସି ରହିବି ପଛେ ଏଠି ରହିବି ନାହିଁ । ଏ ମାଟି, ପାଣି, ପବନ ସବୁ ମତେ ପିତା ଲାଗିଲାଣି । ଏଠି ସମସ୍ତେ ମୋର ଶତ୍ରୁ ।

ସୁବ୍ରତ କହିଲେ—ବେଶ୍, ତାହା ହିଁ ହେବ । କିନ୍ତୁ କଥା କହିବାରେ ଗୋଟାଏ ସୌଜନ୍ୟ ଅଛି, ମଧୁରତା ଅଛି । ବିନାୟକ ବାବୁ ଆମ ଘରେ ସମ୍ମାନନୀୟ ଅତିଥି । ତୁ ତାଙ୍କୁ ଯା' ତା' କହିବୁ, ପୁଣି ମୋ ସମ୍ମୁଖରେ । ମୁଁ ତା' କେମିତି ସହିବି ? ତୁ ବୁଦ୍ଧିମତୀ, ତୁ ନିଜେ କହ, ତୁ ତାଙ୍କ ପ୍ରତି ଅନ୍ୟାୟ କରୁନାହୁଁ ?

ଚିନ୍ମୟୀ ମୁଣ୍ଡ ଟେକ ଚାହିଁଲା । କହିଲା—ମୁଁ ଅନ୍ୟାୟ କରୁଛି ? ମୋ ପ୍ରତି କେହି ଅନ୍ୟାୟ କରୁନାହାନ୍ତି ? ସେ ନିଜେ ଅନ୍ୟାୟ କରୁ ନାହାନ୍ତି ? ସେ କାହିଁକି ସବୁବେଳେ ଗୋଟାଏ ଜିଦ୍‌ରେ ମୋ ସାଙ୍ଗରେ ଦ୍ୱନ୍ଦ କରିବେ ? ଇଂରେଜୀ କହିଲେ କ'ଣ ପ୍ରଣବ ଅଶୁଦ୍ଧ ହୋଇଯାନ୍ତା ? ଖାଲି ମତେ ଚିଡ଼େଇବା ପାଇଁ, ରାଗେଇବା ପାଇଁ ମୋ ଛାତିରେ କୁନ୍ତ ଫୋଡ଼ିବା ପାଇଁ ସବୁବେଳେ ଦ୍ୱନ୍ଦ, ଦ୍ୱନ୍ଦ, ଦ୍ୱନ୍ଦ !

ସୁବ୍ରତ କହିଲେ—କାହିଁକି, ତୋ'ର କ'ଣ ଦ୍ୱନ୍ଦ, ମସଠି ଶିଖିବା କର୍ତ୍ତବ୍ୟ ନୁହେଁ ?

ହଁ, ମୋର କର୍ତ୍ତବ୍ୟ, ଆଉ ତାଙ୍କର ଯେମିତି ମତେ ସ୍ନେହ କରିବା ମୋଟେ କର୍ତ୍ତବ୍ୟ ନୁହେଁ । ମୁଁ ତାଙ୍କ ପାଇଁ ଜୀବନ ଉତ୍ସର୍ଗ କରି ଦେଇପାରିଲି, ଆଉ ସେ ତାଙ୍କର ଟିକିଏ ଅହଂକାର ବି ଛାଡ଼ି ପାରିବେ ନାହିଁ ।

ବିନାୟକ ହସିଲା । କହିଲା—ଠିକ୍‌ହୈ ମୈଁ ଔର ହିନ୍ଦି ନେହିଁ ବୋଲୁଙ୍ଗା, ଅଂଗ୍ରେଜୀ ଭି ନେହିଁ ବୋଲୁଙ୍ଗା, ଓଡ଼ିଆ ବୋଲୁଙ୍ଗା ।

ଚିନ୍ମୟୀ କହିଲା—ଭାଇ, ଗୋଟିଏ କଥା କହିବି, ରାଗିବ ନାହିଁ ? ତମେ କେତେ ସ୍ନେହରେ, କେତେ ଆଗ୍ରହରେ ମତେ କାର୍ ଦେଇଛ । କିନ୍ତୁ କାର୍ ତ ମୋର ହଠାତ୍ ଦରକାର ନାହିଁ । ତମେ ଯଦି ଅନୁମତି ଦିଅନ୍ତ, ମୁଁ ସେ କାର୍‌ଟି ବିକି ଦିଅନ୍ତି । 'ତା' ହେଲେ ସେଇ ଟଙ୍କାରେ ଆମେ ଅତି ଶୀଘ୍ର ବିଲାତ ଯାଇ ପାରନ୍ତେ ।

ବିନାୟକ କହିଲା—ନହିଁ, ନହିଁ, କାର୍ ବେଚ୍‌ନା ଜରୁରତ୍ କ୍ୟା ? ହମାରେ ପାଶ୍ ରୁପିୟା ହୈ । କାର୍ ବେଚ୍‌ନେସେ ଭାବୀକା ଦିଲ୍‌ମେ ଚୋଟ୍ ନହିଁ ଲଗେଗୀ ?

କାଞ୍ଚନ କହିଲେ—ନାଇଁ, କାର୍ ବିକିବା ଦରକାର ନାହିଁ । ମୋର ଅନେକ ଗହଣା ଅଛି । ଶଶୁରଙ୍କର ବହୁତ ଜମି ଅଛି । ଟଙ୍କାର ଅଭାବ ରହିବ ନାହିଁ । ତମେ ବିନାୟକ ବାବୁ ପାସ୍‌ପୋର୍ଟ, ଭିସା ଆଦି ଯୋଗାଡ଼ କର । ଯେତେ ଶୀଘ୍ର ତା'କୁ ନେଇଯାଅ ସେତେ ମଙ୍ଗଳ । ତିନି ମାସ ହେଲା ବସି ବସି ତା' ମୁଣ୍ଡ ଭୂତଖାନା ହେଲାଣି । ଦେଖିବ ସେ ଥରେ ବିଲାତ ଯାଇଁ ପାଠରେ ମୁଣ୍ଡ ପୂରେଇ ଦେଲେ ସବୁ ଠିକ୍ ହୋଇଯିବ ।

ବିନାୟକ କହିଲା—ଠିକ୍ ହୈ, ମୈଁ କାଲ୍ ଚଲ୍‌ତାହୁଁ । ଭିସା, ପାସ୍‌ପୋର୍ଟ ସବ୍‌କା ଇନ୍ତଜାମ୍ କରଲୁଙ୍ଗା । ଏକ୍ ମହିନାକା ଭିତର୍ ହମ୍‌ଲୋଗ୍ ଜରୁର୍ ଫ୍ଲାଇ କରେଙ୍ଗେ । ଆପ୍‌ଲୋଗ୍ ମତ୍ ସୋଚିଏ, ଚିନୁ ଅସୁଖୀ କଭି ନହିଁ ହୋଗୀ ।

ଦୁଇ ଦିନ ପରେ ବିନାୟକ ନାସିକ୍ ଫେରି ଆସିଲେ । ଚିନ୍ମୟୀ କିଛି ଦିନ ପାଇଁ ଲୁଧିଆନାରେ ରହିଲା । ଆସିଲାବେଳେ ସୁବ୍ରତ ଜବରଦସ୍ତି ପାଞ୍ଚ ହଜାର ଟଙ୍କାର ଗୋଟିଏ ଚେକ୍ ବିନାୟକ ପକେଟରେ ଖୋସି ଦେଲେ ।

ବିନାୟକ ଯିବାର ଦିନକ ପରେ—

ସୁବ୍ରତ କ୍ୟାମ୍ପ ଯାଇଛନ୍ତି । ଖାଇ ସାରି ଲବଙ୍ଗ ଅଳେଇଚ ପାଟିରେ ଘକେଇ ଖଟ ଉପରେ ଚଢ଼ିପଡ଼ି ହୋଇଛନ୍ତି ଚନୁ ଆଉ କାଂଚନ । କାଂଚନ ହସି ହସି କହିଲେ— ଅପ ତମ, ତମ ପାଇଁ ଗୋଟିଏ ଭଲ ବହି ରଖିଛି, ପଢ଼ିବାକୁ ଦେବ ।

କି ବହି ? ଓଡ଼ିଆ ନା ଇଂରେଜୀ ?

ଓଡ଼ିଆ ।

ପଢ଼ିବ ନାହିଁ ।

ଯଦି କହେ ଇଂରେଜୀ ?

ଚେଷ୍ଟା କରିବ ।

କାହିଁକି, ଓଡ଼ିଆ ବହି ପଢ଼ିବାକୁ ଇଚ୍ଛା ନୁହେଁ, ଓଡ଼ିଆ କଥା ଶୁଣିବାକୁ କାହିଁକି ଏତେ ଆଗ୍ରହ ?

ମାତୃଭାଷା ।

ମାତୃଭାଷାକୁ ତମେ ଭଲ ପାଅ ?

ନିଶ୍ଚୟ ।

ଏହା ଭଲ ପାଇବା କ'ଣ ଉଚିତ ?

ନିଶ୍ଚୟ ଉଚିତ । ଏଥିରେ ଆଉ ସନ୍ଦେହ ଅଛି ?

ତା'ହେଲେ ତମେ ଯଦି ତମ ମାତୃଭାଷାକୁ ଏତେ ଭଲ ପାଅ, ଆଉ ଜଣେ ତା' ମାତୃଭାଷାକୁ ଆଦର କଲେ କ'ଣ ଅପରାଧ ହେଲା ?

ଭା-ଉ-ଜ !!

ମା' ପରେ ମାତୃଭାଷାକୁ ସମସ୍ତେ ଭଲ ପାଆନ୍ତି ତ ନା । ତମ ଭଳି ଏତେ ବିଦୁଷୀ ରମଣୀ ଏତେ ଅନୁଦାର, ଅସହିଷ୍ଣୁ ହେଲେ ଚଳିବ ? ଦେଖିବ ତମ ମୁଣ୍ଡ ଭଲ ହୋଇଗଲେ ଏଇ କଥା ଭାବି ତମ ନିଜକୁ ହିଁ ଲାଜ ଲାଗିବ ।

ମୁଁ ସବୁ ବୁଝୁଛି ଭାଉଜ । କିନ୍ତୁ ମୁଁ ନିଜେ ସଂଯତ ହୋଇପାରୁ ନାହିଁ । କ'ଣ କରିବ ?

କାଂଚନ ହସିଲେ । କହିଲେ—କିଛି ନାହିଁ । ସମୟ ଗଡ଼ିଲେ ସବୁ ଆପେ ଆପେ ଠିକ୍ ହୋଇଯିବ । ଆସ, ତମ ପାଇଁ କେତେ ଯତ୍ନରେ ସାଇତି ରଖିଛି । ଆସ ମୋ ବହିଟି ଟିକିଏ ପଢ଼ିବ ।

ନାଇଁ ଭାଉଜ ! ମତେ କ୍ଷମା କର । ମୋର ମୋଟେ ଇଚ୍ଛା ହଉନି ଯିବାକୁ । ମୋର ଆଜି କାହାର ପ୍ରତି, କିଛି ପ୍ରତି ଶ୍ରଦ୍ଧା ନାହିଁ, ଆଗ୍ରହ ନାହିଁ ।

ହଉ ଥରେ ଆସ ! ଭଲ ନ ଲାଗିଲେ ଫିଙ୍ଗି ଦେଇ ପଳେଇ ଆସିବ ।

ଚନ୍ଦୁର ହାତ ଧରି କାଂଚନ ଏକ ପ୍ରକାର ଟାଣି ଟାଣି ନେଇଗଲେ । କୋଠା ଉପରେ ଗୋଟିଏ ମାତ୍ର କୋଠରୀ । ସେଇଟି କାଂଚନର ଲାଇବ୍ରେରୀ । ଷ୍ଟିଲ ଆଲମାରି ଦୁଇଟି । ସେଥିରେ ଥାଏ କେବଳ କେତେଗୁଡ଼ିଏ ଓଡ଼ିଆ ଓ ବଙ୍ଗଳା ବହି । ଚନ୍ଦ୍ରସ୍ମୀକି ଭିତରକୁ ନେଇ କାଂଚନ କଂଚି ବଢ଼େଇଦେଲେ ନିଅ, ଏଇ ଆଲମାରିଟି ଖୋଲ । ମୁଁ ତଳୁ ପୁସ୍ତକ ତାଲିକାଟା ଆଣେ ।

କାଂଚନ ତଳକୁ ଗଲେ । ଚନ୍ଦୁ ଆଲମାରି ଖୋଲିଲା ।

ଏଁ !!!—ଚନ୍ଦ୍ରସ୍ମୀ ଚିତ୍କାର କରି ଉଠିଲା—ଭାଉଜ !! ତମେ କୋଉଠି ଭାଉଜ ? ମୁଁ କ'ଣ ଦେଖୁଛି ? ମୁଁ ମୃତ ନା ଜୀବିତ ?—ଆଲମାରିର ମଝି ଥାକରେ ବହି ନାହିଁ, ଗୋଟିଏ ସୁନ୍ଦର ଗୈରିକ ବସନ ପରି ହୋଇଛି । ମଝିରେ ଚନ୍ଦ୍ରସ୍ମୀର ଫଟୋ ନୂଆ ଷ୍ଟାଣ୍ଡରେ ବନ୍ଧା ହୋଇ ଥୁଆ ହୋଇଛି । ତା'ର ଗୋଟିଏ ପାଖରେ ପ୍ରଦୀପ ଦେଇଥିବା ସୁନା ହାର, ସୁନା କାଚ, ସୁନା ମୁଦି, ପାଉଁଜି, ଆଉ ପାଖରେ ତା' ଦାମୀ ବନାରସୀ ସିଲ୍କ, ବ୍ଲାଉଜ, ସାୟା, ନୂଆ ଖୋଲରେ ପଶି ତା' ଯୋତାହଳକ । ଚିଠିଟି ପୂର୍ବପରି ଚିରି ଯାଇଥିଲା । ତେଣୁ ତା' ପଛରେ ଅଠା ଦେଇ ଯୋଡ଼ାଯୋଡ଼ି କରି ଗୋଟିଏ ଫଟୋରେ ବନ୍ଧା ହୋଇଛି ।

ତା' ପାଖରେ ପ୍ରଦୀପର ସେଇ ସୁନ୍ଦର ଇଂରେଜୀ କବିତାଟି-- 'Merry birds are singing' ଆଉ ତା' ଦେହକୁ ଲଗି ଗୋଟିଏ କାଚ ଜାର୍‌ରେ କେତେଗୁଡ଼ାଏ ଶୁଖିଲା ଗୋଲାପ ଫୁଲ ।

ଭାଉଜ ! ଭାଉଜ ! ଭାଉଜ !—ଚିନ୍ମୟୀ ଘନଘନ ଚିତ୍କାର କଲା । ଧୀର ପଦକ୍ଷେପରେ ଉପରକୁ ଆସିଲେ କାଂଚନ । କାଂଚନର ଗୋଡ଼ ଦିଓଟି ମୁଠେଇ ଧରି ଚିନୁ କହିଲା – ଭାଉଜ ! ତମେ ଦେବୀ ନା ମାନବୀ ? ମୁଁ କୋଉ ଭାଷାରେ ତମକୁ କ୍ଷମା ମାଗିବି, କୋଉ ଭାଷାରେ ତମକୁ କୃତଜ୍ଞତା ଜଣାଇବି, କୋଉ ଭାଷାରେ ତମର ଋଣ ସୁଝିବି, ମୁଁ ବୁଝୁନି ଭାଉଜ ! ତମେ ଏକ ବିଶାଳ ଦ୍ରୁମ । ମୁଁ ତମ ଉପରକୁ ଢେଲା ଫିଙ୍ଗିଲି, ତମେ ବିନିମୟରେ ମତେ ସୁସ୍ୱାଦୁ ଫଳ ଦେଲ; ମୁଁ ତମ ମୂଳରେ କୁଠାରାଘାତ କଲି, ତମେ ମତେ ଶୀତଳ ଛାୟା ପ୍ରଦାନ କଲ; ମୁଁ ତମ ଦେହରେ ନିଆଁ ଲଗାଇଦେଲି, ତମେ ମତେ ଆଲୋକ ଦେଲ, ଉଷ୍ଣତା ଦେଲ । ତମେ ବିଶାଳ, ବିପୁଳ, ମହାନୁଭବ, ତମେ ଦଧିଚି ମହର୍ଷି । ଭାଉଜ ଗୋ ! ତମ ଭଳି ଜନନୀ ମତେ ଯୁଗେ ଯୁଗେ ମିଳୁ ! ମୋ ଭଳି କୃତଘ୍ନ, ନିର୍ଲଜ, ପାଜି ତମକୁ କେବେ ନ ମିଳୁ ।...ଚିନୁ ଭାଉଜଙ୍କ ପାଦ ଉପରେ ମଥା ରଖି ଅଶ୍ରୁ ଝରାଇ ଦେଉଥିଲା, ଭାଉଜ ଧୀରେ ଧୀରେ ତା'କୁ ଟେକି ଉଠେଇଲେ । ନିଜେ କାନ୍ଦକାନ୍ଦ ତା' କପାଳରେ ଚୁମ୍ବନ କଲେ ।

ଚିନୁ କହିଲା--ଭାଉଜ, ମୋର ଗୋଟିଏ ଶ୍ରେଷ୍ଠ ମାଗୁଣି ରଖିବ ? ହେଇ ଏଇ ମୋର ଗଭାରେ ଏଇ ଗୋଲାପ ଫୁଲଗୁଡ଼ିକ ସଜେଇ ଦିଅ । ପ୍ରଦୀପ ବୋଧେ ସେଇ କଥା ତମକୁ କହିଥିବ । ଦିଅ, ଦିଅ ଭାଉଜ । ପ୍ରଦୀପ ମୋର କେତେ ପ୍ରିୟ, ପ୍ରିୟତମ, ମୋର ପ୍ରେମିକ, ମୋର ପ୍ରେମର ବଣିକ । ତମେ ସବୁ ଜାଣିଛ, ସବୁ ଦେଖିଛ ଭାଉଜ ! ଦିଅ ।

କାଂଚନ କେତୋଟି ଶୁଖିଲା ଗୋଲାପ ଫୁଲ ଚିନୁର କବରୀରେ ଖୋସିଦେଲେ ।

ଚିନୁ କହିଲା---ଆଉ ଗୋଟିଏ କଥା କହିବି ଭାଉଜ ? କଲେଜ ଯିବା ଆଗରୁ ଥରେ ଗଂଜା ଯିବା ? ଥରେ ପ୍ରଦୀପକୁ ଦେଖିଆସିବା ?

ଚାଲ । କାଲି ଚାଲ ।

ତମେ ଯିବ ଭାଉଜ, ଭାଇ କିଛି କହିବେ ନାହିଁ ?

କେହି କିଛି କହିବେ ନାହିଁ । ସାମାନ୍ୟ ଶକୁନ ପକ୍ଷୀ ଯଦି ଶକୁନ୍ତଳାକୁ ରକ୍ଷିପାରିଲ, ମୁଁ ତମକୁ ବକ୍ଷ ତଳେ ପୂରେଇ ରଖି-ପାରିବ ନାହିଁ ?

ଚିନୁର ମୁଣ୍ଡ ଆହୁରି ଥରେ ନଇଁଆସିଲା ।

ଚେତନା

ଉତ୍କଳ ଏକ୍ସପ୍ରେସ୍ । ଗୋଟିଏ ଫାଷ୍ଟ କ୍ଲାସ୍ କମ୍ପାର୍ଟ୍‌ମେଣ୍ଟ୍‌ରେ ବସିଥିଲେ ଦୁଇଟି ତରୁଣୀ—ଚିନୁ ଆଉ କାଂଚନ । କାଂଚନ ଗୋଟିଏ ଚଠି ପଢୁଥିଲେ ଅଭିନିବିଷ୍ଟ ଚିତ୍ତରେ । ଚିନୁ ଅପଲକ ନୟନରେ ଚାହିଁ-ଥିଲା ବାହାରକୁ । କାଂଚନ କେତେବେଳେ ହସୁଥିଲେ, କେତେବେଳେ ଗମ୍ଭୀର ହେଉଥିଲେ, କେତେବେଳେ ଆଶ୍ଚର୍ଯ୍ୟ ହେଉଥିଲେ, କେତେବେଳେ ବା ତାଙ୍କ ନୟନ ଲୋତକାପ୍ଳୁତ ହେଉଥିଲା ।—ମଣିଷ ଏତେ ଭଲପାଏ ? ଏତେ ଭଲ ପାଇପାରେ ? ଏମିତି ତନ୍ମୟ ହୋଇପାରେ ଗୋଟିଏ ବିଷୟରେ ?

ଚିନୁ କହିଲା - ସେଇ ଅଥଳ ଦରିଆରେ କିଛି ଥଳ ପାଉଛ ଭାଉଜ ?

ନା' ତ ।

କେତେ ପାଗଳ ନ ହେଲେ, ବିହ୍ୱଳ ନ ହେଲେ ମଣିଷ ଏମିତି ଲେଖିବ ? ଜଳସ୍ଥଳ, ଆକାଶପବନ, ତରୁଲତା, ନଦନଦୀ, ମେଘମଳୟ ସବୁଠି ମୁଁ । ଦୁନିଆର ଯେତେ ଶ୍ରେଷ୍ଠ ଜିନିଷ, ସୁନ୍ଦର ନାଁ ସବୁ ମୋ'ର ଭିତରେ, ସବୁର ଭିତରେ ମୁଁ । ରାଧା ଆଖିରେ ଯେମିତି ସମଗ୍ର ଯମୁନା

ନଈ କୃଷ୍ଣମୟୀ, ପ୍ରଦୀପ ଆଗରେ ଯେମିତି ସାରା ବିଶ୍ବରେ ଖାଲି ଚନ୍ଦୁ, ଚନ୍ଦୁ । ସେଇଥିପାଇଁ ଏ ଛଟି—'ମୁଁ ତମକୁ କ'ଣ ବୋଲି ଡାକିବି ?'···ମୁଁ ତମକୁ ସବୁ ବୋଲି ଡାକିବି ।

କାଂଚନ ଭାବମୟୀ ହୋଇ ଉଠିଲେ—ଧନ୍ୟ ପ୍ରଦୀପ ! ଧନ୍ୟ ପ୍ରେମର ପରାକାଷ୍ଠା !

ଚନ୍ଦୁ କହିଲା—ଆଉ କହିଲ ନାହିଁ ତ ଧନ୍ୟ ଚନ୍ଦୁ ! ଧନ୍ୟ କୃତଜ୍ଞତାର ପ୍ରତିମୂର୍ତ୍ତି !

ଗାଡ଼ି ଖୋର୍ଦ୍ଧାରୋଡ଼ର ପ୍ଲାଟ୍‌ଫର୍ମରେ ଧୀରେ ଧୀରେ ପ୍ରବେଶ କରୁଥିଲା ।

ପ୍ରଦୀପ ଦେଇଥିବା ବେନାରସୀ ସିଲ୍‌କ ଶାଢ଼ୀ ସେ ପିନ୍ଧିଥିଲା । ତା' ହାର ପିନ୍ଧିଥିଲା, କାଚ ପିନ୍ଧିଥିଲା, ପାଉଁଜି ପିନ୍ଧିଥିଲା, ଯୋଡ଼ା ପିନ୍ଧିଥିଲା । ପାଦରେ ଅଳତା, ଆଖିରେ କଜଳ—ସେଇ କାନ ଆଡ଼କୁ ଅଳ୍ପ ଲମ୍ବି ଯାଇଥିବା ଭଳି ରେଖା ଦୁଇଟି ଯା' ପ୍ରଦୀପକୁ ଭଲ ଲାଗେ । ମଥାରେ କେଇଟି ଚୂନା ବାଳ, ପଛଆଡ଼େ ଅଣ୍ଟାଆଡ଼ ଝିଅଙ୍କ ଭଳି ଲମ୍ବ ବେଣୀ—ବେଣୀରେ କେଇଟି ସଜ ଗୋଲାପ ସନ୍ଧ୍ୟତସେଇ ଶୁଖିଲା ଗୋଲାପ ପାଖୁଡ଼ା କେଇଟି । ଠିକ୍ ଗୋଟିଏ ନଟି ଗାର୍ଲ, ଫାଙ୍କିଲ୍ ଗାର୍ଲ । ଚଟ୍‌ପଟ୍ କଥା, ଟଙ୍ଗ୍‌ଟଙ୍ଗ୍ ଗୃହାଣୀ, ଭିତରେ ଯେତେ ଦୁଃଖ ଥିଲେ ବି ଉପରେ ଟିକିଏ ହସ—ଚପଳ, କଳକଳ । ପ୍ରଦୀପକୁ ଏଇ ବେଶ ଭଲ-ଲାଗେ । ଏଇ ବେଶ ପିନ୍ଧି ସେ ଆଜି ଗଂଜା ଯାଉଛି ପ୍ରଦୀପକୁ ଦେଖିବାକୁ—ପ୍ରଦୀପଠୁଁ ଶେଷ ବିଦାୟ ନେବାକୁ ।

ଚନ୍ଦ୍ରମୁଖୀର ମନ ଭିତରେ ଲକ୍ଷେ ଭାବନା ଖେଳୁଥିଲା । ଆନନ୍ଦରେ ନାଚି ଉଠୁଥିଲା ସିଏ ।

ଖୋର୍ଦ୍ଧାରୋଡ଼ରେ ଗାଡ଼ି ବଦଳ କରିବାକୁ ପଡ଼ିଲା । ଦକ୍ଷିଣ ଗାଡ଼ିରେ ସେମାନେ ଉଠିଲେ ।

'ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକା ।'

ଚିଲିକାର ସେଇ ବିପୁଳ, ଅନନ୍ତ ଜଳରାଶିକୁ ବାମରେ ରଖି, ମାମୁଁ ଭଣଜା ପର୍ବତ ପାରି ହୋଇ, ଘାଲେରି ସୋଲେରି ପର୍ବତକୁ ସ୍ପର୍ଶ କରି ଅଳସ ମରାଳ ଗତିରେ ଗ୍ରୀବା ଭଙ୍ଗି ଭଙ୍ଗି ଚାଲିଥିଲା ପାସେଂଜର ଗାଡ଼ିଟି । ବାଲୁଗାଁ, ଖଲିକୋଟ୍, ରମ୍ଭା, ହୁମା ପାରି ହୋଇ ଗାଡ଼ି ଯାଇ ଗଂଜାମ ଷ୍ଟେସନରେ ଅଟକିଲା । ଗୋଟାଏ ଦାଉଁକିନା କ'ଣ ଖସିପଡ଼ିଲା ଚିନ୍ମୟୀ ଭିତରୁ । ବି. ଏ. ପରୀକ୍ଷା, ଏମ୍. ଏ. ପରୀକ୍ଷା ହଲ୍‌ରେ ଯେମିତି ପରୀକ୍ଷା ଆରମ୍ଭର ବିଜ୍ଞପ୍ତି ଘଣ୍ଟା ବାଜିଗଲେ ପରୀକ୍ଷାର୍ଥୀ ଭିତରୁ ଗୋଟାଏ ଦଲକା ଖସିପଡ଼େ—ହାର୍ଟଫେଲ୍ ହେଲା ଭଳିଆ ଲାଗେ, ଚିନ୍ମୟୀକି ସେମିତି ବୋଧ ହେଲା । କେମିତି ଯିବ ? କାହାକୁ ପଚାରିବ ? କ'ଣ ପରିଚୟ ଦେବ ନିଜର ? ପ୍ରଦୀପ ଥିବ କି ? ପ୍ରଦୀପ ଯଦି ଛୁଟିରେ ଯାଇଥିବ ? ପ୍ରଦୀପ ଯଦି ଏ କଲେଜ ଛାଡ଼ି ଦେଇଥିବ ? ପ୍ରଦୀପ ଯଦି ଏ ସଂସାର ଛାଡ଼ି.........ନା ନା, ନା ନା, ସେ ଏପରି ଭାବିବ ନାହିଁ । ପ୍ରଦୀପ ଭଳି ଦୁଃଖୀ ଏ ସାରା ବିଶ୍ୱବ୍ରହ୍ମାଣ୍ଡରେ ନାହାନ୍ତି । ଭଗବାନ ଆଉ ତାକୁ ଦୁଃଖ ନ ଦିଅନ୍ତୁ । ଚିନୁ ମରିଯାଉ । ଚିନୁର ସବୁ ଆୟୁଷ ଭଗବାନ ଅଜାଡ଼ି ଦିଅନ୍ତୁ ପ୍ରଦୀପର ମଥାରେ ।

କାଂଚନର ହାତ ଧରି ଚିନୁ ତଳକୁ ଓହ୍ଲାଇଗଲା । ଛୋଟ ଷ୍ଟେସନଟିଏ । ଅତି ଗାଉଁଲି ପରିବେଶ । ରିକ୍ସା ନାହିଁ । ଲୋକଟିଏ ଯୋଗାଡ଼ କରି ତା' ମୁଣ୍ଡରେ ଜିନିଷପତ୍ର ଦେଇ ନଣନ୍ଦ ଭାଉଜ ଚାଲିଲେ ।

ଛାତି ଉଠୁଥିଲା, ପଡ଼ୁଥିଲା । ସହସ୍ର ଲହଡ଼ି ଭାଙ୍ଗୁଥିଲା ଭିତରେ । ପ୍ରଦୀପ ଥିବ ତ ? ଥିବ ତ? କଥା ନ କହୁ, ଆଦର ନ କରୁ, ଆଉ ଆଖିରେ ନ ଚାହୁଁ, କିଂତୁ ସେ ଥାଉ, ଭଲରେ ଥାଉ । ଗଭୀର ଅନ୍ଧକାର ରାତିରେ, ବାତାୟନ ଫାଙ୍କରେ 'ଏନକ୍' ଯେମିତି ଥରେ ଚାହିଁଥିଲା 'ଆନି'କି, ସେ ସେମିତି ଖାଲି ଥରେ—ଥରଟିଏ ମାତ୍ର ପ୍ରଦୀପକୁ ଦେଖିବାକୁ ଚାହେଁ, ତା'

ଆଖିରେ ଆଖି ମିଳେଇବାକୁ ଚାହେଁ, ତା' ପାଦ ଉପରେ ମଥା ରଖି ଝାଡୁଏ ଅଶ୍ରୁ ଢାଳିବାକୁ ଚାହେଁ । ସେ ଥିବ ତ ? ଥିବ ତ ?—ହେ ପ୍ରଭୁ ! ହେ ପ୍ରଭୁ ଆର୍ତ୍ତତ୍ରାଣ ! ପ୍ରତାପ ଥାଉ । ମୁଁ ସହସ୍ର ଜନ୍ମ ନରକ ଭୋଗେ ପଛେ, ଥରେ ଖାଲି ପ୍ରତାପକୁ ଦେଖେ ।

ଗଂଜାମ କଲେଜ । କଲେଜର ବାରଣ୍ଡାକୁ ଶନୁ ଓ କାଂଚନ ଉଠିଲେ । କାହାକୁ ପଚାରିବ ? କେମିତି ପଚାରିବ ? ଯଦି ପ୍ରତାପ ନ ଥାଏ ? ଯଦି କିଏ ହସିଦିଏ ? ତଥାପି···ତଥାପି ସାହସ କରି ସେ ଆଗେଇଲା । କ୍ଲାସ୍ ଚାଲିଛି । କ୍ଲାସ୍ ପରେ କ୍ଲାସ୍ ପାର ହେଲା । ଅଧ୍ୟାପକଙ୍କୁ ଚାହିଁଲା । ପ୍ରତାପ କାହିଁ ? ପ୍ରତାପ କାହିଁ ? ହଠାତ୍ ଆସି ପହଞ୍ଚିଗଲା ପ୍ରିନ୍ସିପାଲ୍‌ଙ୍କ ଦୁଆର ପାଖରେ । ସାହସ କରି ଦୁହେଁ ଭିତରକୁ ପଶିଲେ ।

କ୍ଷମା କରିବେ, ମୁଁ ପଞ୍ଜାବରୁ ଆସିଛି । ପ୍ରତାପ ପଟ୍ଟନାୟକ ସହିତ·········ଶନୁ ପଚାରିଲା ।

ପ୍ରତାପ ପଟ୍ଟନାୟକ ??—ପ୍ରିନ୍ସିପାଲ୍ ଥତମତ ହୋଇ ଚାହିଁଲେ ।

ଶନୁ ଆଖିରୁ ନିଆଁ ବାହାରିଗଲା । କହିଲା—ହଁ ଆଜ୍ଞା, ପ୍ରତାପ ପଟ୍ଟନାୟକ, ଲେକ୍‌ଚରର୍ ଇନ୍ ଇଂଲିଶ୍ ।

ପ୍ରତାପ ପଟ୍ଟନାୟକ ତ ତିନି ମାସ ହେଲା ଚାକିରି ଛାଡ଼ିଦେଇଛି ।

ଛାଡି ଦେଇଛି ?? ପ୍ରତାପ ଏଠି ନାହିଁ ??

ନାଇଁ ଆଜ୍ଞା । ତିନି ମାସ ତଳେ ତା'ର ଜଣେ ସାଙ୍ଗ ବନ୍ଧୁଙ୍କ ବିବାହ ପାଇଁ ସେ କଲିକତା ଯାଇଥିଲା । ଆଉ ସେଇ ଯେ ଯାଇଛି ଯାଇଛି । ଆଉ ଫେରିନାହିଁ ।

ଓଃ, ପ୍ରତାପ ନାହିଁ !!!—ଶନୁପୁଣି ଲଥ୍‌କିନା ବସିପଡ଼ିଲା ଗୋଟିଏ ଚଉକିରେ । ଝମ୍ ଝମ୍ ହୋଇ ଝାଳ ବହିଗଲା ଦେହରୁ । ମୁହଁରୁ କଳା ପାଣି ନିଗିଡ଼ି ପଡ଼ିଲା । ମନେହେଲା ଯେମିତି ସିଏ ମୂର୍ଚ୍ଛା ହୋଇଯିବ ।

ପ୍ରିନ୍‌ସପାଲ୍ କହି ଚାଲିଥାନ୍ତି—ଦୁଇ ଦିନ ପରେ ଚାକରୀର ଇସ୍ତଫା ପଠେଇ ଦେଇଥିଲା । ତା' ପରେ ସେ ଆଉ ଫେରିନାହିଁ, ଓଡ଼ିଶା ଫେରିନାହିଁ, ସାରା ପୃଥିବୀରେ ଅଛି କି ନାହିଁ ସନ୍ଦେହ । ବୋଧେ ସେ ଆତ୍ମହତ୍ୟା.........

ଓଃ, ଓଃ, ବନ୍ଦ କରନ୍ତୁ ମହାଶୟ । ମୋର ଆଉ ଶୁଣିବାକୁ ଧୈର୍ଯ୍ୟ ନାହିଁ । ଚାଲ ଭଜନ, ଆମେ ଫେରିଯିବା, ଆମେ ପଳେଇଯିବା ଏଠୁଁ ।

ଦୁହେଁ ଉଚ୍ଛନ୍ନ ହୋଇ ଘରୁ ବାହାରି ଆସିଲେ । ଗଡ଼ନାୟକଙ୍କର ଗୋଟିଏ କବିତା ଗୋଟିଏ କ୍ଲାସ୍‌ରେ ଅଧ୍ୟାପକ ପଢ଼ାଉଥିଲେ—

'ସୁଦୂର ଚାଇନା ସମରାଙ୍ଗନୁ
                    କାପ୍‌ଟେନସ୍ ଆଉ ଫେରି ନାହିଁ,
କିଏ ସେ କହୁଛି ମରିଗଲା ବୋଲି
                    ମୁଁ କହୁଛି ସେ ତ ମରିନାହିଁ ।'

ମରିନାହିଁ ? ମରିନାହିଁ ? ନା ନା, ସେ ମରିଯାଇଛି । ପ୍ରତାପ ମ-ରି-ଯା-ଇ-ଛି !! ଓଃ, ଓଃ, ଭଗବାନ !!—କଲେଜ ସାମନାରେ ପାହାଚ ଉପରେ ଭଜନକୁ କୁଣ୍ଢେଇ ଧରି ଭୋ'କିନା କାନ୍ଦିଉଠିଲା ଚନ୍ଦ୍ରମୁଖୀ । ଗୋଟା ଗୋଟା ପିଟିହେଲା ଭୂଇଁରେ । କାନ୍ଦି କାନ୍ଦି ଶେଷକୁ ମୂର୍ଚ୍ଛା ଚାଲିଗଲା ! ତା'କୁ କି କଷ୍ଟରେ ଟେକି, କି ହାନିମାନ ହୋଇ କାଞ୍ଚନ ଶେଷରେ ଷ୍ଟେସନକୁ ଆଣିଲେ, ଭଗବାନ ହିଁ ଜାଣନ୍ତି ।

ଚବିଶ

ଦିଲ୍ଲୀର ପାଲାମ୍ ଏୟାରପୋର୍ଟ । ରିସେପ୍‌ସନ୍ ରୁମ୍‌ରେ ବସିଥିଲେ ସୁବ୍ରତ, ବିନାୟକ, ସନ୍ତୋଷ, ତନୁ, କାଂଚନ, ଗୋପା ଆଉ ସନ୍ତୋଷର ସାନ ଭଉଣୀ ଅତସୀ । ତା' ଛଡ଼ା ତନୁର ମା', ବିନାୟକର ବାପା, ମା', ଭାଇଭଉଣୀ, ଆହୁରି ଅନେକ ବନ୍ଧୁ । ସମସ୍ତେ ଚୁପ୍‌ଚାପ୍, ଗମ୍ଭୀର । ଗୋଟିଏ କରୁଣ ପରିବେଶ । ଲଣ୍ଡନ ଉଡ଼ାଜାହାଜ ଛାଡ଼ିବାକୁ ଆଉ ଅଧ-ଘଣ୍ଟା ବାକି ।

ନୀରବତା ଭଙ୍ଗ କଲେ କାଂଚନ । କହିଲେ— ବିନାୟକ ବାବୁ, ଆପଣ ଶୀଘ୍ର ଫେରିବାକୁ ଚେଷ୍ଟା କରିବେ । ଦେଖୁଛନ୍ତି ତ ଆପଣମାନଙ୍କୁ କେତୋଟି ସଜଳ ଆଖି ଚାହିଁ ରହିଛନ୍ତି ।

ସନ୍ତୋଷ କହିଲେ—ସେମାନେ ନିଶ୍ଚେ ଫେରିବେ ଭାଉଜ । ଯେତେହେଲେ bioodର pull……ରକ୍ତର ଟାଣ, ସେମାନେ ଆମକୁ ଛାଡ଼ି ରହିପାରିବେ ? ଯେତେହେଲେ Mother motherland heaven superior……ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।…

ସମସ୍ତେ ହସିଉଠିଲେ । ସୁବ୍ରତ କହିଲେ—ତୁ ଚୁପ୍‌କର ସନ୍ତୋଷ । ସେମାନେ ଇଂଲଣ୍ଡରେ ଡି. ଲିଟ୍, ପି. ଏଚ୍. ଡି. କରିବାକୁ ଲଣ୍ଡନ ଯାଉଛନ୍ତି । ତୋ' ଗଧ ଇଂରେଜୀ ଶୁଣିବାକୁ କାହାରି ଇଚ୍ଛା ନୁହେଁ ।

ଘଇଟ୍ ଡାକ୍ତର । One gets good rice, why hanker coarse rice ? One gets good bed, why hanker on the ground ?

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ସୁବ୍ରତ କହିଲେ—ଇଏ କ'ଣରେ ? କ'ଣ ତା' ମାନେ ?

ସନ୍ତୋଷ କହିଲେ—କାହିଁକି, ଆମ ଗୋପୀ ଭାଷା—

'ଯା'କୁ ମିଳଇ ଦ୍ରବ୍ୟ ଶାଳି ଅନ୍ନ,
ତା'ର ବଗଡ଼ା ଭାତେ କାହିଁ ମନ ?
ଯା'କୁ ମିଳଇ ପଲଙ୍କ ସୁପାଟ,
ତା'ର ଭୂମିଶଯ୍ୟାରେ କାହିଁ ମତ ?'

ସମସ୍ତେ ହୋ ହୋ ହୋଇ, ଜୋର୍‌ ଜୋର୍‌ ହୋଇ ହସି ଉଠିଲେ । ଏତେ ଦୁଃଖରେ ବି ଟନୁ ଫେଁ କିନା ହସି ଉଠିଲା । କହିଲା-- ସନ୍ତୋଷ ଦା' ! ତମ ନାଁଟି ସନ୍ତୋଷ, ତମେ ପ୍ରକୃତରେ ସନ୍ତୋଷ ।

ହେଇ ଦେଖ, ତା'ହେଲେ ତ ସୁବ୍ରତ ଭାଇ କହିବେ--କାଂଚନ ! ତମ ନାଁଟି କାଂଚନ, ତମେ ପ୍ରକୃତରେ କାଂଚନ । ତା'ପରେ ତ ବଣିଆ ଦୋକାନରେ ତାଙ୍କୁ ସିଧା ବନ୍ଧା ଦେଇ ଚାଲିଯିବେ ।

ସମସ୍ତେ ପୁଣି ହସିଲେ । ଉଡ଼ାଜାହାଜ ଛାଡ଼ିବାକୁ ଆଉ କୋଡ଼ିଏ ମିନଟ୍‌ ବାକି । ପୁଣି ସମସ୍ତେ ଗମ୍ଭୀର ହୋଇ ଆସିଲେ । ସୁବ୍ରତ କହିଲେ — ବିନାୟକଜୀ ! କାଂଚନ ଆଉ ମୁଁ ତମକୁ ହାତ ଯୋଡ଼ୁଛୁ, ଟନୁର ଦୋଷ ତମେ କ୍ଷମା ଦେବ । ଟନୁ ଏମ୍‌. ଏ. ପଢ଼ିଛି, ଅଧ୍ୟାପିକା ହୋଇଛି । ହେଲେ ସେ ଅତ୍ୟନ୍ତ ପିଲା । ସାଂସାରିକ ବୁଦ୍ଧି ଶୂନ୍‌ । ମୁଁ ବଡ଼ ଭାଇ, କାଂଚନ ତମର ଭାବୀ । ଆମେ ତମକୁ ହାତ ଯୋଡ଼ୁଛୁ, ଅଶ୍ରୁନୟନରେ ମିନତି କରୁଛୁ......

ସମସ୍ତଙ୍କ ଚକ୍ଷୁ ଆର୍ଦ୍ର ହୋଇ ଆସିଲା । ବିନାୟକ କହିଲେ— ଏସା ମତ ବୋଲିଏ ଭାଇଜୀ ! ମୈଁ ଅପ୍‌କା ପୈର୍‌ ଛୁଁ କର୍‌ ଶପଥ୍‌ କର୍‌ତା ହୁଁ, ଟନୁଜୀ ଅସୁବିଧା କଭି ନହିଁ ହୋଗୀ ।

ସୁବ୍ରତ ପୁଣି କହିଲେ—ଟନୁ ମୋର ସାନ ଭଉଣୀ, ଏକମାତ୍ର ଭଉଣୀ । ଟନୁର ବାପା ନାହିଁ । ବାପା ମଲାବେଳେ କହିଥିଲେ—ଟନୁ ଯେମିତି ନ କାନ୍ଦେ ସୁବା !......ଅଥଚ ଟନୁ ମୋର ଜୀବନସାରା କାନ୍ଦିକାନ୍ଦି ଆସିଲା । ଭଗବାନ୍‌ ! ଟନୁ ସତେ ମୋର ଦୁଃଖୀ ହେବ ? ପ୍ରଭୁ ଆଖଣ୍ଡଳମଣି ! ତମେ ସାହା ହେବ ମୋ ଟନୁକୁ ?

ଠକ୍ ଠକ୍ ଲୁହ ଗଡ଼ିପଡ଼ିଲା ସୁବ୍ରତଙ୍କ ଆଖିରୁ । କାଂଚନ କାନ୍ଦିଲେ, ଶନୁ କାନ୍ଦିଲା, ମା' କାନ୍ଦିଉଠିଲେ । ସନ୍ତୋଷ ବି ଆଖି ପୋଛିଲେ, ସୁବ୍ରତ ହାତ ଧରି ସେ ଟାଣିନେଲେ ବାହାରକୁ—ତମେ ଆସ ସୁବ୍ରତ ଭାଇ ! ଶନୁକୁ ଠାକୁରେ ଚାହିଁବେ । ତମେ କାହାରି ଅମଙ୍ଗଳ କରନା । ତମରି ଅମଙ୍ଗଳ ହେବନି ।

ଆଉ ମାତ୍ର ଦଶ ମିନିଟ୍ ସମୟ । ଶନୁ କାନ୍ଦିକାନ୍ଦି ଯାଇଁ ବୋଉର ହାତ ଧରିଲା—ବୋଉ, ତୁ ମନ କଷ୍ଟ କରିବୁ ନାଇଁ । କାହିଁ ପଟାମୁଣ୍ଡେଇର ବିଲକଣା, କାହିଁ ଲଣ୍ଡନ ସହର । ତୋ ଝିଅ ଲଣ୍ଡନ ଯାଉଛି । ତୁ ଖୁସୀ ହେବୁ, ଗର୍ବ କରିବୁ । ମୋଟେ କାନ୍ଦିବୁ ନାଇଁ ବୋଉ । ଆଂଶୁମନମଣିଙ୍କି ଡାକିବୁ, ମୁଁ ଶୀଘ୍ର ଫେରିଆସି ପୁଣି ତୋ'ର ଗୋଡ଼ତଳେ ଠିଆହେବ ।

ବୋଉ 'ଟନାଲେ' କହି ଭେଁକିନା କାନ୍ଦିଉଠିଲେ । ଶନୁକୁ କୁଣ୍ଢେଇପକେଇ ତା' ମୁହଁରେ ବାରମ୍ବାର ଢୋକ ଦେଲେ ।

ଶନୁ ଧରିଲା କାଂଚନର ହାତ । ଦୁହେଁ ଲୁହରେ ବୁଡିଗଲେ । ଗୋଟିଏ ମିନିଟ୍ କେହି କାହାକୁ ଚାହିଁପାରିଲେ ନାହିଁ । ଶେଷରେ ଶନୁ କହିଲା—ଭାଉଜ ଗୋ ! ତମକୁ କ'ଣ କହିବି ? ମୁଁ ଯାଉଛି । କିନ୍ତୁ ମୋ ଜୀବନ ଛାଡ଼ିଯାଉଛି ତମରି ପାଖରେ । ଆଉ ତ କିଛି ଖବର ନାହିଁ, ତଥାପି ଯଦି କିଛି ମିଳିବ—ଭଲ ହେଉ, ମନ୍ଦ ହେଉ – ଠିକଣାଟି ଲେଖିବ ମତେ । ତା' ଶବ ହିଁ ମୋ ପାଖରେ ଥିବ । ଭାଉଜ ! ତମକୁ ବେଶୀ କହିବି ?···ଯାଉଛି । ଆଉ କିଏ ତମକୁ ଗାଳିଦେବ ? କହିବ—ଇଉସ୍‌ଲେଶ୍, ମୂର୍ଖ ! କହିବ—ତମ ମୁଣ୍ଡରେ ଗୋବର ଅଛି ଗୋବର ! ଯାଉଛି ଭାଉଜ ! ଏ କୃତଘ୍ନ ଶନୁକୁ ତମେ କ୍ଷମା ଦେବ । ଖବର ରଖିବ, ଖବର ପଠାଇବ । ମୋ ମୁଣ୍ଡ ଖାଅ ଭାଉଜ, ତା' କଥା ଭୁଲିବ ନାହିଁ ।

ଆଉ ମାତ୍ର ପାଞ୍ଚ ମିନିଟ୍ । ଲାଉଡ୍‌ସ୍ପିକର୍ ଗର୍ଜନ ଛାଡ଼ିଲା—ଯାତ୍ରୀମାନେ ବିମାନ ଭିତରକୁ ଯାଆନ୍ତୁ । ପାଞ୍ଚ ମିନିଟ୍ ପରେ ବିମାନ

ଛୁଟିବ ।……ବିନାୟକ, ଚିନୁ ଜଣଜଣ କରି ସମସ୍ତଙ୍କୁ ପ୍ରଣାମ କଲେ । ଚିନୁ ସୁବ୍ରତଙ୍କୁ କୁଣ୍ଢେଇପକେଇଲା—ଭାଇ, ମୁଁ ତମର ଅଯୋଗ୍ୟା ଭଉଣୀ, ମତେ କ୍ଷମା ଦେବ । ସୁବ୍ରତ ଲୁହ ଆଖିରେ ତା' ମୁହଁ ପୋଛି ଦେଲେ । ଚିନୁ ଯାଇଁ ତା' ଶାଶୁ, ଶଶୁରଙ୍କ ପାଦ ଉପରେ ମୁଣ୍ଡ ଲଗେଇ ପ୍ରଣାମ କଲା । ପ୍ରଥମ ଥର ପାଇଁ ହୃଦୟରେ କହିଲା—ପିତାଜି ! ମା' ! ମୋତେ କ୍ଷମା କରିଏ ।

ଠିକ୍ ହେଁ, ଠିକ୍ ହେଁ ବେଟି । ଯାଓ, ଭଗବାନ୍ ତୁମ୍ହାରା ଭଲ କରେଁ ।

ସମସ୍ତଙ୍କ ଆଖିରେ ଲୁହ । ପ୍ରଥମେ ବିନାୟକ, ତା'ପରେ ଚିନୁ ଧୀରେଧୀରେ ବିମାନ ଆଡ଼କୁ ଆଗେଇଲେ । ସିଡ଼ିରେ ଚଢ଼ିଲେ । ବିନାୟକ ଗୋଟିଏ ରୁମାଲ୍ ଧରି ହଲେଇଲା । ଚିନୁ ଦୁଇ ହାତ ଟେକି ସମସ୍ତଙ୍କୁ ନମସ୍କାର କଲା । ବିମାନ ଭିତରକୁ ଦୁହେଁ ପଶିଲେ । ଦ୍ୱାର ବନ୍ଦ ହେଲା । ଘର୍ଘର ଗର୍ଜନ କରି ବିମାନ ବନ୍ଦର ଛାଡ଼ିଲା ।

ପଚିଶ

ଦୀର୍ଘ ଦୁଇ ବର୍ଷ ବିତିଯାଇଛି—

ଦିନେ ହଠାତ୍ ଝଡ଼ ଭଳି ଆସି ପହଞ୍ଚିଲେ ସନ୍ତୋଷ । ଜିପ୍‌ରୁ ଡେଇଁ ପଡ଼ି ସିଆଡ଼ୁ ଚିତ୍କାର କରି କରି ଆସିଲେ— ଭାଉଜ ! ଭାଉଜ ! ଘି' ଆଣ, ମିଠା ଆଣ, ଓମ୍‌ଲେଟ୍ ଆଣ । ତମକୁ ଆଜି ଗୋଟାଏ ବଢ଼ିଆ ଖବର ଦେବି, ଫାଷ୍ଟ୍ କ୍ଲାସ୍ ଖବର ଦେବି—ପ୍ରଦୀପ ବଂଚିଛି, ପ୍ରଦୀପ ଜଏନ୍ କରିଛି ଏୟାର୍ ଫୋର୍ସରେ । ପାଇଲଟ୍ ଅଫିସର୍ ହୋଇଛି । ଏବେ ଗ୍ୟାଣ୍ଟକ୍‌ରେ ଅଛି ।

ସତ କହୁଛ ? ସତ କହୁଛ ସନ୍ତୋଷ ?

ହଁ ହଁ, ମୁଁ ନିଜେ ଦେଖିଛି, ନିଜେ ମିଲିଟାରୀ ଗେଜେଟ୍‌ରେ ପଢ଼ିଛି—ପ୍ରଦୀପ ପଟ୍ଟନାୟକ, ଘର ଭଂଜନଗର, ଗଂଜାମ, ଓଡ଼ିଶା । ତା'ଛଡ଼ା ଗ୍ୟାଣ୍ଟକ୍‌ରୁ ଲୋକ ଆସି କହିଛନ୍ତି ତା' ରୂପ, ତା' ଚେହେରା । ଡିନୁର ବିବାହ ହେଲା ଜୁନ୍ ତିରିଶରେ ଆଉ ସେ ମିଲିଟାରୀରେ ଯୋଗ-ଦେଇଛି ଜୁଲାଇ ସାତରେ—ଠିକ୍ ସାତ ଦିନ ପରେ । ସାବାସ୍ ପ୍ରଦୀପ ପଟ୍ଟନାୟକ, ଯାଁ'କୁ ମୁଁ କହନ୍ତି 'ହିରୋ' । ଯୁଦ୍ଧକୁ ଯିଏ ଡରି ପଳେଇଯାଏ ସିଏ ଭୀରୁ, କାପୁରୁଷ, ମେଣ୍ଢା । ଆଉ ଯୁଦ୍ଧ ଦେଖି ଯିଏ ଆନନ୍ଦରେ ନୃତ୍ୟ କରିଉଠେ—ସବୁ ବିଷ, ହଳାହଳ ଆକଣ୍ଠ ପାନ କରି ଯିଏ ନୀଳକଣ୍ଠ ପାନ କରି ଯିଏ ନୀଳକଣ୍ଠ ଭଳି ଆଗେଇଯାଏ, ସିଏ ବୀର, ଯୋଦ୍ଧା । ବୀରଭୋଗ୍ୟା ବସୁନ୍ଧରା । ଏ ପୃଥିବୀ ବୀରଙ୍କ ପାଇଁ, ଭୀରୁ, ଦୁର୍ବଳ, ମାଇଚିଆଙ୍କ ପାଇଁ ନୁହେଁ । ଆଜି ପ୍ରଦୀପ ଆତ୍ମହତ୍ୟା କରିଥିଲେ ମୁଁ ତା' ନାଁରେ ଘୃଣା ପାଳିଥାନ୍ତି । ଆଜି ସେ ଯୁଦ୍ଧରେ ଯୋଗଦେଇ ତା' ଜୀବନ ଯୁଦ୍ଧରେ ଚରମ ବିଜୟ ହାସଲ କରିଛି । ଆଜି Peak hour of his life. ଆଜି ପ୍ରଦୀପକୁ ପାଇଲେ ମୁଁ ତାକୁ ଚୁମ୍ବନ କରନ୍ତି ଘଉଜ, ମୁଁ ତାକୁ ଚୁମ୍ବନ କରନ୍ତି—ସନ୍ତୋଷ ପ୍ରଗଳ୍‌ଭଙ୍କ ଭଳି କହି ଚାଲିଥିଲେ । କାଂଚନଙ୍କ ଆଖିରୁ ଧାରଧାର ଲୋତକ ବହିଯାଉଥିଲା ଆନନ୍ଦରେ, ତୃପ୍ତିରେ, ପାଇବାର ଗଭୀର ସନ୍ତୋଷରେ ।

ଡାକ୍ତର ସୁବ୍ରତ ଆସି ପହଞ୍ଚିଲେ । ସବୁ ଶୁଣିଲେ । ଓଠରେ ଗୋଟିଏ ସ୍ମିତହାସ୍ୟ ଖେଳିଗଲା । କହିଲେ—ସତରେ ପ୍ରଦୀପ ଜିତିଲା, ଡିନୁ ହାରିଗଲା । ତା'କୁ ଇମୋସନାଲ୍, ନିର୍ବୋଧ, ଇମ୍ପ୍ରାକ୍ଟିକାଲ୍ କହୁଥିଲା, କିନ୍ତୁ ଶେଷରେ ନିଜେ ଇମୋସନାଲ, ଇମ୍ପ୍ରାକ୍ଟିକାଲ୍, ନିର୍ବୋଧ ହେଇଗଲା । ପ୍ରଦୀପ ବିଜୟୀ ଯୋଦ୍ଧା ହେଇ ବାହାରିପଡ଼ିଲା ଜୀବନ ଯୁଦ୍ଧରେ ।

କାଂଚନ କହିଲେ—ମୁଁ ଆଶ୍ଚର୍ଯ୍ୟ ହେଉଛି ପ୍ରଦୀପ କେମିତି ବଂଚିଲା । ଏତେ ବଡ଼ ଧକ୍‌କା ସେ ସମ୍ଭାଳିଲା କେମିତି ?

ସୁବ୍ରତ କହିଲେ—ସେଇଥି ପାଇଁ ତ ସିଏ ବୀର । ଜୀବନରେ ଗୋଟିଏ ଦିଗରେ ବିଫଳ ହେଲେ ଯେ ଜୀବନଟା ଧ୍ୱସ୍ତବିଧ୍ୱସ୍ତ ହେଇଗଲା

ଏପରି ଭାବିବା ମୂର୍ଖତା । ସହସ୍ର ଦିଗ ଅଛି ଜୀବନରେ । ଏ ପଟେ ନିବିଡ଼ ଅନ୍ଧକାର ହେଲେ ସେ ପଟେ ସହସ୍ର ଆଲୋକର ବର୍ଣ୍ଣବିଭା ଝଟକି ଉଠେ । ଆଜି ଅମାବାସ୍ୟା ହେଲେ ଦିନ କେଇଟା ପରେ ପୂର୍ଣ୍ଣିମା । ଶ୍ରାବଣର ଝର୍ ଝର୍ ବର୍ଷା ଶେଷ ହୁଏ ଶରତର ସୁନା କିରଣରେ—ଆନନ୍ଦମୟୀଙ୍କ ଆଗମନରେ । ଜୀବନ ବିଶାଳ, ବିପୁଳ । ଜୀବନକୁ ଯେ ଚିହ୍ନି ନ ପାରି ଆତ୍ମହତ୍ୟା କରେ, ସେ ପରାସ୍ତ ହୋଇଯାଏ । ପ୍ରଦୀପ ଜୀବନକୁ ଚିହ୍ନିଛି । ସେଇଥି ପାଇଁ ସେ ବଂଚିଛି । ସେଇଥିପାଇଁ ପ୍ରଦୀପ ଫାଲ୍‌ଗୁନି ଭଳି ବୀର, ନେପୋଲିୟନ ଭଳି ବୀର, ଖୁଦିରାମ ଭଳି ବୀର ।

କାଂଚନ କହିଲେ—କିଂତୁ ମୋର କେମିତି ଧାରଣା ହେଉଥିଲା ସେ ନିଶ୍ଚେ ମରିଯାଇଥିବ । ସେ ରମାକୁ ଏତେ ନିବିଡ଼ଭାବେ ଭଲ-ପାଉଥିଲା……

ସୁବ୍ରତ କହିଲେ—ଦିନେ ଦେଖିବ ହୁଏତ ସେ ରମା ପାଇଁ ହିଁ ବଂଚିଛି । ହୁଏତ ସେ ସାରା ଜୀବନ ଉତ୍ସର୍ଗ କରି ଦେଇଛି ରମା ପାଇଁ । କିନ୍ତୁ…କିନ୍ତୁ ସେ ଯାହାହେଉ, ତମେ ଏହାର ବିନ୍ଦୁବିସର୍ଗ ଯେମିତି ରମାକୁ ଜଣେଇବ ନାହିଁଟି ! ତା'ର ଗୋଟିଏ ପ୍ରକାର ସ୍ଥିରତା ଆସିଯାଇଛି । ଖୁବ୍ ସିରିଅସ୍‌ଲି ସେ ପଢ଼ାପଢ଼ି ଆରମ୍ଭ କରିଦେଇଛି—ବିନାପୂକ ଲେଖିଛି । ପୁଣି ପ୍ରଦୀପ କଥା ତା'କୁ ଗୋଟିଏ ଧାଡ଼ି ଲେଖିଦେବା ମାନେ ତାକୁ ପୂରାପୂରି ପାଗଳ କରିଦେବା । ବୁଝି ହୁସିଆର କାଂଚନ, ସନ୍ତୋଷ, କେହି ଯେପରି ତା'କୁ ନ ଲେଖ । କିଏ ଜାଣେ ସିଏ ଖବର ପାଇଲେ ହୁଏତ ଏକାଦିନେ ଭାରତ ଫେରିଆସିବ, ହୁଏତ ଶୁଣୁ ଶୁଣୁ ତା' ହୃଦୟର ସ୍ପନ୍ଦନ ବନ୍ଦ ହୋଇଯିବ, ସେ ଠକ୍ କିନା ମରିଯିବ । ତେଣୁ ହୁସିଆର ! ହୁସିଆର ! ଦୁଇଟି ଜୀବନରେ ଶାନ୍ତି ଫେରିଆସୁଛି । ତା'କୁ ଧ୍ୱଂସ କରିଦେବ ନାହିଁ, ନଷ୍ଟ କରିଦେବ ନାହିଁ । ତୁମ୍ଭମାନଙ୍କୁ ଭଗବାନଙ୍କ ଦ୍ୱାହି । କିଛି କିଛି ଲେଖିବ ନାହିଁ ରମାକୁ—କିଛି ଲେଖିବ ନାହିଁ ।

ସନ୍ତୋଷ, କାଂଚନ ତଳକୁ ମୁହଁ ପୋତିଲେ । କହିଲେ । ନାହିଁ !

... ...

ଡାକ୍ତର ଗଲେ ହସ୍‌ପିଟାଲ୍‌କୁ । କାଂଚନ, ସନ୍ତୋଷ ଟେବଲର ଦୁଇ ପାଖରେ ବସି ଚା' କପ୍‌ରେ ମୁହଁ ଲଗେଇଲେ । ସନ୍ତୋଷ ଗୋଟିଏ ପୁରୁଣା କାଳିଆ ନାଟ ଗୀତ ଆରମ୍ଭ କରଦେଲେ—

'ହେ ମନ୍ତ୍ରି ! ପଡ଼ିଲା ଏ ବିଷମ ସନ୍ଧି,
କାହିଁ ଯିବା, କି କରିବା, କେଉଁ ପଥ ଆଚରିବା
ଭଲ ଭଲ ନ ଆସେ ବୁଦ୍ଧି !'

କାଂଚନ ହସିଉଠିଲେ । କହିଲେ—ସନ୍ତୋଷ ! ତମର ସବୁବେଳେ ଖାଲି ଥଟ୍ଟା । ଜୀବନରେ ସିରିଏସ୍‌ନେଶ୍ କ'ଣ ତମେ ଜାଣ ନା ।

ସେଇଥିପାଇଁ ତ ମୁଁ ମହାମୂର୍ଖ । କହି କଟକ ଗୁଣ୍ଡି ଆଉ ଆକବର ଖାଁ ଗୁଡ଼ାଖୁ ଗୋପା ପାଇଁ କିଣି ଦେଲେ ତ ମୋର ଛୁଟି । ଆଉ ଚିନ୍ତା କ'ଣ ?

ନାଇଁ, ସେ ପିଲାଳିଆମି ରଖ । ତମେ ଗମ୍ଭୀର ଭାବେ ଚିଂତା କର କ'ଣ କରିବା ? କ'ଣ କରାଯିବା ଉଚିତ ?

ନା ଚିନୁକୁ କହି ଲେଖିବା ଉଚିତ ନୁହେଁ । ଡାକ୍ତରଙ୍କ କଥାରେ ମୁଁ ସଂପୂର୍ଣ୍ଣ ଏକମତ । ଚିନୁର ସବୁ ଓଲଟ ପାଲଟ ହେଇଯିବ ।

ଦୀର୍ଘଶ୍ୱାସ ପକେଇଲେ କାଂଚନ କହିଲେ—ସେଇଠି ତମ ଆମ ଭିତରେ ତଫାତ । ବିବାହ ଆଗରୁ ତମର ଯୋଉ ଯୋଉ ଝିଅଙ୍କ ସାଙ୍ଗରେ ବିବାହ ଲାଗିଥାଏ, ବିବାହ ପରେ ତମେ ତାଙ୍କୁ ଭୁଲିଯାଅ । କିନ୍ତୁ ଝିଅମାନେ ବିବାହ ଲାଗିଥିବା ଗୋଟିଏ ପୁଅକୁ ବି ଭୁଲିପାରନ୍ତିନାହିଁ । ଯେତେ ଉଚ୍ଚ ପାହାରେ ଗଲେ ମଧ୍ୟ ସେମାନେ ପ୍ରତ୍ୟେକଙ୍କୁ ମନେ ରଖିଥାଆନ୍ତି । ତାଙ୍କ ପାଖରେ ପ୍ରତ୍ୟେକ ଗୋଟିଏ ଗୋଟିଏ ଅନୁଷ୍ଠାନ ।

ସତେ ଖଜଜ, ତା'ହେଲେ ତ ମୁଁ ଆଜି ଗୋପାଳୁ ପଗୁରବ ।

ଶୁଣ, ଏ ସିନା ହେଲା ସାଧାରଣ ନିୟମ, ଚନ୍ଦୁ କିନ୍ତୁ ଏକ ଅସାଧାରଣ ଝିଅ । ଚନ୍ଦୁ ଆଉ ପ୍ରଦୀପ ଭିତରର ସମ୍ପର୍କ ଯେ କି ଘନିଷ୍ଠ, କି ଅଚ୍ଛେଦ୍ୟ ହୃଦୟର ବନ୍ଧନ, ତା' କେବଳ ବିଶ୍ୱପିତା ଅନ୍ତର୍ଯ୍ୟାମୀ ଜାଣନ୍ତି, ତମେ ଆମେ ଜାଣି ପାରିବ ନାହିଁ । ବିନାଯୂକ ଚନ୍ଦୁର ଦେହ ପାଇଛି । ଚନ୍ଦୁର ଆତ୍ମା ପ୍ରଦୀପର ଆତ୍ମା ଭିତରେ ନିମଜ୍ଜିତ, ଲୁପ୍ତ—ଲୁଣର କଣ୍ଢେଇ ଅନନ୍ତ ସାଗର ଗର୍ଭରେ ଯେମିତି ଲୁପ୍ତ ହୋଇଯାଏ, ଲୀନ ହୋଇଯାଏ ।

ସନ୍ତୋଷ ଗମ୍ଭୀର ହେଲେ— ତଥାପି ଖଜଜ ! ତା'ଙ୍କୁ ଆଉ ଏ ସମ୍ପର୍କରେ ଲେଖିକା କ'ଣ ସୁନ୍ଦର ହେବ ? ବୁଦ୍ଧିମାନ୍‌ର କାମ ହେବ ? ପାଗଳ ଗାରଦର ଯୋଉ ବନ୍ଧ ପାଗଳ ଟିକିଏ ଆଖିବୁଜି ଶୋଇ ପଡ଼ିଛି, ତା'ଙ୍କୁ କେଞ୍ଚି କରି ନିଦରୁ ଉଠେଇବା କ'ଣ ଉଚିତ ?

କାଞ୍ଚନ କହିଲେ—ଶୁଣିବ ଗୋଟିଏ କଥା ? ଗୋଟିଏ ଜନନୀର ତିନୋଟି ସନ୍ତାନ ହୋଇ ମରିଥାନ୍ତି । ଚତୁର୍ଥ ସନ୍ତାନ ଜନ୍ମହେଲା । ମାସକ ପରେ ମରିଗଲା । ମା' କାନ୍ଦି କାନ୍ଦି ମୂର୍ଚ୍ଛା ଗଲା । ସେହି ଅବସ୍ଥାରେ ଲୋକମାନେ ମୃତ ପୁଅକୁ ନେଇ ଶ୍ମଶାନରେ ପୋତି ଦେଇ ଆସିଲେ । ମାଆର ଚେତା ହେଲା ପରେ ସେ ଏତେ କାନ୍ଦିଲା ଓ ପୁଅକୁ ଦେଖିବାକୁ ଏତେ ଜିଦ୍ କଲା ଯେ ଲୋକେ ଦେଖିଲେ, ପୁଅକୁ ନ ଦେଖେଇଲେ ମା' ନିଶ୍ଚେ ମରିଯିବ । ତେଣୁ ମା'କୁ ନେଇ ମଶାଣିକି ଗଲେ । ମାଟି ଖୋଳି ପୁଅକୁ ଆଣି ମା' କୋଳରେ ଶୁଆଇଲେ ; ମା' ପୁଅକୁ ଛାତିରେ ଜାକି କାନ୍ଦି କାନ୍ଦି ହୃଦୟର ସବୁ କୋହ, ଲୁହ ଢାଳିଦେଲା । ତା'ପରେ ପୁଅକୁ ଶୁଆଇ ଦେଇ ଘରକୁ ଫେରିଆସିଲା । ମା'ର ମନ, ନାରୀର ମନ ତମେ ଜାଣ ? ନାରୀ କେତେ ଭଲପାଏ ତମେ କଳନା କରି ପାରିବ ?

ସନ୍ତୋଷ ନିର୍ବୋଧ ଭଳି ଖାଲି ଚାହିଁଲେ, କ'ଣ କହିବେ କିଛି ଭାବି ପାରିଲେ ନାହିଁ ।

—ମୋର ତ ମନେହୁଏ ଜାଣିଲେ ସେ ବେଶୀ ଶାନ୍ତି ପାଇବ । ଅନ୍ତତଃ ତା'କୁ ଚିଠି ଖଣ୍ଡିଏ ଲେଖି ପାରିଲେ ତା' ମୁଣ୍ଡରୁ ପନ୍ଦରଣା ବୋଝ ଓହ୍ଲେଇଯିବ । ତା' ଛାତି କେତେ ଉଶ୍ବାସ ହୋଇଯିବ । ପ୍ରିୟ ଲୋକ ଆଗରେ ମନ ଖୋଲି ଥରେ କଥା କହିଲେ ମନ ହାଲୁକା ହୋଇ ଯାଏ ନାହିଁ ?

ସନ୍ତୋଷ କହିଲେ— ତମେ ଠିକ୍ କହୁଛ ସଜନ ! କିନ୍ତୁ ସେ ଯେମିତି ଇମୋସନାଲ ହେଉଛି, ଯଦି ଫଳ ବିପରୀତ ହେବ ?

କିଛି ହେବ ନାହିଁ । ଟଙ୍କା କଲେଜ ଅଗରେ ତା'ର ଯୋଉ ଅଶ୍ରୁ ମୁଁ ଦେଖିଛି, ତା'ର ଯୋଉ କମ୍ପନ ମୁଁ ଛାତି ଭିତରେ ଅନୁଭବ କରିଛି, ମୁଁ ଠିକ୍ ଜାଣେ, ତା ଘା ଶୁଖେଇବା ପାଇଁ ଏକମାତ୍ର ମଲମ ପ୍ରଦୀପ ! ପ୍ରଦୀପ ! ପ୍ରଦୀପ ପାଇଁ ସେ ବଞ୍ଚିଛି । ପ୍ରଦୀପ ପାଇଁ ହୁଏତ ଦିନେ ସେ ମରିଯିବ । ...ଆଉ ଭାଇଙ୍କର ଯେ ଭୟ ଯେ ସେ ପ୍ରଦୀପ ନାଁ ଶୁଣିଲାମାତ୍ରେ ଘରକୁ ଫେରିଆସିବ, ତା' ଏକଦମ୍ ଭୁଲ୍ । ତାର ଦେହର କ୍ଷୁଧା ମୋଟେ ନାହିଁ, ତା'ର ମନର କ୍ଷୁଧା । ଆଉ ସେଇ ମନର କ୍ଷୁଧା ମେଣ୍ଟେଇବା ପାଇଁ ପ୍ରଦୀପ ଛଡ଼ା ସାରା ବିଶ୍ୱବ୍ରହ୍ମାଣ୍ଡରେ ତା'ର ଆଉ କେହି ନାହିଁ, କେହି ନାହିଁ ।

ଠିକ୍ ଅଛି । ମୁଁ ଦିନେ ଦି'ଦିନ ଭିତରେ ପ୍ରଦୀପର ଠିକଣା ଆଣି ଦେଉଛି । ତମେ ଲେଖ । ଆଉ ତାକୁ ଲେଖ ପ୍ରଦୀପର ଜୀବନରୁ ଅନ୍ତତଃ ସେ କିଛି ଶିଖୁ । ପ୍ରଦୀପ ଦିନେ ଥାର୍ଡ କ୍ଲାସ୍ ଥିଲା, ଇଏ ଫାଷ୍ଟ କ୍ଲାସ୍ ଥିଲା, ଏବେ କିନ୍ତୁ ସବୁ ଓଲଟ ପାଲଟ ହୋଇଯାଇଛି । ଶିନୁ ଅଣ୍ଡର କରେଣ୍ଟରେ ପଡ଼ିଯାଇଛି । ପ୍ରଦୀପ ବି ଦିନେ ପଡ଼ି ଯାଇଥିଲା । କିନ୍ତୁ ସେ ଅଣ୍ଡର କରେଣ୍ଟ୍ କାଟି; ଉପର ଲହଡ଼ିକୁ ଉଠି ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ପହଁରି ପହଁରି ଯାଉଛି ଆଗକୁ ଆଗକୁ । ସେଇ ତ ଜୀବନ !

ଛବଶ

ଭାଉଜଙ୍କ ଚିଠିର ପ୍ରାପ୍ତି ସ୍ୱୀକାର :—

ଲଣ୍ଡନ

ତା—

ହସଫଁରୁଆ ସନ୍ତୋଷଦା

ଆଉ ମୋ ରଙ୍କଫୁଲେଇ କାଂଚନ ଭାଉଜ !

ତୁମ୍ଭମାନଙ୍କର ଚରଣ ଉପରେ ମଥା ରଖି ବାରବାର ପ୍ରଣାମ କରିବା ଛଡ଼ା ଆଜି ତୁମ୍ଭମାନଙ୍କୁ କୃତଜ୍ଞତା ଜଣେଇବା ପାଇଁ ମୋର ଭାଷା କାହିଁ ? ଭାଉଜ ପକ୍କା କେଲୁଣୀ—କାମରୂପ ଦେଶର ମାଲ୍ୟାଣୀ, ମୁଁ ଜାଣେ, କିନ୍ତୁ ସନ୍ତୋଷଦା' କୋଉଦିନ ଏମିତି ଯାଦୁକର ସାଜିଲେ, ଗୁଣିଟୁଣିରେ ଓସ୍ତାଦ୍ ହେଲେ ମୁଁ ଜାଣି ନ ଥିଲି । ତୁମ୍ଭେମାନେ ମନ୍ତ୍ର ଫୁଙ୍କି ଗୋଟିଏ ମଲା ପିଣ୍ଡରେ ଯେ ଜୀବନ୍ୟାସ ଦେଇଛ—ଧୂ ଧୂ ମରୁଭୂମିରେ ପଡ଼ିଥିବା ଗୋଟିଏ ଆର୍ତ୍ତ ପଥିକ କଣ୍ଠରେ ଯେ ଜଳଦାନ କରିଛ, ସେଥିପାଇଁ ମୁଁ ପୁଣି ଥରେ ତୁମ୍ଭମାନଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଛି ।

......ଆଜି ଚିଠି ଲେଖୁଛି । ଉତ୍ତର ପାଇବି ନା ମୁଁ ଜାଣେ ! ଉତ୍ତର ପାଇବା ପାଇଁ ମୁଁ କେବେ ଆଶା ବି କରୁ ନା । ଖାଲି ଚିଠି ଖଣ୍ଡିଏ ଲେଖିଲେ ବି ମୁଁ ଛ' ମାସ ବଂଚିଯିବି । ଖାଲି ଚିଠି ଲେଖିବାରେ କି ଅପାର ଆନନ୍ଦ । ଚିଠି ଲେଖିବା ମାନେ ତା'ଙ୍କୁ ମୋ ଆଗରେ ପରିପୂର୍ଣ୍ଣ ଭାବରେ ପାଇବା, ତା'ର ସମସ୍ତ ସତ୍ତା ମୋ ଅଙ୍ଗପ୍ରତ୍ୟଙ୍ଗ, ଶିରପ୍ରଶିରା ଭିତରେ ଅନୁଭବ କରିବା । ବାସ୍ ସେଇ ଯଥେଷ୍ଟ । ଆଉ ମୋର ଅଧିକ କ'ଣ ଦରକାର ଯେ ? ତା' ଚିଠିରୁ ମୁଁ ଆଉ କ'ଣ ପାଇବି ଯେ ? ମୁଁ ଏତିକି ପାଇଛି, ସେଥିପାଇଁ ଭଗବାନ୍‌ଙ୍କୁ ନତଶିରରେ ଲକ୍ଷେବାର ଜୁହାର କରୁଛି ।

ରହୁଛି ସନ୍ତୋଷଦା' । ତମେ କହିବ 'ବ୍ଲଡ଼ର ପୁଲ୍' । ତେଣୁ ପ୍ରଦୀପ କଥା ଶୁଣିଲାମାତ୍ରେ ମୁଁ ଚଞ୍ଚଳ ହୋଇ ଉଠିଛି । କିନ୍ତୁ ନାଇଁ ସନ୍ତୋଷଦା', ତମର ଭାଷାରେ ମୁଁ ନାଇଦର୍ ହଟ୍ ବ୍ୟାଙ୍କ୍ ନର୍ ଦ୍ୟାଟ୍ ବ୍ୟାଙ୍କ୍ । ନା ଏ କୂଳର ନା' ସେ କୂଳର ହେଲି । ପ୍ରଦୀପକୁ ପାଇଲି ନାହିଁ । ବିନାୟକକୁ ପାଇ ବି ପାଉ ନାହିଁ । ତଥାପି ମୁଁ ସୁଖୀ । ପ୍ରଦୀପକୁ ବିବାହ ହୋଇଥିଲେ ବି ମୁଁ ଏତେ ସୁଖୀ ହୋଇ ନ ଥାନ୍ତି; ଯା' ସୁଖୀ ହେଲି ଭାଉଜଙ୍କ ଚିଠିପତ୍ରି, ଯା' ସୁଖୀ ହେଲି ପ୍ରଦୀପ ବଂଚିଛି ଏତକ ଜାଣି । ପ୍ରଦୀପ ମୋର କି ଦୁଃଖୀର ଧନ, କି ନିଧି ସଙ୍ଗାଳି, ତମେ ବୁଝିବ ନାହିଁ । ପ୍ରଦୀପ ମୋ ପ୍ରାଣ, ମୋ ଆତ୍ମା । ଖାଲି ଭାଉଜଙ୍କର ଚିଠି ହିଁ ମୋ ଆୟୁଷ ଦଶ ବର୍ଷ ବଢ଼ାଇ ଦେଇଛି ।

ରହୁଛି । ଭାଇ, ବୋଉ, ଗୋପା ବୋଉଦି ସମସ୍ତଙ୍କୁ ମୋର ପ୍ରଣାମ ଦେବ । ଅତସୀକୁ ମୋର ସ୍ନେହର ଚୁମା ଦେବ । ଭାଉଜ ଆଉ ତମେ ମୋର ଲୁହ ନେବ, ପ୍ରଣତି ନେବ ।

ସ୍ନେହର
ଶନୁ ।

କାଂଚନ ଆଉ ସନ୍ତୋଷ ପରସ୍ପର ମୁହଁକୁ ଚାହିଁଲେ । ସନ୍ତୋଷ କହିଲେ—ଡାକ୍ତର କହୁଥିଲେ ନା, ଶନୁ ହାରିଲା, ପ୍ରଦୀପ ଜିତିଲା । ଆସନ୍ତୁ ଆଜି ଡାକ୍ତର, ମୁଁ କହିବି ଡାକ୍ତର ହାରିଲେ, ଭାଉଜ ଜିତିଲା । ହଁ ଭାଉଜ, ତମର ଆଜି ଜିତଉ ପାଇଁ, ମିଠେଇ ଖାଉଁ । କିଏ କହିଥିଲା— ସ୍ତ୍ରୀ ବୁଦ୍ଧି ପ୍ରଳୟଙ୍କରୀ ! ତମ ବୁଦ୍ଧି ତ କଲ୍ୟାଣକାରୀ, ମଙ୍ଗଳକାରୀ । ତେଣୁ ମୁଁ କହେ ଏ 'କାରୀ'ରୁ ଆଉ ଗୋଟାଏ ଫିସ୍ କାରି, ଫାଉଲ୍ କାରି, ମଟନ୍ କାରି, ଚିକେନ୍ କାରି ହେଉ ।

ଦୁହେଁ ଠୋ ଠୋ ହସିଲେ ।

ସତେରଶ

ପ୍ରଦୀପ ମରିଛି । ପ୍ରଦୀପ ବଂଚିଛି ବୋଲି ଯୋଉମାନେ ଜାଣିଛନ୍ତି ସେମାନେ ଭୁଲ୍ ଜାଣିଛନ୍ତି । ଯାହାକୁ ସେମାନେ ପ୍ରଦୀପ ବୋଲି ଭାବୁଛନ୍ତି, ତା'ର ଗୁଣ, କାମ, ଚାଲିଚଳନ, ଏମିତିକି ତା' ନାଁ ବି ସଂପୂର୍ଣ୍ଣ ଅଲଗା । ଦିଲ୍ଲୀରୁ ଗ୍ୟାଙ୍ଗଟକ୍ ଅନେକ ଦୂର । ଦିଲ୍ଲୀରେ ବସି ଏତେ ଦୂରକୁ ଚାହିଁଲେ ଯାହା ଦିଶିବାର କଥା ସେଇଆ ଦିଶିଛି । ଜଣେ ପୂରା ଅଲଗା ଲୋକକୁ ସନ୍ତୋଷ ପ୍ରଦୀପ ବୋଲି ଧରିନେଇଛନ୍ତି । ସେଦିନ ବମ୍ବେ ମେଲ୍ ଦୁର୍ଦ୍ଦାନ୍ତ ଗାଡ଼ିରେ ଆସୁଥିଲା । ତା'ର ଆଗରେ ଶୋଇପଡ଼ି ପ୍ରଦୀପ ମରିଛି । ଆଜି ପ୍ରଦୀପ କାହିଁ ?

ଏ ଲୋକଟା ଅତି କଠୋର, କର୍କଶ । ଏୟାର୍‌ଫୋର୍ସରେ ସର୍ବନିମ୍ନ ଅଫିସର୍ ହେଲା ପାଇଲେଟ୍ ଅଫିସର୍ । ତଥାପି ସେ ଅଫିସର୍—ହାକିମ । ତେଣୁ ସବୁବେଳେ କଡ଼ା ମେଜାଜ୍ । କଥାକଥାକେ ବ୍ଲାଡ଼ି, ଫୁଲ୍, ରାସ୍କେଲ୍ । ମଣିଷକୁ ସେ ମଣିଷ ବୋଲି ଭାବନ୍ତି ନାହିଁ, ଭାବନ୍ତି ପୋକ ମାଛି ଭଳି । ତେଣୁ ତାଙ୍କର ସମସ୍ତ ଅଧସ୍ତନ କର୍ମଚାରୀ, ଅଫିସ୍ କ୍ଳର୍କ, ଅନ୍ୟମାନେ ତାଙ୍କୁ ଦେଖିଲେ ଭୟରେ ଥରହର । ସେ ଅଫିସ୍‌ରେ ଥିଲେ ମାଛି ମରିଯାଏ । ଟୁଂକିନା କୋଉଠି ଶବ୍ଦ ହୁଏ ନାହିଁ । ତାଙ୍କ ନାଁ ମିଷ୍ଟର୍ ପି. କେ. ପଟ୍ଟନାୟକ । କିନ୍ତୁ ସମସ୍ତେ ଜାଣନ୍ତି ମିଷ୍ଟର୍ ପଟ୍ଟନାୟକ ବୋଲି । କିଏ କହେ ପଟ୍ଟନାୟକଜୀ, କିଏ କହେ ପଟ୍ଟନାୟକ ସାହେବ । ପ୍ରଦୀପ କାହିଁ ?

ଏବେ ସେ ଗୋଟାଏ ଇଣ୍ଟର୍‌ଭିଉ ଦେଇଥିଲେ ଡେରାଡୁନ୍‌ରେ । ଇଣ୍ଟର୍‌ଭିଉ ବୋର୍ଡ଼ରେ ଚେୟାରମ୍ୟାନ୍ ଥିଲେ ଉଇଁଙ୍ଗ୍ କମାଣ୍ଡର୍ ସର୍ଦ୍ଦାର କର୍ତ୍ତାର ସିଂ । ଅନ୍ୟମାନଙ୍କ ଭିତରେ ଥିଲେ ସ୍କ୍ୱାଡ୍ରନ୍ ଲିଡର୍ ଭି. ଏସ୍. ରେଲେପ୍ୱା, ଫ୍ଲାଇଙ୍ଗ୍ ଲେଫ୍‌ଟେନାଣ୍ଟ୍ ପି. ଏଲ୍. ଲାଲଭାନି, ଫ୍ଲାଇଙ୍ଗ୍

ଅଫିସର୍ ଶକ୍ତ ଘୋଷ । ନାନାଆଡ଼୍ ନାନା ପ୍ରଶ୍ନ ପଚାରି ତାଙ୍କୁ ବିବ୍ରତ କରିବାକୁ ଚାହିଁଥିଲେ ସମସ୍ତେ । କିନ୍ତୁ ସେ ଧୀର, ସ୍ଥିର, ସ୍ଥିତପ୍ରଜ୍ଞ ଭଳି ଉତ୍ତର ଦେଇଥିଲେ ଗୋଟିଏ ପରେ ଗୋଟିଏ । ଯେମିତି ସାହସ, ସେମିତି ଗାମ୍ଭୀର୍ଯ୍ୟ, ସେମିତି ଚଟ୍‌ପଟ୍ କଥା, ଠେକ୍‌ଠୋକ୍ ଜବାବ୍ । ସ୍ୱୟଂ ମୃତ୍ୟୁକୁ ବି ଭୟ କରିବା ଲୋକ ନୁହଁନ୍ତି ମିଷ୍ଟର୍ ପଟ୍ଟନାୟକ, ଆଜି ସେ ଇଣ୍ଟରଭ୍ୟୁ ବୋର୍ଡ଼କୁ ଭୟ କରନ୍ତେ ? ଖାତିର କରନ୍ତେ ? ଇଣ୍ଟରଭ୍ୟୁ ପରେ ସର୍ଦ୍ଦାର କର୍ତ୍ତାର ସିଂ ଦିଲ୍ଲୀ ହେଡ଼କ୍ୱାର୍ଟର୍ସକୁ ଲେଖିଲେ—

Mr. Patnaik is one of the ablest officers ever joined in the Eastern Wing, He is more disciplined, most efficient and inconceivably daring. He should be immediately promoted to the next higher rank.

ସେଇ ଅଫିସର୍ ମିଷ୍ଟର ପଟ୍ଟନାୟକ — ଉପର ଅଫିସର ଯାହାଙ୍କୁ ଉଚ୍ଚ ପ୍ରଶଂସା କରନ୍ତି, ତଳ କର୍ମଚାରୀ ଯାହାଙ୍କୁ ପ୍ରାଣେ ଭୟ କରନ୍ତି, ଯିଏ ସବୁବେଳେ ବାଘ ଭଳି ,ଘାଉଁ ଘାଉଁ ହେଉଥାନ୍ତି, ଗୋଟିଏ ଲୋକକୁ ଲଟ୍ଟି ଦେବାକୁ ଯାହାଙ୍କୁ ମୁହୂର୍ତ୍ତେ ଲାଗେ ନ, ହୃଦୟରେ ଟିକିଏ କମ୍ପନ ବି ଖେଳେ ନାହିଁ, ଏହିଭଳି ନିଷ୍ଠୁର, କଡ଼ା ମିଜାଜୀ ଅଫିସର୍ ପଟ୍ଟନାୟକ । ତାଙ୍କୁ ପ୍ରତାପ ବୋଲି ଭାବିବା ଭୁଛା ନିର୍ବୋଧତା ସିନା !

ମିଷ୍ଟର ପଟ୍ଟନାୟକ ଅଫିସରେ ବସି ଷ୍ଟେନୋକୁ ଡିକ୍ଟେସନ ଦେଉଥିଲେ, ଗୋଟିଏ ହାତରେ ରିସିଭର ଧରି କାହା ସହିତ ଫୋନ୍‌ରେ କଥା ହେଉଥିଲେ, ଆଉ ହାତରେ ଅଫିସର୍ କେତେଗୁଡ଼ିଏ ଜରୁରୀ ଚିଠିରେ ଦସ୍ତଖତ କରୁଥିଲେ । ପାଖରେ ଜଣେ କିରାଣୀ ଠିଆ ହୋଇ ଫାଇଲ୍‌ର ପୃଷ୍ଠା ଓଲଟାଇ ଓଲଟାଇ ଚିଠି ଦେଖୁଥାନ୍ତି । ପାଦରେ କଲିଙ୍ଗ୍‌ବେଲ୍ ଚିପିଲେ । ପିଅନ୍ ଆସି ପହଞ୍ଚିଲା—'ବୁଲାଓ ଆକାଉଣ୍ଟାଣ୍ଟ୍ କୋ' । ଅର୍ଡରଲି ଆସି ଫ୍ଲାସ୍କ୍‌ରୁ କଫି ଢାଳି ଟେବଲ୍‌ରେ ଥୋଇଲା । କଲମ ରଖି ସାହେବ ଢୋକେ କଫି ପିଉଛନ୍ତି, ପିଅନ୍ ଡାକଘରୁ ଚିଠି ଆଣି ଟେବଲର ଗୋଟାଏ କଡ଼ରେ ରଖିଲା । ଆକାଉଣ୍ଟାଣ୍ଟ୍ ଆସିଛନ୍ତି ।

ସାହେବଙ୍କର ମେଜାଜ୍ ଗରମ—ମେଁ ଆପ୍ କୋ ବୋଲ୍‌ଥା ନା ଇମ୍ପଂଲ୍ ରେଜ୍‌ଡେଣ୍ଟ୍‌କା ବିଲ୍ ପାଶ୍ କର୍‌ନେକେ ଲିଁଏ ଜରୁର୍ ଭେଜ୍‌ନେକେ ଲିଏ ? କାହିଁ ଆପ୍ ନହିଁ ଭେଜେ ? ଏକ୍ ଏକ୍ କାମ୍‌କେ ଲିଏ କିତ୍‌ନା ଦଫା ବୋଲ୍‌ନା ହୋତା ? ବୁଡ୍‌ଡବକ୍ କହିଁକା·····

ଏଣେ ଗାଳି ଦେଉଁ ଦେଉଁ ତେଣେ ରିସିଭର ତଳେ ରଖି ବାଁ ହାତରେ ପୋଷ୍ଟ୍ ଅଫିସରୁ ଆସିଥିବା ନୂଆ ଚିଠିଗୁଡ଼ିକ ଖୋଲୁଥିଲେ । ହଠାତ୍ କ'ଣ ହେଲା, ସେ ସାପ କାମୁଡ଼ିଲା ଭଳି ଚିତ୍କାର କରି ଉଠିଲେ । ହାତରୁ ଗରମ କଫି କପ୍ ଟେବଲ୍ ଉପରେ କଚୁଡ଼ି ହୋଇ ପଡ଼ିଲା । ସେ ଉଠି ଠିଆ ହୋଇ ପଡ଼ିଲେ । ଘାଉଁ ଘାଉଁ ହୋଇ ଉଠିଲେ— Get out, get out all of you from my chamber, Leave me all alone to myself......ସମସ୍ତେ ଡରିଡରି ପଦାକୁ ବାହାରିଗଲେ । ଗରମ କଫି ପଡ଼ି ପ୍ୟାଣ୍ଟସାରା ଓଦା ହୋଇଯାଇଥିଲା । ଅର୍ଡରଲି ନାଇଁପଡ଼ି ଟାଓ୍ୱେଲରେ ପୋଛିବାକୁ ବସିଲା । ସାହେବ୍ ପୁଣି ଗୋଟାଏ ଗର୍ଜନ ଛାଡ଼ିଲେ—You fool get out. ଅର୍ଡରଲି ପ୍ରାଣ ବିକଳରେ ବାହାରକୁ ବାହାରିଗଲା ।

ସାହେବ ଘର ଭିତରେ ଘନଘନ ପଦଚାରଣା କରିବାକୁ ଲାଗିଲେ । ଘନଘନ ଦୀର୍ଘଶ୍ୱାସ ଛାଡ଼ିବାକୁ ଲାଗିଲେ । ଗୋଟାଏ ଚିଠି ହାତରେ ଧରି ଓଲଟେଇ ଓଲଟେଇ ତା'କୁ ବାରମ୍ବାର ଚୁମ୍ବିବାକୁ ଲାଗିଲେ । ଟେଲିଫୋନ୍ ରିସିଭର ତଳେ ପଡ଼ିପଡ଼ି ସାଁ ସାଁ ହେଉଥାଏ, ଗରମ କଫି ଖାଲି ଟ୍ରାଉଜରରେ ପଡ଼ି ନ ଥାଏ, ଗୋଡ଼ର କେତେ ଅଂଶରେ ପଡ଼ି ଗୋଡ଼ ବୋଧେ ସିଝି ଯାଇଥାଏ, ଟେବଲ ଉପରେ କେତେ ଜରୁରୀ କାଗଜପତ୍ରରେ କଫି ଢାଳି ହୋଇଯାଇଥାଏ, କାଗଜପତ୍ର ନଷ୍ଟ ହୋଇଯାଇଥାଏ । କାହାରିକୁ ଲକ୍ଷ୍ୟ ନାହିଁ, ନଜର ନାହିଁ, ଖାଲି ଏଇ ଚିଠି— ଚିଠି । ଚିଠି ଆସିଥିଲା ଲଣ୍ଡନରୁ !!

ସାହେବ ଫଟ୍‌କିନା ବାହାରକୁ ଆସିଲେ । ବାହାରେ ଆକାଉଣ୍ଟାଣ୍ଟ୍, ଷ୍ଟେନୋ, କ୍ଲାର୍କ ସମସ୍ତେ କାକୁସ୍ଥ ହୋଇ ଠିଆ ହୋଇଥିଲେ । ସାହେବ କହିଲେ - ସମସ୍ତ କାଗଜପତ୍ର ମୋ' ବଙ୍ଗଳାକୁ ନେଇଆସନ୍ତୁ । କିନ୍ତୁ

ଆସିବେ ଦ'ଟା ପରେ । ତା' ଆଗରୁ କେହି ଆସିବେ ନାହିଁ । Not even a peon..…ଡ୍ରାଇଭର ବୋଧେ ଗ୍ଧ' ଖାଇବାକୁ ଯାଇଥିଲା । ସାହେବ ନିଜେ ଜିପ୍ ଡ୍ରାଇଭ୍ କରି ବଙ୍ଗଳାକୁ ଗ୍ଧଲିଗଲେ ।

ଚିଠି ! ଚିଠି ! ଚିଠି ! ତାଙ୍କର କିଏ ଲୋକ ଅଛି ଏ ସାରା ସୃଷ୍ଟିରେ ଯେ ତାଙ୍କୁ ଚିଠି ଲେଖିବ ? ପୁଣି ବ୍ୟକ୍ତିଗତ ଚିଠି ? ପୁଣି ଲଣ୍ଡନରୁ ? ସାହେବ ଘରେ ପଶି ଭିତରୁ କବାଟ ବନ୍ଦ କଲେ । ଡ୍ରଇଂରୁମ୍ ପାର ହୋଇ ସିଧା ଗ୍ଧଲିଲେ ଶୋଇବା ଘରକୁ । ସେଇ ପ୍ୟାଣ୍ଟ, ସେଇ ଜୋତା, ସେଇ କୋଟ୍ ପିନ୍ଧି ବିଛଣାରେ ଗଡ଼ିପଡ଼ିଲେ । ଅପଲକ ଆଖିରେ ଘ୍ଧତକୁ ଗ୍ଧହିଁଲେ । ତା'ପରେ ପକେଟ୍‌ରୁ ଚିଠି କାଢ଼ି ଚିଠିକୁ ଗ୍ଧହିଁଲେ— ଅପଲକ, ନିର୍ନିମେଷ, ଉପ୍ରକ୍ଷ ନୟନରେ । ଚିଠି—ଭିତରେ ଯାହା ଥାଉ, କିଛି ନ ଥାଉ, ଖାଲି ସାଦା କାଗଜ ହୋଇଥାଉ, ନଚେତ୍ ଥାଉ ଗାଳି, ନିନ୍ଦା, କୁତ୍ସା, ଆଘାତ—ତଥାପି ଚିଠି । ସାହେବ ଚିଠି ଆଣି ଘ୍ଧତିରେ ଥୋଇଲେ । ମୁହଁ ଉପରେ ରଖିଲେ । ଚିଠି ଖୋଲିବାକୁ ଇଚ୍ଛା ହେଲାନି । ଚିଠି ନ ଖୋଲିଲେ ଯେତେ ଆନନ୍ଦ, ଖୋଲିଲେ କ'ଣ ସେତେ ମିଳିବ ?

ଅନେକ କ୍ଷଣ ବିତିଲା । ସାହେବ ଖାଲି ଭାବୁଥିଲେ…ଭାବୁଥିଲେ । ବେଳେବେଳେ ମନ ହେଉଥିଲା ଚିଠି ଚିରି କୁଟିକୁଟି କରି ଫିଙ୍ଗି ଦେବାକୁ— ଜୋତାରେ ଦଳି ଦେବାକୁ, ପୁଣି ବେଳେବେଳେ ମନ ହେଉଥିଲା ଚିଠିଟିକୁ ଘ୍ଧତି ଉପରେ ରଖି ଆଖି ବୁଜି ନିଶ୍ଚିନ୍ତରେ ଶୋଇଯିବାକୁ ।— ମୁଁ ତା'ହେଲେ ବଞ୍ଚିଛି ? ମରିନାହିଁ ? ନା ମତେ ମାରିବା ପାଇଁ ଭଗବାନଙ୍କର ଏ ଗୋଟାଏ ନୂଆ ଚକ୍ରାନ୍ତ ? ମୁଁ ତ ତମକୁ ଭିକ ମାଗି ନାହିଁ ପ୍ରଭୋ ! ତମେ ମତେ ଭିକ ଦେବା ବାହାନାରେ ହାତଠାରି ପାଖକୁ ଡାକି ପୁଣି ଏ ନୂଆ ଉପହାସ କାହିଁକି ? ମତେ ଦୁର୍ବଳ କରୁଛ କାହିଁକି ? ମୁଁ ପାଇଲଟ୍ ଅଫିସର ମିଷ୍ଟର ପି. କେ. ପଟ୍ଟନାୟକ । ମୁଁ ଏତେ ଦୁର୍ବଳ ହେବି ? ନା, ନା, ନା, ମୁଁ ଏ ଚିଠି ଚିରି ଦେବି । ମୋର କେହି ନାହିଁ, କିଛି ନାହିଁ । କିଛି ନାହିଁ ଏ ସାରା ସୃଷ୍ଟିରେ । ମୋର ଭଗବାନ ବି ନାହିଁ । ଭଗବାନ ମରିଛି, ମରିଛି, ମରିଛି ।

ସାହେବ ଉତ୍‌କ୍ଷିପ୍ତ ହୋଇ ଉଠିବସିଲେ । ଅତି ନିଷ୍ଠୁର ଭାବରେ ଚିଠିଟାକୁ ଚିରିଦେବାକୁ ଯାଉଥିଲେ, ହଠାତ୍ ରହିଗଲେ, ହାତ ଅଟକିଗଲା । କ'ଣ ଭାବିଲେ, ଉଠି ଠିଆ ହେଲେ । ପୁଣି ଘନଘନ ପଦଚାରଣା କଲେ ରୁମ୍‌ରେ । ଚିରିଦେବେ ? ଚିରି ଦେବେ ? ତା'ହେଲେ ତ ସବୁ ସମାନ ହୋଇଗଲା । ସେ ଫିଙ୍ଗିଦେଲା, ତମେ ଫିଙ୍ଗିଦେଲ । ଆଉ ତଫାତ୍ ରହିଲା କୋଉଠି ? ମଣିଷ ମାରିବ ବୋଲି ତମେ କ'ଣ ତା' ଛାତିରେ ଛୁରି ଭୁଷିଦେବ ??

ସାହେବ ଗୋଟିଏ ସୋଫା ଉପରେ ଯାଇଁ ବସିଲେ । ଥରଥର ହାତରେ ଚିଠିଟିକୁ ଖୋଲିଲେ—

ଲଣ୍ଡନ

ତା—

ବନ୍ଧୁରେ,

'ସନ୍ଧ୍ୟା ଘୋଟିଆସେ ଧୀରେ
ବିଦେଶୀ ବଣିକ ବୋଇତ ବାନ୍ଧିଛି ମୋ ମନ ନଦୀର ତୀରେ,
ତା'ର ସୁନାତରୀ ଭାସିଯାଉଁ ମୋ ର ଜୀବନ ଜଳଧି ନୀରେ ।'

ମୁଁ କେବେ ବଞ୍ଚିଛି ବୋଲି ତମେ ଭାବି ନ ଥିବ, କିନ୍ତୁ ମୁଁ ବଞ୍ଚିଛି । ଖାଲି ବଞ୍ଚିଛି ନୁହେଁ, ମୁଁ ଆଜି ଏତେ ଉଦ୍ଦାମ, ଉଦ୍‌ବେଳ ହୋଇ ଉଠିଛି ନା ତମେ କଳ୍ପନା କରିପାରିବ ନାହିଁ । ଯୁଧିଷ୍ଠିରଙ୍କ ଅଶ୍ୱ ଭାରତ ପରିକ୍ରମା କଲାବେଳେ କ'ଣ ଏତେ ଉଦ୍‌ବେଳ ହୋଇ ଉଠିଥିବ ? ଗୋପପୁରର ଉଦ୍‌ଭିନ୍ନ ଯୌବନା ରାଧା ପାଦ ଚିପି ଚିପି କୁଞ୍ଜକୁ ଗଲାବେଳେ କ'ଣ ଏତେ ଉନ୍ମନା ହୋଇ ଉଠିଥିବ, ଯା ମୁଁ ହୋଇଛି ? ପ୍ରତୀକ୍ଷମାଣା, ଅଭିସାରିକା ପିଙ୍ଗଳା ବେଶ୍ୟା ଧର୍ମୀ ପୁତ୍ରକୁ ଗୁହାଁ ଗୁହାଁ ନିଶି ପାହାଇଲା ବେଳେ କ'ଣ ଏମିତି ଅସ୍ଥିର, ଉନ୍ମନା ଚଞ୍ଚଳ, ଟଙ୍ଗ୍‌ଟଙ୍ଗ୍ ହୋଇ ଉଠିଥିବ ମୋ ଭଳି ? ହାଇଦ୍ରାବାଦର ସେଇ ପାର୍କରେ ତମେ ପ୍ରଥମ ଥର ପାଇଁ ଯେତେବେଳେ ମୋ ଦେହ ଛୁଇଁଥିଲ, ମୋ କବରୀରେ ରକ୍ତଗୋଲାପ ଖୋସିଦେଇଥିଲ, ମୋ ଗାଲ

ଦୁଇଟିକୁ ଧୀରେ ଧୀରେ ଆଉଁସି ଦେଇଥିଲ ହାତରେ, କହ ଦେଖି, ତମ ଦେହ, ମନ କ'ଣ ଏମିତି ଉଦ୍ଦାମ ହୋଇ ଉଠିଥିଲା ? ରେ ବଂଧୁଆ ! ରେ ବ୍ୟାଧ କାଳକେତୁ ! ରେ ରାମଗିରିର ବିରହୀ ଯକ୍ଷ ! ମୁଁ କ'ଣ କହି ତମ ଆଗରେ ମୋର ଏ ହୃଦୟର ଭାବସମୁଦ୍ର ପ୍ରକାଶ କରିବି ? ଆଜି କ'ଣ ପୂର୍ଣ୍ଣିମା ? ଆଜି କ'ଣ ସମୁଦ୍ରରେ ପୂର୍ଣ୍ଣ ଜୁଆର ? ଆଜି କେତେ ଜୋତ୍ସ୍ନା ଫାଟିପଡୁଛି ଏଇ ଆକାଶରେ ।.........

ଆଜି ଜୋଛନା ଆଲୁଅ ମତେ ଡାକେ
ଆଜି ପୀୟୂଷ ଝରଇ ଚଉପାଖେ
    ମୋର ବକ୍ଷୁ ଉଠଇ ଢେଉମାଳା ଗୋ
    ମୁଁ ଗୋ ହୋଇଅଛି ଅଭିସାରୀ ବାଳା ଗୋ
    ଆସ କିଏ ଭିଡ଼ି ଧରିବ ମୋ ଗଳା ଗୋ
        ମୁଁ ଗୋ ମିଶିଯିବି ଗୋଟିପଣେ ବୁକେ,
        ଆଜି ଜୋଛନା ଆଲୁଅ ମତେ ଡାକେ ।

ଏତେ ସେନେହ ସୋହାଗ ବୁକେ ଭରି
କହ କିଆଁ ହେବି ମୁଁ ଗୋ ବନଗୃହୀ ?
    ମୁଁ ଗୋ ସାଗର ଢେଉରେ ଆଜି ଭାସିବି
    ମୁଁ ଗୋ ନୀଳ ନଭ କୋଳେ ଆଜି ମିଶିବି,
    ମୁଁ ଗୋ ମଳୟର ତାଳେ ତାଳେ ନାଚିବି
        ମୁଁ ଗୋ ହେବି ଆଜି ସରଗର ପକ୍ଷୀ
        ଏତେ ସେନେହ ସୋହାଗ ବୁକେ ଭରି ।

ଗଂଗାରୁ ଯୋଉଦିନ ଫେରିଥିଲି ସେ ଗୋଟାଏ ଦିନ, ଆଉ ଆଜି ଏ ଗୋଟାଏ ଦିନ ! ସେ ଦିନ ଲୁହରେ ବୁଡ଼ିଥିଲି, ଆଜି ବି ଲୁହରେ ବୁଡୁଛି । କିନ୍ତୁ କେତେ ତଫାତ୍ । ଭଗବାନ ମୋ ଗୁହାରି ଶୁଣିଛନ୍ତି । ମୁଁ କ'ଣ କହି ଭଗବାନଙ୍କୁ ମୋର କୃତଜ୍ଞତା ଜଣାଇବି ଭାବି ପାରୁନାହିଁ ।

ତମେ ଭାବୁଥିବ ଏ ପୁଣି ମୋର ଗୋଟାଏ ନୂଆ କୌଶଳ । ନାଇଁ ମ, କୌଶଳ ମୋଟେ ନୁହେଁ । ସୋଃବିବ୍ ଆଉ ରୁସ୍ତମ୍ ପଢ଼ିନା ?

ବେକ ପର୍ଯ୍ୟନ୍ତ ପଶି ସେଇ ଆଲୋକକୁ ଚାହିଁଚାହିଁ ରହିଯାଉଛ । ଏ ଜନ୍ମରେ ନୁହେଁ, ସାତ ଜନ୍ମ ଗଲେ ବି ତମେ ସେ ଆଲୋକ ପାଖରେ ପହଞ୍ଚି ପାରିବ ନାହିଁ, ତା' ବି ମୁଁ ଜାଣେ । ସେ ଆଲୋକର ଉଷ୍ମତାର ଲକ୍ଷେ ଭାଗରୁ ଭାଗେ ବି ତମେ ପାଉ ନା । ସେ ଆଲୋକ ବି ଦିନୁଦିନ ଅତି କ୍ଷୀଣରୁ କ୍ଷୀଣତର ହୋଇ, ଅସ୍ପଷ୍ଟ ହୋଇ, ଝାପ୍‌ସା ହୋଇ ଲିଭିଯିବାକୁ ବସିଲାଣି । ହୁଏତ ବେଳେବେଳେ ମୋଟେ ଦିଶୁ ନାହିଁ । ତଥାପି ତମେ ଚାହିଁଛ । ମନେମନେ ଭାବୁଛ, ହଁ ଆଲୋକ ଅଛି, ଆଲୋକ ଜଳୁଛି, ହୁଏତ ସତରେ ଆଲୁଅ ମୋଟେ ନାହିଁ ।

ଧନ୍ୟ ତମେ ! ଧନ୍ୟ ତମର ପ୍ରେମ ! ବିଲ୍ୱମଙ୍ଗଳ ବି ଏତେ ଅନ୍ଧ ହୋଇ ନ ଥିଲ; ତୁଳସୀ ଦାସ ବି ଏତେ ଅନ୍ଧ ହୋଇ ନ ଥିଲେ । ସେମାନେ ତ ଧାଇଁଥିଲେ ଗୋଟାଏ ଜୀବନ୍ତ ମଣିଷ ପାଇଁ—ଯୁବତୀ ନାରୀ ପାଇଁ, ତମେ ଧାଇଁଛ କାହା ପଛରେ ?? ଛାଇ ? ପାଉଁଶ ? ଅନ୍ଧାର ? **Are you running after a black cat in a dark room which is not there ?**

ତମ ଜୀବନରେ ଆଉ ପୂର୍ଣ୍ଣିମା ଆସିବ ନାହିଁ, ଆଉ ଏ ଅମାବାସ୍ୟା ସରିବ ନାହିଁ, ଏ ରାତି ପାହିବ ନାହିଁ । ମୃତ୍ୟୁ ପର୍ଯ୍ୟନ୍ତ ଖାଲି ଅନ୍ଧାର ଆଉ ଅନ୍ଧାର । ତଥାପି ତମେ ବଂଚିଛ । ଖାଲି ବଂଚିଛ ନୁହେଁ, ତମେ ଏକ ବିରାଟ ବିକ୍ରମଶାଳୀ ଯୋଦ୍ଧା ହୋଇଛ । ଯୁ' ମୂଳରେ କିଏ ମୁଁ ଜାଣେ । ଯୁ'ମୂଳରେ ଯଦି ମୁଁ କହିବି ଖାଲି ଯୋଡ଼ାଏ ଅକ୍ଷର 'ଚନୁ', ତା'ହେଲେ କ'ଣ ଭୁଲ୍ ହେବ ? ରକ୍ତମାଂସର ଦେହ ନୁହେଁ, ହସ ନୁହେଁ, କଥା ନୁହେଁ, ପାଇବାର ଆଶା ନୁହେଁ, ଥରଟିଏ ଦେଖା ସାଗ ଜୀବନରେ ହେବାର ବି ଆଶା ନାହିଁ, ଇଚ୍ଛା ନାହିଁ, ଖାଲି ଦୁଇଟା ଶୁଖିଲା ଅକ୍ଷର—ଗୋଟିଏ ଶବ୍ଦ—'ଚନୁ' ତମକୁ ବଂଚେଇ ଦେଇଛି !! ବଂଚେଇ ଦେଇଛି !! ତମକୁ ପାଗଳ କହିବି ? ନା ଅନ୍ଧ କହିବି ? ନା ନିଷ୍କାମ ପୁରୁଷ କହିବି ? ନା ସତ୍ୟଅନ୍ଧ ଯୋଗୀ କହିବି ?

ମୁଁ ଯେତେଯେତେ ତମ କଥା ଭାବୁଛି, ସେତେସେତେ ଆଶ୍ଚର୍ଯ୍ୟ ହେଉଛି । ତମେ ଦାଣ୍ଡର ଭିକାରୀ, ବୁଲା ଫକୀର । ତମର ଉପରେ

ଟାଣ ଖରା, ତଳେ ସବୁ ବାଲି—ମରୁଭୂଇଁ, ଅଥଚ ତମେ ଆଗକୁ ମାଡ ଗୁଲଛ । ନେପୋଲିୟନଙ୍କ ଭଳି ଚତ୍କାର ଗୁଡଛ—Impossible is a word which is found in the dictionary of fools. ଆଉ ମୁଁ ? ମୋର ସ୍ୱାମୀ ଅଛନ୍ତି, ଶଶୁର ଅଛନ୍ତି, ପ୍ରଚୁର ଧନସମ୍ପତ୍ତି ଅଛି, ସମାଜରେ ପ୍ରତିଷ୍ଠା, ମର୍ଯ୍ୟାଦା, ଗୌରବ ଅଛି । ମୋର ସ୍ୱାମୀ ଅକ୍ସଫୋର୍ଡ଼ର ପି. ଏଚ୍. ଡି. । ମୁଁ ଲଣ୍ଡନରେ ପି. ଏଚ୍. ଡି. କରୁଛି । ଆମେ ବିଳାସ କୋଳରେ, ଅସୂଏ କୋଳରେ ଭାସୁଛୁ, ଅଥଚ ମତେ ନିଦ ହେଉନି, ଭୋକ ହେଉନି, ମୋର ସବୁ ଗୋଲାପ ଫଣ୍ଟା ପାଲଟି ଯାଇଛି; ମୋର ସବୁ ଶିକ୍ଷା ଅଶିକ୍ଷା, କୁଶିକ୍ଷାରେ ପରିଣତ ହେଇଛି । ମୋର ବୁଦ୍ଧି ଖାଲି ବଢ଼ିଛି, ହୃଦୟ ଶୂନ୍ୟ ହେଇଯାଇଛି—ଧୂ ଧୂ ମରୁଭୂଇଁ ହେଇଯାଇଛି । ଉପରେ ଖାଲି ମୁଁ ଦିଶୁଛି ସବୁଜ । ସତେଜ, ସୁନ୍ଦର, ଭିତରେ ମୋର ଟେର. ବହୁଦିନୁ କିଏ କାଟି ଦେଲାଣି; ମୁଁ ହସୁଛି ଖାଲି ଫିକା ହସ, ମୁର୍ଦାର୍‌ର ହସ । ମୋ ଭିତରେ ଜୀବନ କାହିଁ ? ପ୍ରେମ କାହିଁ ? ବର୍ଷାଦିନର ସେ କୂଳଉଚ୍ଛୁଳା ନଈ କାହିଁ ? ସେ ଆଦିବାସୀ ଶବରୀ ଝିଅର ଠୋ ଠୋ ହସ କାହିଁ ? ସେ କେତକୀ ଫୁଲର ଗନ୍ଧ କାହିଁ ? ମୋର କୁଆଡ଼େ ଗଲା ? କିଏ ନେଲା ? କିଏ ଆଜି ମତେ କାଂଗୁଳ କରି ଦେଇଛି ? କାହିଁକି ମୁଁ ଏତେ ସର୍ବସ୍ୱାନ୍ତ, ଚିନ୍ତି ଆଉ ତମେ ଏତେ ଐଶ୍ୱର୍ଯ୍ୟବନ୍ତ, କହିପାରିବ ? କାରଣ ତମ ଭିତରେ ଅଛି ପରିପୂର୍ଣ୍ଣ ପ୍ରେମ ଆଉ ମୋ ଭିତରେ ଅଛି ଚରମ କୃତଘ୍ନତା ! ମୋ ଭଳି ପାପ ଦୁନିଆରେ ଆଉ କିଏ ଅଛି ?

ଆଃ ପ୍ରଦୀପ ! ମୋ ପ୍ରାଣ ! ତମେ ମୋ ପାଇଁ କେତେ କଷ୍ଟ ପାଇଲ ଧନ ? ତମେ ମରିଥିଲେ ବରଂ ଚଳି ଯାଇଥାନ୍ତା । ତମେ ଯେ ଭୀଷ୍ମର ଶରଶଯ୍ୟା ରଚି ରକ୍ତାକ୍ତ କଳେବର ହେଇ ମୃତ୍ୟୁକୁ ଅପେକ୍ଷା କରି ରହିଲ ମୋ'ର ପାଇଁ—ମୋ'ର ପାଇଁ ! ତମେ କହିଥିଲ ମୋର servant ହେବ ବୋଲି । ମୁଁ ଭାବୁଛି ମୁଁ ଯଦି ତମର ପାଖରେ ରହି ତମ ପାଦତଳର ଧୂଳିତକ ଗୁଡିଗୁଡି ସଫା କରି ଦେଇପାରନ୍ତି, ତା'ହେଲେ ହୁଏତ ମୁଁ ଟିକିଏ ଶାନ୍ତି ପାଆନ୍ତି । ବେଳେବେଳେ ମନହେଉଛି ଏ

ଘରଦ୍ୱାର, ସଂସାର, ସମାଜ ସବୁ ଛାଡ଼ି ତମ ପାଖକୁ ପଳେଇଯିବାକୁ, ଏ ବନ୍ଧୁକୁ divorce କରି ତମ ପାଖରେ ଯାଇଁ ତମର ଚରଣଦାସୀ ହେବାକୁ । ପୁଣି ଭାବୁଛି—ନା, ଏତେ ପାପ କଲିଣି, ଆଉ ପାପ କଲେ ଏ ଧରିତ୍ରୀ ସହିବ ନାହିଁ । ତମେ ମୋର କେତେ ପ୍ରିୟ, ତମେ ମୋର ସ୍ୱାମୀଠୁଁ ବଡ଼, ଦେବତାଠୁଁ ବଡ଼, ତୁମକୁ ଅନ୍ୟର ଉଚ୍ଛିଷ୍ଟ ନେଇ ଦେବି ?? ମୁଁ କ'ଣ ତମର ଆଉ ସେ ଆଗ ତନୁ ଅଛି ? ତମ ତନୁ ତ ମରିଛି ।

ତମେ କେଡ଼େ ଅଭିମାନୀ ମ ? ମୋ ଫଟୋ, ମୋ ଚିଠି, ମୋ ବହି ସବୁ ଫେରାଇଦେଲ ? ଛି, ମତେ ଛାଡ଼ି ତମେ କ'ଣ ରହିପାରିବ ? ମତେ ଛାଡ଼ି ତମକୁ କେତେ କଷ୍ଟ ହେଉଥିବ, ତା' ଭଗବାନ ବୋଧେ ବୁଝିପାରିବେ ନାହିଁ, ମୁଁ ବୁଝିପାରିବି । ହେଇ ଫଟୋଟିଏ ପଠାଇଲି— ସେଇ ଜଙ୍ଗଲ କୁଇନ୍ ଫଟୋ—ଯୋଡ଼ି ଫଟୋ ତମେ ନେଇ କରି ଆଣି ଥିଲ ହାଇଦ୍ରାବାଦର ସେ ଦୋକାନରୁ । ଏଥର ଫେରାଇଦେବ ? ଫେରାଇଲ ଦେଖି, କେତେ ସାହସ ଅଛି ତମର ?

ତମେ ରାଗୁଛ ମୁଁ ତମର ସମୟ ନଷ୍ଟ କରୁଛି ବୋଲି ? ନା, ଜାଣେ ମୁଁ, ତମେ ମୋ ଉପରେ ରାଗିବ ନାହିଁ, ରାଗିପାରିବ ନାହିଁ । ମୁଁ ଯଦି ତମ ପାଖରେ ଥାଆନ୍ତି ନା ତମ କାଗଜପତ୍ର, ଫାଇଲ୍ ସବୁ ଫୋପାଡ଼ି ଦିଅନ୍ତି ଦୂରକୁ । ଜବରଦସ୍ତି ଯାଇଁ ତମ କୋଳରେ ବସିପଡ଼ନ୍ତି । ତମକୁ କଫି ପିଆଇ ଦିଅନ୍ତି, ଭାତ ଖୁଆଇ ଦିଅନ୍ତି, ମାଛରୁ କଣ୍ଟା କାଢ଼ି ଖୁଆଇ ଦିଅନ୍ତି, ମାଂସ ନେଇ ତମ ପାଟି ପାଖରେ ଦିଅନ୍ତି । ତମେ କାଲୁ ମାଂସ ଖାଇବାକୁ ମୁହଁ ନୁଆଁଇ ଆଣି ମାଂସ ନ ଖାଇ ଆଙ୍ଗୁର ତଳକୁ ତଳକୁ ନୁଆଁଇ ଆଣନ୍ତ ମୁହଁ, ଆଣି ମୋ ଗାଲ ଉପରେ……ଇସ୍, କମ୍ ଦୁଷ୍ଟ କି ତମେ ! ତମର ଯା' ଅତ୍ୟାଚାର !

ଆଚ୍ଛା, ଆଜି ରହେ । ତମକୁ ଛାଡ଼ିବାକୁ ତ ମୋଟେ ମନ ହେଉ- ନାହିଁ । ଖାଲି ତମେ ହାକିମ, ରାଗିବ । ପୁଣି ମିଲିଟାରୀ ଅଫିସର୍, ଗୁଳି କରିଦେବ, ସେଇଥି ପାଇଁ……

ଆଚ୍ଛା, ନମସ୍କାର । ମୋର ସବୁ ପ୍ରେମ ତମର ପାଇଁ ।

। ଇତି ।

ତମର (ଆଜି କାହାର ନୁହେଁ)

ଚିନୁ

ଖଡ଼ଗପୁର ଷ୍ଟେସନରେ ଯଦି ବସି କିଛି ପ୍ରତିଜ୍ଞା କରିଥାଆନ୍ତି, ସେ ଗୋଟିଏ ପ୍ରତିଜ୍ଞା ଯେ ସେ କେବେ କାନ୍ଦିବେ ନାହିଁ, ଅଥଚ ଆଜି ସାହେବଙ୍କ ଆଖିରୁ ଗୋଟିଏ ବିନ୍ଦୁ ଝରିପଡ଼ିଲା । ଅବଶ୍ୟ ଦୁଃଖରେ ନୁହେଁ, ଆନନ୍ଦରେ ସେ ତାହାହେଲେ ବଞ୍ଚିଛନ୍ତି ! ଚିନୁ ତା'ହେଲେ ବଞ୍ଚିଛି !

ଅଣଚାଳିଶ

ଜାମ୍ମୁର ନିବିଡ଼ ଅରଣ୍ୟ ଭିତରେ ଗୋଟିଏ କ୍ୟାମ୍ପ୍‌ରେ ପୋଷ୍ଟିଂ ହୋଇଛି ଫ୍ଲାଇଂ ଅଫିସର ପଟ୍ଟନାୟକଙ୍କର । ଯୋଗ ଦେବାମାତ୍ରେ ସେ ନିଜର ପ୍ରଭାବ ବିସ୍ତାର କରି ପାରିଛନ୍ତି । ବଡ଼ ଠାରୁ ସାନ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ଅସ୍ତିତ୍ୱ ଅନୁଭବ କଲେଣି ଏଇ ଆଠ ଦିନ ନ ଯାଉଣୁ । ମନୁଷ୍ୟର ସବୁ ଠୁଁ ବଡ଼ ପାପ ହେଲା ଭୟ । ଆଉ ଯିଏ ଭୟକୁ ଜୟ କରି ପାରିଛି ସେ ଦୁନିଆରେ ଅସାଧ୍ୟ ସାଧନ କରିପାରେ । ଆଉ ଏଇ ଭୟଶୂନ୍ୟତା ବେଳେବେଳେ ଆସେ ଗଭୀର ନିରାଶାରୁ । 'ସୂର ଦଉଡ଼ି ଯେ କାଟିସାରିଲାଣି ଆଉ ତାକୁ କିସ ବୋଲି ଡରାଇବ ହେ ।' ପଟ୍ଟନାୟକ ତ ମୃତ୍ୟୁକୁ ବି ଭୟ କରନ୍ତି ନାହିଁ । ତାଙ୍କର ଯୁଦ୍ଧରେ ଯୋଗ ଦେବାର ପ୍ରଧାନ ଲକ୍ଷ୍ୟ ତ ହେଲା ମୃତ୍ୟୁକୁ ଖୋଜିବା—ମୃତ୍ୟୁକୁ ଆଲିଙ୍ଗନ କରିବା, ତେଣୁ ଡର କାହାକୁ ? ଭୟ କାହାକୁ ?

ନୂଆ କାମ ନୂଆ ଜାଗା, ନୂଆ ପରିସ୍ଥିତି; ତଥାପି ତାଙ୍କର ତିଳାର୍ଦ୍ଧେ ଭୟ ନାହିଁ, ଖାତିର ନାହିଁ, ସେମିତି ଅରଣା ମଇଁଷି ଭଳି ମାଡ଼ି ଚାଲିଛନ୍ତି ।

ଅଧସ୍ତନ କର୍ମଚାରୀ, ଅଫିସର ସମସ୍ତେ ତାଙ୍କୁ ଭୟ କଲେଣି, ପ୍ରମାଦ ଗଣିଲେଣି, ଉପରସ୍ଥ ହାକିମ ତାଙ୍କ ନିର୍ଭୀକତା ଓ ବଳିଷ୍ଠ ବ୍ୟକ୍ତିତ୍ୱ ଦେଖି ମନେମନେ ପସନ୍ଦ ବି କଲେଣି । ପନ୍ଦର ଦିନ ଭିତରେ ସେ ଭିତର ବାହାର ଚଉରଆଡ଼େ ଖେଦିଗଲେଣି ବାଘ ଭଳି ।

ଦିନ ରାତି ଚବିଶ ଘଣ୍ଟା ଲକ୍ଷ୍ୟ କାମରେ ବୁଡ଼ିଗଲେ ବି ସେ ଏବେ ବେଳେବେଳେ କାହିଁକି ଶୂନ୍ୟତା ଅନୁଭବ କରୁଛନ୍ତି । ମନେହେଉଛି ଯେମିତି ତାଙ୍କର କେହି ନାହିଁ । କିଛି ନାହିଁ । ସେ ବୁଝୁଛନ୍ତି ଏହା ଦୁର୍ବଳତା ଏବଂ ସେ ପ୍ରତିଜ୍ଞା କରିଛନ୍ତି କୌଣସି ଦୁର୍ବଳତା ମୋ ହୃଦୟରେ କେବେ ସ୍ଥାନ ଦେବେନି । ତଥାପି ସବୁ ଜାଣିଶୁଣି ବି ସେ ବେଳେବେଳେ ଦୁର୍ବଳ ହୋଇ ପଡ଼ୁଛନ୍ତି । ଏବେ ହଠାତ୍ ସେ ଏତେ ଦୁର୍ବଳ ହୋଇ ପଡ଼ିଲେ ଯେ ନୂଆ ସ୍ଥାନରେ ଯୋଗଦେବାର ମାସକ ପରେ ହଠାତ୍ ଅଫିସର୍ ହେଡ୍‌କ୍ଲାର୍କଙ୍କୁ ଡାକି ପଚାରିଲେ—ମୋର କିଛି ପର୍ସନାଲ୍ ଚିଠି ନାହିଁ ? ଏଇ ଧର ଫରେନ୍ ଲେଟର୍ ??– ହେଡ୍‌କ୍ଲାର୍କ୍ ତ ମନା କଲେ । ହେଡ୍‌କ୍ଲାର୍କ ଅବଶ୍ୟ କିଛି ବୁଝିଲେ ନାହିଁ; କିନ୍ତୁ କେଜାଣି କାହିଁକି ସାହେବଙ୍କ ମୁହଁ ଜଳିଗଲା ଲଜ୍ଜାରେ ।

ଆହୁରି ପନ୍ଦର ଦିନ ବିତିଲା । ସେ ଆହୁରି ବ୍ୟତିବ୍ୟସ୍ତ । ବିକଳ ହୋଇ ଉଠିଲେ । ହଠାତ୍ ତାଙ୍କର ମନେ ହେଲା ସେ ଖଣ୍ଡିଏ ଚିଠି ଲେଖି ଅନ୍ତତଃ ଠିକଣାଟା ଜଣାଇଦେବେ । ପୁଣି କ'ଣ ହେଲା, ସେ ବିଛା କାମୁଡ଼ିଲା ଭଳି ଛଟିପିଟି ହୋଇ ଉଠିଲେ ।— ନା, ନା, ନା । ଆଜି ନୁହେଁ, ଆଉ ନୁହେଁ । ଆଉ ସେ ପକେଇଲା ଛେପ ଢୋକିବେ ନାହିଁ । ସେ ଅନ୍ୟର । ତାଙ୍କୁ ନୀରବରେ ଗୋଟିଏ ପ୍ରଣାମ କରିବେ ସିନା, ଆଉ କିଛି ନୁହେଁ, କିଛି ନୁହେଁ ।

ସେହି ଦିନ ସେ ହେଲିକପ୍ଟର୍ ଧରି ଝିପୁରି ଚାଲିଗଲେ ଟୁର୍‌ରେ । ସେଠାରୁ ଗଲେ ପୋର୍ଟବ୍ଲେୟାର୍—ଅଣ୍ଡାମାନ୍ ନିକୋବରର ରାଜଧାନୀ । ସେଠାରେ କେତେ ଜଣ ଜବାନ୍‌ଙ୍କୁ ଲଙ୍ଗ୍ ରେଞ୍ଜ୍ ଆଉ ସର୍ଟ ରେଞ୍ଜ୍ ଫାୟାରିଂ ଶିଖେଇବା ଦରକାର ପଡ଼ୁଥିଲା । ଉଡ଼ାଜାହାଜରେ କେତେଜଣଙ୍କୁ

ଡାଇଭ୍ କରି ଜୋଉ ପ୍ଲେନ୍‌ରୁ ବୋମା ନିକ୍ଷେପ କଲେ ଶତ୍ରୁକୁ ନିଷ୍ଠୁର ଆଘାତ କରିବ, ତା' ମଧ୍ୟ ଶିଖେଇବାକୁ ପଡ଼ିଲା । ପଟ୍ଟନାୟକ ସେଇଠି ମାସେ ରହିଗଲେ । ମାସକ ପରେ ପୁଣି ନିର୍ଲିପ୍ତ, ନିର୍ବିକାର ଚିତ୍ତରେ ଫେରିଆସିଲେ କର୍ମକ୍ଷେତ୍ରକୁ ।

ଅଫିସ୍‌ରେ ପାଦ ଦେଲାମାତ୍ରେ ହେଡ୍‌କ୍ଲାର୍କ ଆଣି ଗୋଟାଏ ଫରେନ୍ ଚିଠି ବଢ଼େଇଦେଲେ । ସାହେବ ଦେଖିଲାମାତ୍ରେ ଗର୍ଜିଉଠିଲେ— What's the fun of your bringing this letter to me ? My orderly could bring it. ହେଡ୍‌କ୍ଲାର୍କ ଟିକିଏ ଥତମତ ହେଲେ । ଭାବିଥିଲେ ସାହେବ ଖୁସି ହେବେ । କିନ୍ତୁ ହଠାତ୍ ଇଏ କ'ଣ ହେଲା ? ସାହେବ ପୁଣି ଚିତ୍କାର ଛାଡ଼ିଲେ--I will dismiss you from service. ପନ୍ଦର୍ ବେର୍ ତୁଆ ଏ ଚିଠି ଆୟୀ । ଆପ୍ ଇସ୍‌କୋ ଆଣ୍ଡାମାନ୍ ଭେଜେ ନହିଁ କାହିଁ ?

ମୈଁ ଶୋଚ୍ଛା ରାସ୍ତାମେ କୋଇ ଗଡ଼ବଡ୍ ହୋ ଯାଏଗା…… …

ତୋ' କ୍ୟା ହୋଗା ? କୋଇ ମର୍ ଯାଏଗା ? ମିଲିଟାରୀମେ ହଜାର ହଜାର ଆଦମ୍ ହରବଖତ୍ ମର୍‌ତେହେଁ, ଚିଠି କେ ଲିୟେ କୋନ୍ ଶୋଚତା ? ଔର୍ ୟେ ତୋ' ମାମୁଲି ଚିଠି ହୈ, ଘରେଇ ଚିଠି ହି, କୋଇ ପ୍ରାଇମ୍‌ମିନିଷ୍ଟର୍‌କା ଅର୍ଡ଼ର ହୈ ?

ହେଡ୍‌କ୍ଲାର୍କ୍ କିଛି ଉତ୍ତର ଦେଲେ ନାହିଁ । ତଳକୁ ମୁହଁ ପୋତି ଠିଆ ହୋଇରହିଲେ ।

ସାହେବ ପୁଣି କହିଲେ—କାହାଁ ଅଫିସ୍‌କା କାଗଜପତ୍ର କୁଛ୍ ଦେଖ୍‌ତା ନହିଁ କ୍ୟା ଜରୁରୀ ଚିଠି, ଡାକ୍, ଟେଲିଗ୍ରାମ୍, କୁଛ୍ ନହିଁ ?

ସବ୍ ହି । ମେ ଶୋଚ୍ଛା ଆପ୍ ଚିଠି ପଢ଼୍‌ନେକା ବାଦ୍ ସବ୍ ଲେଆଉଁ ।

You block headed fellow, what do you think of me ? My duty is first, let every thing else go to dogs.

କାନ୍ତାରେ ବାଘ ଯେମିତି ଘାଉଁ ଘାଉଁ କରି ଉଠେ ସାହେବ୍ ସେମିତି ଗର୍ଜନ୍ କରି ଉଠିଲେ । ଦୁଲ୍ ଦୁଲ୍ କରି ଟେବଲ ବାଡ଼େଇଲେ । ଅଫିସ ଥରହର ହୋଇ କଂପି ଉଠିଲା । ସବୁ କାଗଜ, ଫାଇଲପତ୍ର ଆସି ଜମା ହେଲା, ସାହେବ ଷ୍ଟେନୋକୁ ଡିକ୍ଟେସନ୍ ଉପରେ ଡିକ୍ଟେସନ୍ ଦେଲେ । ଫୋନ୍ କଲେ । ଚିଠି ଦସ୍ତଖତ କଲେ । ଟେବଲ ଦୁଇ ପାଖରେ ଗୃଳଗଠା ଭଳି ଫାଇଲ୍ । ସାହେବ କାମରେ ବୁଡ଼ିଗଲେ । କଫି କପ୍‌ରେ ମୁହଁ ଲଗେଇବାକୁ ବି ବେଳ ନାହିଁ । ଦିନ ଏଗାରଟାରୁ ରାତି ଆଠ ହେଲା ।

ବସାକୁ ଆସି ଆଗ ବାଥ୍‌ରୁମ୍‌ରେ ପଶିଲେ । ଗାଧୁଆ ପାଧୁଆ କରି ଖାନା ଖାଇଲେ, ଟିକିଏ ମଦ ପିଇଲେ । ସିଗାରେଟ୍‌ରେ ନିଆଁ ଧରେଇଲେ, ତା'ପରେ ଶୋଇବାଘରର ସବୁ କବାଟ ବନ୍ଦ କରି ଖଟ ଉପରେ ଗଡ଼ିପଡ଼ିଲେ । କୋଟ ପକେଟରୁ ଚିଠି ଆଣି ଚିଠିର ଲଫାଫା ଚିରିଲେ —

ଲଣ୍ଡନ
ତା—

ହେ ଫାଲ୍‌ଗୁନ୍,

ତମେ କେଉଁ ଦେଶରେ ରହିଛ ଯେ ? ସେ ଦେଶରେ କି ଜହ୍ନ ଉଏଁ ନାହିଁ ? ମଳୟ ବହେ ନାହିଁ ? କୋକିଳ ଗାଏ ନାହିଁ ? ବଣଜୁଆଳିର ମହକ ଚଉଦିଗ ଅତରାଇ ଦିଏ ନାହିଁ ?

"ସେ ଦେଶେ କି ଷଡ଼ ଋତୁ ଏ ନାହାଁନ୍ତି
ନାହାଁନ୍ତି କି ରସ ଗାୟକ ?
ଚନ୍ଦ୍ର, କୋକିଳ, ଭେକ, କେକୀ, ରସାଳ,
ଜୀମୂତ ଗର୍ଜନ, ଚାତକ।
ବନ୍ଧୁହେ ! ନୟନେ କି ଦେଖି ନ ଶୁଣି ?
ସେ ଦେଶେ କି ଫୁଲଧନୁ ଧରି
କାମଦେବ ନ କରଇ ଭ୍ରମଣି ?"

ସେ ଦେଶରେ ଯେତେବେଳେ ଝଡ଼ ଆସେ, ବର୍ଷା ହୁଏ, ବିଜୁଳି ଚମକେ, ବଜ୍ର ଛୁଟେ, ସେତେବେଳେ ତମକୁ ଡର ମାଡ଼େ ନାହିଁ ? କାହା କଥା ମନେ ପଡ଼େ ନାହିଁ ? କାହା ପାଇଁ ପ୍ରାଣ କାନ୍ଦି ଉଠେ, ନାହିଁ ? ଯେତେବେଳେ ଉଜ୍ଜ୍ୱଳ ଚନ୍ଦ୍ର ଆଲୋକ ଫାଟିପଡ଼େ ଆକାଶରେ, ଶିରଶିର ହୋଇ ମଳୟ ବହେ, ଦୋଳ ଘଣ୍ଟ ବାଜେ, ନଡ଼ିଆ ଗଛର ଗହଳ ବାହୁଙ୍ଗା ଭିତରୁ ଉପରକୁ ଉପରକୁ ଉଠି ଉଠି ଆସେ ଚନ୍ଦ୍ର, ସେତେବେଳେ ତମେ ଆନମନା ହୋଇଉଠ ନା ? ତମ ମନ ଅସ୍ଥିର, ବିକଳ ହୋଇଉଠେ ନାହିଁ କାହା ପାଇଁ ? ଯେତେବେଳେ ତମେ ଉଡ଼ାଜାହାଜରେ ଉଡ଼ ଉଡ଼ ଯାଉଥାଅ ମେଘ କୋଳରେ, ଉଷ୍ଣ ଲୁଳା ଭଳି ମେଘ ଯେତେବେଳେ ଆସି ତମ ଜାହାଜରେ ପଶି ବଳେଇ ଭଳି ତମ ଦେହରେ ଘଷି ହେଉଥାଏ, ତମକୁ ବୁଡ଼େଇ ଦିଏ ଜଳ କଣିକାରେ, ସେତେବେଳେ ତମ ଦେହ ଶୀତେଇ ଉଠେନା ? ତମ ଦେହରେ ରୋମାଂଚ ଖେଳି ଯାଏ ନାହିଁ ? ନିବିଡ଼ ଜଙ୍ଗଲ ଭିତରେ ବୁଲୁ ବୁଲୁ ତମର ମନେ ପଡ଼େନ କେବେ ପଂଚବଟୀର କଥା ? ପଂଚବଟୀରେ ରାମଚନ୍ଦ୍ର ଗୋଟିଏ ମଢ଼ିଆ ଗଢ଼ିଥିଲେ । ଆଉ ସେଇ ମଢ଼ିଆରେ ଥିଲେ ରାମ ଆଉ ସୀତା । ତମର ସୀତା କଥା ଆଉ କେବେ ମନେ ପଡ଼େନି ? ସୀତା ତ ମରି ନାହିଁ । ସୀତାକୁ ରାବଣ ଧରି ଆଣି ଅଶୋକ ବନରେ ବନ୍ଦୀ କରିଛି, ତମେ କ'ଣ ରାବଣ ସହିତ ଯୁଦ୍ଧ କରି ସୀତାକୁ ଉଦ୍ଧାର କରିବ ନାହିଁ ?

ଆଚ୍ଛା କହିଲ ମାଡ୍ରାସରେ, ବମ୍ବେରେ, ଦିଲ୍ଲୀରେ ବଡ଼ ବଡ଼ ନଗରରେ ବୁଲିବାବେଳେ ତମେ କେବେ ଭୁଲରେ ପଶିଯାଅ ନାହିଁ ଫୁଲର ହାଟ ଭିତରକୁ ? ଆଉ ଫୁଲର ହାଟରେ ହଠାତ୍ ଗୋଲାପ ଫୁଲ ଉପରେ ଆଖି ପଡ଼ିଗଲେ ତମ ଛାତିରେ କ'ଣ ଗୋଟାଏ ଚକ୍‌କନା ଲାଗେନି ? ମନହୁଏନି ବୋଧେ ଗୋଲାପ ଫୁଲ ହେଲିକପ୍ଟରରେ ରଖି ଉଡ଼ି ଉଡ଼ି ଆସି ଲଣ୍ଡନ ସହରରେ ଓହ୍ଲେଇପଡ଼ିବାକୁ ? ଗେହ୍ଲେଇ ହୋଇ ଆସି ଖୋସିଦେବାକୁ ଶିମ୍ଫୁର କୋମଳ, ମସୃଣ ଗଣ୍ଡରେ ? ତମେ ତ ବୋଧେ ଆଉ କେବେ ହାଇଦ୍ରାବାଦ ଯାଇ ନ ଥିବ, କଲିକତା ଯାଇ ନ ଥିବ, ଓଡ଼ିଶା ଯାଇ ନ ଥିବ, ଚେନାବ୍ ନଦୀ କୂଳକୁ ଯାଇ ନ ଥିବ ।

ଏ ସବୁ ଜାଗାରେ ଭୂତ ଅଛି, ନା ? ଲୁଚିଲୁଚି ଛପିଛପି ଅନ୍ଧାର କୋଳରେ ହାମୁଡ଼ି ପଡ଼ିଛି ତମୁର ଭୂତ, ନାଇଁ ? ବୁଝି ହୁସିଆର ! କେବେ ଯିବ ନାହିଁ । ତମେ କ'ଣ ତମ ବନ୍ଧୁକରେ ସେ ଭୂତକୁ ମାରିପାରିବ ?

ଆଚ୍ଛା ପ୍ରତାପ, ସତ କହିଲ, ସକାଳେ ସୂର୍ଯ୍ୟ ଉଦୟ ହେଲେ ତମର ତମୁ କଥା ମନେପଡ଼ୁନ ? ସକାଳର ଗଙ୍ଗାଶିଉଳି ଫୁଲ ଦେଖିଲେ ତମର ମନ ହୁଏ ନାହିଁ ଅଂଜୁଳାଏ ଫୁଲ ଆଣି ତମୁକୁ ଉପହାର ଦେବାକୁ ? ଦିନରେ ଦଶଟା ଏଗାରଟା ବାଜିଲେ, ଡାକ ଆସିବା ବେଳ ହେଲେ ତମ ଅନ୍ତରର ଗମ୍ଭୀରତମ ପ୍ରଦେଶରେ ଗୋଟିଏ ଭାବନା ଆସେ ନାଇଁ—ତମୁର ଚିଠି ଥିବ କି ? ଆଉ ଚିଠି ନ ଥିଲେ ତମର ମନର କପୋଟ ଗୁମୁରି ଗୁମୁରି କାନ୍ଦି ଉଠେନି ? ଦି'ଟା ବେଳେ ଖାନା ଟେବୁଲରେ ବସି ଖାଇଲାବେଳେ ତମର ବେଳେବେଳେ ମନ ହୁଏନି ସେ ବିରିଆନି, ସେ ମାଂସ, ସେ ଅଣ୍ଡା ଚୋପ୍, ସେ ଥାଳି, ଗ୍ଲାସ, ଟିପଯ୍ ସବୁ ଉଠେଇ ସେ ମୁସଲମାନ ବାବୁର୍ଚ୍ଚିର ମୁହଁରେ ମୁହଁରେ ଫିଙ୍ଗିବାକୁ ?—ତା' ନାକଦଣ୍ଡା ଉପରେ ଛେଚି ଦେବାକୁ ? ମନେ ହୁଏନି ଏଇଠି ଯଦି ତମୁ ଥାଆନ୍ତା, ତମ ଆଗରେ ବସି ହସିହସି ଖାଉଥାଆନ୍ତା, ତମକୁ କମଳା ଛଡ଼େଇ ଛଡ଼େଇ ଦେଉଥାନ୍ତା, ସୁଡ଼ଂ କାଟି କାଟି ଦେଉଥାଆନ୍ତା, ଗୋଟିଏ ଗ୍ଲାସ କ୍ଷୀରରୁ ତମକୁ ଢୋକେ ଢୋକେ ଦେଉଥାନ୍ତା, ନିଜେ ଢୋକେ ଢୋକେ ପିଉଥାଆନ୍ତା,·· ମନ ହୁଏନି ? ମନ ହୁଏନି ??

···ପାଞ୍ଚଟା ବାଜିଲେ, ବନ୍ଧୁମାନଙ୍କ ମେଳରେ କୋଉଠି ରେଷ୍ଟୁରାଣ୍ଟରେ ବସିଲେ, କ୍ଲବକୁ ଗଲେ, କାହାର ତରୁଣୀ ପତ୍ନୀକି ଦେଖି ତମ ଭିତରେ କଳା ଅନ୍ଧାର ଉଇଁ ଆସେ ନାହିଁ ? ମନେପଡ଼େ ନାଇଁ ସେଇ ସୁଦୂର ଅଶାନ୍ତ, ସେଇ ରେନାବ୍ ନଦୀକୂଳ, ଆଉ ତମ କୋଳରେ ତମୁ ? ···ରାତିରେ ଶୋଇଲାବେଳେ ଯେତେବେଳେ ନିଶା ହାଇଁସାଇଁ ଗର୍ଜେ, ରାତି ହୁଏ ଗଭୀରରୁ ଗଭୀରତର, ସେତେବେଳେ ସବୁ ବନ୍ଧୁକ, ରିଭଲଭର, ବାଇଓନେଟ୍ ତଳେ ଥୋଇଦେଇ ଯୋଦ୍ଧାର ସାଜ ଫିଙ୍ଗି, ତମେ ଗୋଟିଏ ଶ୍ରେଷ୍ଠ ନବଜାତ ଶିଶୁଟି ଭଳି ବିଛଣାରେ ଛଟପଟ କରି

କାହିଁ ହୋଇ କାନ୍ଦୁଅଛନ୍ତି ? ଭିତରୁ କବାଟ କିଳି ମୋର ସବୁ ଚିଠି, ସବୁ ଫଟୋ, ସବୁ ସ୍ମୃତି, ସବୁ ଅତୀତକୁ ଆଖି ଆଗରେ ରଖି, ମୋ ଫଟୋକୁ ଘନଘନ ଚୁମା ଦେଇ, ଆଲିଙ୍ଗନ କରି, ଛାତି ଉପରେ ରଖି ତମେ କାନ୍ଦିକାନ୍ଦି ମୂର୍ଚ୍ଛା ହୋଇ ଯାଅନ୍ତି ? କୁହ, କୁହ ପ୍ରଦୀପ୍ତ, ସତ କୁହ, ସେ ମୋର ସମର ଇନ୍‌ଷ୍ଟିଚ୍ୟୁଟର ସାଥି, କୁହ ଥରେ, ତମେ କ'ଣ ଏବେ ବି ସେଇ ପ୍ରେମପାଗଳ, ନୟନହରଙ୍କ ନାକକାନ୍ଦୁରା ପ୍ରଦୀପ୍ତ ନୁହଁ ? ହାଇଦ୍ରାବାଦରେ ଥରେ ମୁଁ ଗୋଟିଏ ପିଙ୍କ୍ କଲର ଶାଢ଼ୀ ପିନ୍ଧିଥିଲି । ତମେ ମତେ ଡାକିଲ ପିଙ୍କ୍, ତା'ପରେ ଡାକିଲ ପିଙ୍କିନ୍ ! କହ ଥରେ, ତମେ ପିଙ୍କିନ୍‌କୁ ଭୁଲି ପାରିଛ ?

ଏତେ ବଡ଼ ବାଘ ଚେହେରା କରି, ଏତେ ଏତେ ନିଶ ରଖି ତମେ ଯଦି ଭିତରେ ଏତେ ଟିକିଏ ମେଣ୍ଢାଛୁଆ, ତେବେ ଅନ୍ୟ ପାଖରେ ଯାହା ହେଉ, ମୋ ପାଖରୁ ନିଜକୁ ଲୁଚେଇ ଲୁଚେଇ ଏତେ କଷ୍ଟ ପାଉଛ କାହିଁ ? ମୁଁ କଣ ଖାଲି ତମର ପ୍ରେମିକା । ମୁଁ ପରା ତମର ମା', ତମର ଭଉଣୀ, ତମର ଝିଅ, ତମର ପ୍ରେରଣାଦାୟିନୀ ଆଦ୍ୟଶକ୍ତି । ମୋ ପାଖରେ କିଛି ଲୁଚିଛି ? ଅନ୍ତତଃ ମତେ ଧାଡ଼ିଏ ଚିଠି ଲେଖିଲେ ତ ତମ ମନର ଭାର କେତେ ଉଶ୍ୱାସ ହୁଅନ୍ତା ! ମତେ ଗାଳି ଦେଇ ଚିଠି ଲେଖୁନା ? ଅଭିଶାପ ଦେଇ ଚିଠି ଲେଖୁନା ? ଆଗ୍ନେୟଗିରିର କିଛି ତରଳ ଲାଭା ବାହାରିଯିବା ଉଚିତ । ତା' ନହେଲେ କି ପ୍ରଚଣ୍ଡ ବିସ୍ଫୋରଣ ହୋଇ ଆଗ୍ନେୟଗିରି ସାରା ଦେଶକୁ ଧ୍ୱଂସ କରିଦେବ କଳ୍ପନା କରୁଛ ?

ତମ ପାଇଁ ନ ହେଉ, ମୋ ପାଇଁ ତମେ ଅନ୍ତତଃ ବଂଚିବା ଉଚିତ । ଏବେ ତ ସ୍ପଷ୍ଟ ବୁଝୁଥିବ, ମୋର ଦୁଇଟି ମଣିଷ—ଗୋଟିଏ ଦେହର ମଣିଷ, ଗୋଟିଏ ମନର ମଣିଷ । ତମର ସ୍ଥାନ କ'ଣ ବିନାୟକ କେବେ କେମିତି ପୂରଣ କରିପାରିବ ? ତମକୁ ଛାଡ଼ି ମୁଁ କ'ଣ ଦିନେ ବଞ୍ଚିପାରିବି ? ଅବଶ୍ୟ ମୋ ମୁହଁରେ ଏହା ଶୋଭା ପାଏନି, କାରଣ ମୁଁ ବଡ଼ ବେଇମାନ୍, କୃତଘ୍ନ, ମୁଁ ତମପ୍ରତି ଚରମ ବିଶ୍ୱାସଘାତକତା କରିଛି, କିନ୍ତୁ ତମେତ ସାଧାରଣ ମଣିଷ ନୁହଁ, ଦେବତାର ସ୍ତରକୁ ଉଠିଲଣି । କୁହ ଦେଖି

କୃତଘ୍ନ ହେଲି ବୋଲି ମୁଁ କ'ଣ ମଣିଷ ନୁହେଁ ? ମୋର କଣ ହୃଦୟ ନାହିଁ ? ସେଥିରେ କ'ଣ ଆଘାତ ଲାଗେନା ? ମୋ ହୃଦୟ କ'ଣ ହୁହୁ ହୋଇ ପୋଡ଼େନା ? ମୋର କ'ଣ ଜୀବନର ସ୍ୱାଦ ଚାଖିବାକୁ ଇଚ୍ଛା ହୁଏନା ? ମୁଁ କ'ଣ ବିଧବା ନାରୀ ଭଳି ସର୍ବହରା ହୋଇ, ଅନ୍ଧ ହୋଇ, ଗଭୀର ନିଶୀଥରେ ଡ଼ୁ ଡ଼ୁ ମଥା ପିଟେନା ମୋର ପ୍ରିୟ ପାଇଁ—ପ୍ରିୟ ପାଇଁ ?

ତେଣୁ ମୁଁ ଯଦି ଦାନ୍ତରେ ତୃଣ ଧରି, ଗଳବସ୍ତ୍ର ହୋଇ ତମକୁ ଗୋଟିଏ ଭିକ୍ଷା ମାଗିବି, ତମେ ଦେବ ନାହିଁ ? ତମକୁ ଚିଠି ଲେଖିବାକୁ ମୁଁ କହୁନି । ତମେ ମରିବାର ଅଧ ଘଣ୍ଟା ପରେ ବି ତମ ଅଙ୍ଗ ପ୍ରତ୍ୟଙ୍ଗରେ ଯଦି କେଉଁଠି ସାମାନ୍ୟ ଟିକିଏ ଜୀବନ ଥାଏ ଏବଂ ତା' ଛଟପଟ ହେଉଥାଏ ତା' ପାଖରେ ଯାଇଁ କାନପାତିଲେ ଶୁଣାଯିବ 'ଚନୁ' 'ଚନୁ' ତେଣୁ ସେ କଥା ମୁଁ କହୁ ନାହିଁ ? ମୁଁ ଖାଲି ଏତିକି କହିବି ତମ ନିଜ ଦେହର ଟିକିଏ ଯତ୍ନ ନେବ, ମନର ଟିକିଏ ଯତ୍ନ ନେବ, ତମେ ଯେ ମୋ ଜୀବନର ଜୀବନ, ଏ କଥା ଭୁଲିବ ନାହିଁ । ମତେ ଯଦି ସାମାନ୍ୟ ଟିକିଏ ଭଲପାଅ, ମୋ ମୁଣ୍ଡ ଖାଅ, ନିଜର ଅଣଦେଖା କରିବ ନାହିଁ, ଜୀବନ ପ୍ରତି ଏତେ ବିତୃଷ୍ଣା ଆଣିବ ନାହିଁ, ତମେ କୋଉଠି କେତେବେଳେ କାହାର ମଙ୍ଗଳ କରୁଛ ତମେ କ'ଣ ଜାଣିପାରିବ ଏତିକି ବୁଝୁନା ତମେ ସେଦିନ ଖଡ଼୍ଗପୁରେ ରେଲ୍‌ଲାଇନ୍‌କୁ ଡେଇଁପଡ଼ିଥିଲେ ମୁଁ ତ ଆଜି ଆଜି ଏଇ ସୁନ୍ଦର ସୂର୍ଯ୍ୟାଲୋକ ଦେଖୁ ନ ଥା'ନ୍ତି । ତେଣୁ ନିଜ ପାଇଁ ନ ହେଲେ ବି ମତେ ବଞ୍ଚେଇବା ପାଇଁ ହେଲେ ତମେ ଟିକିଏ ବଞ୍ଚ । ଭଲ ଖାଅ । ସବୁ ଚିନ୍ତା ମୋ ମୁଣ୍ଡକୁ ଦେଇଦିଅ । ଏ ସଂସାରରେ ତମ ପାଇଁ ଲୁହ ଢାଳିବାକୁ ଅନ୍ତତଃ ଜଣେ ଲୋକ ତ ଅଛି, ଏତିକି କ'ଣ ବିଶ୍ୱାସ କରୁନା ?

..... ଆଉ ଟିକିଏ ସହଜ, ସରଳ, କୋମଳ ଜୀବନ ଯାପନ କର । ସବୁବେଳେ ଏତେ ରାଗ, ତମ କାହିଁକି ? ଥରେ ଓଡ଼ିଶା ଯାଅ, ବାପା ବୋଉଙ୍କୁ ଦେଖା କର । ମୋ ଉପରେ ଯିନା ଅଭିମାନ, ସେମାନେ ତମର କ'ଣ କଲେ ଯେ ? ଖାଲି ମାସକୁମାସ କିଛି ଟଙ୍କା ପଠେଇଦେଲେ ହେଲା ?

ହଉ, ଆଜି ରବିହ । ରାତି ଦୁ'ଟା ହେଲାଣି । ନେହାଇ ତମ ଫ୍ଲାଇଙ୍ଗ୍ ଅଫିସର ଫଟୋ ମୋ ଟେବଲ ଉପରେ ଲଫାଫାରେ ଅଛି, ମୋର ଫଟୋ ଗୋଟିଏ ତମେ ହାଇଦ୍ରାବାଦର ଫଟୋ ଦୋକାନରୁ ନେଇଯାଇଥିଲ ବୋଲି ଭରି ବାହାଦୁରୀ ଦେଖାଉଥିଲ । କହ ଦେଖି, ଏତେ ଦୂରରେ ଥାଇଁ ମୁଁ ତମ ଫଟୋ କେମିତି ପାଇଲି ? ତମ ପ୍ରମୋସନ କଥା କେମିତି ଜାଣିଲି ? ତମ ପ୍ରମୋସନ ପାଇଁ ତମକୁ କ'ଣ ଉପହାର ଦେବି ? ଆଉ ଦୁ'ଟା ଅଧିକ ଚୁମା ?

ହଉ, ରାତି ପାହାନ୍ତା ହେଲାଣି । ଏଇ ପାହାନ୍ତାରେ ସେଦିନ ତମ ସାଙ୍ଗରେ ମିଳନ୍ ହୋଇଥିଲା । ଆଜି ଯାଏଁ ? ଆରେ, ଛାଡ଼ ମତେ, ଛାଡ଼ । ଇସ୍, ଭାଉଜ ଜାଣିବ । ଲାଜରେ ମୁଁ ମୁଣ୍ଡ ଟେକି ପାରିବି ନାହିଁ ? ଛାଡ଼ିବ ନାହିଁ ? ବେଶ୍, ତା'ହେଲେ ମୁଁ ଚିତ୍କାର କରିବି……..ବେଶ୍, ସୁନା ପୁଅ, ଥାଅ । ଟା-ଟା, ନମସ୍କାର, ଗୁଡ୍‌ନାଇଟ୍ ।

ତମର

ମଣିପୁରର ରାଜକେମା,
ଗୋଟିଏ ପୁଅର ଜନନୀ
ଚିତ୍ରାଙ୍ଗଦା ।

ରାତି ବୋଧେ ଏଗାରଟା ହେବ । ସାହେବ ବିଛଣାରୁ ଉଠିଲେ । ଗ୍ଲାସେ ଥଣ୍ଡା ପାଣି ପିଇଲେ । କବାଟ ଖୋଲି ବବୁର୍ଚ୍ଚିକି ଚିତ୍କାର ଛାଡ଼ିଲେ । ଏତେ ରାତିରେ ସାହେବ କାହିଁକି ଡାକୁଛନ୍ତି ବୋଲି ସେ ଛନିଆ ହୋଇ ଧାଇଁଲା । ସାହେବ ମୁଲାଏମ୍ କଣ୍ଠରେ କହିଲେ— ତୁମ୍ ଘର୍ ଯାନେକୋ ବୋଲ୍‌ତେଥେ ନା ? ଏଇ, ବିଶ୍ ରୁପିୟା ଲେ ଲୋ । କାଲ୍ ଫଜର୍‌ସେ ଘର୍ ଚଲେଯାଓ । ଆଠ ରୋଜ୍‌କା ବାଦ୍ ଆଓ । ଅଡ଼ରଲି ଖାନା ପକାଦେଗା ।

ବବୁର୍ଚ୍ଚି ଆଶ୍ଚର୍ଯ୍ୟ ହୋଇ ସାହେବଙ୍କ ମୁହଁକୁ ଚାହିଁଲା ।

ତିରିଶ

ପାକିସ୍ତାନ ସହିତ ଯୁଦ୍ଧ ଆରମ୍ଭ ହୋଇଯାଇଛି । ରକ୍ତାକ୍ତ ସଂଗ୍ରାମ । ସୁଭାଷ ବୋଷ କହିଥିଲେ ନା—'ମତେ ରକ୍ତ ଦିଅ, ମୁଁ ତମକୁ ସ୍ୱାଧୀନତା ଦେବି ।' ସ୍ୱାଧୀନତା ଆଣିବା ପାଇଁ ଆଉ ସ୍ୱାଧୀନତା ରକ୍ଷା କରିବା ପାଇଁ ସତରେ ସବୁବେଳେ ରକ୍ତହିଁ ଆବଶ୍ୟକ । ଯେଉଁ ଜାତି ଅକାତରରେ ରକ୍ତ ଦେବାକୁ ଭୟ କରେ, ସେ ସ୍ୱାଧୀନତାର ସ୍ୱାଦ କେବେହେଁ ଚାଖି ନାହିଁ ।

ପଟ୍ଟନାୟକ ଏଥିପାଇଁ ଅନେକ ଦିନରୁ ତ ପ୍ରସ୍ତୁତ ଥିଲେ, ଏବେ ଜୀବନକୁ ପାଣି ଛଡ଼ାଇ ମୃତ୍ୟୁପୁର ଲମ୍ଫ ଦେଲେଣି କାମରେ । ପ୍ରେମ ବଡ଼, କିନ୍ତୁ ପ୍ରେମ ଅପେକ୍ଷା କର୍ତ୍ତବ୍ୟ ଆହୁରି ବଡ଼ । ଆଉ ଯୁଦ୍ଧ ? ତା' ତ କେବଳ ଧର୍ମାତ୍ମାମାନେ କରିଆନ୍ତି । 'ଧର୍ମକ୍ଷେତ୍ରେ, କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବ ।' ସେ ଧର୍ମକ୍ଷେତ୍ର, ପାପକ୍ଷେତ୍ର ନୁହେଁ । ବନ୍ଦେ ମାତରଂ ଗାଇ ପୋଲିସ୍‌ର ଲାଠି ପ୍ରହାର ଖାଆନ୍ତି ମହାତ୍ମାଗାନ୍ଧୀ, ଲାଲ ଲଜପତ, ଭଗତ ସିଂ, ଉଦାମ ସିଂ—କେବେ ନାଥୁରାମ ଗଡ୍‌ସେ ନୁହେଁ, ଚରଣ ପଟ୍ଟନାୟକ ନୁହେଁ । ତେଣୁ ଧର୍ମ ହିଁ କର୍ମ । କର୍ତ୍ତବ୍ୟ ସମ୍ପାଦନ ହିଁ ଅସଲ ପ୍ରେମ ।

ତେଣୁ କର୍ତ୍ତବ୍ୟରେ ଯୋଉଠି ଅବହେଳା, ସେଠି ପ୍ରେମ ବୃଥା, ଜୀବନ ହିଁ ବୃଥା, ସେଠି ଜୀବନକୁ ହତ୍ୟା କରାଯାଏ, ସେଠି ମଣିଷ ମୃତ୍ୟୁ ହୋଇଯାଏ । ଆଉ ଯୁଦ୍ଧରେ ପଳାୟନ ? ମହାଭାରତ ଯୁଦ୍ଧରେ, ଟ୍ରୟ ଯୁଦ୍ଧରେ, ଫରାସୀ ବିପ୍ଳବରେ ଯୋଉମାନେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଇ ଯାଇ-ଥିଲେ, ସେମାନେ ବଞ୍ଚିଛନ୍ତି ? ଆଉ ସମସ୍ତେ ଯଦି ମରିବେ, ତା' ହେଲେ ଗୌରବର ସହିତ ବିଜୟର ଟୀକା ଲଲାଟରେ ଦେଇ ନ ମରିବା କାହିଁକି ? ହୁଏତ ଆମକୁ କେହି ଜାଣିବେ ନାହିଁ, ଆମ ନାଁ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ନାହିଁ । ନ ରହୁ । କିନ୍ତୁ ମୋ'ର ଆଖି ଆଗରେ ମୋର ରକ୍ତମାଂସର ଜନ୍ମିତ ମାଆକୁ ଜଣେ ଟାଣି ନେଇ ତା' ଉପରେ ପାଶବିକ ଅତ୍ୟାଚାର କରିବ, ମୁଁ ସହିବି ? ଖାଲି ଇତିହାସରେ ମୋ

ନାଁ ଲେଖାଯିବ ନାହିଁ ବୋଲି ମୁଁ କବାଟ ବନ୍ଦ କରି ଘର ଭିତରେ ଯାଇଁ ଲୁଚିଯିବି ? ତା' ଯଦି ମୁଁ କରେ, ତା'ହେଲେ ମୁଁ ମଣିଷ ନା ଗୋଟାଏ ବେଶ୍ୟା ନା ଗୋଟାଏ କୁକ୍କୁର ? ?

ପଟ୍ଟନାୟକ ପ୍ରସ୍ତୁତ । ସେ କୌଣସି ସମୟରେ ଆଦେଶ ଆସିଲେ ସେ ସମ୍ମୁଖ ସମରକୁ ଲମ୍ଫ ଦେବାକୁ ଗୋଡ଼ ଟେକି ବସିଛନ୍ତି । ସେ ଖାଲି ଭାବୁଥିଲେ ସେ ଯିବା ଆଗରୁ ଖଣ୍ଡିଏ ଚିଠି ପାଆନ୍ତେକି ଝନୁ ଠାରୁ ।

ଆଠ ଦିନ ଯାଇ ନାହିଁ ଚିଠି ଆସିଲା—ଝନୁ ପାଖରୁ ନୁହେଁ, ତା' ୱିଙ୍ଗ୍ କମାଣ୍ଡର ସର୍ଦ୍ଦାର୍ କର୍ତ୍ତାର ସିଂଙ୍କ ପାଖରୁ । ଚିଠିଟି ଇଂରେଜୀରେ । ତା' ଓଡ଼ିଆ ଏହିପରି—

ମୋ ପୁଅ,

ତମର ନିର୍ଭୀକତା ଓ ଦୁର୍ଦ୍ଦମନୀୟ ସାହସ ଦେଖି ମୁଁ ମୁଗ୍ଧ । ଓଡ଼ିଆଙ୍କ ଭିତରେ ଏତେ ସାହସୀ ଅଛନ୍ତି ମୁଁ ଜାଣି ନ ଥିଲି । କିନ୍ତୁ ବାବୁ, ମୁଁ ଓଡ଼ିଶା ଇତିହାସ ପଢ଼ିଛି । ଓଡ଼ିଆ ଏକ ଲଢ଼ୁଆ ଜାତି । ଯଦିଓ ଉପରେ ଖାଲି ପାଉଁଶ ଦେଖାଯାଉଛି, ଟିକିଏ ଉଖାରି ଦେଲେ ଭିତରେ ନିଆଁ ଅଛି, ମୁଁ ଜାଣେ । ଏଇତ ବଡ଼ ପ୍ରବଳ ପରାକ୍ରମୀ ବ୍ରିଟିଶ ଶାସନ ଓଡ଼ିଶାକୁ କାବୁ କରି ପାରି ନ ଥିଲା ୧୮୦୩ ଯାଏ । ଭାରତର ସବୁ ପ୍ରଦେଶ ଯିବା ପରେ ସବାଶେଷରେ ଯାଇ ଓଡ଼ିଶା ବ୍ରିଟିଶ ଶାସନାଧୀନ ହେଲା । ତା' ପୁଣି ବହୁ ରକ୍ତାକ୍ତ ସଂଘର୍ଷ ପରେ । ତମ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ଖୋର୍ଦ୍ଧାର ଦଳବେହେରା, ଆନ୍ଧ୍ରର ବହୁ ପାଇକସର୍ଦ୍ଦାର, ସୁଝାର ସିଂ, ଉତ୍ତରକବାଟ, ବାହୁବଳେନ୍ଦ୍ରଙ୍କ ନାଁ ଶୁଣିଛି । ସେମାନେ କେମିତି ଭୟଙ୍କର ଯୁଦ୍ଧ କରି ବ୍ରିଟିଶ୍ ସୈନ୍ୟଙ୍କୁ ଅସ୍ତବ୍ୟସ୍ତ କରି ପକେଇଥିଲେ, କି ଅପୂର୍ବ ରଣକୌଶଳ ଓ ଶକ୍ତିର ପରିଚୟ ଦେଇଥିଲେ,

ତା' ମେଜର ଫ୍ଲେଚର, କର୍ଣ୍ଣେଲ୍ ହାର୍କୋର୍ଟ୍‌ଙ୍କ ଭଳି ବହୁ ବ୍ରିଟିଶ୍ ସେନାଧ୍ୟକ୍ଷଙ୍କ ଲିଖିତ ଆତ୍ମଲିପି ଓ ତତ୍‌କାଳୀନ ମିଲିଟାରୀ ଗେଜେଟିଅରରୁ ପଢ଼ିଛି ।

......ତମ ଓଡ଼ିଆପିଲାଙ୍କ ପୂର୍ବ ପିତୃପୁରୁଷ ବଙ୍ଗୋପସାଗରର କରାଳ ଲହରୀ ଚିରି, ଜୟ ଜଗନ୍ନାଥ କହି ବାଣିଜ୍ୟ କରି ଯାଉଥିଲେ ଜାଭା, ସୁମାତ୍ରା, ବାଲି, କାମ୍ବୋଡ଼ିଆ, ମାର୍ତ୍ତାବାନ୍ ଉପକୂଳକୁ । ସେଇ ବୀର, ଯୋଦ୍ଧା, ଦୁର୍ଦ୍ଦାନ୍ତ, ସାହସୀ ଓଡ଼ିଆଜାତିର ଦାୟାଦ ତମେ—ମିଷ୍ଟର ପି. କେ. ପଟ୍ଟନାୟକ । ମୁଁ ତମକୁ ଫ୍ଲାଇଟ୍ ଲେଫ୍‌ଟେନାଣ୍ଟ ପୋଷ୍ଟକୁ ଉନ୍ନୀତ କରୁଛି, ଏବଂ ଆଶାକରୁଛି ମୁଁ ବୋଧେ ମଣିଷ ଚହ୍ନିବାରେ କିଛି ଭୁଲ୍ କରି ନାହିଁ । ମୋର ଭରସା, ବିଶ୍ୱାସ ଏବଂ ଅନୁରୋଧ, ତମେ ତମ ଓଡ଼ିଆ ଜାତିର ଆଉ ଭାରତୀୟ ସେନାବାହିନୀର ମର୍ଯ୍ୟାଦା ଆଉ ଗୌରବ ଅକ୍ଷୁର୍ଣ୍ଣ ରଖିବ । ଆର୍ନେଷ୍ଟ ହେମିଙ୍ଗ୍‌ୱେଙ୍କର ଗୋଟିଏ ପଦ କହିବି—You my be destroyed, but not defeated. ତମେ ମୃତ୍ୟୁ ବରଣ କରିପାର, କେବେ ପରାଭୂତ ହୁଅ ନାହିଁ । ବୀରର ଭାଲ ପଟ୍ଟରେ ପରାଜୟ ଶବ୍ଦ କେବେ ଲେଖା ହୋଇନାହିଁ ।

ତମ ଶିରରେ ମୁଁ ଚୁମ୍ବନ କରୁଛି ପୁତ୍ର, ତମେ ଯଶସ୍ୱୀ ହୁଅ, ବିଜୟୀ ହୁଅ ।

ତମର
ଅତି ପ୍ରିୟ
ଉଇଙ୍ଗ୍ କମାଣ୍ଡର୍ ସର୍ଦ୍ଦାର କର୍ତ୍ତାର ସିଂ ।

ମିଷ୍ଟର୍ ପଟ୍ଟନାୟକ ଆନନ୍ଦରେ ଏତେ ଉଦ୍‌ବେଳିତ ହୋଇ ଉଠିଲେ ଯେ ଅନୁଭବୀ ଛଡ଼ା ତା' କେହି କଳ୍ପନା କରିପାରିବ ନାହିଁ । ଯୁଦ୍ଧରେ ସେ ପରାଜିତ ହୁଅନ୍ତୁ ବା ମୃତ୍ୟୁ ବରଣ କରନ୍ତୁ ଦୁଃଖ ନାହିଁ । ଆଉ ଏଇ ମୁହୂର୍ତ୍ତରେ ସେ ଜୀବନରେ ଶ୍ରେଷ୍ଠ ଗୌରବ ଅର୍ଜନ କରିପାରିଛନ୍ତି । ତାଙ୍କର ମନେ ଅଛି ଯୋଜିବନ ରନୁ ତା'ର ସମସ୍ତ ଖାତା, ନୋଟ୍‌ସ୍ ଆଉ କହି ଆଣି ଧରେଇ ଦେଇଥିଲା ତାଙ୍କ ହାତରେ ଆଉ ପରେ ଏନ୍. ଏ. ପ୍ରସନ୍ନ

ଦେବା ପାଇଁ, ସେ ଚରମ ଅପମାନ ସେ ମରିବା ପର୍ଯ୍ୟନ୍ତ ଭୁଲିପାରିବେ ନାହିଁ । ଆଉ ଆଜି ଦୁଇ ଦୁଇଟା ପ୍ରମୋସନ ପାଇଲା ପରେ ସେ ଭାବୁଛନ୍ତି, ଯାହାହେଉ ପାଠ ନ ହେଉ ଶାଠ ତ ହେଲା । ଜୀବନ ତ ବ୍ୟର୍ଥ ହୋଇ-ଯାଇ ନାହିଁ । ଖାଲି ଏମ୍. ଏ. ରେ ଫାଷ୍ଟକ୍ଲାସ୍ ପାଇଲେହିଁ ଜୀବନ ସାର୍ଥକ ହୁଏ, ଯୋଉ କେଉଟଟି ଭଲ ପହଁରିପାରେ, ଭଲ ମାଛ ଧରିପାରେ, ଗରିବ ହେଲେ ବି ସାଧୁ ଓ ସଚ୍ଚୋଟ ଜୀବନ ଯାପନ କରେ, ତା' ଜୀବନ ସାର୍ଥକ ନୁହେଁ ? ସେ ମଣିଷ ନୁହେଁ ଏ ପୃଥିବୀରେ ?

ପଟ୍ଟନାୟକଙ୍କର ହଠାତ୍ ମନେହେଲା ତାଙ୍କର ଯେମିତି ସବୁ କାମ ଶେଷ ହୋଇଯାଇଛି । ଏମିତି ଭାବନା ଥରେ ଆସିଥିଲା ଚନୁର ବାହାଘର ବେଳରେ ଖଡ୍ଗପୁର ରେଲଲାଇନ୍ ଉପରେ । ଚନୁ ତ ଗଲା, ଆଉ କାହିଁକି ? ଆଉ ଏ ଜୀବନରେ କିଛି ଆବଶ୍ୟକତା ଅଛି କି ? ଦୁନିଆ ଅନ୍ଧ, ଛନୁ ଅନ୍ଧ, ଭଗବାନ ଅନ୍ଧ । ତାଙ୍କର ଏତେ ନିର୍ମଳ, ନିବିଡ଼, ପ୍ରାଣପୂର୍ଣ୍ଣ ଭଲ ପାଇବା ଯଦି କେହି ନ ବୁଝିଲେ, ତା'ହେଲେ ସେ କାହିଁକି ବଞ୍ଚିବ ? ଚନୁ ମରିଛି, ଭଗବାନ ମରିଛି, ସାରା ସୃଷ୍ଟି ମରିଛି, ସାରା ସୃଷ୍ଟି ଅନ୍ଧାର ହୋଇଯାଇଛି । ସେ ମରିବେ, ମରିବେ, ନିଶ୍ଚେ ମରିବେ । ବମ୍ବେ ମେଲ୍‌ର ଉଜ୍ଜ୍ୱଳ ଆଲୋକ ସ୍ପଷ୍ଟ ଦେଖାଯିବା ପର୍ଯ୍ୟନ୍ତ ଏଇ ଭାବନା ପଟ୍ଟନାୟକଙ୍କ ଭିତରେ ଥିଲା । ସତକଥା କହିଲେ ସେ ବୁଦା ମୂଳରୁ ବାହାରି ବି ଆସିଥିଲେ ରେଲଲାଇନ୍ ଉପରେ ବେକ ରଖିଦେବାକୁ । କିନ୍ତୁ ହଠାତ୍ କ'ଣ ହେଲା—ବଧିର ବଧୀନ— ଗଭୀର ଅନ୍ଧକାର ଭିତରେ ଚଳ୍‌କନା ଯେମିତି ଗୋଟାଏ ବିଜୁଳି ଖେଳିଯାଏ, ସବୁ ଆଲୋକିତ ହୋଇଯାଏ ମୁହୂର୍ତ୍ତିକେ, ସେମିତି ଗୋଟାଏ ଅଦ୍ଭୁତ ଧାରଣା ହଠାତ୍ ମନ ଭିତରେ ଖେଳିଗଲା ।

.......ମରିବେ ତ ନିଶ୍ଚୟ, କିନ୍ତୁ ଏମିତି ବୃଥା ମରଣ କାହିଁକି ? ସାମାନ୍ୟ ଚଟ୍ଟଟାଏ ମଲା ପରେ ବି ନିଜକୁ ଜାଳିଜାଳି ଅନ୍ୟକୁ ଆଲୋକ ଦେଉଛି, ଉତ୍ତାପ ଦେଉଛି । ସେ ଜୀଇଁ ଥାଇଁଥାଇଁ କାହାକୁ କିଛି ଦେବେ ନାହିଁ ? ମରିଯିବେ ??. ଟାନ୍ଧଣୀ କହିଥିଲେ—୧୯୪୩ ବଙ୍ଗଳା ଦୁର୍ଭିକ୍ଷରେ ଯେମିତି ଲକ୍ଷଲକ୍ଷ ଲୋକ ପୋକ ମାଛି ଭଳି ମରିଗଲେ, ତା'ର ଶହେ

ହଜାରରୁ ହଜାରେ ବି ଯଦି ସ୍ୱାଧୀନତା ଆନ୍ଦୋଳନ ପାଇଁ ମରିଥାନ୍ତେ, ତା'ହେଲେ ଭାରତ ବହୁ ଆଗରୁ ସ୍ୱାଧୀନ ହୋଇ ପାରିଥାନ୍ତା ! ତେଣୁ ଏ ବୃଥା ମରଣ କାହିଁକି ? ଗଛ ଜୀଅନ୍ତା ବେଳେ ଉପକାର କରେ, ମଲା ପରେ ବି ଉପକାର କରେ । ଏଇ ଗଛ ପାଖରୁ, ବୁଦା ମୂଳରୁ ପଞ୍ଚନାୟକ କ'ଣ ଏତିକି ଶିକ୍ଷା ପାଇବେ ନାହିଁ ??

ପଞ୍ଚନାୟକ ବଂଚିଗଲେ ।

ଆଜି ସେମିତି ମନେହେଉଛି, ଜୀବନରେ ଆଉ କ'ଣ କାମ ବାକି ରହିଲା ? ତା'ର ଅର୍ଥ ନୁହେଁ ଯେ ସେ ପୁଣି ଯାଇଁ ଆତ୍ମହତ୍ୟା କରିଦେବେ । ଖାଲି ଗୋଟାଏ ହିସାବ ନିକାଶ—ସେ କ'ଣ କଲେ ଆଉ କ'ଣ ନ କଲେ । ଯଦି ଗୁପ୍ତ ମଞ୍ଜୁଷା ଭଳି ସେ ଟିକିଏ ଧୂଆଁ ହୋଇ ଝାଡ଼ି ପାରିଥାନ୍ତେ, ତା'ହେଲେ ଆଉ ଯା' ନ ହେଉ, ମରିବାକୁ ଅନ୍ତତଃ ଡର ନ ଥିବ, ଆଉ କିଛି ଅବ୍‌ଶୋଷ ନ ଥିବ ।

ଟିନୁ ଯାଇଛି । ସେ ପୋଥିରେ ଡୋରି ବନ୍ଧା ସରିଛି । ଗଂଜା କଲେଜର ଏକ ତୃତୀୟ ଶ୍ରେଣୀ ଶିକ୍ଷକ (ଅଧ୍ୟାପକ ନୁହେଁ, ଅଧ୍ୟାପକ କହିଲେ ସରକାରୀ କଲେଜର ଅଧ୍ୟାପକ ହସିବେ ।) ସାମାନ୍ୟ ଯବାନ୍‌ରୁ ଉଠିଉଠି କମିସନ୍‌ଡ଼ ର୍ୟାଙ୍କ୍‌ର ପାଇଲଟ ଅଫିସର୍, ଫ୍ଲାଇଂ ଅଫିସର୍ ହୋଇ ଫ୍ଲାଇଟ୍ ଲେଫଟ୍‌ନାଣ୍ଟ୍ ପଦକୁ ଉଠିପାରିଛି । ଆଉ ଅଧିକ କ'ଣ ଆବଶ୍ୟକ ? ଯଦି କ୍ଲାଇବ୍‌ଙ୍କ ଭଳି ବଞ୍ଚି ରହି ବିଶାଳ ବ୍ରିଟିଶ୍ ସାମ୍ରାଜ୍ୟ ସେ ଗଢ଼ିବ ତ ଗଢ଼ୁ । ତାହା ହିଁ ଯଦି ଭଗବାନ୍‌ଙ୍କର ଇଚ୍ଛା, ତା' ହେଉ । କିନ୍ତୁ ଏବେ ଯୁଦ୍ଧ କରିକରି ମରିଗଲେ ଜିଜାଭେ ଦୁଃଖ କରିବାର ଆଉ କିଛି ନାହିଁ । ଏଣିକି ସେ ପାକିସ୍ଥାନ ସୈନ୍ୟ ସାଙ୍ଗରେ ଯୁଦ୍ଧ କରିବ ନାହିଁ, ସ୍ୱୟଂ ମୃତ୍ୟୁ ସାଙ୍ଗରେ ଯୁଦ୍ଧ କରିବ—ମୃତ୍ୟୁ ଉପରକୁ ରକ୍ତ ଦାନ୍ତ, ରକ୍ତ ଜିଭ, ରକ୍ତ ନଖ ଧରି ଝାମ୍ପିପଡ଼ିବ । ଉଲଗ୍ନ ହୋଇ ତାଣ୍ଡବ ନୃତ୍ୟ କରିଥିଲେ ରୁଦ୍ର । ଆଜି ଏଥର ସେ ଉଲଗ୍ନ ହୋଇ ଲମ୍ଫ ଦେବ ପାକିସ୍ଥାନୀ ଯବାନ୍‌ଙ୍କ ଉପରେ, ଯବାନଙ୍କ ଉପରେ । ସେ ଦେଖେଇଦେବ ସେ ଖାଲି ଟିନୁକୁ ଭଲ ପାଏ ନାହିଁ, ସେ ସ୍ୱର୍ଗାଦପି ଗରୀୟସୀ ଭାରତ ଜନନୀଙ୍କୁ

ଭଲ ପାଏ ଅନ୍ତରର ନିଭୃତତମ କନ୍ଦରରୁ । ହଁ, ସେ ଗାନ୍ଧୀର ଦାୟାଦ, ଉତ୍କଳ ଗୌରବ ମଧୁସୂଦନଙ୍କ ଦାୟାଦ । 'ଭୂମିକମ୍ପ ହେବ ଧରଣୀ ଫାଟିବ ଉଠିବେ ସହସ୍ରଭୁଜା ।'...... .. ସେଇ ସହସ୍ରଭୁଜାଙ୍କ ଆରାଧନା ପାଇଁ ସେ ଆଜ ପ୍ରସ୍ତୁତ......ପ୍ରସ୍ତୁତ । ସର୍ଦ୍ଦାର କର୍ତ୍ତାର ସିଂ ଠିକ୍ କହୁଛନ୍ତି—ସେ ଓଡ଼ିଆ । ହଁ, ସେ ଓଡ଼ିଆ । ତାଙ୍କ ପୂର୍ବପୁରୁଷ ଦିନେ ଖଣ୍ଡାରେ ଖେଳ ଖେଳୁଥିଲେ । ସେ ଆଜ ରକ୍ତରେ ହୋରି ଖେଳିବେ ।

'ସ୍ୱର୍ଗ କଳ୍ପ ଉତ୍କଳୀୟ ବୀର ଜଣେ ଜଣେ,
ନ କରନ୍ତି ଭୟ ରଣେ ଅଥବା ମରଣେ ।
ନ ମାର ଅର ଯା ଖଣ୍ଡା ଫେରେ ନାହିଁ ଖାପେ,
କିଏ ତମେ ଚିହ୍ନିଛ କି ଆପଣାକୁ ଆପେ ?'

ନିଶ୍ଚୟ ସେ ମାରିବେ, ମାରିବେ, ମାରିବେ । ମରିବାଟା ଗୌଣ । ମରିଗଲେ କିଛି ସୃଷ୍ଟି ପ୍ରଳୟ ହେଇଯିବ ନାହିଁ । ଯନ୍ତ୍ରଣାପୂର୍ଣ୍ଣ ଆନନ୍ଦରେ ଅଧୀର ହେଇ ଉଠିଲେ, ନାଚି ଉଠିଲେ, ଉତ୍ତେଜିତ ହେଇ ଉଠିଲେ । ଆଉ ଚିନ୍ତା ନାହିଁ, ଚିନ୍ତା କରିବାର ଆବଶ୍ୟକତା ନାହିଁ । ସେ ସାଙ୍ଗେ ସାଙ୍ଗେ ଉଇଙ୍ଗ୍ କମାଣ୍ଡର୍ ସର୍ଦ୍ଦାର୍ କର୍ତ୍ତାର ସିଂଙ୍କ ପାଖକୁ ଗଭୀର କୃତଜ୍ଞତା ଜଣାଇ ଚିଠି ଲେଖିଲେ ଏବଂ ଅନୁରୋଧ କଲେ ତାଙ୍କୁ ଅତି ଶୀଘ୍ର ପାକିସ୍ଥାନ ବର୍ଡ଼ରକୁ ବଦଳି କରିଦେବାକୁ, ତା'ହେଲେ ସେ ଛଅାଣ ଭଳି ଝାଂପ ଦେଇପାରିବେ ପାକିସ୍ଥାନୀ ନର୍ଜୀବ ବଣି ଉପରେ, ତା'ହେଲେ ସେ ଟୀକା ଖାଁ ରକ୍ତରେ ନିଜ ଲଲାଟରେ ବିଜୟର ରକ୍ତ-ଟୀକା ଦେଇପାରିବେ ଅକ୍ଳେଶରେ ।

ଏକତିରିଶ

ଦୁଇ ଦିନ ପରେ ଯେତେବେଳେ ସେ ବାପାଙ୍କ ପାଖକୁ ପାଞ୍ଚଶ ଟଙ୍କାର ଗୋଟିଏ ଚେକ୍ ପଠେଇ, ଜିନିଷପତ୍ର ବନ୍ଧୁବାନ୍ଧବଙ୍କ ଭିତରେ ବାଣ୍ଟି ଦେଇ ସବୁ ପ୍ରସ୍ତୁତ ହେଇସାରିଲେଣି ସମ୍ମୁଖ ସମରକୁ ଯିବେ ବୋଲି, ଖାଲି ଅର୍ଡ଼ର୍ ଆସିଲାମାତ୍ରକେ ଉଡ଼ିବେ, ସେତେବେଳେ ହଠାତ୍ ଆସି

ତାଙ୍କର ଚିଠି ପଢ଼ନ୍ତୁ । ଚିଠି ନୁହେଁ ତ ଗୋଟିଏ କବିତା । ପଠନାପୂର୍ବ ଫଟ୍‌କିନ ଲଫାଫା ଚିରିଲେ—

ଲଣ୍ଡନ
ତା—

ଶରତ ସକାଳର ଟଙ୍ଗଶିଉଳି ପ୍ରଦୀପ,

ହେ ଶୁଣ ଶୁଣ, ଶୁଣିବ ? ତମେ ଶୁଣିଲେ ନା ଭାଆରି ଖୁସୀ ହେବ । ମୁଁ ଜାଣେ ଦୀର୍ଘ ସୃଷ୍ଟିରେ ଯଦି ବେଶି ଖୁସୀ କିଏ ହୁଅନ୍ତି ସେ ଦୁଇ ଜଣ—ଜଣେ ମୋ ଭାଇ, ଆଉ ଜଣେ ତମେ । ମୋ ଭାଇ ଶୁଣିଲେ ନା ଆନନ୍ଦରେ ନାଚି ଉଠିବେ, ଆଉ ତମେ ତ ପାଗଳ ହୋଇଯିବ । ଆଚ୍ଛା କ'ଣ ସେ କଥା ହୋଇଥିବ କହିଲ ? ମୋର ଲଣ୍ଡନରେ ଗୃହବାସ ? ମୋର ପି. ଏଚ୍. ଡି. ଡିଗ୍ରୀ ? ମୋର ପୁତ୍ରସନ୍ତାନର ସମ୍ଭାବନା ? ନା ଡର୍ବିରେ ମୋର ପ୍ରଥମ ପୁରସ୍କାର ? କହ, ଅନୁମାନ କର । ଏତିକି ଜାଣିପାରୁନା ? ତମେ ଆଉ କି ଫ୍ଲାଇଙ୍ଗ୍ ଅଫିସର୍ ହୋଇଛ ମ ? ଶହୁରି ତମେ କି ଠାବ କରିବ ?

ସତେ ଗୋ ମତେ ଏ କେତେଦିନ ହେଲା ନା ଭାରି ବାନ୍ତି ବାନ୍ତି ଲାଗୁଛି । ଦେହ ମାନ୍ଦା ଲାଗୁଛି, ମୁଣ୍ଡ ବୁଲଉଛି, ଯୋଉଠି ବସିଛି ସେଇଠି, ଉଠିବାକୁ ଇଚ୍ଛା ହେଉନ । କ'ଣ ପିଲା ହବ ? ପିଲା ହବାଲେ କ'ଣ ଦେହ ଏମିତି ମାଟିଆ ମାଟିଆ ଲାଗେ ? ଉଃ ଚିଠି ଖଣ୍ଡେ ଲେଖିବାକୁ ବି ମତେ କଷ୍ଟ ହେଉଛି····· ହାଃ, ହାଃ, ହାଃ

ଟିକି ଚଢ଼େଇ
ଏତେ ବଡ଼ ପିଲାଟାକୁ ଦେଲା ଭଣ୍ଡେଇ ।

ଇସ୍, ତମ ମୁହଁ ଶୁଖିଗଲାଣି ମୋ ପୁଅ ହେବା ଶୁଣି । ଖାଲି ବାନ୍ତି ମାନେ ପୁଅ, ପୁଅ ମାନେ ବାନ୍ତି ଏଇଆ ବୋଧେ ତମ ଧାରଣା ନା ? ଆଉ ଅନ୍ୟ କୌଣସି ପାଇଁ ବାନ୍ତି ହୋଇପାରେ ନା ?

ସତେ ମୋର ପୁଅ ଯେ, ହବ ନାହିଁ, ହୋଇଛୁ ! ବିଶ୍ୱାସ କରୁନା ? ସତରେ ମୋର ଗଲ ସୋମବାର ଦିନ ଦଶଟା ବେଳେ ଗୋଟିଏ ଦିବ୍ୟ-ସୁନ୍ଦର ପୁଅ ଜନ୍ମ ହୋଇଛୁ ! ଏଇ ପୁଅ ପାଇଁ ମୁଁ କେତେ ଠାକୁରଙ୍କୁ ଡାକଥିଲି, କେତେ ପ୍ରାଣାନ୍ତକ ପରିଶ୍ରମ କରିଥିଲି । ଠାକୁର ମୋ ଡାକ ଶୁଣିଛନ୍ତି । ମୁଁ ଚରମ ଗୌରବରେ ଆଜ ମଣ୍ଡିତ ହୋଇଛୁ । ନାରୀ ହୋଇ ଯଦି ଜନମୀ ନ ହେଲି, ତା'ହେଲେ ମୋ ନାରୀ ଜନ୍ମ ଆଉ ସାର୍ଥକ ହୁଅନ୍ତା କେମିତି ? ତମେ ଖୁସୀ ହେଉନା ? ତମେ ମତେ ଏତେ ଭଲ ପାଅ, ମୋ ପୁଅକୁ ଭଲପାଇବ ନାହିଁ ?? ଆରେ ସେ ବିନାୟକର ପୁଅ ହେଉ, ତଥାପି ମୋର ତ !

ହୋଇ ଦେଖ ପୁଣି ତମ ମୁହଁ ଶୁଖିଗଲା । ତମେ ମତେ କାହିଁକି ଏତେ ଭଲ ପାଉଛ କହିଲ, ମୋର ଟିକିଏ କଥାରେ ଭାଙ୍ଗି ପଡ଼ୁଛ ? ଆରେ ଏଥିରେ ଭାବପ୍ରବଣ ହେବାର କ'ଣ ଅଛି ? ମୁଁ ଯେତେବେଳେ ବିବାହ କରିଛି, ମୋର ପୁଅ ହୁଅନ୍ତା ନାହିଁ ? ତମର ବିନାୟକ ଉପରେ ସିନା ଈର୍ଷା, ମୋ ପୁଅ ଉପରେ ଈର୍ଷା ?

ମୋ ପୁଅ ନାଁ କ'ଣ କହିଲ ? କହିଲ ଦେଖି ?—ପି.ଏଚ୍.ଡି. ଡିଗ୍ରୀ ଫ୍ରମ୍ ଲଣ୍ଡନ !! ବୁଝିଲ ?? ବୋକା ! ବୋକା ! ବୋକା ! ଦି'ଥର ତମକୁ ବୋକା ବନେଇଦେଲି । ଦେଖିଲ ପୁଅଙ୍କର ବେଶୀ ବୁଦ୍ଧି ନା ଝିଅଙ୍କର ବେଶୀ ବୁଦ୍ଧି ? ଟିକିଏ ଧୈର୍ଯ୍ୟ ନାହିଁ । ଖାଲି ଶୁଣିଲାମାତ୍ରେ କାନ୍ଦୁଣୁ-ମାନ୍ଦୁଣୁ !

ଆଉ ବାନ୍ତି କଥା କ'ଣ ଜାଣ ? ବାନ୍ତି ମାଡ଼ୁଛି ଯେ, ପୁଅ ହେବ ବୋଲି ନୁହେଁ ମ, ନାସିକ୍‌ରେ ଶାଶୁଘରେ ଥିଲାବେଳେ ଯେମିତି ହିନ୍ଦି, ମରାଠି ଶୁଣିଶୁଣି ବାନ୍ତି ମାଡ଼ୁଥିଲା, ଏଠି ତିନି ବର୍ଷ ଇଂରେଜୀ ପଢ଼ିପଢ଼ି, ଶୁଣିଶୁଣି, କହି କହି ସେମିତି ବାନ୍ତି ମାଡ଼ିଲାଣି । ବିଶେଷତଃ ପି.ଏଚ୍.ଡି. ସରିଲା ପରେ ଆଉ ମୁହୂର୍ତ୍ତେ ରହିବାକୁ ଏଠି ଇଚ୍ଛା ହେଉନି । ଏଇ ବିରାଟ ବିରାଟ ଲାଇବ୍ରେରୀରେ ବସି ବସି ମୋର ଶ୍ୱାସରୁଦ୍ଧ ହୋଇଗଲାଣି । ଆଉ ଅସଲ କଥା ତା' ବି ନୁହେଁ, କାମ ସରିଲେ ମନ ଯେମିତି ଲଗାମଛଡ଼ା ଘୋଡ଼ା ଭଳି ଉଡ଼େ

ସେମିତି ଉଡ଼ିଲାଣି । ମନ ହେଲାଣି ସାରା ପଡ଼େଇବାକୁ—ଉଡ଼ିଉଡ଼ି ଯାଇଁ ଓହ୍ଲାଇପଡ଼ିବାକୁ ଲଣ୍ଡନଆକାଶରେ । ଆଜି ସେଇଠୁଁ ଟ୍ୟାକ୍ସି କରି ସିଧା ଜାଆନ୍ତି । କ'ଣ ଏଥରକ ଦେଖା ହେବ ନା ପୁଣି ଫାଲ୍‌ଗୁନୀଙ୍କର ଅଜ୍ଞାତ ବାସ ?

ଆଚ୍ଛା ସତ କହିଲ, ତମେ ଖୁସୀ ହେଉନା ମୋ ପି. ଏଚ୍. ଡି. ଖବର ଶୁଣି ? ମୁଁ ଜାଣେ ମୋ ଭାଇ ଅପେକ୍ଷା ତମେ ଆହୁରି ବେଶି ଖୁସୀ ହେବ । ଭାଇ ଖୁସୀ ହେବେ ସ୍ୱାର୍ଥ ପାଇଁ—ନିଜ ବଂଶର ଗୌରବ ପାଇଁ, ବାପାଙ୍କ ମର୍ଯ୍ୟାଦା ପାଇଁ, ଆଉ ତମେ ଖୁସୀ ହେବ ପିଲାଦିନେ ମୁଁ ଖଣ୍ଡେ ଭଲ ଜାମା ପିନ୍ଧିଲେ ମୋ ବୋଉ ଯେମିତି ଖୁସୀ ହୁଏ, ସେମିତି । ତମେ ତ ପୂରାପୂରି ମୋ ଭିତରେ ନିଜକୁ ହଜେଇ ଦେଇଛ । ତେଣୁ ମୋର ଗୌରବ ହିଁ ତମର ଗୌରବ, ମୋର ହସ ହିଁ ତମର ହସ ।

ହେ ମୋର ପ୍ରିୟ ! ପ୍ରିୟତମ ! ମୋର ପ୍ରେମିକ ! ମୋର ମନର ସ୍ୱାମୀ ! ତମକୁ ଛାଡ଼ି ମୁଁ ଆଉ ରହିପାରୁ ନି, ରହିପାରିବି ନି । ପୂର୍ଣ୍ଣିମା ରଜନୀରେ ସାଗର ଯେମିତି ଉଦ୍‌ବେଳିତ ହୋଇ ଉଠେ ମୁଁ ଆଜି ସେମିତି ଉଦ୍‌ବେଳିତ, ଉତ୍‌ଫୁଲ୍ଲିତ, ଉଲ୍ଲୋଳିତ ହୋଇ ଉଠିଛି ତମରି ପାଇଁ—ତମରି ପାଇଁ···ତମକୁ ଥରେ ଦେଖିବା ପାଇଁ, ତମ କଥା ଶୁଣିବା ପାଇଁ, ତମ ହସର ଅମୃତ ପାନକରିବା ପାଇଁ, ତମ ପାଖରେ ବସି ତମ ଛାତି ଉପରେ ମଥା ରଖି ତମ ହୃଦୟର ସ୍ପନ୍ଦନ ଶୁଣିବା ପାଇଁ । ଧନ ମୋର, ସ୍ୱପ୍ନ ମୋର, ସୂର୍ଯ୍ୟ ମୋର, ଆକାଶ ମୋର, ତମେ କେତେ ରଙ୍ଗରେ ଆସୁଛ, କେତେ ମତେ ପାଗଳ କରୁଛ, ଅଧୀର କରୁଛ, ଆତୁର କରୁଛ, ତମ ପାଇଁ ଆଜି ମୁଁ ଅଭିସାରୀ ସାଜି କୁଞ୍ଜ ବନରେ ଧାଇଁ ଧାଇଁ ବୁଲୁଛି···ମରୁଛି !

ଶୁଣ, ଆଜିଠାରୁ ପନ୍ଦର ଦିନ ଭିତରେ ମୁଁ ଯାଇଁ ଭାରତରେ ପହଞ୍ଚୁଛି । ଭିସା, ପାସ୍‌ପୋର୍ଟ ସବୁ ପ୍ରାୟ ଯୋଗାଡ଼ ହୋଇ ସାରିଛି । ବମ୍ବେ

ୟୁନିଭର୍‌ସିଟି ମତେ ରିଡ଼ର୍‌ ପୋଷ୍ଟରେ ନିମନ୍ତ୍ରଣ କରିଛି ଖୁବ୍ ମୋଟ ଦରମାରେ । ମୁଁ ମଧ୍ୟ ତାହା ଗ୍ରହଣ କରିନେଇଛି । ବନାପୂରଙ୍କର ଡ. ଲିଟ୍. ସରିବାକୁ ଆଉ ଛ' ମାସ ବାକି, ତେଣୁ ସେ ରହିପିବେ । ବର୍ତ୍ତମାନ ପାଇଁ ମୁଁ ଏକା ଯିବି । ସେ ହୁଏତ ଛ' ମାସପରେ ସେହିଠାରେ ଯାଇଁ ପ୍ରଫେସର୍ ପୋଷ୍ଟରେ ଜଏନ୍ କରିବେ । ମୁଁ ପୂରାପୂରି ମୁକ୍ତ । ଜଞ୍ଜାଳ, ଚିନ୍ତା, ଦୁର୍ଭାବନା ମୋର ଆଜି କିଛି ନାହିଁ ।

ଶୁଣ ପ୍ରଭାତ, ତମେ ଅଭିମାନରେ କେବେ ଦିନେ ମୋ କଥା ପଚାର ନାହିଁ । ମୁଁ ବି କେବେ ତମକୁ ମୋ କଥା କହି ନାହିଁ, ଆଜି ଭାବୁଛି ମୋ ପ୍ରାଣର ବିକଳ ଜ୍ୱାଳା ତମକୁ କିଛି କହିବା ଉଚିତ । ତମକୁ ନ କହିଲେ ଆଉ କାହାକୁ କହିବି ? ତମ ଛଡ଼ା ମୋର ଆଉ ଦୁନିଆରେ କିଏ ଅଛି ? ଜୀବନରେ ମୁଁ ଧନ, ଐଶ୍ୱର୍ଯ୍ୟ, ମର୍ଯ୍ୟାଦା, ସମାଜରେ ପ୍ରତିଷ୍ଠା, ଗୌରବ ଚାହିଁଥିଲି । ମୋର ମନେହୁଏ ମୁଁ ବୋଧେ ସବୁ ପାଇଛି । ସ୍ୱାମୀ ମୋର ସୁନ୍ଦର, ବିଦ୍ୱାନ, ପଣ୍ଡିତ । କୁବେର ଭଳି ସମ୍ପତ୍ତି । ମୋର ବି ବିଦ୍ୟା, ଗୌରବ ଯଥେଷ୍ଟ ହୋଇଛି, କିନ୍ତୁ ଏ ସବୁ ଉପରେ ଆଉ ଗୋଟିଏ ବଡ଼ ଜିନିଷ ଯେ ଜୀବନରେ ଦରକାର—ଶାନ୍ତି ଆଉ ପ୍ରେମ…ସେତିକି ମୋର ନାହିଁ । ସେତିକି ଅଭାବରେ ମୁଁ ଆଜି କି ହୀନ ଭିକାରୁଣୀ ! ମୁଁ ଆଜି କେମିତି ହୁହୁ ହୋଇ ଜଳୁଛି !!

ଗୋଟିଏ ଦିନର କଥା କହିବି ? ଭାତ ହାଣ୍ଡିରୁ ଗୋଟିଏ ଟିପି ସବୁ ଭାତର କଥା ଜାଣନ୍ତି ପରା ! କାଲିର କଥା କହେ । କାଲି ହୋଇଥିଲା ରବିବାର । ଶୋଇଁଶୋଇଁ ଟିକିଏ ବେଶୀ ଶୋଇପଡ଼ିଲି । ମୁଣ୍ଡର ବୋଝ ଓହ୍ଲେଇଗଲେ ମନ ଟିକିଏ ହାଲୁକା ହୋଇଯାଏ । ଦେହ ବି ଟିକିଏ ହାଲୁକା ଲାଗେ । ତେଣୁ ବୋଧେ ଟିକିଏ ନିଦ ହୋଇଗଲା ପାହାନ୍ତାପହରର ଥଣ୍ଡା ପବନ ଲାଗି । ଆରମ୍ଭ ହୋଇଗଲା ସ୍ୱାମୀଙ୍କର ଗାଳି, ବିରକ୍ତି—ଉଠି ତାଙ୍କ ସାଙ୍ଗରେ ବ୍ରେକ୍‌ଫାଷ୍ଟ ଖାଇବା ପାଇଁ ନୁହେଁ କି ତାଙ୍କୁ ବ୍ରେକ୍‌ଫାଷ୍ଟ ବାଢ଼ିଦେବା ପାଇଁ ନୁହେଁ—ଉଠି ସକାଳର ଖବରକାଗଜ ପଢ଼ି ତାଙ୍କ ପାଇଁ ପ୍ରଧାନ ପ୍ରଧାନ ଖବର ସଂଗ୍ରହ କରିବାରେ ହେଲା

କଲି ବୋଲି । ସେ ଡି. ଲିଟ୍. ପେପର 'ସମିଟ୍' କରିସାରିଛନ୍ତି । ଖାଲି 'ଭାଇଭା' ଯାହା ବାକି । ତଥାପି ସେ ଡାନ୍ତେ, ଭର୍ଜିଲ, ଗେଟେ, ମିଲଟନ୍, ସେକ୍ସପିୟର୍, ଟି. ଏସ୍. ଇଲିଅଟ ନେଇ ଏତେ ବ୍ୟସ୍ତ ଓ ପଢ଼ାରେ ଏତେ ବିଭୋର ଯେ ଖବରକାଗଜ ସେ ପଢ଼ିପାରିବେ ନାହିଁ ; ଆଉ ନ ପଢ଼ି ବି ରହିପାରିବେ ନାହିଁ । ତେଣୁ ମୁଁ ତାଙ୍କ ପାଇଁ ଭାରତ ଆଉ ଇଂଲଣ୍ଡର ପ୍ରଧାନ ପ୍ରଧାନ ଖବରକାଗଜ ସବୁ ପଢ଼ିବି ଓ ତାଙ୍କୁ ଚୁମ୍ବକରେ ଖବର ଶୁଣାଇବି, ଏ ହେଲା ମୋର ଗୋଟାଏ ଦୈନନ୍ଦିନ କାମ । ଆଉ ତା' ମଧ୍ୟ ସାଢ଼େ ଆଠଟାରୁ ନଅଟା ଭିତରେ ହେବା ଦରକାର । ନ ହେଲେ ସ୍ୱାମୀ ମୋର ରାଗି ଯିଆନ୍ତି ।

ବ୍ରେକ୍‌ଫାଷ୍ଟ୍ କଥା କହୁଥିଲି, ବ୍ରେକ୍‌ଫାଷ୍ଟ୍ ହେଉ, ଲଂଚ ହେଉ, ଡିନର୍ ହେଉ, ତାଙ୍କ ସାଙ୍ଗରେ ଏକାଠି ବସି ଖାଇଲେ ତ ସେ ବିରକ୍ତ ହୁଅନ୍ତି, ବେଳେବେଳେ ବାଡ଼ିଦେଲେ ତ ସେ ରାଗି ଯାଆନ୍ତି । ତା' ଦ୍ୱାରା ଏଣୁତେଣୁ ବାଜେ ଗପରେ, ହିଁ ହିଁ ହସରେ ବହୁତ ସମୟ ନଷ୍ଟ ହୁଏ ବୋଲି ତାଙ୍କର ଧାରଣା । ଜୀବନରେ ପ୍ରତିଟି ମୁହୂର୍ତ୍ତ ଜ୍ଞାନ ଆହରଣରେ ଲଗାଇବା ଉଚିତ ବୋଲି ସେ ଉପଦେଶ ଦିଅନ୍ତି । ତେଣୁ ସେଥିପାଇଁ ସରିବା ପରେ ମୋ ଖାଇବାବେଳେ ମୁଁ ବାଡ଼ିଆଣି ଖାଏ ତାଙ୍କ ଖାଇବାବେଳେ ସେ ବାଡ଼ିଆଣି ଖାଆନ୍ତି ।

କାଲି ରବିବାର ଥିଲା । ତିନଟାବେଳେ ମୁଁ କହିଲି ପିକ୍‌ଚର୍ ଦେଖିଯିବାକୁ, ସେ କହିଲେ କ୍ରିକେଟ୍ ଦେଖି ଯିବାକୁ । ମୋ ଜିଦ୍‌ରେ ମୁଁ ଅଟଳ ରହିଲି, ତାଙ୍କ ଜିଦ୍‌ରେ ସେ ଅଟଳ ରହିଲେ । ଶେଷରେ ସିଏ କ୍ରିକେଟ୍ ଦେଖି ଚାଲିଗଲେ । ବସାରେ ମୁଁ ଏକା ରହିଲି । ଏମିତି ସବୁଦିନେ ମୁଁ ପିକ୍‌ଚର୍ କଥା କହିଲାମାତ୍ରେ ସେ କହିବେ କ୍ରିକେଟ୍, ହକି, ଫୁଟ୍‌ବଲ୍ ନହେଲେ ଡର୍ବି ରେସ୍ ଯିବାକୁ । ଆଉ ସନ୍ଧ୍ୟାବେଳକୁ ମୁଁ ଅଭିମାନ କରି ମୁହଁ ଶୁଖାଇଲେ ପୁଣି ଆରମ୍ଭ ହେବ ବକ୍ତୃତା—ଦେଖ, ଜୀବନରେ ଯୋଉମାନେ ବଡ଼ ହୋଇଛନ୍ତି, ସେମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିକରି, ସାଧନା କରିକରି, ଫୁଲଫାଙ୍କି ଆରେ କେହି ବଡ଼ ହୋଇଛି ? ତମେ ଯଦି ମୋର ଖେଳ ଦେଖା ପସନ୍ଦ ନ କରୁଛ, ମୁଁ ପଛେ ଆଉ କେବେ ଖେଳ ଦେଖି ଯିବି ନାହିଁ, ହେଲେ ଏ ସିନେମା ଦେଖା

ଘୁଞ୍ଚ । ସିନେମାରେ ଯାବତ୍ ଶକ୍ତି ନଷ୍ଟ, ସମୟ ନଷ୍ଟ, ସମ୍ମାନ ନଷ୍ଟ, କୌଣସି ଆରଷ୍ଟୋକ୍ରାଟିକ୍ ଫାମିଲି ସିନେମା ଦେଖି ଯାଆନ୍ତି ?......ହୁଏତ ସେଦିନ ସେ ସିନେମା ଦେଖି ଯିବେ । ତା' ପରଠୁଁ ସିନେମା ବନ୍ଦ, ସବୁ ଖେଳ ବନ୍ଦ । ଖାଲି ଦିନ ରାତି ବେଶି ଘଣ୍ଟା ପଢ଼ା, ପଢ଼ା, ପଢ଼ା ।

ମୁଁ ଏବେ ଉପଲବ୍ଧି କରୁଛି, ମୁଁ ଯେତେବେଳେ ଜୟପୁରରେ ଦିନ ରାତି ପଢ଼ାରେ ବ୍ୟସ୍ତ ରହି ତମ ଚିଠିର ଉତ୍ତର ଦେଉ ନ ଥିଲି, ତମେ କେମିତି ଅନୁଭବ କରୁଥିବ !!

ତମର ମନେଅଛି ନା ଲଙ୍ଗ୍‌ଫେଲୋର କବିତା ?—

,Heights by great men reached and kept,
Were not attained by sudden flight,
They, while their companions slept,
Were toiling upwards in the night.'

ଏଇ ମୋର ସ୍ୱାମୀଙ୍କର ମତ୍ତ୍ୱ !

ତେଣୁ ମୋର ସ୍ୱାମୀ ବିନାୟକ ନାରାୟଣ ଗଡ଼କର ବଡ଼ ହେବା ପାଇଁ ରାତି ବାର ଯାଏ, ଗୋଟାଏ ଯାଏ, ଦ'ଟା ମାଏ, ତିନ୍‌ଟା ଯାଏ toil କରୁଥିବେ, କରୁଥିବେ—ରାତିର ଆଲୋକ କାଳି ଗର୍ଭର ନର୍ଦ୍ଦି ପୁହାଉ ଥିବେ ସେଲି, କିଟ୍‌ସ୍, ବାଇରନ୍, ଟେନିସନ୍ ପଢ଼ିପଢ଼ି, ଘୋଷିଘୋଷି, ମୁଖସ୍ତ କରିକରି । ସେଲିଙ୍କ Love's philosophy ପଢ଼ୁଥିବେ, ମିରଣ୍ଡାର ଦୁଃଖ, ଜୁଲିଏଟ୍‌ର ଅଶ୍ରୁ, ଅଫେଲିଆର କୋହ ବୁଝୁଥିବେ, ଲାଇନ୍‌ଗୁଡ଼ିକ କଣ୍ଠସ୍ଥ କରୁଥିବେ, ଅଥଚ ମୁଁ ରକ୍ତମାଂସର ନାରୀ— ଉଦ୍‌ଭିନ୍ନ ଯୌବନା ନାରୀ ଆର ଘରେ ଖଟ ଉପରେ ପଡ଼ି ପଡ଼ି ଛଟପଟ ହେଉଥିବ, କଲବଲ ହେଉଥିବ, ଉତ୍ତପ୍ତ ଦୀର୍ଘଶ୍ୱାସ ଛାଡ଼ୁଥିବ ଘନଘନ, ତତଲା ଆଖି ଲୁହରେ ଭାସୁଥିବ, ସେ କଣ୍ଟ ବୁଝିବେ ନାହିଁ, ବୁଝିବେ ନାହିଁ । ଖାଲି ପଢ଼ା, ପଢ଼ା, ପଢ଼ା ! ଅନ୍ଧ !!!

ଏଇ ମୋର ସ୍ୱାମୀ! ଏଇ ମୋର ସଂସାର! ହୁଏତ ସେ ଦିନେ ଡି. ଲିଟ୍ ପାଇବେ, ପ୍ରଫେସର ହେବେ। ଆହୁରି ବଡ଼ ହୋଇ ଦିନେ ପୁନା ବିଶ୍ୱବିଦ୍ୟାଳୟର ଭାଇସ୍‌ଚାନ୍ସେଲର ହେବେ। ମୁଁ ବି ଦିନେ ପ୍ରଫେସର ହେବି। ଦେଶବିଦେଶରେ ସୁନାମ ଅର୍ଜନ କରିବି। କିନ୍ତୁ ଏଇ କ'ଣ ଜୀବନ? ଏଥିରେ ମୋ ଜୀବନର ସୁଖ କାହିଁ? ଶାନ୍ତି କାହିଁ? ହସର ଝରଣା କାହିଁ? ସେ ଜଅଁଳିଆ ଚାଲି କାହିଁ? କାହିଁ ମୋ ଜୀବନର ତାରୁଣ୍ୟ?

ହେ ମୋର ଦେବଦାସ ପ୍ରଦୀପ! ତମେ ତିଳତିଳ ହୋଇ ମରୁଛ ମୁଁ ଜାଣେ। ହେଲେ ଦେବଦାସର ଦୁଃଖ ସମସ୍ତେ ବୁଝନ୍ତି, ପାର୍ବତୀର ଦୁଃଖ କିଏ ବୁଝେ? ସ୍ୱୟଂ ଦେବଦାସ ବି ବୁଝେଁ କି ନାହିଁ ସନ୍ଦେହ। ଦେବଦାସ ସିନା ମରିଥିଲା ପାର୍ବତୀର ଦୁଆରେ, କିନ୍ତୁ ଦେଖିବ ଦିନେ ଠିକ୍ ତା'ର ଓଲଟା ହେବ। ପାର୍ବତୀ ଧାଇଁ ଯାଇଁ ତମର ଦୁଆରେ, ତମର ଚରଣ ତଳେ, ତମରି ପାଦ ଉପରେ ତୁ' ତୁ' ମୁଣ୍ଡ ପିଟି ମରିବ। ତମେ ହୁଏତ ବିଶ୍ୱାସ କରିବ ନାହିଁ, କିନ୍ତୁ ଦେଖିବ, ଦିନେ ସେଇଆ ହବ ହବ।

ଏ ଜୀବନ, ଯୌବନ, ବିଦ୍ୟା, ଗୌରବ, ପି.ଏଚ୍.ଡି. ଡିଗ୍ରୀ, ରିଡ଼ର ପୋଷ୍ଟ ସବୁ ମତେ ପିତା ଲାଗିଲାଣି, ବିଷ ଲାଗିଲାଣି। ସାରା ଜୀବନ ମୁଁ ଏଇ ଶୁଖିଲା, ତତଲା, ଉହଉହ ମରୁଭୂମିରେ ଚାଲିପାରିବି ନାହିଁ...—ପାରିବି ନାହିଁ। ଅର୍ଜୁନ ବିଶାଳ ଦ୍ରୁମ ଭିତରେ ଡାଳ, ପତ୍ର, ଚଢ଼େଇ କିଛି ନ ଦେଖି ଖାଲି ଚଢ଼େଇର ସେଇ ଗ୍ରେଠିଗ୍ରେଠି ଗୋଲଗୋଲ ଆଖି ଦୁଇଟି ଦେଖିଲା ଭଳି ମୁଁ ଏଇ ସାରା ବିଶ୍ୱବ୍ରହ୍ମାଣ୍ଡରେ କେବଳ ତମକୁ—ତମକୁ ହିଁ ଦେଖୁଛି। ତେଣୁ ତମେ ମତେ ଚାହିଁ ବଂଚନ୍ତ ଯେତିକି ସତ୍ୟ, ମୁଁ ତମକୁ ଚାହିଁ ବଂଚୁଛି ଠିକ୍ ସେତିକି ସତ୍ୟ। ଯଦିଓ ତମେ ତା' ବିଶ୍ୱାସ କରିବ ନାହିଁ, ଯେହେତୁ ମୁଁ କୃତଘ୍ନ, ବେଇମାନ୍। ମୁଁ ମହାଦେବର ଖାଇ ସହଦେବର ଗାଇଲି! ମୁଁ କୁକୁର ଭଳି ତମର ସବୁ ଖାଇପିଇ ଶେଷରେ ଲାଞ୍ଜ ହଲେଇ ଦେଇ ଆଉ ଜଣଙ୍କ ଘରକୁ ଚାଲିଆସିଲି!

ଯାହା ହେବାର ହୋଇଛି । ଆମେ ଯେତେଦିନ ବଞ୍ଚିବା, ଏମିତି ହନ୍ତସନ୍ତ ହୋଇ ମରିବା, ଏ ତ ନିଶ୍ଚିତ କଥା । ତେବେ ଟିକିଏ ଦେଖା ହେଲେ, ପଦେ କଥାବାର୍ତ୍ତା ହେଲେ କ'ଣ ଏମିତି ପାପ ହେବ ? ଆମେ ଏମିତି ନରକଗାମୀ ହୋଇଯିବା ? ଆଉ ତା'ହେଲେ ବି, ମୋର ତ ମନେହୁଏ, ଆମେ ନିଶ୍ଚେ ପରସ୍ପରକୁ ଦେଖିବା, କଥା ହେବା, ହସିବା, ଏକାଠି ବସିବା, ତା' ନ ହେଲେ ତମେ ବଂଚିପାରିବ ନାହିଁ, ମୁଁ ବି ବଞ୍ଚିପାରିବି ନାହିଁ । କେତେ ଦିନ ଏ ରୁଦ୍ଧ ଆବେଗ, ଉଚ୍ଛ୍ୱାସ, ଜ୍ୱାଳା ଭିତରେ ରଖି ବାହାରେ ଭଲ ମଣିଷ ଭଳି ଆମେ ଚଳି ପାରିବା କହ ?

ଆଜି ପାଞ୍ଚ ତାରିଖ । ଠିକ୍ ଏଇ ମାସ କୋଡ଼ିଏ ତାରିଖ ମଙ୍ଗଳବାର ଦିନ ଦଶଟା ବେଳେ ମୁଁ ଯାଉଁ ଦିଲ୍ଲୀ ପାଲମ୍ ବିମାନ ବନ୍ଦରରେ ଅବତରଣ କରୁଛି । ଏଠି ସି' ଅଫ୍ କରିବେ ବିନାୟକ, ଆଉ ସେଠି ରିସିଭ୍ କରିବେ ଭାଇ, ଭାଉଜ, ସନ୍ତୋଷ ଦା', ଗୋପା ବୋଉଦି ଆଉ ଅନ୍ୟମାନେ । କିନ୍ତୁ ଜାଣ ମୋ ଆଖି, ମୋ ମନ, ମୋ ଆତ୍ମା, ମୋ ଅଙ୍ଗପ୍ରତ୍ୟଙ୍ଗ କାହାକୁ ଦେଖିବାକୁ ଖୋଜିବୁଲିବ ଦିଲ୍ଲୀର ମାଟି ଛୁଇଁଲା ମାତ୍ରେ ? କାହାକୁ ନ ଦେଖିଲେ ମନର ମୟୂରୀ କାନ୍ଦି ଉଠିବ ହୋ' ହୋ' ହୋଇ ? ତେଣୁ ତମକୁ ହାତ ଯୋଡ଼ୁଛି, ନେହୁରା ହେଉଛି, ତମ ପାଦ ଧରୁଛି, ତମେ ମୋ ମୁଣ୍ଡ ଖାଅ, ତମେ ନିଶ୍ଚେ ନିଶ୍ଚେ ନିଶ୍ଚେ ଆସିବ ସେଦିନ ବିମାନଘାଟୀକୁ ।

ଭାଇ, ଭାଉଜ, ସନ୍ତୋଷ ଦା' ତମକୁ କେତେ ଭଲ ପାଆନ୍ତି ତମେ କଳ୍ପନା କରିପାରିବ ନାହିଁ । ମୁଁ ଭାଉଜଙ୍କଠୁଁ ନିଜେ ଶୁଣିଛି ଆମ ଘର ବଂଶସାରା ସମସ୍ତେ ମୋ ଉପରେ ଅସନ୍ତୁଷ୍ଟ, କ୍ଷୁବ୍ଧ ମୁଁ ତମକୁ ପରିତ୍ୟାଗ କରି ବିନାୟକକୁ ବରଣ କଲି ବୋଲି । ତେଣୁ କେହି କିଛି ଭାବିବା ପ୍ରଶ୍ନ ଉଠୁ ନାହିଁ । ତେଣୁ ପୁଣି ଥରେ କରଯୋଡ଼ି ଅଶ୍ରୁପ୍ଳୁତ ନୟନରେ ମିନତି କରୁଛି, ତମେ ବିମାନଘାଟୀକୁ ନିଶ୍ଚେ ନିଶ୍ଚେ ଆସିବ । ତମେ ନ ଆସିଲେ ନା ମୁଁ ସେଇଠି ଡ଼ୁ କନା ମୁଣ୍ଡ କଚାଡ଼ି ମରିବି ।

ମୋର ସହସ୍ର ଚୁମ୍ବନ ତମରି ପାଇଁ—

ତମର
ପ୍ରେମ ଭିକାରିଣୀ
ଚିନୁ ।

ସବ୍ୟସାଚୀଙ୍କ ହାତରୁ ଗାଣ୍ଡୀବ ଧନୁ ଖସିପଡ଼ିଲା ।

ଯୁଦ୍ଧକ୍ଷେତ୍ରରେ ଆତ୍ମୀୟସ୍ୱଜନମାନଙ୍କୁ ଦେଖି ଅର୍ଜୁନଙ୍କର ଦେହ ଥରିଲା, ରୁମ ଟାଙ୍କୁରି ଉଠିଲା, ଗାଣ୍ଡୀବ ଧନୁ ଖସିପଡ଼ିଲା, ଦେହର ଚମ ପୋଡ଼ିଗଲା ଭଳି ଜଣେ ମାତ୍ର ତରୁଣୀଙ୍କ ଆଖି ଆଗରେ ଦେଖି ପଟ୍ଟନାୟକଙ୍କର ଠିକ୍ ସେହି ଦଶା ହେଲା । ଏକ ଅପୂର୍ବ ସ୍ନାୟବିକ ଦୁର୍ବଳତା ଦେଖାଦେଲା ସାରା ଅଙ୍ଗରେ । ମନରେ ଘୋର ଭାବାନ୍ତର ଜାତହେଲା ।

ଚିନୁ ଆସିବ, ଅଥଚ ସେ ଚାଲିଯିବେ ଯୁଦ୍ଧକ୍ଷେତ୍ରକୁ ? ଥରଟିଏ··· ମାତ୍ର ଥରକ ପାଇଁ ସେ ତା'କୁ ଦେଖିବେ ନାହିଁ ? ତାଙ୍କର ସାରାଜୀବନର ତପସ୍ୟା, ସାରା ଜୀବନର ସାଧନା, ଶରଣଯ୍ୟା ସବୁ ବୃଥା ହୋଇଯିବ ? ଚିନୁକୁ ସେ କେବେ ପାଇବ ନାହିଁ । ଖାଲି ଟିକିଏ ଦେଖିଦେଲେ ତାଙ୍କ ମନ କେତେ ଶାନ୍ତ ହୋଇଯାନ୍ତା, ତାଙ୍କ ଉଦ୍ଧତ ମନ କେତେ ଶୀତଳ ହୋଇଯାନ୍ତା । ଅଥଚ ସେ ଦେଖିବେ ନାହିଁ ? ଦେଖିବେ ନାହିଁ ? ତାଙ୍କ ନିଜ ପାଇଁ ନ ହେଉ ଅନ୍ତତଃ ଚିନୁ ପାଇଁ ସେ ତା'କୁ ଦେଖା-କରିବା ତ ଉଚିତ । ତା' ନ ହେଲେ ଚିନୁକୁ କେତେ ବାଧିବ ଏତିକ କ'ଣ ସେ ବୁଝିପାରୁନାହାଁନ୍ତି ? ପ୍ରତାପ ହୁଏତ ସେ ଧକ୍କା ସମ୍ଭାଳି ପାରିଲେ, ଚିନୁ ଏ ଧକ୍କା ସମ୍ଭାଳି ପାରିବ ତ ? ଯେତେହେଲେ ଚିନୁ ନାରୀ—ଚିନୁ ଅବଳା, ଦୁର୍ବଳା—ଚିନୁର ଜୀବନ ବି ଲତାର ଜୀବନ !······ପଟ୍ଟନାୟକଙ୍କ ମୁଣ୍ଡରେ ଚକାଭଉଁରି ଖେଳିଗଲା । ପଟ୍ଟନାୟକ ସ୍ତବ୍ଧ ହୋଇ ବସିପଡ଼ିଲେ ।

ବତିଶ

ଭାରତ-ପାକିସ୍ତାନ ଯୁଦ୍ଧ ଅପେକ୍ଷା, ଏ ଯୁଦ୍ଧ ଆହୁରି ଭୟଙ୍କର, ଆହୁରି ଦୁର୍ଦ୍ଧାନ୍ତ ! ଖଡ଼ଗପୁର ରେଲଲାଇନ୍ ଉପରେ ବମ୍ବେ ମେଲ୍ ଆଗରେ ତାଙ୍କୁ ଲକ୍ଷ୍ୟ ସ୍ଥିର କରିବାକୁ ଗୋଟିଏ ମୁହୂର୍ତ୍ତ ଲାଗିଥିଲା । ଅଥଚ ଏଠି ଅଠଚାଳିଶ ଘଣ୍ଟା ବିତିଗଲେ ବି ସେ ସ୍ଥିର କରିପାରୁନାହାଁନ୍ତି କ'ଣ କରିବେ, କୁଆଡ଼େ ଯିବେ । ପ୍ରଥମେ ଏକ ଦୁର୍ଦ୍ଧମନୀୟ ପ୍ରଲୋଭନ—ସେ ଥରେ ଦେଖିବେ । କଥା ପଛକେ ନ କହିବେ, ଦେଖା ପଛକେ ନ ଦେବେ, ଦୂରରେ ଲୋକଲୋଚନର ଅନ୍ତରାଳରେ ରହି ସେ ଥରେ ଖାଲି ଦେଖିବେ ତା' ସୁନା ମୁହଁକୁ । ଯାହା ପାଇଁ ସାରା ଜୀବନ ସେ ଉତ୍ସର୍ଗ କରିଦେଇଛନ୍ତି, ସାରା ଜୀବନ ସେ ଯାପାଳୀ ଜାଳିଛନ୍ତି ଅନ୍ତରରେ, ତା'କୁ ଥରଟିଏ ଖାଲି ଦେଖିବେ ନାହିଁ ??

ଦ୍ୱିତୀୟ ତରଙ୍ଗ— କାହିଁକି ଦେଖିବେ ? ସେ ଅନ୍ୟର ବିବାହିତା ପତ୍ନୀ । ତା'ର ତନୁ, ମନ, ଜୀବନ, ଯୌବନ ସବୁ ନେଇ ସ୍ୱାମୀର ଚରଣ ତଳେ ସମର୍ପଣ କରିଦେବା ବିଧି । ତାକୁ ପୁଣି ଦେଖାକରି ତା' ମନକୁ ଚଞ୍ଚଳ କରିବା, ଉଚ୍ଛନ୍ନ କରିବା କ'ଣ ରୁଚିଗର୍ହିତ, ନୀତିଗର୍ହିତ ହେବ ନାହିଁ ? ସମାଜ କ'ଣ ଏହି ଉଚ୍ଛୃଙ୍ଖଳତାକୁ କ୍ଷମା କରିବ ? ପୁଣି ନାରୀ ଯେମିତି ଦୁର୍ବଳ, କିଏ ଜାଣେ, ହୁଏତ ସେ ପୁଣି ଭାବପ୍ରବଣ ହୋଇ ମୋ ଛାତି ଉପରେ ଲୋଟିପଡ଼ିବ । ଏହାଦ୍ୱାରା ମୁଁ କ'ଣ ତା' ପ୍ରତି ନ୍ୟାୟ କରିବି ?

ଆଉ ଗୋଟିଏ ତରଙ୍ଗ—ଭାରତର ସ୍ୱାଧୀନତା ସମର ବେଳେ ବାପୁ, ଶାସ୍ତ୍ରୀ, ଗୋପବନ୍ଧୁ କ'ଣ ନିଜ ମା' ପାଇଁ, ସ୍ତ୍ରୀ ପାଇଁ, ପୁଅ ପାଇଁ ଭାବିଥିଲେ ? ହଜାର ହଜାର, ଲକ୍ଷ ଲକ୍ଷ ଶହୀଦ୍, ଯୋଦ୍ଧା, ବୀର ଏଇ ତୁଚ୍ଛ ହୃଦୟଦୌର୍ବଲ୍ୟ ପରିତ୍ୟାଗ କରି, ଆତ୍ମୀୟସ୍ୱଜନଙ୍କୁ ପରିତ୍ୟାଗ କରି

ଭାରତର ସ୍ୱାଧୀନତା ସମରରେ ଝାସ ଦେଇ ନ ଥିଲେ ଭାରତ କ'ଣ ସ୍ୱାଧୀନ ହୋଇଥାନ୍ତା ? ଭାରତର ସ୍ୱାଧୀନତା ବଡ଼ ନା ନିଜ ସ୍ତ୍ରୀ, ପୁଅ ବଡ଼ ? ବାରଣ ବଡ଼େଇରେ ଦାପୁ ନା ପୁଅରେ ଦାପୁ ? ବୃହତ୍ତର ସ୍ୱାର୍ଥ ପାଇଁ କ'ଣ କ୍ଷୁଦ୍ରତର ସ୍ୱାର୍ଥକୁ ପରିତ୍ୟାଗ କରାଯାଏନା ? ଶତ୍ରୁ ଯେତେବେଳେ ଆସି ଦୁଆର ମୁହଁରେ ସିଂହରଡ଼ି ଛାଡ଼ୁଛି, ସେତେବେଳେ ମୁଁ ଘର କୋଣରେ ଲୁଚି ରହିବି ଜଣେ ତରୁଣୀର ପଣତ ତଳେ ??

ପୁଣି ସବୁର ଉପରେ ଆହୁରି ଗୋଟିଏ ବଡ଼ ତରଙ୍ଗ ଉଠିଆସେ —ଯାଉ ତାଙ୍କର ଦେଖିବାର ଲୋଭ, ଯାଉ ତାଙ୍କର ଜୀବନ ପ୍ରତି ମମତା, ସେ ଯୁଦ୍ଧକୁ ଯାଆନ୍ତୁ, ଶତ୍ରୁକୁ ମାରି ଦେଶର ମାନ ରଖନ୍ତୁ । ସେ ଅପସରି ଯାଉ ସବୁ ଅପମାନ, ଅଗୌରବରୁ ତନୁକୁ ବଞ୍ଚାନ୍ତୁ—କେହି ନ କହନ୍ତୁ ତନୁକୁ ବିଟପୀ, ଦୋଷୀରୁଣୀ ବୋଲି, ସନ୍ଦେହରେ ତା' ସ୍ୱାମୀଙ୍କ ଭ୍ରୁରୁ କୁଞ୍ଚିତ ନ ହେଉ, କିନ୍ତୁ ଗୋଟିଏ କଥା—ଗୋଟିଏ କଥା ତାଙ୍କୁ ବାଧୁଛି— ତନୁର ପ୍ରତୀକ୍ଷା, ତନୁର ଆଖି ଲୁହ । ତନୁ ଯେତେବେଳେ ପାଲମ ବିମାନ ବନ୍ଦରରେ ବିମାନରୁ ଓହ୍ଲାଇ ଦେଖିବ ପ୍ରଦୀପ ନାହିଁ, ସେତେବେଳେ ସେ ବିକଳ ହୋଇ, କରୁଣ ହୋଇ ଭାଇଙ୍କୁ, ଭାଉଜଙ୍କୁ, ସନ୍ତୋଷ ଦା'କୁ ଜଣ ଜଣ କରି ପଚାରିବ—ପ୍ରଦୀପ କାହିଁ ? ପ୍ରଦୀପ କାହିଁ ? ସମସ୍ତେ ଆସିଲେ ପ୍ରଦୀପ ଆସିଲା ନାହିଁ କାହିଁକି ? ତା'ହେଲେ ସତରେ କ'ଣ ପ୍ରଦୀପ ବଞ୍ଚି ନାହିଁ, ତୁମ୍ଭେମାନେ ସମସ୍ତେ ମତେ ମିଛ କହିଥିଲ ? ପ୍ରଦୀପ ତା'ହେଲେ ମରିଛି ? ମରିଯାଇଛି ? ମରିଛି ? ଓଃ ଓଃ—ସେ ଯେତେବେଳେ ଦୁଲ୍‌କିନା କଚୃତ ପଡ଼ିବ ତଳେ, ସେତେବେଳେ ସେ ବଞ୍ଚିବ ତ ? ବଞ୍ଚିପାରିବ ତ ? ସମ୍ଭାଳିପାରିବ ତ ସେ ଧକ୍କା ? ଥରେ ଗଞ୍ଜାରେ ସେ ମରୁ ମରୁ ବଞ୍ଚିଯାଇଛି । ଭାଉଜ ତା'କୁ ବହୁକଷ୍ଟରେ ବଞ୍ଚାଇ ଦେଇଛନ୍ତି । ପୁଣି ଧକ୍କା ଉପରେ ଧକ୍କା ଆସିଲେ, ବଜ୍ର ଉପରେ ବଜ୍ର ପଡ଼ିଲେ ସେ କେତେ ସହିବ ? କେମିତି ସମ୍ଭାଳିବ ? କେମିତି ବଞ୍ଚିବ ? ଓଃ, ଓଃ...

ପଟ୍ଟନାୟକ ଖାଲି ଅସ୍ଥିର, ବିକଳ ହୋଇ ଉଠିଲେ । ତାଙ୍କର ମନେ ହେଲା ଯେମିତି ସେ ଆଖି ଆଗରେ ଦେଖୁଛନ୍ତି ତନୁ ଭୂଲୁଣ୍ଠିତା

ହେଇ ଯଉଛୁ । କାନ୍ଦ କାନ୍ଦ ମୂର୍ଚ୍ଛା ହେଇଯାଇଛୁ । ପୁଣି ଟିକଏ ଚେତା ହେଲେ ଚତ୍କାର କରୁଛୁ, ଭୂଇଁ ଅଣ୍ଡାଳୁଛୁ, ମୁଠା ମୁଠା ମାଟି ଆଣି ଦେହରେ, ହାତରେ, ମୁହଁରେ ବୋଳି ହେଉଛୁ । ତା'ପରେ ପୁଣି ମୂର୍ଚ୍ଛା । ଧୀରେ ଧୀରେ ପ୍ରାଣବାୟୁ ଉଡ଼ି ଯାଉଛୁ ! ତା'ପରେ ମୁର୍ଦ୍ଦାର୍ ! ମୁର୍ଦ୍ଦାର୍ !! ଉଃ, ଓଃ—ପଟ୍ଟନାୟକ ଆଉ ସମ୍ଭାଳି ହେଇପାରିଲେ ନାହିଁ । ଠପ୍ ଠପ୍ ହୋଇ ଲୁହ ଖସିପଡ଼ିଲା ତାଙ୍କ ଆଖିରୁ ।

ସେ କ'ଣ କରିବେ ? ଲୁଆଡ଼େ ଯିବେ ? କାହାକୁ ରଖିବେ ? କାହାକୁ ବଞ୍ଚେଇବେ ? କ'ଣ ତାଙ୍କର କର୍ତ୍ତବ୍ୟ ? ସେଦିନ ବମ୍ବେମେଲ୍ ଆଗରେ ମରିଯାଇଥିଲେ ସେ ବୋଧେ ଶାନ୍ତି ପାଇଥାନ୍ତେ । ସେ ବଞ୍ଚିରହିଲେ କ'ଣ ଶେଷରେ ତନୁର ମରଣ ଦେଖିବା ପାଇଁ ?

ଠିକ୍ ଗୁରୁଦିନ ପରେ ଚିଠି ଆସି ପହଞ୍ଚିଲା । ଖଣ୍ଡେ ତାଙ୍କ ଉଇଙ୍ଗ୍ କମାଣ୍ଡର ସର୍ଦ୍ଦାର କର୍ତ୍ତାର ସିଂଙ୍କ ପାଖରୁ—ତାଙ୍କୁ ପାକିସ୍ଥାନ ବର୍ଡ଼ର କ୍ଲବ୍ ବିହାରକୁ ବଦଲି । ଡେରି ନ କରି ଚବିଶ ଘଣ୍ଟା ଭିତରେ ଗୁଳିଯିବାକୁ ଆଦେଶ । ଆଉ ଖଣ୍ଡେ···ଆଉ ଖଣ୍ଡେ ଲଣ୍ଡନରୁ ! ତନୁ ପାଖରୁ !! ଜାଆଁନ୍ତା ସାପଟାକୁ ହାତରେ ଧରିପକେଇଲେ ଯେମିତି ଲାଗେ, ପଟ୍ଟନାୟକଙ୍କୁ ସେମିତି ଲାଗିଲା । ସେ ଚିଠି ଖୋଲିବାକୁ ତାଙ୍କର ସାହସ ହେଲାନାହିଁ, ବଳ ପାଇଲା ନାହିଁ । ଜଣେ ପାକିସ୍ଥାନୀ ସୈନ୍ୟ ବନ୍ଧୁକ ଧରି ଆଗରେ ଆସି ଠିଆ ହୋଇଯାଇଥିଲେ ସେ ବୋଧେ ଏତେ ଦୁର୍ବଳ ହୋଇ ପଡ଼ି ନ ଥାନ୍ତେ ।

ବହୁ ସମୟ ପରେ ବହୁ କଷ୍ଟରେ ଚିଠି ଖୋଲିଲେ ।

ଲଣ୍ଡନ

ତା—

Halloo ପ୍ରଦୀପ ! ତମେ କେଡ଼େ Sweet ଆଉ Soft. ତମ କଥା ଭାବିଲେହିଁ ମନ:ର ଚନ୍ଦନର ସୁବାସ ଖେଳିଯାଏ, ଚନ୍ଦ୍ରର କୋମଳ ପ୍ରଲେପ ବୋଳି ହୋଇଯାଏ ଦେହରେ । ଗୋଟିଏ ଓଡ଼ିଆ କବିଙ୍କର ଗୀତ ମନେ ପଡ଼େ—'

'ମେଘଲୋକେ ଯା'ର ଘର ଲୋ ସଜନି
ମେଘଲୋକେ ଯା'ର ଘର
ତା କୁଞ୍ଜେ ଫୁଟିଛି ମୋ ମନ ତାରକା,
ଜୋଛନା ଯହିଁ ଭ୍ରମର ।

ସତରେ କୋଉ ମେଘ କୋଳରେ, ବଉଦ କୋଳରେ ଭାସିଭାସି ବୁଲୁଛ ତମେ, ମୁଁ କେଉଁ ଗଭୀର ଗର୍ତ୍ତ ଭିତରେ ପଡ଼ିଛି । ମୁଁ ତୁମକୁ ଚାହିଁପାରୁନି । ମୁଁ କ'ଣ ସତେ ତମ ପାଖରେ ପହଞ୍ଚି ପାରିବି ??

ଶୁଣିବ କାଲି ରାତିରେ ମୁଁ ଗୋଟିଏ ସ୍ୱପ୍ନ ଦେଖିଛି । ମୁଁ ଜନନୀ ହୋଇଛି । ମୋର ଗୋଟିଏ ଦିବ୍ୟସୁନ୍ଦର କୁଲୁକୁଲୁ ପୁଅଟିଏ ହୋଇଛି । ଆଉ ସେ ପୁଅ କିଏ ଜାଣ ? ତମେ ! ଠିକ୍ ତମରି ମୁହଁ, ତମରି ନାକ, ତମରି ବାଳ ଭଳି କୁଞ୍ଚୁକୁଞ୍ଚୁ ବାଳ, ତମରି ଆଖି, ଠିକ୍ ସେଇ ଜୁଳୁଜୁଳୁ ଚାହାଣୀ । ତମେ ମୋ କୋଳରେ ଶୋଇଛ । ମୋ ଥନରେ ମୁହଁ ଲଗେଇ ଚୁ ଚୁ କରି କ୍ଷୀର ଖାଉଛ । ମୁଁ ତମକୁ ଆନନ୍ଦରେ, ଗଭୀର ଆଶ୍ୱସ୍ତିରେ କୋଳକୁ ଟାଣିଆଣୁଛି, ଜାକି ଧରୁଛି, ଘନଘନ ବୋକ ଦେଉଛି । ତମେ ଖାଲି ଜୁଳୁଜୁଳୁ କରି ଚାହିଁଛ—ଚାହିଁଛ ।

ହଠାତ୍ ନିଦ ଭାଙ୍ଗିଗଲା । ଦେହ ହାତ ଅବଶ ଲାଗିଲା । ଛାତି ଭିତରେ କେମିତି ଫାଙ୍କା ଫାଙ୍କା ଲାଗିଲା । ପାଖରେ ସ୍ୱାମୀ ଶୋଇଥିଲେ । ତାଙ୍କୁ ଉଠେଇ ତମ ନାଁ ନ କହି ଆଉ ସବୁ କଥା ଟିକିନିଖି କହିଲି । ସେ ଦିନସାରା କ୍ଲାନ୍ତ ହୋଇ ଗଭୀର ନିଦ୍ରାରେ ଶୋଇପଡ଼ିଥିଲେ । ଉଠିବାରୁ ପ୍ରଥମେ ବିରକ୍ତ ହେଲେ । ତା'ପରେ କହିଲେ—ତମ ମୁଣ୍ଡରେ ତ କାହିଁ ବଡ଼ ଚିନ୍ତା ନାହିଁ । ଏମିତି ଗୁଡ଼ାଏ ବାଜେ କଥା ସ୍ୱପ୍ନ ନ ଦେଖିବ ତ ଆଉ କ'ଣ ଦେଖିବ ? ଶୋଇପଡ଼ । କାଲି ଗୋଟାଏ ସାଇକୋଲଜିଷ୍ଟଙ୍କୁ ପଚାରିବା । ତମ ମନରେ ଜନନୀ ହେବା ପାଇଁ ବାସନା ବୋଧେ ଖୁବ୍ ଜାଗିଛି ।—ସ୍ୱାମୀ କାନ୍ଥ ଆଡ଼କୁ ମୁହଁ ବୁଲେଇ ଶୋଇଲେ । ମୁଁ ବି ଆଖି ବୁଜିଲି ।

ନାନା କଥା ଭାବିଭାବି ନିଦ ହେଲା ନା । ଏ କେତେ ଦିନ ହେଲା ମନ ସଦାବେଳେ ଚଗଚଗ, ଉଚ୍ଛନ୍ନ । କେମିତି ଉଣେଇଶ ତାରିଖ ହେବ, କେମିତି ଯାଇଁ ଉଡ଼ାଜାହାଜରେ ବସିବ, କେମିତି ଉଡ଼ିଉଡ଼ି ଯାଇଁ ପହଞ୍ଚିବ ଦିଲ୍ଲୀରେ, ତା'ପରେ ତମକୁ ଦେଖିବ—ତମର ସୁନ୍ଦର, ସରଳିଆ, ସୁନା ମୁହଁଟିକି ଆଖିପୂରେଇ, ମନପୂରେଇ, ପେଟପୂରେଇ ଦେଖିବ । ସବୁବେଳେ ଏଇ ଚିନ୍ତା, ଏଇ ଭାବନା । ତେଣୁ ନିଦ ହବ କେମିତି ? ଖାଲି ବିଛଣାରେ ପଡ଼ି, ଛଟପଟ ହେବା ଛଡ଼ା ଆଉ କ'ଣ ଉପାୟ ଅଛି ? ଏମିତି ଭାବୁଛି, ଭାବୁଛି, ଭାବୁଛି, ହଠାତ୍ କେତେବେଳେ ଆଖିପତା ମୁଦି ହେଇଯାଇଛି, ନିଦ ଆସିଯାଇଛି । ବୋଧେ ପାହାନ୍ତା ପହର ହେବ । ଥଣ୍ଡା ପବନକୁ ନିଦ ବାଇ । ମୁଁ ନିଘୋଡ଼ ନିଦରେ ଶୋଇପଡ଼ୁଛି । ହଠାତ୍ ପୁଣି ଦେଖିଛି ଗୋଟିଏ ସ୍ୱପ୍ନ—

ଏଥର ପୁଣି ତମରି କଥା । ଏଥର କିଂନ୍ତୁ ତମେ ଆଉ ସେ ଲୁନ ପୁଅ ନୁହଁ, ତମେ ଏକ ରଜାପୁଅ ହେଇଯାଇଛ । ଗୋରିତକତକ ଦେହେଗ, ସୁନ୍ଦର ଠାଣି, କନ୍ଦର୍ପ ଭଳି ରୂପ । ଆଉ ମୁଁ ହେଇଛି ଏକ ଅଲିଅଳି ରାଜଲଲନା—ତମର ଅଙ୍କଶାୟିନୀ-ସହଧର୍ମିଣୀ । ମୋତେ କୋଳରେ ଧରି ତମେ ଏକ ପୁଷ୍ପକ ରଥରେ ଚଢ଼ି ଉଡ଼ିଉଡ଼ି ଯାଉଛ ଆକାଶମାର୍ଗରେ ।

ଉଡ଼ିଉଡ଼ି ଆମେ ଅନେକ ଦୂର ଚାଲିଗଲେ । ଯାଇଁ ପହଞ୍ଚିଲେ ଏକ ବିଚିତ୍ର ରାଜ୍ୟରେ । ଚାରିଆଡ଼େ ଖାଲି ମାଳମାଳ ସବୁଜ, ଅଗୁଞ୍ଝ ପାହାଡ଼ । ପାହାଡ଼ ମଝିରେ ଏକ ସୁନ୍ଦର, ଶ୍ରେଷ୍ଠ ସହର । ସହରର ଗୋଟିଏ ପାଖରେ ଏକ ବଣୁଆ ନଈ । ନଈର ଦୁଇ ପାଖ ଝଟମଲମଲ ପଥରରେ ବନ୍ଧା । ନଈର ଧାରେ ଧାରେ ସୁନ୍ଦର ଫୁଲ ବଗିଚା । ଅଶୋକ, ନଆଳି, ଚମ୍ପା, ନାଗେଶ୍ୱର, କୁରୁବକ, ରଜନୀଗନ୍ଧା, ଗୋଲାପ, ହେନା ମଧୁମାଳତୀ, ଯାଇ, ଯୁଇ, ମଲ୍ଲୀ—ଲକ୍ଷେ ଜାତିର ଫୁଲରେ ବଗିଚା ଫାଟି-ପଡ଼ୁଛି । ମହକରେ ଭରିଯାଉଛି ଚଉଦିଗ । ସୂର୍ଯ୍ୟ ଅସ୍ତ ଯାଉଥାଆନ୍ତି । ସୁନାର ଜରି ଗୁଣ୍ଡି ହେଇଯାଉଥାଏ ପଶ୍ଚିମ ଆକାଶରେ । ଅସଂଖ୍ୟ ଚଢ଼େଇ ମାଳମାଳ ହେଇ କଳକଳ ରବ କରି ଫେରିଆସୁଥାଆନ୍ତି ନାଡ଼କୁ । ଆକାଶରେ ମହୋତ୍ସବ ଲାଗିଥାଏ ।

ଗେ ଧୂଳି ଧୀରେଧୀରେ ହଜିଗଲା । ଆକାଶରେ ଫୁଟିଉଠିଲା ଅସଂଖ୍ୟ ତାରାଫୁଲ । ଜ୍ୟୋତ୍ସ୍ନା ପ୍ଲାବିତ ରଜନୀ । ମଧୁମଳୟ ରଜନୀ । ବସନ୍ତ ପବନ ଶିରଶିର ହୋଇ ବହି ଆସୁଥାଏ । ଦେହ ମନରେ ବୋଳି ଦେଉଥାଏ ଏକ ମହୁଅ, ମହୁଆ ନିଶା । ଆମେ ବଟିଗୃସାରା ବୁଲିବୁଲି, ଫୁଲର ରେଣୁ ମୁହଁରେ ବେ କବୋଳି, ସଜ ଫୁଲ ଗଭାରେ ଖୋସିଖୋସି, ହାତ ଧରାଧରି ହୋଇ, ଡେଇଁଡେଇଁ, ନାଚିନାଚି, ଗୀତ ବୋଲିବୋଲି ଯାଇଁ ପହଞ୍ଚିଲେ ନଈକୂଳରେ । ଏକ ସ୍ଫଟିକ ପାହାଚ ଉପରେ ତମେ ବସିଲ । ପାହାଚ ମତେ ଶକ୍ତ ହେବ, ତେଣୁ ମତେ ବସେଇଲ ତମ କୋଳରେ । ମୋ ଚିବୁକ ଧରି ହସିହସି ଆରମ୍ଭ କଲ ଗୀତ--

'ଅନ୍ଧାର ଘରକୁ ଡରୁ ଗୋ
ସ୍ଫୁରିକି ଚମକି ପଡ଼ୁ,
କେଉଁ ଦମ୍ଭ ପଣେ ଘରୁ ବାହାରୁରେ ସାମାରତନ
ତୁମ୍ଭାକୁ ମହତ ସାରୁ ।'

ମୁଁ ଚଟପଟ ଉଠି ବସିଲି । କହିଲି—ମତେ ଖାଲି ମନେକରୁଛ ?

ତମେ ପୁଣି ଟାଣିନେଇ ଚୁମ୍ବନରେ ମୋର ଅଧର, କପାଳ, ଗାଲ, ଚିବୁକ ପୂର୍ଣ୍ଣ କରିଦେଇ ଆହୁରି ଗାଇଲ ପଦେ—

'ପଲଙ୍କ କୋଳରେ ଶୋଇରେ
ନିଦ୍ରା ଯେ ଆସଇ ନାହିଁ,
ଫଳମୂଳ ଖାଇ ଡାଳରେ ଶୋଇରେ ସାମାରତନ
କି କାଳ ବଞ୍ଚିବୁ ତୁହି ?'

ମୁଁ ହସିଲି । କହିଲି—ମୁଁ ପଦେ ଗାଇବି ?

କହିଲ— ଗାଅ ।

ଗାଇଲି—

'କରୁଛ କେତେ ଗୁମର ଢଙ୍ଗ
ତୁମେ ତ ବଡ଼ ସୁନ୍ଦର

ତୁମର ଯେମନ୍ତେ ଅରଣ୍ୟେ ବାସ ହେ ରଘୁନନ୍ଦନ,
ଘରେ ମୁଁ କରିବି କସ ?'

ତମେ ପୁଣି ହସିଲ, ପୁଣି କୋଳ କଲ, ପୁଣି ଚୁମା ଦେଲ । ମତେ ଅସ୍ତବ୍ୟସ୍ତ କରିପକାଇଲ । ମୁଁ କହିଲି--ଏତେ ଯଦି ସ୍ନେହ, ମତେ ଛାଡ଼ି ରହିଥିଲ କେମିତି ? ମୋ କଥା ମନେପଡ଼ୁ ନ ଥିଲା ? ନିଷ୍ଠୁର !!

ତମେ କହିଲ —ମୁଁ ନିଷ୍ଠୁର ନା ତମେ ନିଷ୍ଠୁର ମନେ-ପକେଇଲ ? ତମେ ପରା ମତେ ଛାଡ଼ି ଅନ୍ୟ ଜଣଙ୍କ କୋଳକୁ ଡେଇଁପଡ଼ିଲ ! ମତେ ପରା ଜଳନ୍ତା ଅଗ୍ନିକୁଣ୍ଡକୁ······

ମୁଁ ପାଟିରେ ହାତ ଦେଇ ବନ୍ଦ କଲି—ଛି, ଆଉ କହ ନାହିଁ । ଆଉ କେବେ ମୁଁ ତମକୁ ଛାଡ଼ି ଚାଲିଯିବି ନାହିଁ । ପୋଡ଼ିଯାଉ ମୋର ମାନ, ସମ୍ମାନ, ଗୌରବ, ପ୍ରତିପତ୍ତି । ମୁଁ ତମକୁ ଚାହେଁ—ତମକୁ ଚାହେଁ । ତମର ମୁହଁ ଉପରେ ମୁହଁ ରଖି ତମର ଛାତି ଉପରେ ମୁଁ ଆଜୀବନ ଶୋଇପଡ଼ିବି । ଯାଉ ମୋର ସ୍ୱାମୀ । ମୋର ସ୍ୱାମୀ ଯେତେ ବିଦ୍ୱାନ ହୁଅନ୍ତୁ, ଯେତେ ସୁନ୍ଦର ହୁଅନ୍ତୁ, ଯେତେ ଗୌରବ ଅର୍ଜନ କରନ୍ତୁ······

ହଠାତ୍ କ'ଣ ହେଲା, ତମେ ଚମକି ପଡ଼ିଲ । ମୋ ଗାଲେଗାଲେ ଠାସ୍‌କିନା କଷିଦେଲ ଗୋଟାଏ ଚଟକଣା । ମତେ ଧକ୍କି ମାରି ଫିଙ୍ଗିଦେଲ ଦୂରକୁ ।······ମୋ କଣ୍ଠ ରୁଦ୍ଧ ହୋଇଗଲା । ମତେ ବିଶ୍ୱବ୍ରହ୍ମାଣ୍ଡ ଅନ୍ଧାର ଦେଖାଗଲା । ଗୋଟାଏ ପଥର ବାଜି ମୁଣ୍ଡରୁ ଧାରଧାର ରକ୍ତ ବୋହିଲା । ମୁଁ ଉଠିବାକୁ ଚେଷ୍ଟା କରୁଥିଲି, କ'ଣ କହିବାକୁ ଚେଷ୍ଟା କରୁଥିଲି, ତମେ ପୁଣି ଧାଇଁ ଆସି ବୁଟ୍‌ରେ ଡା'ଇ ଡା'ଇ କଷିଦେଲ ମୋ ମୁଣ୍ଡରେ, ଛାତିରେ, ପେଟରେ, ମୁହଁରେ !! ଗଳଗଳ ହୋଇ ରକ୍ତ ଗଳିପଡ଼ିଲା ମୋ ପାଟିରୁ । ମୋ ପଞ୍ଜରା ହାଡ଼ ବୋଧେ ଭାଙ୍ଗିଗଲା । ତମେ କିନ୍ତୁ ଟିକିଏ ଅପେକ୍ଷା ନ କରି ମତେ ଶୂନେଶୂନେ ଟେକି ଫିଙ୍ଗିଦେଲ ନଈମଝିକି— ଗମ୍ଭୀର ଜଳକୁ । ମୁଁ ବୁଡ଼ିଗଲି । ପୁଣି ଉଠିଲି । ପୁଣି ବୁଡ଼ିଲି, ପୁଣି ଉଠିଲି । ଆଉ ଉଠିଲାବେଳେ ବାରମ୍ବାର ଚିତ୍କାର କଲି– କଣ୍ଠ ଫଟାଇ

ଚିତ୍କାର କଲି—ପ୍ରଦୀପ ! ପ୍ରଦୀପ ! ପ୍ରଦୀପ !......ତମେ ଠୋ’ ଠୋ’ ହସୁଥାଅ । ମୁଁ ଆର୍ତ୍ତନାଦ କରୁଥାଏ—ପ୍ରଦୀପ !! ପ୍ରଦୀପ !!

ଚିତ୍କାର ଶୁଣି ମୋ ସ୍ୱାମୀ ଉଠିପଡ଼ିଲେ । ମୁହଁ ବିକୃତ କରି କହିଲେ—କ୍ୟା ? ପ୍ରଦୀପ୍ ? ଅଭି ଭି ପ୍ରଦୀପ୍ ଜିନ୍ଦା ହୈ ? ତୁମ୍ ମରେଗୀ ନେହିଁ, ତୁମ୍ହାରା ପ୍ରଦୀପ ଭି ମରେଗା ନେହିଁ । – ସ୍ୱାମୀ ଠାଇକିନା ଗୋଟାଏ ଚଟକଣା ପକେଇଲେ । ଗମ୍‌ଗମ୍ ହୋଇ ବାହାରିଗଲେ ଘରୁ । ମୁଁ ଖାଲି ବଉଡ଼ାପତ୍ର ପରି ଥରୁଥାଏ, ଥରୁଥାଏ, ଥରୁଥାଏ ।

ମୁଁ ଜାଣେ ପ୍ରଦୀପ’ ତମେ ମତେ ଦିନେ ଭଲ ପାଇଥିଲ, ତମେ ମତେ ଏବେ ଘୃଣା କରୁଛ । ଆଉ ସେଥିପାଇଁ ଦାୟୀ ତମେ ନୁହଁ, ମୁଁ । ତେଣୁ ଦୁଃଖ କରିବି ନାହିଁ, ଅଭିଯୋଗ କରିବି ନାହିଁ । ଦିଲ୍ଲୀ ବିମାନ ବନ୍ଦରରେ ତମେ ମତେ ଦେଖାକରିବ ନାହିଁ, ମୁଁ ଜାଣେ । ତମ ସାଙ୍ଗରେ ବି ସାରା ଜୀବନରେ ଆଉ ଦେଖା ହେବ ନାହିଁ, ଏ ବିଶ୍ୱାସ ମୋର ଦୃଢ଼ । ସତୀ, ଶିରୋମଣୀଙ୍କୁ ସମସ୍ତେ ଆଦର କରନ୍ତି, ସମ୍ମାନ କରନ୍ତି, ବେଶ୍ୟା ପାଖକୁ ଯାଏ କିଏ ? ମୁଁ ବେଶ୍ୟା ନୁହେଁ ତ ଆଉ କ’ଣ ? ଜଣକୁ ଭଲ ପାଇ, ପ୍ରାଣ ଦେଇ ପୁଣି ଆଉ ଜଣକୁ ଯିଏ ଦେହ ବିକି ଦିଏ, ତାକୁ ବେଶ୍ୟା ନ କହି ଆଉ କ’ଣ କହିବ ?

ନା, ତମେ ତ ବିମାନ ବନ୍ଦରକୁ ଆସିବ ନାହିଁ, ମୁଁ ବି, ଭଗବାନଙ୍କ ଦୋହାଇ ଦେଇ କହୁଛି, କେବେ ତମ ପାଖକୁ ଯାଇଁ, ତମକୁ ଦେଖି ତମ ପବିତ୍ର ଜୀବନକୁ କଳଙ୍କିତ କରିବି ନାହିଁ । ତେଣୁ ଟଂଜା ଛାଡ଼ି ପକେଇଗଲା ଭଳି ମୋ’ର ଉପରେ ତମେ ପୁଣି ଜାମ୍ବୁ ଛାଡ଼ି ଏକ ଅଜ୍ଞାତ କୋଳକୁ, ଅନିଶ୍ଚିତ କୋଳକୁ ଡେଇଁପଡ଼ିବ ନାହିଁ । ପଞ୍ଜୁରୀର ପକ୍ଷୀ ମୁଁ । ମୁଁ କେବେ ପଞ୍ଜୁରୀ ଛାଡ଼ି ମୁକ୍ତ ଆକାଶ କୋଳକୁ ଉଡ଼ି ଯିବି ନାହିଁ । ତମ ପାଖରେ ଗୋଟିଏ ଡାଳରେ ବସିପଡ଼ିବି ନାହିଁ । ତମ ଚଞ୍ଚୁରେ ଚଞ୍ଚୁ ରଖି କେବେ କଳଗୁଞ୍ଜନ କରିବି ନାହିଁ । ତମେ ଶାନ୍ତିରେ ରହ, ମୁକ୍ତି ପାଅ, ଏତିକି ଖାଲି ବିଶ୍ୱପିତାଙ୍କୁ ପ୍ରାର୍ଥନା କରିବି । ଅବଶ୍ୟ ମୋ ଭଳି କଳଙ୍କିନୀ ବେଶ୍ୟାର ପ୍ରାର୍ଥନା ଠାକୁରେ ଶୁଣିବେ କି ନାହିଁ

ସନ୍ଦେହ । ତଥାପି ବେଶ୍ୟା ହେଲେ ବି ତ ମୁଁ ମଣିଷ । Every harlot was a virgin first. ଏଇ ବେଶ୍ୟା ବି ଦିନେ କୁମାରୀ ଥିଲା, ପବିତ୍ର ଥିଲା, ଯାହାକୁ ଭଲ ପାଉଥିଲ ତମେ—ତମେ · · · ପ୍ରଦୀପ !

ମୁଁ ଜୀବନରେ ତ ତମକୁ ଦେଖିବି ନାହିଁ । ମୁଁ ମଲାବେଳେ ବି ତମେ ଆସିବ ନାହିଁ । ମୋ ପାଇଁ ତମ ହୃଦୟରେ କେତେ ପୁଞ୍ଜିଭୂତ ଘୃଣା ମୁଁ ଅନୁମାନ କରିପାରୁଛି । ମଲାବେଳେ ମୁଁ କ'ଣ କହିକହି ମରିବ ଜାଣେ ନା, କିନ୍ତୁ ତମର କଥା, ତମର ହସ, ତମର ମୁହଁ ସବୁ ମୋ ଆଖିଆଗରେ ନାଚିଉଠିବ ମୁଁ ମଲାବେଳେ । ତମକୁ ହିଁ ହୃଦୟର ସଙ୍ଗୀ କରି, ତମର ମୁହଟିକି ବିକଳ ଆଖିରେ ଗୃହିଁଗୃହିଁ, ଧାରଧାର ଲୋତକ ଗଡ଼ାଇଗଡ଼ାଇ ମୁଁ ମରିବ । ଆଜି ମୁଁ ଯେତେବେଳେ ମରିଯାଏ, ମୋ ମଲା ଖବର ଯେତେବେଳେ ତମେ ଶୁଣିବ, ଦୟାକରି ଥରେ ଆସିବ ମୋ ସମାଧି ପାଖକୁ, ଟିକିଏ ବସିବ, ଗୋଟିଏ ଗୋଲାପ ଫୁଲ ଥୋଇ-ସମାଧି ଉପରେ । ବାସ୍ ସେତିକି । ସେତିକିରେ ମୁଁ ଶାନ୍ତି ପାଇବ । ମୋ ବିକଳ ଆତ୍ମା, କଲବଲ ଆତ୍ମା ଶାନ୍ତି ପାଇବ । ମୋର ସବୁ ଶୋଷ ମରିଯିବ, ମେଣ୍ଟିଯିବ ।

ଯାଉଛି ପ୍ରଦୀପ, ଏଇ ମୋର ଶେଷ ଚିଠି, ଶେଷ ଚୁମ୍ବନ । ମୋର କାହିଁକି ମନ କହୁଛି ମୁଁ ଆଉ ତମକୁ ପାଇବି ନାହିଁ । ବିଲାତରେ ଥିବା ପର୍ଯ୍ୟନ୍ତ ଭଲ ଥିଲି । ଚିଠି ଖଣ୍ଡେ ହେଲେ ତମକୁ ଲେଖୁଥିଲି । ଭାରତ ଯିବାକୁ ସ୍ଥିର କରି ସାରିବା ପରେ ଏବେ କାହିଁକି ଭାବୁଛି ମୁଁ ଭୁଲ୍ କଲି । ମୁଁ ଯାଇଁ ଭାରତରେ ପାଦ ଦେଲା ମାତ୍ରେ ତମେ ଜାଣିଥିବ ଛାଡ଼ି କାହିଁ କୁଆଡ଼େ ପଳେଇଯିବା । ତମେ ଯେତେବେଳେ ମତେ ଭଲ ପାଉଥିଲ ମୁଁ ଯାଇ ନାହିଁ । ଆଜି ଯେତେବେଳେ ତମେ ଘୃଣା କରୁଛ ମୁଁ ବଳେଇ ପଶୁଛି । ତମେ ତା'ର ଅକସ ନେଉଛ । ନିଜେ କାନ୍ଦଥିଲ ବୋଲି ମତେ କନ୍ଦେଇକନ୍ଦେଇ ମାରୁଛ । ମରିବାକୁ ମୋର ଡର ନାହିଁ । ମୋର ଖାଲି ଡର ତମକୁ ଛାଡ଼ି ମୁଁ କେମିତି ବଞ୍ଚିବ ? ମୁଁ ଯଦି ତମକୁ ଥରେ ଦେଖନ୍ତି, ତମ ଛାତି ଉପରେ ଲୋଟିପଡ଼ି କହନ୍ତି ମୁଁ ତମକୁ କେତେ ଭଲ ପାଏ—

ବେକରେ ଭଲ ପାଏ । ମୋ ଗ୍ରନ୍ଥିର ପ୍ରତ୍ୟେକ ସ୍ପନ୍ଦନ ଖାଲି ତମରି ପାଇଁ—ତମରି ପାଇଁ ।

ମୁଁ ଗୋଟିଏ କଥା ବୁଝିପାରେ ନାହିଁ ପ୍ରଦୀପ, ଯାହାକୁ ଦେଖିବା ପାଇଁ ତମେ ଦିନେ ପାଗଳ ହୋଇଯାଉଥିଲ, ଅନ୍ଧ ହୋଇଯାଉଥିଲ, ତାକୁ ଶେଷରେ ଘୃଣା କଲ ? ଘୃଣା କଲ ? ପ୍ରଦୀପ, ତମେ ଚିନୁକୁ ଘୃଣା କରିପାରିଲ ??

ନା, ତମେ ଆସିବ ନାହିଁ । ତମକୁ ହାତ ଯୋଡ଼ୁଛି, ତମକୁ ଭଗବାନଙ୍କ ହାତ୍ତ, ତମେ ବିମାନଘାଟିକି କେବେ ଆସିବ ନାହିଁ, ଆସିବ ନାହିଁ, ଆସିବ ନାହିଁ । ତମେ ଆସିଲେ ମୋ ଗ୍ରନ୍ଥି ଫାଟିଯିବ ଦୁଃଖରେ । ଯାହାକୁ ଏତେ ଘୃଣା, ତା' ପାଇଁ କାହିଁକି ଆସିବ ?? ବେଶ୍ୟାର ଛାଇ ପଡ଼ିଲେ ତମର ପବିତ୍ର ଦେହ କଳଙ୍କିତ ହୋଇଯିବ ।

ତମେ ସୁଖୀ ହୁଅ । ଭଗବାନ ତମକୁ ସୁଖୀ କରନ୍ତୁ—ଏଇ ପ୍ରାର୍ଥନା······ପ୍ରାର୍ଥନା ।

ତମରି
ହୀନା,
ନୀଚା,
ଘୃଣ୍ୟା,
ଚରିତ୍ରହୀନା
ଚିନୁ ।

ପଟ୍ଟନାୟକ କ'ଣ ଦେଖୁଛନ୍ତି ? କ'ଣ ପଢ଼ୁଛନ୍ତି ? କ'ଣ ଶୁଣୁଛନ୍ତି ? ପଟ୍ଟନାୟକଙ୍କର ମନେ ହେଲା ଯେମିତି ବମ୍ବେ ମେଲ୍ ଦୁର୍ଦ୍ଦାନ୍ତ ଗତିରେ ତାଙ୍କ ମୁଣ୍ଡ ଉପରେ ଝପ୍‌ଝପ୍ କରି, ଝପ୍ ଝପ୍ କରି ଚଢ଼ି ଚାଲିଯାଉଛି । ବିଶ୍ୱରୂପ ଦର୍ଶନ ବେଳେ ଯେମିତି ଅର୍ଜୁନ ଦେଖିଲେ ଯେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଆଦି ଯୋଦ୍ଧାମାନେ ପ୍ରବଳ ବେଗରେ ଧାବିତ ହୋଇ ଶ୍ରୀକୃଷ୍ଣଙ୍କ ଭୟାନକ ମୁଖଗହ୍ୱରରେ ପ୍ରବେଶ କରୁଛନ୍ତି, ସେମାନଙ୍କର ମସ୍ତିଷ୍କ

ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଉଛି, ସେମାନେ ତାଙ୍କ ଦାନ୍ତ ସନ୍ଧିରେ ଲାଖିଯାଉଛନ୍ତି, ଗଳିଯାଉଛନ୍ତି, ପଟ୍ଟନାୟକଙ୍କର ମନେ ହେଲା ତାଙ୍କର ମସ୍ତିଷ୍କ ସେମିତି ଇଞ୍ଜିନ୍ ତଳେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଉଛି । ତାଙ୍କର ରକ୍ତ, ଦାନ୍ତ, କେଶ, ମାଂସ, ହାଡ଼ ଲାଖି ଯାଉଛି ଟମଲ୍ ଚକର ଦାନ୍ତ ଭିତରେ । ପଟ୍ଟନାୟକଙ୍କର ଯେମିତି ଆଉ ଜୀବନ ନାହିଁ, ଅସ୍ତିତ୍ୱ ନାହିଁ । ସବୁ ଶୂନ୍ୟ ଅନ୍ଧାର, ପ୍ରଳୟ !

ସେ ଆଉ କି ଯୁଦ୍ଧକୁ ଯିବେ ? ସେ ଆଉ କି ଫ୍ଲାଇଙ୍ଗ୍ ଲେଫ୍ଟେନାଣ୍ଟ୍ ହେବେ ? ସେ ଆଜି ପରଜିତ, ପରାଭୂତ । ତାଙ୍କର ସବୁ ଶକ୍ତି, ସାହସ, ବୁଦ୍ଧି, ଉଦ୍ଦାମତା—ସବୁ ଯେମିତି କିଏ ମନ୍ତ୍ର ପଢ଼ି ତାଙ୍କ ଠାରୁ ଛଡ଼ାଇ ନେଇଛି । ସେ ଖାଲି ଗୋଟାଏ ମାଂସପିଣ୍ଡୁଳା ! ମେଣ୍ଢାଏ ! କାହୁଆ !

ସତରେ ଚିନୁ ଯଦି ଏତେ ଭାଙ୍ଗିପଡ଼େ, ଏ ଧକ୍କା ସମ୍ଭାଳି ନ ପାରେ, ତା'ହେଲେ ତାଙ୍କର ଏ ସାରା ଜୀବନ ତପସ୍ୟାର ମୂଲ୍ୟ କ'ଣ ? ସେ ଯୁଦ୍ଧକୁ ଯିବେ କୋଉ ଯଶ ପାଇଁ ? ସେ ଯାତ୍ରାରେ ପଶିଥିଲେ, ମୁଖା ପିନ୍ଧିଥିଲେ, ହନୁର ମୁଖା ପିନ୍ଧି ହନୁ ଭଳି ଥେଇଥେଇ ହୋଇ ନାଚିଥିଲେ କାହିଁକି ? କୋଉଥିପାଇଁ ? ଯଶ ଆଶାରେ ? ଗୌରବ ଆଶାରେ ? ଆଜି ତା' ଯଦି ହୁଏ, ଚିନୁ ଆଉ ତାଙ୍କ ଭିତରେ ତଫାତ୍ କ'ଣ ? ଚିନୁ ଗୌରବ ପାଇଁ ପ୍ରଦୀପକୁ ଗୁଡ଼ି ବନାଇକ କୋଳକୁ ଡେଇଁଥିଲା, ଆଉ ସେ ଗୌରବ ପାଇଁ ଚିନୁକୁ ଗୁଡ଼ି ଯୁଦ୍ଧକୁ ଯିବେ । ତଫାତ୍ ?? ଜୀବନରେ ଖାଲି ଗୌରବ ହିଁ ଦରକାର—ହୃଦୟ ନୁହେଁ ? ମମତା ନୁହେଁ ?

ଗୌରବ ପାଇଁ ସେ ତା'ହେଲେ ଚିନୁ ସ୍ମୃତିରେ ତ୍ୟାଗର ଭୁଷି ଦେବେ ? ଢୁଁ ଢୁଁ ଗୁଳି ଛୁଟେଇ ଦେବେ ??

ସେ ଯୁଦ୍ଧକୁ ଯିବେ, ଆଉ ଏଣେ ଚିନୁ ଆସି ଉଡ଼ାଜାହାଜରୁ ଓହ୍ଲାଇବ । ବିମାନଘାଟୀରେ ଦେଖିବ ପ୍ରଦୀପ ନାହିଁ । ଡୁକନା ମୁଣ୍ଡ ପିଟିହେବ । ହାର୍ଟଫେଲ୍ କରିବ । ମରିବ, ତା' ମରଣ ପାଇଁ ଦାୟୀ କିଏ ?

ଯାକସୁମା ସୈନ୍ୟଟିଏ ମାରିବା ଆଗରୁ ସେ କ'ଣ । 'ଅସୁମାରମ୍ଭ ଶୁଭମସ୍ତୁ ଭବତୁ' କହି ଜାପାଜାହାଜରୁ ପ୍ରଥମ ବୋମାଟି ଫିଙ୍ଗିବେ ଠିକ୍ ଚିନୁର ମୁଣ୍ଡ ଉପରେ ଉପରେ ?

ଚିନୁ ତାଙ୍କ ଗୁଣ୍ଡିରେ ଗୋଇଠା ମାରି ଜାପାନୀଙ୍କ କୋଳକୁ ଯାଇଥିଲା । ସେ କ'ଣ ଠିକ୍ ସେମିତି ଚିନୁକୁ ତଳେ ଫିଙ୍ଗି ଦେଇ ତା' ଗୁଣ୍ଡି ଉପରେ ଗୋଇଠା ମାରିମାରି ଶେଷକୁ ତା' ମୁହଁ ଉପରେ, ତା' ବେକ ଉପରେ ମିଲିଟାରୀ ବୁଟ୍‌ରେ ଚଢ଼ିଯିବେ, ଯେମିତି ସେ ଭକ୍‌ଭକ୍ ରକ୍ତ ବାନ୍ତି କରି ସେଇଠି ସେ ରକ୍ତ ଉପରେ ବେକ ମୋଡ଼ି ଦେଇ ପଡ଼ିବ ??

ସେ ଏତେ ନିଷ୍ଠୁର ? ଏତେ ପ୍ରତିହିଂସାପରାୟଣ ? ତାଙ୍କ ଦାନ୍ତରେ, ନଖରେ, ଜିଭରେ ଏତେ ରକ୍ତ ??

ସେ ମିଲିଟାରୀରେ ପ୍ରଶିକ୍ଷିତ ମିଲିଟାରୀରୁ ନୂଆ ଟେକ୍‌ନିକ୍ ଶିଖି ଚିନୁ ଉପରକୁ କୁଦି ପଡ଼ି, ତା' ବେକରେ ଦାନ୍ତ ଲଗେଇ ତା'କୁ ଛୁଣ୍ଟା-ଛୁଣ୍ଟା କରି ଦେବାକୁ ? ତା' ବେକ କଣା କରି ତା' ବେକର ରକ୍ତ ଚକ୍ ଚକ୍ କରି ପିଇଯିବାକୁ ??

ଆଃ, ଆଃ—ସାହେବ ଗୋଟିଏ ଚଉକିରେ ବସିଥିଲେ । ଖୁବ୍ ଜୋର୍‌ରେ ପଛକୁ ଝୁଙ୍କି ପଡ଼ିଲେ । ଚଉକି ସୁଦ୍ଧା ଯାଇଁ ତଳେ କଚାଡ଼ି ହୋଇପଡ଼ିଲେ । ଅଫିସର ସମସ୍ତେ ହାଁ ହାଁ କରି ଦଉଡ଼ିଆସିଲେ । ସାହେବ ନିଜ ହୃଦୟର ଆବେଗ ସମ୍ଭାଳି ପାରିଲେ ନାହିଁ । ଚିଠିଟିକୁ ମୁହଁ ଉପରେ ରଖି ଭୋ'କିନା କାନ୍ଦିଉଠିଲେ । ସମସ୍ତେ ଚକିତ ହୋଇ ରହିଲେ ।

ତେଇଶି

ନା, ତିନି ପାଖ ନିଆଁ ଲଗେଇ ନଦେଲେ ଗୋଟିଏ ପାଖକୁ କେବେ ଯାଇ ହେବ ନି । ଜୀବନର ଏହିଭଳି ଝଡ଼ସନ୍ଧି ବେଳରେ ଚାରିଆଡ଼ର ନାନା ପ୍ରଲୋଭନ ତମକୁ ହାତଠାରି ଡାକିବ, ତମକୁ ଟାଣି ଧରିବ ଚଉଆଡ଼ୁ । ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ କୁଆଡ଼କୁ ଯିବ କିଛି ସ୍ଥିର କରି ପାରିବ ନାହିଁ । ତେଣୁ ଆଗି ବୁଝି ନିର୍ମମ ଭାବରେ ତିନି ପାଖରେ ନିଆଁ ଜଳେଇଦେବା ଉଚିତ । ତା'ହେଲେ କେବଳ ଆଗକୁ, ଆଗକୁ ଏବଂ ଆଗକୁ ଯିବା ଛଡ଼ା ଅନ୍ୟପନ୍ଥା କିଛି ନ ଥିବ ।

ମିଷ୍ଟର ପଟ୍ଟନାୟକ ବହୁ ଚିନ୍ତା ପରେ ଏଇ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ସେ ଯୁଦ୍ଧକୁ ନିଶ୍ଚୟ ଯିବେ ଏବଂ ଯିବେ କେବଳ ଚିନୁ ପାଇଁ । ଯୁଦ୍ଧକୁ ଗଲେ, ଅବଶ୍ୟ ଭଗବାନ୍ ନ କରନ୍ତୁ, ଚିନୁ ହୁଏତ ଗୋଟାଏ ବଡ଼ ଧକ୍କା ପାଇବ । ହୁଏତ ସେ ଧକ୍କା ସମ୍ଭାଳି ପାରିବ ନାହିଁ, ମରିଯିବ । କିନ୍ତୁ ଯୁଦ୍ଧକୁ ନ ଗଲେ ଚିନୁ ଯେମିତି ଦୁର୍ବଳ ଆଉ ପଟ୍ଟନାୟକ ବି ଯେମିତି ଦୁର୍ବଳ ହୋଇଗଲେଣି, ହୁଏତ ପରସ୍ପର ଦେଖିଲାମାତ୍ରେ ଭେଁ କିନା କାନ୍ଦି ଉଠିବେ—ସବୁ ଲାଜ, ସଂକୋଚ, ସମ୍ମାନ, ସଂସ୍କୃତି ଭୁଲି ହୁଏତ ଚିନୁ ତା କୋଳରେ ଲେଟିପଡ଼ିବ ସମସ୍ତଙ୍କ ସମ୍ମୁଖରେ । ସେଥିରେ ତୃତୀୟପର ଯାହା ହେଉ ଚିନୁର ଅବସ୍ଥା କ'ଣ ହେବ ?

ଚିନୁ ବିବାହିତା, ଚିନୁ ସମ୍ଭ୍ରାନ୍ତବଂଶୀୟା, ଚିନୁ ସମାଜର ଶୀର୍ଷତମ ସ୍ଥାନରେ । ଏ କଥା ଦେଖିଲେ ଗୋଟିଏ ମୁହୂର୍ତ୍ତରେ ସେ କେମିତି ବିଟପୀ, ଚରିତ୍ରହୀନା, କୁଳକଳଙ୍କିନୀ ହୋଇ ଉଠିବ, ସମାଜରେ କେମିତି ତା' କଳଙ୍କର ନାଗରା ଡିବ ଡିବ ହୋଇ ବାଜି ଉଠିବ, ତା' ଶାଶୁ, ଶ୍ୱଶୁର, ସ୍ୱାମୀ ଏ କଥା ଶୁଣିଲେ ତା'କୁ କେତେ ହୀନ, ନୀଚ, ଘୃଣ୍ୟ ମଣିବେ, ସତକୁ ସତ ସେ କେମିତି ବେଶ୍ୟାର ପାହାଚକୁ ଓହ୍ଲେଇ ଯିବ, ପଟ୍ଟନାୟକ

ତା' କଳ୍ପନା କରିପାରିଲେ ନାହିଁ, କଳ୍ପନା କରିପାରିଲେ ନାହିଁ । ତାଙ୍କ ଆଖି ବୁଜି ହୋଇଗଲା । ତାଙ୍କ ହୃତ୍ପିଣ୍ଡର ସ୍ପନ୍ଦନ ବନ୍ଦ ହୋଇଗଲା । ସେ ପଛକେ ନିଜ ହାତରେ ଗୋଟିଏ କଟୁରି ଧରି ତା' ବେକକୁ ଚର୍‌କିନ କାଟିଦେବେ, ସେ ତା'କୁ କେବେ ବେଶ୍ୟା କରିପାରିବେ ନାହିଁ, ପାରିବେ ନାହିଁ, ପାରିବେ ନାହିଁ । ନା, ନା, ସେ ଏତେ ଟିକିଏ କଳଙ୍କ ବି ଦେଖି ପାରିବେନି ଚନୁର ଚରିତ୍ରରେ । ପଦ୍ମଫୁଲରେ ସୁବାସ ଥାଉ, କର୍ଦ୍ଦମ କେବେ ନ ଥାଉ ।

ଚଞ୍ଚନାପୂର ଥରେ ସ୍ଥିର କଲେ ଯିବାକୁ, ଆଉ କେବେ କିଛି ଅନ୍ୟ ଚିନ୍ତା କଲେ ନାହିଁ । ସବୁ କଳା ବାଦଲ ଘୁଞ୍ଚିଯାଇଁ ଯେମିତି ଆକାଶ ନିର୍ମଳ ହୋଇଆସିଲା । ସେ ହେଡ୍‌କ୍ଲାର୍କଙ୍କୁ ଡକାଇ ପଚିଶ ଟଙ୍କାର ଗୋଲାପ ଫୁଲ ମଗେଇଲେ । ଅନେକ ଗୁଡ଼ିଏ ଅଗୁରୁବତି ମଗେଇଲେ । ଅଫିସ କାମ ଶେଷ କରି ଘରକୁ ଆସିଲେ । ଗୋଟିଏ ଟେବଲ ଉପରେ ଚନୁର ଫଟୋଟିକି ସୁନ୍ଦର ଭାବେ ସଜାଇ ରଖିଲେ । ଗୋଲାପ ଫୁଲର ମାଳା, ଗୋଲାପ ତୋଡ଼ାରେ ଟେବଲ ପୂର୍ଣ୍ଣ କରି-ଦେଲେ । ଅଗୁରୁବତିଗୁଡ଼ିକ ଜାଳିଦେଲେ । ପ୍ରଦୀପଟିଏ ଲଗାଇଦେଲେ । ଚନୁର ଚିଠିଗୁଡ଼ିକ ନିଧିସମ୍ପତ୍ତି ଭଳି ସେ ସାଇତି ରଖିଥିଲେ । ସେଗୁଡ଼ିକ ଗୋଟିଗୋଟି କରି ଆଣି ଟେବଲ ଉପରେ ସଜାଇ ରଖିଲେ । ତା'ଉପରେ ଫୁଲ କେତୋଟି ଦେଲେ । ତା'ପରେ ଚଉକିଟିରେ ବସି ନିର୍ନିମେଷ ନୟନରେ ଚାହିଁ ରହିଲେ ଚନୁର ହସିଲା ମୁହଁଆଡ଼େ ।

ଫୁଲ ମଗେଇଲାବେଳେ ସେ ଶହେ ଟଙ୍କାର ନୋଟ୍ ଖଣ୍ଡେ ବଢ଼େଇ ଦେଇଥିଲେ ହେଡ଼କ୍ଲାର୍କଙ୍କ ହାତକୁ, ଅନୁରୋଧ କରିଥିଲେ ଗୋଟିଏ ଛୋଟ ଟି ପାର୍ଟିର ବରାଦ କରିବାକୁ । ବଡ଼ବାବୁଙ୍କ ଠାରୁ ଆରମ୍ଭ କରି ଛୋଟ ପିଅନଟି ପର୍ଯ୍ୟନ୍ତ ସମସ୍ତଙ୍କ ପାଖକୁ ସେ ନିଜେ ଯାଇଁ ହାତ ଯୋଡ଼ି ଅନୁରୋଧ କରିଥିଲେ ସଂଧ୍ୟାରେ ତାଙ୍କ ବସାରେ ଟିକିଏ ପାଦ ଦେବାକୁ । ଅବଶ୍ୟ ସେ ଟିକିଏ ମିଛ କହିଥିଲେ । କହିଥିଲେ—ତାଙ୍କର ପ୍ରମୋସନ । ସେଥିପାଇଁ ଟିକିଏ ଜଳଯୋଗ । ସେ ଯାହାହେଉ, ସନ୍ଧ୍ୟା ଆଠଟା ବେଳକୁ ତାଙ୍କ ଅଫିସ୍‌ର ଜଣଜଣ କରି ସମସ୍ତେ ଆସି ପହଞ୍ଚିଲେ । ତା' ଆଗରୁ ଅବଶ୍ୟ ତାଙ୍କ ଅଫିସର୍ ବନ୍ଧୁମାନେ ଆସିଥିଲେ ।

ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହେଲେ ଏ ଫଟୋ, ଫଟୋ ଉପରେ ଏ ଅଜସ୍ର ଗୋଲାପର ମାଳା, ଗୋଲାପର ତୋଡ଼ା ।

ସାହେବ ସମସ୍ତଙ୍କୁ ଅଭ୍ୟର୍ଥନା ଜଣେଇଲେ, କିନ୍ତୁ ବେଶୀ କଥା କହିପାରିଲେ ନାହିଁ । ତାଙ୍କର କଣ୍ଠ ଯେମିତି ବାଷ୍ପରୁଦ୍ଧ ହୋଇଆସୁଥିଲା । ଅବଶ୍ୟ ଗଲା ଦୁଇ ଦିନ ହେଲା ସେ ଏଠିସେଠି ବହୁ ବିଦାୟ ସଭାରେ ଯୋଗ ଦେଇଛନ୍ତି । ସମସ୍ତେ ତାଙ୍କ ଉପରେ ଗଭୀର ସ୍ନେହ, ଶ୍ରଦ୍ଧା, ପ୍ରୀତି ଢାଳି ଦେଇଛନ୍ତି । ସେ ବି ସମସ୍ତଙ୍କୁ ଅନ୍ତରର ଅସୀମ କୃତଜ୍ଞତା ଜଣାଇଛନ୍ତି ହସିହସି । କିନ୍ତୁ କେଜାଣି କାହିଁକି ଆଜି ସେ ମୋଟେ କିଛି କହିପାରିଲେ ନାହିଁ । କିଛି କହିବାକୁ ଆରମ୍ଭ କଲାମାତ୍ରେ ତାଙ୍କର ଆଖି ଯେମିତି ଲୋତକପୂର୍ଣ୍ଣ ହୋଇଗଲା, କଣ୍ଠ ରୁଦ୍ଧ ହୋଇଆସିଲା । ସେ ବହୁ କଷ୍ଟରେ କେବଳ ହେଡ୍‌କ୍ଲାର୍କଙ୍କ ହାତ ଧରି ପକେଇ କହିଲେ—ମୁଝେ ମାଫ୍ କିଜିଏ ବଡ଼ାବାବୁ, ମେଁ ଉସି ରୋଜ ଆପ୍‌କେ ଉପର ଗୁସା ହୁଆ । କାହିଁ ଗୁସା ହୁଆ, ମେରେ ଖ୍ୟାଲ୍, ଆପ୍ ଅଭି ସମଝ୍‌ତେହେଁ । ହାମାରା କସୁର୍ ମାଫ୍ କିଜିଏ ।

ବଡ଼ବାବୁ କହିଲେ—ନହିଁ ହଜୁର୍... ...

ଫିର୍ ହଜୁର୍ ମତ୍ ବୋଲିଏ । ମେଁ ଯାତାହୁଁ । ମୁଝେ କ୍ଷମା କିଜିଏ । ଫିର୍ ମୁଝେ ଆଶୀର୍ବାଦ କିଜିଏ । ସମସ୍ତଙ୍କ ଆଡ଼କୁ ଚାହିଁ କହିଲେ—ଫିର୍ ଆପ୍‌ଲୋଗ୍, ଆପ୍‌ଲୋଗକୋ ଭି ମେଁ ହାତ୍ ଯୋଡ଼୍‌ତା ହୁଁ, ହାମାରା ଅପରାଧ୍ ମାର୍ଜନା କିଜିଏ, ଅଉର୍ ଜରା ଆଶୀର୍ବାଦ—ହାମ୍‌କୋ ନହିଁ—ଆପ୍ ସବ୍‌ଲୋଗ୍ ହାମାରା ଓଇ ନାବାଲିକ୍‌କୋ ଜରା ଆଶୀର୍ବାଦ କିଜିଏ, ଯେସା ଓ ଜୀବନ୍‌ମେ ଯଶସ୍ୱୀ ହୋନା, ଯେସା ଦୀର୍ଘଜୀବୀ ହୋନା । ଓ ବଚ୍ଚା ହାମାରା ଜୀବନ ହେ ।

ସାହେବ ବସିପଡ଼ିଲେ । ସାହେବଙ୍କ ଆଖିରୁ ଗୋଟିଏ ବିନ୍ଦୁ ଝରିପଡ଼ିଲା । ସମସ୍ତେ ଅବାକ୍ ହୋଇ ଚାହିଁଲେ ।

ଭୋଜ ସରିଲା । ରାତି ଗଭୀର ହେଲା । ଜଣଜଣ କରି ବନ୍ଧୁ ବିଦାୟ ନେଇଗଲେ । ସାହେବ ସବୁଆଡ଼େ କବାଟ ଦେଇଆସି ପୁଣି ଟେବଲ ଆଗରେ ନୀରବରେ ବସିଲେ । ପୁଣି ଅପଲକ ଆଖିରେ ଚାହିଁ-ରହିଲେ ତନୁକୁ । ବୋଧେ ଘଣ୍ଟାଏ ଖଣ୍ଡେ ବିତିଲା । ସେ ଭାବିଲେ, ସ୍ୱପ୍ନ ଦେଖିଲେ, ଅତୀତର ରୋମନ୍ଥନ କଲେ । ତା'ପରେ ହଠାତ୍ କ'ଣ ମନ ହେଲା, ଚିଠିଗୁଡ଼ିକ ଉପରେ ଆଖି ପକେଇଲେ । ଗୋଟିଗୋଟି କରି ଆଣି ଚିଠିଗୁଡ଼ିକ ତନ୍ନତନ୍ନ କରି ପଢ଼ିଲେ । ହୁଏତ ଏଇ ଶେଷ ପଢ଼ା । ଯୁଦ୍ଧ ଭିତରେ ହୁଏତ ଆଉ ସେ ପଢି ପାରିବେ ନାହିଁ । ଆଉ ଏ ଅତଳ ପ୍ରେମ ସମୁଦ୍ରରେ ଅବଗାହନ କରିପାରିବେ ନାହିଁ । ଫଟୋଟିକି ଅବଶ୍ୟ ସେ ପକେଟରେ ରଖିବେ, ବାରମ୍ବାର ଦେଖିବେ, ଚୁମ୍ବନ କରିବେ, କିନ୍ତୁ ଚିଠି ପଢ଼ିବେ କେତେବେଳେ ? ତେଣୁ ସେ ଆଜି ସମସ୍ତ ପଢ଼ିବେ—ଥରେ ନୁହେଁ, ଦୁଇ ଥର ନୁହେଁ, ପାଞ୍ଚ ଥର, ବହୁଥର । ସେ ପଢ଼ିଲେ ଆଉ ପଢ଼ିଲେ ।

ରାତି ବୋଧେ ଦୁଇ ବାଜିଲା । ଚିଠି ରଖି ସେ ତନୁର ଫଟୋଟିକି ଆଣି ମୁହଁରେ ଲଗେଇଲେ, ଘନଘନ ଚୁମ୍ବନ କଲେ । ଛାତିରେ ରଖି ଗଡ଼ିପଡ଼ିଲେ ବିଛଣା ଉପରେ—ନା, ସେ ତନୁକୁ ଦେଟିବେ ନାହିଁ, ଦେଖିବେ ନାହିଁ । ଏଇ ତାଙ୍କର ତନୁ । ଏଇ ତାଙ୍କର ରକ୍ତମାଂସର ତନୁ । ଏଇ ତନୁକୁ ଧରି ସେ ଯୁଦ୍ଧକ୍ଷେତ୍ରରେ ପଶିବେ । ସେ ରକ୍ତାକ୍ତ ଯୁଦ୍ଧଭୂଇଁରେ ଜୀବନ ଢାଳିଦେବେ ଏଇ ତନୁକୁ କୋଳରେ ଧରି—କୋଳରେ ଧରି ।

ରାତି ପାହିଲା । ସକାଳ ହେଲା । ସୁନାର ସୂର୍ଯ୍ୟ ଉଇଁଆସିଲେ ପୂର୍ବ ଆକାଶରେ । ଛନ୍ଛନ୍ ମିଲିଟାରୀ ପୋଷାକ ପିନ୍ଧି, ପିସ୍ତଲ ଝୁଲେଇ, ତନୁର ସମସ୍ତ ଚିଠି, ଫଟୋ ପକେଟରେ ରଖି ହସହସ ମୁହଁରେ ଆସି ପହଞ୍ଚିଲେ ମିଷ୍ଟର୍ ପ୍ରଦୀପ କୁମାର ପଟ୍ଟନାୟକ । ବହୁ ବନ୍ଧୁବାନ୍ଧବ, କର୍ମଚାରୀ, ମିଲିଟାରି ଅଫିସର୍ ଆସି ଜମା ହେଇଥିଲେ ତାଙ୍କୁ ବିଦାୟ ଦେବାକୁ । ସମସ୍ତଙ୍କ ସହିତ ମିଲିଟାରୀ କାଇଦାରେ କରମର୍ଦ୍ଦନ କଲେ । କରଯୋଡ଼ି ହସହସ ହେଇ ନମସ୍କାର ଜଣାଇଲେ । ତା'ପରେ ଧୀରେଧୀରେ

ପ୍ରବେଶ କଲେ ଏକ ବିରାଟ ବୋମାବାହୀ ଉଡ଼ାଜାହାଜ ଭିତରକୁ । ଉଡ଼ାଜାହାଜ ଘୁଁ ଘୁଁ ଗର୍ଜନ କରି ପୂର୍ବବଙ୍ଗ ଆଡ଼କୁ ଉଡ଼ିଗଲା ।

× × ×

ଉଡ଼ାଜାହାଜ ଘୁଁ ଘୁଁ ଗର୍ଜନ କରି ଲଣ୍ଡନ ଛାଡ଼ିଲା । ଗୋଟିଏ ପିଙ୍କ୍ କଲର୍‌ର ଶାଢ଼ୀ ପିନ୍ଧି; ଦୁଇଟି ଗୋଲାପ ଗଜରାରେ ଖୋସି ଗୋଟିଏ ସିଟ୍‌ରେ ଅତି ସନ୍ତର୍ପଣରେ ବସିଥିଲା ବିନୁ । ମନରେ ଅଶେଷ ଚିନ୍ତା···—ଥିବ ? ନ ଥିବ ? ଆସିବ ନାହିଁ ? ବିନୁ ପାଇଁ ତା' ମନ ଅସ୍ଥିର ହୋଇ ଉଠିବ ନାହିଁ ? ଅବଶ୍ୟ ତାରୁଣ୍ୟର ସେଇ ଚପଳତା ନ ଥିବ । ସେ ରାତିରାତି ଅନିଦ୍ର ହୋଇ ଶୂନ୍ୟ ଆକାଶକୁ ଚାହିଁଚାହିଁ ମାର ଝରାଉ ନ ଥିବ । ସେ ପ୍ରେମିକରୁ ଆହୁରି ଉଚ୍ଚସ୍ତରର 'ଭକ୍ତ'କୁ ଉଠିଥିବ । ଖାଲି ଭଲ-ପାଇବା ନ ଥିବ, ଭଲ ପାଇବା ହୋଇଥିବ ଆହୁରି ମହିମାମୟ, କମନୀୟ—ଆରାଧନା—adoration. ଧୂପ, ଦୀପ, ପୁଷ୍ପ, ଚନ୍ଦନ, ପାଦ୍ୟ, ଅର୍ଘ୍ୟ ଦେଇ ସେ ତାକୁ ପୂଜା କରୁଥିବ ନିତି ସକାଳେ ଆଉ ସନ୍ଧ୍ୟାରେ । ସେ ହୋଇଥିବ ତା'ର ଇଷ୍ଟଦେବୀ, ତା'ର ପ୍ରେରଣାର ଉତ୍ସ, ତା' ଜୀବନ ତରୁର ନାହାକା ଟେର । ତେଣୁ ତାକୁ ଦେଖିବାକୁ ଆସିବା ନ ଆସିବା ପ୍ରଶ୍ନ ଉଠୁନାହିଁ । ଭଗବାନ ଶ୍ରୀ ସତ୍ୟସାଇବାବା ଆଜି ଯଦି ଆସି କଟକରେ ଆବିର୍ଭୂତ ହୁଅନ୍ତି, ତାଙ୍କର ଅଗଣିତ ଲକ୍ଷଲକ୍ଷ ଭକ୍ତ ଯେ ଦଶ ଘଣ୍ଟା ଆଗରୁ ଆସି କଟକରେ ରୁଣ୍ଡ ହୋଇଯିବେ, ଏଥିରେ କ'ଣ ଆଉ ଦ୍ୱିରୁକ୍ତି ଅଛି ? ସେଇ ସ୍ନେହ, ପ୍ରେମ, ପ୍ରୀତିର ପ୍ରସ୍ରବଣ କ'ଣ ଏଇ ଦୁଇଟି ଆତ୍ମା ଭିତରେ ନାହିଁ ??

···ଭକ୍ତ ଭଗବାନଙ୍କ ପାଖରେ, ଭଗବାନ ଭକ୍ତ ପାଖରେ କ'ଣ ବିନା ସର୍ତ୍ତରେ, ବିନା ଦ୍ୱିଧାରେ, ବିନା ଚିନ୍ତାରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଦିଏ ନା ? ସନ୍ତାନ ବହୁଦିନ ପରେ ବିଦେଶରୁ ଫେରିଲେ ଷ୍ଟେସନକୁ, ଉଡ଼ାଜାହାଜଘାଟିକୁ ଆସିବାକୁ କ'ଣ ମା' ପାଖକୁ ଚିଠି ଲେଖାଯାଏ ? ଅନୁରୋଧ କରାଯାଏ ? ତେଣୁ ସେ କାହିଁକି ଚିନ୍ତା କରୁଛି ? କାହିଁକି ଚିନ୍ତା କରିବ ? ବସନ୍ତ ଆସିଲେ ପତ୍ର କଅଁଳେ, ଏଥିରେ ଆଉ କ'ଣ ସନ୍ଦେହ ଅଛି ଯେ ସେ ଭାବିବ, ଚିନ୍ତା କରିବ ?

ହୁଏତ ସେ ଉଡ଼ାଜାହାଜରୁ ଓହ୍ଲେଇଲାମାତ୍ରେ ପ୍ରଥମ ପୁଷ୍ପ ସ୍ତବକଟିଏ ଆଣି ହାତରେ ଦେବ ପ୍ରଦୀପ । ତା'ପରେ ଗୋଟିଏ ରକ୍ତଗୋଲାପର ମାଳା । ହୁଏତ ତା'ର ସାହସ ହେବନି ଏତେ ଲୋକଙ୍କ ଆଗରେ ବେକରେ ଲମ୍ବାଇ ଦେବାକୁ । ପୁଣି ଥରଥର ହାତରେ ବଢ଼େଇଦେବ ହାତକୁ । ସେ କିଛି କହିବ ? ନା, ଯେତେବଡ଼ ମିଲିଟାରୀ ଅଫିସର ହେଲେହେଁ ତା'ର ସାହସ ହେବନି ମୋ ଆଗରେ କଥା କହିବାକୁ । ଖାଲି ନିରୀହ ମେଣ୍ଢାଛୁଆଟି ଭଳି ଜୁଳୁଜୁଳୁ ଆଖିରେ ଥରେ ଚାହିଁବ । ତା'ପରେ ମୁଣ୍ଡ ନୋଇଁବ ତଳକୁ । ଇସ୍, କି ଲାଜକୁଳା ପିଲାଟା । ଏତେ ବଡ଼ ଅଫିସର ହେଲାଣି, ତଥାପି ଲାଜ ! ମୁଁ କିନ୍ତୁ ନୀରବ ହେଇପାରିବି ନାହିଁ । ବିବାହ ଦିନ ମୁଁ ନୀରବ ରହିଗଲି ବୋଲି ସେ ମନ ଇଚ୍ଛା କେତେ ନାଇଁ କେତେ ଗପିଗଲା । ଆଜି କିନ୍ତୁ ମୁଁ ତାକୁ ମୋଟେ କୁହାଇ ଦେବି ନି । ମୁଁ ଖାଲି ଗପିବି—ଗପିବି । ଦୁନିଆଯାକର ଅସରନ୍ତି ଗପ, ଅସରନ୍ତି କଥା—ହେଲେ ଫ୍ଲାଇଙ୍ଗ୍ ଅଫିସର ! ଫ୍ଲାଇଙ୍ଗ୍ କରି ଆଉ କୁଆଡ଼େ ଯାଇପାରିଲ ନାହିଁ କି ଦେଶଠୁ ଆସିଲ ନୂଆଦିଲ୍ଲୀ ?—ଚୁପି ଚୁପି କହିବି—କ'ଣ ଗୋଲାପକୁ ଛୁଇଁ ଦେଖିପାରିଲ ନାହିଁ ? ସେଦିନ ଲୁଧିଆନା ଧାଇଁଆସିଥିଲ, ଆଜି ଦିଲ୍ଲୀ । କ'ଣ ଦିଲ୍ଲୀର ଗୋଲାପ ଖୁବ୍ ସୁନ୍ଦର ?? - ଭାଇ ଭାଉଜ ଥିବେ । ହୁଏତ ଭାଉଜ ଟିକିଏ କଡ଼ା ଆଖିରେ ଚାହିଁବେ । ହଉ, ମୋ ଭାଉଜ ତ ! ସେ କ'ଣ ନ ଜାଣନ୍ତି ଯେ ! ଆଉ ଭାଇ ତ ସବୁଦିନେ କ୍ଷମାମୟ, କ୍ଷମାସୁନ୍ଦର ।

ଆଚ୍ଛା ମୁଁ କେମିତି କଥା ନ କହି ରହନ୍ତି ଯେ ? ସମୁଦ୍ରର ଗର୍ଜନ କାନରେ ପଡ଼ିଲେ ତଟିନୀ କେବେ ସ୍ଥିର ହେଇ ରହିପାରେ ? ସକାଳର ସୁନା ଆଲୁଅ ହସି ଉଠିଲେ ଚକ୍ରବାକ ଚକ୍ରବାକୀ କେବେ ଅଲଗା ଅଲଗା ରହିପାରନ୍ତି ? ବହୁଦିନ ପରେ ପୁଅ ବିଦେଶରୁ ଫେରି ଆସିଲେ ମା' କେବେ ଲୋତକ ସମ୍ବରଣ କରିପାରେ ? ହୃଦୟର ସବୁ ରୁଦ୍ଧ ଆବେଗ, ଉନ୍ମାଦନା, ପ୍ରୀତି, ଅଶ୍ରୁ, ଅଭିମାନ, ଗୁମାନ ଫାଟି ପଡ଼ିବ ନାହିଁ ପ୍ରିୟତମର ଦର୍ଶନରେ ?

— ଚାଲ ପ୍ରଦୀପ, ଲୁଧିଆନା ଯିବ । ଆଜ ଲୁଧିଆନାରେ ରହିବ, କାଲି ଜାମ୍ମୁ ଫେରିଯିବ । ଅନେକଦିନୁ ଦେଖା ହୋଇ ନାହିଁ । ବସିବସି ଗପ କରିବା, ହସିବା, ତାସ୍ ଖେଳିବା । ସନ୍ତୋଷ ଦା' ଅଛନ୍ତି । କେତେ ହସକଥା କହିବେ । ଭାଉଜ ବଡ଼ିଆ ବଡ଼ିଆ ରାନ୍ଧି ଦେବେ । ଚାଲ । ଆଚ୍ଛା ତମେ ଆଠ ଦିନ ଛୁଟି ନଉନା ? କାହିଁକି ଏତେ ପରିଶ୍ରମ ? କାହା ପାଇଁ ? କ'ଣ ପୁଅ 'ଗୋପାଳ' ପାଇଁ ? ଛୁଟି ନିଅ । ହେଲିକପ୍ଟରରେ ବସିବସି ଚାଲ ହାଇଦ୍ରାବାଦ ଯିବା । ସେଇ ପାର୍କରେ ପହଞ୍ଚିବା । ସେଇ ବେଞ୍ଚରେ ବସିବା, ଯୋଉଠି ପ୍ରଥମ ଦେଖା, ଯୋଉଠି ମୁଁ ସେଦିନ ଏଇ ପିଙ୍କ୍ ଶାଢ଼ୀ ପିନ୍ଧିଥିଲି, ତମେ ଆଦରରେ ଡାକିଥିଲ 'ପିଙ୍କିନ୍' ଆଉ ମୋ ଗଭାରେ ଖୋସିଦେଇଥିଲ ପ୍ରଥମ ଥର ପାଇଁ ଗୋଟିଏ ଗୋଲାପ ।

…ଚାଲ, ସେଠୁଁ ଉଡ଼ିଉଡ଼ି ଗଙ୍ଗା ଯିବା । ତମର ସେଇ ଗ୍ରେଟ ବସାଘରଟିକୁ, ଯୋଉଠି ସେଦିନ ରାତି ଏଗାରଟାରେ ଏକ ଅଭିନବ ଅଭିସାରିକା ବେଶରେ ମୁଁ ପହଞ୍ଚିଥିଲି, ଆଉ ଯୋଉଠି ତମେ ବସିବସି ଲେଖୁଥିଲ ଚିଠି—'ସଖିଗୋ, ଯଦି ଦୁଷ୍ଟ ଶ୍ୟାମ ଅଙ୍ଗ କର କ'ଣ ଗୋଟାଏ ମାଗନ୍ତି ? ଏଇ ଧର ଚୁମ୍ବନ, ଆଲିଙ୍ଗନ………ଚାଲ, ଚାଲ ଯିବା ।

ସେଇଠୁ ଯିବା କଲିକତା, ଯୋଉଠି ତମେ ଉଛନ୍ନ ହୋଇ, ଉଦ୍‌ଭ୍ରାନ୍ତ ହୋଇ କେତେ କ'ଣ କହୁଥାଉଥିଲ, କେତେ ରାଶିରାଶି ଗୋଲାପ ଫୁଲ, ବେନାରସୀ ସିଲ୍କ, ସୁନା ଗହଣା, ଚିଠି, ଫଟୋ, ବହି, ପାଦର ପାଉଁଜି……ଯିବା ? ସେଇଠୁ ତମେ ଫେରିଯାଇଥିଲ ରିକ୍ତ ହୋଇ, ନିଃସ୍ୱ ହୋଇ, ନିସମ୍ବଳ ହୋଇ, ଲୋତକପୂର୍ଣ୍ଣ ଆଖିରେ । ଆଜ ଚାଲ ସେଇଠିକି ବିଜୟୀ ଗର୍ବରେ ଫୁଲିଫୁଲି, ତରୁଣୀପ୍ରିୟାକୁ କୋଳରେ ଧରିଧରି !

ଚାଲ ପ୍ରଦୀପ, ଆମେ କାହିଁ କୁଆଡ଼େ ଅଗନାଅଗନ ବନସ୍ତ ପାରି ହୋଇ କୁଆଡ଼େ କୁଆଡ଼େ ପଳେଇଯିବା ।

ଚାଲ ଆମେ ଦୁଇଟି ପକ୍ଷୀ ଓ ପକ୍ଷିଣୀ ଭଳି ଅନନ୍ତ ଆକାଶ କୋଳରେ ଉଡ଼ିଉଡ଼ି ଦୂର ଦିଗବଳୟର ପରପାରିକୁ ଚାଲିଯିବା । ସେଇଠି

ପବନରେ ନାଚି ଯୋଉଠି ସମୁଦ୍ର ଭିତରକୁ ପଶିଯାଉଛି, ଯୋଉଠି ଜନମାନବର ଚହଲବର୍ତ୍ତି ନାହିଁ, ସେଇଠି ଗୋଟିଏ ଛୋଟ କୁଡ଼ିଆ ରଚିବା । ଉଚ୍ଛଳ ତରଙ୍ଗ ପିଟିପିଟି ସମୁଦ୍ର ଗର୍ଜୁଥିବ । ଆଉ ସେଇ ବାରିଧି ବକ୍ଷରୁ ସନ୍ଧ୍ୟା ହେଲେ ଯେତେବେଳେ ଉଠିଆସିବ ପୂର୍ଣ୍ଣିମାର ଚନ୍ଦ୍ର, ଆଃ, ମୁଁ କଳ୍ପନା କରି ପାରୁନି ସେ କି ଆନନ୍ଦ କି ପ୍ରେମ, କି ପ୍ରୀତିର ଜୁଆର ! ସେ କି ମନୋରମ, କମନୀୟ ଦୃଶ୍ୟ ! ସମୁଦ୍ର କେମିତି ଉଦ୍‌ବେଳ ହୋଇ ଉଠୁଥିବ । ଚନ୍ଦ୍ର କେମିତି ଧୀରେଧୀରେ ଉଠୁଥିବ ଆକାଶକୁ । ଚନ୍ଦ୍ରକିରଣରେ ଫାଟିପଡ଼ୁଥିବ ଆକାଶ । ଦୂରରୁ ଭାସିଆସୁଥିବ ଗଙ୍ଗଶିଉଳିର ମହମହ ବାସ । ମୁଁ ତମରି କୋଳରେ ଶୋଇଶୋଇ, ତମରି ମୁହଁକୁ ଚାହିଁଚାହିଁ, ତମରି ବେକରେ ହାତ ଛନ୍ଦିଛନ୍ଦି ଆରମ୍ଭ କରିବ ଗୀତ --

'ମଉଳା ଏ ମୋର ଫୁଲ ବନେ ଚହଟି ଉଠୁଛି ଜହ୍ନରାତି,
ପରାଣ ବନ୍ଧୁ ଆସିଛ ବୋଲି ଦୁଲୁକଦୁଲୁକ ଉଠେ ଛାତି ।
କେତେକେତେ କଥା ଯୁଗ ଧରି,
ସାଇତି ରଖିଛି ବୁକୁ ଭରି ।
କହିବାକୁ ଯଦି ସରମ ଲାଗେ,
ମରମ ଖୋଲି ମୁଁ କହିବି କା' ଆଗେ ?
ଛନଛନିଆ କଅଁଳ ହାତେ ବଢ଼ାଇ ବଛଣା କାନି ପାତି ।'

ଉଡ଼ାଜାହାଜ କେତେବେଳେ ଆସି କାଏରୋରେ ପହଞ୍ଚିଲା, କେତେବେଳେ ସେ ଉଡ଼ାଜାହାଜରୁ ଓହ୍ଲାଇ ବିଶ୍ରାମଗାରକୁ ଗଲା, ପୁଣି ବିଶ୍ରାମଗାରରୁ ଉଡ଼ାଜାହାଜକୁ ଫେରିଆସିଲା, ତା'ର ମୋଟେ ଖିଆଲ ନାହିଁ । ସେ ତା' ନିଜ ଭାବନାରେ ପୂରାପୂରି ବୁଡ଼ିଯାଇଥିଲା । ଯେତେବେଳେ ଉଡ଼ାଜାହାଜ ପୁଣି ଭୂଇଁ ଛାଡ଼ି ଆକାଶକୁ ଉଠିଲା, ଗୋଟିଏ ଫାର୍ସି ଝିଅ ଯିଏ ତା' ସାଙ୍ଗରେ ଲଣ୍ଡନରୁ ଆସିଥିଲା ସିଏ ଯେତେବେଳେ ହଠାତ୍ କଇଁକଇଁ ହୋଇ କାନ୍ଦିଉଠିଲା, ସେତେବେଳେ ଯାଇଁ ଶମ୍ଭୁର ଚେତା ଆସିଲା । ଫାର୍ସି ତରୁଣୀର କେହି ଜଣେ ପ୍ରିୟ ବିମାନ ବନ୍ଦରକୁ

ଆସି ନ ଥିଲେ । ସେଇଥିପାଇଁ ଏ ଅନ୍ତରର ବନ୍ୟା । କୋହରେ ଫାଟିପଡ଼ୁଛି ଝିଅଟି ।

ଶନୁ ଠାଇକନା ଚମକିପଡ଼ିଲା । ସେ ସ୍ୱପ୍ନ ଦେଖୁନାହିଁ ତ ? ସେ କର୍ବୋଧଙ୍କ ସ୍ୱର୍ଗରେ ବୁଲୁନାହିଁ ତ ? ସେ ଆକାଶକୁସୁମ ଚିନ୍ତୁ ନାହିଁ ତ ? ଯଦି ସତରେ ପ୍ରଦୀପ ବିମାନବନ୍ଦରକୁ ଆସି ନ ଥାଏ ? ଏଁ !! ପ୍ରଦୀପ ଆସି ନ ଥିବ ?? ପ୍ରଦୀପ ଯଦି ଜାମ୍ନଗରେ ନ ଥିବ ? ପ୍ରଦୀପ ଯଦି ଜାମ୍ନଗରୁ ଅନ୍ୟ କେଉଁଆଡ଼େ ବଦଳି ହୋଇ ଚାଲିଯାଇଥିବ ? ପ୍ରଦୀପ ଯଦି ଜଳନ୍ତା ଅନଳ ଭିତରକୁ—ଯୁଦ୍ଧ ଭିତରକୁ ଡେଇଁ ପଡ଼ିଥିବ ? ପ୍ରଦୀପ ଯଦି............

ଆଃ, ଆଃ—ଗୋଟାଏ କଳା କନା ବୁଲିଗଲା ଶନୁ ମୁହଁରେ । ଗୋଟାଏ ଝାଳ ବୋହିଗଲା ଶନୁ ଦେହରୁ । ପ୍ରଦୀପ ଆସି ନ ଥିବ ? ପ୍ରଦୀପ ନ ଥିବ ? ପ୍ରଦୀପ ନାହିଁ ? ପ୍ରଦୀପ ଜୀବନରେ.........ଓଃ, ଓଃ, ଭଗବାନ ! ଭଗବାନ ! ସେ କାହିଁକି ଏପରି ଭାବୁଛି ? କାହିଁକି ଏ କାଳଚିନ୍ତା ଆସୁଛି ମନକୁ ? କାହିଁକି ଦେବତା ଅପସରି ଯାଇଁ ରକ୍ଷସମାନେ ମାଡ଼ିଆସୁଛନ୍ତି ତା' ଆଗକୁ ? କାହିଁ ସେହି ଉଜ୍ଜ୍ୱଳ ଜହ୍ନରାତି ? ଆଉ କୁଆଡ଼ୁ ଆସିଲା ଏ ଝଡ଼, ଝଞ୍ଜା, ଅନ୍ଧାର, ଘଡ଼ଘଡ଼ି ? ଯମଦୂତମାନେ କାହିଁକି ମାଡ଼ି-ଆସୁଛନ୍ତି ? କାହିଁକି ସବୁଆଡ଼େ ଅନ୍ଧାର ହୋଇଯାଉଛି ? କାହିଁକି ? କାହିଁକି ?

ସେ ଯେତେ ଚିନ୍ତା କଲେ ବି କୌଣସି ଠାକୁର ଦେବତାଙ୍କ ଛବି ଆସିଲା ନାହିଁ ଆଗକୁ । ପ୍ରଦୀପର ସେଇ ହସ ହସ ସୁନା ମୁହଁଟି ନାଚି-ଉଠିଲା ନାହିଁ ଆଖିରେ । ଚାରିଆଡ଼େ ଖାଲି ଅନ୍ଧାର, ଅନ୍ଧାର, ଅନ୍ଧାର । ସେ ଆଖଣ୍ଡଳମଣିଙ୍କୁ ଡାକିବାକୁ ଚେଷ୍ଟା କଲା, ଜଗନ୍ନାଥଙ୍କୁ ଡାକିବାକୁ ଚେଷ୍ଟା କଲା । ଟେନିସନ୍‌ଙ୍କ ଅମରବାଣୀ ମନେପକାଇଲା—

'If you fear, cast all your cares on God
That anchor holds.'

ଅପସରି ଯାଉ ରାକ୍ଷସମାନେ ମାଡ଼ିଆସୁଛନ୍ତି ତା' ଆଗକୁ ? କାହିଁ ସେହି ଉତ୍କୁଳା ଜହ୍ନରାତି ? ଆଉ କୁଆଡ଼ୁ ଆସିଲା ଏ ଝଡ଼, ଝଞ୍ଜା, ଅନ୍ଧାର, ଘଡ଼ଘଡ଼ି ? ଯମଦୂତମାନେ କାହିଁକି ମାଡ଼ିଆସୁଛନ୍ତି ? କାହିଁକି ସବୁଆଡେ ଅନ୍ଧାର ହେଇଯାଉଛି ? କାହିଁକି ? କାହିଁକି ?

ସେ ଯେତେ ଚିନ୍ତା କଲେ ବି କୌଣସି ଠାକୁର ଦେବତାଙ୍କ ଛବି ଆସିଲା ନାହିଁ ଆଗକୁ । ପ୍ରଦୀପର ସେଇ ହର୍ଷ ହସ ସୁନା ମୁହଁଟି ନାଚିଉଠିଲା ନାହିଁ ଆଖିରେ । ଚାରିଆଡ଼େ ଖାଲି ଅନ୍ଧାର, ଅନ୍ଧାର, ଅନ୍ଧାର । ସେ ଆଖଣ୍ଡଳମଣିଙ୍କୁ ଡାକିବାକୁ ଚେଷ୍ଟା କଲା, ଜଗନ୍ନାଥଙ୍କୁ ଡାକିବାକୁ ଚେଷ୍ଟା କଲା । ଟେନିସନଙ୍କ ଅମରବାଣୀ ମନେ ପକାଇଲା-

'If you fear, cast all your cares on God

That anchor holds.

ମହମ୍ମଦଙ୍କ ବାଣୀ ମନେପକାଇଲା- 'ଆମେ ଏକା ନୋହୁଁ, ଭଗବାନ ଆମ ପାଖେ ପାଖେ ଅଛନ୍ତି ।' କିନ୍ତୁ କେହି କିଛି ତାକୁ ସାନ୍ତ୍ୱନା ଦେଇପାରିଲେ ନାହିଁ, ନିବିଡ଼ ଅନ୍ଧକାର ଭିତରେ ଆଲୋକ ଦେଖେଇ ପାରିଲେ ନାହିଁ । ତାକୁ ବେଶୀ ବେଶୀ ଡର ଲାଗିଲା । ଚାରିଆଡ଼େ ଭୟଙ୍କର 'ଦେଖାଗଲା । ତା'ର ମନେହେଲା ଯେମିତି ସେ ଚିତ୍କାର କରି ଭୋ'କିନା କାନ୍ଦିଉଠିବ ।

... 'ଭରତିଆକୁ ରଖିଲ ଘଣ୍ଟା ଯେ ଘୋଡ଼େଇ' । ଅଠର ଦିନ ମହାଭାରତ ଯୁଦ୍ଧରେ ତମେ ଭରତିଆ ପକ୍ଷୀକୁ ରଖିଥିଲ ଘଣ୍ଟ ଘୋଡ଼େଇ । ଏପଟେ ନିଆଁ, ସେପଟେ ଜାଲ, ସେପଟେ କୁକୁର, ସମ୍ମୁଖରେ ତୀକ୍ଷଣ ତୀର ଧରି ବ୍ୟାଧ- ତା' ହାତରୁ ତମେ ଗର୍ଭିଣୀ ହରିଣୀକୁ ରକ୍ଷା କରିଥିଲ । ତମେ ପ୍ରହ୍ଲାଦକୁ ରକ୍ଷା କରିଥିଲ ହିରଣ୍ୟକଶିପୁ ମୁହଁରୁ ! ତମେ ଦ୍ରୌପଦୀକୁ ରକ୍ଷା କରିଥିଲ କୁରୁସଭା ତଳେ । ତମେ କହିଛ- 'ପରିତ୍ରାଣାୟ ସାଧୁନାଂ, ବିନାଶାୟଚ ଦୁଷ୍କୃତାମ୍' । ସାଧୁମାନଙ୍କୁ ତମେ ପରିତ୍ରାଣ କର, ସବୁ ବିପଦ ମୁହଁରୁ ଉଦ୍ଧାର କର । ପ୍ରଦୀପ କି ପାପ କରିଛି ପ୍ରଭୋ ସେ ଅତି ସରଳ, ନିର୍ମଳ, ନିଷ୍ପାପ, ନିରପରାଧ, ତାକୁ ସର୍ବ ସଙ୍କଟରୁ ରକ୍ଷାକର ପ୍ରଭୋ । ସେ ପଛକେ ବିମାନଘାଟୀକୁ ନ ଆସୁ, ସେ ପଛକେ ଜାମ୍ବୁରେ ନ ଥାଉ, ମୁଁ ପଛକେ ସାରା ଜୀବନଟିରେ ତାକୁ ସ୍ୱପ୍ନରେ ନଦେଖେ, ସେ ଖାଲି ଭଲ ଥାଉ, ଭଲ ଥାଉ । ତା' ପାଦରେ କଣ୍ଟାଟିଏ ନଭୁକୁ । ସେ ଦୀର୍ଘଜୀବୀ ହେଉ । ଦୀର୍ଘଜୀବୀ ହେଉ ।

ସବୁ ଖଣ୍ଡମଣ୍ଡଳ ଉଚ୍ଛନ୍ନ ହେଇଗଲା । ତଥାପି ଆଖଣ୍ଡଳମଣିଙ୍କ ପହୁଡ଼ ଭାଙ୍ଗିଲା ନାହିଁ । କବାଟ ଖୋଲିଲା ନାହିଁ । ଜଗନ୍ନାଥଙ୍କ ରତ୍ନସିଂହାସନରେ ପ୍ରାର୍ଥନା

ପହଞ୍ଚିପାରିଲା ନାହିଁ । ଜଗନ୍ନାଥ ବୋଧେ ମଣୋହିରେ ବସିଥିଲେ । ପ୍ରାର୍ଥନା ଶୁଣିବାକୁ ତାଙ୍କୁ ବେଳ ନ ଥିଲା ।

ଯୋଉ ଅନ୍ଧାରକୁ ସେଇ ଅନ୍ଧାର । ସେ ଟିକିଏ ବି ଶାନ୍ତି ପାଇଲା ନାହିଁ, ସାନ୍ତ୍ୱନା ପାଇଲା ନାହିଁ । ବଡ଼ପଣ୍ଡାଙ୍କ ଚକ୍ଷୁରେ ଯେମିତି ବେଳେବେଳେ ଜଗନ୍ନାଥଙ୍କ ମୂର୍ତ୍ତି ପ୍ରତିବିମ୍ବିତ ହୁଏ ନାହିଁ, ଚିନୁ ସେମିତି ଠାକୁରଙ୍କର ଟିକିଏ ପରଶ, ଟିକିଏ କରୁଣା ଅନୁଭବ କରିପାରିଲା ନାହିଁ ।ତା'ର ଯେମିତି ମନେହେଲା ଠାକୁରେ ଆଜି କଳ୍କି ବେଶରେ ବାହାର ହେଇଛନ୍ତି ସମସ୍ତଙ୍କୁ ସଂହାର କରିବା ପାଇଁ, କାହାକୁ ରକ୍ଷା କରିବା ପାଇଁ ନୁହେଁ ।

ସେ ମଥା ନୋଇଁ ଶେଷ ପ୍ରାର୍ଥନା ଜଣାଇଲା- ହେ ହରି ! ବାବର ଯେମିତି ହୁମାୟୁନ୍‌ଙ୍କ ରୋଗଶଯ୍ୟା ପାଖରେ ଆଣ୍ଠୁମାଡ଼ି ପ୍ରାର୍ଥନା କରୁଥିଲେ- ହୁମାୟୁନ ରୋଗମୁକ୍ତ ହେଉନ୍ତୁ, ହୁମାୟୁନଙ୍କ ସବୁ ରୋଗ, ସବୁ ବ୍ୟାଧି ବାବରଙ୍କୁ ଘୋଟିଯାଉ, ମୁଁ ସେମିତି ଆଜି ଲୋତକପୂର୍ଣ୍ଣ ନୟନରେ, ହେ ସର୍ବ-ମଙ୍ଗଳମୟ ଭଗବାନ ! ହେ ସର୍ବ-ମଙ୍ଗଳମୟ ଖୋଦା ! ଆଲ୍ଲା ! ତମକୁ ପ୍ରାର୍ଥନା କରୁଛି, ତମ ପାଦତଳେ ଲକ୍ଷେ କୋଟି ଜୁହାର କରୁଛି, ପ୍ରଦୀପ ସୁଖରେ ଥାଉ, ସୁଖରେ ରହୁ । ତା'ର ସବୁ ରିଷ୍ଟ, ସବୁ ଅଶାନ୍ତି, ସବୁ ମନ୍ଦଗ୍ରହ ମୋ ମୁଣ୍ଡକୁ ଚାଲିଆସୁ । ମୁଁ ମରିଯାଏ । ମୋର ସବୁ ଆୟୁଷ ପ୍ରଦୀପ ନେଉ, ପ୍ରଦୀପ ନେଉ ।

ଉଡ଼ାଜାହାଜ ଭାରତରେ ପ୍ରବେଶ କରିସାରିଥିଲା । ଭାରତର ଆକାଶ ଉପରେ ଉଡ଼ାଜାହାଜ ରିଂ ରିଂ କରି ଉଡ଼ିଯାଉଥିଲା । ଆଉ ଅଳ୍ପକ୍ଷଣ ପରେ ଦିଲ୍ଲୀ ଛୁଇଁବ । ଚିନୁ ନିଜକୁ ପ୍ରବୋଧ ଦେଲା- ନା, ମିଛକଥା, କିଛି ଅନିଷ୍ଟ ହୋଇପାରେନା । ଯେ କିଛି ଅନ୍ୟାୟ କରେ ନା, ତା'ର କିଛି ଅନିଷ୍ଟ ହୋଇପାରେନା । ସତ୍ୟର ହିଁ ସବୁବେଳେ ଜୟ ହୁଏ । ସାଧୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ହିଁ ଭଗବାନ ସବୁବେଳେ ଅବତୀର୍ଣ୍ଣ ହୁଅନ୍ତି ।

ପ୍ରଥମ ବେଲ୍ ହେଇଗଲା । ଆଉ ପାଞ୍ଚମିନିଟ୍ ପରେ ଉଡ଼ାଜାହାଜ ଭୂମି ସ୍ପର୍ଶ କରିବ । ଚିନୁର ସବୁ ଜ୍ଞାନ, ସବୁ ସାନ୍ତ୍ୱନା ପୁଣି କୁଆଡ଼େ ହଜିଗଲା । ଛାତି ଦୁମ୍‌ଦୁମ୍ ପଡ଼ିଲା । ଗୋଟିଏ ଲିସ୍‌ବନ୍‌ର ଭୂମିକମ୍ପ ଖେଳିଗଲା ଛାତିରେ । ପୁଣି ଝଡ଼, ବର୍ଷା, ବିଜୁଳି, ଘଡ଼ଘଡ଼ି ନିବିଡ଼ ଅନ୍ଧକାର କୁଆଡ଼େ ମାଡ଼ିଆସିଲା । ସେ ଥରେ ବରଡ଼ାପତ୍ର ପରି ଥରିବାକୁ ଲାଗିଲା । କ'ଣ ହେବ ? କ'ଣ ହେଇଥିବ ? ପ୍ରଦୀପ ଆସିଥିବ କି ? ପ୍ରଦୀପ ଭଲ ଥିବ କି ? ପ୍ରଦୀପ ଜୀବନରେ ଥିବ କି ? ଆଃ ଆଃ ଭଗବାନ ! ଭଗବାନ ! ତମେ ପ୍ରଦୀପକୁ ରକ୍ଷାକର ପ୍ରଭୋ !

ଉଡ଼ାଜାହାଜ ଭୂମିସ୍ପର୍ଶ କରିସାରିଥିଲା । ସମସ୍ତେ ଜଣ ଜଣ କରି ବାହାରକୁ ବାହାରିଲେ । ଚିନୁର ବାହାରିବାକୁ ସାହସ ହେଲାନି । ଦେହ ବେଶୀ ବେଶୀ ଥରିବାକୁ ଲାଗିଲା । ମୁହଁରୁ କଳାପାଣି ନିଗିଡ଼ି ପଡ଼ିଲା । ଦେହ ହାତରୁ ଯେମିତି ଜୀବନ ଛାଡ଼ି ଛାଡ଼ି ଆସିଲା । ବହୁ କଷ୍ଟରେ ସମସ୍ତଙ୍କ ଶେଷରେ ଧୀରେ ଧୀରେ ବାହାରିଲା ବାହାରକୁ ।

ଧୀରେ ଧୀରେ ଚାଲି ଚାଲି ଆସି ଉଡ଼ାଜାହାଜର ନିଷିଦ୍ଧ ଅଞ୍ଚଳର ବାହାରକୁ ଆସିଲା । ଦେଖିଲା ସମସ୍ତେ ଠିଆ ହେଇଛନ୍ତି । ସେ କାହାକୁ କିଛି ନ କହି ଆଗ ଜଣ ଜଣ କରି ସମସ୍ତଙ୍କୁ ଚାହିଁଗଲା । ତା'ପରେ ଚିତ୍କାର ଛାଡ଼ିଲା ପ୍ରଦୀପ କାହିଁ ? ପ୍ରଦୀପ କାହିଁ ? ପ୍ରଦୀପ ଆସିନାହିଁ ବିମାନଘାଟୀକି ? ... କାହାରି ତୁଣ୍ଡରେ ଉତ୍ତର ନାହିଁ । ସମସ୍ତେ ଯେମିତି ମୂକ, ପାଷାଣ, ପଥର ।

-ଆରେ କେହି କିଛି କହୁନା କାହିଁକି ? ତୁମ୍ଭେମାନେ କେହି ଜାଣିନା ପ୍ରଦୀପର କ'ଣ ହେଇଛି ? ତୁମ୍ଭେମାନେ କେହି ଖବର ରଖିନା ପ୍ରଦୀପର ? ଭାଇ ! ଭାଉଜ ! ସନ୍ତୋଷଦା ! ବୋଉଦି ! କୁହ, କୁହ ପ୍ରଦୀପର କ'ଣ ହେଇଛି ? ପ୍ରଦୀପ କ'ଣ ଜାମ୍ମୁରେ ନାହିଁ ? ପ୍ରଦୀପ କ'ଣ ଯୁଦ୍ଧକୁ ଯାଇଛି ? ପ୍ରଦୀପ କ'ଣ ଜୀବନରେ ... ଆଃ ସନ୍ତୋଷଦା, କୁହ, କୁହ ଆରେ, କି ଇଡ଼ିଅଟ୍ ଲୋକଗୁଡ଼ା, କେହି କିଛି କହୁନା କାହିଁକି ? ଉହ୍ ମତେ କି କଷ୍ଟ ତୁମ୍ଭେମାନେ କେହି ବୁଝିପାରୁନା ? କହ--

ଭାଇ ସୁବ୍ରତ ସକାଳର ଖଣ୍ଡିଏ ଖବରକାଗଜ ବଢ଼େଇଦେଲେ । ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା-

The pilot has flown to the heaven Heroic death of flight Leiutenent Mr. P.K.Pattnaik.

(ବୈମାନିକ ସ୍ୱର୍ଗକୁ ଉଡ଼ିଯାଇଛନ୍ତି । ଫ୍ଲାଇଟ୍ ଲେଫ୍ଟନାଣ୍ଟ ପ୍ରଦୀପ କୁମାର ପଟ୍ଟନାୟକଙ୍କ ବୀରତ୍ୱପୂର୍ଣ୍ଣ ମୃତ୍ୟୁ !)

ଉହ୍ !! ପ୍ରଦୀପ ! ପ୍ରଦୀପ ! ପ୍ରଦୀ... ପ୍ରଦୀପ ମରିଯାଇଛି । ମ-ରି-ଯା-ଇ-ଛି । ଉହ୍ !!! -ଗଛ କାଟିଲା ଭଳି ଭୂଇଁରେ ଝଟାଡ଼ି ହୋଇପଡ଼ିଲା ଚିନୁ୍ମୟୀ । ଭୁଁ ଭୁଁ ମୁଣ୍ଡ ପିଟିଲା । ମୁଠା ମୁଠା ମାଟି ଆଣି ଦେହରେ, ହାତରେ, ମୁହଁରେ ବୋଳିଲା । ଘନଘନ ଚିତ୍କାର ଛାଡ଼ିଲା- ପ୍ରଦୀପ ! ପ୍ରଦୀପ ! ପ୍ରଦୀପ !

କାଞ୍ଚନ ଚିନୁକୁ କୁଣ୍ଢେଇ ଧରିଥିଲେ । ସନ୍ତୋଷ ପ୍ରଦୀପର ମଲାବେଳର ଶେଷ ଉଚ୍ଚାରିତ ଶବ୍ଦ କେଇଟି ପଢୁଥିଲେ ଖବରକାଗଜରୁ-

When he was in a pool of blood, when the las streaks of life were ebbing out from the body, he was uttering these words-Chinu, Chinu, Hinu, Inu, Nu, Nu.....

(ଯେତେବେଳେ ସେ ରକ୍ତରେ ସ୍ନାନ କରୁଥିଲେ, ରକ୍ତ ଚାରିଆଡ଼େ ଲହଡ଼ୀ ମାରୁଥିଲା, ଜୀବନର ଶେଷ ନିଃଶ୍ୱାସ ବାହାରି ଆସୁଥିଲା ଦେହରୁ, ସେତେବେଳେ ସେ କେତୋଟି ଶବ୍ଦ ମାତ୍ର ଉଚ୍ଚାରଣ କରୁଥିଲେ- ଚିନୁ, ଚିନୁ, ଚିନୁ, ହିଁନୁ ନୁ ନୁ ......)

ଚିନୁ ଚିତ୍କାର ଛାଡ଼ିଲା- ନା, ନା,. ନା, ନା, ଚିନୁ ମରିଛି, ଚିନୁ ମରିଛି । ପ୍ରଦୀପ ମଲାବେଳେ କାହିଁକି ଚିନୁ ନାଁ ଧରିବ ? ଚିନୁ କୃତଘ୍ନ, ବେଇମାନ, ବିଶ୍ୱାସଘାତକ । ଚିନୁ ପ୍ରଦୀପକୁ ହତ୍ୟା କରିଛି । ଓହ୍ !!

ସନ୍ତୋଷ ପୁଣି ପଢ଼ିଲେ-

A photo of a lady along with a copy of the will was found in his pocket. Underneath the photo was written 'Chinu' and in the will,the entire saving of his life to a tune of Rs. 25,000.00, was gifted to one Chinmayee Mohanty care of Dr. Subrat Mohanty, Pattamundai, Cuttack.

(ଗୋଟାଏ ତରୁଣୀର ଫଟୋ ଓ ଗୋଟିଏ ଉଇଲ୍‌ର ନକଲ ତାଙ୍କ ପକେଟରୁ ମିଳିଛି । ଫଟୋ ତଳେ ଲେଖାଅଛି 'ଚିନୁ' । ଉଇଲ୍‌ରେ ତାଙ୍କ ଜୀବନର ସମସ୍ତ ସଞ୍ଚିତ ଅର୍ଥ ପଚିଶ ହଜାର ଟଙ୍କା ଚିନ୍ମୟୀ ମହାନ୍ତି ମାର୍ଫତ୍ ଡାକ୍ତର ସୁବ୍ରତ ମହାନ୍ତିଙ୍କ ନାମରେ ଦତ୍ତ କରାଯାଇଅଛି ।)

ଆଃ ବନ୍ଦ କର, ବନ୍ଦ କର ସନ୍ତୋଷଦା, ମୋର କିଛି ଦରକାର ନାହିଁ । ସେ କାହିଁକି ମୋତେ ଟଙ୍କା ଦେବ ? ସେ କାହିଁକି ତା ଜୀବନର ସର୍ବସ୍ୱ ମତେ ଦାନ କରିବ ? ମୁଁ ଡାଆଣୀ, ପିଶାଚୀ, ରାକ୍ଷସୀ । ମୁଁ ଚକ୍ ଚକ୍ କରି ତା ରକ୍ତ ପିଇଛି ! ରକ୍ତ ପିଇଛି । ମୋର ଆଉ କିଛି ଦରକାର ନାହିଁ, ଦରକାର ନାହିଁ ଓହ୍ !! ଓହ୍ !!

ଚିନୁ ଜୁ'କିନା ମୁଣ୍ଡ ପିଟିଦେଲା । ଗଳଗଳ ହୋଇ ରକ୍ତ ଗଳିପଡ଼ିଲା ମୁଣ୍ଡରୁ । ଚିନୁ ଭେଁ ଭେଁ କାନ୍ଦିଲା । ଚିନୁ ମୂର୍ଚ୍ଛା ହେଇ ଗଡ଼ିପଡ଼ିଲା ଭୂଇଁରେ ।

ସମସ୍ତେ ଭୋ ଭୋ କାନ୍ଦିଉଠିଲେ ।

'ବଗ ଉଡ଼ିଯାଏ ଦୂରେ ବଗୁଲୀ ଗଡ଼ାଏ ଲୁହ,
ରାଇକି କହିବି କିସ ବିନୋଦିଆ କହିଯାଅ ।
ଛାଡ଼ି ଚାଲିଗଲେ ଦୂରେ ବଂଇଶୀ ଶୁଭିବ ନାହିଁ
ରାଧାର ବାହୁନା ସାର ତୁମ ପଥ ଚାହିଁ ଚାହିଁ
ପ୍ରୀତିର ଏ ରୀତି ସିନା ବୁଝି କି ଅବୁଝା ହୁଅ । ୧ ।
ଜମୁନାର ଜଳ କାନ୍ଦେ, କାନ୍ଦଇ ତମାଲ ବନ
କଦମ୍ବ ଯେ କାହି ଲୋଟେ, କାନ୍ଦଇ ଶ୍ରୀବୃନ୍ଦାବନ
କହିଯାଅ ବଂଶୀଧାରୀ ଥରେ ହେଲେ କହିଯାଅ ।'

ଆରମ୍ଭ- ତା୧-୭-୭୧
ଶେଷ- ତା ୨୦-୯-୭୧